# ଧରିତ୍ରୀ
DHARITRI

ସମ୍ବଲପୁର, ବୁଧବାର, ଡିସେମ୍ବର ୫/୨୦୧୮ (୧୬ ପୃଷ୍ଠା ) Sambalpur, Wednesday, December 5/ 2018 ★★

୧୪ଶ ଭାଗ ୩୪୭ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada | ମୂଲ୍ୟ ₹ ୪/-



DSPL-275

**ଆମ ସହର ଆମ ଉନ୍ନତି**

## କଟକ ନଗରବାସୀଙ୍କ ପାଇଁ କାର୍ଯ୍ୟକ୍ଷମ ହେବାକୁ ଯାଉଛି ଏକ ଅତ୍ୟାଧୁନିକ ସିୱେଜ୍ ଟ୍ରିଟ୍‌ମେଣ୍ଟ୍ ପ୍ଲାଣ୍ଟ୍

**ରାଜ୍ୟ ସରକାରଙ୍କ ଏକ ଉଲ୍ଲେଖନୀୟ ପଦକ୍ଷେପ**
**ଓଡ଼ିଶା ସମନ୍ୱିତ ପରିମଳ ଉନ୍ନତିକରଣ ପ୍ରକଳ୍ପ**



ଓଡ଼ିଶାର ମାନ୍ୟବର ମୁଖ୍ୟମନ୍ତ୍ରୀ
**ଶ୍ରୀଯୁକ୍ତ ନବୀନ ପଟ୍ଟନାୟକଙ୍କ**
କରକମଳରେ କଟକ ସିଡିଏସ୍ଥିତ
ସିୱେଜ୍ ଟ୍ରିଟ୍‌ମେଣ୍ଟ୍ ପ୍ଲାଣ୍ଟର
**ଶୁଭ ଉଦ୍‌ଘାଟନ**

୫ ଡିସେମ୍ବର ୨୦୧୮, ଦିନ ୧୧.୩୦ ଘଟିକା
ସେକ୍ଟର-୧, ସିଡିଏ, କଟକ

**ସ୍ୱଚ୍ଛ କଟକ : ସୁସ୍ଥ କଟକ**

କଟକର ସିଡିଏଠାରେ ଦୈନିକ ୩ କୋଟି ୬୦ ଲକ୍ଷ ଲିଟର ବିଶୋଧନ କ୍ଷମତା ବିଶିଷ୍ଟ ଟ.୧୧୦ କୋଟି ବ୍ୟୟରେ ଅତ୍ୟାଧୁନିକ ସିୱେଜ୍ ଟ୍ରିଟ୍‌ମେଣ୍ଟ୍ ପ୍ଲାଣ୍ଟର ନିର୍ମାଣ ସଂପୂର୍ଣ୍ଣ

ସହରରେ ୨୭୫ କିଲୋମିଟରରୁ ଅଧିକ ଦୈର୍ଘ୍ୟର ସିୱେଜ୍ ପାଇପଲାଇନ୍ ନିର୍ମାଣ ସଂପୂର୍ଣ୍ଣ

କଟକର ପୋଲିସ୍ କଲୋନିରେ ଘଣ୍ଟା ପ୍ରତି ୭୨ ଲକ୍ଷ ଲିଟର ନିଷ୍କାସନ କ୍ଷମତା ବିଶିଷ୍ଟ ଡ୍ରେନେଜ୍ ପମ୍ପିଙ୍ଗ୍ ଷ୍ଟେସନ୍‌ର ନିର୍ମାଣ କାର୍ଯ୍ୟ ସଂପୂର୍ଣ୍ଣ









ଅତ୍ୟାଧୁନିକ ସିୱେଜ୍ ଟ୍ରିଟ୍‌ମେଣ୍ଟ୍ ପ୍ଲାଣ୍ଟ୍
ସିଡିଏ, କଟକ



**ଆସନ୍ତୁ, ଆମ କଟକର୍ ପରିବେଶକୁ ସ୍ୱଚ୍ଛ ଓ ସୁସ୍ଥ ରଖିବା**
**ଏହି ସିୱେଜ୍ ବ୍ୟବସ୍ଥା ସହ ଆମ ଘରକୁ ଯୋଡିବା**

@CMO_Odisha | CMO.Odisha | @Naveen_Odisha

ଗୃହ ନିର୍ମାଣ ଓ ନଗର ଉନ୍ନୟନ ବିଭାଗ
ଓଡ଼ିଶା ସରକାର

JICA

13001/13/0044/1819



ଆମେରିକା ଭାରତର ଗୁରୁତ୍ୱପୂର୍ଣ୍ଣ ପ୍ରତିରକ୍ଷା ସହଯୋଗୀ। ଗତ କିଛି ବର୍ଷ ହେଲା ଦୁଇ ଦେଶ ମଧ୍ୟରେ ପ୍ରତିରକ୍ଷା କ୍ଷେତ୍ରରେ ଆସ୍ଥା ଓ ଆତ୍ମବିଶ୍ୱାସ ବୃଦ୍ଧି ପାଇଛି।

-ନିର୍ମଳା ସୀଥାରାମନ୍, ପ୍ରତିରକ୍ଷା ମନ୍ତ୍ରୀ

# ମଧ୍ୟସ୍ଥ ପ୍ରତ୍ୟର୍ପିତ: ଖୋଲିବ ଅଗୁଷ୍ଟା ପେଡି

**ନୂଆଦିଲ୍ଲୀ,୪।୧୨**

ବହୁଚର୍ଚ୍ଚିତ ଅଗୁଷ୍ଟା ୱେଷ୍ଟଲାଣ୍ଡ ହେଲିକପ୍ଟର କ୍ରୟ ମାମଲାରେ ମଧ୍ୟସ୍ଥ ସାଜିଥିବା କ୍ରିଷ୍ଟିଆନ୍ ମାଇକେଲ୍ ଭାରତ ଆସୁଛନ୍ତି। ତାଙ୍କୁ ମଙ୍ଗଳବାର ରାତିରେ ପ୍ରତ୍ୟର୍ପଣ କରାଯାଇଥିବା ତାଙ୍କ ଓକିଲ ସୂଚନା ଦେଇଛନ୍ତି। ଗତମାସରେ ତାଙ୍କର ଆବେଦନର ବିଚାର ପାଇଁ ଦୁବାଇର ଏକ ଅଦାଲତ ମନାକରିଦେବା ପରେ ଭାରତକୁ ତାଙ୍କ ପ୍ରତ୍ୟର୍ପଣ ପାଇଁ ପଥ ପରିଷ୍କାର ହୋଇଯାଇଥିଲା। ୫୪ବର୍ଷ ବୟସ୍କ କ୍ରିଷ୍ଟିଆନ୍ ୩,୬୦୦ କୋଟି ଟଙ୍କାର ଭିଭିଆଇପି ହେଲିକପ୍ଟର କିଣା ମାମଲାରେ ଜଡ଼ିତ ଥିବା ଅଭିଯୋଗ ହୋଇଛି। ଏ ସଂକ୍ରାନ୍ତୀୟ ଚୁକ୍ତି ପାଇଁ ଲାଞ୍ଚ କାରବାର ହୋଇଥିବା ଅଭିଯୋଗ ଉଠିଥିଲା। ମନମୋହନ ସିଂଙ୍କ ନେତୃତ୍ୱାଧୀନ ୟୁପିଏ ସରକାର ଅମଳରେ ୧୨ଟି ବିଳାସମୟ ହେଲିକପ୍ଟର କିଣିବା ପାଇଁ ଚୁକ୍ତି ହୋଇଥିଲା। ଏଗୁଡ଼ିକ ରାଷ୍ଟ୍ରପତି, ପ୍ରଧାନମନ୍ତ୍ରୀ ଏବଂ ଅନ୍ୟ ବିଶିଷ୍ଟ ବ୍ୟକ୍ତିଙ୍କ ବ୍ୟବହାର ପାଇଁ ଉଦ୍ଦିଷ୍ଟ ଥିଲା।

ଏହି କାରବାର ପାଇଁ ଯେଉଁ ୩ଜଣ ମଧ୍ୟସ୍ଥ ସାଜିଥିଲେ ସେମାନଙ୍କ ମଧ୍ୟରେ କ୍ରିଷ୍ଟିଆନ୍ ମାଇକେଲ୍ ଅନ୍ୟତମ। ଅନ୍ୟ ଦୁଇଜଣ ହେଉଛନ୍ତି ଗୁଇଡୋ ହାଶ୍କେ ଏବଂ କାର୍ଲୋ ଗେରୋସା। ୨୦୧୬ ଜୁନ୍‌ରେ ଏହି ମାମଲାକୁ ନେଇ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି) କ୍ରିଷ୍ଟିଆନ୍‌ଙ୍କ ନାମରେ ଏକ ଅଭିଯୋଗପତ୍ର ଦାଏର କରିଥିଲା। କ୍ରିଷ୍ଟିଆନ୍ ଅଗୁଷ୍ଟା ୱେଷ୍ଟଲାଣ୍ଡଠାରୁ ୩୦ ନିୟୁତ ୟୁରୋ ଗ୍ରହଣ କରିଥିବା ଅଭିଯୋଗପତ୍ରରେ ଦର୍ଶାଯାଇଥିଲା। ଉକ୍ତ ଫାର୍ମରୁ ୧୨ଟି ହେଲିକପ୍ଟର କିଣିବା ନିମନ୍ତେ ଚୁକ୍ତି କାର୍ଯ୍ୟକାରୀ କରିବା ପାଇଁ କମ୍ପାନୀଠାରୁ ସେ ଲାଞ୍ଚ ଗ୍ରହଣ କରିଥିଲେ ବୋଲି ଇଡି ଦର୍ଶାଇଥିଲେ। ତେବେ ଉକ୍ତ ମାମଲାରେ ଉପା ଅଧ୍ୟକ୍ଷା ସୋନିଆ ଗାନ୍ଧୀଙ୍କୁ ଟାଣିବା ପାଇଁ ବର୍ତ୍ତମାନର ସରକାର କ୍ରିଷ୍ଟିଆନ୍ ମାଇକେଲ୍‌କୁ ବାଧ୍ୟ କରୁଛନ୍ତି ବୋଲି କଂଗ୍ରେସ ଅଭିଯୋଗ କରୁଛି। ୨୦୦୭ରେ ଉପା ସରକାର ଭିଭିଆଇପି ହେଲିକପ୍ଟର କିଣିବା ପାଇଁ ଏକ ଚୁକ୍ତି ସ୍ୱାକ୍ଷର କରିଥିଲେ। କିନ୍ତୁ ୬ବର୍ଷ ପରେ ଲାଞ୍ଚ ଅଭିଯୋଗ ପଦାକୁ ଆସିବା ପରେ ଏହି ଚୁକ୍ତିକୁ ରଦ୍ଦ କରି ଦିଆଯାଇଥିଲା।



## ସଂକ୍ଷେପରେ

### ସର୍ବଦଳୀୟ ବୈଠକ ଡାକିଲେ ଭେଙ୍କୟା

**ନୂଆଦିଲ୍ଲୀ,୪।୧୨:** ପାର୍ଲାମେଣ୍ଟର ଆଗାମୀ ଶୀତ ଅଧିବେଶନ ଲାଗି ରାଜ୍ୟ ସଭା ଅଧ୍ୟକ୍ଷ ଏମ୍.ଭେଙ୍କୟା ନାଇଡୁ ଆସନ୍ତା ୧୦ ତାରିଖରେ ସର୍ବଦଳୀୟ ବୈଠକ ଡାକିଛନ୍ତି। ରାଜ୍ୟସଭା ଅଧିବେଶନର ସୁପରିଚାଳନା ଲାଗି ସହମତି ଲକ୍ଷ୍ୟରେ ସେ ଏହି ବୈଠକ ଡାକିଥିବା ଜଣାଯାଇଛି। ବିଭିନ୍ନ ସମୟରେ ଶାସକ ଏବଂ ବିରୋଧୀ ସଦସ୍ୟମାନଙ୍କ ପରସ୍ପର ବିରୋଧୀ ଆଭିମୁଖ୍ୟ ଏବଂ ହଟ୍ଟଗୋଳ ଯୋଗୁ ଗୃହରେ ଅଚଳାବସ୍ଥା ସୃଷ୍ଟି ହେଉଥିବାରୁ ନାଇଡୁ ଉଦ୍‌ବେଗ ପ୍ରକାଶ କରିଆସୁଛନ୍ତି। ଆଗାମୀ ଅଧିବେଶନରେ ରାଜ୍ୟ ସଭାରେ ଅଟକି ରହିଥିବା ତିନି ତଲାକ୍ ବିଲ୍ ଗୃହୀତ କରାଇବା ଲାଗି ସରକାର ଜୋର ଦେବେ। ଏହା ବ୍ୟତୀତ କେତେକ ଗୁରୁତ୍ୱପୂର୍ଣ୍ଣ ବିଲ୍ ଉପରେ ଆଲୋଚନା ହେବ। ସେଥିପାଇଁ ଉଚ୍ଚ ସଦନର ସବୁ ଦଳର ନେତାମାନଙ୍କୁ ନାଇଡୁ ସର୍ବଦଳୀୟ ବୈଠକକୁ ଡାକିଛନ୍ତି। ବୈଠକରେ ଅର୍ଥମନ୍ତ୍ରୀ ତଥା ଗୃହର ନେତା ଅରୁଣ ଜେଟ୍‌ଲୀ ଏବଂ ବିରୋଧୀ ଦଳ ନେତା ଗୁଲାମ ନବୀ ଆଜାଦ ଯୋଗଦେବେ।

### ଉମା ଭାରତୀ ନିର୍ବାଚନ ଲଢ଼ିବେନି

**ଭୋପାଳ,୪।୧୨:** ବହିର୍ବ୍ୟାପାର ମନ୍ତ୍ରୀ ସୁଷମା ସ୍ୱରାଜ ସ୍ୱାସ୍ଥ୍ୟଗତ କାରଣରୁ ଆଗାମୀ ଲୋକ ସଭା ନିର୍ବାଚନ ଲଢ଼ିବେ ନାହିଁ ବୋଲି କହିବାର କିଛି ଦିନ ପରେ ଅନ୍ୟତମ ଭାଜପା ଏମ୍‌ପି ତଥା କେନ୍ଦ୍ରମନ୍ତ୍ରୀ ଉମା ଭାରତୀ ମଧ୍ୟ ନିର୍ବାଚନ ଲଢ଼ିବେ ନାହିଁ ବୋଲି ମଙ୍ଗଳବାର କହିଛନ୍ତି। ସେ ମଧ୍ୟ ଏଥିପାଇଁ ସ୍ୱାସ୍ଥ୍ୟଗତ କାରଣକୁ ଦାୟୀ କରିଛନ୍ତି। ତାଙ୍କ ଆଣ୍ଠୁ ଓ ପିଠିରେ ସମସ୍ୟା ଥିବା ଉମା ଭାରତୀ କହିଛନ୍ତି। ଏଥିପାଇଁ ସେ ତିନି ବର୍ଷ ବିଶ୍ରାମ ନେବାକୁ ଇଚ୍ଛା ପ୍ରକାଶ କରିଛନ୍ତି। ତେବେ ସେ ଦଳ ପାଇଁ ପ୍ରଚାର ଜାରି ରଖିବେ। ଏଥିସହିତ ସେ ରାମ ମନ୍ଦିର ନିର୍ମାଣ ଏବଂ ଗଙ୍ଗା ସଫେଇ ଉପରେ ଅଧିକ ଧ୍ୟାନ ଦେବେ ବୋଲି କହିଛନ୍ତି।

■ ବୁଲନ୍ଦସହର ହିଂସାରେ ପୋଲିସ ଇନ୍ସପେକ୍ଟରଙ୍କ ମୃତ୍ୟୁ ଘଟଣା

# ହତ୍ୟା ପଛରେ ସାମ୍ପ୍ରଦାୟିକ ଶକ୍ତି

■ ୪ ଗିରଫ, ମୁଖ୍ୟ ଅଭିଯୁକ୍ତ ଫେରାର

■ ସୁବୋଧଙ୍କ ପରିବାରକୁ ୫୦ ଲକ୍ଷଟଙ୍କା ସହାୟତା ଘୋଷଣା



**ବୁଲନ୍ଦସହର,୪।୧୨(ପି.ଟି.)**

ଗୋହତ୍ୟା ଅଭିଯୋଗରେ ଜଣେ ପୋଲିସ ଅଧିକାରୀ ଏବଂ ଅନ୍ୟ ଜଣେ ଯୁବକଙ୍କୁ ଉତ୍ତ୍ୟକ୍ତ ଲୋକେ ହତ୍ୟାକରିବା ଘଟଣାରେ ଉତ୍ତରପ୍ରଦେଶ ପୋଲିସ ମଙ୍ଗଳବାର ୪ ଜଣଙ୍କୁ ଗିରଫ କରିଛି। ପୋଲିସ ଇନ୍ସପେକ୍ଟରଙ୍କ ହତ୍ୟା ପଛରେ ସାମ୍ପ୍ରଦାୟିକ ଶକ୍ତିର ହାତଥିବା ଅଭିଯୋଗ ହୋଇଛି। ଘଟଣାର ମୁଖ୍ୟ ଅଭିଯୁକ୍ତ କୁହାଯାଉଥିବା ବଜରଙ୍ଗ ଦଳର ଜିଲା ଆବାହକ ଯୋଗେଶ ରାଜ ଫେରାର ଅଛନ୍ତି। ୨୭ ଜଣଙ୍କ ନାମରେ ଏତଲା ହୋଇଥିଲା ବେଳେ ଅନ୍ୟ ୫୦ରୁ ୬୦ ଜଣ ଅଜଣା ବ୍ୟକ୍ତିଙ୍କ ବିରୋଧରେ ମାମଲା ରୁଜୁ ହୋଇଛି। ୨୭ ଜଣଙ୍କ ମଧ୍ୟରୁ ଗିରଫ ୪ ଜଣ ବଜରଙ୍ଗ ଦଳ ଏବଂ ଅନ୍ୟ ଦକ୍ଷିଣପନ୍ଥୀ ସଂଗଠନର ସଦସ୍ୟ ବୋଲି ଜଣାପଡିଛି। ଉକ୍ତ ଅଞ୍ଚଳରେ ଉତ୍ତେଜନା ଲାଗି ରହିଥିବାରୁ ବ୍ୟାପକ ପୋଲିସ ଫୋର୍ସ ମୁତୟନ ହୋଇଛି।

୬ଟି ପୋଲିସ୍ ଟିମ୍ ଘଟଣାର ତଦନ୍ତ କରୁଛନ୍ତି। ନିଜକୁ ତଥାକଥିତ ଗୋରକ୍ଷକ କହୁଥିବା ଲୋକଙ୍କ ଆକ୍ରମଣରେ ସିଆନା ଥାନାର ଇନ୍ସପେକ୍ଟର ସୁବୋଧ କୁମାର ସିଂ ଏବଂ ଜଣେ ଯୁବକ ସୁମିତ କୁମାରଙ୍କର ସୋମବାର ମୃତ୍ୟୁ ଘଟିଥିଲା। ସୁବୋଧଙ୍କ ମରଶରୀରକୁ ରାଷ୍ଟ୍ରୀୟ ମର୍ଯ୍ୟାଦା ପ୍ରଦାନ କରାଯିବା ସହ ଶେଷକୃତ୍ୟ ଲାଗି ତାଙ୍କ ଜନ୍ମସ୍ଥାନ ଏଟାକୁ ନିଆଯାଇଛି।

୨୦୧୫ରେ ମହମ୍ମଦ ଅଖଲାକ୍‌ଙ୍କୁ ଉତ୍ତ୍ୟକ୍ତ ଲୋକେ ପିଟି ହତ୍ୟା କରିବା ଘଟଣାର ତଦନ୍ତ କରୁଥିଲେ ସୁବୋଧ। ତେଣୁ ତାଙ୍କୁ ହତ୍ୟା କରାଯିବା ପୋଲିସ୍‌ର ଏକ ଷଡଯନ୍ତ୍ର ବୋଲି ତାଙ୍କ ଭଉଣୀ ଅଭିଯୋଗ କରିବା ସହିତ ଶହୀଦ ମାନ୍ୟତା ଦାବି କରିଛନ୍ତି। ଇନ୍ସପେକ୍ଟରଙ୍କ ପୁଅ ଅଭିଷେକ କହିଛନ୍ତି ବାପା ସବୁବେଳେ ତାଙ୍କୁ ଧର୍ମନିରପେକ୍ଷ ହେବା ପାଇଁ କହୁଥିଲେ। ଧର୍ମ ନାମରେ ହିଂସାକୁ ଆଦୌ ପ୍ରଶ୍ରୟ ଦେଉ ନଥିଲେ। ଦୁଇ ସମ୍ପ୍ରଦାୟ ମଧ୍ୟରେ ବିବାଦରୁ ତାଙ୍କ ବାପାଙ୍କୁ ହତ୍ୟା କରାଯାଇଛି ବୋଲି ସେ କହିଛନ୍ତି। ସୁବୋଧଙ୍କ ପରିବାରକୁ ୫୦ ଲକ୍ଷ ଟଙ୍କା ଅନୁକମ୍ପାମୂଳକ ସହାୟତା ଦେବାକୁ ୟୁପି ସରକାର ଘୋଷଣା କରିଛନ୍ତି।

### 'ପାକିସ୍ତାନ ଶାନ୍ତି ପ୍ରକ୍ରିୟାରେ ସାମିଲ ହେଉ'



**ୱାଶିଂଟନ,୪।୧୨ (ପି.ଟି.):** ଦକ୍ଷିଣ ଏସିଆର ଶାନ୍ତି ପ୍ରକ୍ରିୟାରେ ସାମିଲ ହେବା ଲାଗି ପାକିସ୍ତାନକୁ ଆମେରିକା ଏକ କଡା ବାର୍ତ୍ତା ମାଧ୍ୟମରେ ଆହ୍ୱାନ ଦେଇଛି। ଉକ୍ତ ଅଞ୍ଚଳରେ ଶାନ୍ତି ବଜାୟ ରଖିବା ଲାଗି ଜାତିସଂଘ, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଏବଂ ଅନ୍ୟମାନେ ଚଳାଇଥିବା ଉଦ୍ୟମକୁ ପ୍ରତ୍ୟେକ ଦାୟିତ୍ୱସମ୍ପନ୍ନ ରାଷ୍ଟ୍ର ସମର୍ଥନ କରିବା ଲାଗି ଆମେରିକା ପ୍ରତିରକ୍ଷା ମନ୍ତ୍ରୀ ଜିମ ମାଟିସ୍ କହିଛନ୍ତି। ଆଫଗାନିସ୍ତାନରେ ଶାନ୍ତି ପ୍ରକ୍ରିୟାକୁ ସମର୍ଥନ କରିବା ଲାଗି ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ପାକ୍ ପ୍ରଧାନମନ୍ତ୍ରୀ ଇମ୍ରାନ ଖାନ୍‌ଙ୍କ ନିକଟକୁ ଲେଖିଥିବା ପତ୍ର ସମ୍ପର୍କରେ ଖବରଦାତାଙ୍କ ଏକ ପ୍ରଶ୍ନର ଉତ୍ତରରେ ମାଟିସ୍ କହିଥିଲେ, ଦୁଇ ଦେଶ ମଧ୍ୟରେ ସମ୍ପର୍କକୁ ମଜଭୁତ କରିବାକୁ ହେଲେ ଶାନ୍ତି ପ୍ରକ୍ରିୟାରେ ପାକିସ୍ତାନ ସହଯୋଗ କରିବା ଜରୁରୀ।

# ସାଂସଦ, ବିଧାୟକଙ୍କ ନାଁରେ ୪ହଜାର ମାମଲା ବିଚାରାଧୀନ

**ନୂଆଦିଲ୍ଲୀ,୪।୧୨(ପି.ଟି)**

ଦେଶର ୪,୧୨୨ ବିଧାୟକ ଓ ସାଂସଦଙ୍କ ନାମରେ ଆପରାଧିକ ମାମଲା ବିଚାରାଧୀନ ରହିଛି। ଏହିସବୁ ମାମଲା ବର୍ତ୍ତମାନର ଏବଂ ପୂର୍ବତନ ବିଧାୟକ ଓ ସାଂସଦଙ୍କ ନାମରେ ରହିଥିବା ବେଳେ କେତେକ ମାମଲା ପାଖାପାଖି ୩ ଦଶନ୍ଧିରୁ ଊର୍ଦ୍ଧ୍ୱ ବିଚାରାଧୀନ ରହିଥିବା ସର୍ବୋଚ୍ଚ ଅଦାଲତ ସୂଚନା ଦେଇଛନ୍ତି। ଏକ ଜନସ୍ୱାର୍ଥ ସମ୍ବଳିତ ମାମଲାର ଶୁଣାଣି କରି ମୁଖ୍ୟ ବିଚାରପତି ରଞ୍ଜନ ଗୋଗୋଇଙ୍କ ନେତୃତ୍ୱରେ ଗଠିତ ଖଣ୍ଡପୀଠ ଏହାକୁ ଗୁରୁତ୍ୱର ସହ ଗ୍ରହଣ କରିଛନ୍ତି। ତେବେ ଏ ସଂକ୍ରାନ୍ତୀୟ ବିଚାରାଧୀନ ମାମଲା ସମ୍ପର୍କରେ ପୁଙ୍ଖାନୁପୁଙ୍ଖ ତଥ୍ୟ ଯୋଗାଇବାକୁ ସୁପ୍ରିମକୋର୍ଟ ବିଭିନ୍ନ ରାଜ୍ୟ ସରକାର ଏବଂ ହାଇକୋର୍ଟଗୁଡିକୁ ନିର୍ଦ୍ଦେଶ ଦେଇଛନ୍ତି। ଏହାଦ୍ୱାରା ଏହିସବୁ ମାମଲାର ତ୍ୱରିତ ବିଚାର ପାଇଁ ସ୍ୱତନ୍ତ୍ର ଅଦାଲତ ଗଠନ ଉଦ୍ୟମ ଆରମ୍ଭ ହେବ। ଏହି ମାମଲାରେ ଅଦାଲତଙ୍କୁ ସହାୟତା କରୁଥିବା ଆମିକସ୍ କ୍ୟୁରି ତଥା ବରିଷ୍ଠ ଆଡଭୋକେଟ୍ ବିଜୟ ହଂସାରିଆ ଏବଂ ଆଡଭୋକେଟ୍ ସ୍ନେହ କଲିତା ରାଜ୍ୟ ଓ ହାଇକୋର୍ଟଗୁଡିକରୁ ମିଳିଥିବା ତଥ୍ୟକୁ ଶୀର୍ଷ ଅଦାଲତରେ ଦାଖଲ କରିଥିଲେ। ଏହି ତଥ୍ୟରୁ ଜଣାଯାଏ ହାଇକୋର୍ଟରେ ଏ ସମ୍ପର୍କିତ ୨୬୪ ମାମଲା ଉପରେ ସ୍ଥଗିତାଦେଶ ଜାରି ରହିଛି। ୧୯୯୧ରୁ ବିଚାରାଧୀନ ଅନେକ ମାମଲାରେ ଏ ପର୍ଯ୍ୟନ୍ତ ଅଭିଯୋଗ ପତ୍ର ଦାଏର କରାଯାଇ ନାହିଁ।

ଆଇନଜୀବୀ ତଥା ଭାଜପା ନେତା ଅଶ୍ୱିନୀ ଉପାଧ୍ୟାୟଙ୍କ ଦ୍ୱାରା ଆଗତ ଜନସ୍ୱାର୍ଥ ମାମଲାର ଶୁଣାଣି କରି ସୁପ୍ରିମକୋର୍ଟ ଏହି ସୂଚନା ଦେଇଛନ୍ତି। ନିର୍ବାଚିତ ଲୋକପ୍ରତିନିଧିଙ୍କ ଆପରାଧିକ ମାମଲାର ତ୍ୱରିତ ବିଚାର ପାଇଁ ସ୍ୱତନ୍ତ୍ର ଅଦାଲତ ପ୍ରତିଷ୍ଠା କରିବା ସହିତ ଦୋଷୀ ସାବ୍ୟସ୍ତ ରାଜନେତାଙ୍କୁ ରାଜନୀତିରୁ ଆଜୀବନ ନିଷିଦ୍ଧ କରିବା ପାଇଁ ଉକ୍ତ ଆବେଦନରେ ପ୍ରାର୍ଥନା କରାଯାଇଛି।




### ସୋନିଆ, ରାହୁଲଙ୍କ ବିରୋଧରେ ଟିକସ ମାମଲା ଚାଲିବ

**ନୂଆଦିଲ୍ଲୀ,୪।୧୨**

ନ୍ୟାସନାଲ ହେରାଲ୍ଡ ମାମଲା ସହ ସମ୍ପୃକ୍ତ କଂଗ୍ରେସ ନେତ୍ରୀ ସୋନିଆ ଗାନ୍ଧୀ ଓ ଦଳ ଅଧ୍ୟକ୍ଷଙ୍କ ବିରୋଧରେ ଟିକସ ନିର୍ଦ୍ଧାରଣ ମାମଲା ପୁନଃ ଚାଲୁ କରିବାକୁ ସୁପ୍ରିମକୋର୍ଟ ମଙ୍ଗଳବାର ଅନୁମତି ଦେଇଛନ୍ତି। ତେବେ ମାମଲା କୋର୍ଟଙ୍କ ବିଚାରାଧୀନ ଥିବାରୁ ଆୟକର ବିଭାଗ କୌଣସି ନିର୍ଦ୍ଦେଶନାମା ଜାରି କରିପାରିବେ ନାହିଁ। ମାମଲାର ପରବର୍ତ୍ତୀ ଶୁଣାଣି ଜାନୁୟାରୀ ୮ରେ ହେବ। ଆୟକର ବିଭାଗ ପକ୍ଷରୁ ସଲିସିଟର ଜେନେରାଲ ତୁଷାର ମେହଟା ଉପସ୍ଥିତ ଥିଲେ। ୨୦୧୦-୧୧ ଆର୍ଥିକ ବର୍ଷର ଟିକସ ପୁନଃନିର୍ଦ୍ଧାରଣ ନକରିବାକୁ ଗାନ୍ଧୀ ପରିବାର ପକ୍ଷରୁ ହୋଇଥିବା ଆବେଦନକୁ ଦିଲ୍ଲୀ ହାଇକୋର୍ଟ ଖାରଜ କରିଦେବା ପରେ ସେମାନେ ସୁପ୍ରିମକୋର୍ଟରେ ଅପିଲ୍ କରିଥିଲେ।




### ଦିଲ୍ଲୀରେ ନିର୍ମାଣ ହେବ 'ୱଣ୍ଡର୍ସ ଅଫ୍ ଦି ୱାର୍ଲଡ' ପାର୍କ

**ନୂଆଦିଲ୍ଲୀ:** ଦକ୍ଷିଣ ଦିଲ୍ଲୀରେ ଏକ 'ୱଣ୍ଡର୍ସ ଅଫ ଦି ୱାର୍ଲଡ' ପାର୍କ ନିର୍ମାଣ ହେବାକୁ ଯାଉଛି। ଶିଳ୍ପରୁ ବାହାରୁଥିବା ଆବର୍ଜନା ଏବଂ ଅନ୍ୟ ବର୍ଜ୍ୟବସ୍ତୁରେ ଏଠାରେ ବିଭିନ୍ନ ଆକୃତିର ସ୍ଥାପତ୍ୟ ନିର୍ମାଣ କରାଯିବ। ତେବେ ଏଭଳି ଏକ ଉଦ୍ୟାନ ନିର୍ମାଣ ପାଇଁ ବଲିଉଡ୍ ଫିଲ୍ମରୁ ପ୍ରେରଣା ମିଳିଛି ବୋଲି ଦକ୍ଷିଣ ଦିଲ୍ଲୀ ମ୍ୟୁନିସିପାଲ୍ କର୍ପୋରେଶନ୍ ପକ୍ଷରୁ ସୂଚନା ମିଳିଛି। ଉକ୍ତ ପୌରସଂସ୍ଥା କମିଶନରଙ୍କ କହିବାନୁଯାୟୀ, ସରାଇ କାଲେ ଖାନ୍ ନିକଟବର୍ତ୍ତୀ ରାଜୀବ ଗାନ୍ଧୀ ସ୍ମୃତିଭବନର ୫ଏକର ପରିମିତ ଅଞ୍ଚଳରେ ଏହି ପାର୍କ ନିର୍ମାଣ କରାଯିବ। ବଲିଉଡ୍ ଫିଲ୍ମ 'ବଦ୍ରିନାଥ କୀ ଦୁଲହନିଆ'କୁ ଆଧାର କରି 'ୱଣ୍ଡର୍ସ ଅଫ ଦି ୱାର୍ଲଡ' ପାର୍କ ନିର୍ମାଣ କରାଯାଉଛି। ଉକ୍ତ ଫିଲ୍ମ ଦେଖିବା ପରେ ଏଥିରୁ ଏକ ଧାରଣା ସୃଷ୍ଟି ହୋଇଥିଲା।

ଇତିହାସର ଆଇନାରେ

### ଡିସେମ୍ବର ୫ର ପ୍ରମୁଖ ଘଟଣା

୧୯୭୩ ଡିସେମ୍ବର ୫ରେ ବ୍ରିଟିଶ୍ ନାଗରିକ ତଥା ରାଡାର ଉଦ୍ଭାବକ ସାର ରବର୍ଟ ଆଲେକଜାଣ୍ଡର ୱାଟସନ୍‌ଙ୍କ ବିୟୋଗ ଘଟିଥିଲା। ସେ ୧୮୯୨ ଏପ୍ରିଲ ୧୩ରେ ଜନ୍ମଗ୍ରହଣ କରିଥିଲେ। ୱାଇ ରେଡିଓ ଫିଜିକ୍ସରେ ତାଙ୍କର କ୍ୟାରିୟର ଆରମ୍ଭ କରି ମେଟ୍ ଅଫିସ୍‌ରେ ଚାକିରି କରୁଥିଲେ। ବିଜୁଳିର ରେଡିଓ ସଂକେତକୁ ବ୍ୟବହାର କରି ସେ ନିର୍ଭୁଲ ଭାବରେ ଘଡିଘଡି ସହିତ ବର୍ଷାର ଠିକ୍ ସୂଚନା ଦେଇପାରୁଥିଲେ। ତାଙ୍କର ଏହି ପଦ୍ଧତି ଦ୍ୱାରା ୧୯୨୦ରେ ଏକ ସିଷ୍ଟମ ବିକଶିତ ହୋଇଥିଲା। ଯାହା ହଫ୍-ଡଫ୍ ନାମରେ ପରିଚିତ।

୨୦୧୬ ଡିସେମ୍ବର ୫ରେ ତାମିଲନାଡୁର ପୂର୍ବତନ ମୁଖ୍ୟମନ୍ତ୍ରୀ ଜୟଲଳିତା ପରଲୋକ ଗମନ କରିଥିଲେ। ତାଙ୍କର ଜନ୍ମ ହୋଇଥିଲା ୧୯୪୮ ଫେବୃୟାରୀରେ। ସେ ରାଜନେତ୍ରୀ ତଥା ଫିଲ୍ମ ଅଭିନେତ୍ରୀ। ୧୯୯୧ରୁ ୨୦୧୬ ମଧ୍ୟରେ ସେ ଦୀର୍ଘ ୧୪ବର୍ଷରୁ ଊର୍ଦ୍ଧ୍ୱ ମୁଖ୍ୟମନ୍ତ୍ରୀ ହୋଇଥିଲେ। ୧୯୮୯ରୁ ସେ ଏଆଇଡିଏମ୍‌କେର ସର୍ବଭାରତୀୟ ସାଧାରଣ ସଂପାଦିକା ଥିଲେ।






# ଧରିତ୍ରୀ
DHARITRI

ସମ୍ବଲପୁର, ବୁଧବାର, ଡିସେମ୍ବର ୫/୨୦୧୮ Sambalpur, Wednesday, December 5/ 2018 | ପୃଷ୍ଠା-୧




**ମୋଡ୍ରିକ୍‌ଙ୍କୁ ବାଲନ ଡି'ଅର ପୁରସ୍କାର**

କ୍ରୋଏସିଆର ଲୁକା ମୋଡ୍ରିକ୍ ବର୍ଷର ଶ୍ରେଷ୍ଠ ପୁରୁଷ ଫୁଟ୍‌ବଲ ଖେଳାଳି ହିସାବରେ ବାଲନ ଡି'ଅର ପୁରସ୍କାର ହାସଲ କରିଛନ୍ତି।

୧୩ ୦୨

**'ଇଣ୍ଡିଆନ୍ ୨' ହେବ ଶେଷ ସିନେମା**

ସଫଳ ଅଭିନେତା କମଲ ହାସନ 'ଇଣ୍ଡିଆନ ୨'ରେ ଶେଷଥର ପାଇଁ ଅଭିନୟ କରିବେ। ଏହାପରେ ସେ ନିଜକୁ ରାଜନୀତିରେ ସମର୍ପିତ କରିବେ ବୋଲି କହିଛନ୍ତି।








## ଡିଜିଟାଲ ଟ୍ରାଞ୍ଜାକ୍‌ଶନ ଖର୍ଚ୍ଚ ବହନ କରିବେ ସରକାର

ନୂଆଦିଲ୍ଲୀ,୪।୧୨: କ୍ଷୁଦ୍ର ବ୍ୟବସାୟୀଙ୍କୁ ଆଶ୍ୱସ୍ତ କରିବାକୁ ଯାଇ କେନ୍ଦ୍ର ସରକାର ସେମାନଙ୍କର ଡିଜିଟାଲ ଟ୍ରାଞ୍ଜାକ୍‌ଶନ ଖର୍ଚ୍ଚକୁ ବହନ କରିବାକୁ ଯାଉଛନ୍ତି। ଏ ନେଇ ଏକ ଯୋଜନା ପ୍ରସ୍ତୁତ ହୋଇଛି। ବ୍ୟାଙ୍କଗୁଡ଼ିକ ସହ ଆଲୋଚନା ପରେ ଖୁବଶୀଘ୍ର ଏ ନେଇ ଘୋଷଣା କରାଯିବ। ବର୍ତ୍ତମାନ କ୍ଷୁଦ୍ର ବ୍ୟବସାୟୀଙ୍କଠାରୁ ଡିଜିଟାଲ ଟ୍ରାଞ୍ଜାକ୍‌ଶନ ବାବଦରେ ଚାର୍ଜ ନିଆଯାଉଛି। (ସବିଶେଷ ରିପୋର୍ଟ: ପୃଷ୍ଠା-୧୧)

### ହକି ବିଶ୍ୱକପ୍



**ଫଳାଫଳ**

**ମଙ୍ଗଳବାର**

ପ୍ରଥମ ମ୍ୟାଚ

ଅଷ୍ଟ୍ରେଲିଆ-୩

ଇଂଲଣ୍ଡ-୦

ଦ୍ୱିତୀୟ ମ୍ୟାଚ

ଆୟର୍ଲାଣ୍ଡ-୧

ଚାଇନା-୧

### ଆଜିର ସମ୍ପାଦକୀୟ

ବଞ୍ଚିବାର ବାଟ

### ଆଜିର ମନ୍ତବ୍ୟ

" ନିଜକୁ ଚୌକିଦାର କହୁଥିବା ପ୍ରଧାନମନ୍ତ୍ରୀ ସୁପ୍ରିମକୋର୍ଟ ବିଚାରପତିଙ୍କୁ ସଖିକଣ୍ଢେଇ କରିଥିଲେ।

– ରାହୁଲ ଗାନ୍ଧୀ, କଂଗ୍ରେସ ଅଧ୍ୟକ୍ଷ

### କିଛି ତଥ୍ୟ

୨୦୧୭–୧୮ ଆର୍ଥିକ ବର୍ଷରେ ଦେଶରୁ ବିଶ୍ୱର ବିଭିନ୍ନ ପ୍ରମୁଖ ବଜାରଗୁଡ଼ିକୁ ୭୬ ବିଲିୟନ ଡଲାରର ଇଞ୍ଜିନିୟରିଂ ସାମଗ୍ରୀ ରପ୍ତାନି ହୋଇଛି।

– ଇଞ୍ଜିନିୟରିଂ ଏକ୍ସପୋର୍ଟ ପ୍ରମୋଶନ କାଉନସିଲ୍


NECC NATIONAL EGG CO-ORDINATION COMMITTEE 04.12.2018 Venco CHICKEN

| Dist | Farm Gate/Kg | With Skin/Kg | Skinless /Kg |
|---|---|---|---|
| BBSR | 73 | 123 | 133 |
| CTC | 73 | 123 | 133 |
| DKL | 75 | 126 | 136 |
| BDK | 75 | 126 | 136 |
| BLS | 77 | 128 | 138 |
| ANG | 77 | 128 | 138 |

*Conditions Apply

Eggs Retail Price- 48/-Dozen

Issued in the Interest of Consumers





କଳିଙ୍ଗ ଷ୍ଟାଡିୟମରେ ଚାଲିଥିବା ହକି ବିଶ୍ୱକପ୍‌ରେ ମଙ୍ଗଳବାର ଅନୁଷ୍ଠିତ ପୁଲ୍ ବି'ର ଏକ ମ୍ୟାଚରେ ଅଷ୍ଟ୍ରେଲିଆ ଓ ଇଂଲଣ୍ଡ ଖେଳାଳିଙ୍କ ମଧ୍ୟରେ ବଲ୍ ପାଇଁ ସଂଘର୍ଷ। ଏହି ମ୍ୟାଚରେ ଅଷ୍ଟ୍ରେଲିଆ ୩–୦ ଗୋଲରେ ବିଜୟୀ ହୋଇଛି।

■ ମହାପ୍ରସାଦ ଦର ନିର୍ଦ୍ଧାରଣ ପ୍ରସଙ୍ଗ

# ସରିଲା ହିସାବ, ଖୁବ୍‌ଶୀଘ୍ର ତାଲିକା

ପୁରୀ ଅଫିସ, ୪।୧୨

ଦୀର୍ଘଦିନ ଧରି ମହାପ୍ରସାଦ ଦର ନିର୍ଦ୍ଧାରଣ ନେଇ ଯେଉଁ ଚର୍ଚ୍ଚା ଚାଲିଥିଲା ସେଥିରେ ପୂର୍ଣ୍ଣଚ୍ଛେଦ ପଡ଼ିବାକୁ ଯାଉଛି। ଏଥିଲାଗି ସ୍ୱତନ୍ତ୍ର ଭାବେ ପ୍ରସ୍ତୁତ ହୋଇଛି ମହାପ୍ରସାଦ। ମଙ୍ଗଳବାର ବରାଦି ଭୋଗରେ ରନ୍ଧାଯାଇଛି ଅବଢ଼ା। ମହାପ୍ରସାଦ ପ୍ରସ୍ତୁତିରେ କେତେ ଖର୍ଚ୍ଚ ହୋଇଛି ଏବଂ କେତେ ଲାଭ ରଖାଯିବ ତାହାର ହିସାବ ମଧ୍ୟ ସରିଛି। କେବଳ ବିଧିବଦ୍ଧ ରିପୋର୍ଟକୁ ଅପେକ୍ଷା କରିଛି ଶ୍ରୀମନ୍ଦିର ପ୍ରଶାସନ। ଅବଢ଼ା ଦର ସଂକ୍ରାନ୍ତୀୟ ରିପୋର୍ଟ ପାଇବା ପରେ ମନ୍ଦିର ପ୍ରଶାସନ ସମୀକ୍ଷା କରି ଏଥିରେ ମୋହର ମାରିବ। ଏହାପରେ ଭକ୍ତଙ୍କ ଉଦ୍ଦେଶ୍ୟରେ ଦର ତାଲିକା (କୁଡୁଆ ଚିତ୍ର ଥାଇ) ଆନନ୍ଦ ବଜାର ଓ ଶ୍ରୀମନ୍ଦିରର ବିଭିନ୍ନ ଦୃଷ୍ଟି ଆକର୍ଷଣ କରୁଥିବା ସ୍ଥାନରେ ଲଗାଯିବ।



■ ବରାଦି ଭୋଗରେ ହେଲା ରୋଷେଇ

■ ସାମଗ୍ରୀ ଯୋଗାଇଦେଲା ମନ୍ଦିର ପ୍ରଶାସନ

ପୂର୍ବ ନିଷ୍ପତ୍ତି ଅନୁଯାୟୀ ମହାପ୍ରସାଦ ରୋଷେଇ ଲାଗି ଶ୍ରୀମନ୍ଦିର ପ୍ରଶାସନ ଆବଶ୍ୟକ ଡାଲି, ଚାଉଳ, ପରିବା, କୁଡୁଆ ପ୍ରଭୃତି ସାମଗ୍ରୀ ଯୋଗାଇ ଦେଇଥିଲା। ମନ୍ଦିର ପ୍ରଶାସନର ଅଧିକାରୀ ଓ ସୁଆର ମହାସୁଆର ନିଯୋଗ କର୍ମକର୍ତ୍ତାଙ୍କ ତତ୍ତ୍ୱାବଧାନରେ ରୋଷେଇ ହୋଇଥିଲା। ପୂର୍ବରୁ ଏହା କୋଠ ଭୋଗରେ ରୋଷେଇ ହେବ ବୋଲି କୁହାଯାଇଥିଲେ ମଧ୍ୟ ବରାଦି ଭୋଗରେ ରନ୍ଧା ଯାଇଥିଲା। ଏ ସମ୍ପର୍କରେ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ପ୍ରଦୀପ୍ତ ମହାପାତ୍ର କହିଛନ୍ତି, ମହାପ୍ରସାଦ ପ୍ରସ୍ତୁତିରେ ସାମଗ୍ରୀର ମୂଲ୍ୟ, କେତେ କୁଡୁଆ ଲାଗିଛି, ପାରିଶ୍ରମିକ କ'ଣ ରହିବ ତାହା ବିଚାରକୁ ନିଆଯାଇ ଦର ନିର୍ଦ୍ଧାରଣ ହେବ। ଖୁବ୍‌ଶୀଘ୍ର ମହାପ୍ରସାଦ ଦର ତାଲିକା ଲଗାଯିବ। ଆନନ୍ଦ ବଜାରକୁ ଶୃଙ୍ଖଳିତ ଏବଂ ସୁବ୍ୟବସ୍ଥିତ କରିବା ଲାଗି ଏଭଳି ବିଭିନ୍ନ ପ୍ରକାର ପଦକ୍ଷେପ ନିଆଯାଇଛି।

ଅନ୍ୟପକ୍ଷରେ ଶେଡ୍ ନିର୍ମାଣ କାମ ଆରମ୍ଭ ହୋଇଛି। ଶ୍ରୀମନ୍ଦିରରେ ଥିବା ୨୩୦ଟି ଚୁଲାକୁ ମନ୍ଦିର ପ୍ରଶାସନ ମହାପ୍ରସାଦ ପ୍ରସ୍ତୁତି ପାଇଁ ସୁଆର ସେବକଙ୍କୁ ଦେବା ବେଳେ କେଉଁ କିସମର ଚାଉଳ, ଘିଅ ଆଦି ବ୍ୟବହାର କରାଯିବ ତାହା ସ୍ପଷ୍ଟ କରିବ। ଏଥିରେ ଯଦି କେହି ବ୍ୟତିକ୍ରମ କରନ୍ତି ତେବେ ସମ୍ପୃକ୍ତ ସେବକଙ୍କୁ ନୋଟିସ କରାଯିବ। ଆନନ୍ଦ ବଜାରରୁ ଅନଧିକୃତ ବ୍ୟକ୍ତିଙ୍କୁ ବାହାର କରାଯିବ ବୋଲି ମୁଖ୍ୟ ପ୍ରଶାସକ କହିଛନ୍ତି।

# ୭ରୁ ଭୁବନେଶ୍ୱରରୁ ରାଞ୍ଚିକୁ ଉଡ଼ିବ ବିମାନ

ଭୁବନେଶ୍ୱର, ୪।୧୨(ବ୍ୟୁରୋ)

ବିଜୁ ପଟ୍ଟନାୟକ ଅନ୍ତର୍ଜାତୀୟ ବିମାନବନ୍ଦରରୁ ଝାଡ଼ଖଣ୍ଡର ରାଜଧାନୀ ରାଞ୍ଚିକୁ ସିଧାସଳଖ ବିମାନ ସେବା ଆରମ୍ଭ ହେବ। ଏୟାର ଇଣ୍ଡିଆ ପକ୍ଷରୁ ଆସନ୍ତା ୭ତାରିଖରୁ ଏହି ସେବା ପ୍ରଦାନ କରାଯିବ। ବେସାମରିକ ବିମାନ ଚଳାଚଳ ମନ୍ତ୍ରୀ ଜୟନ୍ତ ସିହ୍ନା ଏହାକୁ ଉଦ୍‌ଘାଟନ କରିବେ ବୋଲି ମଙ୍ଗଳବାର ଏୟାର ଇଣ୍ଡିଆ ପକ୍ଷରୁ ଟୁଇଟ୍ ଜରିଆରେ



ସୂଚନା ଦିଆଯାଇଛି। ବିମାନଟି ଭୁବନେଶ୍ୱର ବିମାନବନ୍ଦରରୁ ପ୍ରତ୍ୟହ ଅପରାହ୍ନ ୨ଟାରେ ଉଡ଼ାଣ କରି ରାଞ୍ଚିର ବିର୍ସା ମୁଣ୍ଡା ବିମାନବନ୍ଦରରେ ଅପରାହ୍ନ ୩ଟା ୧୫ମିନିଟ୍‌ରେ ଅବତରଣ କରିବ। ସେଠାରୁ ପୁଣି ସକାଳ ୭ଟା ୫୦ମିନିଟ୍‌ରେ ଉଡ଼ାଣ ଆରମ୍ଭ କରି ୮ଟା ୫୦ମିନିଟ୍‌ରେ ଭୁବନେଶ୍ୱରରେ ଅବତରଣ କରିବ। ଭୁବନେଶ୍ୱରରୁ ରାଞ୍ଚି ଯିବା ପାଇଁ ଯାତ୍ରୀ ପିଛା ଭଡ଼ା ୧୬୧୦ଟଙ୍କା ଧାର୍ଯ୍ୟ କରାଯାଇଛି।

# ମାର୍ଚ୍ଚ ସୁଦ୍ଧା ୧୬ ଖଣି ନିଲାମ



■ ଆଦାୟ ହୋଇନି ୪ ହଜାର କୋଟି ଟଙ୍କାର ଜରିମାନା ରାଶି

■ ୩୧ ଖଣି ଉପରେ ରହିଛି ବକେୟା

ଭୁବନେଶ୍ୱର,୪।୧୨(ବ୍ୟୁରୋ)

ରାଜ୍ୟ ସରକାର ଖୁବ୍‌ଶୀଘ୍ର ୧୬ଟି ଖଣି ନିଲାମ କରିବାକୁ ଯାଉଛନ୍ତି। ସେଥିମଧ୍ୟରେ ୧୦ ଲୁହାପଥର ଓ ୬ ଅନ୍ୟାନ୍ୟ ଖଣି ରହିଛି। ଏଗୁଡ଼ିକର ଲିଜ୍ ଅବଧି ଶେଷ ହୋଇଯାଇଛି। କେନ୍ଦ୍ର ସରକାରଙ୍କ ଅନୁମୋଦନ ପରେ ଏହି ଖଣିଗୁଡ଼ିକ ନିଲାମ ପ୍ରକ୍ରିୟା ଆରମ୍ଭ ହେବ। ଆସନ୍ତା ମାର୍ଚ୍ଚ ସୁଦ୍ଧା ନିଲାମ ପ୍ରକ୍ରିୟା ଶେଷ ହେବ ବୋଲି ବୋଲି ଖଣି ଓ ଇସ୍ପାତ ମନ୍ତ୍ରୀ ପ୍ରଫୁଲ୍ଲ ମଲ୍ଲିକ ମଙ୍ଗଳବାର ସୂଚନା ଦେଇଛନ୍ତି।

ଗତ ଅଗଷ୍ଟ ୧୦ରେ ଓଡ଼ିଶା ଗସ୍ତରେ ଆସିଥିବା କେନ୍ଦ୍ର କୋଇଲା ସଚିବ ଅନିଲ ମୁକିମ ଗଣମାଧ୍ୟମକୁ ସୂଚନା ଦେଇଥିଲେ ଯେ, ଓଡ଼ିଶାରେ ଥିବା ୧୭ରୁ ୧୮ଟି ଲୁହାପଥର ଖଣି ଚଳିତବର୍ଷ ନିଲାମ କରାଯିବ। ଏନେଇ ରାଜ୍ୟ ସରକାର ପ୍ରସ୍ତାବ ଦେଇଥିବା ସେ କହିଥିଲେ।

ମଙ୍ଗଳବାର ସଚିବାଳୟଠାରେ ଗଣମାଧ୍ୟମକୁ ସୂଚନା ଦେଇ ମନ୍ତ୍ରୀ କହିଛନ୍ତି ଯେ, ସୁପ୍ରିମ୍‌କୋର୍ଟଙ୍କ ନିର୍ଦ୍ଦେଶ ମୁତାବକ ୩୧ଟି ଖଣିର ଲିଜ୍‌ଧାରୀ ଜରିମାନା ଅର୍ଥ ପଇଠ କରିନାହାନ୍ତି। ସେଥିରୁ ୨୫ଟି ଖଣି ଉପରେ କୌଣସି ☞ ପୃଷ୍ଠା–୨

ମଧ୍ୟାହ୍ନଭୋଜନ ଗାଇଡଲାଇନ ଉଲ୍ଲଂଘନ

# ଓଡ଼ିଶା ସମେତ ୬ ରାଜ୍ୟକୁ ଜରିମାନା

ନୂଆଦିଲ୍ଲୀ,୪।୧୨(ପି.ଟି.)

ମଧ୍ୟାହ୍ନଭୋଜନ ଗାଇଡଲାଇନ ଉଲ୍ଲଂଘନ ପାଇଁ ଓଡିଶା ସମେତ ୬ଟି ରାଜ୍ୟକୁ ସୁପ୍ରିମକୋର୍ଟ ମଙ୍ଗଳବାର ଅର୍ଥଦଣ୍ଡରେ ଦଣ୍ଡିତ କରିଛନ୍ତି। ଓଡ଼ିଶା, ଆନ୍ଧ୍ରପ୍ରଦେଶ, ଅରୁଣାଚଳପ୍ରଦେଶ, ମେଘାଳୟ, ଜମ୍ମୁ–କଶ୍ମୀରକୁ ୧ ଲକ୍ଷ ଟଙ୍କା ଲେଖାଏ ଏବଂ ଦିଲ୍ଲୀକୁ ୨ ଲକ୍ଷ ଟଙ୍କା ଜରିମାନା କରାଯାଇଛି। ସରକାରୀ ବିଦ୍ୟାଳୟଗୁଡିକରେ ମଧ୍ୟାହ୍ନଭୋଜନ ଯୋଜନାର କାର୍ଯ୍ୟକାରିତା ଏବଂ ଏହା କେତେ ସ୍ୱାସ୍ଥ୍ୟପ୍ରଦ ତାହା ଅନୁଧ୍ୟାନ ଲାଗି ଥିବା ଚାର୍ଟ ସହ ଅନ୍‌ଲାଇନ୍ ଲିଙ୍କ୍ କରିବାରେ ବିଫଳ ହୋଇଥିବାରୁ ଉପରୋକ୍ତ ରାଜ୍ୟଗୁଡ଼ିକୁ ଦଣ୍ଡିତ କରାଯାଇଛି। ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶ ପାଳନ ହେଉ ନ ଥିବାରୁ ଜଷ୍ଟିସ୍ ମଦନ ବି. ଲୋକୁର, ଦୀପକ ଗୁପ୍ତା ଏବଂ ହେମନ୍ତ ଗୁପ୍ତାଙ୍କୁ ନେଇ ଗଠିତ ଖଣ୍ଡପୀଠ ଅସନ୍ତୋଷ ପ୍ରକାଶ କରିବା ସହ ୪ ସପ୍ତାହ ମଧ୍ୟରେ ଜରିମାନା ଦାଖଲ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି।

ଶୁଣାଣି ବେଳେ ଓଡିଶା ପକ୍ଷରୁ ଆଡଭୋକେଟ୍ ଅନିନ୍ଦିତା ପୂଜାରୀ କହିଥିଲେ ଯେ, ରାଜ୍ୟ ସରକାର ଅନ୍‌ଲାଇନ ତଥ୍ୟ ପ୍ରେରଣ ଆରମ୍ଭ କରିଛନ୍ତି। ଏହି ତଥ୍ୟ ଏମ୍‌ଡିଏମ୍ ୱେବସାଇଟ୍ ଏବଂ ଆପ୍ଲିକେଶନରେ ଉପଲବ୍ଧ ହେଉଥିବା ସେ କୋର୍ଟଙ୍କୁ ଜଣାଇଥିଲେ। ଏହା ସତ୍ତ୍ୱେ ୪ ସପ୍ତାହ ମଧ୍ୟରେ ସୁପ୍ରିମକୋର୍ଟଙ୍କ ନ୍ୟାୟିକ ସେବା କର୍ତ୍ତୃପକ୍ଷଙ୍କଠାରେ ଜରିମାନା ଜମା କରିବା ଲାଗି ଖଣ୍ଡପୀଠ ନିର୍ଦ୍ଦେଶ ଦେଇଥିଲେ। ବିଦ୍ୟାଳୟଗୁଡିକରେ ମଧ୍ୟାହ୍ନଭୋଜନ ପ୍ରସଙ୍ଗରେ ଅନ୍ତଃରାଷ୍ଟ୍ରୀୟ ମାନବ ଅଧିକାର ନିଗରାନି ପରିଷଦ ନାମକ ଏନ୍‌ଜିଓ ପକ୍ଷରୁ ୨୦୧୩ରେ ଦାଖଲ ପିଟିଶନ୍‌ର ଶୁଣାଣି କରି ସୁପ୍ରିମକୋର୍ଟ ଉପରୋକ୍ତ ନିର୍ଦ୍ଦେଶ ଦେଇଛନ୍ତି। ସ୍କୁଲର କେତେଜଣ ପିଲା ମଧ୍ୟାହ୍ନଭୋଜନ ଖାଉଛନ୍ତି ଏବଂ ଅନ୍ୟାନ୍ୟ ତଥ୍ୟ ଅନଲାଇନ୍‌ରେ ଅପଲୋଡ୍ କରିବା ନିମନ୍ତେ ଗତବର୍ଷ ମାର୍ଚ୍ଚ ୨୩ରେ ସୁପ୍ରିମକୋର୍ଟ ସମସ୍ତ ରାଜ୍ୟ ଓ କେନ୍ଦ୍ର ଶାସିତ ଅଞ୍ଚଳଗୁଡ଼ିକୁ ନିର୍ଦ୍ଦେଶ ଦେଇଥିଲେ। ଉପଯୁକ୍ତ ତଦାରଖ ଏବଂ ଭିତ୍ତିଭୂମି ଅଭାବରୁ ଅନେକ ସମୟରେ ଖାଦ୍ୟ ବିଷାକ୍ତୀକରଣ ଏବଂ ସ୍ୱାସ୍ଥ୍ୟ ପ୍ରତି ହାନିକାରକ ହେଉଥିବା ନେଇ ବିଭିନ୍ନ ସମୟରେ ଅଭିଯୋଗ ଆସୁଥିବା ପିଟିଶନ୍‌ରେ ଦର୍ଶାଯାଇଥିଲା।

■ ଶେଲ୍‌ଟର ହୋମ୍ ଯୌନଶୋଷଣ ମାମଲା

# ଲାଗିଛି ବିପୁଳ ବିଦେଶୀ ପାଣ୍ଠି

ଢେଙ୍କାନାଳ ଅଫିସ, ୪।୧୨

ଢେଙ୍କାନାଳ ସଦର ଥାନା ବେଲଟିକିରିସ୍ଥିତ 'ଗୁଡ୍ ନ୍ୟୁଜ୍ ଡ୍ରିମ୍ ଇଣ୍ଡିଆ ସେଣ୍ଟର' ଯୌନ ଶୋଷଣ ମାମଲାର ପ୍ରମୁଖ ଅଭିଯୁକ୍ତ ତଥା ଅନୁଷ୍ଠାନର ମୁଖ୍ୟ ଡ. ଫୟାଜ୍ ରେହମାନଙ୍କ ଦୁଇଦିନିଆ ରିମାଣ୍ଡ ମଙ୍ଗଳବାରଠାରୁ ଆରମ୍ଭ ହୋଇଛି। ଅଦାଲତଙ୍କ ନିର୍ଦ୍ଦେଶ ଅନୁଯାୟୀ, ପୂର୍ବାହ୍ନ ସାଢ଼େ ୧୦ଟାରେ ଜିଲା କାରାଗାରରୁ ପୋଲିସ ତାଙ୍କୁ ରିମାଣ୍ଡରେ ନେଇଛି। ଗୋବିନ୍ଦପୁର ଫାଣ୍ଡିରେ ରଖି ତାଙ୍କୁ ଜେରା କରାଯାଉଥିବାବେଳେ ପ୍ରଥମ ଦିନ ପୋଲିସକୁ ମିଳିଛି ଅନେକ ଗୁରୁତ୍ୱପୂର୍ଣ୍ଣ ତଥ୍ୟ। ଅନୁଷ୍ଠାନର ଚେର ବିଦେଶକୁ ଲମ୍ବିଛି। ସେଠାରୁ ବିପୁଳ ବିଦେଶୀ ପାଣ୍ଠି ଆସୁଛି, ଯାହାକୁ ଉପଯୋଗ କରି ଓଡ଼ିଶାର ବିଭିନ୍ନ ଶାଖା ଅନୁଷ୍ଠାନଗୁଡ଼ିକୁ

■ ଖୋଲୁଛି ବିଦେଶୀ ଲିଙ୍କ୍ ଗୁମର

■ ପୋଲିସ ରିମାଣ୍ଡରେ ରେହମାନ୍

ପରିଚାଳନା କରାଯାଉଥିଲା। ପୋଲିସ ଜେରାବେଳେ ଫୟାଜ୍ ଏପରି ଅନେକ ତଥ୍ୟ ଓଗାଳିଥିବା ଏସ୍‌ପି ସନ୍ତୋଷ କୁମାର ନାୟକ କହିଛନ୍ତି।

ଶିଶୁ ଅନ୍ତେବାସୀଙ୍କୁ ଯୌନ ନିର୍ଯାତନା, ଜୋର ଜବରଦସ୍ତ ଧର୍ମ ପରିବର୍ତ୍ତନ ଅଭିଯୋଗ ପରେ ଏବେ ବିଦେଶୀ ଲିଙ୍କ୍‌କୁ ନେଇ ହେଉଥିବା ଚର୍ଚ୍ଚା ଉପରୁ ଧୀରେ ଧୀରେ ପରଦା ହଟୁଛି। ରେହମାନଙ୍କ ପରିବାର ଆମେରିକାରେ ରହୁଛନ୍ତି। ସେଠାକାର ବିଦେଶୀ ନାଗରିକତ୍ୱ, ମିଳୁଥିବା



ଜିଲା କାରାଗାର ପରିସରରେ ଡ. ଫୟାଜ୍ ରେହମାନଙ୍କୁ ପୋଲିସ ରିମାଣ୍ଡରେ ନେଉଛି।

ପାଣ୍ଠି ଏବଂ ସମୟେ ସମୟେ ଅନୁଷ୍ଠାନକୁ ଆସୁଥିବା ବିଦେଶୀଙ୍କ ସମ୍ପର୍କରେ ପୋଲିସ ଖୋଳତାଡ଼ ଆରମ୍ଭ କରିଛି। ରିମାଣ୍ଡରେ ନିଆଯିବା ସମୟରେ ଖବରଦାତାଙ୍କ ପ୍ରଶ୍ନକୁ ଏଡ଼ାଇ ଯାଇଥିଲେ ଫୟାଜ। ପୋଲିସ ମଧ୍ୟ ଯଥାସମ୍ଭବ ଖବରଦାତାଙ୍କଠାରୁ ତାଙ୍କୁ ଦୂରେଇ ରଖିବାକୁ ଚେଷ୍ଟା କରିଥିଲା।

ଢେଙ୍କାନାଳ କାଲଟାକ୍ସ ଛକ ନିକଟରେ 'ଗୁଡ୍ ନ୍ୟୁଜ୍ ଡ୍ରିମ୍ ଇଣ୍ଡିଆ ସେଣ୍ଟର' କାର୍ଯ୍ୟକ୍ଷମ ଥିବାବେଳେ ଅନିୟମିତତାର ଗନ୍ଧ ବାରିଥିଲା ପ୍ରଶାସନ। ତତ୍କାଳୀନ ଜିଲାପାଳଙ୍କ ନିର୍ଦ୍ଦେଶକ୍ରମେ ୨୦୧୫ରେ ଏହାକୁ ବନ୍ଦ କରିଦିଆଯାଇଥିଲା। ଏହାପରେ ବେଲଟିକିରିରେ ପୁଣି ଥରେ ମୁଣ୍ଡ ଟେକିଥିଲା ଏହି ବେଆଇନ ଅନୁଷ୍ଠାନ। ☞ ପୃଷ୍ଠା–୨


ଧରିତ୍ରୀ ଜନ୍ମଦିନ ବିଶେଷାଙ୍କ

**ହକି ଓଡ଼ିଶାରେ ବିଶ୍ୱ**

ଧରିତ୍ରୀର ୪୫ତମ ଜନ୍ମଦିନ ଅବସରରେ ପ୍ରକାଶ ପାଇଛି ଆକର୍ଷଣୀୟ ବିଶେଷାଙ୍କ 'ହକି ଓଡ଼ିଶାରେ ବିଶ୍ୱ'। ଭୁବନେଶ୍ୱରର କଳିଙ୍ଗ ଷ୍ଟାଡିୟମରେ ଆୟୋଜିତ ହେଉଛି ଚତୁର୍ଦ୍ଦଶ ପୁରୁଷ ହକି ବିଶ୍ୱକପ୍। ଏହି ପ୍ରେକ୍ଷାପଟରେ ଓଡ଼ିଶା ହକିର ଅନ୍ତର୍ଡ଼ିଶାଳ ସୁନ୍ଦରଗଡ଼ ତଥା ହକି ସମ୍ପର୍କିତ ବିଭିନ୍ନ ପ୍ରସଙ୍ଗକୁ ନେଇ ଆଲେଖ୍ୟ ସହ ଏଥିରେ ରହିଛି ୨୦୧୯: ସିଂହାସନ ପାଇଁ ସଜବାଜ, ହାର୍ଡୱର୍କ ନୁହେଁ ସ୍ମାର୍ଟୱର୍କ, #ମି ଟୁ: ପୁରୁଷ–ଆଧିପତ୍ୟରେ ଚଡ଼କ, ପ୍ଲାଷ୍ଟିକ୍ ଆବର୍ଜନା : ପରିଚାଳନା ଓ ବିକଳ୍ପ, ଶର୍ଟ ଫିଲ୍ମ: ଅଳ୍ପ ଅବଧି, ବେଶୀ ବାର୍ତ୍ତା, ପରଦେଶରେ ଦେଶୀ ଫ୍ୟାଶନ୍। ବିଶିଷ୍ଟ ସାହିତ୍ୟିକା ଡ. ପ୍ରତିଭା ରାୟଙ୍କ ସହ ସାକ୍ଷାତ୍‌କାର ସମେତ ପ୍ରବୀଣ ନବୀନଙ୍କ ଗଳ୍ପ, ପ୍ରବନ୍ଧ, କବିତା ସମ୍ଭାରରେ ଏହି ସଂଖ୍ୟା ସମୃଦ୍ଧ।

**ମୂଲ୍ୟ: ୮୦**




ଧରିତ୍ରୀ ବିତରକଙ୍କ ପାଖରେ ଏହି ବିଶେଷାଙ୍କ ଉପଲବ୍ଧ

**ଯୋଗାଯୋଗ:** ମନୋଜ ମହାନ୍ତି (ସମ୍ବଲପୁର–୭୦୦୮୫୦୬୮୧୦)

**ସମ୍ବଲପୁର/ବୌଦ୍ଧ/ଦେବଗଡ଼:** ଶ୍ରଦ୍ଧାଂଶୁ ମହାପାତ୍ର (୭୦୦୮୯୨୧୭୯୧), **ବରଗଡ଼/ବଲାଙ୍ଗୀର/ସୋନପୁର:** ନରୋତ୍ତମ ଜେନା (୯୩୪୮୨୦୯୫୩୪), **କଳାହାଣ୍ଡି/ନୂଆପଡ଼ା:** ଶୁଭ୍ରାନ୍ତ ସ୍ୱାଇଁ (୮୪୮୦୨୨୯୬୦୫), **ସୁନ୍ଦରଗଡ଼/ରାଉରକେଲା/ଝାରସୁଗୁଡ଼ା:** ଶ୍ରୀକାନ୍ତ ମହାନ୍ତି (୯୦୪୦୭୧୬୫୮୬)

ଦୂରଭାଷ: ୦୬୬୪–୨୫୮୦୧୦୧/୨୫୪୯୩୦୨



ନିର୍ବୋଧମାନଙ୍କ ଅଭିଧାନରେ ହିଁ ଅସମ୍ଭବ ଶବ୍ଦର ସ୍ଥାନ ପାଇଥାଏ।
- ନେପୋଲିୟନ ବୋନାପାର୍ଟ


## ଜନ୍ମଦିନର ଶୁଭେଚ୍ଛା

ନାମ: ....................................
ବୟସ:....................................
ଜନ୍ମ ତାରିଖ: ..............................



ବାପୁନି
ପରିବାରବର୍ଗ



ରୁହି
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।





**BRIDE WANTED**

Dhoba groom Oracle Engineer 32, Bank 29, Infosys 28+. 8594926181. D-65088

Wanted bride for 44 age Govt. Service widower groom. Contact: 9861136268. D-64921

Divorcee groom Lecturer 39, Railway 40, Manager 35. 7873374269. D-65090

Brahmin boy 1989/6' B.Tech software engineer Kolkata require professional housewife. 9338229705, 8339083230. D-64756

ଚାର୍ଟାର୍ଡ ଆକାଉଣ୍ଟାଣ୍ଟ ବ୍ରାହ୍ମଣ ପୁଅ ପାଇଁ କନ୍ୟା ଆବଶ୍ୟକ। ରାଶି ୧୨/୫ ୨୯ ବର୍ଷ। ଗଞ୍ଜାମ ଜିଲ୍ଲା। ଯୋଗାଯୋଗ: ୭୩୨୫୯୬୨୧୯୦. ଧ-୪୯୨୮୩

Handsome Telugu boy 26+ Nationalise Bank PO in Orissa. 9437555525. D-58019

**GROOM WANTED**

Bhubaneswar based 29-32 aged groom required for Khandayat girl, beautiful, slim, 28, 5'3", MA. 9437101739. D-64548

Divorcee bride Bank 35, Lecturer 34, Teacher 39. Samadhan: 8594926181. D-65089

44 ବର୍ଷ Revenue Departmentରେ Village Accountant ଭାବେ କାର୍ଯ୍ୟରତ ବିଧବା ଝିଅ ପାଇଁ ଯେକୌଣସି ଜାତିର ଛାଡପତ୍ର ଥିବା ବା ପିଲାଛୁଆ ଥିବା ବରପାତ୍ର ଆବଶ୍ୟକ। 7377689793. D-63736

Now Matrimonial ads. only on Wednesday & Sunday Book 1 Get 1 FREE

Alliance invited for a 5'4"/ 27 years fair and beautiful Odia Kshatriya (Khandayat) girl with B.Tech and MBA working in MNC at Bangalore. Father retired senior Executive of a PSB. Contact: 9619485527, 9167149844. D-9765

**Very beautiful girl Engineer, fair 5.2". Kumbha, Kshatriya, father Rourkela Steel Plant. General Caste. Contact: 8895504388.** D-9739

Beautiful Khandayat girl 1988, 5'5" BDS ownclinic, Bhubaneswar. "Sunasansar". 9937512659. D-9824

ଡିଭୋର୍ସି ଝିଅ ପାଇଁ ପାତ୍ର ଆବଶ୍ୟକ (ପିଲାଥିବା ପାତ୍ରକୁ ଅଗ୍ରାଧିକାର ଦିଆଯିବ) 9114866590. D-9781

# classified



real estate

**SALE**

30' road patta gharabari boundary residential plot at Benupur near Hanspal (100' road side). 9437033320. D-64373

Litigation free plots near Xavier University/ Birla School BDA Zone, Bhubaneswar. Sqft.-250/-,160/-. 9937746907, 9337259012. D-64382

Ready 2BHK/ 3BHK flats for sale at Patia. 7008346486, 9937009250. D-65213

Duplex bangalow 4BHK 95,00,000/- at Pokhariput, Bhubaneswar. Contact: 9861125539, 9040521173. D-58014

ଭୁବନେଶ୍ୱର ମହାବୀର Engineering କଲେଜ backside ଘରବାରି boundarywall ପ୍ଲଟ ମିଳୁଅଛି। 8338932027. D-64386

ଭୁବନେଶ୍ୱର AIIMS Hospital ନିକଟରେ 30' road, ଘରବାରି plot sale. 8480745797. D-64387

Gharabari yellow zone 1650 sqft. plot with boundary for sale at Malipada. Litigation free. Sthitiban yellow zone 3000 sqft. plot for sale at Ranasinghpur AIIMS Hospital. Contact: 7008408396, 9348019300. D-9760

Rera approved flat/ duplex under BMC ready to move/under construction at Jharpada, Sundarpada, Patrapada, Patia, KEC, Nakhara. Contact: 7008917397. D-9834

3BHK duplex, flats, residential boundary plots at Hanspal, Pahal, Patia, Sundarpada. 8847887273. D-9820

Fully furnished triplex building carpt area 2250 sqft. near Big Bazar, Palasuni, Metro Satellite. 8637268457, 7008561091. D-9821

ସୁନ୍ଦରପଦା Hitech ପାଖରେ 100' and 50' Revenue Roadଥାଇ 2ଟି ଘରବାରି ବାଉଣ୍ଡାରି ପ୍ଲଟ ବିକ୍ରିହେବ। (sqft. 600/-) 9777236619. D-64389

Book 3BHK duplex house at Jagamara Bhubaneswar having land area 1260 sqft. and 1900 sqft. construction area, Price: 77 lakh. 9078151122. D-65220

Book 3BHK duplex house at Jagamara, Bhubaneswar having land area 1400 sqft. and 2000 sqft. construction area, Price: 74 lakh. 9078151122. D-65221

Instant registration possession plot available AIIMS Hospital, Bhubaneswar. 9938670164, 6370907396. D-65222

**୧୦୦ତମ ଜନ୍ମବାର୍ଷିକ ଶୁଭେଚ୍ଛା**



**ସତ୍ୟଭାମା ପଣ୍ଡା**
ସ୍ୱାମୀ-ସ୍ୱର୍ଗତ ବୈକୁଣ୍ଠ ନାଥ ପଣ୍ଡା
ନି-ଗୋବିନ୍ଦପାଲି, ପୋ-ଚିପିଲିମା,
ଥା-ବୁର୍ଲା, ଜି-ସମ୍ବଲପୁର
ଏକଶତ ତମ ଜନ୍ମଦିବସ ଅବସରରେ ଅନେକ ଅନେକ ଶୁଭେଚ୍ଛା। **ଜଗତରାମ ପଣ୍ଡା, ବାସୁଦେବ ପଣ୍ଡା, ମହେନ୍ଦ୍ର ପଣ୍ଡା, ଦେବେନ୍ଦ୍ର ପଣ୍ଡା, ଝିଅ, ଜ୍ୱାଇଁ ଏବଂ ସମସ୍ତ ପରିବାର ଓ ବନ୍ଧୁବର୍ଗ।** ଧ-୯୮୩୧

**ପାଠକଙ୍କ ପାଇଁ ସୂଚନା:** କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

**ମନେ ପଡ଼ନ୍ତି**

ଏକାଦଶାହ ଉପଲକ୍ଷେ
ଶ୍ରଦ୍ଧାଞ୍ଜଳି



**ୱ ବିଜୟ କୁମାର ମହାନ୍ତି**
ଏମ୍‌ସ୍ ନଗର, ପାତ୍ରପଡା, ଭୁବନେଶ୍ୱର
ଆର୍ବିଭାବ - ତା. ୨୦.୦୩.୧୯୪୮
ତିରୋଧାନ - ତା. ୨୬.୧୧.୨୦୧୮
ତୁମର ଅମର ଆତ୍ମାର ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ପାଦପଦ୍ମରେ ବିନମ୍ର ପ୍ରାର୍ଥନା କରୁଅଛୁ।
ଶୋକସନ୍ତପ୍ତ:-
ପରିବାର ବର୍ଗ ଓ ଆତ୍ମୀୟସ୍ୱଜନ
ଧ-୯୮୩୫


# 'ଇଣ୍ଡିଆନ୍ ୨' ହେବ ଶେଷ ସିନେମା

କୋଚି

ସିନେମା ଜଗତର ଉଚ୍ଚକୋଟୀର ସଫଳ ଅଭିନେତା କମଲ ହାସନ ରାଜନୀତିରେ ପାଦ ଥାପିଛନ୍ତି। ସେ 'ମକ୍କଲ୍ ନିଧି ମାଇମ୍' ନାମକ ଏକ ଦଳ ମଧ ଗଢ଼ିଛନ୍ତି। ଏବେ ସେ ପୂର୍ଣ୍ଣମାତ୍ରାରେ ଦଳ ପାଇଁ ସମର୍ପିତ ହେବାକୁ ନିଷ୍ପତ୍ତି କରିଛନ୍ତି। ୧୯୯୬ରେ ମୁକ୍ତିଲାଭ କରିଥିବା ତାଙ୍କ ଅଭିନୀତ ଚଳଚ୍ଚିତ୍ର 'ଇଣ୍ଡିଆନ' ଧାରାରେ ନିର୍ମିତ ହେବାକୁ ଥିବା 'ଇଣ୍ଡିଆନ ୨'ରେ ସେ ଶେଷଥର ପାଇଁ ଅଭିନୟ କରିବେ ବୋଲି କହିଛନ୍ତି। ଖ୍ୟାତନାମା ନିର୍ଦ୍ଦେଶକ ଏସ୍. ଶଙ୍କରଙ୍କ ନିର୍ଦ୍ଦେଶିତ ଏହି ଚଳଚ୍ଚିତ୍ର ପରେ ସେ କେବଳ ରାଜନୀତି ହିଁ କରିବେ ବୋଲି କେରଳର କୋଚିଠାରେ ଆୟୋଜିତ ଏକ କାର୍ଯ୍ୟକ୍ରମରେ ଯୋଗଦେଇ ଜଣାଇଛନ୍ତି। ଦୀର୍ଘ ୨ ଦଶନ୍ଧିର ବ୍ୟବଧାନ ପରେ ନିର୍ଦ୍ଦେଶକ ଶଙ୍କରଙ୍କ ସହ ସେ ତାଙ୍କ ଅଭିନୟ ଜୀବନର ଶେଷ ସିନେମା କରିବାକୁ ଯାଉଥିବା ସ୍ପଷ୍ଟ କରିଥିବାବେଳେ ୨୦୧୯ ଲୋକସଭା ନିର୍ବାଚନରେ ତାମିଲନାଡୁରୁ ତାଙ୍କ ଦଳ ପ୍ରାର୍ଥୀ ଛିଡ଼ା କରାଇବାକୁ ପ୍ରସ୍ତୁତି ଚଳାଇଥିବା କହିଛନ୍ତି। ଡିସେମ୍ବର ୨ରୁ 'ଇଣ୍ଡିଆ ୨'ର ସୁଟିଂ ଆରମ୍ଭ ହେବ। ଏଥିରେ କାଜଲ ଅଗ୍ରୱାଲ ତାଙ୍କ ସହ ମୁଖ୍ୟ ଭୂମିକା ନିର୍ବାହ କରିବେ ବୋଲି ସେ ପ୍ରକାଶ କରିଛନ୍ତି।



■ପଡ଼ାଗ୍ରାମକୁ ରାଜସ୍ୱ ଗ୍ରାମରେ ପରିଣତ କରିବା ପ୍ରସଙ୍ଗ

# ମାର୍ଗଦର୍ଶିକାକୁ କୋହଳ କରିବା ନେଇ ବିଚାରବିମର୍ଶ

ଭୁବନେଶ୍ୱର,୪।୧୨(ବ୍ୟୁରୋ)

ରାଜସ୍ୱ ବିଭାଗ ପକ୍ଷରୁ ପଡ଼ାଗ୍ରାମକୁ ରାଜସ୍ୱ ଗ୍ରାମରେ ପରିଣତ କରିବା ପାଇଁ ପଦକ୍ଷେପ ଗ୍ରହଣ କରାଯାଉଛି। ଏହି ପରିପ୍ରେକ୍ଷୀରେ ମଙ୍ଗଳବାର ଏକ ସମୀକ୍ଷା ବୈଠକ ସଚିବାଳୟରେ ବିଭାଗୀୟ ମନ୍ତ୍ରୀ ମହେଶ୍ୱର ମହାନ୍ତିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ବୈଠକରୁ ମିଳିଥିବା ତଥ୍ୟ ଅନୁଯାୟୀ ବର୍ତ୍ତମାନ ୪୦୪୭ ପଡ଼ାଗ୍ରାମକୁ ରାଜସ୍ୱ ଗ୍ରାମରେ ପରିଣତ କରିବା ପାଇଁ ପ୍ରସ୍ତାବ ରହିଛି। ଏହା ଜିଲାସ୍ତରରେ ଜିଲାପାଳଙ୍କ କାର୍ଯ୍ୟାଳୟରେ ବିଚାରାଧୀନ ରହିଛି। ଏଥିପାଇଁ ପ୍ରଚଳିତ ମାର୍ଗଦର୍ଶିକାକୁ କୋହଳ କରିବାର ଆବଶ୍ୟକତା ଉପରେ ବୈଠକରେ ବିଚାରବିମର୍ଶ ହୋଇଛି। ରାଜସ୍ୱ ଗ୍ରାମ ବିବେଚନା ନିମନ୍ତେ ପଡ଼ାଗ୍ରାମଗୁଡ଼ିକ ମୂଳ ରାଜସ୍ୱ ଗ୍ରାମଠାରୁ ଅଧକିଲୋମିଟର ଦୂରରେ ଅବସ୍ଥିତ ହୋଇଥିବା। ଏହାର ଜନସଂଖ୍ୟା ୨୫୦ରୁ ଅଧିକ ହୋଇଥିବା। ସେହିପରି ପଡ଼ାଗ୍ରାମଟି ମୂଳରାଜସ୍ୱ ଗ୍ରାମର ଅଧକିଲୋମିଟର ମଧରେ ଅବସ୍ଥିତ ହୋଇଥିଲେ ଏହାର ଲୋକସଂଖ୍ୟା ୩୦୦ରୁ ଅଧିକ ହୋଇଥିବା ଆବଶ୍ୟକ। ତୃତୀୟରେ ପଡ଼ାଗ୍ରାମର ଲୋକସଂଖ୍ୟା ୨୫୦ ରୁ କମ୍ ହୋଇଥିଲେ ମଧ ରାଜସ୍ୱ ଗ୍ରାମଠାରୁ ପ୍ରାକୃତିକ ଉପାୟରେ ଅଲଗା ହୋଇଥିବ ତେବେ ଏହାକୁ ରାଜସ୍ୱ ଗ୍ରାମ ଭାବେ ବିବେଚନା କରାଯିବ। ଏତଦ୍‌ବ୍ୟତୀତ ପଡ଼ାଗ୍ରାମର ଗୋଚର ଜମି, ଶ୍ମଶାନ ଜମି ଓ ସାଧାରଣ ଲୋକଙ୍କ ବ୍ୟବହାର ପାଇଁ ଓ ଉନ୍ନୟନ କାର୍ଯ୍ୟ ନିମନ୍ତେ ଉପଲବ୍ଧ ସରକାରୀ ଜମି ଆଦିକୁ ମଧ ବିଚାରକୁ ନିଆଯିବ। ପ୍ରଚଳିତ ମାର୍ଗଦର୍ଶିକା ଅନୁଯାୟୀ ପଡ଼ାଗ୍ରାମର ୫ ପ୍ରତିଶତ ଗୋଚର ଏବଂ ୧୦ ପ୍ରତିଶତ ଆବାଦଯୋଗ୍ୟ ଅନାବାଦୀ ଜମି ହୋଇଥିବା ଆବଶ୍ୟକ।

■ଭାଜପା ରାଜ୍ୟ ସଭାପତିଙ୍କ ବିକ୍ଷୋଦ୍‌ଗାର

# ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା ଧୂଆଁବାଣ: ବସନ୍ତ ପଣ୍ଡା

ନୂଆପଡା ଅଫିସ,୪।୧୨

ରାଜ୍ୟ ସରକାର ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା କାର୍ଯ୍ୟକାରୀ କରୁଛନ୍ତି। ଯୋଜନା କେବଳ କାଗଜ କଲମରେ ରହିଛି। ଯୋଜନା ଅଛି ହେଲେ ଲୋକଙ୍କୁ କୌଣସି ଚିକିତ୍ସା ସେବା ମିଳିପାରୁନାହିଁ। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଯେଉଁ ବର୍ତ୍ତମାନ ସୁଦ୍ଧା ୧ କୋଟି ୧୦ ଲକ୍ଷ ଲୋକଙ୍କୁ ସେବା ଦେଇଥିବା କହୁଛନ୍ତି। ଏହା ସମ୍ପୂର୍ଣ୍ଣ ଭାବେ ମିଛ ଏବଂ ଅମୂଳକ। ମୁଖ୍ୟମନ୍ତ୍ରୀ ମିଛର ସୌଦାଗର। ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା ଧୂଆଁବାଣ। ନୂଆପଡା ଜିଲା ସମେତ ରାଜ୍ୟବ୍ୟାପୀ ସ୍ୱାସ୍ଥ୍ୟସେବା ନ ପାଇ ଲୋକେ ତଳିତଳାନ୍ତ ହେଉଛନ୍ତି ବୋଲି ମଙ୍ଗଳବାର ମଧ୍ୟାହ୍ନରେ ସ୍ଥାନୀୟ ଜିଲା ଭାଜପା କାର୍ଯ୍ୟାଳୟରେ ଆହୂତ ଏକ ଖବରଦାତା ସମ୍ମିଳନୀରେ ଭାଜପା ରାଜ୍ୟ ସଭାପତି ବସନ୍ତ ପଣ୍ଡା ଏହା କହିଛନ୍ତି। ଏହି ସମ୍ମିଳନୀରେ ସୂଚନା ଦେଇ ସେ କହିଥିଲେ ଯେ ଜିଲା ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନାରେ ବୁର୍ଲା ବୀର ସୁରେନ୍ଦ୍ର ସାଏ ମେଡିକାଲ, ବ୍ରହ୍ମପୁର କିମ୍ବା କଟକ ବଡ ମେଡିକାଲକୁ ସାମିଲ କରାଯାଇପାରିନାହିଁ। ଏଠିକାର ରୋଗୀ ଆଉ କେମିତି ସେବା ପାଇପାରିବେ ବୋଲି କହିଥିଲେ। ସେ ଉଦାହରଣ ଦେଇ କହିଥିଲେ ଯେ, ସ୍ଥାନୀୟ ଦିଆମୁଣ୍ଡା ଗାଛର ଚନ୍ଦ୍ର ଧରୁଆ ନାମକ ଜଣେ ହୃଦ ରୋଗୀ ଆଜିକୁ ବହୁଦିନ ଧରି ଚିକିତ୍ସା ସେବା ପାଇବାକୁ ଏଣେତେଣେ ଦୌଡିବୁଲୁଛନ୍ତି। ଜଣେ ରାଜନୈତିକ ମଧ୍ୟସ୍ଥ ସେବା ଯୋଗାଇଦେବା ନାଁରେ ୧୧ ହଜାର ଟଙ୍କା ନେଇ ଚମ୍ପଟ ମାରିଛନ୍ତି। ସେହିଭଳି ଭାଜପାର ଜନପରାମର୍ଶ ଯାତ୍ରା ସମୟରେ ଜଣାପଡିଛି ଯେ ଭେଲା ଗାଁର ଲକ୍ଷ୍ମଣ କୁମ୍ଭାର, ହାତୀସରାର ଶଙ୍କର ସୁନାନୀ ନାମକ ଦୁଇ ଜଣ ହୃଦ ରୋଗୀ ଅର୍ଥ ଅଭାବରୁ ଚିକିତ୍ସା ସେବା ପାଇପାରୁ ନ ଥିବା ଅଭିଯୋଗ ହୋଇଛି। ତେବେ ପ୍ରଶାସକ ଏବଂ ଶାସକଙ୍କ ହାତରେ ଯୋଜନା ଥାଇ ମଧ୍ୟ କାହିଁକି ଆର୍ତ୍ତ ଚିତ୍କାର କରୁଛନ୍ତି ବୋଲି ରାଜ୍ୟ ସଭାପତି ପଣ୍ଡା ପ୍ରଶ୍ନ କରିଛନ୍ତି। ଖବରଦାତା ସମ୍ମିଳନୀରେ ରାଜ୍ୟ କାର୍ଯ୍ୟକାରିଣୀ ଯଦୁମଣି ପାଣିଗ୍ରାହୀ, ଜିଲା ସମ୍ପାଦକ ସୁଶାନ୍ତ ପତି, ଗୋଲଡି ଅଗ୍ରୱାଲ, ମନିଜର ଆର୍ଯ୍ୟ ପ୍ରମୁଖ ଉପସ୍ଥିତ ଥିଲେ।

# ୭ରେ ବର୍ଷା ସମ୍ଭାବନା

**ଟ୍ରଫ ଲାଇନ**

ଭୁବନେଶ୍ୱର,୪।୧୨(ବ୍ୟୁରୋ)

ମଧ ଭାରତରେ ଏକ ଟ୍ରଫ ଲାଇନ ସୃଷ୍ଟି ହୋଇଛି। ଏହା ଧୀରେ ଧୀରେ ଓଡ଼ିଶା ଉପକୂଳ ଆଡକୁ ଆସୁଛି। ଆସନ୍ତା ୭ ତାରିଖ ବେଳକୁ ଆଭ୍ୟନ୍ତରୀଣ ଏବଂ ଉପକୂଳ ଓଡ଼ିଶାରେ ଘଡ଼ଘଡ଼ି ସହ ବର୍ଷା ହେବାର ସମ୍ଭାବନା ରହିଛି। କେତେକ ସ୍ଥାନରେ ପ୍ରବଳ ବର୍ଷା ହେବ ବୋଲି ଆଞ୍ଚଳିକ ପାଣିପାଗ କାର୍ଯ୍ୟାଳୟ ପକ୍ଷରୁ ପୂର୍ବାନୁମାନ କରାଯାଇଛି। ଆଭ୍ୟନ୍ତରୀଣ ଏବଂ ଉପକୂଳ ଓଡ଼ିଶାରେ ଶୀତର ପ୍ରକୋପ ହ୍ରାସ ପାଇଛି। ସର୍ବନିମ୍ନ ତାପମାତ୍ରା ୨ରୁ ୩ ଡିଗ୍ରୀ ବୃଦ୍ଧି ପାଇଛି। କେବଳ ଗୋଟିଏ କିମ୍ବା ଦୁଇଟି ସ୍ଥାନକୁ ବାଦ ଦେଲେ ରାଜ୍ୟର ଅନ୍ୟାନ୍ୟ ଭାଗରେ ପାରଦ ୧୫ରୁ ୧୮ ଡିଗ୍ରୀ ସେଲସିୟସ ମଧରେ ରହୁଥିବା ବେଳେ ସର୍ବୋଚ୍ଚ ତାପମାତ୍ରା ୨୯ରୁ ୩୨ ଡିଗ୍ରୀ ସେଲସିୟସ ଉପରେ ରହୁଛି। ଏହାଛଡା ଉତ୍ତର ଦିଗରୁ ପ୍ରବାହିତ ବାୟୁ ହଠାତ ଦିଗ ପରିବର୍ତ୍ତନ କରି ଦକ୍ଷିଣ ପଶ୍ଚିମ ଦିଗରୁ ବହୁଛି। ଏଥିଯୋଗୁ ସମୁଦ୍ର ଆଡୁ ଜଳୀୟବାଷ୍ପ ମିଶା ବାୟୁ ରାଜ୍ୟ ଭିତରକୁ ପ୍ରବେଶ କରିବା ଯୋଗୁ ରାଜ୍ୟରେ ସର୍ବନିମ୍ନ ତାପମାତ୍ରା ତଳକୁ ଖସି ଯାଇଛି। ମଙ୍ଗଳବାର ଫୁଲବାଣୀରେ ରାଜ୍ୟର ସର୍ବନିମ୍ନ ତାପମାତ୍ରା ୮ଡିଗ୍ରୀ ସେଲସିୟସ ରେକର୍ଡ କରାଯାଇଥିବା ବେଳେ ଦାରିଙ୍ଗିବାଡି ୧୦, ଟିଟିଲାଗଡ଼ ୧୩, ସୋନପୁର ୧୩.୨, କୋରାପୁଟ ୧୨.୬ ଡିଗ୍ରୀ ସେଲସିୟସ ରେକର୍ଡ କରାଯାଇଛି।

## ପ୍ରଥମ ପୃଷ୍ଠାରୁ...

### ମାର୍ଚ୍ଚ ସୁଦ୍ଧା ୧୬...

ପଦକ୍ଷେପ ନ ନେବା ଲାଗି ରିଭିଜନାଲ ଅଥରିଟି ସ୍ଥଗିତାଦେଶ ଦେଇଛନ୍ତି। ଅନ୍ୟ ୬ଟି ଖଣି ସ୍ଥଗିତାଦେଶ ପାଇବାରେ ବିଫଳ ହୋଇଥିବାରୁ ସେଗୁଡ଼ିକର ଲିଜ୍‌କୁ ବାତିଲ କରାଯାଇଛି। ଜରିମାନା ଦେଇ ନ ଥିବା ଲିଜ୍‌ଧାରୀଙ୍କ ବିରୋଧରେ ସାର୍ଟିଫିକେଟ କେସ୍ କରିବାକୁ ଜିଲାପାଳମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ଉପରୋକ୍ତ ୬ଟି ଖଣି ଉପରେ କୌଣସି ଆଇନଗତ ପ୍ରତିବନ୍ଧକ ନ ଥିଲେ ସେଗୁଡ଼ିକ ନିଲାମ କରାଯିବ ବୋଲି ମନ୍ତ୍ରୀ କହିଛନ୍ତି। ସୂଚନା ଥାଉ କି, ଜଙ୍ଗଲ ଏବଂ ପରିବେଶ ଅନୁମତି ନେଇ ନ ଥିବା ୧୫୨ ଖଣି ଲିଜ୍‌ଧାରୀଙ୍କଠାରୁ ୨୦୧୭ ଡିସେମ୍ବର ୩୧ ସୁଦ୍ଧା ଶତ ପ୍ରତିଶତ ଜରିମାନା ଆଦାୟ କରିବାକୁ ସୁପ୍ରିମକୋର୍ଟ ରାଜ୍ୟ ସରକାରଙ୍କୁ ନିର୍ଦ୍ଦେଶ ଦେଇଥିଲେ। ରାଜ୍ୟ ସରକାରଙ୍କ ହିସାବ ଅନୁଯାୟୀ ବେଆଇନ ଖଣିଗୁଡ଼ିକରୁ ୧୭ ହଜାର ୫୦୦ କୋଟି ଟଙ୍କା ଜରିମାନା ଆଦାୟ କରିବାକୁ ନିଷ୍ପତ୍ତି ହୋଇଥିଲା। ମିଳିଥିବା ସୂଚନା ଅନୁଯାୟୀ ଏ ପର୍ଯ୍ୟନ୍ତ ୧୪ ହଜାର କୋଟି ଟଙ୍କା ଜରିମାନା ଆଦାୟ କରାଯାଇଛି। ଲିଜ୍ ବାତିଲ ହୋଇଥିବା ୬ଟି ଖଣି ଓ ସ୍ଥଗିତାଦେଶ ଥିବା ଖଣି ଉପରେ ପ୍ରାୟ ୪ ହଜାର କୋଟି ଟଙ୍କାର ଜରିମାନା ରାଶି ରହିଛି। କେନ୍ଦ୍ର ସରକାର ରହିତାଦେଶ ଦେଉଥିବାରୁ ଜରିମାନା ଦେଇ ନ ଥିବା ଖଣି ଲିଜ୍‌ଧାରୀଙ୍କ ବିରୋଧରେ ରାଜ୍ୟ ସରକାର କୌଣସି କାର୍ଯ୍ୟାନୁଷ୍ଠାନ ନେଇ ପାରୁନାହାନ୍ତି। ଯେଉଁ ଖଣିଗୁଡ଼ିକ ବନ୍ଦ ରହିଛି ସେଗୁଡ଼ିକରୁ ଜରିମାନା ଅର୍ଥ ଆଦାୟ କରିବା ସମ୍ଭବ ହେଉ ନାହିଁ। କେବଳ ସାର୍ଟିଫିକେଟ୍ କେସ୍ କରି ବସିବା ଛଡ଼ା ଅନ୍ୟ ଉପାୟ ନାହିଁ। ଜରିମାନା ଫାଙ୍କୁଥିବା ଲିଜ୍‌ଧାରୀମାନଙ୍କର ସମ୍ପତ୍ତିକୁ ଜବତ କରିବା ପାଇଁ ବ୍ୟବସ୍ଥା ଥିଲେ ମଧ ତାହା ଆକଳନ କରିବା ସହଜ ହେଉ ନାହିଁ। ଏଥିଯୋଗୁ ଜରିମାନା ଅର୍ଥ ଆଦାୟ ହୋଇପାରୁ ନାହିଁ ବୋଲି ଇସ୍ପାତ ଓ ଖଣି ବିଭାଗର ଜଣେ ବରିଷ୍ଠ ଅଧିକାରୀ କହିଛନ୍ତି।

### ଲାଗିଛି ବିପୁଳ ...

ଏ ସମ୍ପର୍କରେ ଜିଲା ଶିଶୁ ସୁରକ୍ଷା ବିଭାଗ ଏବଂ ପ୍ରଶାସନ ଅବଗତ ଥିବା ଅନୁଷ୍ଠାନର ଜଣେ କର୍ମଚାରୀ ନାମ ଗୋପନ ରଖି କହିଛନ୍ତି। ଜିଲା ସଦରଠାରୁ ୧୩ କିମି ଦୂରରେ ଥିବା ସଂସ୍ଥା ବିଷୟରେ ଜିଲା ଶିଶୁ ସୁରକ୍ଷା ବିଭାଗ କିପରି ଜାଣିପାରିଲାନି ତାହା ଏବେ ସୃଷ୍ଟି କରିଛି ସନ୍ଦେହର ବଳୟ। ଏପରି ପ୍ରଶାସନିକ ଦାୟିତ୍ୱହୀନତାକୁ ନେଇ ଉଦ୍‌ବେଗ ବ୍ୟକ୍ତ କରିଛନ୍ତି ସାମାଜିକକର୍ମୀ। ଜିଲାର ସମସ୍ତ ଶେଲ୍‌ଟର ହୋମକୁ ସରକାରୀ ପଞ୍ଜୀକରଣ, ସାର୍ଟିଫିକେଟ ଯାଞ୍ଚ ଲାଗି ପ୍ରଶାସନ ପକ୍ଷରୁ କମିଟି ଗଠନ ଏବଂ ପ୍ରତିମାସରେ ଏହାର ସମୀକ୍ଷା କରିବାକୁ ଇଣ୍ଟରନ୍ୟାଶନାଲ ହ୍ୟୁମାନ ରାଇଟ୍ସ କାଉନ୍‌ସିଲ ରାଜ୍ୟ ସଭାପତି ସସ୍ମିତା ଦାସ, ଉପସଭାପତି ସମ୍ପିତ ମହାନ୍ତି, ତାପସ ପଣ୍ଡା, ସୁଷମା ଦାସ ପ୍ରମୁଖ ଏସ୍‌ପିଙ୍କୁ ଲିଖିତ ଭାବେ ଦାବିପତ୍ର ଦେଇଛନ୍ତି। ବୁଧବାର ଅପରାହ୍ନ ୫ଟାରେ ରେହମାନ୍‌ଙ୍କ ରିମାଣ୍ଡ ଅବଧି ଶେଷ ହେବ। ଜେରା ସମୟରେ ଆହୁରି ଅନେକ ତଥ୍ୟ ପଦାକୁ ଆସିବା ନେଇ ପୋଲିସ ଆଶାବାଦୀ। ଏ ସମ୍ପର୍କରେ ଏସ୍‌ପି କୁହନ୍ତି, ଅଭିଯୁକ୍ତ ରେହମାନଙ୍କୁ ପଚରାଉଚୁରା ଚାଲିଛି। ଅନୁଷ୍ଠାନ ପଶ୍ଚିମବଙ୍ଗରେ ପଞ୍ଜୀକୃତ ହୋଇଛି। ଏଥିରେ ବିଦେଶୀ ପାଣ୍ଠି ଲାଗିଥିବା ସୂଚନା ମିଳିଛି। ତଦନ୍ତ ପରେ ସମସ୍ତ ବିଷୟ ସ୍ପଷ୍ଟ ହେବ।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ

**ମେଷ**
ଆଜି ବିଶାଖା ନକ୍ଷତ୍ରସ୍ଥ ଚନ୍ଦ୍ର ଆପଣଙ୍କୁ ଧାର୍ମିକ କିମ୍ବା ଆନୁଷ୍ଠାନିକ କାର୍ଯ୍ୟ ସକାଶେ ନିୟୋଜିତ କରିପାରନ୍ତି। କର୍ମାଧିପ ଶନି ସ୍ୱଭାବରୁ ଦ୍ୱାଦଶସ୍ଥ ଯୋଗୁ ଅଫିସ୍ କାମରେ ବୁଝାମଣା ନେଇ ତିକ୍ତତା ଦେଖାଦେଇପାରେ। ତର୍କବିତର୍କର ଶେଷପର୍ଯ୍ୟାୟରେ ବନ୍ଧୁ ସାହାଯ୍ୟ ସହଯୋଗର ଦୃଢ ପ୍ରତିଶ୍ରୁତି ଦେବେ। ଅତୀତ କଥାକୁ ଆଲୋଚନା କରି ପାରିବାରିକ ସମସ୍ୟାକୁ ବଢ଼ାନ୍ତୁ ନାହିଁ।

**ବୃଷ**
ବକ୍ରୀ ବୁଧ ଅନୁରାଧା ନକ୍ଷତ୍ରସ୍ଥ ଯୋଗୁ ଅଭିଳଷିତ ଦ୍ରବ୍ୟପ୍ରାପ୍ତିରେ ବିଜାତୀୟ ବ୍ୟକ୍ତି ଜଣେ ଅସହଯୋଗ କରିପାରେ। ଶାରୀରିକ ଦୁର୍ବଳତା ଯୋଗୁ କୌଣସି କାମ କରିବାକୁ ଆଗ୍ରହ ପ୍ରକାଶ କରିବେ ନାହିଁ। କର୍ମକ୍ଷେତ୍ରରେ ସମ୍ମାନନୀୟ ବ୍ୟକ୍ତି ବିଶେଷ ଅବଶ୍ୟ ସହାୟତା କରିପାରନ୍ତି। ପରିବାରରେ ମଧ୍ୟାହ୍ନେ ମନରେ ବିରକ୍ତିଭାବ ସୃଷ୍ଟି ହେବ।

**ମିଥୁନ**
ରବି ଜ୍ୟେଷ୍ଠା ନକ୍ଷତ୍ରରେ ରହି ଆର୍ଥିକ ସ୍ଥିତିକୁ ଦୃଢ଼ୀଭୂତ କରିବେ। ଆଲୋଚନା ପରିସରରେ ବନ୍ଧୁଙ୍କ ପରାମର୍ଶକୁ ଗ୍ରହଣ କଲେ ଉପକୃତ ହେବେ। ସନ୍ତାନମାନଙ୍କ ବାଧ୍ୟବାଧକତାରେ ସୌଖୀନ ଦ୍ରବ୍ୟ କ୍ରୟ କରିପାରନ୍ତି। ଯାତ୍ରା ସମୟରେ ଅନ୍ୟମନସ୍କ ହେତୁକ କୌଣସି ଭୁଲ୍ କାମ କରି ଅନୁତପ୍ତ ହେବାକୁ ପଡିପାରେ।

**କର୍କଟ**
ରାହୁ ମିତ୍ର ଶନିଙ୍କ ନକ୍ଷତ୍ର ପୁଷ୍ୟାରେ ଅବସ୍ଥାନ କରି ଯାତ୍ରାକାଳୀନ ସମସ୍ୟାକୁ ସୁଧାରି ନେବେ। ଦୀର୍ଘଦିନରୁ ଭାଙ୍ଗି ପଡିଥିବା ସମ୍ପର୍କ ଆଜି ଆକସ୍ମିକ ଯୋଡ଼ି ହୋଇଯିବ। ଶତ୍ରୁଗୃହୀ ଚନ୍ଦ୍ରଙ୍କ ପ୍ରଭାବରେ ଭାବପ୍ରବଣବଶତଃ ବିରକ୍ତିକର କଥାବାର୍ତ୍ତା କରି ଅପଦସ୍ଥ ହୋଇପାରନ୍ତି। କର୍ମକ୍ଷେତ୍ରରେ ପରକଥାରେ ପ୍ରଭାବିତ ହେଲେ ଭୁଲ୍ ମାର୍ଗର ଅନୁସରଣ କରିବେ।

**ସିଂହ**
ଶୁକ୍ର ବ୍ୟୟଭାବସ୍ଥ ରାହୁ ନକ୍ଷତ୍ରସ୍ଥ ହେତୁ ସହକର୍ମୀ କିମ୍ବା ପଡୋଶିନୀଙ୍କ ସହ ବିବାଦୀୟ ସ୍ଥିତି ସୃଷ୍ଟି ହୋଇପାରେ। ବ୍ୟୟ ବୃଦ୍ଧି ଯୋଗୁ ମାନସିକ ଅବସାଦଜନିତ କୌଣସି କାମ ଉତ୍ସାହପ୍ରଦ ହେବ ନାହିଁ। କର୍ମକ୍ଷେତ୍ରରେ ଈର୍ଷା ପରାୟଣ ବ୍ୟକ୍ତିଙ୍କ ମିଥ୍ୟା ଗୁଜବରେ ଆତଙ୍କିତ ହୁଅନ୍ତୁ ନାହିଁ। ବାଣିଜ୍ୟ,ବ୍ୟବସାୟରେ ସନ୍ତୋଷଜନକ ଫଳ ଦେଖା ଦେଇପାରେ।

**କନ୍ୟା**
କେତୁ ଚତୁର୍ଥସ୍ଥ ହୋଇ ବ୍ୟୟାଧିପ ରବିଙ୍କ ଉତ୍ତରାଷାଢା ନକ୍ଷତ୍ରରେ ରହୁଥିବାରୁ ଗୃହ, ଜମିବାଡି, ଯାନବାହନ ବିକ୍ରିକରିବା ପାଇଁ ପ୍ରବର୍ତ୍ତାଇ ପାରନ୍ତି। କର୍ମକ୍ଷେତ୍ରରେ ହାତକୁ ନେଇଥିବା କାମଗୁଡିକ ଅଟକିବ ନାହିଁ ଏବଂ ସେଥିରେ ଆଶାଜନକ ଫଳ ପାଇବେ। ସରକାରୀ କାମରେ ହଠାତ୍ ବିଶ୍ୱସ୍ତ ସୂତ୍ରରୁ ଶୁଭ ଖବର ଶୁଣି ଖୁସି ହେବେ। ଅର୍ଥ ସମ୍ପର୍କକୁ ନେଇ ଭ୍ରାତୃବିବାଦ ଦେଖାଦେଇ ପାରେ।

**ତୁଳା**
ଧନାଧିପ କୋଣଭାବରେ ଉଚ୍ଚସ୍ଥ ହେଲେ ମଧ ରାହୁଙ୍କ ନକ୍ଷତ୍ରରେ ଅର୍ଥ ସମ୍ବନ୍ଧୀୟ ସମସ୍ୟା ସୃଷ୍ଟି କରିବେ। ପାରିବାରିକ କ୍ଷେତ୍ରରେ ଯୁକ୍ତିଯୁକ୍ତ କଥା କହି ସମସ୍ୟା ସମାଧାନ ପାଇଁ ଚେଷ୍ଟା କଲେ ଉପକୃତ ହେବାର ଆଶା କରାଯାଇପାରେ। ବିଭିନ୍ନ ସୂତ୍ରରୁ ରୋଜଗାର କରିବା ସାଙ୍ଗକୁ ବିଳାସ ବ୍ୟସନରେ ସମୟ ଅତିବାହିତ କରିପାରନ୍ତି।

**ବିଛା**
ରାଶିରେ ତିନୋଟିଗ୍ରହ ଏକାଧିକ କର୍ମରେ ସମ୍ପୃକ୍ତ କରାଇ ବ୍ୟସ୍ତତାକୁ ବଢାଇ ପାରନ୍ତି। ଆଜି ଆପଣ ବନ୍ଧୁଙ୍କ ମେଳରେ ରହିବାର ସୁଯୋଗ ପାଇ ସାମୟିକ ଦୁଃଖକୁ ଭୁଲିପାରିବେ। କେତେକ ପରିସ୍ଥିତିରେ ଇଚ୍ଛା ନ ଥାଇ ମଧ ଖର୍ଚ୍ଚ କରିବାକୁ ବାଧ୍ୟ ହେବେ ଓ ପଶ୍ଚାତେ ମନସ୍ତାପ କରିବାକୁ ପଡିପାରେ। ଦୀର୍ଘଦିନରୁ ଚିନ୍ତା କରିଥିବା କାମଟି ହଠାତ୍ ହୋଇଯିବ।

**ଧନୁ**
ଉପଚୟାଧିପତି ଶନି ପୂର୍ଣ୍ଣଦୃଷ୍ଟିରେ ମଙ୍ଗଳଙ୍କୁ ଦୃଷ୍ଟି ନିକ୍ଷେପ କରି ଜମିଜମା ବିବାଦ ଅଶାନ୍ତିକୁ ବୃଦ୍ଧି କରିବେ। ପ୍ରତିକୂଳ ପରିସ୍ଥିତିର ଚାପ କ୍ରମଶଃ ବଢିପାରେ, ଫଳରେ ପ୍ରତାରିତ ହେବାର ବହୁତ ସମ୍ଭାବନା ରହିଛି। ସାହାଯ୍ୟକାରୀ ମନୋଭାବ ପ୍ରଭାବରେ ପ୍ରତିବେଶୀଙ୍କ ସହ ସମ୍ପର୍କ ମଧୁର ରହିବ। ଆଜିର ପ୍ରତ୍ୟୁଷ ଯାତ୍ରାରେ ସଫଳତା ପାଇବେ।

**ମକର**
ରାଶିରେ ମୁଣ୍ଡ ନ ଥିବା ଗ୍ରହ କେତୁଙ୍କ ପ୍ରଭାବରେ ଅପରିଣାମଦର୍ଶୀ ହେବା ସହ ନିଷ୍ପତ୍ତି ନେବାରେ ଦ୍ୱନ୍ଦ୍ୱରେ ପଡିବେ। ଅତୀତ ଘଟଣାକୁ କେନ୍ଦ୍ରକରି ବିବାଦୀୟ ପରିସ୍ଥିତି ସୃଷ୍ଟି ହେବାର ସୂଚନା ରହିଛି। ଯାତ୍ରା ସମୟରେ ଅସାବଧାନତାବଶତଃ ଦ୍ରବ୍ୟ ନଷ୍ଟ ହୋଇପାରେ। କର୍ମକ୍ଷେତ୍ରରେ ଭଲ କାମ କରି ମଧ ନିନ୍ଦା ଶୁଣିପାରନ୍ତି।

**କୁମ୍ଭ**
କର୍ମାଧିପତି ବ୍ୟୟାଧିପଙ୍କ ଦୃଷ୍ଟିରେ ସ୍ଥାନାନ୍ତର ପାଇଁ ବ୍ୟଗ୍ରତା ପ୍ରକାଶ କରିବେ। ବିଶୃଙ୍ଖଳିତ ପରିସ୍ଥିତି ଲାଗିରହିବା କାରଣରୁ କର୍ମକ୍ଷେତ୍ରରେ ଶିଥିଳତା ଦେଖାଦେବାର ଆଶଙ୍କା ରହିଛି। ଶିଳ୍ପ,ବାଣିଜ୍ୟରେ କ୍ଷତିର ଆଶଙ୍କା ରହିଛି ମାତ୍ର ଜଣେ ବନ୍ଧୁଙ୍କ ସାହାଯ୍ୟକୁ ଭୁଲି ପାରିବେ ନାହିଁ। ଭ୍ରାତୃ ସମ୍ପର୍କରେ ଅବନତି ଘଟିବ ମାତ୍ର ପ୍ରିୟ କଥା କହି ସମସ୍ୟାକୁ ସୁଧାରି ନେବେ।

**ମୀନ**
ଭାଗ୍ୟସ୍ଥାନରେ ଏକାଧିକ ଗ୍ରହଙ୍କ ସମାବେଶଜନିତ ପ୍ରତ୍ୟେକ କାର୍ଯ୍ୟରେ ସଫଳତା ଅବଶ୍ୟମ୍ଭାବୀ। ଯେତେ ଭଲ କାମ କଲେ ସୁଦ୍ଧା ପରୋକ୍ଷ ସମାଲୋଚନାଜନିତ ସମାଲୋଚିତ ହେବେ। ଶାରୀରିକ ସୁସ୍ଥତା ଓ ବନ୍ଧୁମାନଙ୍କ ସହାନୁଭୂତି ଲାଭକରି କିଛିଟା ଆଶ୍ୱସ୍ତି ଲାଭ କରିବେ। ଶିଳ୍ପ, ବାଣିଜ୍ୟ, ବ୍ୟବସାୟ ଓ ରାଜନୀତି କ୍ଷେତ୍ରରେ ଲକ୍ଷ୍ୟ ହାସଲ କରିପାରନ୍ତି।

ଆଜି ମାର୍ଗଶିର କୃଷ୍ଣ ତ୍ରୟୋଦଶୀ ଯୁକ୍ତ ଚତୁର୍ଦ୍ଦଶୀ ବୁଧବାର, ଡିସେମ୍ବର ୫ ତାରିଖ ବିଶ୍ୱ ସ୍ୱେଚ୍ଛାସେବୀ ଦିବସ, ଶ୍ରୀମନ୍ଦିରରେ ଦେବଦିପାବଳୀ ଆରମ୍ଭ, ଶ୍ରୀଜଗନ୍ନାଥ ମହାପ୍ରଭୁଙ୍କର ଶ୍ରାଦ୍ଧ ବେଶ, ଅଦିତି ଓ କଶ୍ୟପଙ୍କ ପ୍ରତି ପ୍ରଦୀପ ଉତ୍ସର୍ଗ, ଶ୍ରୀଅରବିନ୍ଦଙ୍କ ମହାପ୍ରୟାଣ ଦିବସ, ଶିବ ଚତୁର୍ଦ୍ଦଶୀ ଉପବାସ ଓ ବେଢା ପରିକ୍ରମା, ରାଶି ନକ୍ଷତ୍ର-ବିଶାଖା/ତୁଳା, କର୍କଟ ରାଶିର ଘାତବାର, ତ୍ରୟୋଦଶୀର ଏକୋଦ୍ଦିଷ୍ଟ ଓ ଚତୁର୍ଦ୍ଦଶୀର ପାର୍ବଣ ଶ୍ରାଦ୍ଧ, ସକାଳ ଘ୭।୩୫ମି. ଗତେ ଘ୮।୫୬ମି. ମଧ୍ୟେ ଅମୃତବେଳା। ଦିବା ଘ୧୦।୧୮ମି. ଗତେ ଘ୧୧।୩୮ମି. ମଧ୍ୟେ ମାହେନ୍ଦ୍ରବେଳା।




ସେବା ଯୋଗାଣ କାର୍ଯ୍ୟର ସମୀକ୍ଷା କଲେ ମୁଖ୍ୟ ଶାସନ ସଚିବ

# ପୀଠା ଯୋଜନା ପାଇଁ ରହିବେ ଜଣେ ଲେଖାଏଁ ନୋଡାଲ ଅଫିସର

**ଭୁବନେଶ୍ୱର, ୪।୧୨(ବ୍ୟୁରୋ):** ପଞ୍ଚାୟତସ୍ତରରେ ବ୍ୟାପକ ଜନ ସଚେତନତା ଏବଂ ସେବା ଯୋଗାଣ ନିଶ୍ଚିତ କରିବାକୁ ମୁଖ୍ୟ ଶାସନ ସଚିବ ଆଦିତ୍ୟ ପ୍ରସାଦ ପାଢ଼ୀ ବିଭିନ୍ନ ବିଭାଗକୁ ନିର୍ଦ୍ଦେଶ ଦେଇଛନ୍ତି। ରାଜ୍ୟ ସଚିବାଳୟଠାରେ ମଙ୍ଗଳବାର ଅନୁଷ୍ଠିତ ଏକ ଉଚ୍ଚସ୍ତରୀୟ ବୈଠକରେ ବିଭିନ୍ନ ବିଭାଗ ଅଧୀନରେ ଜନସାଧାରଣଙ୍କୁ ଯୋଗାଇ ଦିଆଯାଉଥିବା ସେବା ଯୋଗାଣ ବ୍ୟବସ୍ଥାର ସମୀକ୍ଷା କରି ପାଢୀ ଏହି ନିର୍ଦ୍ଦେଶ ଦେଇଛନ୍ତି। ଏହି ଅବସରରେ ପାଢୀ କହିଛନ୍ତି, ନାଗରିକ ସଚେତନତା ଗଣତାନ୍ତ୍ରିକ ବ୍ୟବସ୍ଥାର ଭିତ୍ତିଭୂମି। ସକାରାତ୍ମକ ସଚେତନତା ମାଧ୍ୟମରେ ସେବା ଯୋଗାଣ ତ୍ୱରାନ୍ୱିତ ହେବାସହ ସ୍ୱଚ୍ଛତା ବଜାୟ ରହିପାରିବ। ତେଣୁ ତୃଣମୂଳସ୍ତରରେ ସଚେତନତା ଏବଂ ସେବା ଯୋଗାଣ କାର୍ଯ୍ୟର ସଫଳ ରୂପାୟନ ଲାଗି ଏକ ସମନ୍ୱିତ କାର୍ଯ୍ୟ ଯୋଜନା ପ୍ରସ୍ତୁତ କରିବାକୁ ପାଢ଼ୀ ପଞ୍ଚାୟତିରାଜ ବିଭାଗ ପ୍ରମୁଖ ଶାସନ ସଚିବ ଦେଓ ରଂଜନ କୁମାର ସିଂଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଘୋଷଣା କରିଥିବା (ପିପୁଲ୍ସ୍ ଏମ୍ପାୱାରମେଣ୍ଟ୍ ଏନେବିଲିଂ ଟ୍ରାନ୍ସ୍ପେରେନ୍ସି ଆଣ୍ଡ ଆକାଉଣ୍ଟାବିଲିଟି ଅଫ୍ ଓଡ଼ିଶା ଇନିସିଏଟିଭ୍)– ପୀଠା ଯୋଜନାର ଏହା ଅଂଶ ବିଶେଷ ହେବ। ଏହି ଯୋଜନା ପ୍ରସ୍ତୁତିରେ ସହଯୋଗ ପାଇଁ ବିଭିନ୍ନ ବିଭାଗରୁ ଜଣେ ଲେଖା ବରିଷ୍ଠ ଅଧିକାରୀଙ୍କୁ ନୋଡାଲ୍ ଅଫିସର ଭାବେ ଚିହ୍ନଟ କରାଯିବ। ଆସନ୍ତା ୧୫ରୁ ଏହି କାର୍ଯ୍ୟକ୍ରମ ପଞ୍ଚାୟତସ୍ତରରେ ଆୟୋଜିତ ହେବ। ପ୍ରତି ମାସ ୧୫ରୁ ୨୦ପର୍ଯ୍ୟନ୍ତ ପଞ୍ଚାୟତସ୍ତରରେ ଏଥିପାଇଁ ସ୍ୱତନ୍ତ୍ର କ୍ୟାମ୍ପ୍ ଆୟୋଜନ କରାଯିବ। ସୁବିଧା ଓ ସେବା ଯୋଗାଣ ସହ ସାମାଜିକ ସହାୟତା ଏବଂ ଉନ୍ନୟନମୂଳକ ଯୋଜନା ବିଷୟରେ ସବିଶେଷ ସୂଚନା ଦିଆଯିବ। ଜିଲାସ୍ତରରେ ଜିଲାପାଳ ଏବଂ ବ୍ଲକ୍ ସ୍ତରରେ ବିଡ଼ିଓମାନେ ଏହି ଯୋଜନାର କାର୍ଯ୍ୟନ୍ୱୟନ ସଞ୍ଚାଳନ କରିବେ।

## ଏୟାରଷ୍ଟ୍ରିପ୍ ନିର୍ମାଣ ପାଇଁ ଏନ୍‌ଟିପିସିକୁ ଚିଠି

**ତାଳଚେର,୪।୧୨ (ନି.ପ୍ର.):** ଅନୁଗୋଳ ଜିଲା ତାଳଚେର ରାଣୀପାର୍କରେ ଏକ ଏୟାରଷ୍ଟ୍ରିପ୍ ନିର୍ମାଣ ପାଇଁ ଖଣି ମନ୍ତ୍ରୀ ପ୍ରଫୁଲ୍ଲ ମଲ୍ଲିକ କଣିହାଁ ସ୍ଥିତ ଏନ୍‌ଟିପିସି ଜେନେରାଲ ମ୍ୟାନେଜରଙ୍କୁ ଚିଠି ଲେଖିଛନ୍ତି। ଏ ଦିଗରେ ପଦକ୍ଷେପ ନେବାକୁ ମନ୍ତ୍ରୀ ଏନ୍‌ଟିପିସି କର୍ତ୍ତୃପକ୍ଷଙ୍କୁ ପରାମର୍ଶ ଦେଇଛନ୍ତି।




■ ଆମ ଗାଁ ଆମ ବିକାଶ କାର୍ଯ୍ୟକ୍ରମ

# ପ୍ରତି ବ୍ଲକରେ ନିର୍ମାଣ ହେବ ମିଶନ ଶକ୍ତି ଗୃହ

**ଭୁବନେଶ୍ୱର, ୪।୧୨(ବ୍ୟୁରୋ)**

ଆମ ଗାଁ ଆମ ବିକାଶ କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ମଙ୍ଗଳବାର ୫ଟି ଜିଲାର ୭ ବ୍ଲକ ପାଇଁ ୨୬.୮୬କୋଟି ଟଙ୍କାର ପ୍ରକଳ୍ପ ମଞ୍ଜୁର କରିଛନ୍ତି। ଏହାସହ ପ୍ରତ୍ୟେକ ପଞ୍ଚାୟତରେ ମିଶନ ଶକ୍ତି ଗୃହ ନିର୍ମାଣ କରାଯିବ ବୋଲି ମଧ୍ୟ ଘୋଷଣା କରିଛନ୍ତି। ଏହି ବ୍ଲକଗୁଡିକ ଭିତରେ ନବରଙ୍ଗପୁର ଜିଲାର ପାପଡହାଣ୍ଡି, ଜଗତସିଂହପୁର ଜିଲାର ଏରସମା, ମୟୂରଭଞ୍ଜ ଜିଲାର ରାସଗୋବିନ୍ଦପୁର ଓ ରରୁଆଁ, କେନ୍ଦୁଝର ଜିଲାର ଚମ୍ପୁଆ ଏବଂ କନ୍ଧମାଳ ଜିଲାର ଚକାପଡା ଓ ଜି. ଉଦୟଗିରି ବ୍ଲକର ବିଭିନ୍ନ ପଞ୍ଚାୟତ ପାଇଁ ଏକାଧିକ ଯୋଜନା ଘୋଷଣା କରାଯାଇଛି। ପାପଡାହାଣ୍ଡି ବ୍ଲକର ୨୩ ପଞ୍ଚାୟତ ପାଇଁ ୫.୭୫କୋଟି ଟଙ୍କାରେ ୨୪୫ଟି ପ୍ରକଳ୍ପ, ଏରସମା ବ୍ଲକର ୨୪ପଞ୍ଚାୟତ ପାଇଁ ୫.୫୦କୋଟି

**୭ ବ୍ଲକ ପାଇଁ ୨୬.୮୬କୋଟି ଟଙ୍କାର ପ୍ରକଳ୍ପ ମଞ୍ଜୁର**

ଟଙ୍କାରେ ୩୮୭ ପ୍ରକଳ୍ପ, ରାସଗୋବିନ୍ଦପୁର ବ୍ଲକର ୧୬ପଞ୍ଚାୟତ ପାଇଁ ୩.୫୯କୋଟି ଟଙ୍କାରେ ୧୫୨ ପ୍ରକଳ୍ପ, ରରୁଆଁ ବ୍ଲକର ୧୨ପଞ୍ଚାୟତ ପାଇଁ ୨.୭୬କୋଟି ଟଙ୍କାରେ ୧୦୪ ପ୍ରକଳ୍ପ, ଚମ୍ପୁଆ ବ୍ଲକର ୨୨ ପଞ୍ଚାୟତ ପାଇଁ ୪.୮୬କୋଟି ଟଙ୍କାରେ ୧୩୨ ପ୍ରକଳ୍ପ, ଚକାପଦା ବ୍ଲକର ୧୨ ପଞ୍ଚାୟତ ପାଇଁ ୨.୪୦କୋଟି ଟଙ୍କାରେ ୮୯ପ୍ରକଳ୍ପ, ଜି. ଉଦୟଗିରି ବ୍ଲକର ୮ ପଞ୍ଚାୟତ ପାଇଁ ୨କୋଟି ଟଙ୍କାରେ ୪୭ ପ୍ରକଳ୍ପକୁ ମୁଖ୍ୟମନ୍ତ୍ରୀ ମଞ୍ଜୁର କରିଛନ୍ତି। ଏହିପରି ସମୁଦାୟ ୭ବ୍ଲକର ୧୧୭ ପଞ୍ଚାୟତ ପାଇଁ ୨୬.୮୬କୋଟି ଟଙ୍କାରେ ୧୧୫୬ଟି ପ୍ରକଳ୍ପ ମଞ୍ଜୁର ହୋଇଛି। ଏହି ଅବସରରେ କନ୍ଧମାଳ ଜିଲାର ଚକାପଦା ଏବଂ କେନ୍ଦୁଝର ଜିଲା ଚମ୍ପୁଆ ବ୍ଲକର ଦୁଇଜଣ ମହିଳା ପ୍ରତି ପଞ୍ଚାୟତରେ ମିଶନ ଶକ୍ତି ଗୃହ ନିର୍ମାଣ ପାଇଁ ପ୍ରସ୍ତାବ ଦେଇଥିଲେ। ଏହି ଅବସରରେ ପ୍ରତି ପଞ୍ଚାୟତରେ ମିଶନ ଶକ୍ତି ଗୃହ ନିର୍ମାଣ କରାଯିବ ବୋଲି ମୁଖ୍ୟମନ୍ତ୍ରୀ ଘୋଷଣା କରିଛନ୍ତି। ଏହି କାର୍ଯ୍ୟକ୍ରମ ବର୍ତ୍ତମାନ ୨୫୫ ବ୍ଲକରେ ପହଞ୍ଚିଛି। ଏହି କାର୍ଯ୍ୟକ୍ରମକୁ ଠିକଣାଭାବେ ତ୍ୱରାନ୍ୱିତ କରିବା ସହିତ ସ୍ୱଚ୍ଛତା ଓ ସଚେତନତା ଉପରେ ଗୁରୁତ୍ୱ ଦେଇ ମୁଖ୍ୟମନ୍ତ୍ରୀ ସୋମବାର ପିଠା ଯୋଜନା ଆରମ୍ଭ କରିଛନ୍ତି। ବର୍ତ୍ତମାନ ସୁଦ୍ଧା ୨୫୫ଟି ବ୍ଲକର ୫୫୩୮ ଗ୍ରାମପଞ୍ଚାୟତ ପାଇଁ ଆଲୋଚନା ମାଧ୍ୟମରେ ବିଭିନ୍ନ ପ୍ରକଳ୍ପର ଘୋଷଣା କରାଯାଇଛି। ଏ ପର୍ଯ୍ୟନ୍ତ ୫୧,୨୨୯ ପ୍ରକଳ୍ପ ପାଇଁ ୧୨୬୧.୨୦କୋଟି ଟଙ୍କା ମଞ୍ଜୁର କରାଯାଇଛି।

**PUBLIC ANNOUNCEMENT**

INDIAN READERSHIP SURVEY | Media Research Users Council

**WHERE WILL YOU FIND THE WORLD'S LARGEST READERSHIP SURVEY? IN THE WORLD'S LARGEST DEMOCRACY, OF COURSE.**

The Media Research Users Council (MRUC) has commissioned the world's largest readership and consumption survey - **Indian Readership Survey (IRS)**. The IRS is a pan-India **readership and consumption study**, which provides vital insights on the readership of Newspapers and Magazines, **other media consumption** like TV, Radio, Internet, and also **product ownership information**. IRS enables marketing companies to devise effective media and marketing strategies that contribute in achieving their business goals. The Survey is being carried out by **Nielsen India** - a reputed market research agency in India. We request you and your family members to cooperate with Nielsen surveyors, who may come to your house for conducting an interview. If you wish to verify, you may ask the Nielsen surveyor for an Identity Card.

**Media Research Users Council (MRUC)**, a registered not-for-profit industry body, having representations from major advertisers, publishers, advertising agencies, and broadcasters, has commenced the fieldwork for the 2018-19 edition of the IRS.

**ଗୁଜବ ଆଉ ମିଛ ଖବର କୁ WhatsApp ରେ ପ୍ରସାରିତ ହେବା ରୁ ଅଟକାଇବାରେ ସାହାଯ୍ୟ କରନ୍ତୁ**

**ଖୁସି ବାଣ୍ଟନ୍ତୁ, ଗୁଜବ ନୁହେଁ।**

Forwarded

**1. ଏଭଳି ଖବରଙ୍କୁ ଚିହ୍ନନ୍ତୁ, ଯାହା ମିଛ (ଫେକ୍) ହୋଇଥାଇ ପାରେ**

ଏଭଳି ସଙ୍କେତଙ୍କୁ ଯାଞ୍ଚ କରନ୍ତୁ, ଯାହା ଖବର ସତ କି ମିଛ ଜାଣିବାରେ ସାହାଯ୍ୟ କରିବ । ଉଦାହରଣ ରୂପେ, ଫର୍‌ୱାର୍ଡେଡ୍ ମେସେଜ୍‌ସବୁ, ଯାହାର କୌଣସି ଉତ୍ସ ନଥିବ, ପ୍ରମାଣ ନଥିବ ବା ଯାହା ଆପଣଙ୍କୁ ଉସ୍‌କାଉଥିବ, ସଙ୍କେତ ହୋଇପାରେ ଯେ ତାହା ସତ୍ୟ ନୁହେଁ । ଆପଣଙ୍କୁ ଭ୍ରମରେ ପକାଇବା ପାଇଁ ଫୋଟୋ, ଭିଡିଓ ଏବଂ ଭଏସ୍ ରେକର୍ଡିଙ୍ଗଗୁଡିକୁ ମଧ୍ୟ ଏଡିଟ୍ କରାଯାଇପାରିବ।

**2. ଅନ୍ୟ ଉତ୍ସରୁ ସେଗୁଡ଼ିକୁ ଯାଞ୍ଚ କରନ୍ତୁ**

ସତ୍ୟ ଜାଣିବା ପାଇଁ, ଅନ୍‌ଲାଇନ୍ ସର୍ଚ୍ଚ କରନ୍ତୁ ଏବଂ ନିର୍ଭରଯୋଗ୍ୟ ସମାଚାର ସାଇଟ୍ ରୁ ଜାଣନ୍ତୁ ଯେ ଏହି ଷ୍ଟୋରୀ କେଉଁଠୁ ଆସିଛି । ତଥାପି ସନ୍ଦେହ ରହିଲେ, ସତ୍ୟତା ଯାଞ୍ଚ କରୁଥିବା ୱେବ୍‌ସାଇଟ୍ସ, ଭରସାଯୋଗ୍ୟ ବ୍ୟକ୍ତି ବା କମ୍ୟୁନିଟୀ ଲୀଡର୍ ମାନଙ୍କ ଠାରୁ ଅଧିକ ଖବର ସଂଗ୍ରହ କରନ୍ତୁ ।

**3. ଗୁଜବ ବ୍ୟାପିବା ଅଟକାନ୍ତୁ**

ଆପଣଙ୍କୁ କିଛି ଫେକ୍ ଲାଗୁଥିଲେ, ଲୋକଙ୍କୁ କୁହନ୍ତୁ ଯେ ଖବର ଶେୟାର୍ କରିବା ଆଗରୁ ତାକୁ ଯାଞ୍ଚ କରନ୍ତୁ । ମେସେଜ୍ କୁ ଏଇଥିପାଇଁ ଶେୟାର୍ କରନ୍ତୁନି ଯେ କେହି ଆପଣଙ୍କୁ ଶେୟାର୍ କରିବାକୁ କହୁଛି, ତେଣିକି ସିଏ ଆପଣଙ୍କ ମିତ୍ର ହେଉ ପଛେ !

> ଲୋକମାନେ ମିଥ୍ୟାକୁ ଜାବୁଡ଼ି କରି ଧରିଥାନ୍ତି। ସତେ କି ମିଥ୍ୟା ସେମାନଙ୍କର ଏକ ବହୁମୂଲ୍ୟ ସଂପଦ। ଯେ କେହି ମିଥ୍ୟା ଭିତରେ ବଂଚୁଥାଏ- ସେ ହେଉଛି ମନୁଷ୍ୟ ଜାତିର ଶତ୍ରୁ। —ଶ୍ରୀମା

# ବଞ୍ଚିବାର ବାଟ

ଗାଈ ବଞ୍ଚାଇବା, ମଣିଷ ମାରିବା। ସମ୍ଭବତଃ ଉତ୍ତରଭାରତ, ଯାହାକି 'କାଓ ବେଲ୍ଟ' ବା ଗୋ ଅଞ୍ଚଳ ଭାବେ ଜଣାଶୁଣା, ସେଠାରେ ମଣିଷ ମାରିବା ଅପରାଧ ଭାବେ ଦେଖାଯାଉନାହିଁ। ଗାଈର ମାନ୍ୟତା ରକ୍ଷା କରିବାକୁ ଯାଇ ସବୁକିଛି ତ୍ୟାଗ କରିହେବ ବୋଲି ରାଜନୀତିକ ଉଦ୍ଦେଶ୍ୟ ରଖୁଥିବା ଗୋରକ୍ଷକମାନେ ସାଧାରଣରେ ଧାରଣା ସୃଷ୍ଟି କରିବାକୁ ଚେଷ୍ଟା କରୁଛନ୍ତି। ଏହାର କଦର୍ଯ୍ୟ ଛବି ଡିସେମ୍ବର ୩ରେ ଉତ୍ତରପ୍ରଦେଶର ବୁଲନ୍ଦସହରଠାରେ ଦେଖିବାକୁ ମିଳିଥିଲା। ବୁଲନ୍ଦସହର ନିକଟସ୍ଥ ମହାଉ ଗ୍ରାମ ଅନତିଦୂର ଏକ ଜଙ୍ଗଲରେ ସ୍ଥାନୀୟ ଲୋକେ କେତେକ ଗାଈ ଓ ବାଛୁରୀ ଶରୀରର କିଛି ଅଂଶ ଦେଖିବାକୁ ପାଇବା ପରେ ଗୋହତ୍ୟା ଗୁଜବ ସୃଷ୍ଟି ହୋଇଥିଲା। ଏହା ପରେ ହିନ୍ଦୁ ସଙ୍ଗଠନର ସଦସ୍ୟ ଓ ଉତ୍ୟକ୍ତ ଗ୍ରାମବାସୀ ଗୋରୁଙ୍କ ଦେହାବଶେଷକୁ ଏକ ଟ୍ରାକ୍ଟରରେ ଚିଙ୍ଗ୍‌ରାୱାଠି ଥାନା ନିକଟକୁ ବୋହି ନେଇ ଦୋଷୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଅଡ଼ି ବସିଥିଲେ। ବିକ୍ଷୋଭକାରୀମାନେ ପୋଲିସ ପ୍ରଶାସନ ବିରୋଧରେ ସ୍ଲୋଗାନ ଦେଇ ବୁଲନ୍ଦସହର-ଗାଢ ରାଜପଥ ମଧ୍ୟ ଅବରୋଧ କରିଥିଲେ। ଫଳରେ ସାନ୍ୟା ଥାନାର ଷ୍ଟେଶନ ହାଉସ୍ ଅଫିସର (ଏସ୍‌ଏଚ୍‌ଓ) ସୁବୋଧ କୁମାର ସିଂ ଓ ଅନ୍ୟ ପୋଲିସ କର୍ମଚାରୀ ସେଠାରେ ପହଞ୍ଚି ଲୋକଙ୍କ ସହ ବୁଝାଶୁଝା କରିଥିଲେ। ଏହାପରେ ପରିସ୍ଥିତି ଅଣାୟତ୍ତ ହୋଇଥିଲା। ବିକ୍ଷୋଭକାରୀମାନେ ସୁବୋଧଙ୍କ ଉପରକୁ ପଥର ଫିଙ୍ଗି ମାରିଦେଇଥିଲେ। ପୃଥିବୀବ୍ୟାପୀ ସବୁଦେଶରେ ପୋଲିସକୁ ହତ୍ୟା କଲେ କୌଣସି କ୍ଷମାର ବ୍ୟବସ୍ଥା ନ ଥାଏ। କେତେକ ଦେଶରେ ଯେଉଁଠାରେ ଆଇନବ୍ୟବସ୍ଥା ଦୁର୍ବଳ ରହିଛି, ସେଠାରେ ପୋଲିସ ବିଭାଗର ଅନ୍ୟ କର୍ମଚାରୀମାନେ ହତ୍ୟାକାରୀଙ୍କୁ ଶେଷ କରିବାର ଦାୟିତ୍ୱ ନିଜ ଉପରେ ନେଇଯାଇଥାଆନ୍ତି। ବିରାଦରୀକୁ ଆକ୍ରମଣ କରି ମାରିଦେଇଥିବା ବ୍ୟକ୍ତି ଯେକୌଣସି ପ୍ରଭାବଶାଳୀ ବର୍ଗର ହୋଇଥିଲେ ମଧ୍ୟ ତାଙ୍କର ମୃତ୍ୟୁ ଅବଶ୍ୟମ୍ଭାବୀ। ଏଭଳି ପ୍ରତିଶୋଧମୂଳକ ହତ୍ୟାରେ ବିଳମ୍ବ ମଧ୍ୟ ଘଟେନାହିଁ। କିନ୍ତୁ ଭାରତରେ ବୁଲନ୍ଦସହର ଭଳି ଘଟଣା ପ୍ରାୟ ସବୁଆଡ଼େ ଘଟୁଛି। ଉତ୍ତରପ୍ରଦେଶର ସେହି ମୃତ ପୋଲିସ ଅଧିକାରୀ ସୁବୋଧଙ୍କ ଭଉଣୀ ଗଣମାଧ୍ୟମକୁ ଜଣାଇଛନ୍ତି ଯେ, ତାଙ୍କ ଭାଇଙ୍କ ହତ୍ୟା ପଛରେ ଅନ୍ୟ ପୋଲିସ କର୍ମଚାରୀଙ୍କ ହାତ ରହିଛି। ସେ ଆହୁରି ମଧ୍ୟ କହିଛନ୍ତି ଯେ, ସୁବୋଧ ସିଂ ପୂର୍ବରୁ ଅଖଲାକ୍ ହତ୍ୟା ଘଟଣାର ତଦନ୍ତ ଅଧିକାରୀଭାବେ ବାସ୍ତବ ରିପୋର୍ଟ ପ୍ରସ୍ତୁତ କରିଥିଲେ ବୋଲି ତାଙ୍କ ଉପରେ ଅନେକଙ୍କ କ୍ରୋଧ ଥିଲା। ଏଥିରୁ ବୁଝିବାକୁ ହେବ ଯେ ଜଣେ ସଚ୍ଚୋଟ ପୋଲିସ ଅଫିସରଙ୍କ ସୁରକ୍ଷା ପାଇଁ ସେହି ବିଭାଗର ଅନ୍ୟ କର୍ମଚାରୀମାନେ ଆଦୌ ଇଚ୍ଛାପ୍ରକାଶ କରନ୍ତି ନାହିଁ। ଏଭଳି ମାନସିକତା ପୋଷଣ କରୁଥିବା ବିଭାଗକୁ ଉଭୟ ଅର୍ଥଲୋଭ ଏବଂ ରାଜନୈତିକ ପ୍ରୋତ୍ସାହନ ଇନ୍ଧନ ଯୋଗାଇଥାଏ। ପୋଲିସକୁ ହତ୍ୟା କରିବା ଯେତେ ଅଧିକ ସଂଖ୍ୟାରେ ବୃଦ୍ଧିପାଇବ ଦେଶରେ ସେତିକି ଅଧିକ ସାମାଜିକ ବିଶୃଙ୍ଖଳା ବଢ଼ିବ। ଯେହେତୁ ପୋଲିସର ଛବି ସମ୍ପୂର୍ଣ୍ଣଭାବେ ଧୂଳିସାତ୍ ହୋଇଯାଇଛି, ସେଥିପାଇଁ ସାଧାରଣରେ ଏଭଳି ଘଟଣା ଘଟିବା ସତ୍ତ୍ୱେ ଦେଶବ୍ୟାପୀ କୌଣସି ଚିନ୍ତା ପ୍ରକାଶ ପାଏନାହିଁ। ପୋଲିସ ଉପରେ ବିଶ୍ୱାସ ସମ୍ପୂର୍ଣ୍ଣ ଲୋପ ପାଇଯାଇଥିବାରୁ ତାଙ୍କ ଦ୍ୱାରା ଅନ୍ୟାୟ କରାଯାଉଛି ବୋଲି ସହଜରେ ବିଶ୍ୱାସ ହୁଏ। ଅପରପକ୍ଷରେ ପୋଲିସ ନ୍ୟାୟ ଦେଇପାରୁଛି ବୋଲି ଭାରତୀୟମାନେ ବିଶ୍ୱାସ କରିବେ ନାହିଁ।

ଉତ୍ତରପ୍ରଦେଶର ରାଜନୀତି ଅତ୍ୟନ୍ତ ମାରାତ୍ମକ। ଜାତି, ଧର୍ମ, ମନ୍ଦିର, ମସ୍‌ଜିଦ୍ ବ୍ୟତୀତ ସେଠାରେ ହିଂସାର ଏକ ସାମାଜିକ ଗୁରୁତ୍ୱ ରହିଛି। ହତ୍ୟା ଏବଂ ଧର୍ଷଣଠାରୁ ଆରମ୍ଭ କରି ସବୁପ୍ରକାର ଅତ୍ୟାଚାରରେ ଉତ୍ତରପ୍ରଦେଶ ଆଗୁଆ। ସେଭଳି ଏକ ରାଜ୍ୟରେ କୌଣସି ନ୍ୟାୟ ଆଶା କରିବା ହାସ୍ୟାସ୍ପଦ ବିଷୟ। ଯେଉଁଥିପାଇଁ ସୁବୋଧ ସିଂଙ୍କ ହତ୍ୟା, ସମ୍ଭବତଃ, ଉତ୍ତରପ୍ରଦେଶର କାହାରିକୁ ବ୍ୟସ୍ତ କରି ନ ଥିବ। ଭାରତରେ ମଣିଷ ଜୀବନର ମୂଲ୍ୟାଙ୍କନ କରିବା ଅତ୍ୟନ୍ତ ସହଜ ବୋଲି ଆମର ଆଗୁଆ ଧାଡ଼ିର ନାଗରିକମାନେ ବାରମ୍ବାର ମନେପକାଇ ଦେଇଥାଆନ୍ତି। ସରକାରୀ କାର୍ଯ୍ୟ କରୁଥିବା ସମୟରେ ହତ୍ୟା ଯୋଗୁ ମୃତ୍ୟୁବରଣ କରିଥିବା ସୁବୋଧଙ୍କ ପରିବାରକୁ ୫୦ ଲକ୍ଷ ଟଙ୍କାର କ୍ଷତିପୂରଣ ତତ୍‌କ୍ଷଣାତ୍ ଘୋଷଣା କରାଯାଇଛି। ତାହା ମଧ୍ୟ ତାଙ୍କୁ କେବେ ମିଳିବ କିମ୍ବା ମିଳିବ କି ନାହିଁ ତାହାର କୌଣସି ନିଶ୍ଚିତତା ନାହିଁ। ସେହିଭଳି ବାତ୍ୟା ଓ ବନ୍ୟା ଯୋଗୁ ପ୍ରାଣ ହରାଇଥିବା ବ୍ୟକ୍ତିଙ୍କୁ ୩ ରୁ ୫ ଲକ୍ଷ ଟଙ୍କା ଘୋଷଣା କରିଦିଆଯାଇଥାଏ। ଏହା ବ୍ୟତୀତ ଉତ୍ତରପ୍ରଦେଶରେ ଏହି ହତ୍ୟା ଘଟଣା ପଛରେ ଅନେକ ରାଜନୈତିକ ଉଦ୍ଦେଶ୍ୟ ରହିଥିବା ଭଳି ମନେହୁଏ। ମୁଖ୍ୟତଃ ସେହି ରାଜ୍ୟରେ ଗଙ୍ଗାନଦୀକୁ ନିର୍ମଳ କରାଯିବ ବୋଲି ପ୍ରାୟ ୫ ବର୍ଷ ତଳେ ଘୋଷଣା କରାଯାଇଥିଲା। ଉତ୍ତରପ୍ରଦେଶର ଅଯୋଧ୍ୟାରେ ରାମମନ୍ଦିର ଗଢାଯିବ ବୋଲି ଅନେକ ଦଶନ୍ଧିରୁ ଶୁଣି ଆସୁଛୁ। ମୋଦିଙ୍କ ଭଳି ଶକ୍ତିଶାଳୀ ପ୍ରଧାନମନ୍ତ୍ରୀ ଏବଂ ଯୋଗୀ ଆଦିତ୍ୟନାଥଙ୍କ ଭଳି ବିଚକ୍ଷଣ ମୁଖ୍ୟମନ୍ତ୍ରୀ ଥିବା ସତ୍ତ୍ୱେ ମାତ୍ର ଗୋଟିଏ ମନ୍ଦିର ମଧ୍ୟ ଗଢାଯାଇ ପାରୁ ନ ଥିବା ଯୋଗୁ ହିନ୍ଦୁମାନେ ପ୍ରଶ୍ନ କଲେଣି। ସେହିଭଳି ପୂର୍ବରୁ କଂଗ୍ରେସ ନେତୃତ୍ୱାଧୀନ ଉପା ସରକାରଙ୍କ ଦୁର୍ନୀତିକୁ ଦର୍ଶାଇ କ୍ଷମତା ହାସଲ କରିଥିବା ନରେନ୍ଦ୍ର ମୋଦି ଏବେ ରାଫାଲ ବିମାନ କିଣା ସ୍କାମରେ ଜୁବୁବୁଡୁ ହୋଇଗଲେଣି। ବିମୁଦ୍ରୀକରଣ ଓ ଜିଏସ୍‌ଟିର ବିଫଳତା ଯୋଗୁ ଦେଶର ଅର୍ଥନୀତି ଭୁଷୁଡ଼ି ପଡିଲାଣି। ଏଭଳିସ୍ଥଳେ କୌଣସି ନୂଆ ଚାକିରିର ସୁଯୋଗ ମଧ୍ୟ ଯୁବପିଢ଼ି ପାଇଁ ସୃଷ୍ଟି କରାଯାଇପାରୁନାହିଁ। ଉତ୍ତରପ୍ରଦେଶ ଏକ ବିରାଟ ରାଜ୍ୟ, ଯେଉଁଠାରୁ ୮୦ ଲୋକ ସଭା ସାଂସଦ ନିର୍ବାଚିତ ହୋଇଥାନ୍ତି। ତନ୍ମଧ୍ୟରୁ ୨୦୧୪ରେ ୭୧ ଭାଜପା ପ୍ରତିଦ୍ୱନ୍ଦ୍ୱୀ ଜିତିଥିଲେ। ଏବକାର ପରିସ୍ଥିତି ଦେଖିଲେ ଉଭୟ ମୋଦି ଓ ଯୋଗୀଙ୍କ ସମ୍ମୁଖରେ କୌଣସି ପ୍ରସଙ୍ଗ ନାହିଁ। 'ବିକାଶ'ର ଧ୍ୱନି ଦେଇ ଆସୁଥିବା ଭାଜପା ସର୍ବନିମ୍ନ ସ୍ତରରେ କାର୍ଯ୍ୟର ପ୍ରତିଫଳନ ଦର୍ଶାଇ ପାରୁନାହିଁ। ସମ୍ଭବତଃ ସେଥିପାଇଁ ଧର୍ମଭିତ୍ତିକ ଦ୍ୱେଷ ସୃଷ୍ଟିକରିବା ହୋଇପଡିଛି ଏକମାତ୍ର ଉପାୟ। ମନେହେଉଛି ସତେଯେମିତି ସବୁ ଚତୁରତା ଏକ ଅନ୍ଧକାର ଗଳି ଭିତରକୁ ଟାଣି ନେଉଛି। ଏଭଳି ପ୍ରଚ୍ଛଦପଟରେ ଗୋସୁରକ୍ଷା ପ୍ରସଙ୍ଗ ହୋଇଥାଇପାରେ ଅନ୍ୟତମ ବଞ୍ଚିବାର ବାଟ।

# ଋଣଗ୍ରସ୍ତର ସୁଖଦୁଃଖ



ଡ. ନିଖିଳାନନ୍ଦ ପାଣିଗ୍ରାହୀ

ଋଣ ବିଷୟରେ ଆମେ ଅତୀତରେ ବିଜ୍ଞଜନଙ୍କଠାରୁ ବହୁ ଉପାଦେୟ ତଥ୍ୟ ଜାଣିଛୁ। ତନ୍ମଧ୍ୟରେ ମହାଭାରତ ପ୍ରକରଣରେ ଯକ୍ଷ-ଯୁଧିଷ୍ଠିର ଖବର ସମ୍ବଳିତ ପ୍ରଶ୍ନୋତ୍ତର ଉଲ୍ଲେଖନୀୟ। ଯକ୍ଷ ଯେତେବେଳେ ଯୁଧିଷ୍ଠିରଙ୍କୁ ପ୍ରଶ୍ନ କଲେ, ସଂସାରରେ ସୁଖୀ କିଏ? ଧର୍ମରାଜ ଉତ୍ତର ଦେଲେ:

''ପଞ୍ଚମେଽହନି ଷଷ୍ଠେ ବା ଶାକଂ ପଚତି ସ୍ୱେ ଗୃହେ,
ଅନୃଣୀ ଚାପ୍ରବାସୀ ଚ ସ ବାରିଚର ମୋଦତେ।''

ସଂକ୍ଷେପରେ ଏହାର ଅର୍ଥ ହେଉଛି- ଶାଗଭାତ ମୁଠେ ଖାଇ, ବିନା ଋଣରେ ନିଜ ଘରେ ଯିଏ ରହେ ସେ ସୁଖୀ। ତେବେ ଋଣ ପ୍ରସଙ୍ଗଟି ଏତେ ସହଜ ଓ ସରଳ ନୁହେଁ। ଆମ ଦେଶର ହିଁ ଜଣେ ପଣ୍ଡିତ ଚାର୍ବାକ୍ କହିଛନ୍ତି-

''ଯାବଜ୍ଜୀବେତ୍ ସୁଖଂ ଜୀବେତ୍
ଋଣଂ କୃତ୍ୱା ଘୃତଂ ପିବେତ୍,
ଭସ୍ମୀଭୂତସ୍ୟ ଦେହସ୍ୟ ପୁନରାଗମନଂ କୃତଃ?''

ଚାର୍ବାକ୍ ଜଣେ ବସ୍ତୁବାଦୀ। ତାଙ୍କର ଆତ୍ମା, ପରମାତ୍ମା ଓ ପୁନର୍ଜନ୍ମ ଉପରେ ବିଶ୍ୱାସ ନାହିଁ। ଇନ୍ଦ୍ରିୟଲାଳସାର ଚରିତାର୍ଥ ପାଇଁ ସେ ପ୍ରାଧାନ୍ୟ ଦେଇଥାନ୍ତି। ଏହି ଦୃଷ୍ଟିରୁ ତାଙ୍କ ନାଁ ହୋଇଛି ଚାର୍ବାକ୍ ବା ଚାରୁ ବାକ୍- ସୁନ୍ଦର ରସରସିଆ କଥା କହୁଥିବା ଲୋକ। ବହୁ ଲୋକ ସେହି ଦୃଷ୍ଟିରୁ ତାଙ୍କର ଅନୁଗାମୀ। ପ୍ରକାରାନ୍ତରେ ତାଙ୍କର ଅନ୍ୟ ନାମ ଲୋକାୟତ।

ମହାଜନମାନେ ଯେମିତି ଋଣ ବିଷୟରେ ଭିନ୍ନ ଭିନ୍ନ ମତପୋଷଣ କରିଛନ୍ତି, ଏହା ଆମ ପାଇଁ ଗୋଲକଧନ୍ଦା କେଉଁ ପ୍ରାଚୀନ କାଳରୁ ସୃଷ୍ଟି କରିଛି। ତେଣୁ ବିଭିନ୍ନ ଦୃଷ୍ଟାନ୍ତ ମାଧ୍ୟମରେ ଏହାର ତର୍ଜମା କରାଯିବା ଉଚିତ। କୌଣସି ନା କୌଣସି କାରଣରୁ ଆମେ ଋଣ ନେଉ। କେତେକ ବ୍ୟକ୍ତି ଅର୍ଥର ଆବଶ୍ୟକତା ଏଡ଼ାଇ ନ ପାରି ଋଣଗ୍ରସ୍ତ ହୋଇଥାନ୍ତି। ଏଠାରେ କେତେକ ଋଣୀ ବ୍ୟକ୍ତିଙ୍କ ଜୀବନର ପୃଷ୍ଠଭୂମିରେ ଯୁଧିଷ୍ଠିର ଓ ଚାର୍ବାକ୍‌ଙ୍କ ମନ୍ତବ୍ୟ ପ୍ରଣିଧାନଯୋଗ୍ୟ।

ବ୍ରିଟିଶ୍ ଭାରତର ଘଟଣା। ସେତେବେଳେ ପ୍ରଭାଶଙ୍କର ପଟ୍ଟନୀ ଗୁଜରାଟ ଅନ୍ତର୍ଗତ ଭାବନଗର ଇଲାକାର ଦେବାନ ଥିଲେ। ପଟ୍ଟନୀ ଜଣେ ପରୋପକାରୀ ବ୍ୟକ୍ତି ଥିଲେ। ଦୁଃସ୍ଥ ଦରିଦ୍ରମାନଙ୍କୁ ସେ ଅକାତରେ ଆର୍ଥିକ ସାହାଯ୍ୟ ଦେଉଥିଲେ। ଏକଦା ତାଙ୍କ ଗ୍ରାମର ଜଣେ ବାଳକ ତା' ବାପାଙ୍କୁ ହରାଇଲା। ବାପଛେଉଣ୍ଡ ପିଲାଟିର ଏକମାତ୍ର ଭରସା ଥିଲେ ତା'ର ବିଧବା ମା'। ପିଲାଟିର ପାଠପଢ଼ିବା ପାଇଁ ଅସୀମ ଆଗ୍ରହ ଥିଲା। କିନ୍ତୁ ଅର୍ଥାଭାବ ଏଥିପାଇଁ ବାଧକ ସାଜିଲା। ପଟ୍ଟନୀ ଏହା ଜାଣିବା ପରେ ପିଲାଟିକୁ ଯଥେଷ୍ଟ ଆର୍ଥିକ ସହାୟତା ସେତେବେଳେ ଦେଇଥିଲେ। ଅବଶ୍ୟ ସେ ଏମିତି ଅସଂଖ୍ୟ ଅଭାବୀ ବ୍ୟକ୍ତିଙ୍କୁ ସାହାଯ୍ୟ ପ୍ରଦାନ କରିଥାନ୍ତି। ସେମାନଙ୍କ ନିର୍ଦ୍ଦିଷ୍ଟ ପରିଚୟ କିମ୍ବା ତାଲିକା ସେ ରଖି ନ ଥାନ୍ତି। ତେଣୁ ତାଙ୍କ ଗାଁ ପିଲାଟି ବିଷୟ ସେ ଭୁଲି ଯାଇଥିଲେ। ଅସଂଖ୍ୟ ଋଣଗ୍ରହୀତା ମଧ୍ୟରେ ସେ ଥିଲା ଜଣେ। ବହୁ ବର୍ଷ ପରେ ଏହି ପିଲାଟି ଅଧ୍ୟବସାୟ ବଳରେ ନ୍ୟାୟାଧୀଶ ହେଲେ। ସେ ନିଯୁକ୍ତ ହେବା ପରେ ପରେ କାଳ ବିଳମ୍ବ ନ କରି ପଟ୍ଟନୀଙ୍କ ବାସଗୃହକୁ ଗଲେ ଏବଂ ଗୋଟିଏ ଥାଳିରେ ଦଶହଜାର ଟଙ୍କା ରଖି ତାଙ୍କ ଆଡକୁ ବଢ଼ାଇଦେଲେ। ପଟ୍ଟନୀ ଏହି ଘଟଣାର ରହସ୍ୟ ବୁଝି ପାରୁ ନ ଥିବା ବେଳେ ନ୍ୟାୟାଧୀଶ ତାଙ୍କୁ ସ୍ମରଣ କରାଇଦେଲେ। ଅତୀତରେ ମୋ ବିଧବା ମା' ଆପଣଙ୍କଠାରୁ କିଛି ଟଙ୍କା ମୋ ପାଠପଢ଼ା ପାଇଁ ନେଇଥିଲେ। ଚେଷ୍ଟାକରି ମଧ୍ୟ ସେ ଜୀବନକାଳ ଭିତରେ ତାହା ପରିଶୋଧ କରି ପାରି ନ ଥିଲେ। ମୃତ୍ୟୁ ପୂର୍ବରୁ ମୋତେ କହିଦେଇ ଯାଇଥିଲେ ଅର୍ଥ ଉପାର୍ଜନରେ ମୁଁ ସକ୍ଷମ ହେଲେ ଆପଣଙ୍କ ସେହି ଋଣ ପରିଶୋଧ କରିବା ନିମନ୍ତେ। ମୁଁ ବର୍ତ୍ତମାନ ରୋଜଗାରକ୍ଷମ। ଆପଣଙ୍କ ସେହି ଋଣ ପରିଶୋଧ କରିବାକୁ ଆସିଛି। ମୋ ଦିବଂଗତ ମା'ଙ୍କୁ ଦେଇଥିବା କଥା ରକ୍ଷାକରି ମୁଁ ଶାନ୍ତି ପାଇବି।

ଅବଶ୍ୟ ପଟ୍ଟନୀ ତାହା ଗ୍ରହଣ ନ କରି ସେଥିରେ ଆଉ କେତେ ଟଙ୍କା ମିଶାଇ ଜଣେ ଗରିବ ଛାତ୍ରର ପାଠପଢ଼ା ସକାଶେ ବିନିଯୋଗ କରିବାକୁ ପରାମର୍ଶ ଦେଲେ।

ଏହି ଘଟଣା ଦର୍ଶାଏ, ଜଣେ ଋଣ ନେଇ ଦୁଃଖୀ ରହିପାରେ। ମାତ୍ର ତା'ର ଏହି ଦୁଃଖ ଭବିଷ୍ୟତ ପାଇଁ ସୁଖର ଦ୍ୱାର ଖୋଲିଦିଏ। ଉପରୋକ୍ତ ଅଜ୍ଞାତ ବାଳକଟିର ନିର୍ଧନ ଅଭିଭାବକ କେବଳ ନୁହନ୍ତି, ବହୁ ପ୍ରତିଷ୍ଠିତ ବ୍ୟକ୍ତି ମଧ୍ୟ ପରିସ୍ଥିତିର ତାଡନାରେ ଋଣ ଗ୍ରହଣ କରିଥାନ୍ତି।

ଯଦି ଆମେ ଦିଲ୍ଲୀର ଲାଲବାହାଦୁର ଶାସ୍ତ୍ରୀ ମେମୋରିଆଲକୁ ଯିବା, ସେଠାରେ ଆଜି ମଧ୍ୟ ଗୋଟିଏ କ୍ରିମ୍ କଲରର କାର୍ ସୁରକ୍ଷିତ ଭାବେ ରଖାଯାଇଥିବା ଆମ ନଜରରେ ପଡ଼ିବ। ୧୯୬୪ ମଡେଲର ଏହି ଫିଆଟ୍ କାର୍ ପଛରେ ରହିଛି ଏକ ଶିକ୍ଷଣୀୟ ବାର୍ତ୍ତା। ଶାସ୍ତ୍ରୀ (୧୯୦୪-୧୯୬୬) ପ୍ରଧାନମନ୍ତ୍ରୀ ଥିବା ବେଳର ଘଟଣା। ତାଙ୍କର ସନ୍ତାନମାନେ ସେତେବେଳେ ସେଣ୍ଟ କୁଲୁମ୍ବ ସ୍କୁଲରେ ଅଧ୍ୟୟନ କରୁଥାନ୍ତି। ପ୍ରଧାନମନ୍ତ୍ରିତ୍ୱ ବେଳେ ତାଙ୍କ ପିଲାମାନେ ସ୍କୁଲ ଯିବା ପରି ଏକ ବ୍ୟକ୍ତିଗତ କାର୍ଯ୍ୟରେ ଅଫିସ ଯାନବାହନର ବ୍ୟବହାର ସକାଶେ ଶାସ୍ତ୍ରୀ ଘୋର ନାପସନ୍ଦ କରୁଥିଲେ। ତେଣୁ ପିଲାମାନେ ଘୋଡ଼ା ଟାଣୁଥିବା ଟାଙ୍ଗାରେ ଯିବାକୁ ବାଧ୍ୟ ହେଉଥିଲେ। ଆଗ୍ରହବଶତଃ ଅନୁସନ୍ଧାନରୁ ଶାସ୍ତ୍ରୀ ପରିବାର ଜାଣିଲେ ଯେ, ଉପରବର୍ଣ୍ଣିତ କାର୍‌ଟି ୧୨,୦୦୦ ଟଙ୍କାରେ ବିକ୍ରି ହେଉଛି। ଏହି ବିଷୟ ଶାସ୍ତ୍ରୀଙ୍କୁ ଜଣାଇଲେ। କିନ୍ତୁ ପ୍ରଧାନମନ୍ତ୍ରୀଙ୍କ ବ୍ୟାଙ୍କ ଆକାଉଣ୍ଟରେ ମୋଟେ ୭,୦୦୦ ଟଙ୍କା ଥିଲା। ତେଣୁ ପଞ୍ଜାବ ନ୍ୟାଶ୍‌ନାଲ ବ୍ୟାଙ୍କ (ପିଏନ୍‌ବି)ରେ ଥିବା ଶାସ୍ତ୍ରୀଙ୍କ ଜମା ଖାତାରେ ଆଉ ୫,୦୦୦ ଟଙ୍କା ମିଶାଇବା ଦରକାର। ପିଲାମାନଙ୍କ ଆଗ୍ରହ ଦେଖି ଶାସ୍ତ୍ରୀ ପିଏନ୍‌ବିକୁ ଏହି ଅବଶିଷ୍ଟ ଟଙ୍କା ପାଇଁ ଋଣ ଦରଖାସ୍ତ କଲେ।

ତେବେ ଦରଖାସ୍ତ ଦେବା ମାତ୍ରେ ଯେତେବେଳେ ଋଣ ମଞ୍ଜୁର ହୋଇଗଲା, ଶାସ୍ତ୍ରୀ ବ୍ୟାଙ୍କକୁ ଜଣାଇଲେ, ଏହି ତତ୍ପରତା କେବଳ ମୋ ପାଇଁ ନ ହୋଇ ସାଧାରଣ ଜନତାଙ୍କ ପାଇଁ ହେଉ। କାର୍ କିଣା ହେଲା ୧୯୬୫ ମସିହାରେ। ଆକାଙ୍‌କ୍ଷିତ ନୂଆ କାର୍‌ଟି ପାଇ ପିଲାମାନଙ୍କ ଖୁସି କହିଲେ ନ ସରେ। ତା' ପରବର୍ଷ ଶାସ୍ତ୍ରୀ ଭାରତ-ପାକିସ୍ତାନ ଯୁଦ୍ଧ ସମାପ୍ତିପୂର୍ବକ ଶାନ୍ତିଚୁକ୍ତିରେ ସ୍ୱାକ୍ଷର କରିବା ପାଇଁ ତତ୍କାଳୀନ ସୋଭିଏତ ରୁଷର ତାସ୍‌କେଣ୍ଟ ସହରକୁ ଗଲେ। ଦୁର୍ଭାଗ୍ୟବଶତଃ ସେଠାରେ ତାଙ୍କର ଅକାଳ ଦେହାନ୍ତ ଘଟିଲା। ଘଟଣାଚକ୍ରରେ ବ୍ୟାଙ୍କ ଋଣ ତାଙ୍କ ନାମରେ ଗଡ଼ିଲା। ପତ୍ନୀ ଲଳିତା ଶାସ୍ତ୍ରୀ ଏ ବିଷୟ ଯେତେବେଳେ ଜାଣିଲେ, ସେ ସ୍ୱାମୀଙ୍କ ପରଲୋକ ପରେ ଯେଉଁ ପେନ୍‌ସନ୍ ପାଉଥିଲେ ସେଥିରୁ ଋଣ ପରିଶୋଧ କଲେ। ଏ ବିଷୟଟି ଶାସ୍ତ୍ରୀଙ୍କ ପୁତ୍ର ତଥା କଂଗ୍ରେସ ନେତା ଅନିଲ ଶାସ୍ତ୍ରୀ ନିକଟରେ ପ୍ରକାଶ କରିଛନ୍ତି ଏବଂ ତାଙ୍କ ନାତି ଆଦର୍ଶ ଶାସ୍ତ୍ରୀ ଏହାର ସତ୍ୟତା ଦୋହରାଇଛନ୍ତି।

ଆଜିକାଲି ବଡ଼ବଡ଼ିଆଙ୍କ ପରିବାରର ସଦସ୍ୟମାନେ ଯେମିତି ନିଜ ପ୍ରଭାବ ପ୍ରୟୋଗ କରି ଋଣ ନ ଶୁଝିବା ପାଇଁ କିମ୍ବା ଋଣମୁକ୍ତ ହେବାକୁ ପ୍ରଚେଷ୍ଟାରତ, ଅତୀତରେ ସେମିତି ନୈତିକ ସ୍ଖଳନ ବିରଳ ଥିଲା କହିଲେ ଅତ୍ୟୁକ୍ତି ହେବ ନାହିଁ। ଅବଶ୍ୟ ଶାସ୍ତ୍ରୀଙ୍କ ଜୀବନବ୍ୟାପୀ ସାଧୁତାର ପ୍ରଭାବ ତାଙ୍କ ପରିବାର ଉପରେ ପଡ଼ିଥିବ। କିନ୍ତୁ ଆଜିକାଲି ଋଣ ଆତ୍ମସାତ୍ କରିବା ପରି ବ୍ୟାପକ ଭାବେ ପରିଦୃଷ୍ଟ ଅଧୋଗତି ଚାର୍ବାକ୍‌ପନ୍ଥୀଙ୍କ ଦୁର୍ବୁଦ୍ଧି ହୋଇପାରେ। ଯେଉଁମାନେ 'ଭସ୍ମୀଭୂତସ୍ୟ ଦେହସ୍ୟ ପୁନରାଗମନଂ କୃତଃ'ରେ ବିଶ୍ୱାସ କରନ୍ତି, ସେମାନେ ବୁଝନ୍ତି ନାହିଁ ଯେ, ଏହି ଶରୀର ପାଉଁଶ ହେବା ଆଗରୁ ଋଣଦାତାମାନେ ଚୁପହୋଇ ବସି ରହିବେ ନାହିଁ। ଆଇନ ଅଦାଲତ, ଜନ ଅପବାଦ ସେମାନଙ୍କୁ ଶାନ୍ତିରେ ବସାଇଦେବ ନାହିଁ। ଏହି ଅବସରରେ ସେମାନଙ୍କ ଦୁଃଖ ହୋଇଯାଏ ଅବର୍ଣ୍ଣନୀୟ। ଋଣରେ ବୁଡ଼ିଥିବା ସତ୍ତ୍ୱେ ଘିଅପିଆର ମଉଜ ମଜ୍‌ଲିସ ଓ ଆନନ୍ଦ ସେତେବେଳେ ପିତା ହୋଇ ବାନ୍ତି ମାଡ଼ିବ।

ମୋ-୯୪୩୭୦୨୬୬୫୧

# ପୃଥିବୀକୁ ବଞ୍ଚାଇବ କିଏ



ଅଲେଖ ଚନ୍ଦ୍ର ସାମଲ

ଆଜି ବିଶ୍ୱ ମୃତ୍ତିକା ଦିବସ। କେବଳ ମଣିଷର ବାସବାସ, ଖାଦ୍ୟପେୟ ପାଇଁ ନୁହେଁ, ଆମ ସମସ୍ତଙ୍କ ପାଇଁ ମୃତ୍ତିକାର ଗୁରୁତ୍ୱପୂର୍ଣ୍ଣ ଅବଦାନ ରହିଛି। ସମ୍ପ୍ରତି ନୂଆଦିଲ୍ଲୀ ପରି ରାଜଧାନୀ ସହରରେ ଭୟଙ୍କର ବାୟୁ ପ୍ରଦୂଷଣ ହେବା ସହ ଲୋକମାନଙ୍କର ନିଃଶ୍ୱାସପ୍ରଶ୍ୱାସ ପାଇଁ ଅମ୍ଳଜାନ କିଣିବା ସମ୍ଭବତଃ ବର୍ତ୍ତମାନର ସମୟ ପାଇଁ ଏକ ବହୁତ ବଡ଼ ଆଶ୍ଚର୍ଯ୍ୟର ପ୍ରସଙ୍ଗ। ୨୦୨୦ ପରବର୍ତ୍ତୀ ସମୟରେ ବିଶ୍ୱରେ କାର୍ବନ ନିର୍ଗମନ ମାତ୍ରାକୁ ୨ ଡିଗ୍ରୀ ମଧ୍ୟରେ ସୀମିତ ରଖିବା ସକାଶେ ପୃଥିବୀର ବଡ଼ ବଡ଼ ଦେଶ ଭିତରେ ସହମତି ପ୍ରକାଶ ପାଉ ନ ଥିବାରୁ ସମଗ୍ର ବିଶ୍ୱ ଏବେ ଏକ ପ୍ରକାର ଭୟଙ୍କର ବିପର୍ଯ୍ୟୟ ଆଡ଼କୁ ମୁହାଁଉଛି। ଯଦିଚ ବିଶ୍ୱକୁ ଜଳବାୟୁ ପରିବର୍ତ୍ତନ ଓ ଉତ୍ତାପବୃଦ୍ଧିରୁ ରୋକିବା ସକାଶେ ସଭିଏଁ ଏକମନରେ କାର୍ଯ୍ୟ କରିବା ଉଚିତ, ତଥାପି ସେ ଦାୟିତ୍ୱବୋଧ ମଧ୍ୟରେ ବି ପାର୍ଥକ୍ୟ ରହିବା ଆବଶ୍ୟକ। ୧୮୫୦ ମସିହାଠାରୁ ଯେଉଁ ଶିଳ୍ପୋନ୍ନତ ରାଷ୍ଟ୍ରମାନେ ଶିଳ୍ପ ନାମରେ ବାୟୁମଣ୍ଡଳକୁ ପ୍ରଭୂତ ମାତ୍ରାରେ ଅଙ୍ଗାରକାମ୍ଳ ବାଷ୍ପ ଛାଡ଼ି ଆଜିର ଅବସ୍ଥାରେ ପହଞ୍ଚାଇଛନ୍ତି, ସେମାନେ ଯଦି ଏବେ ଦରିଦ୍ର ଓ ଅନୁନ୍ନତ ରାଷ୍ଟ୍ରଙ୍କ ଭଳି ଏ ଦିଗରେ କିଛି ନ କରି ବସିରହନ୍ତି, ତେବେ ଏଥିରୁ କୌଣସି ସୁଫଳ ମିଳିବା ଅସମ୍ଭବ। ଯେଉଁ ପ୍ରକୃତିକୁ ସେମାନେ ଅହରହ ଲୁଟିଛନ୍ତି ତା'ର ସୁରକ୍ଷା ପାଇଁ ସେମାନଙ୍କୁ ନିଜ ସମୃଦ୍ଧିରୁ କିଛିଟା ତ୍ୟାଗ କରିବାକୁ ପଡ଼ିବ। ଉଦାହରଣ ସ୍ୱରୂପ କୁହାଯାଇପାରେ ଯେ, ୧୮୫୧ଠାରୁ ୨୦୧୧ ମଧ୍ୟରେ କେବଳ ଆମେରିକା ପୃଥିବୀ ବାୟୁମଣ୍ଡଳକୁ ୪୧୧ ବିଲିୟନ ଟନ ଅଙ୍ଗାରକାମ୍ଳ ଛାଡ଼ିଛି। ଅର୍ଥାତ୍ ବିଶ୍ୱ ଜନସଂଖ୍ୟାର ମାତ୍ର ୫ ପ୍ରତିଶତ ଜନସଂଖ୍ୟା ବିଶିଷ୍ଟ ରାଷ୍ଟ୍ର ଯଦି ବିଶ୍ୱର ମୋଟ କାର୍ବନ ନିର୍ଗମନର ୨୧ ପ୍ରତିଶତ ବାୟୁମଣ୍ଡଳରେ ଭରିଛି ତେବେ ବର୍ତ୍ତମାନ ବିଶ୍ୱକୁ ବଞ୍ଚାଇରଖିବା ପାଇଁ ତା'ର ଦାୟିତ୍ୱ କେତେ ତାହା ସହଜରେ ଅନୁମେୟ। କେବଳ ଆମେରିକା ନୁହେଁ, ଏହି କାଳଖଣ୍ଡ ମଧ୍ୟରେ ୟୁରୋପୀୟ ସଂଘଙ୍କ ଅଙ୍ଗାରକାମ୍ଳ ନିର୍ଗମନର ମାତ୍ରା ଥିଲା ୧୮.୪ ପ୍ରତିଶତ, ଚାଇନାର ୧୦.୭ ପ୍ରତିଶତ ଏବଂ ଭାରତର ୨.୮ ପ୍ରତିଶତ। ଅପରପକ୍ଷରେ ଏହି ଅବଧି ମଧ୍ୟରେ ସମଗ୍ର ଆଫ୍ରିକାର କାର୍ବନ ନିର୍ଗମନ ପରିମାଣ ଥିଲା ମାତ୍ର ୫୦ ବିଲିୟନ ଟନ୍ ଯାହାକି ବିଶ୍ୱର ମୋଟ କାର୍ବନ ନିର୍ଗମନ

## ବିଶ୍ୱ ମୃତ୍ତିକା ଦିବସ ଉପଲକ୍ଷେ

ପରିମାଣର ୨.୭ ପ୍ରତିଶତ। ଆଶ୍ଚର୍ଯ୍ୟର କଥା ୧୯୯୨ ମସିହାରେ କାର୍ବନ ନିର୍ଗମନ ପ୍ରସଙ୍ଗରେ ବିଶ୍ୱ ସ୍ତରରେ ଆଲୋଚନା ଆରମ୍ଭ ହେବା ପରେ ବାୟୁମଣ୍ଡଳକୁ ଅଙ୍ଗାରକାମ୍ଳ ନିର୍ଗମନ ମାତ୍ରାରେ ପ୍ରାୟ ୫୦ ପ୍ରତିଶତ ବୃଦ୍ଧି ପାଇଛି। ଅବଶ୍ୟ ଏକଥା ସତ ଯେ, ବିଗତ ତିନି ଦଶନ୍ଧି ମଧ୍ୟରେ ବିଶ୍ୱରେ ଯେଉଁ ମାତ୍ରାରେ ଶିଳ୍ପବିକାଶ ଓ ଉତ୍ପାଦନ ଘଟିଛି ତାହା ଅତୀତରେ କୌଣସି କାଳଖଣ୍ଡରେ ଘଟି ନ ଥିଲା। ତେଣୁ ପ୍ରଗତି ସହ ଆମକୁ ତା'ର କୁପରିଣାମକୁ ମଧ୍ୟ ମୁଣ୍ଡାଇବାକୁ ପଡ଼ିବ। ଏଇ ଅଢ଼େଇ ଦଶନ୍ଧି ଭିତରେ ଜଳବାୟୁ ପରିବର୍ତ୍ତନ ଲାଗି ବିଶ୍ୱ ନେତୃବର୍ଗ ଅନ୍ୟୂନ ୨୨ଥର ବିଭିନ୍ନ ସ୍ଥାନରେ ମିଳିତ ହୋଇ ଗଳଦ୍‌ଘର୍ମ ଆଲୋଚନା କରିଛନ୍ତି। କିନ୍ତୁ ନିର୍ଯ୍ୟାସ ପାଇଁ ବିଶ୍ୱବାସୀ ଏବେ ବି ଅପେକ୍ଷାରତ। ତା'ର କାରଣ ହେଲା, ଜଳବାୟୁ ପରିବର୍ତ୍ତନ ସହ ଅର୍ଥନୀତି ଓତପ୍ରୋତ ଭାବେ ଜଡ଼ିତ। ପାଶ୍ଚାତ୍ୟ ରାଷ୍ଟ୍ରମାନେ ପଣସ ଖାଇ ଏବେ ଅଠା ବୋଳୁଛନ୍ତି ଗରିବ ରାଷ୍ଟ୍ରଙ୍କ ମୁଣ୍ଡରେ। ଦରିଦ୍ର ରାଷ୍ଟ୍ରଙ୍କ ନିକଟରେ କାର୍ବନ ନିର୍ଗମନ ପାଇଁ ନା ଅଛି ସାଧନ ନା ଅଛି ସାମର୍ଥ୍ୟ। ପୁଣି ସେମାନଙ୍କ ପ୍ରସଙ୍ଗ ଉପସ୍ଥାପନ ପାଇଁ ଏବେ କେହି ନାହାନ୍ତି।

ଆଜି ସମାଜରେ ମୃତ୍ତିକାଠାରୁ ବାୟୁ ପର୍ଯ୍ୟନ୍ତ ସବୁଠାରେ ପ୍ରଦୂଷଣର ଭୟାବହତା ଦେଖିବାକୁ ମିଳୁଛି। ଆମେ ସାମ୍ନା କରୁଥିବା ସୁନାମି ହେଉଛି ପ୍ରକୃତି ଉପରେ ଆମ୍ଭେମାନେ ସୃଷ୍ଟି କରୁଥିବା ଚାପର ପ୍ରତିକ୍ରିୟା। ମୃତ୍ତିକା ସଂରକ୍ଷଣ ହେଉ ବା ପ୍ରଦୂଷଣ ଏସବୁ କ୍ଷେତ୍ରରେ କେବଳ ସରକାର ବା ବେସରକାରୀ ସଙ୍ଗଠନ ଉପରେ ଦାୟିତ୍ୱ ନ୍ୟସ୍ତ କଲେ ହେବନାହିଁ। ଦିନକୁ ଦିନ ଯେଉଁପରି ଭାବରେ ଗଛ କଟା ହୋଇ କଂକ୍ରିଟ୍ ଜଙ୍ଗଲ ସୃଷ୍ଟି ହେଉଛି ଏବଂ ସେ ତୁଳନାରେ ବୃକ୍ଷରୋପଣ ହେଉନାହିଁ, ଏହା ହିଁ ବର୍ତ୍ତମାନ ସମୟର ସବୁଠାରୁ ବଡ଼ ଆହ୍ୱାନ। ଆମେ ସମସ୍ତେ ବୃକ୍ଷ, ଜୀବଜଗତ, ପ୍ରାଣୀ ଜଗତ ସମସ୍ତଙ୍କୁ ଭଲ ପାଇବା ସହ ବୃକ୍ଷରୋପଣ ଓ ବୃକ୍ଷର ଉନ୍ନତି ନିମିତ୍ତ ନିଜ ସୀମିତ ସାଧମତେ କିଛି କିଛି କାର୍ଯ୍ୟକ୍ରମ ହାତକୁ ନେଲେ ପୃଥିବୀ ମାତା ନିଶ୍ଚିନ୍ତ ବଞ୍ଚିବ। ପୃଥିବୀକୁ ବଞ୍ଚାଇବା ପାଇଁ ଭଗବାନଙ୍କ ଦୈବୀକୃପା ତ ନିଶ୍ଚୟ ରହିଛି କିନ୍ତୁ ଏସବୁର ବଡ଼ ଦାୟିତ୍ୱ ଆମ୍ଭମାନଙ୍କ ଉପରେ। କାରଣ କ୍ୟୋଟୋ ପ୍ରୋଟୋକଲ୍ ଢାଞ୍ଚାରେ ସମନ୍ୱିତ ଜାତୀୟ ପ୍ରତିଶ୍ରୁତିବଦ୍ଧ ଅବଦାନ ଭିତ୍ତିରେ ଯେଉଁ ପ୍ରତିବଦ୍ଧତା ପ୍ରକଟ ପାଇଁ ସୁଯୋଗ ଦିଆଯାଇଛି ତାହା ଉତ୍ପନ୍ନ ଗୁରୁତର ଜଳବାୟୁ ସଂକଟରୁ ତ୍ରାହି ପାଇବା ପାଇଁ ଯେ ପର୍ଯ୍ୟାପ୍ତ ନୁହେଁ ସେକଥା ଏବେଠାରୁ ଅନୁଭୂତ ହେଲାଣି। ତେଣୁ ନିଜେ ବଞ୍ଚିବା ସହ ଏବେ ପୃଥିବୀକୁ ବଞ୍ଚାଇବା ସକାଶେ ଉଦ୍ୟମ କରାଯିବା ଜରୁରୀ।

ସହକାରୀ ବନ ସଂରକ୍ଷକ, ରାୟଗଡ଼ା ବନ୍ୟ ଡିଭିଜନ, ରାୟଗଡ଼ା, ମୋ-୯୪୩୭୨୫୬୧୨୩

## ଏଇ ଭାରତରେ

ମନସ୍କାମନା ପୂରଣ ପାଇଁ କିଏ କେତେ ପ୍ରକାର ପନ୍ଥା ଅବଲମ୍ବନ କରିଥାଆନ୍ତି। କିଏ ମନ୍ଦିରରେ ଅଧିଆ ପଡ଼ନ୍ତି ତ କିଏ ଠାକୁରଙ୍କୁ ପୂଜା କରନ୍ତି। କିଏ ପୁଣି ଦାଢ଼ି ରଖନ୍ତି ତ କିଏ ଲଣ୍ଡା ହୁଅନ୍ତି। ମନସ୍କାମନା ପୂରଣ କରିବାର ଏ ସବୁ ଗୋଟିଏ ଗୋଟିଏ ମାଧ୍ୟମ। ତେବେ କେତେଦୂର ମାନସିକ ପୂରଣ ହୁଏ ସମ୍ପୃକ୍ତ ବ୍ୟକ୍ତି ହିଁ କହିପାରିବେ। କିନ୍ତୁ ଏଥିପାଇଁ ଛୋଟପିଲାଙ୍କୁ ମାଙ୍କଡ ବେଶ କରାଯିବା କଥାଟି ନିଆରା। ଏପରି ଘଟଣା ଦେଖିବାକୁ ମିଳେ ପଞ୍ଜାବର ଅମୃତସର ନିକଟରେ ଥିବା ପାବ୍ ଅଞ୍ଚଳର ଏକ ହନୁମାନ ମନ୍ଦିରରେ। ଏଠାରେ ମାନସିକ ପୂରଣ ପାଇଁ ଛୋଟପିଲାଙ୍କୁ ମାଙ୍କଡ ବେଶ କରାଯାଇଥାଏ। ମନ୍ଦିରରେ ପ୍ରତିବର୍ଷ କାର୍ତ୍ତିକ ମାସରେ ୧୦ଦିନ ପର୍ଯ୍ୟନ୍ତ ଏହି ଉତ୍ସବ ଚାଲେ। ଏହାକୁ ଲଙ୍ଗୁର ମେଳା କୁହାଯାଏ। ଏହି ମେଳାରେ ଯୋଗଦେବା ପାଇଁ ଦେଶବିଦେଶରୁ ଅନେକ ଶ୍ରଦ୍ଧାଳୁ ଆସିଥାଆନ୍ତି। ମେଳାକୁ ଆସୁଥିବା ଛୋଟ ଛୋଟ ପିଲାଙ୍କୁ ମାଙ୍କଡ ବେଶ କରି ମାତାପିତା ମନ୍ଦିରକୁ ଆଣିଥାଆନ୍ତି। ଏଭଳି ଏକ ପ୍ରାଚୀନ ପରମ୍ପରା ୭ଶହରୁ ଅଧିକ ବର୍ଷ ହେଲା ଏଠାରେ ଚଳିଆସୁଛି।

## ଚିରନ୍ତନୀ

ନୟନ ତଳେ ଦେଖି କଜଳ
ପରାଣ ନାହିଁ ହୁଏ ସଜଳ
କପୋଳ ସ୍ୱେଦ ଶୋଭା ନିରେଖି ଏ ଅଧର
ତୃଷାରେ ହୁଏ ନାହିଁ ବିକଳ।
(ବ୍ୟାଖ୍ୟା)
-କାଳିନ୍ଦୀ ଚରଣ ପାଣିଗ୍ରାହୀ

## ୨୫ ବର୍ଷ ତଳର ଧରିତ୍ରୀ

**୫ ଡିସେମ୍ବର ୧୯୯୩**

- ଭାରତୀୟ ଜନତା ପାର୍ଟିର ନେତା ଭୈରୋଁସିଂ ଶେଖାୱତଙ୍କ ରାଜସ୍ଥାନର ନୂଆ ମୁଖ୍ୟମନ୍ତ୍ରୀ ଭାବେ ଶପଥ ଗ୍ରହଣ।
- ତାମିଲନାଡୁରେ ପ୍ରବଳ ଝଡ଼ ତୋଫାନରେ ୨୩ ଜଣଙ୍କ ମୃତ୍ୟୁ।
- ସିମ୍‌ଲା ରାଜିନାମା ଜରିଆରେ କଶ୍ମୀର ସମସ୍ୟାର ସମାଧାନ ହେବା ଆବଶ୍ୟକ ବୋଲି ଉଭୟ ଭାରତ ଏବଂ ପାକିସ୍ତାନର ସହମତି।

## su|do|ku | ସୁ-ଡୋ-କୁ

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| D | | | | | 4 | | | 8 | C | | | 7 | | 3 |
| | | | | 9 | | | | 4 | 5 | | | 8 | | |
| 2 | | | | 3 | | 1 | 0 | | 9 | 4 | | | | |
| | | | | D | | B | | | | | 3 | 0 | | |
| 5 | | | 2 | | B | | | | 1 | 0 | | | | 4 |
| | | | C | | 5 | 3 | 1 | 0 | | | | | | |
| | | C | | 7 | 1 | 5 | B | | 8 | D | 0 | 3 | | |
| | | 7 | | 8 | | 9 | | | 6 | | | | | |
| | | 9 | | | 3 | 7 | 4 | E | | | | D | | |
| | | 6 | D | | | | | | 3 | | A | | | 9 |
| | C | E | | B | 7 | | 6 | A | | 1 | | | | |
| | A | | | | | 4 | | | | | | 6 | | C |
| | 0 | | 1 | | | | | 3 | 2 | | B | | | |
| | 4 | | | C | 6 | | | | E | | | | 1 | 5 |
| | 6 | | E | 0 | 2 | | 8 | 1 | | | | | | 7 |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୦ରୁ ୯ ପର୍ଯ୍ୟନ୍ତ ଅଙ୍କ ଓ Aରୁ E ପର୍ଯ୍ୟନ୍ତ ଇଂଲିଶ ଲିପି ରହିବ।

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| 4 | 6 | B | C | 0 | 2 | 3 | E | D | 9 | 5 | 1 | A | 7 | 8 |
| 1 | 5 | A | D | 6 | 4 | 0 | 7 | B | E | 8 | 2 | 3 | C | 9 |
| 7 | 3 | 2 | 9 | 8 | A | C | 5 | 1 | 4 | 6 | D | E | B | 0 |
| 9 | D | 0 | B | 7 | E | 6 | 8 | 2 | 3 | C | A | 5 | 1 | 4 |
| C | E | 8 | 3 | 5 | 1 | A | 4 | 9 | 0 | B | 7 | D | 6 | 2 |
| 2 | 9 | D | 0 | 1 | 8 | E | 3 | 7 | B | 4 | C | 6 | A | 5 |
| 8 | C | 7 | 2 | 9 | B | 5 | 1 | A | 6 | 0 | E | 4 | 3 | D |
| 3 | 1 | 4 | A | D | C | 8 | 6 | 0 | 7 | 2 | 5 | 9 | E | B |
| E | B | 5 | 6 | 4 | 3 | D | 2 | C | A | 9 | 8 | 1 | 0 | 7 |
| 0 | A | 6 | 5 | E | 7 | 9 | B | 4 | D | 1 | 3 | 8 | 2 | C |
| 5 | 8 | 3 | 1 | 2 | D | 7 | 0 | 6 | C | E | 4 | B | 9 | A |
| A | 2 | E | 7 | B | 0 | 4 | 9 | 3 | 5 | D | 6 | C | 8 | 1 |
| 6 | 7 | 1 | E | C | 5 | B | D | 8 | 2 | A | 9 | 0 | 4 | 3 |
| B | 4 | 9 | 8 | A | 6 | 2 | C | 5 | 1 | 3 | 0 | 7 | D | E |
| D | 0 | C | 4 | 3 | 9 | 1 | A | E | 8 | 7 | B | 2 | 5 | 6 |

ଗତକାଲିର ଉତ୍ତର

## ପାଠକ ଶ୍ରେଷ୍ଠ ବିଚାରକ

### ଜଗତ କାଳର ଅଧୀନ

ମହାଶୟ,

ଦେବତା, ଅସୁର, ଯକ୍ଷ, ଗନ୍ଧର୍ବ ଓ ମଣିଷ ସମସ୍ତେ କାଳ ଦ୍ୱାରା କବଳିତ। କାଳର ଊର୍ଦ୍ଧ୍ୱରେ କେହି ନୁହନ୍ତି। କାଳର ଅକଳନ ଶକ୍ତିକୁ ଆକଳନ କରି ନ ପାରି କ୍ଷମତା, ପଦପଦବୀର ମୋହରେ ଧରାକୁ ସରା ମନେକରି ଶେଷରେ ସେହି କାଳର କରାଳ ସ୍ରୋତରେ ଅନେକ ଜ୍ଞାନୀ, ଧନୀ ଓ ମାନୀ ଭାସି ଯାଇଛନ୍ତି କୁଟାଖିଅ ପରି। ଆମେ ଭୁଲିଯିବା ଉଚିତ ନୁହେଁ ଯେ ଆମ ଉପରେ ଗୋଟିଏ ମହାକାଳ ନଜର ରଖିଛି। ଆମେ ତା' ହାତରୁ ରକ୍ଷାପାଇବା ଅସମ୍ଭବ। ଏଣୁ କାଳ ସହିତ ବାଜି ନ ମାରି ବରଂ କାଳ ନିକଟରେ ନମ୍ରତା ପ୍ରକାଶ କରି ନିଜକୁ ସଫଳ ମଣିଷରେ ପରିଣତ କରିବା ବିଧେୟ। ଏହି ପରିପ୍ରେକ୍ଷୀରେ ଧରିତ୍ରୀ (୧୦।୧୧)ରେ ପ୍ରକାଶିତ ଡ. ନରହରି ବେହେରାଙ୍କ 'ଜଗତ କାଳର ଅଧୀନ' ଆଲେଖ୍ୟଟି ବେଶ୍ ଯୁକ୍ତିଯୁକ୍ତ ଓ ମାର୍ଗଦର୍ଶକ।

ଭଗବାନ ଦାସ, ଅବସରପ୍ରାପ୍ତ ଶିକ୍ଷକ, 'ହରି ନିବାସ' ନାରାୟଣପୁର, କେନ୍ଦ୍ରାପଡ଼ା

### ଛାତ୍ର ସଂସଦ ନିର୍ବାଚନ

ଡ. ଅଚ୍ୟୁତ ସାମନ୍ତଙ୍କ ଦ୍ୱାରା ଲିଖିତ କଲେଜ ନିର୍ବାଚନ ସମ୍ପର୍କିତ ସୁଚିନ୍ତିତ ତଥା ସମୟୋଚିତ ମତାମତ ସମ୍ବନ୍ଧୀୟ ଆଲେଖ୍ୟଟି ଅତି ସ୍ପର୍ଶକାତର। ଏହା ଦୀର୍ଘ ପୁଞ୍ଜୀଭୂତ ଅସନ୍ତୋଷର ପ୍ରତୀକ ମଧ୍ୟ। ଆଜକୁ ୧୦ବର୍ଷ ତଳେ ଏହାର ଭୟାବହତାକୁ ଲକ୍ଷ୍ୟ କରି ଏହି ସ୍ତମ୍ଭ ଜରିଆରେ ସଚେତନ ଜନତାଙ୍କ ଦୃଷ୍ଟି ଆକର୍ଷଣ କରାଇଥିଲି। ଆଜି ଏହା ସାଧାରଣ ନିର୍ବାଚନଠାରୁ ମଧ୍ୟ ଅଧିକ ଉଗ୍ରହିଂସାତ୍ମକ ରୂପ ଧାରଣ କଲାଣି। ବର୍ତ୍ତମାନ ପରିସ୍ଥିତିରେ ଡ. ସାମନ୍ତଙ୍କ ଭଳି ଚିନ୍ତାଶୀଳ ଶିକ୍ଷାବିତ୍ ଓ ବୁଦ୍ଧିଜୀବୀମାନେ ଏକତ୍ରିତ ଭାବେ ସ୍ୱରଉତ୍ତୋଳନ କରି ଏହାର ବିକଳ୍ପ ବ୍ୟବସ୍ଥା ସ୍ଥିରୀକୃତ ନ କଲେ ଭବିଷ୍ୟତରେ ପରିସ୍ଥିତି ସଙ୍ଗିନ ହୋଇପଡ଼ିବ।

ଲକ୍ଷ୍ମୀକାନ୍ତ ମହାରଣା, ଆଦିମାତା କଲୋନୀ, ଭୁବନେଶ୍ୱର

### ମୋ ବସ୍ ସେବାରୁ ବଞ୍ଚିତ

ଡୁମୁଡୁମା ଅଞ୍ଚଳବାସୀ, ଚତୁର୍ଥ ପର୍ଯ୍ୟାୟ, ପଞ୍ଚସଖା ନଗର, ମା' ମଙ୍ଗଳା କଲୋନୀ ଓ କଣ୍ଟୋପଲିସ୍‌ବାସୀଙ୍କର ଦୀର୍ଘଦିନର ଦାବିକୁ ଉପେକ୍ଷା କରାଯାଇ ନିକଟରେ ଯେଉଁ ରୁଟ୍‌ରେ ସିଟି ବସ୍ ଚାଲୁଥିଲା, ସେହି ରୁଟ୍‌ରେ ପୁଣି ମୋ ବସ୍ ସେବା ଲୋକାର୍ପିତ କରାଯାଇଛି। ସୁତରାଂ ବିଭିନ୍ନ ଅନୁଷ୍ଠାନ, ମାନ୍ୟଗଣ୍ୟ ବ୍ୟକ୍ତି ବିଶେଷ ଓ ସାଧାରଣ ଲୋକ ଗଭୀର ଅସନ୍ତୋଷ ପ୍ରକାଶ କରିଛନ୍ତି। ଆମର ଦୀର୍ଘଦିନର ଦାବି ଡୁମୁଡୁମା ପାଲାମଣ୍ଡପ, ଚତୁର୍ଥ ପର୍ଯ୍ୟାୟ ରାମମନ୍ଦିର, କଣ୍ଟୋପଲିସ୍, ବରମୁଣ୍ଡା ବସ୍‌ଷ୍ଟାଣ୍ଡ ଦେଇ ୬ ନମ୍ବର ମେଡିକାଲ ଓ ଷ୍ଟେଶନ ରୁଟ୍‌ରେ ମିନିବସ୍ ସେବା ଯୋଗାଇବା ପାଇଁ। ଆବଶ୍ୟକତା ଦୃଷ୍ଟିରୁ ଉକ୍ତ ରୁଟ୍‌ରେ 'ମୋ ବସ୍ ସେବା' ଯୋଗାଇ ଦେବାକୁ ବାରମ୍ବାର ଦାବି ହୋଇଆସୁଛି। କିନ୍ତୁ ଏହାକୁ ଉପେକ୍ଷା କରାଯାଇଛି। ଏ ରୁଟ୍‌ରେ ତୁରନ୍ତ ବସ୍ ସେବା କରାଗଲେ ବରିଷ୍ଠ ନାଗରିକ, ମହିଳା, ଛାତ୍ରୀଛାତ୍ର, ବିଭିନ୍ନ ଦପ୍ତରର କର୍ମଚାରୀ ଓ ବ୍ୟବସାୟୀମାନେ ଉପକୃତ ହେବା ସଙ୍ଗେ ସଙ୍ଗେ ସରକାରଙ୍କର ରାଜସ୍ୱ ବଢ଼ିବ ବୋଲି ଆଶା କରାଯାଉଛି।

ବିଶ୍ୱନାଥ ଜେନା, ବରିଷ୍ଠ ନାଗରିକ, ୪ର୍ଥ ପର୍ଯ୍ୟାୟ, ଡୁମୁଡୁମା, ଭୁବନେଶ୍ୱର


ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)



ମାୟାରୁ ମମତାର ସୃଷ୍ଟି। ମାୟା ବନ୍ଧନକୁ ଛିନ୍ନ କରିଥିବା ସାଧୁମାନଙ୍କ ମନ ଭିତରେ ଈଶ୍ୱରଙ୍କ ବ୍ୟତୀତ ଅନ୍ୟ କିଛି ପ୍ରତି ମାୟା ବା ମମତା ନ ଥାଏ। - ଚାଣକ୍ୟ

## ସଂକ୍ଷେପରେ

### ବନ୍ୟାଞ୍ଚଳ ପ୍ରକଳ୍ପ ନିର୍ଦ୍ଦେଶକଙ୍କ ଯୁଯୁମୁରା ପରିଦର୍ଶନ
## ଜଙ୍ଗଲ ସୁରକ୍ଷା, ବୃଦ୍ଧିକୁ ନେଇ କଲେ ଆହ୍ୱାନ

ସମ୍ବଲପୁର,୪।୧୨(ବ୍ୟୁରୋ)

ସମ୍ବଲପୁର ଜିଲା ଗସ୍ତରେ ଓଡିଶା ବନ୍ୟାଞ୍ଚଳ ପ୍ରକଳ୍ପ ନିର୍ଦ୍ଦେଶକ ଲଳିତ ମୋହନ ତିୱାରି ଆସି ଯୁଯୁମୁରା ରେଞ୍ଜ ପରିଦର୍ଶନ କରିଛନ୍ତି । ପ୍ରଥମେ ଯୁଯୁମୁରା ରେଞ୍ଜ ଅଧିନରେ ହେଉଥିବା ନିର୍ମାଣ କାମ ଗୁଡିକ ତାଦରଖ କରିଥିଲେ । ପରେ ଠର୍ଲି ଗ୍ରାମରେ ଏକ ବୈଠକ ଅନୁଷ୍ଠିତ ହୋଇଥିଲା । ସ୍ଥାନୀୟ ବନ ସୁରକ୍ଷା ସମିତି ସଭାପତି ଗୀତ ଗୋବିନ୍ଦ ପଟ୍ଟନାୟକ ଏଥିରେ ସଭାପତିତ୍ୱ କରିଥିଲେ। ଏହି ଅବସରରେ ଡିଏଫଓ ସଞ୍ଜିତ କୁମାର, ସଦରରେଞ୍ଜର ଗୌରୀ ଦାସ ପ୍ରମୁଖ ଉପସ୍ଥିତ ରହିଥିଲେ । ନିକଟସ୍ଥ ଜଙ୍ଗଲକୁ ବୃଦ୍ଧି କରିବା ସହ ସୁରକ୍ଷା ଦେବାକୁ ପରାମର୍ଶ ଦେଇଥିଲେ। ଜଙ୍ଗଲ ବୃଦ୍ଧି ହେଲେ ଆଗାମୀ ପିଢି ପାଇଁ ଏହା ଲାଭ ଦାୟକ ହେବ । ଏଥିରେ ନିର୍ଭର କରି ରୋଜଗାର ହୋଇ ପାରିବ ବୋଲି କହିଥିଲେ । ଏହି ଅବସରରେ ୨୫ଜଣଙ୍କୁ ଚୁଲା ବଣ୍ଟନ କରାଯାଇଥିଲା । ଅନ୍ୟମାନଙ୍କ ମଧ୍ୟରେ ଝାଙ୍କରପାଲି ଫରେଷ୍ଟର କୁଳମଣୀ ପାଣଗ୍ରାହୀ, ସୁଶାନ୍ତ ବାଗ , ପିଙ୍କି ବେହେରା ପ୍ରମୁଖ ଉପସ୍ଥିତ ରହିଥିଲେ ।

## ଫସଲ କ୍ଷତିଗ୍ରସ୍ତ: ଯୁବଚାଷୀଙ୍କ ଆତ୍ମହତ୍ୟା ଅଭିଯୋଗ

ଧମା,୪।୧୨(ଡି.ଏନ୍.ଏ.)

କେନାଲ ପାଣି ଅଭାବ ଓ ଚକଡ଼ା ରୋଗରେ ଫସଲ କ୍ଷତିକୁ ସହ୍ୟ କରି ନ ପାରି ମାନେଶ୍ୱର ବ୍ଲକ ହୁମା ପଞ୍ଚାୟତ ପାଞ୍ଚଫୁଟ ଗ୍ରାମର ଯୁବଚାଷୀ ଗୌତମ ସେଠଙ୍କ ଆତ୍ମହତ୍ୟାର ଏକମାସ ନ ପୂରୁଣୁ ସୋମବାର ସେହି ପଞ୍ଚାୟତର ଆଉ ଜଣେ ଚାଷୀ ଆତ୍ମହତ୍ୟା କରିଥିବା ଅଭିଯୋଗ ହୋଇଛି। ପାଞ୍ଚଫୁଟ ଗ୍ରାମ ନିକଟ କରଞ୍ଜୋଲା ଗ୍ରାମର ଚାଷୀ ଦେବାର୍ଜ୍ଜନ ନାଗ (୪୫) ବିଷ ପିଇ ଆତ୍ମହତ୍ୟା କରିଛନ୍ତି। ଦେବାର୍ଜ୍ଜନଙ୍କ ପରିବାରରେ ତାଙ୍କ ସ୍ତ୍ରୀ, ପୁଅ ଓ ୩ ଭାଇ ଅଛନ୍ତି। ଏମାନଙ୍କର ମାତ୍ର ଗୋଟିଏ ଏକର ଚାଷଜମି ଅଛି। ଦେବାର୍ଜ୍ଜନ ବିଭିନ୍ନ ବ୍ୟକ୍ତିଙ୍କ ୧୦ଏକର ଜମିରେ ଭାଗଚାଷ କରୁଥିଲେ। ପରିବାର ଲୋକଙ୍କ କହିବାନୁଯାୟୀ, ଚଳିତବର୍ଷ କମ୍ ବୃଷ୍ଟିପାତ ହୋଇଥିବାରୁ ସେ କେନାଲ ପାଣିକୁ ଭରସା କରିଥିଲେ। ତେବେ କେନାଲରେ ପାଣି ଆସି ନ ଥିଲା। ଫଳରେ ଫସଲ କେତେକାଂଶରେ କ୍ଷତିଗ୍ରସ୍ତ ହୋଇଥିଲା। ହେଲେ ମାଟିଆଗୁଣ୍ଡି ପୋକ ଲାଗି ବଞ୍ଚିଯାଇଥିବା ଫସଲ ଚକଡ଼ା ରୋଗ ପ୍ରଭାବିତ ହୋଇଥିଲା। ଫଳରେ ଦେବାର୍ଜ୍ଜନ ଋଣବୋଝ ଓ ପରିବାର ପ୍ରତିପୋଷଣ ଚିନ୍ତାରେ ଦୀର୍ଘଦିନ ହେଲା ମାନସିକ ଚାପରେ ଥିଲେ। ସୋମବାର ପୂର୍ବାହ୍ନ ୧୧ଟାରେ ବିଲକୁ ଯାଉଛି ବୋଲି ପରିବାର ଲୋକଙ୍କୁ କହି ଘରୁ ବାହାରିଥିଲେ ମଧ୍ୟ ଦୀର୍ଘ ସମୟ ପର୍ଯ୍ୟନ୍ତ ଫେରି ନ ଥିଲେ। ଅପରାହ୍ନ ୨ଟାରେ ପରିବାର ଲୋକେ ତାଙ୍କୁ ଉଦ୍ଧାର କରି ପ୍ରଥମେ ଧମା ଡାକ୍ତରଖାନା ଓ ପରେ ସମ୍ବଲପୁର ସଦର ଡାକ୍ତରଖାନା ନେଇଥିଲେ। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ସୋମବାର ସନ୍ଧ୍ୟାରେ ତାଙ୍କର ମୃତ୍ୟୁ ଘଟିଛି। ମଙ୍ଗଳବାର ଧମା ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ଦେବାର୍ଜ୍ଜନ କୀଟନାଶକ ପିଇ ଆତ୍ମହତ୍ୟା କରିଥିବା ପରିବାର ଲୋକେ ଅଭିଯୋଗ କରିଛନ୍ତି।

### ଏନ୍ଆଇଓଏସ୍ ଡିଇଏଲ୍ଇଡିକୁ ଓଟିଇଟି ଅନୁମତିର ପ୍ରତିବାଦ, ନିଷ୍ପତ୍ତି ପ୍ରତ୍ୟାହାର ଦାବି
# ଜିଲାପାଳ ଅଫିସ ଆଗରେ ଛାତ୍ରୀଛାତ୍ରଙ୍କ ବିକ୍ଷୋଭ

ଦେବଗଡ଼,୪।୧୨(ସ୍ୱ.ପ୍ର.)

ନ୍ୟାଶନାଲ ଇନଷ୍ଟିଚ୍ୟୁଟ୍ ଅଫ୍ ଓପନ ସ୍କୁଲ (ଏନ୍ଆଇଓଏସ୍) ପାଠ୍ୟକ୍ରମରେ ପ୍ରଶିକ୍ଷଣ ନେଇ ଘରୋଇ ସ୍କୁଲଗୁଡ଼ିକରେ କାର୍ଯ୍ୟରତ ଶିକ୍ଷୟିତ୍ରୀ ଶିକ୍ଷକଙ୍କୁ ସରକାର ଓଟିଇଟି ପରୀକ୍ଷା ଦେବାକୁ ଅନୁମତି ଦେଇଥିବାରୁ ଏହାକୁ ବିରୋଧ କରାଯାଇଛି। ସ୍ଥାନୀୟ ଜିଲା ଶିକ୍ଷା ଓ ପ୍ରଶିକ୍ଷଣ ପ୍ରତିଷ୍ଠାନ (ଡିଆଇଇଟି) ଛାତ୍ରୀଛାତ୍ରମାନେ ଏହାର ପ୍ରତିବାଦରେ ନଭେମ୍ବର ୨୮ ତାରିଖରେ ଧାରଣାରେ ବସିବା ସହ ପ୍ରତିଷ୍ଠାନରେ ତାଲା ମାରିଥିଲେ। ତେବେ ଦୀର୍ଘ ୬ ଦିନ ପରେ ମଧ୍ୟ ସରକାର କୌଣସି ନିଷ୍ପତ୍ତି ନ ନେବା ଏବଂ ନିର୍ଦ୍ଦେଶକୁ ପ୍ରତ୍ୟାହାର କରି ନ ଥିବାରୁ ମଙ୍ଗଳବାର ରେଗୁଲାର ଡିଇଏଲ୍ଇଡି ସଂଘ ସଭାପତି ରଞ୍ଜନ କୁମାର ପଟେଲ ଏବଂ ସମ୍ପାଦକ ଅଜୟ ଖାଡ଼ିଆଙ୍କ ନେତୃତ୍ୱରେ ସ୍ଥାନୀୟ ପ୍ରଶିକ୍ଷଣ ସ୍କୁଲର ଛାତ୍ରୀଛାତ୍ର ବିରାଟ ଶୋଭାଯାତ୍ରାରେ ବାହାରି ଦେବଗଡ଼ ଜିଲାପାଳଙ୍କ କାର୍ଯ୍ୟାଳୟରେ ପହଞ୍ଚିଥିଲେ। ସେଠାରେ ବିଭିନ୍ନ ନାରାବାଜି ଦେବା ସହ ପ୍ଲାକାର୍ଡ ପ୍ରଦର୍ଶନ କରି ବିକ୍ଷୋଭ କରିଥିଲେ। ଏଥିସହ ୨ ଦଫା ଦାବି ସମ୍ବଳିତ ସ୍ମାରକପତ୍ର ରାଜ୍ୟ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗକୁ ପ୍ରଦାନ କରିଥିଲେ। ସୂଚନାଯୋଗ୍ୟ, ବିନା ତାଲିମରେ ଘରୋଇ ସ୍କୁଲଗୁଡ଼ିକରେ କାର୍ଯ୍ୟ କରୁଥିବା ଶିକ୍ଷୟିତ୍ରୀ ଶିକ୍ଷକମାନେ ଏନ୍ଆଇଓଏସ୍‌ରେ ଡିଇଏଲ୍ଇଡି ପ୍ରଶିକ୍ଷଣ ନେଇ ଓଟିଇଟି ପରୀକ୍ଷାରେ ଅଂଶଗ୍ରହଣ କରିପାରିବେ ବୋଲି ରାଜ୍ୟ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ଘୋଷଣା କରିଛି। ରାଜ୍ୟର ବିଭିନ୍ନ ଜିଲା ଶିକ୍ଷା ଓ ପ୍ରଶିକ୍ଷଣ ପ୍ରତିଷ୍ଠାନର ଛାତ୍ରୀଛାତ୍ର ଏହି ନିଷ୍ପତ୍ତିକୁ ଦୃଢ଼ ବିରୋଧ କରିଛନ୍ତି। ଏହି ନିଷ୍ପତ୍ତିକୁ ତୁରନ୍ତ ପ୍ରତ୍ୟାହାର କରିବାକୁ ସେମାନେ ଦାବି କରିଛନ୍ତି।



ଛାତ୍ରୀଛାତ୍ରମାନେ ଶୋଭାଯାତ୍ରାରେ ଜିଲାପାଳଙ୍କ ଅଫିସ ଅଭିମୁଖେ ଯାଉଛନ୍ତି।

# ଡଇଁଚା ମଣ୍ଡିରୁ ଉଠିଲା ୩୯୨୦ପ୍ୟାକେଟ ଧାନ

ନାକଟିଦେଉଳ,୪।୧୨(ଡି.ଏନ.ଏ.)

ସମ୍ବଲପୁର ଜିଲା ନାକଟିଦେଉଳ ବ୍ଲକ ଅନ୍ତର୍ଗତ ଡ଼ଇଁଚା ପ୍ରାଥମିକ କୃଷି ସମବାୟ ସମିତି ପକ୍ଷରୁ ମଙ୍ଗଳବାର ଚଳିତ ବର୍ଷ ପ୍ରଥମଥର ପାଇଁ ଚାଷୀମାନଙ୍କଠାରୁ ଧାନ କିଣା ଆରମ୍ଭ ହୋଇଛି । ଡ଼ଇଁଚା ମଣ୍ଡିରେ ମଙ୍ଗଳବାର ପ୍ରଥମ ଦିବସରେ ଅଞ୍ଚଳର ୪୪ଜଣ ଚାଷୀ ଧାନ ବିକ୍ରି କରିଥିବା ବେଳେ ସମୁଦାୟ ୩୯୨୦ପ୍ୟାକେଟ ଧାନ କିଣାଯାଇଥିବା ଜଣାପଡ଼ିଛି । ଧାନ କିଣା ସମୟରେ ସମ୍ବଲପୁର ଜିଲା କେନ୍ଦ୍ର ସମବାୟ ବ୍ୟାଙ୍କର ନାକଟିଦେଉଳ ଶାଖା ପରିଚାଳକ ଅନୁପମ ଦାଶ, ନିୟନ୍ତ୍ରୀତ ବଜାର କମିଟିରେଢ଼ାଖୋଲର କ୍ଷେତ୍ରବାସୀ ପ୍ରଧାନ, ଡ଼ଇଁଚା ସେବାସମବାୟ ସମିତିର ସଭାପତି ଦଶରଥ ଧଳ, ନିର୍ଦ୍ଦେଶକ ବାସୁଦେବ ସ୍ୱାଇଁ, ଶଙ୍କର୍ଷଣ ବେହେରା, ଚାଷୀ ପ୍ରାଣବନ୍ଧୁ ପ୍ରଧାନ, ଯତୀନ୍ଦ୍ର ପ୍ରଧାନ, ମୁଲିଆ ରାଉଳ, ଧର୍ମାନନ୍ଦ ବେହେରାଙ୍କ ସମେତ ସମିତିର ସମସ୍ତ କର୍ମଚାରୀ ଉପସ୍ଥିତ ଥିଲେ । ଚାଷୀମାନେ ଯେପରି ସୁରୁଖୁରୁରେ ଧାନ ବିକ୍ରି କରି ଠିକ ସମୟରେ ସେମାନଙ୍କର ପ୍ରାପ୍ୟ ପାଇପାରିବେ ସେ ନେଇ ପଦକ୍ଷେପ ନେବାକୁ ସ୍ଥାନୀୟ ବିଧାୟକ ରୋହିତ ପୂଜାରୀ ବିଭାଗୀୟ ଅଧିକାରୀମାନଙ୍କୁ ପରାମର୍ଶ ଦେଇଛନ୍ତି ।


ଡଇଁଚା ମଣ୍ଡିରେ ଧାନ ବିକ୍ରି କରୁଥିବା ଚାଷୀମାନେ।

# ଏମ୍ସ କଲେଜ ଛାତ୍ରୀଛାତ୍ରଙ୍କ ଭୁବନେଶ୍ୱର ଗସ୍ତ


ସମ୍ବଲପୁର ବିଧାୟିକା ରାସେଶ୍ୱରୀ ପାଣିଗ୍ରାହୀ ସବୁଜ ପତାକା ଦେଖାଇ ଶୁଭାରମ୍ଭ କରୁଛନ୍ତି ।

ସମ୍ବଲପୁର,୪।୧୨(ବ୍ୟୁରୋ)

ସମ୍ବଲପୁର ପରଧିଆପାଲିସ୍ଥିତ ଏମ୍ସ କଲେଜର ୧୩୦ଜଣ ଛାତ୍ରୀଛାତ୍ର ମଙ୍ଗଳବାର ଭୁବନେଶ୍ୱର କଳିଙ୍ଗ ଷ୍ଟାଡିୟମରେ ଚାଲିଥିବା ପୁରୁଷ ବିଶ୍ୱ କପ୍ ହକି ମ୍ୟାଚ ଦେଖିବାକୁ ଯାତ୍ରା କରିଛନ୍ତି। ସମ୍ବଲପୁର ବିଧାୟିକା ରାସେଶ୍ୱରୀ ପାଣିଗ୍ରାହୀ, ଜିଲା କ୍ରୀଡାଧିକାରୀ ଉପେନ୍ଦ୍ର ଶତପଥି, ଓଡିଶା କ୍ରିକେଟ ଆସୋସିଏଶନ୍ ପୂର୍ବତନ ଉପସଭାପତି ସାବୀର ହୁସେନ୍ ସବୁଜ ପତାକା ଦେଖାଇ ଯାତ୍ରା ଶୁଭାରମ୍ଭ କରିଥିଲେ । ଛାତ୍ରୀଛାତ୍ରଙ୍କ ସହ କଲେଜ ନିର୍ଦ୍ଦେଶକ ଶ୍ରୀମନ୍ତ ପାତ୍ର ସାମିଲ ଥିଲେ । ବିଜୁ ଯୁବ ବାହିନୀ କର୍ମକର୍ତ୍ତା ମଧ୍ୟ ଉପସ୍ଥିତ ଥିଲେ ।

### ଜନସ୍ୱାସ୍ଥ୍ୟ ଯାନ୍ତ୍ରିକ କର୍ମଚାରୀ ସଂଘର ପ୍ରତିଷ୍ଠା ଦିବସ
## ରାସେଶ୍ୱରୀଙ୍କୁ ଯାନ୍ତ୍ରିକ ସମ୍ମାନ

ସମ୍ବଲପୁର, ୪।୧୨(ବ୍ୟୁରୋ)

ରାଜ୍ୟ ଜନସ୍ୱାସ୍ଥ୍ୟ ଯାନ୍ତ୍ରୀକ କର୍ମଚାରୀ ସଂଘ ସମ୍ବଲପୁର ଜୋନର ଅଷ୍ଟମ ପ୍ରତିଷ୍ଠା ଦିବସ ଅଇଁଠାପାଲି ନିକଟସ୍ଥ ଯାନ୍ତ୍ରୀକ ଭବନଠାରେ ଅନୁଷ୍ଠିତ ହୋଇଯାଇଛି। ସମ୍ବଲପୁର ଏମପି ନଗେନ୍ଦ୍ର ପ୍ରଧାନ ମୁଖ୍ୟଅତିଥି, ଇଂ. ଗୁଲସନ୍ ସାହୁ, ଏସଡିଏ ଅଧକ୍ଷ ବିଜୟ ମହାନ୍ତି, ଆଇନଜୀବୀ ନିରଞ୍ଜନ କର ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ । ସଂଘର କାର୍ଯ୍ୟକାରୀ ସଭାପତି ଗୋକୁଳି ଚନ୍ଦ୍ର ପ୍ରଧାନଙ୍କ ଅଧକ୍ଷତାରେ ଏହି ଉତ୍ସବ ହୋଇଥିଲା। ସମ୍ପାଦକ ସଦାଶିବ ବିଶୋଇ ଜୋନାଲ ରିପୋର୍ଟ ପାଠ କରିଥିଲେ। ଏହି ଅବସରରେ ସମ୍ବଲପୁର ବିଧାୟିକା ରାସେଶ୍ୱରୀ ପାଣିଗ୍ରାହୀଙ୍କୁ ଯାନ୍ତ୍ରୀକ ସମ୍ମାନ ପ୍ରଦାନ କରାଯାଇଥିଲା। ସେହିପରି ବରେଇପାଲିର ଚକ୍ରଧର ସାହୁ, ପଦ୍ମପୁରର ଅନିରୁଦ୍ଧ ମେହେର, ଅନନ୍ତଚରଣ ଦାସ, ଭାନୁ ଦେଇଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । ଏହି ଅବସରରେ ବିଭିନ୍ନ ଅଞ୍ଚଳରୁ କର୍ମକର୍ତ୍ତା ଓ ସଭ୍ୟମାନେ ଯୋଗଦେଇଥିଲେ । କାର୍ଯ୍ୟକ୍ରମ ପରିଚାଳନାରେ କୈଳାଶ ଚନ୍ଦ୍ର ମହାନ୍ତି, ପଦ୍ମଲୋଚନ ସାହୁ, ମଦନ ମାଝୀ, ଲଳିତ ମେହେର, ସତ୍ୟନାରାୟଣ ଦୋରା, ପୂର୍ଣ୍ଣଚନ୍ଦ୍ର ମହାରଣା, ସୁଶୀଲ ବେହେରା, ସୁଶୀଲ କିସାନ, ବେଣୁଧର ପଟେଲ, ଉପେନ୍ଦ୍ର ବାଦି, ବସନ୍ତ ନାୟକ ପ୍ରମୁଖ ସହଯୋଗ କରିଥିଲେ ।

### ଆମ ଭୋଟ ଆମ ଇସ୍ତାହାର ଘୋଷଣା ସ୍ୱୀକାର ଦାବି
# ଝାରସୁଗୁଡ଼ାରୁ ଭୁବନେଶ୍ୱର ସାଇକେଲ ଯାତ୍ରା

ନାକଟିଦେଉଳ,୪।୧୨(ଡ଼ି.ଏନ.ଏ.)

ଆମ ଭୋଟ ଆମ ଇସ୍ତାହାର ଘୋଷଣା ସ୍ୱୀକାର ଦାବିରେ ସମସ୍ତ ରାଜନୈତିକ ଦଳଗୁଡ଼ିକର ଦୃଷ୍ଟି ଆକର୍ଷଣ ଦାବିରେ ପଶ୍ଚିମ ଓଡ଼ିଶାର ଝାରସୁଗୁଡ଼ାରୁ ଭୁବନେଶ୍ୱର ଅଭିମୁଖେ ବାହାରିଥିବା ସାଇକେଲ ସଚେତନତା ଯାତ୍ରା ମଙ୍ଗଳବାର ନାକଟିଦେଉଳରେ ପହଞ୍ଚିଛି। ସମସ୍ତ ରାଜନୈତିକ ଦଳ ଗୁଡ଼ିକ ସେମାନଙ୍କ ନିର୍ବାଚନୀ ଇସ୍ତାହାରରେ ଦେଉଥିବା ପ୍ରତିଶ୍ରୁତି ଗୁଡ଼ିକରେ ବହୁ ସମସ୍ୟା ସ୍ଥାନୀତ ହେଉନାହିଁ । ଏପରିକି କ୍ଷମତାକୁ ଆସିଲା ପରେ ମଧ ତାହା ସେମାନେ ପାଳନ କରୁନାହାନ୍ତି। ଏହି ପରିପ୍ରେକ୍ଷୀରେ ସ୍ଥାନୀୟ ଜନଇସ୍ତାହାରକୁ ସେମାନଙ୍କ ନିର୍ବାଚନୀ ଇସ୍ତାହାରରେ ସାମିଲ କରିବାକୁ ଦାବି କରି ବିଭିନ୍ନ ସଂଗଠନ ପକ୍ଷରୁ ଭୁବନେଶ୍ୱରକୁ ସାଇକେଲ ଶୋଭାଯାତ୍ରା ଗତ୧ତାରିଖଠାରୁ ଆରମ୍ଭ ହୋଇଛି । ମହିଳା ସଂଗ୍ରାମ ସମିତି ସୁନ୍ଦରଗଡ଼ର ରାଜେଶ ବିଶ୍ୱାଳ, ସମ୍ବଲପୁରର ପରଦେଶୀ ମିର୍ଦ୍ଧା, ଉମାକାନ୍ତ ମହାନନ୍ଦ, ଅନିରୁଦ୍ଧ ମରେଇ, ଜମନକିରାର ଡ଼ମ୍ବରୁଧର ଗର୍ଡ଼ିଆ, ରାମଲାଲ ଭଞ୍ଜ, ସମୀର ଭଞ୍ଜ, ବିଭୀଷଣ ଭଞ୍ଜ, ଉପେନ୍ଦ୍ର ମାଝୀ, ସୁଲେମାନ ବାର୍ଲା, ସଂଗ୍ରାମ ସମିତି ଝାରସୁଗୁଡ଼ାର ବୈକୁଣ୍ଠ ମାଝୀ ପ୍ରମୁଖ ଏହି ଶୋଭାଯାତ୍ରାରେ ସାମିଲ ଅଛନ୍ତି । ଏହି ଯାତ୍ରା ଆସନ୍ତା ୯ତାରିଖରେ ଭୁବନେଶ୍ୱରରେ ପହଞ୍ଚି ୧୦ତାରିଖରେ ବିଭିନ୍ନ ରାଜନୈତିକ ଦଳର ନେତୃ ବୃନ୍ଦଙ୍କୁ ଏ ସମ୍ପର୍କରେ ଦାବି ଜଣାଇବେ ।


ସାଇକେଲ ଶୋଭାଯାତ୍ରାରେ ବାହାରିଥିବା ସାଇକେଲ ସଚେତନତା ଯାତ୍ରା।

# ନକଲି ଆଧାର କାର୍ଡ ଦେଇ ନିକାହ ଘଟଣା : ରୁଜୁ ହେଲା ମାମଲା

ସମ୍ବଲପୁର,୪।୧୨(ବ୍ୟୁରୋ)

ସମ୍ବଲପୁର ଜିଲା ଆଲା ହଜରତ ୱେଲ ଫେୟାର କିମିଟି ପକ୍ଷରୁ ଡିସେମ୍ବର ୨ତାରିଖ ସାମୂହିକ ନିକାହ ସମୟରେ ପ୍ରଶାସନ ପକ୍ଷରୁ ଚଢାଉ ଘଟଣାରେ ଜିଲାପାଳଙ୍କ ନିର୍ଦ୍ଦେଶକ୍ରମେ ମଙ୍ଗଳବାର ମାମଲା ରୁଜୁ ହୋଇଛି। ଅଭିଯୋଗ ହେଲା ପରେ ଜିଲାପାଳ ସମର୍ଥ ବର୍ମା ଏହି ଘଟଣାରେ ମାମଲା ରୁଜୁ କରି ତଦନ୍ତ କରିବାକୁ ଏସପି ସଞ୍ଜିବ ଆରୋରାଙ୍କୁ ନିର୍ଦ୍ଦେଶ ଦେଇଛନ୍ତି । ଏହାକୁ ନେଇ ଧନୁପାଲି ଥାନାରେ କେସ ନଂ ୪୪୬/୧୮ରେ ଏକ ମାମଲା ରୁଜୁ ହୋଇଛି । ନକଲି ଆଧାର କାର୍ଡ କିଏ ତିଆରି କଲା କାହିଁକି ନିକାହ ପାଇଁ ତାହା ବ୍ୟବହାର କରାଗଲା ଭଳି ଅନେକ ଦିଗର ତଦନ୍ତ କରାଯିବ ବୋଲି ଜଣାପଡିଛି । ସୁଚନାଯୋଗ୍ୟ ଯେ, ନିକାହ ସମୟରେ ମୋଟ ୨୧ଟି ଯୋଡା ନିକାହ କରିବା ପାଇଁ କମିଟି ପକ୍ଷରୁ ବ୍ୟବସ୍ଥା କରାଯାଇଥିଲା । ପ୍ରଶାସନ ପକ୍ଷରୁ ଚଢାଉ କରାଯାଇ ୫ନାବାଳିକା ଓ ୧ଜଣେ ନାବାଳକଙ୍କ ଥିବା ଜାଣିବାକୁ ପାଇଥିଲା । ସେମାନଙ୍କ ନିକାହ ବନ୍ଦ କରି ଦିଆଯାଇଥିଲା । ହେଲେ ବାକି ୧୫ଯୋଡାର ନିକାହ ହୋଇଥିଲା ।

# ବ୍ଲକସ୍ତରୀୟ କ୍ରିକେଟ ଟୁର୍ନାମେଣ୍ଟ, ଗିରିଶ୍ଚନ୍ଦ୍ରପୁର ଚାମ୍ପିୟନ

ନାକଟିଦେଉଳ,୪।୧୨(ଡ଼ି.ଏନ.ଏ.)

ସମ୍ବଲପୁର ଜିଲା ନାକଟିଦେଉଳ ବ୍ଲକ ବିଜୁ ଯୁବବାହିନୀ ପକ୍ଷରୁ ଜଗନ୍ନାଥପ୍ରସାଦ ମିନି ଷ୍ଟାଡ଼ିୟମଠାରେ ସୋମବାରଠାରୁ ଆରମ୍ଭ ହୋଇଥିବା ଦୁଇଦିନିଆ କ୍ରିକେଟ ଟୁର୍ନାମେଣ୍ଟ ମଂଗଳବାର ଉଦ୍‌ଯାପିତ ହୋଇଛି। ଏହି ଟୁର୍ନାମେଣ୍ଟରେ ମୋଟ ୧୩ଟି ଦଳ ଭାଗ ନେଇଥିବାବେଳେ ଫାଇନାଲ ମ୍ୟାଚ ନାକଟିଦେଉଳ ଏବଂ ଗିରିଶ୍ଚନ୍ଦ୍ରପୁର ମଧ୍ୟରେ ଅନୁଷ୍ଠିତ ହୋଇଥିଲା । ଏଥିରେ ଗିରିଶ୍ଚନ୍ଦ୍ରପୁର ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୬ଓଭରରେ ୩ଉଇକେଟ ହରାଇ ୭୮ରନ ସଂଗ୍ରହ କରିଥିବାବେଳେ ନାକଟିଦେଉଳ ୫ଉଇକେଟ ହରାଇ ୬୮ରନ ସଂଗ୍ରହ କରିବାରେ ସକ୍ଷମ ହୋଇଥିଲା। ଟୁର୍ନାମେଣ୍ଟରେ ଗିରିଶ୍ଚନ୍ଦ୍ରପୁରର ସୁବାଷଙ୍କୁ ମେନ୍ ଅଫ ଦ ମ୍ୟାଚ ଏବଂ ସୁମନ୍ତଙ୍କୁ ମେନ ଅଫ ଦ ସିରିଜ ପ୍ରଦାନ କରାଯାଇଥିଲା । ସରୋଜ ସାହୁ ଏବଂ ସୌମ୍ୟରଞ୍ଜନ ସ୍ୱାଇଁ ଖେଳ ପରିଚାଳନା କରିଥିଲେ। ବିଜୁ ଯୁବବାହିନୀ ବ୍ଲକ ସଂଯୋଜକ ଜିତେନ୍ଦ୍ର ସାହୁଙ୍କ ଅଧ୍ୟକ୍ଷତାରେ ଆୟୋଜିତ ପୁରସ୍କାର ବିତରଣୀ ସମାରୋହରେ ମୁଖ୍ୟ ଅତିଥି ଭାବେ ବ୍ଲକ ଅଧକ୍ଷା ମନ୍ଦାକିନୀ ରାଉଳ, ସମ୍ମାନିତ ଅତିଥି ଭାବେ ଜଗନ୍ନାଥ ପ୍ରସାଦ ପି.ଏମ. ହାଇସ୍କୁଲର ପ୍ରଧାନଶିକ୍ଷକ ରେବତୀମୋହନ ଦଳବେହେରା, ଜାମୁଯୋରୀ ଗ୍ରାମପଞ୍ଚାୟତର ସମିତି ସଭ୍ୟା ସାଗର ସାହୁ ପ୍ରମୁଖ ଯୋଗଦେଇ ବିଜେତା ଓ ଉପବିଜେତା ଦଳକୁ ଟ୍ରଫି ପ୍ରଦାନ କରିଥିଲେ । ଟୁର୍ନାମେଣ୍ଟ ଆୟୋଜନରେ ଜଗନ୍ନାଥପ୍ରସାଦ ନେତାଜୀ କ୍ରୀଡ଼ା ଓ ସାଂସ୍କୃତିକ ସଂସଦର କର୍ମକର୍ତ୍ତା, ବିଜୁ ଯୁବ ବାହିନୀର ନାକଟିଦେଉଳ ସଭାପତି ବିଶ୍ୱାମିତ୍ର ସାହୁଙ୍କ ସମେତ ସମସ୍ତ ସଦସ୍ୟମାନେ ସହଯୋଗ କରିଥିଲେ ।


ବିଜୟୀ ଦଳର ଖେଳାଳିଙ୍କ ସହ ଅତିଥିମାନେ ।


IDBI BANK
(A Govt. of India Owned Bank)

ଆଇଡ଼ିବିଆଇ ବ୍ୟାଙ୍କ ଲିଃ.,
ଗ୍ରାଣ୍ଡ ରୋଡ଼, ବଡ଼ଶଙ୍ଖ, ପୁରୀ-୭୫୨୦୦୨, ଓଡ଼ିଶା
(CIN: L65190MH2004GOI148838)

ଋଣ ରିକଲ୍ ନୋଟିସ୍

| କ୍ର.ନ. | ଋଣଗ୍ରହୀତା/ଗ୍ୟାରେଣ୍ଟିଦାତାମାନଙ୍କ ନାମ ଏବଂ ଠିକଣା | ଋଣ ପରିମାଣ/ ଋଣ ମଞ୍ଜୁରୀ ତାରିଖ | ଋଣଗ୍ରହୀତା/ଗ୍ୟାରେଣ୍ଟିଦାତା/ବନ୍ଧକଦାତାଙ୍କ ଦ୍ୱାରା ପରିଶୋଧ କରିବାକୁ ଥିବା ସୁଧ ସହିତ ବକେୟା ପରିମାଣ |
|---|---|---|---|
| ୧. | ଋଣଗ୍ରହୀତା: ମେସର୍ସ ସୁପ୍ରିୟା ଫୁଡ୍ ପ୍ରଡକ୍ଟସ୍, ସ୍ୱତ୍ତ୍ୱାଧିକାରୀ: କେ. ରଶ୍ମୀତା ପାତ୍ର, ସା: ଦେବୀଘାଟ, ବାରବାଟୀ ଲେନ୍, ପୁରୀ-୭୫୨୦୦୧ / ଗ୍ୟାରେଣ୍ଟିଦାତାମାନେ : ୧) କେ. ସୁରେଶ କୁମାର, ସା: ଦେବୀଘାଟ, ବାରବାଟୀ ଲେନ୍, ପୁରୀ-୭୫୨୦୦୧, ୨) ବାଳକୃଷ୍ଣ ନାୟକ, କୁଣ୍ଡେଇବେଣ୍ଟ ସାହି, ବାନାୟର ମନ୍ଦିର ନିକଟ, ପୁରୀ-୭୫୨୦୦୧ | ଟ.୨୦.୦୦ଲକ୍ଷ / ୩୧.୧୨.୨୦୧୫ | ୦୧.୧୦.୨୦୧୮ ସୁଦ୍ଧା ଟ.୨୦,୯୦,୭୪୨/- |

ଏତଦ୍‌ଦ୍ୱାରା ଉପରୋକ୍ତ ଋଣଗ୍ରହୀତା ଏବଂ ଗ୍ୟାରେଣ୍ଟିଦାତା/ବନ୍ଧକଦାତାଙ୍କୁ ନୋଟିସ୍ ମାଧ୍ୟମରେ ଜଣାଇଦିଆଯାଉଛି ଯେ, ଉପରୋକ୍ତ ଋଣଗ୍ରହୀତାଙ୍କୁ ଆଇଡ଼ିବିଆଇ ବ୍ୟାଙ୍କ ଲିଃ., (ଆଇଡ଼ିବିଆଇ ବ୍ୟାଙ୍କ) ଦ୍ୱାରା ଆର୍ଥିକ ସହାୟତା/ଋଣ ପ୍ରଦାନ କରାଯାଇଥିଲା । ଯେହେତୁ କଥିତ ଋଣଗ୍ରହୀତା ଋଣ ପରିଶୋଧ କରିବାରେ ଅସଫଳ ହୋଇଛନ୍ତି, ତେଣୁ ତାଙ୍କର ଆକାଉଣ୍ଟ ଅଣକାର୍ଯ୍ୟକାରୀ ସମ୍ପତ୍ତି (NPA) ଶ୍ରେଣୀଭୁକ୍ତ ହୋଇଛି। ଆଇଡିବିଆଇ ବ୍ୟାଙ୍କ "ରେଜେଷ୍ଟ୍ରି ଡାକ ସହିତ ଏ.ଡି."/କୋରିୟର ମାଧ୍ୟମରେ ଋଣ ପରିଶୋଧ ନିମନ୍ତେ ପୁନଃ ନୋଟିସ୍ ପ୍ରେରଣ କରାଯାଇଥିଲା। ଯାହାକି ଡାକ ବିଭାଗ/କୋରିୟର ଦ୍ୱାରା ପ୍ରଦାନ କରାଯାଇ ନପାରି ଫେରସ୍ତ ଆସିଛି। ତେଣୁ ଏହି ନୋଟିସ୍ ପ୍ରକାଶନ ମାଧ୍ୟମରେ କଥିତ ଋଣଗ୍ରହୀତା, ଗ୍ୟାରେଣ୍ଟିଦାତା/ବନ୍ଧକଦାତାମାନଙ୍କୁ ଜଣାଇ ଦିଆଯାଉଛି ଯେ, ବ୍ୟାଙ୍କର ଉପରୋକ୍ତ ବକେୟା ରାଶି ସହିତ ତତ୍‌ପରବର୍ତ୍ତୀ ସୁଧ ଏବଂ ଆନୁସଙ୍ଗିକ ଖର୍ଚ୍ଚ ଏହି ପ୍ରକାଶନର ୧୫ ଦିନ ମଧ୍ୟରେ ପୈଠ କରନ୍ତୁ । ନଚେତ୍ ଆଇଡିବିଆଇ ବ୍ୟାଙ୍କ ଏହାପରେ, ଋଣଗ୍ରହୀତା /ଗ୍ୟାରେଣ୍ଟିଦାତାମାନଙ୍କୁ କୌଣସି ପ୍ରକାରର ଯୋଗାଯୋଗ ନ କରି ନ୍ୟାୟାଳୟ ମାଧ୍ୟମରେ ସେମାନଙ୍କ ବିପକ୍ଷରେ ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବ । ଏ ବାବଦ ଖର୍ଚ୍ଚ ଓ ଫଳାଫଳ ନିମନ୍ତେ ସେମାନେ ହିଁ ଦାୟୀ ରହିବେ।

ସ୍ଥାନ: ପୁରୀ, ତାରିଖ: ୦୪.୧୨.୨୦୧୮ — ସ୍ୱା/- ଶାଖା ମୁଖ୍ୟ, ଆଇଡ଼ିବିଆଇ ବ୍ୟାଙ୍କ ଲିମିଟେଡ



ପୂର୍ବ ତଟ ରେଳପଥ

ତାଳଚେର ରୁ ଜରପଡ଼ା ଏବଂ ରେଢ଼ାଖୋଲ ରୁ ଯୁଯୁମୁରା ନୂତନ ଡ଼ବଲ ଲାଇନ୍‌ରେ ଓଭର ହେଡ଼୍ ଟ୍ରାକ୍ସନ ତାରରେ ବିଦ୍ୟୁତ୍ ପ୍ରବାହ ସମ୍ବନ୍ଧୀୟ ସାର୍ବଜନିକ ଅଧିସୂଚନା

ପ୍ରୋଫର୍ମା 10.01

ପୂର୍ବ ତଟ ରେଳପଥ ଅନ୍ତର୍ଗତ ନିମ୍ନ ବର୍ଣ୍ଣିତ ସେକ୍ସନ୍‌ର ସମ୍ପୂର୍ଣ୍ଣ ହୋଇଥିବା ସେକ୍ସନରେ ଅବସ୍ଥିତ ରେଳ ଲାଇନ ଏବଂ ପରିସରକୁ ବ୍ୟବହାର କରୁଥିବା ସମସ୍ତ ବ୍ୟକ୍ତିବିଶେଷଙ୍କୁ ଏତଦ୍ୱାରା ଅବଗତ କରାଇ ଦିଆଯାଉଅଛି ଯେ, ନିର୍ଦ୍ଦିଷ୍ଟ ସେକ୍ସନ ନିମନ୍ତେ ନିର୍ଦ୍ଧାରିତ ତାରିଖରେ କିମ୍ବା ଏହାପରେ 25,000 ଭୋଲ୍ଟ, 50 HZ, A.C ଓଭରହେଡ଼୍ ଟ୍ରାକ୍ସନ ତାରରେ ବିଦ୍ୟୁତ୍ ପ୍ରବାହ କରାଯିବ। ସେହି ତାରିଖ ଦିନ ଓ ତାହା ପରଠାରୁ ଓଭରହେଡ଼୍ ଟ୍ରାକ୍ସନ ଲାଇନରେ ସବୁ ସମୟପାଇଁ ବିଦ୍ୟୁତ୍ ପ୍ରବାହ ରହିବ ଏବଂ କୌଣସି ଅନଧିକୃତ ବ୍ୟକ୍ତି ଏହି କଥିତ ଓଭରହେଡ଼୍ ଲାଇନ ନିକଟରେ ପ୍ରବେଶ କରିପାରିବେ ନାହିଁ କିମ୍ବା କାର୍ଯ୍ୟ କରିପାରିବେ ନାହିଁ।

| କ୍ର.ନଂ. | ସେକ୍ସନ | ମଣ୍ଡଳ | ବିଦ୍ୟୁତ୍ ପ୍ରବାହ ତାରିଖ |
|---|---|---|---|
| 1 | ତାଳଚେର ରୁ ଜରପଡ଼ା ମଧ୍ୟରେ ନୂତନ ଡ଼ବଲ୍ ଲାଇନ୍ | ସମ୍ବଲପୁର ଏବଂ ଖୋର୍ଦ୍ଧା ରୋଡ଼ | 31.12.2018 |
| 2 | ରେଢ଼ାଖୋଲ ରୁ ଯୁଯୁମୁରା ମଧ୍ୟରେ ନୂତନ ଡ଼ବଲ୍ ଲାଇନ୍ | ସମ୍ବଲପୁର | 31.01.2019 |

ଦ୍ରଷ୍ଟବ୍ୟ : ତାଳଚେର ଠାରୁ ଜରପଡ଼ା ଓ ରେଢ଼ାଖୋଲ ଠାରୁ ଯୁଯୁମୁରା ପର୍ଯ୍ୟନ୍ତ ସିଙ୍ଗିଲ୍ ଲାଇନ୍ ଏବଂ ଷ୍ଟେସନ ୟାର୍ଡ଼ର OHE ଲାଇନ୍ ଗୁଡ଼ିକରେ ଆଗରୁ 25,000 ଭୋଲ୍ଟ AC ଦ୍ୱାରା ବିଦ୍ୟୁତ୍ ପ୍ରବାହିତ ହୋଇ ସାରିଛି ।

AC 25 KV ଟ୍ରାକ୍ସନ୍ ପ୍ରଚଳନ ନିମନ୍ତେ "ସଡ଼କ ବ୍ୟବହାରକାରୀଙ୍କୁ ସତର୍କ ସୂଚନା"

ପ୍ରୋଫର୍ମା 10.02

ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ସୂଚାଇ ଦିଆଯାଉଅଛି ଯେ, ପୂର୍ବ ତଟ ରେଳପଥର ସମ୍ବଲପୁର ମଣ୍ଡଳ ଏବଂ ଖୋର୍ଦ୍ଧାରୋଡ଼୍ ମଣ୍ଡଳ ଅନ୍ତର୍ଗତ ତାଳଚେର-ସମ୍ବଲପୁର ଦୋହରୀକରଣ ସେକ୍ସନର ବିଦ୍ୟୁତୀକରଣ ସମ୍ବନ୍ଧୀୟ ପୂର୍ବ ତଟ ରେଳପଥ ଅନ୍ତର୍ଗତ ତାଳଚେର ରୁ ଜରପଡ଼ା ଏବଂ ରେଢ଼ାଖୋଲ ରୁ ଯୁଯୁମୁରା ନୂତନ ଡ଼ବଲ୍ ଲାଇନ୍ ସେକ୍ସନ ଗୁଡ଼ିକରେ 25,000 ଭୋଲ୍ଟ A.C ଇଲେକ୍ଟ୍ରିକ୍ ଟ୍ରାକ୍ସନର ପ୍ରବର୍ତ୍ତନ ସମ୍ପର୍କରେ ସମସ୍ତ ଲେଭେଲ କ୍ରସିଂ ଗୁଡ଼ିକଠାରେ କୌଣସି ବୋଝେଇ ଗାଡ଼ି ଏହି ଜୀବନ୍ତ ଟ୍ରାକ୍ସନ ତାର ସଂସ୍ପର୍ଶରେ ନ ଆସିବା କିମ୍ବା ଏହାର ନିକଟବର୍ତ୍ତୀ ବିପଦାଞ୍ଚଳକୁ ପ୍ରବେଶ ନିଷିଦ୍ଧ ନିମନ୍ତେ ସମସ୍ତ ରେଳ ଫାଟକମାନଙ୍କରେ ସଡ଼କ ପତନ ଠାରୁ 4.67 ମି. ଉଚ୍ଚତାରେ ହାଇଟ୍ ଗେଜ୍ ମାନ ସ୍ଥାପନ କରାଯାଇଅଛି ।

ତେଣୁ ସର୍ବସାଧାରଣଙ୍କୁ ଏତଦ୍ୱାରା ସୂଚାଇ ଦିଆଯାଉଅଛିଯେ ସଡ଼କ ଗାଡ଼ିରେ ବୋଝେଇ କରିବା ସମୟରେ ଉପର ବର୍ଣ୍ଣିତ ଉଚ୍ଚତାକୁ ଧ୍ୟାନରେ ରଖି ବୋଝେଇ କରିବେ ଏବଂ ଏହା ଯେପରି କୌଣସି ପରିସ୍ଥିତିରେ ହାଇଟ୍ ଗେଜ୍ ସୀମା ଉଲ୍ଲଙ୍ଘନ ନକରେ, ସେଥିପ୍ରତି ଦୃଷ୍ଟି ଦେବେ।

ଅତ୍ୟଧିକ ଉଚ୍ଚତା ବିଶିଷ୍ଟ ବୋଝେଇ ଦ୍ୱାରା ସୃଷ୍ଟି ହେବାକୁ ଥିବା ବିପଦ ନିମ୍ନମତେ ଅଟେ :

(1) ହାଇଟ୍ ଗେଜ୍ ପ୍ରତି ବିପଦ ଫଳସ୍ୱରୂପ ସଡକ ଏବଂ ରେଳ ଲାଇନ୍ ର ଅବରୋଧ ।
(2) ପରିବହନ କରାଯାଉଥିବା ସାମଗ୍ରୀ ବା ଉପକରଣ କିମ୍ବା ଏହାକୁ ନେଉଥିବା ଗାଡ଼ି ପ୍ରତି ବିପଦ।
(3) ବିଦ୍ୟୁତ୍‌ପ୍ରବାହୀ ତାର ସନ୍ନିକଟ ବିପଜ୍ଜନକ ଅଞ୍ଚଳ କିମ୍ବା ଏହାର ସଂସ୍ପର୍ଶରେ ଆସିବା ଦ୍ୱାରା ଅଗ୍ନି ବିପଦ ଏବଂ ଜୀବନ ପ୍ରତି ବିପଦ।

PR-89/CB/18-19 — ଉପ ମୁଖ୍ୟ ବିଦ୍ୟୁତ୍ ଯନ୍ତ୍ରୀ /ନିର୍ମାଣ/ଅନୁଗୋଳ



GOVT. OF INDIA
MINISTRY OF FINANCE
DEPARTMENT OF FINANCIAL SERVICES
DEBTS RECOVERY TRIBUNAL
COURT OF THE RECOVERY OFFICER
Plot No.: C/71, Sector-7, CDA, Cuttack - 753014
FORM NO. ITCP-1

NOTICE OF DEMAND TO THE CERTIFICATE DEBTORS

(See Rule 2 of the Second Schedule as referred to in Section 29 of the Recovery of Debts due to Banks & Financial Institutions Act, 1993)

R.P. No. 216/2017/CTC
(Arising out of OA No. 281 of 2009)

Next Date: 28.12.2018

**AXIS Bank Ltd.,** Cuttack Branch, At: Badambadi, P.O.: Telenga Bazar, Town/Dist.: Cuttack, PIN-753009 ...Certificate Holder Bank

Vs.

**Shri Subhranshu Kumar Jena & others** ...Certificate Debtors

To,

1. **Shri Subhranshu Kumar Jena,** S/o: Shri Sudhanshu Sekhar Jena, At: Plot No.: 132, Bapujee Nagar, P.O.: Bapujee Nagar, Bhubaneswar, Dist.: Khurda.
2. **Shri Alekh Charan Prusty,** S/o: Late Govinda Prusty, At: Hatasinghpur, G.P.: Kalana, Dist.: Jajpur.
3. **Smt. Kumarika Samal,** W/o: Shri Subhranshu Kumar Jena, At: Plot No.: 132, Bapujee Nagar, P.O.: Bapujee Nagar, Bhubaneswar, Dist.: Khurda.
7. **Shri Prafulla Kumar Basti,** S/o: Shri Pitabas Basti, Vill- Gola Sahi, G.P. Badasa, Dist.: Nayagarh.
8. **Shri Pramod Pandi,** Shri Kishore Chandra Pandi, Vill: Ward No.: 19 of C.M.C., P.S.: Purighat, Town/Dist.: Cuttack.
9. **Shri Krushna Chandra Roul,** S/o: Ganeswar Roul, At: Goutam Nagar, Bhubaneswar, Dist.: Khurda.
11. **M/s. National Bulk Handling Corporation Ltd.,** At: Bajrakabati Road, P.O.: Buxi Bazar, Town/Dist.: Cuttack (Represented by its Cluster Head)

Take notice that Certificate arising out of **OA No. 281 of 2009** issued by the Hon'ble Presiding Officer, Debts Recovery Tribunal, Cuttack under Section 19 (22) of the Recovery of Debts due to Banks and Financial Institutions Act, 1993 and forwarded to the undersigned for recovery of **Rs. 55,39,700.41 (Rupees Fifty Five Lac Thirty Nine Thousand Seven Hundred and Paise Forty One Only)** together with interest till realisation of the dues, cost, charges as per the certificate, the details of which are given below:

| | | | |
|---|---|---|---|
| 1. | Decretal Dues | : Rs. | 55,39,700.41 |
| 2. | Cost allowed (+) | : Rs. | 1,22,000.00 |
| 3. | Interest @12% p.a with quarterly rests from 03.09.2009 to 16.11.2017 | :Rs. | 90,88,581.37 |
| | Total | :Rs. | 1,47,50,281.78 |

(**Rupees One Crore Forty Seven Lac Fifty Thousand Two Hundred Eighty One and Paise Seventy Eight Only**) with Interest @12% p.a. with quarterly rests on the amount due from 17.11.2017 till realization of the entire Dues.

2. You are hereby directed to pay the above stated sum **within 15 (Fifteen) days** of the publication of this notice, failing which the recovery shall be made in accordance with the provisions contained in Chapter V of the Recovery of Debts due to Banks & Financial Institutions Act, 1993.
3. In addition to the aforesaid amount you will also be liable for all future interest, costs, charges and expenses incurred in respect of the service of this notice and of warrants and other processes etc. and of all the other proceedings taken for realising of arrears.
4. You are hereby directed to appear in person or through legal representative before the undersigned on **28.12.2018** and report the details of payment made by you.

Given under my hand & seal at Cuttack on this 15th **day of November, 2018.**

**Sd/- (R. P. Patnaik)**
**Recovery Officer**



ଯେଉଁ ଲୋକର ମସ୍ତିଷ୍କରେ ଜ୍ଞାନ ଭରପୂର, ସେ ହିଁ ସଂକ୍ଷେପରେ କଥାଟିଏ କହିଦେଇପାରେ।
- ବ୍ୟାସକବି ଫକୀରମୋହନ

# ସକାଳେ ଦଳରେ, ସନ୍ଧ୍ୟାରେ ରାଜ୍ୟ ସଭା

ଭୁବନେଶ୍ୱର,୪।୧୨(ବ୍ୟୁରୋ)

୨୦୧୯ ସାଧାରଣ ନିର୍ବାଚନକୁ ନେଇ ଉଭୟ ଜାତୀୟ ଓ ରାଜ୍ୟ ରାଜନୀତି ଉତ୍କଣ୍ଠାପୂର୍ଣ୍ଣ ହେବାରେ ଲାଗିଛି। କିଛି ସପ୍ତାହ ଧରି ରାଜ୍ୟ ରାଜନୀତିର କେତେକ ଘଟଣାବଳୀ ଏହାର ଆଭାସ ଦେଇଛି। ଇତିମଧ୍ୟରେ ୫ ରାଜ୍ୟର ବିଧାନସଭା ନିର୍ବାଚନ ଚୂଡାନ୍ତ ସ୍ତରରେ ପହଞ୍ଚିବାକୁ ଯାଉଛି। ଆସନ୍ତା ଡିସେମ୍ବର ୧୧ରେ ସେଗୁଡ଼ିକର ଫଳାଫଳ ପ୍ରକାଶ ପାଇବ। ଏହା ରାଜ୍ୟରେ ଉଭୟ ଶାସକ ଏବଂ ବିରୋଧୀଙ୍କ ପାଇଁ ବହୁତ ଗୁରୁତ୍ୱ ବହନ କରେ। କେନ୍ଦ୍ରରେ ନେତୃତ୍ୱାଧୀନ ଭାଜପା ଯଦି ଦୀର୍ଘଦିନ ଧରି ଶାସନ କରୁଥିବା ମଧ୍ୟପ୍ରଦେଶ, ଛତିଶଗଡ ଏବଂ ରାଜସ୍ଥାନରେ କ୍ଷମତାରେ କୌଣସି ମତେ ରହିଯାଏ, ତେବେ ଆଗାମୀ ସାଧାରଣ ନିର୍ବାଚନ ଓ ଆନ୍ଧ୍ର ପ୍ରଦେଶ, ଓଡ଼ିଶାରେ ହେବାକୁ ଥିବା ବିଧାନସଭା ନିର୍ବାଚନରେ ଭାଜପା ଅଧିକ ଆକ୍ରମଣାତ୍ମକ ହୋଇପାରେ। ଅନ୍ୟପକ୍ଷରେ ଉପରୋକ୍ତ ୩ ରାଜ୍ୟ ମଧ୍ୟରୁ ଯଦି ୨ଟି ରାଜ୍ୟରେ ହାରିଯାଏ, ତେବେ ନିଜର ସାମ୍ପ୍ରତିକ ରଣନୀତି ପରିବର୍ତ୍ତନ କରିବ ବୋଲି ସମୀକ୍ଷକମାନେ ମତ ରଖିଛନ୍ତି। ସେହିପରି ତେଲେଙ୍ଗାନା ଓ ମିଜୋରାମ ନିର୍ବାଚନକୁ ଭାଜପା ଅନ୍ୟ ୩ ରାଜ୍ୟ ଭଳି ଗୁରୁତ୍ୱ ଦେଉନାହିଁ। ଓଡ଼ିଶାରେ ଏକସଙ୍ଗରେ ବିଧାନସଭା ଓ ଲୋକ ସଭା ନିର୍ବାଚନ ହେବ। ତେଣୁ ଭାଜପାର ରଣନୀତିକୁ ଦେଖି ବିଜେଡି ତା'ର ସାଂଗଠନିକ ପରିବର୍ତ୍ତନ କରିପାରେ।

ମିଳିଥିବା ସୂଚନାନୁଯାୟୀ ବର୍ତ୍ତମାନ ରାଜ୍ୟ ସଭା ସଦସ୍ୟ ଥିବା ପ୍ରତାପ ଦେବ, ପ୍ରସନ୍ନ ଆଚାର୍ଯ୍ୟ ଏବଂ ଅନୁଭବ ମହାନ୍ତିଙ୍କୁ ଏମ୍‌ପି ପଦ ତ୍ୟାଗ କରିବା ପାଇଁ କୁହାଯାଇପାରେ। ସେମାନଙ୍କୁ ରାଜ୍ୟକୁ ଫେରାଇ ଆଣି ତୃଣମୂଳସ୍ତରରେ ନିର୍ବାଚନମଣ୍ଡଳୀରେ ସାଂଗଠନିକ କାର୍ଯ୍ୟରେ ନିୟୋଜିତ କରାଯିବ। ସେହିପରି ଉପରୋକ୍ତ ୩ ପ୍ରାର୍ଥୀଙ୍କ ଇସ୍ତଫା ପରେ ନିକଟରେ ଦଳରେ ଯୋଗଦେଇଥିବା ବମ୍ବେର ପୂର୍ବତନ ପୋଲିସ କମିଶନର ଅରୂପ ପଟ୍ଟନାୟକଙ୍କୁ ପ୍ରଥମ ପସନ୍ଦ ଭାବେ ରାଜ୍ୟ ସଭା ପଠାଯାଇପାରେ। ଅନ୍ୟ ଦୁଇ ଆସନ ପାଇଁ ମାତ୍ର ୪ ଦିନ ତଳେ ଭାଜପା ଛାଡିଥିବା ଦିଲୀପ ରାୟ ଓ ବିଜୟ ମହାପାତ୍ରଙ୍କୁ ଡିସେମ୍ବର ୧୨ ସକାଳେ ବିଜେଡିରେ ମିଶାଇ ସେହିଦିନ ସନ୍ଧ୍ୟାରେ ସିଧାସଳଖ ରାଜ୍ୟ ସଭା ପାଇଁ ମନୋନୀତ କରାଯାଇପାରେ ବୋଲି ଏକାଧିକ ବରିଷ୍ଠ ରାଜନୈତିକ ସମୀକ୍ଷକ କହିଛନ୍ତି। ହେଲେ ଏହା ପୂର୍ବରୁ ୩ ରାଜ୍ୟ ସଭା ସଦସ୍ୟ ନିଜ ହାତ ଲେଖାରେ ରାଜ୍ୟ ସଭା ଅଧ୍ୟକ୍ଷଙ୍କୁ ଇସ୍ତଫାପତ୍ର ଦେବେ। ଅଧ୍ୟକ୍ଷ ଏ ସମ୍ପର୍କିତ ନିୟମ ଅନୁଧ୍ୟାନ କରି ସେମାନଙ୍କ ଇସ୍ତଫା ଗ୍ରହଣ କରିବେ। ଇସ୍ତଫା ଗ୍ରହଣ ଯୋଗ୍ୟ ହେବା ପରେ ଉକ୍ତ ସିଟ୍ ଖାଲି ହେବା ନେଇ ବିଜ୍ଞପ୍ତି ପ୍ରକାଶ କରିବେ ଏବଂ ନିର୍ବାଚନ କମିଶନଙ୍କୁ ଜଣାଇବେ। ଏହା ପରେ ଉକ୍ତ ପଦବୀ ପୂରଣ ପାଇଁ ଉପନିର୍ବାଚନ କରାଯିବାର ବିଧି ରହିଛି।



ବିଜୟ ମହାପାତ୍ର



ଦିଲୀପ ରାୟ

ଏ ସମ୍ପର୍କରେ ଅଧିକ ଜାଣିବା ପାଇଁ ପ୍ରତାପ ଦେବ, ଅନୁଭବ ମହାନ୍ତି, ପ୍ରସନ୍ନ ଆଚାର୍ଯ୍ୟ ଏବଂ ବିଜୟ ମହାପାତ୍ରଙ୍କୁ ଫୋନ୍ ଯୋଗେ ଯୋଗାଯୋଗ କରାଯାଇଥିଲା। ହେଲେ ୩ ଜଣଙ୍କ ଫୋନ୍ ସୁଇଚ୍ ଅଫ୍ ଥିବାବେଳେ ଜଣେ ଫୋନ ଉଠାଇ ନ ଥିଲେ। ଅପରପକ୍ଷରେ ଜଣେ ବିଜେଡି ନେତା ନିଜ ନାମକୁ ଗୋପନ ରଖି କହିଛନ୍ତି ଯେ, କିଏ ଦଳରେ ସକାଳେ ମିଶି ସନ୍ଧ୍ୟାରେ ରାଜ୍ୟ ସଭା ଯିବ, ସେ କଥା ନେତୃତ୍ୱଙ୍କ ନିଷ୍ପତ୍ତି ଉପରେ ନିର୍ଭର କରୁଛି। ହେଲେ ସେହିଭଳି କିଛି ପ୍ରସଙ୍ଗ ଆଲୋଚନା କରାଯିବା ପାଇଁ ବିଜେଡି ନେତୃତ୍ୱ ପକ୍ଷରୁ ବୁଧବାର ଦଳର ଉପସଭାପତି ଏବଂ ସାଧାରଣ ସମ୍ପାଦକମାନଙ୍କ ଏକ ବୈଠକ ଡକାଯାଇଛି। ସମୀକ୍ଷକମାନଙ୍କ ଆକଳନ ଅନୁଯାୟୀ ଏହି ବୈଠକ ପରେ ବିଜୟ , ଦିଲୀପଙ୍କ ମିଶ୍ରଣ ଓ ପରବର୍ତ୍ତୀ ପଦକ୍ଷେପ ସ୍ୱରୂପ ରାଜ୍ୟ ସଭା ଏମ୍‌ପିମାନଙ୍କୁ ଇସ୍ତଫା ଦେବା ପାଇଁ ଦଳର ସଭାପତି ତଥା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ନିର୍ଦ୍ଦେଶ ଦେଇପାରନ୍ତି। ସୂତ୍ରରୁ ମିଳିଥିବା ଖବର ଅନୁଯାୟୀ, ବୈଠକକୁ ନେଇ ଦଳର ଅନ୍ୟତମ ପ୍ରମୁଖ ଉପସଭାପତି ପ୍ରସନ୍ନ ଆଚାର୍ଯ୍ୟ କ୍ଷୁବ୍ଧ ଅଛନ୍ତି। ତେଣୁ ବୁଧବାର ବୈଠକରେ ସେ ଯୋଗଦେଇ ନ ପାରନ୍ତି ବୋଲି ଆଲୋଚନା ହେଉଛି।



## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଅଦିନ ଶାଗ କିଆରି**
**ଅଦିନ କକେଇ ଡାକି ଆଇଟିଲୋ**
**ମୁଁ ତୋର କୋଉ ଝିଆରୀ ?**

ସ୍ୱାର୍ଥାନ୍ୱେଷୀ ବ୍ୟକ୍ତି ପରିଚିତ ବା ସମ୍ପର୍କୀୟ ବ୍ୟକ୍ତିଙ୍କ ସହ ମଧ୍ୟ ବିନା ସ୍ୱାର୍ଥରେ ଦିନେ କାଳେ ସମ୍ପର୍କ ରଖି ନ ଥାନ୍ତି କି ପଚାରି ନ ଥାନ୍ତି। କିନ୍ତୁ ହଠାତ୍ କୌଣସି ସ୍ୱାର୍ଥସିଦ୍ଧିର ଆବଶ୍ୟକ ପଡ଼ିଲେ ନିଜକୁ ମାମୁ, ମାଈଁ, ମଉସା, ମାଉସୀ ବା ଦାଦାଖୁଡ଼ୀର ପରିଚୟ ଦେଇ ନିକଟତର ହେବାକୁ ଚେଷ୍ଟା କରନ୍ତି। ତାଙ୍କର ଏପରି ଆଚରଣରୁ କିଛି ଗୁପ୍ତ ଉଦ୍ଦେଶ୍ୟ ଥିବା ସ୍ପଷ୍ଟ ବୁଝା ପଡ଼ିଯାଇଥାଏ। ଏପରିସ୍ଥଳେ ସେମାନଙ୍କ ଲୋକଦେଖାଣିଆ ମିଛ ସମ୍ପର୍କ ପ୍ରତି ମନରେ ପ୍ରଶ୍ନ ଉଠିବା ସ୍ୱାଭାବିକ ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

**ଅଢ଼େଇ ଦିନିଆ ଏ ସଂସାର**
**ପୁଅ କାହାର ବା ଝିଅ କାହାର ?**

ମିଛ ମାୟା ଭରା ଏ ସାରା ଦୁନିଆରେ କେହି ନୁହନ୍ତି ଆପଣାର। ପୁଅ ଝିଅ ଭଳି ସମସ୍ତ ସମ୍ପର୍କ ଏଠି ମିଛ ବା ତୁଚ୍ଛ। ସମସ୍ତେ ମାୟାରେ ବଶ। ଏହି ଅନିତ୍ୟ ସଂସାରରେ କେହି କାହାର ନୁହନ୍ତି ବୋଲି ଏଠାରେ ପ୍ରକାଶ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ରୂଢ଼ି ପ୍ରୟୋଗ
-ଏ.କେ. ମିଶ୍ର ପବ୍ଲିଶର୍ସ ପ୍ରା.ଲି.

# କୀର୍ତ୍ତନପାଲି ସଡ଼କ ସାହିକୁ ପାନୀୟ ଜଳ ପାଇପ ସଂଯୋଗ ଦାବି

ରିଆମାଳ, ୪।୧୨ (ଡି.ଏନ.ଏ)–ରିଆମାଳ ବ୍ଲକ, ଲୁଲଙ୍ଗ ଗ୍ରାମପଞ୍ଚାୟତ ଅନ୍ତର୍ଗତ କୀର୍ତ୍ତନପାଲି ସଡ଼କସାହିକୁ ପାନୀୟଜଳ ନିମନ୍ତେ ପାଇପ ସଂଯୋଗ ନ ହେବାରୁ ୱାର୍ଡମେମ୍ବର ସଂଯୁକ୍ତା ପ୍ରଧାନ ପ୍ରତିବାଦ କରୁଛନ୍ତି। ସୂଚନାନୁସାରେ ପାନୀୟ ଜଳ ଯୋଗାଣ ନିମନ୍ତେ ଜଳ ପରିମଳ ବିଭାଗ ପକ୍ଷରୁ କୀର୍ତ୍ତନ ପାଲି ଗ୍ରାମରେ କାର୍ଯ୍ୟ ଚାଲିଥିବା ବେଳେ ସଡ଼କ ସାହିକୁ ବାଦ ଦିଆଯାଇଛି। ତେଣୁ ୱାର୍ଡମେମ୍ବର ସଂଯୁକ୍ତା ପ୍ରଧାନ ଦେବଗଡ଼ ବିଧାୟକ ନିତେଶ ଗଙ୍ଗଦେବଙ୍କୁ ଏ ବାବଦରେ ଅବଗତ କରଥିବା ସହିତ ଲିଖିତ ଆକାରରେ ମଧ୍ୟ ଜଣାଇଥିଲେ। ବିଧାୟକ ଦରଖାସ୍ତରେ ଦସ୍ତଖତ କରି ଜିଲା ଜଳ ଓ ପରିମଳ ବିଭାଗକୁ ପଠାଇ ଦେଇଥିଲେ। ତଥିରେ ମଧ୍ୟ କିଛି ସୁଫଳ ମିଳିପାରି ନାହିଁ ବୋଲି ୱାର୍ଡମେମ୍ବର ପ୍ରକାଶ କରିଛନ୍ତି ଓ ଆଗାମୀ ଦିନରେ ଯଦି ସଡ଼କ ସାହିକୁ ପାଇପ ସଂଯୋଗ ନ ହୁଏ ତେବେ ରାଜରାସ୍ତାକୁ ଓହ୍ଲାଇବୁ ବୋଲି ୱାର୍ଡମେମ୍ବର ପ୍ରକାଶ କରିଛନ୍ତି। ତେଣୁ ଯଥାଶୀଘ୍ର ଜଳ ଓ ପରିମଳ ବିଭାଗ ଏଥିପ୍ରତି ଦୃଷ୍ଟିଦେଇ ସଡ଼କସାହହିହକୁ ପାଇପ ସଂଯୋଗ କରାଯାଉ ବୋଲି ଗ୍ରାମାବାସୀଙ୍କ ପକ୍ଷରୁ ଦାବି ହୋଇଛି।

# ବାଇକ ଧକ୍କାରେ ବୃଦ୍ଧ ମୃତ

ଟିପିଲିମା,୪।୧୨(ଡ଼ି.ଏନ.ଏ.)

ବୁର୍ଲା ଥାନା ଅନ୍ତର୍ଗତ ଟିପିଲିମା ଫାଣ୍ଡି ଏସଏଲବି ଫାର୍ମ ନିକଟରେ ମଙ୍ଗଳବାର ଏକ ବାଇକ୍ ଦୁର୍ଘଟଣାରେ ଜଣେ ବୃଦ୍ଧଙ୍କ ମୃତ୍ୟୁ ହୋଇଥିବାବେଳେ ୩ଜଣ ଗୁରୁତର ହୋଇଛନ୍ତି। ମୃତକ ଜଣଙ୍କ ହେଲେ ରାମପ୍ରସାଦ ସାହାଣି(୬୫) । ଗୋଶାଳା ପଟୁ ଅସୁଥିବା ଏକ ବାଇକ ଆସି ତାଙ୍କୁ ଧକ୍କା ଦେଇଥିଲା । ବାଇକଟି ଦ୍ରୁତ ଗତିରେ ଆସି ରାସ୍ତା ମୋଡ଼ାଣିରେ ଭାରସାମ୍ୟ ହରାଇ ଧକ୍କା ଦେଇଥିଲା ବୋଲି ଅଭିଯୋଗ ଆଣିଛନ୍ତି ରାମପ୍ରସାଦଙ୍କ ପୁଅ। ପ୍ରକାଶ ଯେ, ଗୋଶାଳା ଅଞ୍ଚଳର ରାଜିନ ଦୀପ(୨୭), କର୍ଣ୍ଣ ବାଗ୍(୨୮) ଏବଂ ଭାଗିରଥୀ ବାଗ୍(୧୬) ଏକ ବାଇକରେ ଟିପିଲିମା ଘଣ୍ଟେଶ୍ୱରୀ ପୀଠକୁ ଦର୍ଶନ କରିବାକୁ ଯାଉଥିଲେ । ଗାଡ଼ିକୁ ରାଜିନ ଚାଳନା କରୁଥିବାବେଳେ ଅନ୍ୟ ଦୁଇ ଜଣ ବସିଥିଲେ। ହଠାତ୍ ରାସ୍ତାରେ ଥିବା ଏକ ମୋଡ଼ାଣି ନିକଟରେ ଗାଡିଟି ଭାରସାମ୍ୟ ହରାଇ ବୃଦ୍ଧଙ୍କୁ ଧକ୍କା ଦେଇଥିଲା। ଫଳରେ ବୃଦ୍ଧ ଜଣଙ୍କ ପ୍ରାୟ କିଛି ଫୁଟ ଦୁରତାକୁ ଛିଟିକି ପଡ଼ିଥିଲେ। କର୍ଣ୍ଣ ଗୁରୁତର ଆହତ ହୋଇଥିବାବେଳେ ରାଜିନ ଏବଂ ଭାଗିରଥିଙ୍କ ଗୋଡ଼ ଭାଙ୍ଗି ଯାଇଥିବା ଜଣାପଡ଼ିଛି। ଉକ୍ତ ଯୁବକମାନେ ନିଶାଶକ୍ତ ଅବସ୍ଥାରେ ଭାରସାମ୍ୟ ହରାଇ ଦୁର୍ଘଟଣା ଗ୍ରସ୍ତ ହୋଇଛନ୍ତି। ଏହା ସହ ତ୍ରୁଟିପୂର୍ଣ୍ଣ ରାସ୍ତା ନିର୍ମାଣ ତଥା ଉଚିତ ସୂଚନା ଫଳକ ମୋଡ଼ାଣି ପାଇଁ ଦିଆଯାଇ ନ ଥିବା ଯୋଗୁ ଏହି ଅଞ୍ଚଳରେ ବାରମ୍ବାର ଦୁର୍ଘଟଣା ହେଉଥିବା ଅଭିଯୋଗ ହେଉଛି। ତେଣୁ ଏହି ସ୍ଥାନରେ ହମ୍ପସ ବ୍ୟବସ୍ଥା କରାଯିବା ପାଇଁ ସ୍ଥାନୀୟ ମହଲରେ ଦାବି ହେଉଛି। ପୋଲିସ୍ ଘଟଣାସ୍ଥଳରେ ପହଞ୍ଚି କେସ ନଂ୪୮୪/୧୮ରେ ମାମଲା ରୁଜୁ କରି ତଦନ୍ତ ଚଳାଇଛି ।


**OFFICE OF THE EXECUTIVE ENGINEER**
**BALANGIR (R&B) DIVISION, BALANGIR**
Email : eepwd.bgr@rediffmail.com, eepwd.bgr@gmail.com, Ph.No. 06652-232374

**CANCELLATION OF WORK**

**Bid Identification No. BGR R&B / 14/ 2018-19**
**Letter No. 4408/ Dtd. 13.11.2018**
**Tender ID Nos. 2018_EICCL_50941_2**
**No. 4683/ Date. 30.11.2018**

The works in Sl. No. 02 "Construction of approach road to Reserve Police Colony at Balangir District head quarters." In Bid Identification No. BGR R&B /14/ 2018-19 is hereby cancelled on technical ground.

Sd./- Executive Engineer,
Balangir (R&B) Division, Balangir

34028/11/0044/1819 No. 969-B

**+PILES CLINIC+**
Near Budheswari Temple, ମତ୍ସ୍ୟ ବିକ୍ରୟ କେନ୍ଦ୍ର ନିକଟ, CTC Road, BBSR
☎ 0674 - 2310255, 9861146916
ଅର୍ଶ (PILES)
ମଳକଣ୍ଟକ (FISSURE)
ଭଗନ୍ଦର (FISTULA)
WITHOUT SURGICAL OPERATION
DR. R. PRASAD
GAMS (PATNA)
DR. PREM KUMAR
BAMS, LLB (UTKAL)
10AM TO 8PM
VSS Nagar, Q.N.- B/L-107, Vanivihar, BBSR
☎ 0674 - 2581337, 9437301790

**OFFICE OF THE SUPERINTENDENT,**
**SAHEED LAXMAN NAYAK MEDICAL COLLEGE AND HOSPITAL, KORAPUT**

Letter No. 1663 Dt. 01.12.2018

**NOTICE**

Sub- Provisional list of Paramedical Staff.

Candidate who have applied for the post of Laboratory Technician & Radiographer vide this office Advt. No. 1330, Dt.30.10.2018 are hereby requested to visit the Koraput Dist. Website www.koraput.nic.in to invite objections on the provisional list. They are requested to submit their objections on provisional list if any in the given prescribed format before 08.12.2018 by 5.00PM. No objections will be entertained beyond the stipulated time period. Final Merit list will be published in the website for appointment later.

*Sd./- Superintendent*
*SLNMCH, Koraput*

10121/11/0028/1819 620-E

**ZILLA SWASTHYA SAMITI, KHORDHA**
**DISTRICT PROGRAMME MANAGEMENT UNIT**
**NATIONAL HEALTH MISSION**

Advt. No. 14039/NHM/2018 Date: 03.12.2018

**NOTICE INVITING BID**
**FOR EQUIPMENT, AIDS & DRUGS FOR DEIC (RBSK) O/O CDM&PHO, KHORDHA**

**No. 623-E:-** Bids are invited from eligible firms / company / agency / suppliers /distributors to supply the Equipments, Aids & Drugs to DEIC, RBSK Khordha. The bid document with all information relating to the bidding process including the cost of bid document, EMD, Eligibility criteria and terms & conditions are available in the district website: www.khordha.nic.in. The last date of submission of bid is on or before 26.12.2018 by 4PM to the O/o-CDM&PHO, Khordha through Speed Post / Regd. Post / Courier only. The undersigned reserves the right to cancel any or all the bids without assigning any reason thereof.

*Sd./- Chief District Medical & Public Health Officer, Khordha*

10029/11/0034/1819

**ZILLA SWASTHYA SAMITI, SUNDARGARH**
**DISTRICT PROGRAMME MANAGEMENT UNIT, NHM**
**O/o CDM & PHO, SUNDARGARH, DIST.- SUNDARGARH**

Advertisement No. 5412 Date: 01.12.2018

**NOTICE**

**No. 616-E:-** Applications are invited from the contractual employees of NHM working in the same post under OSH & FW Society in other districts, desiring to be posted in SUNDARGARH District against the category of posts mentioned below:-

| Sl. No. | Name of the Post | No. of Vacancy |
|---|---|---|
| 1. | Block Programme Manager | 01 |
| 2. | Block Accounts Manager/Accountant | 04 |

Interested in-house candidates of NHM only are requested to apply in the prescribed format with NOC and experience certificate issued by concerned CDM & PHO. Selection shall be made on the highest length of incumbency in the same post under OSH&FW Society. The application format & other details can be obtained from the district website www.sundergarh.nic.in and the application should reach to the Office of the Chief District Medical & Public Health Officer, Sundargarh, PIN-770001 by dt.13th December 2018 upto (5.00PM) through REGISTERED / SPEED POST only. Envelopes containing applications must be superscribed in bold letter for the post applied for. Applications received after due date will be rejected and the undersigned is not responsible for any postal delay. Vacancies shown above are provisional and subject to change during the time of posting. Incomplete application in any form is liable for rejection. The undersigned reserves the right to accept / reject any application and modify / cancel the advertisement without assigning any reason thereof. Status of the selection process will be web hoisted in the District website and no personal query will be entertained.

Sd./-
*Chief District Medical & Public Health Officer -cum-District Mission Director, Sundargarh*

10100/11/0068/1819

**ଜିଲ୍ଲା ପ୍ରକଳ୍ପ କାର୍ଯ୍ୟାଳୟ**
**ଶିକ୍ଷା ଅଧିକାର, ସର୍ବ ଶିକ୍ଷା ଅଭିଯାନ**
**ଶିକ୍ଷା ସଦନ, କୋରାପୁଟ- ୭୬୪୦୨୦**
ଫୋନ: (୦୬୮୫୨)–୨୫୨୪୨୧(କାର୍ଯ୍ୟାଳୟ), ୨୫୨୮୫୭(ଏମଆଇଏସ),
ଇମେଲ: dpckoraputssa.opepa@nic.in, grievancessakpt@gmail.com

**ବିଜ୍ଞାପନ**

ବିଜ୍ଞାପନ ସଂଖ୍ୟା: ୪୩୬୭/ ୨୦୧୮ V. Estt. 109/18 ତା: ୦୧।୧୨।୨୦୧୮

**No.63-n:-** ଏହି କାର୍ଯ୍ୟାଳୟ ବିଜ୍ଞାପନ ସଂଖ୍ୟା ୪୩୪୯ ତା: ୩୦।୧୧।୨୦୧୮ ରିଖ ପ୍ରତି ଦୃଷ୍ଟି ଆକର୍ଷଣ ପୂର୍ବକ, ସର୍ବସାଧାରଣ ଓ ବର୍ତ୍ତମାନ ଚିଠାଯୋଗ୍ୟ ତାଲିକାରେ ନାମ ରହିଥିବା ସମସ୍ତ ପ୍ରାର୍ଥୀ ଓ ପ୍ରାର୍ଥିନୀ +2 CT (Science & Arts) ଓ +3 B.Ed (Science & Arts)ଙ୍କ ଅବଗତ ନିମନ୍ତେ ଜଣାଇ ଦିଆଯାଉଅଛି ଯେ, ନିଯୁକ୍ତି ସ୍ଥାନ ଚୟନ ପ୍ରକ୍ରିୟା (Counseling) ଆସନ୍ତା ତା: ୦୭।୧୨।୨୦୧୮ ରିଖ ପୂର୍ବାହ୍ନ ୧୦.୦୦ ଘଟିକା ସମୟରୁ ଜିଲ୍ଲା ପ୍ରକଳ୍ପ କାର୍ଯ୍ୟାଳୟ, ସର୍ବ ଶିକ୍ଷା ଅଭିଯାନ, କୋରାପୁଟ ଠାରେ ଅନୁଷ୍ଠିତ ହେବ। ପ୍ରସ୍ତାବିତ ନିଯୁକ୍ତି ସ୍ଥାନ ଚୟନ ପ୍ରକ୍ରିୟା (Counseling) ଦିନ ଓ ସମୟରେ ସମସ୍ତ ପ୍ରାର୍ଥୀ ଓ ପ୍ରାର୍ଥିନୀ ଉପସ୍ଥିତ ରହି ସ୍ଥାନ ଚୟନ ସହ ନିମ୍ନଲିଖିତ ପ୍ରମାଣପତ୍ର (Photocopies of Certificates) ଗୁଡ଼ିକର ନକଲ ଓ ଦୁଇଟି Passport size Photo ପ୍ରାଧିକୃତ ଅଧିକାରୀଙ୍କ ନିକଟରେ ଦାଖଲ କରିବେ ଓ ମୂଳ ଯୋଗ୍ୟତା ପ୍ରମାଣପତ୍ର (Original Certificates) ସହ ଯାଞ୍ଚ କରାଇନେବେ। ଏଥିରେ କୌଣସି ବ୍ୟତିକ୍ରମ ଯେପରି ନ ହୁଏ ସେଥିପ୍ରତି ସଜାଗ ରହିବେ।

**ସ୍ୱା./- ଜିଲ୍ଲା ପ୍ରକଳ୍ପ ସଂଯୋଜକ**
**ଶିକ୍ଷା ଅଧିକାର-ସର୍ବ ଶିକ୍ଷା ଅଭିଯାନ, କୋରାପୁଟ**

**DOCUMENTS REQUIRED TO BE SUBMITTED IN CRONOLOGICAL ORDER FOR VERIFICATION WITH ORIGINAL CERTIFICATES (For +2 CT Science & Arts Candidates) on 07.12.2018**

1. Application form (downloaded at the time of application), 2. HSC Certificate, 3. HSC Mark Sheet, 4. +2 Certificate, 5. +2 Mark Sheet (All semester), 6. Training Qualification Certificate, 7. Trainign qualification Mark Sheet, 8. +3 Certificate, 9. +3 Mark Sheets (if passed), 10. OTET pass certificate, 11. Recent Caste Certificate issued by competent authority, 12. Recent Residence Certificate issued by competent authority. 13. Valid Employment Exchange Registration Certificate, 14. 02 Nos. of recent color Passport size photograph, 15. Proof of identification (Aadhaar/ DL/Voter ID/PAN), 16. Equivalency certificate in case of certificates from Boards / Universities other than Odisha Board / Universities, 17. RCI registration certificate in case of special education Training.

**27035/11/0023/1819**

# CLASSIFIED DISPLAY

ALL EDITION-B/W (Every Day) | For Booking Contact: 0674-2580385, 7894447131, 7894447148, 9437038266, 7894447166

Get Instant Cash against Gold, Sell Your Gold at 100% Market Value
**GOLD CASH LTD**
(an ISO 9001:2015 Certified Company)
ନିଜ ବନ୍ଧକ ସୁନାକୁ ମୁକୁଳେଇବା ପାଇଁ ଆମକୁ ଯୋଗାଯୋଗ କରନ୍ତୁ ଏବଂ GOLD CASH ଆପଣଙ୍କ ବନ୍ଧକ ସୁନାକୁ ଉଚିତ ମୂଲ୍ୟରେ ନେବା ବିକ୍ରି କରନ୍ତୁ ଆପଣଙ୍କ ସୁନା ଗହଣା ଆମ ପାଖରେ ଏବଂ ପାଆନ୍ତୁ ୧୦୦% ମାର୍କେଟ୍ ମୂଲ୍ୟରେ।
WWW.GOLDCASH.CO
9090902555, 9090903555
Toll Free: 1800-120-3430
Branches: Bhubaneswar, Cuttack, Bhadrak, Rourkela & Berhampur

**BALADEV FINANCE**
ଓଡ଼ିଶାର ସମସ୍ତ ଜିଲ୍ଲା ପାଇଁ Personal, Business, Home, Certificate, Property, କୃଷି ଓ ଶିକ୍ଷା ପାଇଁ ସମସ୍ତ ପ୍ରକାର loan Baladev Finance ଦ୍ୱାରା ଯୋଗାଇ ଦିଆଯାଉଛି।
ସୁଧ ୨%
M: 7750923286
7750921101

**ମୁଦ୍ରିକା ଫାଇନାନ୍ସ ଲୋନ**
ଏଜେଣ୍ଟ ଏବଂ ଡିଲରଶିପ୍ ସୁଧ 2% ଛାଡ଼, 40% ସହଜ କିସ୍ତିରେ କମ୍ପାନୀଠୁ ସମସ୍ତ ପ୍ରକାରର ଲୋନ ପ୍ରାପ୍ତ କରନ୍ତୁ।
7055500110
7351444489
ବାଲେଶ୍ୱର- 7088008550
କଟକ- 7618439473
ଯାଜପୁର- 7055111132
ସୁନ୍ଦରଗଡ଼- 8057447508

**FINANCE**
Mahalaxmi Credit Services
Bank ଯଦି ଋଣ ଦଉନୀ ତାହେଲେ ଆମ କମ୍ପାନୀ ଠାରୁ ମାର୍କସିଟ, ଆଧାରକାର୍ଡ, କୃଷି ଓ ସମ୍ପତି, ବ୍ୟକ୍ତିଗତ, BPL ଋଣ ପାଆନ୍ତୁ 25 ଲକ୍ଷ୍ୟ ପର୍ଯ୍ୟନ୍ତ। ବାର୍ଷିକ 4% ସୁଧ 35% ଛାଡ । ଘରେ ବସି ପାଆନ୍ତୁ
website- mahalaxmicreditservices.com
Lane No - 5, MG Road, Bangalore
9105689469
8395030162

ମୁଦ୍ରା ପ୍ରୋତ୍ସାହନ ଯୋଜନା ଅଧୀନରେ !!!
ଋଣ ଉପରେ ଋଣ !!! ମାର୍କଶିଟ୍, ପର୍ସନାଲ, କୃଷି, ଲଘୁ ଉଦ୍ୟୋଗ ଋଣ !!! ମହିଳା ଗ୍ରୁପ୍, ବିକଳାଙ୍ଗଙ୍କ ପାଇଁ ବିଶେଷ ରିହାତି !!!
ପ୍ରକ୍ରିୟାକରଣ ୨ କାଗଜ ଉପରେ !!!
୨% ସୁଧ, ୪୦% ସବ୍‌ସିଡି !!!
ଗ୍ରୁପ୍ ଫାଇଲ୍ ଉପରେ ୨% କମିଶନ।
8376930370
7840058835
H.No.-258, VPO Duhai, Ghaziabad, (U.P.) 201203

**BUSINESS**
ଖାଲିଥିବା ଜମି ଓ ଛାତ ଉପରେ ଗ୍ୟାଲେକ୍ସୀ ଗ୍ରୁପର ଡିଜିଟାଲ ଉପକରଣ ବସାଇ ଅଗ୍ରୀମ 70,000,00/- ପାଆନ୍ତୁ ଓ ମାସକୁ ଭଡା 45,000/- ଟଙ୍କା ପାଆନ୍ତୁ । ଜଣକୁ ଚାକିରି ମିଳିବ । ଆଜି ହିଁ ସମ୍ପର୍କ କରନ୍ତୁ
Plot No - 114/617, Devaraja Mohalla, Bangalore, Karnataka 570001
Call / SMS Now
8697980580

**କୁବେର ଫାଇନାନ୍ସ**
ମୁଖ୍ୟମନ୍ତ୍ରୀ ଯୋଜନା ଦ୍ୱାରା ସବୁ ଋଣ ଘରେ ବସି 24 ଘଣ୍ଟାରେ ପାଆନ୍ତୁ। ମାର୍କଶିଟ୍, ପ୍ରପର୍ଟି, ପର୍ସନାଲ, ଆଧାରକାର୍ଡ, ବିପିଏଲ୍, ମହିଳା ଗ୍ରୁପ୍ ଋଣ 0% ସୁଧ, 35% ସବ୍‌ସିଡି।
Helpline
18002126755
08802683947
Dist: Khargaon, Madhyapradesh

**T.C.F. FINANCE**
(Govt. Registered)
ଋଣ ମାତ୍ର 6 ଘଣ୍ଟାରେ । ନୋ ଫାଇଲ ଚାର୍ଜ, ବିନା ଗ୍ୟାରେଣ୍ଟର ମାର୍କଶିଟ୍ ଋଣ (ସାର୍ଟିଫିକେଟ୍), ପ୍ରପର୍ଟି, ପର୍ସନାଲ, ଗୃହଋଣ, 0% ସୁଧ, 50% ରିହାତି।
(ଠକମାନଙ୍କ ପ୍ରତି ସାବଧାନ)
08859668407
୩୯, ପଟେଲ ନଗର, ଆଶିକ ସାହାରନପୁର ରୋଡ୍, ଡେରାଡୁନ୍ - ୨୪୫୦୦୧

**LOAN**
ଆପଣ ବେରୋଜଗାରିଆ କି? ଏବେ ଓଡ଼ିଶାରେ ପ୍ରଥମ ଥର ପାଇଁ ମୁଦ୍ରା ଯୋଜନାରେ ଗ୍ରାହକମାନଙ୍କୁ କମ୍ ସୁଧରେ ୫୦ ହଜାରରୁ ୫ ଲକ୍ଷ ପର୍ଯ୍ୟନ୍ତ ଋଣ ଯୋଗାଇ ଦିଆଯାଉଛି।
ଡକ୍ୟୁମେଣ୍ଟ Email:-
fileodisha@gmail.com
ରେ ପଠାଇ ପାରିବେ।
7991052261
7991052595
405 D, Gandhi Marg, Mumbai-02

**LOAN**
ଓଡ଼ିଶାର ସମସ୍ତ ଜିଲ୍ଲା ପାଇଁ ବ୍ୟକ୍ତିଗତ, କୃଷି, ଶିକ୍ଷା, ମାର୍କସିଟ୍, ବ୍ୟବସାୟ ଓ ମହିଳା ଗ୍ରୁପ୍‌କୁ SAMRUDHI FINANCEରୁ ଋଣ ଯୋଗାଇ ଦିଆଯାଉଛି।
B-19, Tower No-9, New Moti Bagh, New Delhi-110021
8658167603
7064382081

ଟଙ୍କା ନେଉନ୍ତୁ, ଧୋକା ଦେଉନ୍ତୁ
**MUDRA FINANCE**
ଆଗେ କାମ - ପରେ ଦାମ
ପର୍ସନାଲ, ପ୍ରପର୍ଟି ମାର୍କଶିଟ୍, ବ୍ୟବସାୟ ଯାନବାହନ, ଆଧାରକାର୍ଡ ରାଶନ କାର୍ଡ ସମସ୍ତ ଋଣ
2% ସୁଧ - 40% ରିହାତି
ଘରେ ବସି ଉପଲବ୍ଧ
7078300380
Ram Nagar, Narnel, Haryana

ସରକାରୀ ଜନଧନ ଯୋଜନା ଅଧୀନରେ
**DHANLAXMI FINANCE PVT. LTD.**
(Regd. No.- 004554MH)
ଦ୍ୱାରା ସରକାରୀ ବ୍ୟାଙ୍କରୁ ମାର୍କଶିଟ୍, ପ୍ରପର୍ଟି, ଆଧାରକାର୍ଡ, ରାଶନକାର୍ଡ, ପର୍ସନାଲ , ଗ୍ରୁପ୍ ଋଣ ଏବଂ ସମସ୍ତ ଋଣ କେବଳ 24 ଘଣ୍ଟାରେ ପାଆନ୍ତୁ । 2% ସୁଧ 50% ରିହାତି
Helpline Number
9499218982
Goudunipokhari, Pharsibandha, Bhadrak, Odisha - 756132

**କେମିତି ମଦ ଛାଡ଼ିବେ**
ଆସକ୍ତ ବ୍ୟକ୍ତିଙ୍କୁ ନ ଆଣି ଏବଂ ନ ଜଣାଇ।
ସମୟ ପୂର୍ବାହ୍ନ ୧୦ ଘଟିକାରୁ ଅପରାହ୍ନ ୨ ଘଟିକା
**ବାଲେଶ୍ୱର:** ପ୍ରତିମାସ ୧ ଓ ୧୫, ହୋଟେଲ କଳିଙ୍ଗ, ଷ୍ଟେଶନ ଗୋଲେଇ। **ଭଦ୍ରକ:** ୨ ଓ ୧୬, ହୋଟେଲ ବ୍ଲ୍ୟୁଭାଇନ୍, ରାଜଘାଟ ଛକ। **ଯାଜପୁର:** ୩ ଓ ୧୭, ହୋଟେଲ ଭୀମସେନ ପ୍ୟାଲେସ୍, ଗୋପବନ୍ଧୁ ଛକ, ଯାଜପୁର ରୋଡ୍। **କଟକ:** ୪ ଓ ୧୮, ହୋଟେଲ ମା ମଙ୍ଗଳା, ବାଦାମବାଡ଼ି, ବସ୍‌ଷ୍ଟାଣ୍ଡ ନିକଟ। **ଭୁବନେଶ୍ୱର:** ୫ ଓ ୧୯ ହୋଟେଲ ଟ୍ରାଇଡେଣ୍ଟ (ଲଜ୍) ବଡ଼ଜେନା କମର୍ସିଆଲ୍ କମ୍ପ୍ଲେକ୍ସ, ୧୩୮, ଅଶୋକ ନଗର, ୟୁନିଟ୍-୩। **ପୁରୀ:** ୬ ଓ ୨୦, ହୋଟେଲ ପାରାଡାଇଜ୍, ଗ୍ରାଣ୍ଡ ରୋଡ୍, ବଡ଼ଦାଣ୍ଡ ନିକଟ। **ବାରିପଦା:** ୭ ଓ ୨୧, ହୋଟେଲ ଗଣେଶ, ଗଣେଶ ମାର୍କେଟ। **ସମ୍ବଲପୁର:** ପ୍ରତିମାସ ୮ ଓ ୨୨, ହୋଟେଲ ସୁଜାତା, ଭି.ଏସ୍.ଏସ୍. ମାର୍ଗ, ବସ୍ ଷ୍ଟାଣ୍ଡ ନିକଟ। **ରାଉରକେଲା:** ପ୍ରତିମାସ ୯ ଓ ୨୩, ହୋଟେଲ ଶ୍ୟାମ, ବିସ୍ରା ରୋଡ୍, ରେଳ ଷ୍ଟେଶନ ନିକଟ। **ପାରାଦୀପ:** ପ୍ରତିମାସ ୮ ଓ ୨୨, ହୋଟେଲ ଆରିଷ୍ଟୋକ୍ରାଟ୍। **କେନ୍ଦ୍ରାପଡ଼ା:** ପ୍ରତିମାସ ୯ ଓ ୨୩, ହୋଟେଲ ଗୋଲ୍ଡେନ୍ ପ୍ୟାଲେସ, ବସ୍ ଷ୍ଟାଣ୍ଡ ନିକଟ। **କେନ୍ଦୁଝର:** ପ୍ରତିମାସ ୧୦ ଓ ୨୪, ହୋଟେଲ ବରାଳ, ବସ୍ ଷ୍ଟାଣ୍ଡ ନିକଟ। **ଝାରସୁଗୁଡ଼ା:** ୧୦ ଓ ୨୪, ହୋଟେଲ ଉପହାର, ଏମ୍.ବି. ରୋଡ୍। **ଅନୁଗୋଳ:** ୧୧ ଓ ୨୫, ହୋଟେଲ ଶାନ୍ତି, ବସ୍ ଷ୍ଟାଣ୍ଡ ନିକଟ। **ବ୍ରହ୍ମପୁର:** ୧୨ ଓ ୨୬, ହୋଟେଲ ଲେକ୍‌ଭ୍ୟୁ, ରାମ ଲିଙ୍ଗ ଟ୍ରଙ୍କ ରୋଡ୍। **ଭବାନୀପାଟଣା:** ୧୩ ଓ ୨୭, ରବି ଲଜ୍, ଗାନ୍ଧୀ ଚୌକ। **ବରଗଡ଼:** ୧୪ ଓ ୨୮, ହୋଟେଲ୍ ଓରିଏଣ୍ଟାଲ, କେନାଲ୍ ଆଭେନ୍ୟୁ ନିକଟ। **ଫୁଲବାଣୀ:** ପ୍ରତିମାସ ୧୨ ତାରିଖ, ହୋଟେଲ ରାଜ କମଲ। **ନୟାଗଡ଼:** ପ୍ରତିମାସ ୧୧ ତାରିଖ, ହୋଟେଲ ତ୍ରିନାଥ, ଦିଘା ରୋଡ୍। **ପୂଜା ହେଲ୍‌ଥ ସେଣ୍ଟର**
ଶ୍ୱାସରୋଗ, ଗଣ୍ଠି ଯନ୍ତ୍ରଣା, ଅର୍ଶ, ଓଜନ ବୃଦ୍ଧି ପାଇଁ ପ୍ରଭାବୀ ଔଷଧ।

**ଅଲ୍ ଇଣ୍ଡିଆ ଖୋଲା ଚ୍ୟାଲେଞ୍ଜ**
2 ଘଣ୍ଟାରେ 100% ଗ୍ୟାରେଣ୍ଟିଡ୍ ସମାଧାନ
ତାନ୍ତ୍ରିକ ମାଷ୍ଟର କିଙ୍ଗ୍ ଖାନ୍‌ଙ୍କ ଖୋଲା ଚ୍ୟାଲେଞ୍ଜ
ବ୍ୟବସାୟ, ପ୍ରେମରେ ସମସ୍ୟା ଓ ଶତ୍ରୁ ମୁକ୍ତି, ଗୃହକ୍ଳେଶ ଓ ସ୍ୱାମୀ-ସ୍ତ୍ରୀଙ୍କ ଝଗଡ଼ା, ପ୍ରେମବିବାହ, ପ୍ରପର୍ଟି, କୋର୍ଟ କେସ୍, ଗୁପ୍ତରୋଗରେ ଔଷଧ କାମ ନ କରିବା, ପୁରୁଣା ପୀଡ଼ାରେ ଔଷଧ କାମ ନ କରିବା, ଯାଦୁ-ଟୋନା, ବଶୀକରଣ, ଗୁଣିଗାରେଡ଼ି, ବିବାହରେ ବାଧା, ମନପସନ୍ଦ ପ୍ରେମ।
A to Z ସମସ୍ୟାର ସମାଧାନ ଘରେ ବସି।
ସ୍ପେଶାଲିଷ୍ଟ ବଶୀକରଣ, ମୁଠକରଣୀ ଏବଂ କଳା ଯାଦୁ
ଆମେ କରିଥିବା କାମକୁ ଯଦି କୌଣସି ଜ୍ୟୋତିଷ, ପଣ୍ଡିତ କିମ୍ବା ମୌଲବୀ କାଟିଦିଅନ୍ତି ତେବେ ତାଙ୍କୁ ଦାବି ମୁତାବକ ପୁରସ୍କାର।
ବାବା ଆମିଲ ସୁଫି
9540938429
9903852257
ରାମ ମନ୍ଦିର, ସତ୍ୟନଗର, ଭୁବନେଶ୍ୱର

**M. GROUP FINANCE CO.**
DIWALI OFFER
(Govt. Approved)
- Personal Loan
- Business Loan
- Salary Slip Loan
- Marksheet Loan
2% Interest, ମହିଳାଙ୍କ ପାଇଁ 50% subsidy
Balasore, Ganjam, Dhenkanal, Delhi
9650189261
9718741868
Block Chack, Balasore-756027

**Shri Ram Finance**
ସେବା ସମିତି ଋଣ ଅଫର୍
ପିଏମ୍ ଋଣ ଯୋଜନା ଅଧୀନରେ 5 ଘଣ୍ଟାରେ ସବୁ ପ୍ରକାର ଋଣ ପାଆନ୍ତୁ । ମାର୍କଶିଟ୍, ପ୍ରପର୍ଟି, ପର୍ସନାଲ, ବିପିଏଲ୍ କାର୍ଡ । ବେରୋଜଗାର, ମହିଳା ଗ୍ରୁପ୍ ଋଣ ପାଆନ୍ତୁ 2% ସୁଧ 40% ସରକାରୀ ସବ୍‌ସିଡି।
Helpline Numbers
9996568749
7497026992
Kutasingha, Tentuligaon, Bolangir, Orissa 767068

ନୂଆବର୍ଷର ଶୁଭ ଅବସରରେ
**GANAPATI FINANCE**
ଦ୍ୱାରା ଆଧାରକାର୍ଡ, ମାର୍କଶିଟ୍, ଗୃହ, ପର୍ସନାଲ, ବ୍ୟବସାୟ
ସମସ୍ତ ଋଣ ମାତ୍ର 4 ଘଣ୍ଟାରେ
1% ସୁଧ - 50% ରିହାତି
ମହିଳା / ସରକାରୀ କର୍ମଚାରୀଙ୍କ ପାଇଁ ରିହାତି
ଦ୍ରଷ୍ଟବ୍ୟ: ଆମର ଅନ୍ୟ କୌଣସି ଶାଖା ନାହିଁ
ଯୋଗାଯୋଗ: ସୁନିତା
8860416623, 8860412564
168, Sector 30, Jagatpura, Jaipur (Rajasthan)

ଭାରତର ନଂ.1 କମ୍ପାନୀ
**HI-TECH TOWER**
(GOVT. REGD.)
ଡିଜିଟାଲ ଉପକରଣ ଜମି, ଛାତ, ପ୍ଲଟ୍ କ୍ଷେତରେ ଲଗାନ୍ତୁ
ପାଆନ୍ତୁ 60 ଲକ୍ଷ ଅଗ୍ରିମ + ଭଡ଼ା 40 ହଜାର + 20,000/-ର ପ୍ରୋତ୍ସାହନ + ବାଇକ୍ + ଜୀବନ ବୀମା
(ଠକମାନଙ୍କ ପ୍ରତି ସାବଧାନ)
08818956614
09753490869
#908, Dhiman Line, Yamuna Nagar, Haryana.

**ପାଠକଙ୍କ ପାଇଁ ସୂଚନା:**
ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

TARIFF — MORE SPACE • SAME PRICE

| For Single Day | | For 7 Days | | For 15 Days | | For 30Days | |
|---|---|---|---|---|---|---|---|
| 6×4 | 12×4 | 6×4 | 12×4 | 6×4 | 12×4 | 6×4 | 12×4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

* GST 5% Extra



ଆଜିର କାମ ଆସନ୍ତା କାଲିକୁ ବାକି ରଖୁ ନ ଥିବା ଲୋକ ଜୀବନରେ ସବୁବେଳେ ଆଗରେ ଥାଏ ଏବଂ ଏକ ଉଜ୍ଜ୍ୱଳମୟ ଭବିଷ୍ୟତ ସେହି କର୍ମବୀର ପାଇଁ ଅପେକ୍ଷା କରିଥାଏ।
- ଟମାସ କାର୍ଲାଇଲ୍



## ସଂକ୍ଷେପରେ

### ପାଉଁଶ ପକାଇବାକୁ ଗ୍ରାମବାସୀଙ୍କ ବିରୋଧ

ସମ୍ବଲପୁର,୪।୧୨(ବ୍ୟୁରୋ): ସମ୍ବଲପୁର ଜିଲା ଧନକଉଡା ବ୍ଲକ ଅନ୍ତର୍ଗତ ବସନ୍ତପୁର ପଞ୍ଚାୟତବାସୀ ପାଉଁଶ ପକାଯାଉଥିବାକୁ ନେଇ ବିରୋଧ କରିଛନ୍ତି । ଜିଲାପାଳ ସମର୍ଥ ବର୍ମାଙ୍କୁ ଭେଟି ଏ ବିଷୟରେ ଅଭିଯୋଗ କରିଛନ୍ତି । ଅଭିଯୋଗ କ୍ରମେ ହିଣ୍ଡାଲକୋ କମ୍ପାନୀ ପକ୍ଷରୁ ବସନ୍ତପୁରରେ ପାଉଁଶ ପକାଯାଉଛି । ଯାହାକି ଏହି ଅଞ୍ଚଳରେ ପ୍ରଦୂଷଣ ହେଉଛି । ଫଳରେ ଏଠାରେ ବସବାସ କରୁଥିବା ଲୋକମାନଙ୍କୁ ଅନେକ ସମସ୍ୟା ହେଉଛି ।ଏବେ ପାହାଡ ସଦୃଶ ହୋଇଛି । ଏପରିକି ପାଉଁଶ ଗଦା ନିକଟରେ ଚାଷ କାର୍ଯ୍ୟରେ ବାଧା ପ୍ରାପ୍ତ ହେଉଛି । ଦୁଇମାସ ତଳେ ଏହାକୁ ବିରୋଧ କରି ରାସ୍ତାରୋକୋ ହୋଇଥିଲା । ପରେ ହିଣ୍ଡାଲ୍‌କୋ କମ୍ପାନୀ ଅଧିକାରୀ ଓ ପୋଲିସ ଅଧିକାରୀ ପହଞ୍ଚି ଆଲୋଚନା କରିଥିଲେ । ପରେ ସେମାନେ କ୍ଷତିପୂରଣ ଦେବାକୁ ପ୍ରତିଶ୍ରୁତି ଦେଇଥିଲେ । ହେଲେ ଆଜି ପର୍ଯ୍ୟନ୍ତ କୌଣସି କ୍ଷୟକ୍ଷତି ମିଳି ନାହିଁ । ତେଣୁ ଏ ଦିଗରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ ବୋଲି ଦାବି କରିଥିଲେ । ଦାବିପତ୍ରରେ ଲକ୍ଷ୍ମଣ ବଘାର, ଲାଲ ସାହେବ ପ୍ରଧାନ, ନିତ୍ୟାନନ୍ଦ ମହାକୁର, ଶହଦେବ ଛତ୍ରିଆ, ଗଣେଶ ଭୋଇ ପ୍ରମୁଖଙ୍କ ସ୍ୱାକ୍ଷର ରହିଛି ।

### କାନ୍ଥପଡି ମହିଳା ଆହତ

ପଡିଆବାହାଲ,୪।୧୨(ଡି.ଏନ.ଏ.) ଯୁଯୁମୁରା ବ୍ଲକ ସଦାପାଲି ଗ୍ରାମରେ ହାତୀ ଆକ୍ରମଣରେ ଘରକାନ୍ଥ ପଡି ସୁକୃତା ମେହେର ନାମକ ଜଣେ ମହିଳା ଆହତ ହୋଇ ସଦର ଡାକ୍ତରଖାନାରେ ଚିକିତ୍ସିତ ହେଉଛନ୍ତି । ରବିବାର ବିଳମ୍ବିତ ରାତିରେ ହାତୀ ଗାଁରେ ପଶି ଉପଦ୍ରବ କରିଛି । ସୁକୃତାଙ୍କ ଘରେ ଦନ୍ତାହାତୀ ଆକ୍ରମଣ ଫଳରେ କାନ୍ଥ ପଡିଯାଇଥିଲା । କାନ୍ଥ ତଳକୁ ଲାଗି ଶୋଇଥିବା ସୁକୃତାଙ୍କ ମୁହଁ ଓ ଛାତିରେ ଆଘାତ ଲାଗିଛି । ଖବରପାଇ ଗ୍ରାମବାସୀଙ୍କ ସହଯୋଗରେ ଉଦ୍ଧାର କରି ଜଙ୍ଗଲ ବିଭାଗ କର୍ମଚାରୀ ଓ ପରିବାର ଲୋକେ ସଦର ଡାକ୍ତରଖାନାରେ ଭର୍ତ୍ତି କରିଛନ୍ତି । ସ୍ୱାସ୍ଥ୍ୟରେ ଉନ୍ନତି ହୋଇଥିଲେ ସୁଦ୍ଧା ସେ ସମ୍ପୂର୍ଣ୍ଣ ବିପଦମୁକ୍ତ ହୋଇ ନ ଥିବା ଜଣାପଡିଛି ।

ବାର୍ଥ ଡେ ପାର୍ଟି କାଳ ହେଲା

### ବାଇକ୍ ଦୁର୍ଘଟଣାରେ ଯୁବକ ମୃତ

ବାମରା, ୪।୧୨ (ସ୍ୱ.ପ୍ର.) ସମ୍ବଲପୁର ଜିଲା ବାମରା ଅଞ୍ଚଳରୁ ଗତ ସୋମବାର ରାତିରେ ସାଙ୍ଗର ବାର୍ଥଡେ ପାର୍ଟି ପାଳନ କରିବା ପାଇଁ ୩ଟି ବାଇକରେ ୮ଜଣ ସାଙ୍ଗ ନିକଟସ୍ଥ ଗରିଆମାଲର ଏକ ଢ଼ାବାକୁ ଯାଇଥିଲେ। ଫେରିବା ସମୟରେ ଗୋଟିଏ ବାଇକ ଦୁର୍ଘଟଣାଗ୍ରସ୍ତ ହେବାରୁ ଜଣଙ୍କର ମୃତ୍ୟୁ ହୋଇଥିବା ଜଣାପଡିଛି । ମୃତକ ଜଣଙ୍କ ହେଲେ ବାମରା ଗୋବିନ୍ଦପୁରର ପୁନୀଲ ଦାସଙ୍କ ପୁଅ ସୁବ୍ରତ(୩୧)। ପ୍ରକାଶ ଯେ, ସୋମବାର ରାତିରେ ସୁବ୍ରତ ନିଜ ସାଙ୍ଗଙ୍କ ଜନ୍ମଦିନ ପାଳନ ପାଇଁ ସୁନ୍ଦରଗଡ ଜିଲା ଗରିଆମାଲର ଏକ ଢ଼ାବାକୁ ଯାଇଥିଲେ । ହେଲେ ଫେରିବା ସମୟରେ ବାମରା- ଗରିଆମାଲ ମୁଖ୍ୟ ରାସ୍ତା ଚେମଠାପଡା ଛକ ନିକଟରେ ତାଙ୍କ ବାଇକ ଭାରସାମ୍ୟ ହରାଇ ଏକ ଗଛରେ ପିଟି ହୋଇଥିଲା । ଏଥିରେ ସୁବ୍ରତ ଗୁରୁତର ଆହତ ହୋଇଥିବାବେଳେ ତାଙ୍କ ସହ ଥିବା ରୂପେଶ ପାଣ୍ଡେ ଆହତ ହୋଇଥିବା ଜଣାପଡିଛି । ସୁବ୍ରତଙ୍କୁ ପ୍ରଥମେ ଗୋବିନ୍ଦପୁର ଡାକ୍ତରଖାନା ଓ ପରେ ସୁନ୍ଦରଗଡ ନେଉଥିବାବେଳେ ବାଟରେ ତାଙ୍କର ମୃତ୍ୟୁ ହୋଇଯାଇଛି । ବଡଗାଁ ପୋଲିସ ଘଟଣାସ୍ଥଳରେ ପହଞ୍ଚି ଦୁର୍ଘଟଣାଗ୍ରସ୍ତ ବାଇକକୁ ଜବତ କରିବା ସହ ଏକ ଅପମୃତ୍ୟୁ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି । ସୁନ୍ଦରଗଡ ଡାକ୍ତରଖାନାରେ ବ୍ୟବଚ୍ଛେଦ ପରେ ପରିବାର ବର୍ଗଙ୍କୁ ମୃତଦେହ ହସ୍ତାନ୍ତର କରାଯାଇଛି ।

### ରାଜସ୍ଥାନ ରୋର୍‌ସରେ ପ୍ରତୀକ

ସମ୍ବଲପୁର,୪।୧୨(ବ୍ୟୁରୋ) ସମ୍ବଲପୁର ଶାସନସ୍ଥିତ ବୈଦିକ ଇଣ୍ଟରନ୍ୟାଶନାଲ ସ୍କୁଲ ଛାତ୍ର ପ୍ରତୀକ ପାଣ୍ଡେ ରାଷ୍ଟ୍ରୀୟ ସ୍କୁଲ କ୍ରିକେଟ ଲିଗ୍ ରାଜସ୍ଥାନ ରୋର୍‌ସ୍‌ରେ ଖେଳିବାକୁ ଯୋଗ୍ୟ ବିବେଚିତ ହୋଇଛନ୍ତି । ଚଳିତ ମାସ ୮ତାରିଖରେ ଗ୍ୱାଲିୟର୍‌ରେ ହେବାକୁ ଥିବା କ୍ରିକେଟ ମ୍ୟାଚରେ ପ୍ରତୀକ ଖେଳିବେ । ତେଣୁ ବୈଦିକ ସ୍କୁଲ ଶିକ୍ଷୟିତ୍ରୀଶିକ୍ଷକ, ଛାତ୍ରୀଛାତ୍ର, କର୍ମଚାରୀ ଓ ଅଧିକାରୀମାନେ ତାଙ୍କୁ ଶୁଭେଚ୍ଛା ଜଣାଇଛନ୍ତି ।

## ଯୁଯୁମୁରା ବ୍ଲକରେ ଆମ ଗାଁ ଆମ ବିକାଶ ଯୋଜନା

# ଜନ ପ୍ରତିନିଧିଙ୍କ ସମର୍ଥନରେ ହେବ କାମ

- ୧୮ ପଞ୍ଚାୟତରେ ୪କୋଟି ୧୪ଲକ୍ଷ
- ଜିଲାପାଳଙ୍କ ପାଖରେ ପହଞ୍ଚିଲା ବିବାଦ
- ବିଧାୟକ ଦେଇଥିଲେ ପ୍ରକଳ୍ପର ତାଲିକା
- ଏକଜୁଟ ହେଲେ କଂଗ୍ରେସ, ଭାଜପା

**ସମ୍ବଲପୁର,୪।୧୨(ବ୍ୟୁରୋ)** ସମ୍ବଲପୁର ଜିଲା ଯୁଯୁମୁରା ବ୍ଲକରେ ଆମ ଗାଁ ଆମ ବିକାଶ ଯୋଜନା ଘୋଷଣା ହେବା ପରେ ବ୍ଲକ ଶାସକ ଦଳ ବିଜେଡି ଓ ଅନ୍ୟ ଦଳ ଭାଜପା ଓ କଂଗେସ ସମର୍ଥିତ ଜନ ପ୍ରତିନିଧିଙ୍କ ମଧ୍ୟରେ କାମକୁ ନେଇ ଟଣାଓଟରା ଲାଗି ରହିଛି । ବାରମ୍ବାର ସ୍ଥାନୀୟ ନେତାଙ୍କ ବୈଠକ ଫେଲ୍ ମାରିବା ପରେ ରବିବାର ବିଡିଓ ନୀଳାମ୍ବର ମହାନନ୍ଦଙ୍କ ଜରୁରୀ ବୈଠକରେ ମଧ୍ୟ ଏହାର ସମାଧାନର ବାଟ ବାହାରି ନ ଥିଲା । ମଙ୍ଗଳବାର ଏହି ବିବାଦୀୟ ମାମଲା ଜିଲାପାଳ ସମର୍ଥ ବର୍ମାଙ୍କ ନିକଟରେ ପହଞ୍ଚିଛି । କଂଗ୍ରେସ ଓ ଭାଜପା ଦଳର ଜନପ୍ରତିନିଧି ଏକଜୁଟ ହୋଇଛନ୍ତି । ମଙ୍ଗଳବାର ଜିଲା ପରିଷଦ ଅଧ୍ୟକ୍ଷ ରାଧେଶ୍ୟାମ ବାରିକ କୁକୁଡାପାଲି ସମିତି ସଭ୍ୟା ସସ୍ମିତା ଦେହୁରୀ, ଗଡଲୁଇସିଂ ସରପଞ୍ଚ ଅଶ୍ୱିନୀ କୁମୁରା, ବାହାମ ସରପଞ୍ଚ ମିତ୍ରଭାନୁ ପ୍ରଧାନ, ଛାମୁଣ୍ଡା ସମିତି ସଭ୍ୟା ପ୍ରଭାସିନୀ ବାରିକ ପ୍ରମୁଖ ଜିଲାପାଳ ବର୍ମାଙ୍କୁ ଭେଟି ଦାବିପତ୍ର ପ୍ରଦାନ କରିଛନ୍ତି । ପିଡି ସହିତ ଆଲୋଚନା କରି ଜନପ୍ରତିନିଧିଙ୍କୁ ଉପେକ୍ଷା ନ କରି କାମ କରିବାକୁ



ସମ୍ବଲପୁର ଜିଲାପାଳଙ୍କ ଘରୋଇ କାର୍ଯ୍ୟାଳୟରେ ଜନପ୍ରତିନିଧିମାନେ ଅଭିଯୋଗ କରିବାକୁ ଆସିଛନ୍ତି ।

ପ୍ରତିଶ୍ରୁତି ଦେଇଥିଲେ । ଅଭିଯୋଗ କ୍ରମେ ଆମ ଗାଁ ଆମ ବିକାଶ କାମ ସରକାରୀ ଅନୁଦାନ ଅଟେ । ନିୟମ ଅନୁସାରେ ପ୍ରକଳ୍ପ ଗୁଡିକ ପଞ୍ଚାୟତସ୍ତରରେ ଥିବା ଜନପ୍ରତିନିଧିମାନଙ୍କ ଅନୁମୋଦନ ଆବଶ୍ୟକ ରହିଛି। ହେଲେ ଉପେକ୍ଷା କରି ପ୍ରକଳ୍ପର ତାଲିକା ପ୍ରସ୍ତୁତ କରାଯାଇଛି । ଏଥିରେ ସ୍ଥାନୀୟ ବିଧାୟକ ରୋହିତ ପୂଜାରୀ ହସ୍ତକ୍ଷେପ କରିଛନ୍ତି । ତେଣୁ ପୁଣିଥରେ ପ୍ରକଳ୍ପ ପରିବର୍ତ୍ତନ କରାଯାଉ ବୋଲି ଦାବି କରିଥିଲେ । ସୂଚନା ଯୋଗ୍ୟ ଯେ, ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଯୁଯୁମୁରା ବ୍ଲକରେ ୨୧୭ପ୍ରକଳ୍ପକୁ ୪କୋଟି ୧୪ଲକ୍ଷ ଟଙ୍କାର ଭେଟି ଦେଇଥିଲେ । ଏଥିରେ କଲ୍ୟାଣ ମଣ୍ଡପ, ଗାଧୁଆ ତୁଠ, ପାଚେରି, ରାସ୍ତା, କମ୍ୟୁନିଟି ସେଣ୍ଟର ଭଳି ପ୍ରକଳ୍ପଗୁଡିକ ରହିଛି । ହେଲେ ଯୋଜନା ଘୋଷଣା ହେବା ଦିନରୁ ଯୁଯୁମରା ବ୍ଲକର ପ୍ରାୟ ପଞ୍ଚାୟତରେ ଅସନ୍ତୋଷ ଦେଖା ଦେଇଛି । ଏପରିକି ସମିତି ବୈଠକରେ ଏ ନେଇ ହଟ୍ଟଗୋଳ ଦେଖିବାକୁ ମିଳିଥିଲା । ଏବେ ଜିଲାପାଳ ବର୍ମାଙ୍କ ହସ୍ତକ୍ଷେପ ପରେ ବିବାଦ କେଉଁ ଦିଗକୁ ଯାଇଛି ସମୟ କହିବ ।

### ଜେଲ ଭିତରେ ଦୁଇ ଗୋଷ୍ଠୀ ମାର୍‌ପିଟ

ସମ୍ବଲପୁର,୪।୧୨(ବ୍ୟୁରୋ) ସମ୍ବଲପୁର ମଣ୍ଡଳ କାରାଗାର ଭିତରେ ଦୁଇ ଗୋଷ୍ଠୀ ମଧ୍ୟରେ ମଙ୍ଗଳବାର ମାରପିଟ ହୋଇଛି । ନିଜର ସ୍ଥିତି ଜାହିର କରିବାକୁ ଯାଇ ଉଭୟ ଗୋଷ୍ଠୀ ମଧ୍ୟରେ ଏଭଳି ଘଟଣା ଘଟିଛି । ହେଲେ ପୂର୍ବ ଶତ୍ରୁତାକୁ ନେଇ ଗଣ୍ଡଗୋଳ ହୋଇଥିବା ବିଶ୍ୱସ୍ତ ସୂତ୍ରରୁ ଜଣାପଡିଛି । ୨ସହରର ଏକାଧିକ ମାମଲାରେ ଜେଲ ଯାଇଥବା ଦୁଇ ଜଣ ଅପରାଧିକ ଗୋଷ୍ଠୀମାନଙ୍କ ମଧ୍ୟରେ ମାର୍‌ପିଟ ହୋଇଛି । ହେଲେ ଜେଲ ଅଧୀକ୍ଷକ ଏହି ଘଟଣାକୁ ଅସ୍ୱୀକାର କରି କହିଛନ୍ତି ଯେ, ଅବଶ୍ୟକ ଠାରୁ ଅଧିକ ମାତ୍ରାରେ ବିଚାରାଧୀନ କଏଦୀ ରହୁଛନ୍ତି । ଦୁଇ ଗୋଷ୍ଠୀ ମଧ୍ୟରେ ମାରପିଟ ନୁହେଁ କଥା କଟାକଟି ହୋଇଥିଲା । ତାହା ସମାଧାନ ହୋଇଯାଇଛି । ସୂଚନାଯୋଗ୍ୟ ଯେ, ହାଇକୋର୍ଟ ସ୍ଥାୟୀ ବେଞ୍ଚ ଦାବି ନେଇ ଓକିଲ ସଂଘ ଆନ୍ଦୋଳନକୁ ଓହ୍ଲାଇଛନ୍ତି । କୋର୍ଟ କଚେରି ବନ୍ଦ କରିଦେଇଛନ୍ତି । ତେଣୁ ଛୋଟ ବଡ ଯାହା ମାମଲା ହେଉ ନା କାହିଁକି ଅଭିଯୁକ୍ତମାନଙ୍କୁ ଜାମିନ ମିଳି ପାରୁ ନାହିଁ । ତେଣୁ ଅବଶ୍ୟକ ଠାରୁ ଦୁଇ ଗୁଣ ଅଧିକା ବିଚାରାଧୀନ କଏଦୀ ରହୁଛନ୍ତି । ସମ୍ବଲପୁର ମଣ୍ଡଳ କାରାଗାରରେ ୫୧୯ପୁରଷ ଓ ୨୨ଜଣ ମହିଳା କଏଦୀ ରହିବା ପାଇଁ ବ୍ୟବସ୍ଥା ଓ ସୁବଧା ରହୁଛି । ହେଲେ ମଙ୍ଗଳବାର ମିଳିଥିବା ସୂଚନା ଅନୁଯାୟୀ ମୋଟ ୧୦୧୨ବିଚାରାଧୀନ କଏଦୀ ରହୁଛନ୍ତି ।

## ରାସ୍ତା ସମସ୍ୟା ପାଇଁ ଜିଲାପାଳଙ୍କ ଦ୍ୱାରସ୍ଥ



ସମ୍ବଲପୁର ଜିଲାପାଳଙ୍କ ଘରୋଇ ଅଫିସ କାର୍ଯ୍ୟାଳୟରେ ଗ୍ରାମବାସୀ ।

**ସମ୍ବଲପୁର,୪।୧୨(ବ୍ୟୁରୋ)** ସମ୍ବଲପୁର ଜିଲା ଧନକଉଡା ବ୍ଲକ ଅନ୍ତର୍ଗତ ବସନ୍ତପୁର ପଞ୍ଚାୟତ ପାଖଡେରା ଗ୍ରାମବାସୀ ରାସ୍ତା ସମସ୍ୟା ନେଇ ମଙ୍ଗଳବାର ଜିଲାପାଳ ସମର୍ଥ ବର୍ମାଙ୍କୁ ଭେଟି ଅଭିଯୋଗ କରିଛନ୍ତି । ଅଭିଯୋଗ ଅନୁଯାୟୀ ପ୍ରାୟ ୭୦ବର୍ଷରୁ ଊର୍ଦ୍ଧ୍ୱ ହେବ ଗ୍ରାମବାସୀ ସେଠାରେ ରହିଆସୁଛନ୍ତି । ଏବେ ଆଇଆଇଏମ ଅନୁଷ୍ଠାନ ପାଇଁ ପାଚେରି ନିର୍ମାଣ କାମ ଚାଲିଛି । କାମ ସରିବା ପରେ ଗ୍ରାମବାସୀଙ୍କ ରାସ୍ତାର ସମସ୍ୟା ଦେଖାଦେବ । ତେଣୁ ଏହି ସମସ୍ୟାର ସମାଧାନ କରିବା ପାଇଁ ଦାବି କରିଥିଲେ। ଅନ୍ୟପଟେ ସ୍ଥାନୀୟ ସରପଞ୍ଚଙ୍କୁ ଅଭିଯୋଗ କଲେ ଏହି ରାସ୍ତା ମନରେଗା ଯୋଜନାରେ ସାମିଲ କରିବା ପାଇଁ ପ୍ରସ୍ତାବ ଦିଆହୋଇଥିବା କହିଛନ୍ତି । ତେଣୁ ପ୍ରଶାସନ ପକ୍ଷରୁ ଏ ଦିଗରେ ପଦକ୍ଷେପ ଗ୍ରହଣ କରାଯାଉ ବୋଲି ଦାବି କରାଯାଇଛି। ଏହି ଅବସରରେ ଭାଜପା ନେତା ନାଉରୀ ନାଏକ, ଜିଲା ପରିଷଦ ସଭ୍ୟା ସଂଯୁକ୍ତା ପ୍ରଧାନ, ବ୍ଲକ ଅଧ୍ୟକ୍ଷା ସୀତା ଛୁରିଆ, ଉପାଧ୍ୟକ୍ଷ ସୁଷମା ସାହୁ, ସମିତି ସଭ୍ୟା ଅଞ୍ଜଳି ଛାନ୍ଦ, ସୁକୁମୁନି ମିର୍ଦ୍ଧା, ଭୋଜରାଜ ମିର୍ଦ୍ଧା ପ୍ରମୁଖଙ୍କ ହସ୍ତାକ୍ଷର ସମ୍ବଳିତପତ୍ର ପ୍ରଦାନ କରାଯାଇଛି ।

### ଅସହାୟଙ୍କୁ କମ୍ବଳ ବଣ୍ଟନ

ବାମରା,୪।୧୨(ସ୍ୱ.ପ୍ର.) ସ୍ଥାନୀୟ ବାମରା କାଳୀମଣ୍ଡପଠାରେ ମଙ୍ଗଳବାର ମାରୱାଡି ସମ୍ମିଳନୀ ଓ ମହିଳା ସମିତିର ମିଳିତ ଆନୁକୂଲ୍ୟରେ ଅସହାୟ ଲୋକଙ୍କୁ ମାଗଣାରେ କମ୍ବଳ ବଣ୍ଟନ କରାଯାଇଛି । ମାରୱାଡି ସମ୍ମେଳନର ସଭାପତି ଅନୁଭବ ଲାଠଙ୍କ ପୌରହିତ୍ୟରେ ଅନୁଷ୍ଠିତ ଉକ୍ତ ସମାରୋହରେ ପ୍ରାନ୍ତୀୟ ସଦସ୍ୟ ଜ୍ୟୋତି ଲାଠ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ । ମଙ୍ଗଳବାର ଶହେ ଜଣଙ୍କୁ କମ୍ବଳ ବଣ୍ଟନ କରାଯାଇଥିବାବେଳେ ଆଗାମୀ ଦିନରେ ୧୦ହଜାର ଲୋକଙ୍କୁ କମ୍ବଳ ବଣ୍ଟନର ଲକ୍ଷ୍ୟ ରହିଥିବା ସମ୍ପାଦକ ବିଷ୍ଣୁ ଅଗ୍ରୱାଲ ସୂଚନା ଦେଇଛନ୍ତି। ମାରୱାଡି ମହିଳା ସମିତି ଅଧ୍ୟକ୍ଷା କାନ୍ତା ଖଣ୍ଡେଲୱାଲ ଓ ସଚିବ ଭାରତୀ ଖଣ୍ଡେଲୱାଲ ସଂଗଠନର ଏହି ମହତ କାର୍ଯ୍ୟ ପାଇଁ ସମସ୍ତଙ୍କୁ ଧନ୍ୟବାଦ ପ୍ରଦାନ କରିଥିଲେ । ମାରୱାଡି ସମାଜର ବରିଷ୍ଠ ନାଗରିକ ତୁଳସୀରାମ ଅଗ୍ରୱାଲ, ଘାସିରାମ ଖଣ୍ଡେଲୱାଲ, ଗିରୀନ୍ଦ୍ର ଅଗ୍ରୱାଲ, ମହାବୀର ଅଗ୍ରୱାଲ, ପବନ ଅଗ୍ରୱାଲ, ଲତା ଅଗ୍ରୱାଲ, ପୁଷ୍କର ଖଣ୍ଡେଲୱାଲ ତଥା ଅନ୍ୟ ସଦସ୍ୟଙ୍କ ସହଯୋଗରେ କାର୍ଯ୍ୟକ୍ରମ ପରିଚାଳନା କରାଯାଇଥିଲା । ଦୀପକ ଖଣ୍ଡେଲୱାଲ, ରାଜେଶ ଅଗ୍ରୱାଲ, ଦୀପକ ଅଗ୍ରୱାଲ, ସଞ୍ଜୟ ଖଣ୍ଡେଲୱାଲ, ପିଣ୍ଟୁ ଅଗ୍ରୱାଲ, ଶିବୁ ଅଗ୍ରୱାଲଙ୍କ ସହ ସଂଗଠନ ସଦସ୍ୟ ଉପସ୍ଥିତ ରହିଥିଲେ ।

## ଗାୟତ୍ରୀ କମ୍ପାନୀ ନାଁରେ ଥାନାରେ ଅଭିଯୋଗ



ସମ୍ବଲପୁର ଜିଲା ଝାଙ୍କରପାଲି ଗ୍ରାମରେ ମାଛ ଚାଷ ପାଇଁ ନିଲାମ ନେଇଥିବା ପୋଖରୀ ।

**ସମ୍ବଲପୁର,୪।୧୨(ବ୍ୟୁରୋ)** ସମ୍ବଲପୁର-ଜାତୀୟ ରାଜପଥ ୫୫ଚାରି ଥାକିଆ ନିର୍ମାଣ କାମ କରୁଥିବା ଗାୟତ୍ରୀ କମ୍ପାନୀ ନାମରେ ଥାନାରେ ଅଭିଯୋଗ ହୋଇଛି । ଝାଙ୍କରପାଲି ଗ୍ରାମ ନିକଟରେ ଥିବା ପୋଖରୀ ପୋତିଦେବାରୁ ସେହି ଗ୍ରାମର ମହାଦେବ ବଢେଇ ଥାନାରେ ଅଭିଯୋଗ କରିଛନ୍ତି । ଅଭିଯୋଗ କ୍ରମେ ଝାଙ୍କରପାଲି ପଞ୍ଚାୟତରୁ ସେ ଏହି ପୋଖରୀକୁ ନିଲାମରେ ନେଇଛନ୍ତି। ଏଥିପାଇଁ ପ୍ରଥମ ପର୍ଯ୍ୟାୟରେ ୧୭ହଜାର ୫ଶହ ଟଙ୍କା ଦେଇଛନ୍ତି । ମାଛ ଜାଆଁଳା ଚାଷ କରୁଛନ୍ତି । ହେଲେ ଏବେ କମ୍ପାନୀ ରାସ୍ତାକାମ ପାଇଁ ପୋଖରୀରେ ମାଟି ପକାଇ ପୋତି ଦେଉଛି । ଫଳରେ ପୋଖରୀରେ ଥିବା ମାଛ ଯାଆଁଳା ମରିଯାଇଛନ୍ତି । ଅନ୍ୟପଟେ ଏହାକୁ ବିରୋଧ କଲେ କମ୍ପାନୀ କର୍ମଚାରୀ ଓ ଅଧିକାରୀ ଧମକ ଦେଉଛନ୍ତି । ଏପରିକି ଓଲଟା କେସରେ ଫସାଇ ଦେବାକୁ କହୁଛନ୍ତି । ସୋମବାର ଏଭଳି ଘଟଣା ଘଟିଛି । ପୋଖରୀ ପୋତିବା ସମୟରେ ସେ ଏହାକୁ ବିରୋଧ କରିବା ପରେ ଗ୍ରାମର କିଛି ଭଦ୍ର ବ୍ୟକ୍ତି ଓ ସ୍ଥାନୀୟ ସରପଞ୍ଚ ସେଠାକୁ ଆସିଥିଲେ । କମ୍ପାନୀ ଅଧିକାରୀଙ୍କୁ ଏହାର ସମାଧାନ ହେବା ପରେ ପୋଖରୀ ପୋତାଯିବ ବୋଲି କହିଥିଲେ । ପରେ ଏହି ଘଟଣା ଜିଲା ସ୍ୱତନ୍ତ୍ର ଭୂଅର୍ଜନ ଅଧିକାରୀ ସିତାଂଶୁ ପୂଜାରୀଙ୍କ ପାଖରେ ପହଞ୍ଚିଥିଲା । ସେ ମଧ୍ୟ ଅନୁରୂପ ଭାବେ ସମାଧାନ ହେବା ପରେ କାମ କରିବାକୁ କହିଥିଲେ । ହେଲେ କମ୍ପାନୀ କର୍ମଚାରୀ ଧମକାଉ ଥିବା ଅଭିଯୋଗ କରିଛନ୍ତି। ଏ ସମ୍ପର୍କରେ ଯୁଯୁମୁରା ପୋଲିସ କହିଛି ଯେ, ଅଭିଯୋଗ ହୋଇଛି । ହେଲେ ତଦନ୍ତ କଲା ପରେ ସତ୍ୟାସତ୍ୟ ଜଣାପଡିବ ।

## ପିଡିଏସ ସାମଗ୍ରୀ ବଣ୍ଟନକୁ ନେଇ ହଟ୍ଟଗୋଳ



ସମ୍ବଲପୁର ମୁଦିପଡା ଆମ୍ବେଡକର ନଗରବାସୀ ପିଡିଏସ ସାମଗ୍ରୀ ନ ପାଇ ହଟ୍ଟଗୋଳ କରୁଛନ୍ତି ।

**ସମ୍ବଲପୁର,୪।୧୨(ବ୍ୟୁରୋ)** ସମ୍ବଲପୁର ମହାନଗର ନିଗମ ମୁଦିପଡା ଆମ୍ବେଡକର ନଗରପଡାରେ ପିଡିଏସ ସାମଗ୍ରୀ ବଣ୍ଟନକୁ ନେଇ ମଙ୍ଗଳବାର ସନ୍ଧ୍ୟାରେ ହଟ୍ଟଗୋଳ ହୋଇଛି । ପଡାବସୀ ଚାଉଳ, ଗହମ, କିରୋସିନ ତେଲ ଠିକ ଭାବେ ପାଉ ନ ଥିବା ଅଭିଯୋଗ କରିଛନ୍ତି। ଅନ୍ୟପଟେ ୨ ରୁ ୩ମାସ ହେବ କେତକ ହିତାଧିକାରୀ ପିଡିଏସ ସାମଗ୍ରୀ ପାଇ ନ ଥିବା ଅଭିଯୋଗ କରିଛନ୍ତି । ଏହାକୁ ନେଇ ଡିଲରଙ୍କୁ ଅଭିଯୋଗ କଲେ ଆସିଲେ ନେବ ଷ୍ଟକ ସରିଯାଇଥିବା କହି ଫେରାଇ ଦେଉଛନ୍ତି ବୋଲି ଅଭିଯୋଗ କରିଥିଲେ । ଟାଉନଥାନା ପୋଲିସ ଘଟଣାସ୍ଥଳରେ ପହଞ୍ଚି ଆଲୋଚନା କରିଥିଲା । ପରେ ସାମଗ୍ରୀ ପାଇ ନ ଥିବା ହିତାଧିକାରୀଙ୍କ ନାମରେ ତାଲିକା ପ୍ରସ୍ତୁତ କରି ଯୋଗାଣ ବିଭାଗକୁ ଯାଞ୍ଚ ପାଇଁ ଦେବାକୁ କହିଥିଲା । ପରେ ପରିସ୍ଥିତି ଶାନ୍ତ ପଡିଥିଲା। ସୂଚନାଯୋଗ୍ୟ ଆମ୍ବେଡକର ନଗର ସହ ଏହି ଡିଲର ଉପରେ ତବଲାପଡା, ମୁଦିପଡା କଟିଆପଡା ପ୍ରଭୃତି ପଡାର ହିତଧିକାରୀ ରହିଛନ୍ତି ।

## ସୁଭାଷ ମଇଦାନରେ କ୍ରିକେଟ ମ୍ୟାଚ

**ସମ୍ବଲପୁର,୪।୧୨(ବ୍ୟୁରୋ)** ସମ୍ବଲପୁର ମହାନଗର ନିଗମ ହୀରାକୁଦ ସୁଭାଷ ମଇଦାନଠାରେ ମଙ୍ଗଳବାର କ୍ରିକେଟ ମ୍ୟାଚ ଆରମ୍ଭ ହୋଇଛି । ବିଜୁ ଯୁବ ବାହିନୀ ପକ୍ଷରୁ ଆୟୋଜିତ ମ୍ୟାଚକୁ ମହାନଗର ଯୁବ ବାହିନୀ ମୁଖ୍ୟ ସଂଯୋଜକ ପ୍ରିୟବ୍ରତ ପଣ୍ଡା ଓ ୱାର୍ଡ ସଂଯୋଜିକା ମୀନାକ୍ଷୀ ସୁବୁଦ୍ଧି ପରିଚାଳନା କରିଥିଲେ । ହୀରାକୁଦ ନଗର ବିଜେଡି ସଭାପତି ଶାନ୍ତନୁ ବଡପଣ୍ଡା ମୁଖ୍ୟଅତିଥି ଭାବେ ଯୋଗଦେଇ ମ୍ୟାଚର ଉଦ୍‌ଘାଟନ କରିଥିଲେ । ହୀରାକୁଦ ମହିଳା ସଭାନେତ୍ରୀ ରେଣୁବାଳା ମରେଇ, ହୀରାକୁଦ କ୍ରୀଡା ସମ୍ପାଦକ ସଚ୍ଚିକାନ୍ତ ମିଶ୍ର, ପ୍ରତାପ ତାଣ୍ଡି, କ୍ଷୀରୋଦ ନାୟକ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ।



ମଙ୍ଗଳବାର ହୀରାକୁଦ ସୁଭାଷ ମଇଦାନଠାରେ ଅତିଥିମାନେ କ୍ରିକେଟ ମ୍ୟାଚକୁ ଶୁଭାରମ୍ଭ କରୁଛନ୍ତି ।

# ୮ରୁ କର୍ନେଲ ସିକେ ନାଇଡୁ ଟ୍ରଫି

**ସମ୍ବଲପୁର, ୪।୧୨ (ବ୍ୟୁରୋ)** ବୀରସୁରେନ୍ଦ୍ର ସାଏ ଷ୍ଟାଡିୟମରେ ଚଳିତ ମାସ ୮ରୁ ୧୧ତାରିଖ ପର୍ଯ୍ୟନ୍ତ ୨୩ବର୍ଷରୁ କମ୍ କର୍ନେଲ ସି.କେ. ନାଇଡୁ ଟ୍ରଫି କ୍ରିକେଟ ମ୍ୟାଚ ଅନୁଷ୍ଠିତ ହେବ । ଏଥିପାଇଁ ଷ୍ଟାଡିୟମ ପ୍ରସ୍ତୁତି ଶେଷ ହୋଇଛି । ମଙ୍ଗଳବାର ଓଡିଶା ଓ ରେଲୱେ ଦଳ ସମ୍ବଲପୁରରେ ପହଞ୍ଚିଛନ୍ତି । ମ୍ୟାଚ ପରିଚାଳନା କରିବାକୁ ଅମ୍ପାୟର ଶକ୍ତିପଦ ଭଟ୍ଟାଚାର୍ଯ୍ୟ ଓ ପି. ଭାନୁପ୍ରକାଶଙ୍କୁ ନିଯୁକ୍ତି ଦିଆଯାଇଛି। ସେହିପରି କର୍ଣ୍ଣେଲ ଏସ୍‌ସି ଷଡଙ୍ଗୀ ମ୍ୟାଚ ରେଫରି, ଦିଲୀପ ସିଂ ଅନଲାଇନ୍ ସ୍କୋରର୍, ପ୍ରଭାକର ରାଉତ ଅଫ୍ ଲାଇନ୍ ସ୍କୋରର ଦାୟିତ୍ୱ ନିର୍ବାହ କରିବେ ।

- ଭିଏସଏସ ଷ୍ଟାଡିୟମ ପ୍ରସ୍ତୁତ
- ପହଞ୍ଚିଲେ ରେଲୱେ, ଓଡିଶା ଦଳ
- ଓଡିଶା ଦଳରେ ସମ୍ବଲପୁରର ପ୍ରଶାନ୍ତ





କର୍ନେଲ ସିକେ ନାଇଡୁ ଟ୍ରଫି ଖେଳିବାକୁ ରେଲୱେ ଦଳ ମଙ୍ଗଳବାର ସମ୍ବଲପୁରରେ ପହଞ୍ଚିଛନ୍ତି (ବାମ) । ଓଡିଶା ଦଳ ମଙ୍ଗଳବାର ସମ୍ବଲପୁରରେ ପହଞ୍ଚିଛନ୍ତି ।

ଖେଳାଳିମାନଙ୍କ ସମସ୍ତ ପ୍ରକାର ଆନୁଷଙ୍ଗିକ ବ୍ୟବସ୍ଥା ପାଇଁ ଲୋକାଲ୍ ମ୍ୟାନେଜର ନିଯୁକ୍ତି କରାଯାଇଛି ବୋଲି ଆୟୋଜକ ଜିଲା କ୍ରୀଡା ସଂଘ ସାଧାରଣ ସମ୍ପାଦକ ଦୁଲାଲ ଚନ୍ଦ୍ର ପ୍ରଧାନ ସୂଚନା ଦେଇଛନ୍ତି । ବୁଧବାର ସକାଳେ ଓଡିଶା ଟିମ୍ ନେଟ୍ସରେ ଅଭ୍ୟାସ କରିବେ ବୋଲି ମ୍ୟାନେଜର ବିକାଶ ମିଶ୍ର କହିଛନ୍ତି । ଅପରପକ୍ଷେ ରେଲୱେ ଖେଳାଳିମାନେ ଅପରାହ୍ନ ପରେ ବୀରସୁରେନ୍ଦ୍ର ସାଏ ଷ୍ଟାଡିୟମରେ ଅଭ୍ୟାସ କରିବାକୁ ଯିବେ ବୋଲି ଲୋକାଲ୍ ମ୍ୟାନେଜର ସୁବୋଧ ସାହୁ କହିଛନ୍ତି । ଅନ୍ୟପଟେ ସମ୍ବଲପୁରର ପ୍ରଶାନ୍ତ ପାଣ୍ଡେ ଓଡିଶା ଦଳରେ ସାମିଲ ହୋଇଛନ୍ତି । ସମ୍ବଲପୁର ଜଗନ୍ନାଥ କଲୋନୀ କ୍ରିକେଟ କ୍ଲବର ପ୍ରଶାନ୍ତ ଓଡିଶା ଦଳରେ ସାମିଲକୁ ନେଇ ବିଭିନ୍ନ ମହଲରେ ସ୍ୱାଗତ କରାଯାଇଛି । ଓଡିଶା ଦଳରେ ଦେବାଶିଷ ସାମନ୍ତରାୟ(ଅଧିନାୟକ), ଅମୃତ ଖଟୁଆ(ଉପଅଧିନାୟକ), ସନ୍ଦୀପ ପଟ୍ଟନାୟକ, ବିଶ୍ୱଜିତ ଭୂୟାଁ, କାର୍ତ୍ତିକ ବିଶ୍ୱାଳ, ସୌଭାଗ୍ୟ ମିଶ୍ର, ଜ୍ଞାନଜ୍ୟୋତି ରାୟ(ଉଇକେଟ କିପର), ରାଜକିସନ ପଟେଲ, ଆଶିଷ ରାୟ, ଅୟସ୍କାନ୍ତ ସାହୁ, ସୌରଭ କାନୋଜିଆ, କ୍ଷମାସାଗର ବଳ(ଉଇକେଟ କିପର), ତାରିଣୀ ସା, ସୁନୀଲ ରାଉତ ସାମିଲ ଅଛନ୍ତି । ବିକାଶ ମିଶ୍ର ମ୍ୟାନେଜର, ସୁରେଶ କୋଚ, ବିଶ୍ୱଜିତ ମହାପାତ୍ର ଫିଜିଓ, ମହେଶ ମଲ୍ଲ ଟ୍ରେନର୍ ଓ ସୂର୍ଯ୍ୟନାରାୟଣ ମିଶ୍ର ପର୍ଯ୍ୟବେକ୍ଷକ ଭାବେ ରହିଛନ୍ତି । ସୂଚନାଯୋଗ୍ୟ ଯେ, ପ୍ରଶାନ୍ତଙ୍କ ବ୍ୟତୀତ ରଣଜି ଦଳରେ ଦେବବ୍ରତ ପ୍ରଧାନ, ୨୩ବର୍ଷରୁ କମ୍ ଦଳରେ ଆୟୁଷ ନାଏକ ଏବଂ ୧୬ବର୍ଷରୁ କମ୍ ଦଳରେ ଆଶୁତୋଷ ଛୁରିଆ ଓ ଶ୍ରେୟସ୍ ସିଂ ସାମିଲ ଅଛନ୍ତି । ଏହା ସମ୍ବଲପୁର କ୍ରିକେଟ ଖେଳାଳିଙ୍କୁ ଉତ୍ସାହିତ କରିବ। ଏ ନେଇ ମଙ୍ଗଳବାର ଜିଲା କ୍ରୀଡା ସାଧାରଣ ସମ୍ପାଦକ ଦୁଲାଲ ଚନ୍ଦ୍ର ପ୍ରଧାନ, ଜଗନ୍ନାଥ କଲୋନୀ କ୍ରିକେଟ କ୍ଲବ କର୍ମକର୍ତ୍ତା ଓ ସଭ୍ୟ, ଜିଲା କ୍ରୀଡା ସଂଘ କର୍ମକର୍ତ୍ତା ଓ କାଉନସିଲ ସଭ୍ୟମାନେ ସମସ୍ତ ଖେଳାଳୀଙ୍କୁ ଶୁଭେଚ୍ଛା ଜଣାଇଥିଲେ ।




ନିର୍ଦ୍ଧାରଣ ବର୍ଷ ୨୦୧୮-୧୯ରେ ଆୟକର ରିଟର୍ନ(ଆଇଟିଆର୍) ଗତ ବର୍ଷ ତୁଳନାରେ ଅଦ୍ୟାବଧି ୫୦% ବୃଦ୍ଧି ପାଇଛି ବୋଲି କେନ୍ଦ୍ରୀୟ ପ୍ରତ୍ୟକ୍ଷ କର ବୋର୍ଡ(ସିବିଡିଟି) ଅଧ୍ୟକ୍ଷ ସୁଶୀଲ ଚନ୍ଦ୍ରା କହିଛନ୍ତି। ସିଆଇଆଇ ପକ୍ଷରୁ ଆୟୋଜିତ ଏକ କାର୍ଯ୍ୟକ୍ରମରେ ଯୋଗ ଦେଇ ସେ କହିଛନ୍ତି ଯେ, ବିମୁଦ୍ରୀକରଣ ଯୋଗୁ ଟିକସ ଆଧାର ବଢ଼ିଛି। ଅଦ୍ୟାବଧି ୬.୦୮ କୋଟି ଆଇଟିଆର୍ ଦାଖଲ ହୋଇସାରିଛି। ଗତ ବର୍ଷ ତୁଳନାରେ ଏହା ୫୦% ରହିଛି। ଚଳିତ ଆର୍ଥିକ ବର୍ଷ ଶେଷ ସୁଦ୍ଧା ୧୧.୫ ଲକ୍ଷ କୋଟି ଟଙ୍କାର ପ୍ରତ୍ୟକ୍ଷ ଟିକସ ଲକ୍ଷ୍ୟ ହାସଲ ହୋଇଯିବ ବୋଲି ଆଶା କରାଯାଉଛି।

**ସଂକ୍ଷେପରେ**

## ମନୋଜ ଛାବ୍ରାଙ୍କୁ ଜେଲ ଏଡିଜି ଦାୟିତ୍ୱ

**ଭୁବନେଶ୍ୱର, ୪।୧୨(ବ୍ୟୁରୋ):** ୧୯୮୮ ବ୍ୟାଚର ଓଡିଶା କ୍ୟାଡର ଆଇପିଏସ୍ ଅଫିସର ମନୋଜ କୁମାର ଛାବ୍ରାଙ୍କୁ ଜେଲ ଏଡିଜି ଭାବେ ଅତିରିକ୍ତ ଦାୟିତ୍ୱ ମିଳିଛି। ବରିଷ୍ଠ ଆଇପିଏସ ଅଫିସର ଆର.ପି. ସିଂହଙ୍କ ଅବସର ପରେ ମନୋଜଙ୍କୁ ଏହି ନୂଆ ଦାୟିତ୍ୱ ମିଳିଛି। ନୂଆ ନିଯୁକ୍ତ ପର୍ଯ୍ୟନ୍ତ ମନୋଜ ଏହି ଦାୟିତ୍ୱ ତୁଲାଇବେ ବୋଲି ମଙ୍ଗଳବାର ଗୃହ ବିଭାଗ ପକ୍ଷରୁ ପ୍ରକାଶିତ ଏକ ବିଜ୍ଞପ୍ତିରେ ସୂଚନା ଦିଆଯାଇଛି। ମନୋଜ ଏବେ ସ୍ୱତନ୍ତ୍ର ସଶସ୍ତ୍ର ପୋଲିସ ଏଡିଜି ଅଛନ୍ତି। ସେ ୨୦୦୫ରେ କେନ୍ଦ୍ରୀୟ ଡେପୁଟେଶନରେ ଯାଇ ବିଏସ୍ଏଫ ଡିଆଇଜି ହୋଇଥିଲେ।

### ବନ୍ୟାରେ ଘର ଭାଙ୍ଗିଲା

# ପଲିଥିନ ତଳେ ବିତୁଛି ଜୀବନ

**ଜୁନାଗଡ,୪।୧୨(ଡି.ଏନ.ଏ.)**

ବନ୍ୟାରେ କ୍ଷତିଗ୍ରସ୍ତ ଲୋକଙ୍କୁ ସରକାର ସ୍ୱତନ୍ତ୍ର ପ୍ୟାକେଜ ଘୋଷଣା କରି ସହାୟତା ରାଶି ସହ ଘର ଦେବା ବ୍ୟବସ୍ଥା କରିଛନ୍ତି। କିନ୍ତୁ ବାସ୍ତବରେ ଏହି ସବୁ ଗରିବ, ଗୃହହୀନ, କ୍ଷତିଗ୍ରସ୍ତ ପରିବାର ନିକଟରେ ପହଞ୍ଚିପାରୁନାହିଁ। କେବଳ କାଗଜକଲମ ଓ ପ୍ରତିଶ୍ରୁତିରେ ରହିଯାଉଥିବା ଦେଖିବାକୁ ମିଳିଛି। କଳାହାଣ୍ଡି ଜିଲା ଜୁନାଗଡ ବ୍ଲକ ଦେଦର ପଞ୍ଚାୟତ ସୋରିଶମାଳ ଗ୍ରାମରେ ଏପରି ଏକ ଉଦାହରଣ ଦେଖିବାକୁ ମିଳିଛି । ଗତ ଜୁଲାଇରେ ଏହି ଗ୍ରାମ ନିକଟରେ ଥିବା ଭତ୍ରାଜୋରରେ ବଢି ଆସିବାରୁ ଗ୍ରାମରେ ବଢିପାଣି ପଶି ବ୍ୟାପକ କ୍ଷୟକ୍ଷତି ହୋଇଥିଲା। ସେତେବେଳେ ପାଣି ଘେରରେ ଥିବା ଗ୍ରାମବାସୀଙ୍କୁ ପ୍ରଶାସନ ପକ୍ଷରୁ ଉଦ୍ଧାର କରାଯାଇ ୩ ଦିନ ଧରି ରନ୍ଧନଖାଦ୍ୟ ଖାଇବାକୁ ଦିଆଯାଇଥିଲା। ବଢି ସ୍ୱାଭାବିକ ହେବା ପରେ କ୍ଷୟକ୍ଷତି ଆକଳନ କରିବା ପାଇଁ ରାଜସ୍ୱ କର୍ମଚାରୀ, କୃଷି କର୍ମଚାରୀ ଘଟଣା ସ୍ଥଳକୁ ପହଞ୍ଚି ବୁଲି ଦେଖିଥିଲେ। ଶୀଘ୍ର କ୍ଷତିଗ୍ରସ୍ତ ପରିବାରଙ୍କୁ ସରକାରୀ ସହାୟତା ଯୋଗାଇ ଦିଆଯିବ ବୋଲି ସେମାନେ ପ୍ରତିଶ୍ରୁତି ଦେଇଥିଲେ। ଘଟଣାର ୫ ମାସ ପରେ ମଧ୍ୟ କ୍ଷତିଗ୍ରସ୍ତ ପରିବାରକୁ କ୍ଷତିପୂରଣ ମିଳିପାରିନାହିଁ। ଏହାକୁ ନେଇ ସେମାନଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି। ଗ୍ରାମର ଭମର ମାଝିଙ୍କ ଘର ବନ୍ୟାରେ ଭାଙ୍ଗିଯିବାରୁ ଏବେ ପଲିଥିନ କୁଡିଆ କରି ଅତିକଷ୍ଟରେ ନିଜ ସ୍ତ୍ରୀ ମାଳିନୀଙ୍କୁ ଧରି ଜୀବନ ବିତାଉଛନ୍ତି। ବନ୍ୟାରେ ତାଙ୍କ ଘର ଭାଙ୍ଗିଯିବା ସହ ଚାଉଳ, ଆସବାବ ପତ୍ର ମଧ୍ୟ ଭାସିଯାଇଥିଲା। ତାଙ୍କ ୪ ପୁଅ ଅଛନ୍ତି। ସେଥିମଧ୍ୟରୁ ବଡ ୨ ବିବାହିତ ପୁଅ ଗ୍ରାମ ଆରମ୍ଭରେ ନିଜ ପରିବାରକୁ ଧରି ଘର କରି ରହୁଥିବା ବେଳେ ୨ ଅବିବାହିତା ପୁଅ ମା'ବାପାଙ୍କ ସହିତ ପୁରୁଣା ଘରେ ରହୁଥିଲେ। ବନ୍ୟାରେ ଘର ଭାଙ୍ଗିବାରୁ ଏବେ ସେମାନେ ସମ୍ପର୍କୀୟ ଘରେ ଆଶ୍ରୟ ନେଉଛନ୍ତି । ଭମର ମାଝି ଘର ପାଇଁ ରାଜସ୍ୱ କର୍ମଚାରୀ ଓ ଜୁନାଗଡ ବିଧାୟକ କ୍ୟାପଟେନ୍ ଦିବ୍ୟ ଶଙ୍କର ମିଶ୍ରଙ୍କୁ ଜଣାଇଥିଲେ ମଧ୍ୟ ପ୍ରତିଶ୍ରୁତି ଛଡା ଅନ୍ୟ କିଛି ସୁଫଳ ମିଳି ନ ଥିବା ଅତି କ୍ଷୋଭର ସହ କହନ୍ତି। ସେହିପରି ଗ୍ରାମର ଭରତ ଶବରଙ୍କ ଘର ମଧ୍ୟ ବନ୍ୟାରେ ଭୁଶୁଡିଯିବାରୁ ଏବେ ତାଙ୍କ ପରିବାର ଅନ୍ୟଠାରେ ଆଶ୍ରୟ ନେଇଛନ୍ତି। ସରକାରୀ ସହୟତା ନ ମିଳିବାରୁ ଗତ କିଛିଦିନ ହେଲା ଭରତ ଦାଦନ ଖଟିବାକୁ ଅନ୍ୟତ୍ର ରାଜ୍ୟକୁ ଚାଲିଯାଇଛନ୍ତି ବୋଲି ତାଙ୍କ ସ୍ତ୍ରୀ ରୁକୁଣୀ ଦୁଃଖର ସହ କହିଛନ୍ତି। କେବଳ ଏହି ୨ଟି ଘଟଣା ନୁହେଁ ଏପରି ଗ୍ରାମର ଆହୁରି କିଛି ଲୋକଙ୍କ ଘର ବନ୍ୟାରେ ଭାଙ୍ଗିଯାଇଥିଲେ ମଧ୍ୟ ବର୍ତ୍ତମାନ ସୁଦ୍ଧା ପ୍ରଶାସନ ପକ୍ଷରୁ ସରକାରୀ ସହାୟତା ଯୋଗାଇ ଦିଆଯାଇନାହିଁ। ଯାହାକୁ ନେଇ ଗ୍ରାମରେ ଏବେ ଅସନ୍ତୋଷ ଦେଖିବାକୁ ମିଳିଛି। ଅନ୍ୟପଟେ ଆସନ୍ତା ସାଧାରଣ ନିର୍ବାଚନ ପାଇଁ ନେତାମାନେ ଭୋଟ ମାଗିବାକୁ ଗ୍ରାମକୁ ଆସିଲେ ସେମାନେ ଆକ୍ରୋଶର ଶିକାର ହେବେ ବୋଲି ଗ୍ରାମବାସୀଙ୍କଠୁ ଜଣାପଡିଛି। ଜୁନାଗଡ ତହସିଲଦାର ଉପେନ୍ଦ୍ର ଲୁହାଙ୍କୁ ପଚାରିବାରୁ କ୍ଷତିଗ୍ରସ୍ତ ହୋଇଥିବା ପରିବାରଙ୍କୁ ଚିହ୍ନଟ କରି ତାଙ୍କ ଘର ମରାମତି କରିବା ପାଇଁ ଆମେ ବ୍ୟାଙ୍କରେ ଟଙ୍କା ଡିପୋଜିଟ କରିଦେଇଛୁ। ଖୁବଶୀଘ୍ର ସେମାନଙ୍କୁ ମିଳିବ ବୋଲି କହିଥିଲେ। ସେହିପରି ସମ୍ପୂର୍ଣ୍ଣ ଘର ଭାଙ୍ଗି ଯାଇଥିବା ପରିବାରଙ୍କୁ ନୂତନ ଘର ଯୋଗାଇବା ପାଇଁ ବିଡିଓଙ୍କୁ ଜଣାଇବି ବୋଲି କହିଥିଲେ।

# ପାଲଲହଡ଼ାରୁ ଲଢ଼ିଲେ ଧର୍ମେନ୍ଦ୍ରଙ୍କୁ ସ୍ୱାଗତ କରିବି: ମହେଶ

**ଭୁବନେଶ୍ୱର, ୪।୧୨(ବ୍ୟୁରୋ)**

୨୦୨୪ ଯାଏଁ ଭାଜପାର ଓଡିଶାରେ କୌଣସି ସୁଯୋଗ ନ ଥିବା ପାଲଲହଡା ବିଧାୟକ ମହେଶ ସାହୁ କହିଛନ୍ତି। ଯଦି ସେ ସେଠାରୁ ଲଢନ୍ତି ତେବେ ତାଙ୍କୁ ସ୍ୱାଗତ ବୋଲି ମହେଶ ଆହ୍ୱାନ କରିଛନ୍ତି। ଦୁଇଦିନ ତଳେ ପାଲଲହଡାର ଏକ ସାଧାରଣ ସଭାରେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ସେଠାରୁ ବିଧାନସଭା ନିର୍ବାଚନ ଲଢିବା ପାଇଁ ସଙ୍କେତ ଦେଇଥିଲେ। ଏହାପରେ ଧର୍ମେନ୍ଦ୍ରଙ୍କ ପ୍ରାର୍ଥୀତ୍ୱ ନେଇ ଚର୍ଚ୍ଚା ଜୋର୍ ଧରିଥିଲା। ଉପରୋକ୍ତ ମନ୍ତବ୍ୟ ଦେବାର ଗୋଟିଏ ଦିନପରେ ଧର୍ମେନ୍ଦ୍ର ନିଜ ମତ ପରିବର୍ତ୍ତନ କରିଥିଲେ। ୨୦୧୯ ନିର୍ବାଚନରେ ରାଜ୍ୟର ୧୪୭ ବିଧାନସଭା ଆସନ ମଧ୍ୟରୁ ଯେକୌଣସି ସ୍ଥାନରୁ ପ୍ରାର୍ଥୀ ହୋଇପାରନ୍ତି ବୋଲି ସେ କହିଥିଲେ।

ଏହି ପ୍ରସଙ୍ଗରେ ମଙ୍ଗଳବାର ବିଜେଡି ବିଧାୟକ ମହେଶ ସାହୁ କହିଛନ୍ତି ଯେ, ମୁଁ ଯେତିକି ଜାଣେ ଧର୍ମେନ୍ଦ୍ର ଓଡିଶାର କୌଣସି ସ୍ଥାନରୁ ନିର୍ବାଚନ ଲଢିବେ ନାହିଁ। ଲୋକସଭା କିମ୍ବା ବିଧାନସଭା କେଉଁଥିରୁ ବି ଲଢିବେନି। ମୋ ନିର୍ବାଚନମଣ୍ଡଳୀରୁ ଲଢିଲେ ଖୁସି ହେବି। ପକେଟରୁ ବାହାରୁଥିବା ଧନ ଏବଂ ବସ୍ତାରୁ ବାହାରୁଥିବା ଧନ ଭିତରେ ବହୁ ଫରକ ଅଛି। ଲୋକଙ୍କ ମନ ଜିଣିବାରେ ବିଜେଡି ଏବଂ ବ୍ୟକ୍ତିଗତଭାବେ ମୋର ଦକ୍ଷତା ଅଛି। କେନ୍ଦ୍ରମନ୍ତ୍ରୀ ବସ୍ତାରୁ ଧନ କାଢୁଛନ୍ତି। ତେଣୁ ପକେଟ ଧନରେ ତାଙ୍କ ସହ ଲଢିବାରେ କିଛି କଷ୍ଟ ହେବ। ପୁଳାଏ ଟଙ୍କା ରଖିଦେଲେ କ'ଣ ହେବ, ରାଜନୀତିରେ ନେଟୱାର୍କ ଦରକାର। ଯଦି ଟଙ୍କା ଥିଲେ ସମସ୍ତେ ଜିତିଯାଇଥାଆନ୍ତେ, ତେବେ ଟାଟା ଓ ବିର୍ଲା ଦେଶର ପ୍ରଧାନମନ୍ତ୍ରୀ ହୋଇଥାଆନ୍ତେ।



ସୋମବାର ସଚିବାଳୟଠାରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ବିଦେଶରୁ ଆସିଥିବା ବାଲୁକା ଶିଳ୍ପୀମାନଙ୍କୁ ଉପାୟନ ଓ ପୁଷ୍ପଗୁଚ୍ଛ ଦେଇ ସମ୍ବର୍ଦ୍ଧିତ କରୁଛନ୍ତି।

# ଶିମିଳିପାଳରେ ବିରଳ ଶାଳିଆପତନି

**ବାରିପଦା ଅଫିସ, ୪।୧୨**

ଜୈବ ବିବିଧତାରେ ପରିପୂର୍ଣ୍ଣ ଶିମିଳିପାଳ ଅଭୟାରଣ୍ୟରେ ବିଭିନ୍ନ ବିରଳ ବନ୍ୟପ୍ରାଣୀ ଦେଖିବାକୁ ମିଳନ୍ତି। ପୂର୍ବରୁ କଳା ବାଘ ଭଳି ବିରଳ ବନ୍ୟପ୍ରାଣୀକୁ ଏଠାରେ ଠାବ କରାଯାଇଥିଲା। ଏବେ ଜଙ୍ଗଲରେ ଏକ ବିରଳ ଶାଳିଆପାତନି ଠାବ ହେବା ଘଟଣା ଚର୍ଚ୍ଚାକୁ ଆସିଛି। ଅଭୟାରଣ୍ୟରେ ଅନ୍ୟ ବନ୍ୟପ୍ରାଣୀଙ୍କ ଭଳି ବହୁ ସଂଖ୍ୟକ ଶାଳିଆପତନି ରହିଛନ୍ତି। କଳା ରଙ୍ଗର ଏହି ବନ୍ୟପ୍ରାଣୀଙ୍କ ବିଚରଣ ଜଙ୍ଗଲର ଶୋଭା ବଢାଇଥାଏ। ଏବେ ଧଳା ଓ କଳା ରଙ୍ଗ ମିଶ୍ରିତ କେତେକ ଶାଳିଆପାତନି ଠାବ ହେବା ଘଟଣା ବନ୍ୟପ୍ରାଣୀ ବିଶେଷଜ୍ଞ ଓ ପରିବେଶବିତ୍‌ଙ୍କୁ ଚକିତ କରିଛି। ଏଭଳି ବିରଳ ଶାଳିଆପତନି ପ୍ରାୟ ୩୦ ବର୍ଷ ପୂର୍ବେ ଦେଖିବାକୁ ମିଳିଥିଲା। ସେମାନଙ୍କ ଦେହର ପେଟ, ଲାଞ୍ଜ ଆଦି ସ୍ଥାନରେ ଧଳା ଓ ଅନ୍ୟ ଅଂଶରେ କଳା ରଙ୍ଗ ରହିଥାଏ। ଶିମିଳିପାଳ ବ୍ୟାଘ୍ର ଅଭୟାରଣ୍ୟରେ ବନ୍ୟପ୍ରାଣୀଙ୍କ ଗତିବିଧି ଜାଣିବା ସକାଶେ ଲାଗିଥିବା କ୍ୟାମେରାରେ ଏପରି ବିରଳ ଶାଳିଆପତନିଙ୍କ ଫଟୋ କଏଦ ହୋଇଥିବା ବ୍ୟାଘ୍ର ସଂରକ୍ଷଣ ପ୍ରକଳ୍ପର ଉପକ୍ଷେତ୍ର ନିର୍ଦ୍ଦେଶକ ଯଜ୍ଞଦତ୍ତ ପତି ସୂଚନା ଦେଇଛନ୍ତି।



ଶିମିଳିପାଳରେ କ୍ୟାମେରାରେ କଏଦ ହୋଇଥିବା ବିରଳ ଶାଳିଆପତନି ।

# ଗାନ୍ଧୀ-ଜାଏଦ୍ ଡିଜିଟାଲ୍ ମ୍ୟୁଜିୟମ୍ ଉଦ୍‌ଘାଟିତ

**ଆବୁଧାବି**

ସ୍ୱାଧୀନତା ସଂଗ୍ରାମର ମହାନାୟକ ମହାତ୍ମା ଗାନ୍ଧୀ ଏବଂ ଆଧୁନିକ ୟୁଏଇ (ୟୁନାଇଟେଡ୍ ଆରବ ଏମିରେଟ୍ସ)ର ପ୍ରତିଷ୍ଠାତା ଶେଖ୍ ଜାଏଦ୍‌ଙ୍କ ଜୀବନୀ, ଗଠନମୂଳକ କାର୍ଯ୍ୟ ଏବଂ ଆଦର୍ଶ ପ୍ରତିଫଳିତ ଡିଜିଟାଲ୍ ଢାଞ୍ଚାର ମ୍ୟୁଜିୟମ୍ ଲୋକାର୍ପିତ ହୋଇଛି। ମଙ୍ଗଳବାର ଆବୁଧାବିଠାରେ ବହିର୍ବ୍ୟାପାର ମନ୍ତ୍ରୀ ସୁଷମା ସ୍ୱରାଜ ଏବଂ ତାଙ୍କ ପ୍ରତିପକ୍ଷ ଅବଦୁଲ୍ଲା ବିନ୍ ଜାଏଦ୍ ଅଲ୍ ନାହ୍ୟାନ ମିଳିତ ଭାବେ ମ୍ୟୁଜିୟମ୍‌ର ଶୁଭ ଉଦ୍‌ଘାଟନ କରିଛନ୍ତି। ଦୁଇ ଦେଶ ମଧ୍ୟରେ ଶାନ୍ତି, ମୈତ୍ରୀ, ସହିଷ୍ଣୁତା, ସ୍ଥିରତା ବଜାୟ ରଖିବାରେ ଏହି ମ୍ୟୁଜିୟମ୍ ଏକ ମୂର୍ତ୍ତିମନ୍ତ ପ୍ରତୀକ ହୋଇ ରହିବ ବୋଲି ଉଦ୍‌ଘାଟନ ଉତ୍ସବରେ ମତପ୍ରକାଶ ପାଇଛି। ମହାତ୍ମା ଗାନ୍ଧୀଙ୍କ ୧୫୦ତମ ଏବଂ ଶେଖ୍ ଜାଏଦ୍‌ଙ୍କ ୧୦୦ତମ ଜୟନ୍ତୀକୁ ଦୃଷ୍ଟିରେ ରଖି ଉଦ୍‌ଘାଟନ ସମାରୋହ ହୋଇଥିଲା। ଏହି ଐତିହାସିକସମ୍ପନ୍ନ ମ୍ୟୁଜିୟମ୍‌ରେ ଗାନ୍ଧୀ ଏବଂ ଜାଏଦ୍‌ଙ୍କ ବିଭିନ୍ନ ଘଟଣାବଳୀ ଓ କାର୍ଯ୍ୟର ବିରଳ ଫଟୋଚିତ୍ର, ଭିଡିଓ, ବ୍ୟବହୃତ ସାମଗ୍ରୀ ସ୍ଥାନ ପାଇଛି। ଉଭୟଙ୍କ ନୀତି ଆଦର୍ଶରେ ଥିବା ସମାନତା ଓ ଏହାର ପ୍ରଭାବରେ ଆସିଥିବା ପରିବର୍ତ୍ତନର ମୁଖଶାଳା ଏହି ମ୍ୟୁଜିୟମ୍ ହେବ ବୋଲି କୁହାଯାଇଛି। ୨୦୧୮ ଜୁଲାଇରେ ନାହ୍ୟାନ ନୂଆଦିଲ୍ଲୀ ଗସ୍ତରେ ଆସିଥିବାବେଳେ ପ୍ରସ୍ତାବିତ ଏହି ଡିଜିଟାଲ୍ ମ୍ୟୁଜିୟମ୍ ଆନୁଷ୍ଠାନିକ ଭାବେ ଘୋଷଣା ହୋଇଥିଲା।

# ଲକ୍ଷ୍ୟସ୍ଥଳରେ ପହଞ୍ଚିଲା ମହାକାଶଯାନ

**ୱାଶିଂଟନ**

ନ୍ୟାସନାଲ୍ ଏରୋନେଟିକ୍ସ ସ୍ପେଶ୍ ଆଡମିନିଷ୍ଟ୍ରେଶନ (ନାଶା) ଦ୍ୱାରା ପଠାଯାଇଥିବା ପ୍ରଥମ ମହାକାଶଯାନ ଲକ୍ଷ୍ୟସ୍ଥଳ କ୍ଷୁଦ୍ର ଗ୍ରହ 'ବେନ୍ନୁ'ରେ ପହଞ୍ଚିଛି। ସ୍ପେକ୍ଟ୍ରାଲ୍ ଇଣ୍ଟରପ୍ରିଟେଶନ, ରିସୋର୍ସ ଆଇଡେଣ୍ଟିଫିକେଶନ, ସିକ୍ୟୁରିଟି-ରିଗୋଲିଥ୍ ଏକ୍ସପ୍ଲୋରର୍ (ଓଏସ୍ଆଇଆର୍ଆଇଏସ୍-ଆର୍ଇଏକ୍ସ) ନାମଧାରୀ ଏହି ମହାକାଶ ଯାନ ଦୀର୍ଘ ୨ ବର୍ଷ ଧରି ୨ ବିଲିୟନ କି.ମି. ଯାତ୍ରା କରିବା ପରେ ସୋମବାର ବେନ୍ନୁ ଗ୍ରହରେ ପହଞ୍ଚିଥିବା ନାଶା ପକ୍ଷରୁ କୁହାଯାଇଛି। ସେଠାରେ ମହାକାଶ ଯାନ ବର୍ଷେ ପର୍ଯ୍ୟନ୍ତ ରହି ଗ୍ରହର ସ୍ଥିତି ଓ ଅବସ୍ଥିତି ମୂଲ୍ୟାଙ୍କନ କରିବା ସହ ନମୂନା ସଂଗ୍ରହ କରିବ। ୨୦୨୩ ସେପ୍ଟେମ୍ବରରେ ଏହା ପୃଥିବୀକୁ ଫେରିବ ବୋଲି ନାଶାର ପ୍ଲାନେଟୋରୀ ସାଇନ୍ସ ଡିଭିଜନର ନିର୍ବାହୀ ନିର୍ଦ୍ଦେଶକ ଲୋରୀ ଗ୍ଲେଜ୍ କହିଛନ୍ତି। କ୍ଷୁଦ୍ର ଗ୍ରହ ବେନ୍ନୁରେ ମନୁଷ୍ୟ ଜୀବନ ଧାରଣ ପାଇଁ ଆବଶ୍ୟକ ପ୍ରାକୃତିକ ସମ୍ପଦ ଯଥା ଜଳ, ଜୈବ ପଦାର୍ଥ, ଧାତୁର ସନ୍ଧାନ ମିଳିଛି। ଏଣୁ ସେଠାରୁ ନମୂନା ସଂଗ୍ରହ କରି ସଫଳତାର ସହ ମହାକାଶ ଯାନକୁ ଫେରାଇ ଆଣିବା ପାଇଁ ୟୁଏସ, କାନାଡା ସହଯୋଗୀ ଦେଶର ବୈଜ୍ଞାନିକମାନଙ୍କ ସହ ବିଚାରବିମର୍ଶ ଜାରି ରହିଛି। ଏହି ମହାକାଶଯାନ ଯାତ୍ରା ମିଶନ ଦ୍ୱାରା ଗ୍ରହର ଗଠନ ପ୍ରଣାଳୀ, ଏବଂ ମନୁଷ୍ୟ ଜୀବନ ଧାରଣର ଅୟଆରମ୍ଭ ବିଷୟରେ ପର୍ଯ୍ୟାପ୍ତ ସୂଚନା ମିଳିପାରିବ ବୋଲି ନାଶାର ବୈଜ୍ଞାନିକମାନେ ଜଣାଇଛନ୍ତି। ଡିସେମ୍ବର ୩୧ରେ ଯାନ ବେନ୍ନୁର କକ୍ଷକୁ ପ୍ରବେଶ କରିବ।





ମଙ୍ଗଳବାର ଅପରାହ୍ନ ୫ଟାରେ ମହାକାଶରୁ ନିଆଯାଇଥିବା ପାଣିପାଗ ଚିତ୍ର।

## କେମିତି ରହିବ ଆଜିର ପାଗ

**ରାଜ୍ୟ-ଆସନ୍ତା** ୨୪ ଘଣ୍ଟା ମଧ୍ୟରେ ଓଡ଼ିଶାର ପାଗ ମୁଖ୍ୟତଃ ଶୁଖିଲା ରହିବା ସମ୍ଭାବନା ଅଛି।

**ସ୍ଥାନୀୟ ଅଞ୍ଚଳ-** ଭୁବନେଶ୍ୱର ଓ ଏହାର ପାର୍ଶ୍ୱବର୍ତ୍ତୀ ଅଞ୍ଚଳରେ ଆକାଶ ଆଂଶିକ ମେଘାଚ୍ଛନ୍ନ ରହିବ। ବୁଧବାର ଏଠାରେ ସର୍ବୋଚ୍ଚ ତାପମାତ୍ରା ୩୦ ଡିଗ୍ରୀ ଏବଂ ସର୍ବନିମ୍ନ ୧୫ ଡିଗ୍ରୀ ସେଲ୍‌ସିୟସ୍ ରହିବ ବୋଲି ଅନୁମାନ କରାଯାଇଛି। ମଙ୍ଗଳବାର ରାଜ୍ୟରେ ରେକର୍ଡ କରାଯାଇଥିବା ସର୍ବୋଚ୍ଚ ଓ ସର୍ବନିମ୍ନ ତାପାମାତ୍ରା ପାର୍ଶ୍ୱରେ ଦିଆଗଲା।

| ସ୍ଥାନ | ସର୍ବୋଚ୍ଚ ତାପମାତ୍ରା | ସର୍ବ ନିମ୍ନ ତାପମାତ୍ରା |
|---|---|---|
| ବାଲେଶ୍ୱର | ୨୯.୦ | ୧୪.୨ |
| ଚାନ୍ଦବାଲି | ୨୭.୬ | ୧୬.୦ |
| କଟକ | ୨୮.୫ | ୧୪.୪ |
| ପାରାଦ୍ୱୀପ | ୨୯.୦ | ୧୭.୨ |
| ଭୁବନେଶ୍ୱର | ୨୯.୭ | ୧୫.୧ |
| ଗୋପାଳପୁର | ୨୯.୨ | ୧୮.୦ |
| ପୁରୀ | ୨୯.୦ | ୧୭.୮ |
| ଅନୁଗୋଳ | ୨୬.୯ | ୧୧.୬ |
| ବାରିପଦା | ୨୬.୫ | ୧୪.୫ |
| ଝାରସୁଗୁଡ଼ା | ୨୯.୦ | ୧୩.୮ |
| କେନ୍ଦୁଝର | ୨୫.୮ | ୧୨.୬ |
| ସମ୍ବଲପୁର | ୨୯.୧ | ୧୪.୦ |
| ସୁନ୍ଦରଗଡ଼ | ୨୮.୦ | ୧୨.୦ |
| ହୀରାକୁଦ | ୨୮.୯ | ୧୪.୯ |
| ତାଳଚେର | ୩୧.୬ | ୧୩.୮ |
| ଭବାନୀପାଟଣା | --- | ୧୪.୦ |
| ବଲାଙ୍ଗୀର | ୨୯.୫ | ୧୪.୦ |
| କୋରାପୁଟ | ୨୭.୬ | ୧୩.୪ |
| ଫୁଲବାଣୀ | --- | ୮.୦ |
| ଟିଟିଲାଗଡ଼ | --- | --- |
| ମାଲକାନଗିରି | ୩୨.୫ | --- |
| ସୋନପୁର | ୨୯.୦ | ୧୬.୪ |
| ଦାରିଙ୍ଗିବାଡ଼ି | --- | ୮.୦ |
| ଢେଙ୍କାନାଳ | --- | --- |

ଡିଗ୍ରୀ ସେଲ୍‌ସିୟସ୍

ଧରିତ୍ରୀ DHARITRI **CAREER APPOINTMENT**
every Wednesday & Saturday

**BACHPAN** a play school
Requires : TEACHERS
MINIMUM 2 YEARS OF EXPERIENCE WITH FLUENCY IN ENGLISH
KAPIL PRASAD, BDA COLONY, HIG 1/17, NEAR LINGARAJ RAILWAY STATION, BBSR-2
Mob.: 9437143495

**OMM SAI INFRATECH**
ବ୍ଲକ୍ ସ୍ତରୀୟ ନିଯୁକ୍ତି
ନିଜ ନିଜ ପଞ୍ଚାୟତସ୍ତରରେ କାମ କରିବାପାଇଁ ODISHA ର ପ୍ରତ୍ୟେକ ଜିଲ୍ଲାରୁ ଆବଶ୍ୟକ
Qual. 7th, 10th, +2, +3 ଓ ITI candidate
Salary : Rs. 8,000 To Rs.15,000
CONTACT : 9776141333

ଭୁବନେଶ୍ୱରରେ ରହୁଥିବା ଛୋଟ ପରିବାର ପାଇଁ ରୋଷେଇ ଏବଂ ଘର କାମ କରିବା ପାଇଁ ଅଭିଜ୍ଞତା ଥିବା ସ୍ତ୍ରୀଲୋକ/ଝିଅ ଆବଶ୍ୟକ। ରହିବା, ଖାଇବା ସୁବିଧା ଅଛି।
ସମ୍ପର୍କ କରନ୍ତୁ: 8114721727

**WALK-IN-INTERVIEW**
Bhubaneswar a leading travel agency need Sales & Marketing Boys. All candidate qualification: MBA + Salary negotiable.
Contact: 0674-2595523, 2595513, 9937438896

Urgent Requirement for **FIELD EXECUTIVE.** 10th Pass. **Salary:** 7000 to 10000.
Ph. No.: 7290035795

**WANTED**
**YOUNG MALE BODY MASSAGE (BOY)**
For Body Massage Parlour
Ph : 9861550765

**MNC କମ୍ପାନୀରେ ଚାକିରୀ**
VACANCY- 10 (Male) & 7 (Female)
No Registration Fee / No Experience
ଯୋଗ୍ୟତା-10th/+2/+3. Age Below 30 yrs
Monthly : Rs.10000/- ଓ ରହିବା ସୁବିଧା
ଆସନ୍ତା ୫ଦିନ ମଧ୍ୟରେ ଯୋଗାଯୋଗ କରନ୍ତୁ
BHUBANESWAR : 9437186335

**ବ୍ଲକସ୍ତରୀୟ ନିଯୁକ୍ତି**
ନିଜ ବ୍ଲକ ଓ ପଞ୍ଚାୟତ ସ୍ତରରେ କାମ କରିବା ପାଇଁ ପ୍ରତ୍ୟେକ ଜିଲ୍ଲାରୁ Candidate ଆବଶ୍ୟକ।
ଦରମା: 7,000/- to 42,000/-.
ଯୋଗାଯୋଗ: 9777639313

**ଆବଶ୍ୟକ**
ଭୁବନେଶ୍ୱର, କଟକ, ବ୍ରହ୍ମପୁର ଏବଂ ରାଉରକେଲା ପାଇଁ Office Staff ଆବଶ୍ୟକ। ଯୋଗ୍ୟତା: 10th/above. Monthly Salary upto Rs.27000/-. (Part Time / Full Time)
Contact: 9938676412

CONTACT:- 9938414918
ଭୁବନେଶ୍ୱର ପାଇଁ Accountant, Computer Operator, Field Officer, Office Assistant, Receptionist & Supervisor ଆବଶ୍ୟକ। ଯୋଗ୍ୟତା: 10th/above. ବୟସ: (17-30) yrs, Monthly Salary upto Rs. 24000/-.

A reputed C & FA of Home Appliances at BBSR requires
**SALES OFFICER**
Persons having (3 to 5 years Experience) in Same Trade. Salary Negotiable.
IMMEDIATELY CONTACT
9937136851

**AIRPORT RECRUITMENT**
Male, Female Ground Staff, Floor Manager, Ticket Checker, Security Staff, Cook.
**Salary: 27k to 45 k + PF + ESI + Accommodation**
Departmenthrpoojasharma@gmail.com
7289943942, 9582577706

**WANTED** Following Staffs for Steel Industries at Cuttack.
- FIELD SUPERVISORS
- MALI
CONTACT
9437496020
7381075901

**OFFICIALLY JOB**
ଯୋଗ୍ୟତା: ଦଶମ ପାସ୍/ଫେଲ୍, ବୟସ: (18-35) yrs. ମାସିକ ଦରମା upto Rs.25000/-.
Contact Immediately: Mob: 8763257042

**SWIGGY REQUIRES**
Work Full Time/ Part Time with Swiggy as a
**DELIVERY EXECUTIVE**
(Bike and DL) and
earn up to 12000 - 25000 / month
(Incentives and Insurance worth 6 lakhs extra).
Walk-in at Swiggy office at
Gulmohar Building, Ground Floor, Behera Sahi, Nayapalli (opp. NABARD) Regiona, Bhubaneshwar, Odisha-751012
or give a missed call or call us on
011 30017619

ସବୁ ଏୟାର ପୋର୍ଟ ହେତୁ ଡାଇରେକ୍ଟ ଭର୍ତ୍ତି ପକ୍କା ଜଏନିଂ। ଶାସକୀୟ, ଅର୍ଦ୍ଧଶାସକୀୟ, ଅପାଠୁଆରୁ ଗ୍ରାଜୁଏଟ 45,500/- ରୁ 85,500/-। ଗ୍ରାଉଣ୍ଡ ଷ୍ଟାଫ, ସୁପରଭାଇଜର, ଏୟାରହୋଷ୍ଟେସ୍, ଲୋଡର, ହେଲପର, ଡ୍ରାଇଭର। ରହିବା + ଖାଇବା + ବୀମା
CONSULTANT
07303520928

24 x 7 Satellite News Channel ODISHA NEWS9 ଆପଣଙ୍କ ସ୍ୱର
An upcoming Satellite News Channel of Odisha
**Requires**
● Reporter (All Block/District) ● Anchor, ● Input incharge, ● Output incharge, ● IT & Broadcast head & executives, ● Graphics Offline Head & executives, ● Graphics Designer, ● PCR, ● Switcher, ● Sting clint, ● Sound engineer, ● MCR- Executive, ● Visual Editor, ● Camera-video Journalist, ● Promo Dept. Designer, ● Research Executives, ● Library Associates, ● Makeup associates, ● Marketing & Sales Manager & Associates, ● Operation Coordinator, ● Drivers, ● Distribution executives, ● HR & Admin. executives, ● Store incharge, ● Current Affairs Head, ● Producer, Asst./Tr.producer, ● Art Dept. executives, ● Animation designer, ● Public relations-executive, ● Digital contain executives,
Preference will be given to experienced, highly motivated creative candidates having flair for initiating innovative programmes & activities. Very Attractive Incentives to really deserving candidates with proven merit and talent.
Interested candidates are requested to send the duly filled Biodata to: **news9odisha@gmail.com** within 7 days of publication of this advertisement.
**Walk-in-Interview**
At 09:00 AM to 05:00 PM on 1st, 2nd, 8th & 9th December 2018 at Hotel Royal Suites, Near Durga Mandap, Satyanagar, Bhubaneswar.

See Career Appointment on every Wednesday & Saturday

**URGENT REQUIRED**
ନିଜ ଜିଲ୍ଲାରେ ରହିବା, ଖାଇବା ସୁବିଧା ଦିଆଯିବ। ଦରମା: 25,000/-, ଶିକ୍ଷାଗତ ଯୋଗ୍ୟତା: 8th to 10th & above.
Contact: 8339922964

**SANTANU ENGLISH MEDIUM SCHOOL**
Affiliated to CBSE, New Delhi
Chintamaniswar Temple Road, Bhubaneswar - 751 006
Ph : (0674) 2312784/2972080, Mail : semsbbsr@gmail.com
**WANTED :** Teachers in Science (CBZ) English, Hindi, Computer, Activity, Peon (Gents) and a Driver. Apply within 7 days to the Principal.

**TEAM ADMARK (P) LTD**
99/A, Saheed Nagar, 1st Lane Facing N.Opp of Ayakar Bhawan, Bhubaneswar-751007
Phone-0674-6532628/7205006004/9238121210
Mail id- careerteamadmark@gmail.com
**URGENTLY REQUIRED**
1. **Sr. Marketing Executive (outdoor)** - Graduate (Male & Female) with min. 5-7 years marketing experience in outdoor advertising trade or in space selling. Preferably MBA, **Salary- ₹15, 000/- to ₹20,000/- per month**, Fuel and Mob. Expenses Extra, Two wheeler must.
2. **Marketing Executive (outdoor)** - BBA Graduate (Male & Female) with min. 2-3 years marketing experience in outdoor advertising trade or in space selling., **salary- ₹10, 000/- to ₹12,000/- per month**, Fuel and Mob. Expenses Extra.
3. **Field Supervisor (outdoor):** Graduate with Min. 2-3 years experience in Outdoor advertising business/construction in managing field works, **salary- ₹7,000/- to ₹9,000/- per month**, fuel and mob. Expenses extra, Computer Knowledge & Two wheeler must.
4. **Electrician:** ITI Pass out with Min 2-3 years experience in Electrical Trade/ outdoor advertising business/ construction in managing field work, **salary- ₹7,000/- to ₹9, 000/- per month**, Fuel and Mob. Expenses Extra, Two wheeler must.
5. **Office Peon:** 10th Pass with min. 1 year experience in Office/field work, **salary- ₹6, 000/-per month** with own bicycle or two wheeler.
Interested candidates may apply to our above address & mail ID with complete Bio-data and photo within 7 days from the date of advertisement.

ନୋଟିସ୍: ନିଯୁକ୍ତି ଓ କ୍ୟାରିୟର ପୃଷ୍ଠାରେ ଅନେକ ନିଯୁକ୍ତି ସମ୍ବନ୍ଧୀୟ ବିଜ୍ଞାପନ ପ୍ରକାଶ ପାଉଛି। ସମସ୍ତ ବିଜ୍ଞାପନ ବା ବିଜ୍ଞାପନଦାତାଙ୍କ ସତ୍ୟାସତ୍ୟ ଅନୁସନ୍ଧାନ କରିବା ଆମ ପକ୍ଷରେ ସମ୍ଭବପର ନୁହେଁ। ତେଣୁ ଯେଉଁ ବିଜ୍ଞାପନକୁ ଦେଖି ଆପଣ ଆବେଦନ କରୁଛନ୍ତି ବା ପରବର୍ତ୍ତୀ ସମୟରେ କୌଣସି ସମ୍ପର୍କ ସ୍ଥାପନ କରୁଛନ୍ତି ତାହା କରିବା ବେଳେ ନିଜର ବିବେକ, ବୁଦ୍ଧି ଖଟାଇ କରନ୍ତୁ। ବିଜ୍ଞାପନକାରୀ କମ୍ପାନୀ ପକ୍ଷରୁ ଅର୍ଥ ଦାବି କରାଗଲେ ତାହା ଦେବା ପୂର୍ବରୁ ନିଜ ସ୍ତରରେ ଅନୁସନ୍ଧାନ କରନ୍ତୁ। କୌଣସି ଅର୍ଥ ନେଣଦେଣ ପାଇଁ 'ଧରିତ୍ରୀ' ଦାୟୀ ରହିବ ନାହିଁ।

# ସାଇକେଲରୁ ପଡ଼ି ଯୁବକ ମୃତ

ରେଢ଼ାଖୋଲ,୪।୧୨(ଡି.ଏନ.ଏ.)

ରେଢ଼ାଖୋଲ ସହର ରଥଡଇଳାର ରାଜୁ ସିଂ(୪୦)ନାମକ ଜଣେ ଯୁବକଙ୍କ ସାଇକେଲରୁ ପଡି ମୃତ୍ୟୁ ହୋଇଛି। ରେଢ଼ାଖୋଲ ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ପୋଲିସ ସୂଚନା ମୁତାବକ, ଶନିବାର ସନ୍ଧ୍ୟାରେ ରାଜୁ ସହରରୁ ସାଇକେଲ ଯୋଗେ ଘରକୁ ଫେରୁଥିବା ବେଳେ ହଳଦିଘାଟ ପୋଲ ନିକଟରେ ସାଇକେଲରୁ ପଡିଯାଇଥିଲେ। ଫଳରେ ତାଙ୍କ ମୁଣ୍ଡରେ ଗୁରୁତର ଆଘାତ ଲାଗିଥିଲା। ସେ ରେଢ଼ାଖୋଲ ଡାକ୍ତରଖାନାରେ ଚିକିତ୍ସିତ ହେଉଥିଲେ। ମଙ୍ଗଳବାର ଚିକିତ୍ସାଧିନ ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଛି।


## idco ODISHA NEW OPPORTUNITIES — ODISHA INDUSTRIAL INFRASTRUCTURE DEVELOPMENT CORPORATION

Your power to grow — ISO 9001 & 14001 CORPORATION

(A Government of Odisha Undertaking)
IDCO Towers, Janpath, Bhubaneswar - 751022

OFFICE OF THE CHIEF GENERAL MANAGER (P&C) IDCO, IDCO TOWER, BHUBANESWAR.
RFP Call Notice No. IDCO/H.O/P&C/EST/E-960/-01/2018/24356 Date: 01.12.2018

**NOTICE INVITING REQUEST FOR PROPOSAL UNDER NATIONAL COMPETITIVE BIDDING THROUGH e-Procurement**

**1.Name of the Work :** Procurement of PVC-O (Oriented PVC) pipes.
**2. Completion Period :** 09(Nine) Calendar months
**3. Other details**

| Procurement Officer | Bid Identification No. | Availability of Tender on-Line for Bidding | |
|---|---|---|---|
| | | From | To |
| 1 | 2 | 3 | 4 |
| Chief General Manager (P&C), IDCO, IDCO Towers, Bhubaneswar-751022 | Bid Id.No. PC-EST-E-72/2018-19 | 05.12.2018 at 16.00 Hrs. | 20.12.2018 up to 17.00 Hrs. |

**Further details can be seen from the e-Procurement Portal. www.tendersodisha.gov.in .** Corrigendum or addendum if any will not be published in news papers and can only be seen in the e-procurement portal **www.tenderodisha.gov.in** as well as **IDCO website www.idco.in**

**Sd/-**
**Chief General Manager (P&C)**
**IDCO, Bhubaneswar**

## OFFICE OF THE CHIEF DISTRICT MEDICAL AND PUBLIC HEALTH OFFICER GANJAM, BERHAMPUR

**No. 19319/M/2018 Dated Berhampur the 03.12.2018**

**NOTICE**

It is hereby informed to all the candidates who have applied for engagement of Attendant on contracual basis under the administrative control of CDM&PHO Ganjam, in response to advertisement published The Sambad & The Dharitri on dt.15.12.2016 & 16.12.2016, that the provisional data base for the Post of Attendants is prepared and uploaded in the Dist. website i.e. https://ganjam.nic.in. The candidates are hereby advised to visit the aforesaid website, verify the entries made against their names from the draft database and submit their objections on the entries made in database (regarding omissions or commissions only) if any by Regd. Post/ Speed Post on which is to be reached by this office (O/o CDM&PHO, Ganjam, Berhampur, Ganjam, 760001) on or before dt. 24.12.2018 at 05.00 PM. No new documents will be entertained. The authority is not responsible for any postal delay or any other reasons. Further the envelope containing the application of objection should be superscribed as OBJECTION FOR THE POST OF ATTENDANT in block capital letters.

**Sd./- Chief District Medical and Public Health Officer Ganjam, Berhampur**

## MCL Mahanadi Coalfields Limited

(A Subsidiary of Coal India Limited)
Jagruti Vihar, Burla - 768020, Dist. - Sambalpur, Odisha
Ph. (EPABX) : 0663-2542461 to 469 Website : http://www.mahanadicoal.in

**EoI Notice**

Tenders are invited on-line on the website **https://coalindiatenders.nic.in** from the eligible bidders having Digital Signature Certificate (DSC) issued from any agency authorized by Controller of Certifying Authority (CCA), Govt. of India for the following work:

| | | |
|---|---|---|
| 1 | e-Tender Notice No. | MCL/GM/CSR/2018-19/829 Dt. 01.12.2018 |
| 2 | Tender ID | 2018_MCL_122534_1 |
| 3 | Name of the work | Expression of Interest (EoI) for the empanelment of NGO's |
| 4 | Estimated cost | ₹0.00 |
| 5 | Bid Submission start date | 04-Dec-2018 11:00 AM |
| 6 | Bid submission end date | 07-Jan-2019 05:00 PM |

All bids are to be submitted on-line only. No bid shall be accepted off-line.
**For further details and submission of bid please visit the website https://coalindiatenders.nic.in.** R-4867

## Government of Odisha — OFFICE OF THE SUPERINTENDING ENGINEER CUTTACK (R&B) CIRCLE, CUTTACK

No.963-B

**E-mail.ID-sectcrb_2006@yahoo.co.in, Tel/Fax – 0671-2301751/2302751**

**('e' – PROCUREMENT NOTICE)**
**Bid Identification No.S.E.Ctc.(R&B) 12/2018-19**

1. The Superintending Engineer, Cuttack (R&B)Circle, Cuttack on behalf of Governor of Odisha invites on Percentage rate basis bid in double cover system in ONLINE MODE from eligible contractors for Road work as mentioned below.
2. No. of work :- 1 No.
3. Nature of work :- Road work
4. Class of contractor :- 'B' & 'A' Class
5. Tender paper cost :- Rs.10000/- (online)
6. Available of bid documents in the website :- **From 11.12.2018 to 16.00 Hours of 26.12.2018**
7. Date of opening of bid :- **Dt. 27.12.2018 at 11.00 Hours**
8. The Bidders have to participate in ONLINE bidding only. Further details can be seen from the website https://tendersodisha.gov.in. Any addendum / corrigendum / cancellation of tender can also be seen in the said website.

**Sd./- B.C.Dash**
**Superintending Engineer**
**Cuttack(R&B)Circle**
34012/11/0025/1819

## GOVERNMENT OF ODISHA — OFFICE OF THE SUPERINTENDING ENGINEER BALANGIR (R&B) CIRCLE, BALANGIR

No.969-B

Mail Id: sepwdbalangir@gmail.com, Fax / Ph. NO. 06652-231866

**e-Procurement Notice**
**Bid Identification No: SE(R&B) BGR / 15 / 2018-19**

No.2496 Dtd.01.12.2018

1. The Superintending Engineer, Bolangir (R&B) Circle, Bolangir on behalf of Governor of Odisha invites percentage rate bid in double cover system in ONLINE MODE for the construction of works detailed in the table below from B / A / Special Class Contractors registered with the State Governments and contractors of equivalent Grade / Class registered with Central Government / MES / Railways for execution of Civil works. The proof of registration from the appropriate authority shall be enclosed along with the bid.
2. Nature of work : Road work
3. No. of tender : Road work 01 No.
4. Tender Cost : Rs.10,000/-
5. Class of contractor : "B" Class, "A" Class & "Special Class"
6. Date & time of sale & receipt of bids : From Dt.10.12.2018, 10.00 AM to Dt.24.12.2018 upto 05.00 PM
7. Date of opening of bid : Dt.27.12.2018 at 11.30 AM
8. The bidders have to participate ONLINE bidding only. Further details can be seen from the website http://tendersorissa.gov.in. All future corrigendum will be available on ONLINE MODE only.

**Sd./- Superintending Engineer**
**Balangir (R&B) Circle, Balangir**
34131/11/0041/1819

## OFFICE OF THE REGULATED MARKET COMMITTEE, BARGARH

**"e" procurement of Notice.05/RMC-BGH 2018-19**
**Bid Identification No.05/RMC-BGH 2018-19**
**Tender Call Notice No.85/RMC Dated 04.12.2018**

| Sr. No. | Item | Details |
|---|---|---|
| 1 | The A.D.M., Bargarh-cum-Chairman, RMC, Bargarh invites percentage rate bids in Single Cover System in ONLINE MODE only for work as detailed below. | |
| 2 | Nature of the work | Construction of building works |
| 3 | No. of work | 1 No. |
| 4 | Bid cost | Rs.6000.00 online transfer |
| 5 | Value of tender | Rs.46.40 lakhs |
| 6 | Class of contractor | B & A Class |
| 7 | Availability of bid documents in the website | Dt.06.12.2018 to 22.12.2018 |
| 8 | Last date / time of receipt of bids in the portal | Dt.22.12.2018 upto 5.00 PM |
| 9 | Date of opening of bid | Dt.26.12.2018 at 3.00 PM |
| 10 | Further details can be seen from the e-procurement portal **"https://tendersorissa.gov.in"**. | |

**Sd./- A.D.M., Bargarh-cum-Chairman, RMC, Bargarh**

## କୃଷି ଉପନିର୍ଦ୍ଦେଶକଙ୍କ କାର୍ଯ୍ୟାଳୟ, ବରଗଡ଼

ବିଜ୍ଞପ୍ତି ସଂଖ୍ୟା– ୩୬୬୦ ତା: ୨୨।୧୧।୨୦୧୮

ଶ୍ରୀ ଭରତ ଚନ୍ଦ୍ର ଭୋଇ ବରିଷ୍ଠ କିରାଣି (ନିଲମ୍ବିତ) କୃଷି ଉପନିର୍ଦ୍ଦେଶକଙ୍କ କାର୍ଯ୍ୟାଳୟ, ବରଗଡ଼
ଗ୍ରାମ– କଣ୍ଟାଟିଙ୍କିରା
ପୋ– ସରସରା
ଜି– ବରଗଡ଼

ଏତଦ୍ୱାରା ଆପଣଙ୍କୁ ଜଣାଇ ଦିଆଗଲା ଯେ, ଆପଣଙ୍କ ବର୍ତ୍ତମାନର ବାସସ୍ଥାନ ଠିକଣାରେ ଏହି କାର୍ଯ୍ୟାଳୟର ସ୍ମାରକପତ୍ର ସଂଖ୍ୟା ୩୪୪୯, ତା୩୧।୧୦।୨୦୧୮ ଆପଣଙ୍କୁ ଜାରି କରିବା ପାଇଁ ଏହି କାର୍ଯ୍ୟାଳୟର ଶ୍ରୀ ପ୍ରତାପ ମହାପାତ୍ର, ତା୦୨।୧୧।୨୦୧୮ ଓ ୦୩।୧୧।୨୦୧୮ ଦିନ ଯାଇଥିଲେ, କିନ୍ତୁ ଆପଣ ଘରେ ଅନୁପସ୍ଥିତ ଥିଲେ ଏବଂ ଆପଣଙ୍କ ବାସଗୃହରେ ତାଲା ପଡ଼ିଥିଲା। ତେଣୁ ଆପଣଙ୍କୁ ଉପରୋକ୍ତ ସ୍ମାରକ ପତ୍ର ଜାରି କରାଯାଇପାରିଲା ନାହିଁ। ତେଣୁ ଆପଣଙ୍କୁ ଏହି ଖବରକାଗଜ ମାଧ୍ୟମରେ ଜଣାଇ ଦିଆଗଲା ଯେ, ଆପଣ ଉପରୋକ୍ତ ସ୍ମାରକ ପତ୍ର ସଂଖ୍ୟା ୩୪୪୯, ତା୩୧।୧୦।୨୦୧୮ ଏହି କାର୍ଯ୍ୟାଳୟରୁ ଖବର ପ୍ରକାଶ ପାଇବାର ୭ ଦିନ ମଧ୍ୟରେ ଆସି ଗ୍ରହଣ କରିନିଅନ୍ତୁ, ନଚେତ ଆପଣଙ୍କ ବିରୁଦ୍ଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ।

**ସ୍ୱା./– (ଦୀନବନ୍ଧୁ ଗାନ୍ଧୀ), କୃଷି ଉପନିର୍ଦ୍ଦେଶକ ବରଗଡ଼**

## GOVERNMENT OF ODISHA — PANCHAYATIRAJ & DRINKING WATER DEPARTMENT — OFFICE OF THE EXECUTIVE ENGINEER RWS&S DIVISION, MALKANGIRI

Ph No. 06861-231617, Email: eerwss_mal@nic.in

**QUOTATION CALL NOTICE NO. 03 OF 2018-19, DTD. 27.11.2018**

**No. 1087-O:-** Sealed quotations are invited from interested reputed Travel Agencies / Tour Operators or private individuals for providing Two numbers of AC Diesel driven vehicles having sitting capacity of not more then ten including driver, which shall conform to the following terms and conditions for official use under District Water & Sanitation Mission, Malkangiri on monthly basis.

i. The vehicle must be in road-worthy condition, shall not be more than 3 (three) years old from the date of initial registration and must have valid Registration Certificate, Insurance Certificate, fitness Certificate, Valid contract Carriage Permit, Proof of upto date tax payment etc. which are mandatory for plying of vehicle.
ii. The Driver of the vehicle must have valid Driving License for driving light transport passenger vehicle and should be sufficient experienced in driving transport passengers vehicle.
iii. The Driver should be well behaved, gentle and obedient in nature.
iv. A sum of Rs. 5,000/- (Rupees Five thousand) only shall be deposited by the intending bidders in shape of Account payee Bank Draft drawn in favour of Member Secretary, DWSM, Malkangiri and submitted along with the tender as security deposit. After completion of the tender process the amount will be refunded to unsuccessful bidders.
v. The monthly rate of hire charges to be quoted separately in the general bid information (excluding fuel and lubricants).
vi. The vehicle must achieve a fuel efficiency of 10 KMs per liter.
vii. The details of the make and year of manufacture of the vehicle, registration No. Mileage (KMs covered per liter) and name of the Driver with Driving License No. and period of validity should be specifically provided in the general bid information to be furnished with the quotation.
viii. The quotation complete in all respect should reach the undersigned on or before 18.12.2018 by 1.00PM and shall be opened on the same day at 4.00PM in presence of the bidders or their authorized representatives.

The application form of quotation containing General Bid information & Terms and condition for Hiring of vehicle etc. will be available with office of the Executive Engineer, RWS&S Division, Malkangiri (Near Fire Station) MV-02 Malkangiri on payment of Rs. 100/- (Rupees One Hundred) only from 07.12.2018 to 17.12.2018 during office hours.

The authority reserves the right to reject any or all quotations without assigning any reason thereof.

*Sd./- Executive Engineer RWS&S Division, Malkangiri*
25044/11/0020/1819

## ଫିଜିଓଥେରାପି ସେବାକେନ୍ଦ୍ର

ଓଡ଼ିଶାର ଅଗ୍ରଣୀ ସଂଗଠନ ପୁନର୍ବାସ ସେବା ଓ ଅନୁସନ୍ଧାନ କେନ୍ଦ୍ର (ସି.ଆର୍.ଏସ୍.ଆର୍.), ଭଦ୍ରକ ଦୀର୍ଘ ୨୦ବର୍ଷ ଧରି ନିପୁଣ ଓ ଅନୁଭୂତି ସମ୍ପନ୍ନ ଚିକିତ୍ସକମାନଙ୍କ ଦ୍ୱାରା ସର୍ବୋତ୍କୃଷ୍ଟ ଫିଜିଓଥେରାପି ସେବା ଯଥା: ଅଣ୍ଟାବ୍ୟଥା, ଆଣ୍ଠୁଗଣ୍ଠି ଯନ୍ତ୍ରଣା, ସିଆଟିକା, ସ୍ଲିପ୍‌ଡିସ୍କ, ମସ୍ତିଷ୍କ ପକ୍ଷାଘାତ, ବେକ ବ୍ୟଥା, ଫେସିଆଲ ପାରାଲିସିସ୍, ହେମିପ୍ଲେଜିଆ, ପାରାପ୍ଲେଜିଆ ଇତ୍ୟାଦି ପ୍ରଦାନ କରିଆସୁଅଛି।

**ଏହି ଅନୁଷ୍ଠାନରେ ବରିଷ୍ଠ ନାଗରିକମାନଙ୍କୁ ବିନା ମୂଲ୍ୟରେ ଚିକିତ୍ସା ପ୍ରଦାନ କରାଯାଉଛି।**

ଏହି ଅନୁଷ୍ଠାନରେ ବିଭିନ୍ନ ପ୍ରକାର ଅତ୍ୟାଧୁନିକ ଚିକିତ୍ସା ଯଥା: ଲେଜର (Laser), ଫୁଟ୍ ମସାଜର (Foot Massager), ଇନ୍‌ଫ୍ରାରେଡ୍ ରେ' (Infra Red Ray), ଇ-ରଫେରେନ୍ସିଆଲ ଥେରାପି (IFT), ଟ୍ରାକ୍‌ସନ୍ (Traction), ଅଲଟ୍ରାସାଉଣ୍ଡ (Ultrasound), ସର୍ଟ୍‌ଓଏଭ ଡାୟାଥର୍ମି (SWD) ମାଧ୍ୟମରେ ଉପରୋକ୍ତ ରୋଗର ଚିକିତ୍ସାର ସୁବିଧା ରହିଅଛି।

**ସମୟ: ସକାଳ ୯.୩୦ରୁ ଅପରାହ୍ନ ୧ଟା ଏବଂ ଅପରାହ୍ନ ୨ଟାରୁ ସନ୍ଧ୍ୟା ୫.୩୦ ପର୍ଯ୍ୟନ୍ତ।**

**ଯୋଗାଯୋଗ କରିବାର ଠିକଣା:**

**ପୁନର୍ବାସ ସେବା ଓ ଅନୁସନ୍ଧାନ କେନ୍ଦ୍ର (ସି.ଆର୍.ଏସ୍.ଆର୍)**
ପ୍ରଶାନ୍ତି ଭବନ, ଡାହାଣିଗଡ଼ିଆ, ଚରମ୍ପା, ଭଦ୍ରକ
ଟେଲିଫୋନ୍ ନମ୍ବର– ୦୬୭୮୪–୨୩୧୩୮୭, ଫାକ୍ସ ନମ୍ବର– ୦୬୭୮୪–୨୩୦୮୦୫
ମୋ.– ୯୪୩୭୦୬୦୨୩୮

## PANCHAYATI RAJ DEPARTMENT — OFFICE OF THE PANCHAYAT SAMITI, KUARMUNDA (SUNDARGARH)

**ପଞ୍ଚାୟତ ସମିତି କାର୍ଯ୍ୟାଳୟ, କୁଆରମୁଣ୍ଡା (ସୁନ୍ଦରଗଡ଼)**

E-mail Id: ori-kuarmunda@gramsat.nic.in

**Bid Identification No.3/2018-19 Dated 03.12.18**
ଠିକା ନୋଟିସ ନଂ:- ୦୩/୨୦୧୮-୧୯, ତାରିଖ- ୦୩।୧୨।୧୮

1. Number of work : Total 23 (Twenty three) numbers of works
2. Estimated cost : Rs.1.0065 lakhs to 24.55358 lakhs
3. Period of completion : One (1) to Five (5) calendar months
4. Date & time of availability of bid document in the portal : **04.12.2018 at 10.00 AM**
5. Last date / time for receipt of bids in the portal : **15.12.2018 upto 5.00 PM**
6. Date of opening of bid : **18.12.2018 at 11.00 AM**
7. Name and address of the Officer Inviting Bid : Block Development Officer, Kuarmunda, Panchayat Samiti, Kuarmunda

Further details can be seen from the e-procurement portal **"http//www.sundergarh.nic.in**.

**Sd./- Block Development Officer, Kuarmunda**

## WORKS DEPARTMENT — OFFICE OF THE EXECUTIVE ENGINEER MAYURBHANJ (R&B) DIVISION, BARIPADA

**No.965-B:- e-mail: bpd_eerb@rediffmail.com**
**Government of Odisha "e" Procurement Notice**
**Bid Identification No.-E.E.-31/2018-19**

| | | |
|---|---|---|
| 1. | Number of works | 1 (One) number of work |
| 2. | Approximate estimated cost | 79.20 Lakh |
| 3. | Period of Completion | 6(Six) Calendar months |
| 4. | Date & Time of availability of bid documents in the portal | Dt. 07.12.2018 to 15.12.2018. |
| 5. | Last Date / Time of receipt of bid in the portal | Dt. 15.12.2018 upto 4.00 PM |
| 6. | Date of Opening of bid | Dt. 17.12.2018 at 11.00 AM |
| 7. | Name & address of the Officer inviting bid | Executive Engineer, Mayurbhanj (R&B) Division, Baripada |

Further details can be seen from the e-procurement portal http://www.tendersodisha.gov.in.

**Sd./- Executive Engineer, Mayurbhanj (R&B) Division**
**34025/11/0017/1819**

## DIRECTORATE OF AGRICULTURE AND FOOD PRODUCTION, ODISHA, BHUBANESWAR

**CORRIGENDUM**

In partial modification of the EoI published in SAMAYA and Pratidin odia daily newspaper on 03.11.2018 & for **"Empanelment of Support Agency for promotion of Organic Farming under scheme Paramparagat Krishi Vikas Yojana (PKVY)"** in state of Odisha, Department of Agriculture and Farmers Empowerment during 2018-19.

The following corrigendum has been made.

1. The last date for receipt of application has been extended to **10.12.2018** upto **2.00 PM** instead of **26.11.2018** upto **2 PM** and will be opened on the same day at **4 PM** in the office of the P.D., ATMA of concerned districts in the presence of the authorized signatory or representative.
2. The PIN & TIN may be read as PAN & TAN as mentioned under v. financial management (page no.7) in EoI application format of PKVY for 2018-19. The application form and the terms & condition is available at the website of **http://agriodisha.nic.in** and **www.odisha.gov.in**.
3. The point **4.** as described agencies can apply for maximum three districts each district will have separate EoI **may be read as agencies can apply for any number of districts.**

Any further modification in EoI will be referred to website.

**Sd./- Director, Agriculture & Food Production, Odisha, Bhubaneswar**

## GOVERNMENT OF ODISHA, DEPARMENT OF WATER RESOURCES — Office of the Executive Engineer — EARTH DAM DIVISION, CHITRAKONDA, DISTRICT: MALKANGIRI

E-mail ID– executiveengineereddckd@gmail.com

**QUOTATION CALL NOTICE NO. EE.EDDCKD- 01/2018-19 (On Line)** 891-A

1. Name of Work : Survey, Investigation with Geological mapping, Design and Execution of hill slope protection work including rock bolting or tensioned cable as per necessity (Under guidance of professional geologist) of Land slide portion of Ghat Road from Valve House Chowk to Valve House of Balimela Power House from RD 1.00 KM to 1.90 KM.
2. Unit : Per 01 (One) Sqm.
3. Quantity : 01 (One) complete job.
4. Approximate Value of work : As quoted by the Bidder.
5. Cost of Tender Paper : Rs. 6000/-
6. E.M.D. : Rs. 10000/-

| Quotation Inviting Officer | Date and time of Receipt of Quotations | | Opening of Quotations |
|---|---|---|---|
| | From | To | |
| 1 | 2 | 3 | 4 |
| Executive Engineer, Earth Dam Division, Chitrakonda | 10.12.2018 at 10.00AM | 19.12.2018 upto 5.00PM | 21.12.2018 at 11.30 AM in the Office of the Executive Engineer, Earth Dam Division, Chitrakonda. |

32019/11/0009/1819 *Sd./- Executive Engineer, Earth Dam Division,Chitrakonda, Malkangiri (O)*

## See Career Appointment on every Wednesday & Saturday

Classified Display on Every Tuesday and Friday Size 6 cm x 8 cm

## OFFICE OF THE EXECUTIVE ENGINEER RWSS DIVISION,KEONJHAR — INVITATION FOR BIDS

No.1106-O

**E-Mail- eerwss22keonjhar@gmail.com**

**1ST CORRIGENDUM TO IDENTIFICATION No. 33 RWSS/KJR 2018-19**

The 1st corrigendum to Identification bid No.33 RWSS/KJR 2018-19 is as follows:-The estimated cost put to tender for SI. No.I to 10 are amendment as given below :

| Sl. No. | Name of Work | Amount value put to tender | Estimated Value as per corrigendum | Re-marks |
|---|---|---|---|---|
| 1 | Construction of Pump house, Compound wall, OHR/UGR and Laying of Pipe line etc. for Rural Piped water supply to village Damodargouni under Telkoi Block in Keonjhar Dist including 5 years operation and maintenance | 78.69 Lakhs | 83.90 Lakhs | |
| 2 | Construction of Pump house, Compound wall ,OHR/UGR and Laying of Pipe line etc. for Rural Piped water supply to village Galda under Telkoi Block in Keonjhar Dist including 5 years operation and maintenance | 88.11 Lakhs | 93.80 Lakhs | |
| 3 | Construction of Pump house, Compound wall, OHR/UGR and Laying of Pipe line etc. for Rural Piped water supply to village Golagadia under Telkoi Block in Keonjhar Dist including 5 years operation and maintenance | 73.25 Lakhs | 78.21 Lakhs | |
| 4 | Construction of Pump house, Compound wall, OHR/UGR and Laying of Pipe line etc. for Rural Piped water supply to village Gurum under Telkoi Block in Keonjhar Dist including 5 years operation and maintenance | 88.54 Lakhs | 94.28 Lakhs | |
| 5 | Construction of Pump house, Compound wall, OHR/UGR and Laying of Pipe line etc. for Rural Piped water supply to village Halpudi under Telkoi Block in Keonjhar Dist including 5 years operation and maintenance | 90.38 Lakhs | 95. 18 Lakhs | |
| 6 | Construction of Pump house, Compound wall, OHR/UGR and Laying of Pipe line etc. for Rural Piped water supply to village Kalima under Telkoi Block in Keonjhar Dist including 5 years operation and maintenance | 99.96 Lakhs | 99.97 Lakhs | |
| 7 | Construction of Pump house, Compound wall, OHR/UGR and Laying of Pipe line etc. for Rural Piped water supply to village Nipinda under Telkoi Block in Keonjhar Dist including 5 years operation and maintenance | 79.80 Lakhs | 85. 11 Lakhs | |
| 8 | Construction of Pump house, Compound wall, OHR/UGR and Laying of Pipe line etc. for Rural Piped water supply to village Ankura under Patna Block in Keonjhar Dist including 5 years operation and maintenance. | 84. 15 Lakhs | 89.83 Lakhs | |
| 9 | Construction of Pump house, Compound wall .OHR/UGR and Laying of Pipe line etc. for Rural Piped water supply to village Badadhanurjayapur under Patna Block in Keonjhar Dist including 5 years operation and maintenance | 9 1.06 Lakhs | 97. 17 Lakhs | |
| 10 | Construction of Pump house, Compound wall, OHR/UGR and Laying of Pipe line etc. for Rural Piped water supply to village Thakurpatna under Keonjhar Block in Keonjhar Dist including 5 years operation and maintenance | 99.60 Lakhs | 99.95 Lakhs | |

All other terms and conditions are re-main un-changed.
25023/11/0021/1819 **Sd./- Executive Engineer, RWSS, Keonjhar**

## IPICOL ODISHA NEW OPPORTUNITIES — INDUSTRIAL PROMOTION AND INVESTMENT CORPORATION OF ODISHA LIMITED

**(An ISO 9001:2015 Certified State Level Nodal Agency)**
**IPICOL House, Janpath, Bhubaneswar - 751022, Odisha, India**
**(A Government of Odisha Undertaking)**
**Website: http://ipicolodisha.com & http://investodisha.gov.in**

**Advertisement Inviting Applications for the Posts of Asst. Managers, IPICOL, Bhubaneswar**

No. CAD-1098: Industrial Promotion and Investment Corporation of Odisha Limited (IPICOL) is a State owned PSU and designated State Level ISO 9001:2015 Certified Nodal Agency for Investment Promotion and Industrial Facilitation. IPICOL intends to recruit technical professionals in the rank of Asst. Manager with the following qualifications/ stipulations.

**Assistant Manager (SLNA/IP) - 02**
**Category - ST - 1, SC - 1**
**Qualification:** Must have 1st Class Degree (Minimum 60% marks) in Engineering from a recognized University and MBA/Post Graduate Diploma in Management from an Institute recognized/notified by State/Central Govt. as preferable.
**Experience:** Minimum 3 years experience in investment promotion/facilitation and allied activities in a Company/Institution of repute. Must have adequate exposure in computerized environment.
**Age Limit:** Maximum 32 + 5 Years.
**Scale of Pay and Allowances (As per ORSP Rule - 2017):** Rs.44,900 - Level - 10.
The post carries D.A., C.P.F., H.R.A. etc.
**Selection Procedure:** Shortlisted candidates meeting the stipulated qualification, experience and age limit will have to appear written test and a subsequent interview. Final selection will be made basing on the written test and interview. The selection procedure will be facilitated by Xavier University Bhubaneswar (XUB).
Interested applicants may send their resume along with two copies of recent photographs and copies of Credentials/Certificates addres to **CAS (Carrer Advisory Services) Office, Xaiver City Campus, Plot No.- 12(A), Nijigada, Kurki, Harirajpur - 752050, Dist.- Puri, Odisha through Regd. Post/Speed Post. The last date of receiving application is 26.12.2018. Please superscribe the name of the position applied for on both the resume and envelope.** The management reserves the right to reject any or all the applications without assigning any reason whatsoever.

14005/11/0059/1819 **Sd./- General Manager (P & A)**

## ODISHA SPACE APPLICATIONS CENTRE

No.- CAD-1097

**Dept. of Science & Technology, Govt. of Odisha**
**Plot No.45/48(P), Jayadev Vihar, Near Gopabandhu Academy of Administration, Unit-16, Bhubaneswar-751 023**

**Tender for Part-A (1) Blade Server, (2) Microsoft Windows Server 2016 paper License, (3) Core i7 Desktop, (4) i5 Desktop Computer, (5) Xeon Workstation, (6) 3D Monitor and (7) Microsoft Office 2019 Paper License Part-B (1) A3 Laser Color Printer on Buy Back mode and (2) A4 B/W Laser Printer (3) Plotter-cum-Scanner on Buy Back mode.**

**ORSAC Advt. No. 20/2018**

Sealed tenders are invited from established and accredited Original Equipment Manufacturer (OEM)/authorized dealers for supply, installation and commissioning of Part-A (1) Blade Server, (2) Microsoft Windows Server 2016 paper License, (3) Core i7 Desktop, (4) i5 Desktop Computer, (5) Xeon Workstation, (6) 3D Monitor and (7) Microsoft Office 2019 Paper License Part-B (1) A3 Laser Color Printer on Buy Back mode and (2) A4 B/W Laser Printer (3) Plotter-cum-Scanner on Buy Back mode to Odisha Space Applications Centre, Bhubaneswar.

For details please visit Website **http://www.odisha.gov.in** and ORSAC website: **http//www.orsac.gov.in** or in the above office for the tender papers.

Date of issue of Tender Paper: 05.12.18 to 01 P.M. of 26.12.18
Pre-bid Meeting : 12.12.18 at 11.30 A.M.
Last date of submission of Tender : 27.12.18 by 01 P.M.
Opening of Technical Bid : 27.12.18 at 03.30 P.M.

ORSAC reserves the right to accept/reject/modify & cancel the full tender or part thereof at any time without assigning any reason thereof.

28007/11/0024/1819 **CHIEF EXECUTIVE**

| Dollar | Sensex | Nifty | Gold | Silver |
|---|---|---|---|---|
| 70.49 (↑3) | 36,134.31 (↓106.69) | 10,869.50 (↓14.25) | 31,850.00 (↑`380) | 37,740.00 (↑`380) |

"ସାରା ଦେଶରେ ରହିଥିବା ଶୋ'ରୁମ ଏବଂ ୱାର୍କଶପଗୁଡିକର ସମ୍ପୂର୍ଣ୍ଣ ପରିବର୍ତ୍ତନ ଲାଗି ଏକ ବିଶ୍ୱ ସ୍ତରୀୟ କନସଲଟାନ୍ସି ନିଯୁକ୍ତ କରାଯାଇଛି।
– ମୟାଙ୍କ ପାରିକ, ସଭାପତି, ଟାଟା ମୋଟର୍ସ ଯାତ୍ରୀବାହୀ ଯାନ ଶୃଙ୍ଖଳା



"ଚଳିତ ଆର୍ଥିକବର୍ଷ ଚତୁର୍ଥ ତ୍ରୈମାସରେ ଦେଶର ଜିଡିପି ଅଭିବୃଦ୍ଧି ଉନ୍ନତ ହେବ।
– ରାଜୀବ କୁମାର, ଉପାଧ୍ୟକ୍ଷ, ନୀତି ଆୟୋଗ



## ସଂକ୍ଷେପରେ

### ଏସି-୩ରେ ମହିଳାଙ୍କ ଲାଗି ଆହୁରି ୬ ବଗି



**ନୂଆଦିଲ୍ଲୀ,୪-୧୨:** ରେଳରେ ଅଧିକ ମହିଳା ବଗି ଯୋଡିବା ନେଇ ରେଲୱେ ବୋର୍ଡ ପକ୍ଷରୁ ଏକ ସର୍କୁଲାର ଜାରି କରାଯାଇଛି। ଏଥିରେ କୁହାଯାଇଛି ଯେ, ରାଜଧାନୀ, ଦୁରନ୍ତୋ ଏବଂ ସମସ୍ତ ଏସି ଟ୍ରେନର ୩ ଟାୟାରରେ ଆହୁରି ୬ଟି ବର୍ଥ ମହିଳାଙ୍କ ଲାଗି ସଂରକ୍ଷିତ ରଖାଯିବ। ବରିଷ୍ଠ ନାଗରିକ, ୪୫ ବର୍ଷରୁ ଅଧିକ ବୟସର ମହିଳା ଯାତ୍ରୀ ତଥା ଗର୍ଭବତୀ ମହିଳାଙ୍କ ଲାଗି ଏସି-୩ ଟାୟାର ବଗିରେ ନିମ୍ନ ଆସନ ବ୍ୟବସ୍ଥା କରାଯିବ। ସୂଚନାଥାଉ କି, ବର୍ତ୍ତମାନ ପ୍ରତ୍ୟେକ ମେଲ୍/ଏକ୍ସପ୍ରେସ ଟ୍ରେନରେ ମହିଳା ଯାତ୍ରୀଙ୍କୁ ତାଙ୍କର ବୟସ, ଏକୁଟିଆ ଯାତ୍ରା କରିବା ନେଇ ଜାଣିବା ପରେ ସ୍ଲିପର କ୍ଲାସ୍‌ର ୬ ଟି ବଗି ଧାର୍ଯ୍ୟ କରାଯାଇଛି।

### ୧୦ହଜାର କୋଟି ନଗଦ ଯୋଗାଇବ ଆର୍‌ବିଆଇ



**ମୁମ୍ବାଇ,୪-୧୨:** ବଜାରରେ ଏବେ ନଗଦ ସଙ୍କଟ ଗୁରୁତର ହେଲାଣି। ଏହାକୁ ଦୂର କରିବା ଲାଗି ଭାରତୀୟ ରିଜର୍ଭ ବ୍ୟାଙ୍କ(ଆର୍‌ବିଆଇ) ଆସନ୍ତା ଗୁରୁବାର ଖୋଲା ବଜାରରେ ସରକାରୀ ସିକ୍ୟୁରିଟି ଜରିଆରେ ୧୦ ହଜାର କୋଟି ନଗଦ ଉପଲବ୍ଧ କରାଇବେ। ଆର୍‌ବିଆଇ ପକ୍ଷରୁ କୁହାଯାଇଛି ଯେ, ରିଜର୍ଭ ବ୍ୟାଙ୍କ ଦେଶରେ ନଗଦ ସଙ୍କଟ ସମ୍ପର୍କରେ ଆକଳନ କରିବେ ଏବଂ କେତେ ନଗଦର ଆବଶ୍ୟକତା ରହିଛି ତାହା ସ୍ଥିର କରିବେ। ଆଇଏଲ୍‌ଆଣ୍ଡ୍‌ଏଫ୍‌ଏସ ଗ୍ରୁପ୍ କମ୍ପାନୀ ସୁଧ ଫେରାଇବାରେ ବିଫଳ ହେବା ପରେ ବଜାରରେ ଅର୍ଥ ସଙ୍କଟ ଦେଖାଦେଇଥିଲା। କେନ୍ଦ୍ରୀୟ ବ୍ୟାଙ୍କର ଉକ୍ତ ନିଷ୍ପତ୍ତି ଯୋଗୁ ଏହି ସମସ୍ୟା କିଛି ମାତ୍ରାରେ ଦୂର ହୋଇପାରିବ। ଏହି କିଣିବିକାରେ ସାମିଲ ହେବାକୁ ଥିବା ଆଗ୍ରହୀ ସଂସ୍ଥାଗୁଡିକ ନିଜର ଯୋଗଦାନ ସଂକ୍ରାନ୍ତରେ ଆସନ୍ତା ୬ରେ ଆର୍‌ବିଆଇର କୋର୍ ବ୍ୟାଙ୍କିଙ୍ଗ ସଲ୍ୟୁଶନ(ଇ-କୁବେର)ରେ ଯୋଗଦେବାକୁ କୁହାଯାଇଛି। ନିଲାମର ଫଳାଫଳ ସେହି ଦିନ ଘୋଷଣା କରାଯିବ ଏବଂ ସମ୍ପୃକ୍ତ ନିଲାମଧାରୀଙ୍କୁ ତହିଁ ପରଦିନ ଦେୟ ପ୍ରଦାନ କରାଯିବ ବୋଲି ରିଜର୍ଭ ବ୍ୟାଙ୍କ ପକ୍ଷରୁ କୁହାଯାଇଛି।

### ୮୯% ଘରେ ପହଞ୍ଚିଛି ଏଲ୍‌ପିଜି ସିଲିଣ୍ଡର



**ନୂଆଦିଲ୍ଲୀ,୪-୧୨:** ପ୍ରଧାନମନ୍ତ୍ରୀ ଉଜ୍ଜ୍ୱଳା ଯୋଜନା ଅଧୀନରେ ଦେଶର ୮୯% ଘରେ ଏବେ ଏଲ୍‌ପିଜି ସିଲିଣ୍ଡର ପହଞ୍ଚିସାରିଛି। ଏବେ ଦେଶର ପ୍ରତ୍ୟେକ ୧୦ ଘର ମଧ୍ୟରୁ ୯ଟି ଘରେ ଏଲ୍‌ପିଜି ବ୍ୟବହୃତ ହେଉଛି। ୪ବର୍ଷ ପୂର୍ବେ ଏହା ପ୍ରତି ୧୦ ଘରେ ୫ ଥିଲା। ଉଜ୍ଜ୍ୱଳା ଯୋଜନାରେ ୫ କୋଟି ଘରେ ଗ୍ୟାସ୍ ସଂଯୋଗ ଦିଆଯାଇଛି। ପେଟ୍ରୋଲିୟମ ମନ୍ତ୍ରଣାଳୟ ସହାୟତାରେ ତୈଳ କମ୍ପାନୀ ଏପ୍ରିଲ ୨୦୧୫ରୁ ଅଦ୍ୟାବଧି ୧୦ କୋଟି ନୂଆ ଗ୍ରାହକଙ୍କୁ ରୋଷେଇ ଗ୍ୟାସ୍ ସଂଯୋଗ ଦେଇପାରିଛନ୍ତି। ୨୦୧୫ ଏପ୍ରିଲ ପହିଲା ସୁଦ୍ଧା ଦେଶରେ ୫୬.୨% ଘରେ ଗ୍ୟାସ୍ ସଂଯୋଗ ହୋଇପାରିଥିଲା। ତୈଳ ମନ୍ତ୍ରଣାଳୟର ସୂଚନାନୁଯାୟୀ ଦେଶରେ ଏବେ ୨୪.୯ କୋଟି ସକ୍ରିୟ ଗ୍ରାହକଙ୍କ ରହିଛନ୍ତି ଯାହାଙ୍କ ମଧ୍ୟରୁ ୨୨.୯କୋଟିଙ୍କୁ ସବ୍‌ସିଡି ଦିଆଯାଉଛି। ମୋଟ୍ ଗ୍ରାହକଙ୍କ ମଧ୍ୟରୁ ଅଧାରୁ ଅଧିକଙ୍କ ନିକଟରେ ଦୁଇଟି ଲେଖାଏ ସିଲିଣ୍ଡର ରହିଛି। ଏହି କାରଣରୁ ନୂଆ ଗ୍ରାହକ ପାରମ୍ପରିକ ଇନ୍ଧନକୁ ଛାଡ଼ିପାରୁନାହାନ୍ତି। ମିଳିଥିବା ତଥ୍ୟ ଅନୁଯାୟୀ ଏଲ୍‌ପିଜି ସଂଯୋଗ କ୍ଷେତ୍ରରେ ଗୋଆ(୧୩୯%) ସର୍ବାଗେ ରହିଛି। ଏହାପରେ ତେଲେଙ୍ଗାନା, ପୁଡୁଚେରୀ, କେରଳ ଓ ମିଜୋରାମ ରହିଛି ଯାହାଙ୍କ ସଂଯୋଗ ପ୍ରତିଶତ ୧୦୦ରୁ ଅଧିକ। ତେବେ ଝାଡ଼ଖଣ୍ଡ(୬୫.୪%), ବିହାର(୬୭%) ଓ ଓଡ଼ିଶା(୬୬.୯%) ଏଲ୍‌ପିଜି ସଂଯୋଗ କ୍ଷେତ୍ରରେ ସବୁଠାରୁ ପଛୁଆ ରହିଛନ୍ତି।

# ଡିଜିଟାଲ ଟ୍ରାଞ୍ଜାକ୍‌ଶନ ଖର୍ଚ୍ଚ ବହନ କରିବେ ସରକାର

ନୂଆଦିଲ୍ଲୀ,୪-୧୨

### କ୍ଷୁଦ୍ର ବ୍ୟବସାୟୀ-ଗ୍ରାହକ ଖୁସ୍

- ଯୋଜନା ଚିଠା ପ୍ରସ୍ତୁତ
- ବ୍ୟାଙ୍କଗୁଡ଼ିକ ସହ ଆଲୋଚନା ପରେ ଘୋଷଣା
- ୬୦ହଜାର କୋଟିର ପାଣ୍ଠି ବ୍ୟବହାର କରାଯିବ
- ଭାରତ-କ୍ୟୁଆର୍ କୋଡ୍ ନେଇ ସିଏଆଇଟି ପ୍ରଶିକ୍ଷଣ ଦେବ



ନିର୍ବାଚନୀ ବର୍ଷରେ କେନ୍ଦ୍ର ସରକାର କ୍ଷୁଦ୍ର ବ୍ୟବସାୟୀଙ୍କୁ ଆଉ ଏକ ଉପହାର ଦେବାକୁ ଯୋଜନା ପ୍ରସ୍ତୁତ କରିଛନ୍ତି। ପେମେଣ୍ଟ ସ୍ୱାଇପ୍ ମେଶିନ, ପିଓଏସ୍, ଅନ୍‌ଲାଇନ ଅଥବା ବ୍ୟାଙ୍କ ଜରିଆରେ ଟ୍ରାଞ୍ଜାକ୍‌ଶନ ହେଉଥିଲେ କ୍ଷୁଦ୍ର ବ୍ୟବସାୟୀ ଦେଉଥିବା ଚାର୍ଜକୁ ସରକାର ବହନ କରିବେ। ସରକାର ଏଭଳି ଏକ ଯୋଜନା ପ୍ରସ୍ତୁତ କରିଛନ୍ତି, ଯାହାର ଚିଠା ପ୍ରସ୍ତୁତ ହୋଇସାରିଛି। ବ୍ୟାଙ୍କଗୁଡିକ ସହିତ ଆଲୋଚନା କରିବା ପରେ ଏ ସମ୍ପର୍କରେ ଘୋଷଣା କରାଯିବ। ପୂର୍ବରୁ ଉକ୍ତ ବ୍ୟବସ୍ଥାରେ ଟ୍ରାଞ୍ଜାକ୍‌ଶନ କରୁଥିବାରୁ କ୍ଷୁଦ୍ର ବ୍ୟବସାୟୀମାନେ ଏହାର ବୋଝକୁ ଗ୍ରାହକଙ୍କ ଉପରେ ଲଦି ଦେଉଥିଲେ। ଫଳରେ ଉଭୟ କ୍ଷୁଦ୍ର ବ୍ୟବସାୟୀ ଓ ଗ୍ରାହକ ଖୁସି ହେବେ।

ଅର୍ଥ ମନ୍ତ୍ରଣାଳୟ ସୂତ୍ର ଅନୁଯାୟୀ କ୍ଷୁଦ୍ର ବ୍ୟବସାୟୀଙ୍କ ମଧ୍ୟରେ ଡିଜିଟାଲ ଟ୍ରାଞ୍ଜାକ୍‌ଶନ ବୃଦ୍ଧି କରିବା ଲାଗି ସରକାର ଏକ ଯୋଜନା ଚିଠା ପ୍ରସ୍ତୁତ କରିଛନ୍ତି। ଏଥିପାଇଁ ଏକ ପାଣ୍ଠି ଗଠନ କରାଯିବ। ବ୍ୟବସାୟୀଙ୍କ ଟର୍ନଓଭର ବା ମୋଟ୍ କାରବାରକୁ ହିସାବକୁ ନେଇ ଟ୍ରାଞ୍ଜାକ୍‌ଶନ ଚାର୍ଜ ଦେୟ ରାଶି ଧାର୍ଯ୍ୟ କରାଯିବ। କ୍ଷୁଦ୍ର ବ୍ୟବସାୟୀ ଯେତେବେଳେ ଡିଜିଟାଲ ଟ୍ରାଞ୍ଜାକ୍‌ଶନ କରିବେ, ତାଙ୍କର ସମ୍ପୂର୍ଣ୍ଣ ବିବରଣୀ ବ୍ୟାଙ୍କ ପାଇଯିବ ଓ ଏହା ଜରିଆରେ ତାଙ୍କ ଦେୟକୁ ସରକାର ପ୍ରଦାନ କରିବେ। ଅର୍ଥ ମନ୍ତ୍ରଣାଳୟର ଜଣେ ଅଧିକାରୀ କହିଛନ୍ତି ଯେ, କ୍ଷୁଦ୍ର ବ୍ୟବସାୟୀଙ୍କ ଡିଜିଟାଲ ଟ୍ରାଞ୍ଜାକଶନ ଚାର୍ଜକୁ ଦେବା ଦ୍ୱାରା ସରକାରଙ୍କ ଉପରେ ଅତିରିକ୍ତ ବୋଝ ପଡିବ ନାହିଁ। ଡିଜିଟାଲ ଇଣ୍ଡିଆ ପ୍ରୋଗ୍ରାମ ଜରିଆରେ ସରକାର ଅଦ୍ୟାବଧି ୬୦ ହଜାର କୋଟି ଟଙ୍କା ସଞ୍ଚୟ କରିଛନ୍ତି। ଏହାକୁ ଉକ୍ତ ଯୋଜନାରେ ବ୍ୟବହାର କରାଯିବ। ଟ୍ରାଞ୍ଜାକଶନ ଚାର୍ଜ ଛାଡ଼ପାଇବା ଦ୍ୱାରା କ୍ଷୁଦ୍ର ଓ ମଧ୍ୟମ ବ୍ୟବସାୟୀ ଅଧିକ ମାତ୍ରାରେ ଡିଜିଟାଲ ଟ୍ରାଞ୍ଜାକ୍‌ଶନ ଆଡକୁ ଆକର୍ଷିତ ହେବେ। ଏହାଦ୍ୱାରା ବ୍ୟବସାୟରେ ପାରଦର୍ଶିତା ଆସିବ। ସୂଚନାଥାଉ କି, କେନ୍ଦ୍ର ସରକାର କ୍ଷୁଦ୍ର ବ୍ୟବସାୟୀଙ୍କ ଲାଗି ମାତ୍ର ୫୯ ମିନିଟ୍‌ରେ ଡିଜିଟାଲ ଋଣ ପ୍ଲାଟଫର୍ମ ଜରିଆରେ ୧ କୋଟି ଟଙ୍କା ଋଣ ପ୍ରଦାନ କରିବାର ଗ୍ୟାରେଣ୍ଟି ବ୍ୟବସ୍ଥା ଘୋଷଣା କରିଛନ୍ତି। ଜିଏସ୍‌ଟି ପଞ୍ଜୀକରଣ କରିଥିବା ଛୋଟ ଓ ମଧ୍ୟମ ବ୍ୟବସାୟୀଙ୍କୁ ୧ କୋଟି ଟଙ୍କାର ନୂଆ ଋଣ ଅଥବା ଇନକ୍ରିମେଣ୍ଟାଲ ଋଣ ଉପରେ ସୁଧ ହାର ୨% ଛାଡ ଘୋଷଣା କରାଯାଇଛି। ବିମୁଦ୍ରୀକରଣ ଯୋଗୁ କ୍ଷୁଦ୍ର ବ୍ୟବସାୟୀଙ୍କୁ ଗଭୀର ଝଟ୍‌କା ଲାଗିଥିଲା ବୋଲି ମନେକରାଯାଉଛି। ଏହି କାରଣରୁ ସରକାର ଏବେ ସେମାନଙ୍କୁ କିଛି ପରିମାଣରେ ଆଶ୍ୱସ୍ତ କରିବାକୁ ଚାହୁଁଛନ୍ତି। ଅନ୍ୟପକ୍ଷରେ କନଫେଡେରେଶନ ଅଫ୍ ଅଲ୍ ଇଣ୍ଡିଆ ଟ୍ରେଡର୍ସ (ସିଏଆଇଟି) ପକ୍ଷରୁ କୁହାଯାଇଛି ଯେ, କ୍ଷୁଦ୍ର ବ୍ୟବସାୟୀ ଯେପରି ଡିଜିଟାଲ ଟ୍ରାଞ୍ଜାକ୍‌ଶନ ପ୍ରତି ମନ ବଳାଇବେ ସେଥିଲାଗି ସଂଗଠନ ପକ୍ଷରୁ ସରକାରଙ୍କୁ ସହାୟତା କରାଯିବ। ଭାରତ କ୍ୟୁଆର୍ ଜରିଆରେ ଟ୍ରାଞ୍ଜାକ୍‌ଶନକୁ ପ୍ରୋତ୍ସାହନ ଦେବା ଲାଗି ସଂଗଠନ ପକ୍ଷରୁ ଅଭିଯାନ ଆରମ୍ଭ କରାଯାଇଛି। କ୍ୟୁଆର୍ କୋଡ୍‌କୁ କିଭଳି ଭାବେ ବ୍ୟବହାର କରାଯିବ ସେନେଇ ବ୍ୟବସାୟୀଙ୍କୁ ପ୍ରଶିକ୍ଷଣ ଦିଆଯିବ। ସୂଚନାଥାଉ କି, ଭାରତ କ୍ୟୁଆର୍ କୋଡ୍‌କୁ ଗତବର୍ଷ ଆରମ୍ଭ କରାଯାଇଥିଲା। ଏହା ଜରିଆରେ ବ୍ୟବସାୟୀ କେବଳ ଏକ କୋଡ୍ ସ୍କାନ କରି ସିଧାସଳଖ ନିଜ ଆକାଉଣ୍ଟରେ ପେମେଣ୍ଟ ନେଇପାରିବେ। ସିଏଆଇଟି ମହାସଚିବ ପ୍ରବୀଣ ଖଣ୍ଡେଲୱାଲ କହିଛନ୍ତି ଯେ, ଅଦ୍ୟାବଧି ୧ କୋଟି ବ୍ୟବସାୟୀ ଜିଏସ୍‌ଟିରେ ପଞ୍ଜୀକରଣ କରିସାରିଛନ୍ତି। ସେମାନଙ୍କୁ ଭାରତ କ୍ୟୁଆର୍ କୋଡ୍ ସହ ଯୋଡାଯିବ। ବ୍ୟାଙ୍କରେ ଯେଉଁମାନଙ୍କ ଆକାଉଣ୍ଟ ରହିଛି ସେମାନଙ୍କୁ ଏହାସହ ଯୋଡ଼ାଯିବ।

## ଆମେରିକାକୁ ରୁହାନିଙ୍କ ଧମକ
# ବନ୍ଦ କରିଦେବୁ ପାରସ୍ୟ ଉପସାଗର ରାସ୍ତା

ତେହେରାନ,୪-୧୨



ଇରାନ ରାଷ୍ଟ୍ରପତି ହାସନ ରୁହାନି

ଆମେରିକା ପକ୍ଷରୁ ଅର୍ଥନୈତିକ କଟକଣା ଜାରି କରାଯିବା ପରେ ଇରାନ ଏବେ ଉତ୍‌କ୍ଷିପ୍ତ ହୋଇଉଠିଛି। ରାଷ୍ଟ୍ରପତି ହାସନ ରୁହାନି ମଙ୍ଗଳବାର ଆମେରିକାକୁ ସିଧାସଳଖ ଧମକ ଦେଇ କହିଛନ୍ତି ଯେ, ତାଙ୍କ ଦେଶ ପାରସ୍ୟ ଉପସାଗର ବାଟ ଦେଇ ଅଶୋଧିତ ତେଲ ରପ୍ତାନିକୁ ବନ୍ଦ କରିଦେବ।

ସମନାନ ପ୍ରଦେଶରେ ଆୟୋଜିତ ଏକ ରାଲିରେ ଉଦ୍‌ବୋଧନ ଦେଇ ରୁହାନି କହିଛନ୍ତି ଯେ, ଆମେରିକା ଜାଣିରଖିବା ଉଚିତ୍ ଯେ, ଏହା ଇରାନର ତେଲ ରପ୍ତାନିକୁ ବନ୍ଦ କରିପାରିବ ନାହିଁ। ଆମେରିକା କଟକଣା ଲାଗି ଦୁଃସାହସ କଲେ ବା ପ୍ରୟାସ କଲେ ପର୍ସିୟାନ ଗଲ୍ଫ ରାସ୍ତା ଦେଇ ତୈଳ ରପ୍ତାନି ହେବ ନାହିଁ। ଉଲ୍ଲେଖଯୋଗ୍ୟ ଯେ, ରୁହାନିଙ୍କ ଧମକକୁ ଯଦି ଇରାନ କାର୍ଯ୍ୟକାରୀ କରେ ତେବେ ଆମେରିକା ସହ ସେଦେଶ ମୁହାଁମୁହିଁ ହେବା ଅବସମ୍ଭାବୀ ହୋଇଯିବ। ସୂଚନାଥାଉ କି, ଗଲ୍ଫ ଦେଶର ବହୁ ରାଷ୍ଟ୍ର ପାରସ୍ୟ ଉପସାଗର ବାଟ ଦେଇ ସମୁଦ୍ରରେ ତୈଳ ନେଇଥାନ୍ତି। ଇରାନର ପଦକ୍ଷେପ ଦ୍ୱାରା ବିଶ୍ୱରେ ତୈଳ ସଙ୍କଟ ସୃଷ୍ଟି ହେବ ବୋଲି ଆଶଙ୍କାପ୍ରକାଶ ପାଇଛି। ସେ କହିଛନ୍ତି ଯେ, ଅନ୍ତର୍ଜାତୀୟ ଚାପ ପଡୁଥିବାରୁ ଇରାନ ୧୯୮୦ରୁ ଗଲ୍ଫ ବାଟ ବନ୍ଦ କରି ଦେବ ବୋଲି ଧମକ ଦେଇ ଆସୁଛି। କିନ୍ତୁ କେବେ ତାହା କରିନି। ବିଶ୍ୱର କେତେକ ପରମାଣୁ ସମ୍ପନ୍ନ ରାଷ୍ଟ୍ର ସହ ଇରାନ ପରମାଣୁ ଚୁକ୍ତି ସ୍ୱାକ୍ଷର କରିଥିଲା। କିନ୍ତୁ ଆମେରିକା ଏଥିରୁ ଏକତରଫା ଭାବେ ଓହରିଯାଇଛି। ଏହାପରେ ଆମେରିକା ପକ୍ଷରୁ କଟକଣା ଲାଗୁ କରାଯାଇଛି। ଇରାନରୁ ତେଲ କିଣିବା ସମ୍ପୂର୍ଣ୍ଣ ବନ୍ଦ କରିବାକୁ ଆମେରିକା ପକ୍ଷରୁ ବିଶ୍ୱବାସୀଙ୍କୁ ଆହ୍ୱାନ ଦିଆଯାଇଛି। ଗତ ଜୁଲାଇରେ ମଧ୍ୟ ରୁହାନି ଏଭଳି ଧମକ ଦେଇଥିଲେ। ସେ କହିଛନ୍ତି ଯେ, ମୁଦ୍ରାସ୍ଫୀତି ଓ ବେକାରି ସମସ୍ୟା ଯେତେ ବଢ଼ିଯାଉନା କାହିଁକି କେହି ଇରାନକୁ ଧମକ ଦେଇପାରିବେ ନାହିଁ। ସୂଚନାଥାଉ କି, ପାରସ୍ୟ ଦେଶରେ ବାହାରିନ୍, କୁଏତ, ଓମାନ, କାତାର, ସୌଦି ଆରବ ଓ ସଂଯୁକ୍ତ ଆରବ ଏମିରେଟ ରହିଛନ୍ତି। ଇରାନ ଯଦି ପାରସ୍ୟ ଦେଶର ରାସ୍ତା ବନ୍ଦ କରିଦିଏ ତେବେ ସୌଦି ଆରବରୁ ହେବାକୁ ଥିବା ସମସ୍ତ ପ୍ରକାର ବ୍ୟବସାୟ ପ୍ରଭାବିତ ହେବ। ବର୍ତ୍ତମାନ ବିଶ୍ୱରେ ସୌଦି ଆରବ ସର୍ବାଧିକ ତୈଳ ରପ୍ତାନିକାରୀ ରହିଛି।

# ଜିଏସ୍‌ଟି ପରେ କ୍ଷୁଦ୍ର ଶିଳ୍ପଗୁଡ଼ିକୁ ୧.୨୩ ଲକ୍ଷ କୋଟିର ଋଣ

ନୂଆଦିଲ୍ଲୀ,୪-୧୨



- ୫ ଗୁଣ ଅଧିକ ଋଣ ପ୍ରଦାନ
- ଜିଏସ୍‌ଟି ପୂର୍ବବର୍ତ୍ତୀ ସମୟରେ ଥିଲା ୨୫,୭୦୦ କୋଟି
- ଏମ୍‌ଏସ୍‌ଏମ୍‌ଇ ଋଣ ଚାହିଦା ୩୭୦ ବିଲିୟନ ଡଲାର

ସାମଗ୍ରୀ ଓ ସେବା ଟିକସ (ଜିଏସ୍‌ଟି) ଲାଗୁ ହେବା ପରେ ଦେଶର କ୍ଷୁଦ୍ର ଏବଂ ମଧ୍ୟମ ଶିଳ୍ପ(ଏସ୍‌ଏମ୍‌ଇ)ଗୁଡ଼ିକୁ ଋଣ ପ୍ରଦାନ ଧାରା ତ୍ୱରାନ୍ୱିତ ହୋଇଛି। ସଂସ୍ଥାଗୁଡ଼ିକୁ ଋଣ ପ୍ରଦାନ ଧାରାରେ ୫ ଗୁଣ ବୃଦ୍ଧି ଘଟି ୧.୨୩ ଲକ୍ଷ କୋଟି ଛୁଇଁଥିବା ଏସ୍‌ବିଆଇ ରିସର୍ଚ୍ଚ ମଙ୍ଗଳବାର ଏହାର ଇକୋରାପ ରିପୋର୍ଟରେ ପ୍ରକାଶ କରିଛି। ଜିଏସ୍‌ଟି ଲାଗୁ ପରେ ୧୫ ମାସ ସମୟ ମଧ୍ୟରେ ସଂସ୍ଥାଗୁଡ଼ିକ ଏହି ଋଣ ଲାଭ କରିଛନ୍ତି। ଯାହା ଜିଏସ୍‌ଟି ପୂର୍ବବର୍ତ୍ତୀ ସମାନ ସମୟରେ ୨୫, ୭୦୦ କୋଟି ଟଙ୍କା ରହିଥିବା ରିପୋର୍ଟରେ ଉଲ୍ଲେଖ ରହିଛି।

ଅର୍ଥନୈତିକ କାର୍ଯ୍ୟକଳାପରେ ଶିଥିଳତା, ଏନ୍‌ପିଏ ବୃଦ୍ଧି, ଏମ୍‌ଏସ୍‌ଏମ୍‌ଇରୁ ଖାଦ୍ୟ ପ୍ରକ୍ରିୟାକରଣ ୟୁନିଟଗୁଡିକୁ ଏଗ୍ରୀ ସେକ୍ଟର ଭାବେ ପୁନଃ ଶ୍ରେଣୀକରଣ ଯୋଗୁ ଜିଏସ୍‌ଟି ପୂର୍ବବର୍ତ୍ତୀ ସମୟରେ ସଂସ୍ଥାଗୁଡ଼ିକୁ ଋଣ ପ୍ରଦାନ ଧାରା ନିମ୍ନରେ ରହିଥିଲା। ଅର୍ଥନୀତିରେ ସ୍ଥିତାବସ୍ଥା ଫେରିବାରୁ ଋଣ ସ୍ଥିତିରେ ଉନ୍ନତି ଆସିଛି ବୋଲି ରିପୋର୍ଟ ପ୍ରକାଶ ପାଇଛି। ଦେଶର ଏମ୍‌ଏସ୍‌ଏମ୍‌ଇଗୁଡ଼ିକୁ ୩୭୦ ବିଲିୟନ ଡଲାର ଫାଇନାନ୍ସ ଚାହିଦା ରହିଥିବାବେଳେ ବର୍ତ୍ତମାନ ଋଣ ଯୋଗାଣ ଧାରା ୧୩୯ ବିଲିୟନ ଡଲାର ରହିଥିବା ଅନ୍ତର୍ଜାତୀୟ ଫାଇନାନ୍ସ କମିଶନ (ଆଇଏଫ୍‌ସି) ପ୍ରକାଶ କରିଛି। ଚାହିଦା ଏବଂ ଯୋଗାଣ ମଧ୍ୟରେ ୨୩୦ ବିଲିୟନ ଡଲାରର ପାର୍ଥକ୍ୟ ରହିଥିବା ରିପୋର୍ଟରୁ ଜଣାପଡ଼ିଛି।

## ୪ଘଣ୍ଟାରେ ତିଆରି ହେବ ପାନ୍




ନୂଆଦିଲ୍ଲୀ,୪-୧୨

ଡିଜିଟାଲ ଦୁନିଆରେ ପାନ୍ ମହତ୍ତ୍ୱପୂର୍ଣ୍ଣ ହୋଇଥିବାବେଳେ ଏହାକୁ ତିଆରି କରିବା ଲାଗି ଅନେକ ଅସୁବିଧାର ସମ୍ମୁଖୀନ ହେବାକୁ ପଡେ। କିନ୍ତୁ ଆୟକର ବିଭାଗ ଏବେ ଏହାକୁ ସହଜ କରିବାକୁ ଯାଉଛନ୍ତି। ମାତ୍ର ୪ ଘଣ୍ଟାରେ ପାନ୍ କାର୍ଡ ତିଆରି ହୋଇଯିବ। ଏହାକୁ ପାଇବା ପାଇଁ ଦୀର୍ଘଦିନ ଧରି ଅପେକ୍ଷା କରିବାକୁ ପଡିବ ନାହିଁ। କେନ୍ଦ୍ରୀୟ ପ୍ରତ୍ୟକ୍ଷ ଟିକସ ବୋର୍ଡ (ସିବିଡିଟି) ଅଧ୍ୟକ୍ଷ ସୁଶୀଲ ଚନ୍ଦ୍ରା ଏହା ପ୍ରକାଶ କରିଛନ୍ତି। ସେ କହିଛନ୍ତି ଏହି ନୂଆ ବ୍ୟବସ୍ଥା ଆଣିବା ପାଇଁ ଆୟକର ବିଭାଗ ପକ୍ଷରୁ ଯୋଜନା ପ୍ରସ୍ତୁତ ହେଉଛି। ମଙ୍ଗଳବାର ସେ କହିଛନ୍ତି ଯେ, ସିବିଡିଟି ପକ୍ଷରୁ ଏକ ପ୍ରଣାଳୀ ଖୁବ୍‌ଶୀଘ୍ର ଅଣାଯିବ। ଆସନ୍ତା ବର୍ଷେ ବା ଏହାଠାରୁ କିଛି ଅଳ୍ପ ସମୟ ପରେ ଆବେଦନର ମାତ୍ର ୪ ଘଣ୍ଟା ମଧ୍ୟରେ ପାନ ନମ୍ବର ଦିଆଯିବ। ତାଙ୍କର କହିବାନୁଯାୟୀ ଏ ସଂକ୍ରାନ୍ତରେ ପ୍ରକଳ୍ପ ଆରମ୍ଭ କରାଯାଇଥିଲା। ୭୦ ହଜାର ଟିକସଦାତାଙ୍କୁ ଅନଲାଇନରେ ପାନ୍ ନମ୍ବର ଦିଆଯାଇଛି। ସେମାନଙ୍କୁ ଏଥିପାଇଁ ଆୟକର ଅଫିସ ଦୌଡିବାକୁ ପଡିବ ନାହିଁ। ଆଇଟି ରିଟର୍ନ ଦାଖଲ କରି ନ ଥିବା ୨ କୋଟି ଟିକସଦାତାଙ୍କୁ ଏସ୍‌ଏମ୍‌ଏସ୍ ପଠାଯାଇଛି ବୋଲି ସେ ସୂଚନା ଦେଇଛନ୍ତି।

## ଏପ୍ରିଲ ପହିଲାରୁ ସରଳୀକୃତ ଜିଏସ୍‌ଟି ରିଟର୍ନ ଫର୍ମ

ନୂଆଦିଲ୍ଲୀ,୪-୧୨




ଏପ୍ରିଲ ପହିଲାରୁ ସରଳୀକୃତ ଜିଏସ୍‌ଟି ରିଟର୍ନ ଫର୍ମ ଲାଗୁ ହେବ। ରାଜସ୍ୱ ସଚିବ ଅଜୟ ଭୂଷଣ ପାଣ୍ଡେ ମଙ୍ଗଳବାର ଏ ନେଇ ସୂଚନା ଦେଇଛନ୍ତି। ସାମଗ୍ରୀ ଓ ସେବା ଟିକସ(ଜିଏସ୍‌ଟି) ଆଦାୟ ନେଇ ସରକାର ଧାର୍ଯ୍ୟ କରିଥିବା ଲକ୍ଷ୍ୟ ହାସଲ କରିବାକୁ ସକ୍ଷମ ହେବେ ବୋଲି ପାଣ୍ଡେ କହିଛନ୍ତି। ଟିକସ ଫାଙ୍କୁଥିବା ସଂସ୍ଥାଗୁଡ଼ିକୁ ଟିକସ ପରିସରକୁ ଆଣିବାକୁ ରାଜସ୍ୱ ବିଭାଗ ବର୍ତ୍ତମାନ ଇନପୁଟ ସଂଗ୍ରହ କରୁଛି ବୋଲି ସେ କହିଛନ୍ତି। ପ୍ରଥମ ୮ ମାସରେ ସରକାର ୭.୭୬ ଲକ୍ଷ କୋଟି ଟଙ୍କାର ଜିଏସ୍‌ଟି ସଂଗ୍ରହ କରିଛନ୍ତି। ଚଳିତ ଆର୍ଥିକ ବର୍ଷରେ ୧୩.୪୮ ଲକ୍ଷ କୋଟି ପରୋକ୍ଷ ଟିକସ ସଂଗ୍ରହ ନେଇ ଲକ୍ଷ୍ୟ ଧାର୍ଯ୍ୟ ହୋଇଛି। ସେହିଭଳି ରିଫଣ୍ଡ ଧାରାକୁ ତ୍ୱରାନ୍ୱିତ, ଟିକସ ଫ୍ରେଣ୍ଡଲି ଏବଂ ସମ୍ପୂର୍ଣ୍ଣ ଅନଲାଇନ କରିବା ଉପରେ ସେ ଗୁରୁତ୍ୱାରୋପ କରିଛନ୍ତି। ଜୁଲାଇରେ କେନ୍ଦ୍ରୀୟ ପରୋକ୍ଷ ଟିକସ ଏବଂ ସୀମା ଶୁଳ୍କ ବୋର୍ଡ ସହଜ ଏବଂ ସୁଗମ ଜିଏସ୍‌ଟି ରିଟର୍ନ ଫର୍ମକୁ ଲୋକଙ୍କ ମତାମତ ଲାଗି ଜାରି କରିଥିଲା। ଏହି ଫର୍ମଗୁଡ଼ିକ ଜିଏସ୍‌ଟିଆର୍-୩ବି, ଜିଏସ୍‌ଟି ଆର୍-୧କୁ ବାଦ ଦେବ ବୋଲି ଜଣାପଡିଛି।

## କରୋଜନ କଣ୍ଟ୍ରୋଲ ସମ୍ମିଳନୀ ଆଜିଠାରୁ

ଭୁବନେଶ୍ୱର,୪-୧୨

ନ୍ୟାଶନାଲ କନଫେରେନ୍ସ ଅନ୍ କରୋଜନ କଣ୍ଟ୍ରୋଲ( ଜାତୀୟ ଅବକ୍ଷୟ ନିୟନ୍ତ୍ରଣ ସମ୍ମିଳନୀ)ର ୧୯ତମ ସଂସ୍କରଣ ଚଳିତ ମାସ ୫ରୁ ୭ ତାରିଖ ଯାଏ ଭୁବନେଶ୍ୱରଠାରେ ଅନୁଷ୍ଠିତ ହେଉଛି। ନ୍ୟାଶନାଲ କରୋଜନ କାଉନସିଲ ଅଫ୍ ଇଣ୍ଡିଆ,କରାଇଗୁଡି, ସିଏସ୍‌ଆଇଆର୍ କରାଇଗୁଡ଼ି ଏବଂ ଇଣ୍ଡିଆନ ଅଏଲ୍ କର୍ପୋରେଶନ (ପାଇପଲାଇନ) ଡିଭିଜନର ମିଳିତ ଆନୁକୂଲ୍ୟରେ ଏହି କାର୍ଯ୍ୟକ୍ରମ ଆୟୋଜନ ହେଉଛି। କେନ୍ଦ୍ର ପେଟ୍ରୋଲିୟମ ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ସମ୍ମିଳନୀକୁ ଉଦ୍‌ଘାଟନ କରିବାର କାର୍ଯ୍ୟକ୍ରମ ରହିଛି। ବିଭିନ୍ନ ଔଦ୍ୟୋଗିକ ଅବକ୍ଷୟ ସମସ୍ୟାର ବିଶ୍ଳେଷଣ, ଉଦ୍ୟୋଗପତି, ବୈଜ୍ଞାନିକ ଏବଂ ପ୍ରଫେଶନାଲଙ୍କ ମଧ୍ୟରେ ମତ ବିନିମୟର ଏହା ଏକ ପ୍ଲାଟଫର୍ମ ହେବ। ଅବକ୍ଷୟ ବିଜ୍ଞାନ ଏବଂ ଇଞ୍ଜିନିୟରିଂ ବିଷୟର ସର୍ବୋତ୍ତମ ଜ୍ଞାନର ବିକାଶ ଉପରେ ସମ୍ମିଳନୀରେ ଆଲୋଚନା ହେବ। ଏଥିରେ ଅବକ୍ଷୟ ଏବଂ ଏହାର ନିୟନ୍ତ୍ରଣ ଉପରେ କାର୍ଯ୍ୟରତ ବିଶେଷଜ୍ଞମାନେ ଗବେଷଣାଲବ୍ଧ ବିଷୟକୁ ଉପସ୍ଥାପନ କରିବାର କାର୍ଯ୍ୟକ୍ରମ ରହିଛି।

## ୯ରେ ଟେକ୍ ଭୁବନେଶ୍ୱର-୨୦୧୮

ଭୁବନେଶ୍ୱର,୪-୧୨

ଚଳିତ ମାସ ୯ରେ ଟେକ୍ ଭୁବନେଶ୍ୱର ସମ୍ମିଳନୀର ତୃତୀୟ ସଂସ୍କରଣ ଆୟୋଜନ କରାଯାଉଛି। ମାଇଣ୍ଡ ଫାୟାର ସଲ୍ୟୁଶନ ପକ୍ଷରୁ ଏହା ଆୟୋଜନ ହେଉଥିବା ବେଳେ କାର୍ଯ୍ୟକ୍ରମରେ ପ୍ରାୟ ୬୫୦ ପ୍ରତିନିଧି ଯୋଗ ଦେବାର କାର୍ଯ୍ୟକ୍ରମ ରହିଛି। ଆର୍ଟିଫିସିଆଲ ଇଣ୍ଟେଲଜେନ୍ସ ଏବଂ ସାଇବର ସିକ୍ୟୁରିଟି ଭଳି ପ୍ରମୁଖ ପ୍ରସଙ୍ଗ ଚଳିତ ବର୍ଷ ଆଲୋଚନାର ମୁଖ୍ୟ କେନ୍ଦ୍ରବିନ୍ଦୁ ରହିବ। କାର୍ଯ୍ୟକ୍ରମରେ ଟେକ୍ନିକାଲ ବିଶେଷଜ୍ଞଙ୍କ ସେଶନରେ ବିଭିନ୍ନ ନୂଆ ଦିଗ, ମଡେଲ, ଆଇଡିଆ ଉପରେ ଆଲୋଚନା ହେବ। ପୂର୍ବାଞ୍ଚଳରେ ଏହା ଏକ ପ୍ରମୁଖ କାର୍ଯ୍ୟକ୍ରମ ହୋଇଥିବା ବେଳେ ସଫ୍ଟୱେର ଟେଷ୍ଟିଂ, ଓପନ ସୋର୍ସ ୱେବ ଭଳି ବିଷୟ ଏଥିରେ ସ୍ଥାନିତ ହେବ।

କାର୍ଯ୍ୟକ୍ରମରେ ୧୩ଟି ଟେକ୍ନିକାଲ ସେସନ ରହିବ। ୯ ଲାଇଟନିଂ ଟେକ୍ ସେସନ, ୨ ଅଣ ଟେକ୍ନିକାଲ ସେସନ ଏବଂ ପାନେଲ ଆଲୋଚନା ସାମିଲ ରହିବ।

## ବ୍ୟାଙ୍କ ଗ୍ରହଣ କରିବେନି ଅଣ ସିଟିଏସ୍ ଚେକ୍

ନୂଆଦିଲ୍ଲୀ,୪-୧୨

ଭାରତୀୟ ଷ୍ଟେଟ୍ ବ୍ୟାଙ୍କ ଚଳିତ ମାସ ୧୨ ଏବଂ ଅନ୍ୟ ସମସ୍ତ ବ୍ୟାଙ୍କ ଜାନୁୟାରୀ ପହିଲାରୁ ଅଣ ସିଟିଏସ୍(ଚେକ୍ ଟ୍ରାଞ୍ଜାକଶନ ସିଷ୍ଟମ୍) ଚେକ୍ ଗ୍ରହଣ କରିବେ ନାହିଁ। ବ୍ୟାଙ୍କଗୁଡିକ ପକ୍ଷରୁ ଏ ସଂକ୍ରାନ୍ତରେ ଏସ୍‌ଏମ୍‌ଏସ୍ ଏବଂ ଇମେଲ୍ ଜରିଆରେ ମେସେଜ ପଠାଯିବା ଆରମ୍ଭ ହୋଇଯାଇଛି। ସିଟିଏସ୍ ଚେକ୍ ହେଉଛି ଏଭଳି ଏକପ୍ରକାର ଚେକ୍ ଯାହାକୁ ଅନୁମୋଦନ କରିବା ଲାଗି ଗୋଟିଏ ବ୍ୟାଙ୍କରୁ ଅନ୍ୟ ବ୍ୟାଙ୍କକୁ ଯିବାକୁ ପଡେ ନାହିଁ। ଏହାର କେବଳ ଇଲେକ୍ଟ୍ରୋନିକ କପି ଉପସ୍ଥାପନ କରାଯାଏ। ରିଜର୍ଭ ବ୍ୟାଙ୍କ ପକ୍ଷରୁ ୩ ମାସ ପୂର୍ବେ ଗାଇଡଲାଇନ ଜାରି କରାଯାଇଥିଲା। ବ୍ୟାଙ୍କଗୁଡିକ ୨୦୧୯ ଜାନୁୟାରୀ ପହିଲାରୁ ଅଣ ସିଟିଏସ୍ ଚେକ୍ ଗ୍ରହଣ କରିବା ବନ୍ଦ କରିଦେବାକୁ ଏଥିରେ ଦର୍ଶାଯାଇଥିଲା। ଏଣୁ ଆସନ୍ତା ବର୍ଷ ଜାନୁୟାରୀ ପହିଲାରୁ ଅଣ-ସିଟିଏସ୍ ଚେକ୍ ସମ୍ପୂର୍ଣ୍ଣ ରୂପେ ବନ୍ଦ ହୋଇଯିବ। ସୂଚନାଥାଉ କି, ୨୦୧୩ ଜାନୁୟାରୀ ପହିଲାରୁ ଦେଶରେ ସିଟିଏସ୍ ବ୍ୟବସ୍ଥା ଲାଗୁ କରାଯାଇଥିଲା। ଏଣୁ ଅଣ ସିଟିଏସ୍ ଚେକ୍ ରଖିଥିବା ଗ୍ରାହକ ତୁରନ୍ତ ଏହାକୁ ବଦଳାଇ ନେବା ଉଚିତ ବୋଲି ବ୍ୟାଙ୍କଗୁଡିକ ପକ୍ଷରୁ କୁହାଯାଇଛି। ଏଥିପାଇଁ ଗ୍ରାହକଙ୍କୁ କୌଣସି ଚାର୍ଜ ଦେବାକୁ ପଡିବ ନାହିଁ। ଯଦି କେହି ଆପଣଙ୍କୁ କେହି ଏଭଳି ଚେକ୍ ଦେଇଥାନ୍ତି ତୁରନ୍ତ ଏହାକୁ ଭଙ୍ଗାଇ ନିଆଯିବା ଉଚିତ।

# ସରଳ ହେବ ଆୟକର ଆଇନ

ନୂଆଦିଲ୍ଲୀ,୪-୧୨

- ୫୦ ବର୍ଷର ପୁରୁଣା ଆଇନରେ ପରିବର୍ତ୍ତନ ଆସିବ
- ପୁନଃ ଡ୍ରାଫ୍ଟ ଲାଗି ନୂଆ ପାନେଲ୍ ଗଠିତ
- ବିଭିନ୍ନ ଅସୁବିଧା ଦୂରୀକରଣ ଉପରେ ଫୋକସ୍
- ହାର ପରିବର୍ତ୍ତନ ନେଇ ପ୍ରସ୍ତାବ ଆସିବ
- ୨୦୧୯ ଫେବୃୟାରୀ ସୁଦ୍ଧା ରିପୋର୍ଟ




ସରକାର ଆୟକର (ଆଇଟି) ଆଇନର ପୁନଃ ଡ୍ରାଫ୍ଟ ପ୍ରସ୍ତୁତ କରିବେ। ଏଥିଲାଗି ଏକ ଟାସ୍କ ଫୋର୍ସ ଗଠନ ହୋଇଥିବା ଜଣାପଡ଼ିଛି। ଆୟକର ଆଇନରେ ରହିଥିବା ବିଭିନ୍ନ ଅସୁବିଧା ଦୂରୀକରଣ ଉପରେ ଫୋକସ ରହିବା ସହ ବିଭିନ୍ନ ନିୟମ ପରିବର୍ତ୍ତନ ନେଇ କମିଟି ପ୍ରସ୍ତାବ ଦେବ। ସେହିଭଳି ଟିକସ ହାର ପରିବର୍ତ୍ତନ ନେଇ କାର୍ଯ୍ୟପନ୍ଥା ଗ୍ରହଣ କରାଯିବ ବୋଲି ପାନେଲର ଆବାହକ ଅଖିଳେଶ ରାଜନ ମଙ୍ଗଳବାର ସୂଚନା ଦେଇଛନ୍ତି। କମିଟିରେ ୬ ସଦସ୍ୟ ରହିଥିବା ବେଳେ ପୁରୁଣା ଆୟକର ନିୟମରେ ପରିବର୍ତ୍ତନ ନେଇ ବିଭିନ୍ନ ପଦକ୍ଷେପ ଗ୍ରହଣ କରିବେ। କମିଟିର ବୈଠକ ଶୀଘ୍ର ବସିବା ନେଇ କାର୍ଯ୍ୟକ୍ରମ ସ୍ଥିର ହୋଇଛି। ସେହିଭଳି ନୂଆ ଆଇଟି ଆଇନର ଡ୍ରାଫ୍ଟକୁ ଶୀଘ୍ର ପ୍ରସ୍ତୁତ କରାଯିବ ବୋଲି ଅଖିଳେଶ କହିଛନ୍ତି।

ଆଇନରେ ବିଭିନ୍ନ ପ୍ରସଙ୍ଗ ଲୋକଙ୍କ ବୋଧଗମ୍ୟ ହେବା ଭଳି ପ୍ରସ୍ତୁତ ହେବ। ସେହିଭଳି ଟିକସ ହାରର ସରଳତା ଉପରେ ଟାସ୍କଫୋର୍ସ ନଜର ରଖିଛି। ଆଇଟି ଆଇନ ୧୯୬୧ରେ ଥିବା ଧାରା, ପ୍ରୋଭିଜନ, ସ୍ପଷ୍ଟୀକରଣକୁ ସରଳ ଭାଷାରେ ଲେଖିବାର ଆବଶ୍ୟକତା ରହିଥିବା ସେ ପ୍ରକାଶ କରିଛନ୍ତି। ଗତବର୍ଷ ନଭେମ୍ବରରେ ଅର୍ଥ ମନ୍ତ୍ରଣାଳୟ ପକ୍ଷରୁ ଏହି ଟାସ୍କଫୋର୍ସ ଗଠନ ହୋଇଥିଲା। ଏହାର ଆବାହକ ଭାବେ ଅରବିନ୍ଦ ମୋଦିଙ୍କୁ ଦାୟିତ୍ୱ ଭାର ପ୍ରଦାନ କରାଯାଇଥିଲା। ମାତ୍ର ଚଳିତ ବର୍ଷ ସେପ୍ଟେମ୍ବର ୩୦ରେ ସେ ଅବସର ନେଇଥିଲେ।

ନଭେମ୍ବର ୨୬ରେ ନୂଆ ଆବାହକ ଭାବେ ରାଜନ ଦାୟିତ୍ୱ ଭାର ଗ୍ରହଣ କରିଛନ୍ତି। ୨୦୧୯ ଫେବୃୟାରୀ ସୁଦ୍ଧା କମିଟି ରିପୋର୍ଟ ପ୍ରଦାନ କରିବ। ଆଇଟି ଆଇନରେ ପରିବର୍ତ୍ତନ ହେବା ନେଇ ଗତ ବର୍ଷ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି କହିଥିଲେ। କମିଟିରେ ଚାର୍ଟାର୍ଡ ଆକାଉଣ୍ଟାଣ୍ଟ ଗିରିଶ ଆହୁଜା, ଇୱାଇର ମ୍ୟାନେଜିଂ ପାର୍ଟନର,ଆଞ୍ଚଳିକ ନିର୍ଦ୍ଦେଶକ ତଥା ଅଧ୍ୟକ୍ଷ ରାଜୀବ ମେମାନି, ଟିକସ ବିଶେଷଜ୍ଞ ମୁକେଶ ପଟେଲ, ମନିଷ କେଡିଆ, ଅବସର ପ୍ରାପ୍ତ ଆଇଆରଏସ୍ ଜି.ସି ଶ୍ରୀବାସ୍ତବ ରହିଛନ୍ତି।

## ଫ୍ୟାନ୍ କର୍ଣ୍ଣର





# ଅଷ୍ଟ୍ରେଲିଆ କ୍ୱାର୍ଟର ଫାଇନାଲରେ

ଭୁବନେଶ୍ୱର, ୪।୧୨(କ୍ରୀଡ଼ା ପ୍ରତିନିଧି)

ଶେଷ କ୍ୱାର୍ଟରରେ ଦମ୍ ଦେଖାଇଲା ବିଶ୍ୱର ନମ୍ବର ୱାନ ଦଳ ଅଷ୍ଟ୍ରେଲିଆ। ପ୍ରଥମ ତିନି କ୍ୱାର୍ଟରର ସଂଘର୍ଷପରେ ଶେଷ କ୍ୱାର୍ଟରରେ ୩ଟି ଗୋଲ ଦେଇ ଗତ ଥରର ଚାମ୍ପିୟନ ଅଷ୍ଟ୍ରେଲିଆ ଏଥର ପ୍ରଥମ ଦଳଭାବେ କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଛି। କଳିଙ୍ଗ ଷ୍ଟାଡିୟମରେ ଚାଲିଥିବା ହକି ବିଶ୍ୱକପର ମଙ୍ଗଳବାର ଅନୁଷ୍ଠିତ ପୁଲ୍ 'ବି'ର ଏହି ମ୍ୟାଚ୍‌ରେ ଜ୍ୟାକ୍ ହ୍ୱିଟନ, ଗୋଭର୍ସ ବ୍ଲେକ୍ ଓ କୋରେ ୱେୟେରଙ୍କ ଗୋଲ ବଳରେ ଅଷ୍ଟ୍ରେଲିଆ ୩-୦ ଗୋଲରେ ବିଶ୍ୱର ୭ ନମ୍ବର ଦଳ ଇଂଲଣ୍ଡକୁ ପରାସ୍ତ କରିଛି। ଅଷ୍ଟ୍ରେଲିଆ ପ୍ରଥମ ମ୍ୟାଚରେ ଆୟର୍ଲାଣ୍ଡକୁ ୨-୧ ଗୋଲରେ ହରାଇଥିବାରୁ ୨ ମ୍ୟାଚରୁ ୬ ପଏଣ୍ଟ ସହିତ ଅନ୍ୟ ମ୍ୟାଚର ଫଳାଫଳ ଭିତ୍ତିରେ ସିଧାସଳଖ କ୍ୱାର୍ଟର ଫାଇନାଲରେ ସ୍ଥାନ ପକ୍କା କରିଛି। ଅନ୍ୟପକ୍ଷରେ ଚାଇନା ସହିତ ୨-୨ରେ ମ୍ୟାଚ ଡ୍ର ରଖି ଅଭିଯାନ ଆରମ୍ଭ କରିଥିବା ଇଂଲଣ୍ଡ ଏବେ ୨ ମ୍ୟାଚରୁ ସେହି ୧ ପଏଣ୍ଟରେ ସ୍ଥିର ରହିଛି। ଚାଇନା ୨ ମ୍ୟାଚରୁ ୨ ଓ ଆୟର୍ଲାଣ୍ଡ ୨ ମ୍ୟାଚରୁ ୧ ପଏଣ୍ଟ ପାଇଛି। ଫଳରେ ଇଂଲଣ୍ଡ, ଆୟର୍ଲାଣ୍ଡ ଓ ଚାଇନା ମଧ୍ୟରେ କ୍ରସ୍ ଓଭର ଯୋଗ୍ୟତା ପାଇଁ ମୁକାବିଲା ହେବ। ଔପଚାରିକତା ଦୃଷ୍ଟିରୁ ଅଷ୍ଟ୍ରେଲିଆ ଏହାର ଶେଷ ଲିଗ୍ ମ୍ୟାଚ ଡିସେମ୍ବର ୭ରେ ଚାଇନା ସହିତ ଖେଳିବ। ସେହିଦିନ ଅନ୍ୟ ଏକ ମ୍ୟାଚରେ ଇଂଲଣ୍ଡ ଓ ଆୟର୍ଲାଣ୍ଡ ମଧ୍ୟରେ ମୁକାବିଲା ହେବ। ଏହି ଗ୍ରୁପ୍‌ର ଦ୍ୱିତୀୟ ଓ ତୃତୀୟ ସ୍ଥାନୀୟ ଦଳ କ୍ରସ୍ ଓଭର ଖେଳିବାକୁ ଯିବେ ଏବଂ ୪ର୍ଥ ସ୍ଥାନୀୟ ଦଳ ପ୍ରତିଯୋଗିତାରୁ ବିଦାୟ ନେବ। ପୋଲିସ କମିଶନର ସତ୍ୟଜିତ ମହାନ୍ତି ଖେଳାଳିଙ୍କ ସହ ପରିଚିତ ହୋଇ ମ୍ୟାଚର ଶୁଭାରମ୍ଭ କରିଥିଲେ। ସଂସ୍କୃତି ଓ ପର୍ଯ୍ୟଟନ ମନ୍ତ୍ରୀ ଅଶୋକ ପଣ୍ଡା ଅତିଥିଭାବେ ଯୋଗଦେଇ ଅଷ୍ଟ୍ରେଲିଆର ମାଥ୍ୟୁ ସ୍ୱାନଙ୍କୁ ମ୍ୟାନ ଅଫ ଦି ମ୍ୟାଚ ପୁରସ୍କାର ପ୍ରଦାନ କରିଥିଲେ। ପୁରସ୍କାର ଆକାରରେ ସ୍ୱାନଙ୍କୁ ୫୦,୦୦୦ଟଙ୍କାର ଚେକ୍ ପ୍ରଦାନ କରାଯାଇଥିଲା। ପୁଲ୍ 'ବି'ର ଏହି ମ୍ୟାଚ୍‌ଟି ଆରମ୍ଭରୁ ଧିମା ରହିଥିଲା। ଅଷ୍ଟ୍ରେଲିଆ ଆକ୍ରମଣାତ୍ମକ ଖେଳିବାକୁ ଉଦ୍ୟମ କରିଥିଲେ ହେଁ କଡ଼ା ଟକ୍କର ଦେଇଥିଲା ଇଂଲଣ୍ଡ। ତେବେ ଉଭୟ ଦଳ ସତର୍କତା ଅବଲମ୍ବନ କରିଥିବାରୁ କୌଣସି ଦଳ ପେନାଲ୍ଟି କର୍ଣ୍ଣର ସୁଯୋଗ ପାଇ ନ ଥିଲେ। ଦ୍ୱିତୀୟ କ୍ୱାର୍ଟରରେ ଗୋଲ ଦେବାର ଏକାଧିକ ସୁଯୋଗ ଆସିଥିଲା। ମାତ୍ର କୌଣସି ଦଳର ଖେଳାଳି ଏହାର ସଦୁପଯୋଗ କରିପାରି ନ ଥିଲେ। ୨୦ତମ ମିନିଟରେ ଅଷ୍ଟ୍ରେଲିଆକୁ କ୍ରମାଗତ ୨ଟି ପେନାଲ୍ଟି କର୍ଣ୍ଣର ମିଳିଥିଲା। ମାତ୍ର ଇଂଲଣ୍ଡ ଡିଫେଣ୍ଡର ଓ ଗୋଲକିପର ଜର୍ଜ ପିନେର ତାହାକୁ ବ୍ୟର୍ଥ କରି ଦେଇଥିଲେ। ୨୯ତମ ମିନିଟରେ ଇଂଲଣ୍ଡ ପାଇଥିବା ପେନାଲ୍ଟି କର୍ଣ୍ଣରକୁ ମଧ୍ୟ ଖେଳାଳିମାନେ ଗୋଲରେ ପରିଣତ କରିପାରି ନ ଥିଲେ। ପ୍ରଥମାର୍ଦ୍ଧ ଗୋଲଶୂନ୍ୟ ରହିବାପରେ ତୃତୀୟ କ୍ୱାର୍ଟରରେ ଉଭୟ ଦଳ ଅଗ୍ରଣୀ ନେବାପାଇଁ ଲଢ଼ିଥିଲେ। ଅଷ୍ଟ୍ରେଲିଆକୁ ଏକ ପେନାଲ୍ଟି କର୍ଣ୍ଣର ସୁଯୋଗ ମିଳିଥିଲେ ହେଁ ତାହା କାର୍ଯ୍ୟକାରୀ ହୋଇପାରି ନ ଥିଲା। ତିନି କ୍ୱାର୍ଟର ୦-୦ ରହିବାପରେ ସ୍ୱାଭାବିକଭାବେ ୪ର୍ଥ କ୍ୱାର୍ଟର ଉତ୍ତେଜନାପୂର୍ଣ୍ଣ ରହିଥିଲା। ମାତ୍ର ଏହି କ୍ୱାର୍ଟରକୁ ସ୍ମରଣୀୟ କରି ଦେଇଥିଲା ଅଷ୍ଟ୍ରେଲିଆ। ନିଜ ର୍‍ୟାଙ୍କିଂର ଯଥାର୍ଥତା ପ୍ରତିପାଦନ କରିଥିଲା ଏହି ଦଳ। ମ୍ୟାଚର ୪୭ତମ ମିନିଟରେ ଦଳ ପକ୍ଷରୁ ପ୍ରଥମ ଗୋଲଟି ସ୍କୋର କରିଥିଲେ ୧୨ ନମ୍ବର ଖେଳାଳି ଜ୍ୟାକ୍ ହ୍ୱିଟନ। ବ୍ୟାକ୍‌ଫୁଟ୍‌କୁ ଚାଲି ଯାଇଥିବା ଇଂଲଣ୍ଡ ଗୋଲ ପରିଶୋଧ ଉଦ୍ୟମରେ ଥିବାବେଳେ ୫୦ତମ ମିନିଟରେ ଗୋଭର୍ସ ବ୍ଲେକ୍ ଆଉ ଏକ ଫିଲ୍ଡ ଗୋଲ ଦେଇ ଅଷ୍ଟ୍ରେଲିଆକୁ ଡ୍ରାଇଭର ସିଟ୍‌ରେ ବସାଇ ଦେଇଥିଲେ। ୨ ଗୋଲରେ ପଛୁଆ ରହିବାଯୋଗୁ ଇଂଲଣ୍ଡ ସ୍ୱାଭାବିକଭାବେ ଚାପକୁ ଆସି ଯାଇଥିଲା। ଶେଷ ୧୦ ମିନିଟରେ ପ୍ରତ୍ୟାବର୍ତ୍ତନ ଇଂଲଣ୍ଡପାଇଁ କାଠିକର ପାଠ ଥିଲା। ଏହି ସମୟ ମଧ୍ୟରେ ଖେଳ ମଧ୍ୟ ତୀବ୍ର ସଂଘର୍ଷପୂର୍ଣ୍ଣ ହୋଇ ଯାଇଥିଲା। ୫୬ତମ ମିନିଟରେ କୋରେ ୱେୟେର ଆଉ ଏକ ଫିଲ୍ଡ ଗୋଲ ଦେବାରୁ ଅଷ୍ଟ୍ରେଲିଆର ଅଗ୍ରଣୀ ବ୍ୟବଧାନ ୩-୦ରେ ପହଞ୍ଚିବା ସହ ଦଳର ବିଜୟ ସମ୍ଭାବନା ଏକପ୍ରକାର ନିଶ୍ଚିତ ହୋଇ ଯାଇଥିଲା। ଅବଶିଷ୍ଟ ୪ ମିନିଟର ଖେଳ କେବଳ ଔପଚାରିକତା ହୋଇ ରହି ଯାଇଥିଲା।



ଇଂଲଣ୍ଡ ବିପକ୍ଷରେ ଗୋଲ୍‌ସ୍କୋର କରିବା ପରେ ଉଲ୍ଲସିତ ଅଷ୍ଟ୍ରେଲୀୟ ଖେଳାଳି।

### ଗୋଲ ସ୍କୋରର

**ଅଷ୍ଟ୍ରେଲିଆ-୩**

- ଜ୍ୟାକ୍ ହ୍ୱିଟନ: ୪୭ତମ ମିନିଟ
- ଗୋଭର୍ସ ବ୍ଲେକ୍: ୫୦ତମ ମିନିଟ
- କୋରେ ୱେୟେର: ୫୬ତମ ମିନିଟ

**ଇଂଲଣ୍ଡ-୦**

## ଭୁବନେଶ୍ୱରରେ ହୋଇପାରେ ହକି ସିରିଜ ଫାଇନାଲ୍ସ

ଭୁବନେଶ୍ୱର, ୪।୧୨(କ୍ରୀଡ଼ା ପ୍ରତିନିଧି)

କଳିଙ୍ଗ ଷ୍ଟାଡିୟମରେ ଚାଲିଥିବା ହକି ବିଶ୍ୱକପ ଅବସରରେ ଓଡ଼ିଶା ହକି ପ୍ରେମୀଙ୍କ ପାଇଁ ଆଉ ଏକ ଶୁଭ ଖବର ଶୁଣିବାକୁ ମିଳିଛି। ୨୦୧୯ରେ ୩ଟି ହକି ସିରିଜ ଫାଇନାଲ୍ସ ବିଶ୍ୱର ୩ଟି ସ୍ଥାନରେ ଅନୁଷ୍ଠିତ ହେବ। ଏହାର ଦ୍ୱିତୀୟ ଚରଣ ଆୟୋଜନ ଅଧିକାର ଭାରତକୁ ମିଳିଛି। ଏହି ସିରିଜ ଅଲିମ୍ପିକ୍ସ କ୍ୱାଲିଫାଇଂ ଟୁର୍ନାମେଣ୍ଟ ଭାବେ ବିବେଚିତ ହେବ। ଭାରତକୁ ଆୟୋଜନ ଅଧିକାର ମିଳିଥିବାରୁ ଛତିଶଗଡ଼ର ରାୟପୁର ଓ ଓଡ଼ିଶାର ଭୁବନେଶ୍ୱର ଦୌଡ଼ରେ ସାମିଲ ଥିବା ସୂଚନା ମିଳିଛି। ଏବେ ଓଡ଼ିଶାରେ ପ୍ରତିଯୋଗିତା ଆୟୋଜନ, ଆତିଥେୟତା ଏବଂ କଳିଙ୍ଗ ଷ୍ଟାଡିୟମରେ ଉପଲବ୍ଧ ଭିତ୍ତିଭୂମିକୁ ନେଇ ପ୍ରାୟ ଦେଶ ବିଦେଶର ସମସ୍ତ ଖେଳାଳି ଓ ଅଫିସିଆଲ ପ୍ରଶଂସାରେ ଶତମୁଖ। ତେଣୁ ସବୁକିଛି ଯଦି ଠିକ୍ ରହେ ତେବେ ଭୁବନେଶ୍ୱରରେ ଆସନ୍ତାବର୍ଷ ଏହି ସମ୍ମାନଜନକ ଟୁର୍ନାମେଣ୍ଟ ଆୟୋଜନ ସମ୍ଭାବନାକୁ ଏଡ଼ାଇ ଦିଆଯାଇ ନ ପାରେ। ତେବେ ଅଫିସିଆଲଭାବେ ଭେନ୍ୟୁ ସ୍ଥିର କରାଯାଇ ନାହିଁ। ଏହି ସିରଜ ଜୁନ ୬ରୁ ୧୬ ପର୍ଯ୍ୟନ୍ତ ହେବାକୁ କାର୍ଯ୍ୟସୂଚୀ ଧାର୍ଯ୍ୟ ହୋଇଛି।

# ଚାଇନା-ଆୟର୍ଲାଣ୍ଡ ମ୍ୟାଚ ଡ୍ର

ଭୁବନେଶ୍ୱର, ୪।୧୨ (କ୍ରୀଡ଼ା ପ୍ରତିନିଧି)

କଳିଙ୍ଗ ଷ୍ଟାଡିୟମରେ ମଙ୍ଗଳବାର ଅନୁଷ୍ଠିତ ଚାଇନା-ଆୟର୍ଲାଣ୍ଡ ପୁଲ୍ 'ବି' ମ୍ୟାଚ ୧-୧ ଗୋଲରେ ଡ୍ର ରହିଛି। ବିଶ୍ୱର ୧୭ ନମ୍ବର ଦଳ ଚାଇନା ପକ୍ଷରୁ ଗୁଓ ଜିନ୍ ୪୩ତମ ମିନିଟରେ ପେନାଲ୍ଟି କର୍ଣ୍ଣରୁ ଏକ ଗୋଲ ଦେଇଥିବାବେଳେ ୪୪ତମ ମିନିଟରେ ୧୦ ନମ୍ବର ଦଳ ଆୟର୍ଲାଣ୍ଡର ଆଲାନ ସୋଦେର୍ନ ଏକ ଫିଲ୍ଡ ଗୋଲ ମାଧ୍ୟମରେ ତାହାକୁ ପରିଶୋଧ କରି ଦେଇଥିଲେ। ଫଳରେ ଏହି ଗ୍ରୁପ୍‌ରୁ ଅଷ୍ଟ୍ରେଲିଆ ସିଧାସଳଖ କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଛି। ଅନ୍ୟ ୩ଟି ଦଳ ଇଂଲଣ୍ଡ, ଚାଇନା ଓ ଆୟର୍ଲାଣ୍ଡ ମଧ୍ୟରେ କ୍ରସ୍ ଓଭର ମ୍ୟାଚ ଯୋଗ୍ୟତା ପାଇ ଲଢ଼େଇ ହେବ। ୪ଟି ଯାକ ଦଳ ୨ଟି ଲେଖାଏ ମ୍ୟାଚ ଖେଳି ସାରିଥିବାବେଳେ ଅଷ୍ଟ୍ରେଲିଆ ୬ ପଏଣ୍ଟ ପାଇ ଥୁ କରିଛି। ଅନ୍ୟପକ୍ଷରେ ଚାଇନାର ପଏଣ୍ଟ ସଂଖ୍ୟା ୨ରେ ପହଞ୍ଚି ଥିବାବେଳେ ଇଂଲଣ୍ଡ ଓ ଆୟର୍ଲାଣ୍ଡ ଗୋଟିଏ ଲେଖାଏ ପଏଣ୍ଟ ପାଇଛନ୍ତି। ଅଷ୍ଟ୍ରେଲିଆ ଏହାର ଶେଷ ପୁଲ୍ ମ୍ୟାଚରେ ୭ ତାରିଖରେ ଚାଇନାକୁ ଭେଟିବ। ସେହିଦିନ ଇଂଲଣ୍ଡ ଓ ଆୟର୍ଲାଣ୍ଡ ମଧ୍ୟରେ ମୁକାବିଲା ହେବ। ଅଷ୍ଟ୍ରେଲିଆ ପାଇଁ ଏହି ମ୍ୟାଚ କେବଳ ଔପଚାରିକା ସଦୃଶ ହେବ। ଏହି ପୁଲ୍‌ର ଦ୍ୱିତୀୟ ଓ ତୃତୀୟ ସ୍ଥାନୀୟ ଦଳ କ୍ରସ୍ ଓଭର ଖେଳିବାକୁ ଯୋଗ୍ୟ ବିବେଚିତ ହେବେ। ୪ର୍ଥ ସ୍ଥାନୀୟ ଦଳ ଗ୍ରୁପ ପର୍ଯ୍ୟାୟରୁ ବିଦାୟ ନେବ।

ବିଏମ୍‌ସି କମିଶନର କ୍ରିଷନ କୁମାର ଖେଳାଳିଙ୍କ ସହ ପରିଚିତ ହୋଇ ମ୍ୟାଚର ଶୁଭାରମ୍ଭ କରିଥିଲେ। ଶେଷରେ ଏମ୍‌ପି ଭର୍ତ୍ତୃହରି ମହତାବ ଅତିଥିଭାବେ ଯୋଗଦେଇ ଆୟର୍ଲାଣ୍ଡର ଆଲାନ ସୋଦେର୍ନଙ୍କୁ ମ୍ୟାନ୍ ଅଫ୍ ଦି ମ୍ୟାଚ୍ ପୁରସ୍କାର ପ୍ରଦାନ କରିଥିଲେ। ମ୍ୟାଚରେ ଆୟର୍ଲାଣ୍ଡକୁ ୨ଟି ଓ ଚାଇନାକୁ ୩ଟି ପେନାଲ୍ଟି କର୍ଣ୍ଣର ମିଳିଥିଲା। ଏଥିରୁ ଚାଇନା ଗୋଟିକର ସଦୁପଯୋଗ କରିଥିଲା। ଚାଇନାର ସୁ ଲିଜିଙ୍ଗ ୩୫ତମ ମିନିଟରେ ଗ୍ରୀନ୍ ଏବଂ ଆୟର୍ଲାଣ୍ଡର ଜୋନାଥନ୍ ବେଲ୍ ୪୨ତମ ମିନିଟରେ ହଳଦିଆ କାର୍ଡ ପାଇବା ଥିଲା ଏହି ମ୍ୟାଚର ଅନ୍ୟତମ ଉଲ୍ଲେଖନୀୟ ଘଟଣା।

### ଗୋଲ ସ୍କୋରର

**ଚାଇନା-୧**

- ଗୁଓ ଜିନ୍

**ଆୟର୍ଲାଣ୍ଡ-୧**

- ଆଲାନ ସୋଦେର୍ନ



ଆୟର୍ଲାଣ୍ଡ୍ ଓ ଚାଇନା ମଧ୍ୟରେ ଅନୁଷ୍ଠିତ ମ୍ୟାଚ୍।

## ପଏଣ୍ଟ ଟେବୁଲ୍

| ଦେଶ | ଖେ | ଜି | ଡ୍ର | ହା | ଗୋ.ସ | ଗୋ.ବି | ଗୋ.ବ୍ୟ | ପ |
|---|---|---|---|---|---|---|---|---|
| **ପୁଲ୍-ଏ** | | | | | | | | |
| ଆର୍ଜେଣ୍ଟିନା | ୨ | ୨ | ୦ | ୦ | ୭ | ୩ | +୪ | ୬ |
| ନ୍ୟୁଜିଲାଣ୍ଡ | ୨ | ୧ | ୦ | ୧ | ୨ | ୪ | -୨ | ୩ |
| ସ୍ପେନ୍ | ୨ | ୦ | ୧ | ୧ | ୪ | ୫ | -୧ | ୧ |
| ଫ୍ରାନ୍ସ | ୨ | ୦ | ୧ | ୧ | ୨ | ୩ | -୧ | ୧ |
| **ପୁଲ୍-ବି** | | | | | | | | |
| ଅଷ୍ଟ୍ରେଲିଆ | ୨ | ୨ | ୦ | ୦ | ୫ | ୧ | +୪ | ୬ |
| ଚାଇନା | ୨ | ୦ | ୨ | ୦ | ୩ | ୩ | ୦ | ୨ |
| ଆୟର୍ଲାଣ୍ଡ | ୨ | ୦ | ୧ | ୧ | ୨ | ୩ | -୧ | ୧ |
| ଇଂଲଣ୍ଡ | ୨ | ୦ | ୧ | ୧ | ୨ | ୫ | -୩ | ୧ |
| **ପୁଲ୍-ସି** | | | | | | | | |
| **ଭାରତ** | **୨** | **୧** | **୧** | **୦** | **୭** | **୨** | **+୫** | **୪** |
| ବେଲଜିୟମ | ୨ | ୧ | ୧ | ୦ | ୪ | ୩ | +୧ | ୪ |
| କାନାଡା | ୨ | ୦ | ୧ | ୧ | ୨ | ୩ | -୧ | ୧ |
| ଦ.ଆଫ୍ରିକା | ୨ | ୦ | ୧ | ୧ | ୧ | ୬ | -୫ | ୧ |
| **ପୁଲ୍-ଡି** | | | | | | | | |
| ନେଦରଲାଣ୍ଡ୍ସ | ୧ | ୧ | ୦ | ୦ | ୭ | ୦ | +୭ | ୩ |
| ଜର୍ମାନୀ | ୧ | ୧ | ୦ | ୦ | ୧ | ୦ | +୧ | ୩ |
| ପାକିସ୍ତାନ | ୧ | ୦ | ୦ | ୧ | ୦ | ୧ | -୧ | ୦ |
| ମାଲେସିଆ | ୧ | ୦ | ୦ | ୧ | ୦ | ୭ | -୭ | ୦ |

(**ବି.ଦ୍ର:** ଖେ-ଖେଳିଛି, ଜି- ଜିତିଛି, ହା-ହାରିଛି, ଗୋ.ସ-ଗୋଲ ସପକ୍ଷରେ, ଗୋ.ବି-ଗୋଲ୍ ବିପକ୍ଷରେ, ଗୋ.ବ୍ୟ-ଗୋଲ ବ୍ୟବଧାନ, ପ.-ପଏଣ୍ଟ ।)



ଫ୍ୟାନ୍ ଭିଲେଜରେ ମାସ୍କଟ ଓଲି ସହ ଦକ୍ଷିଣ ଆଫ୍ରିକା ଖେଳାଳି ସେଲ୍ଫି ଉଠାଉଛନ୍ତି।

## କଳିଙ୍ଗ କର୍ଣ୍ଣର

# ଫ୍ୟାନ୍ ଭିଲେଜରେ ନାଚିଲେ, ଗୀତ ଗାଇଲେ ଦକ୍ଷିଣ ଆଫ୍ରିକା ଖେଳାଳି

ଭୁବନେଶ୍ୱର, ୪।୧୨(କ୍ରୀଡ଼ା ପ୍ରତିନିଧି)

ହକି ଇଣ୍ଡିଆ ପକ୍ଷରୁ କ୍ରୀଡ଼ା ପ୍ରେମୀଙ୍କ ପାଇଁ ନିଆରା ଅନୁଭୂତି ସାଉଁଟିବା ଲାଗି ସୁଯୋଗ ସୃଷ୍ଟି କରାଯାଇଛି। ହକି ବିଶ୍ୱକପ ଅବସରରେ କଳିଙ୍ଗ ଷ୍ଟାଡିୟମ ପରିସରରେ ଥିବା ଫ୍ୟାନ ଭିଲେଜକୁ ମଙ୍ଗଳବାରଠାରୁ ବିଭିନ୍ନ ଦଳର ଖେଳାଳିଙ୍କୁ ଆଣା ଯାଉଛି। ଏହି ପରିପ୍ରେକ୍ଷୀରେ ପ୍ରଥମ ପଯର୍ୟାୟରେ ଦକ୍ଷିଣ ଆଫ୍ରିକା ଦଳର ଖେଳାଳିମାନେ ଆସି ଦର୍ଶକଙ୍କ ମନୋରଞ୍ଜନ କରିଛନ୍ତି। ଅନ୍ୟପକ୍ଷରେ ଦର୍ଶକମାନେ ସେମାନଙ୍କ ସହ ମିଶିବା ସହିତ ସେଲ୍‌ଫି ନେବାର ମଜା ଉଠାଉଛନ୍ତି। ଏହି ଅବସରରେ ଖେଳାଳିମାନେ ସେମାନଙ୍କ ନୃତ୍ୟ ପ୍ରତିଭା ପ୍ରଦର୍ଶନ ସହ, ଅନୁଭୂତି ବର୍ଣ୍ଣନା କରିଛନ୍ତି। ''କଳିଙ୍ଗ ଷ୍ଟାଡିୟମ ବହୁତ ଭଲ, ଏଠାକାର ଦର୍ଶକ ଚମତ୍କାର, ପିଚ୍ ଓ ପରିବେଶ ମଧ୍ୟ ବଢ଼ିଆ'' ବୋଲି ଜଣେ ଖେଳାଳି ପ୍ରକାଶ କରିଛନ୍ତି। ଭାରତର ରାଞ୍ଚି ତାଙ୍କର ପ୍ରିୟ ସହର ବୋଲି ଅନ୍ୟ ଜଣେ ଖେଳାଳି ବର୍ଣ୍ଣନା କରିଛନ୍ତି। ଏହା ବ୍ୟତୀତ ନୂଆଦିଲ୍ଲୀ ଓ ଭୁବନେଶ୍ୱର ତାଙ୍କ ପସନ୍ଦର ସହର ବୋଲି କହିଛନ୍ତି। ଅନ୍ୟ ଜଣେ ଖେଳାଳିଙ୍କୁ ହିନ୍ଦିରେ କିଛି କହିବାକୁ କୁହାଯାଇଥିଲା। ସେ 'ନମସ୍ତେ' ଓ 'ବହୁତ ଆଚ୍ଛା' ବୋଲି ଦୁଇଟି ଶବ୍ଦ ଉଚ୍ଚାରଣ କରିବାରୁ ଉପସ୍ଥିତ ଦର୍ଶକମାନେ କରତାଳି ଦେଇ ତାଙ୍କୁ ଉତ୍ସାହିତ କରିଥିଲେ। ଭାରତ ବିପକ୍ଷ ପ୍ରଥମ ମ୍ୟାଚରେ କ୍ୟାରିୟରର ୧୦୦ତମ ମ୍ୟାଚ ଖେଳିଥିଲେ ଦକ୍ଷିଣ ଆଫ୍ରିକାର ଜେଥ୍ରୋ ୟୁଷ୍ଟିସ। ଏହି ମ୍ୟାଚ ତାଙ୍କ ପାଇଁ ସ୍ମରଣୀୟ ବୋଲି କହିବା ସହ ସେ ଟୁର୍ନାମେଣ୍ଟରେ ନିଜ ଦଳର ସ୍ଥିତି ସମ୍ପର୍କରେ ପ୍ରକାଶ କରିଥିଲେ। ଏନ୍‌କୋବିଲ ଏନ୍‌ଟୁଲି ନିଜ ନୃତ୍ୟ ପ୍ରତିଭା ଦେଖାଇଥିଲେ। ଏହାପରେ ସମସ୍ତ ଖେଳାଳିମିଶି ମାସ୍କଟ ଓଲି ସହିତ ଷ୍ଟେପ୍ ଡ୍ୟାନ୍ସ କରିଥିଲେ। ଗୋଲକପର ରସି ପିଟର୍ସ ଗୀତ ଗାଇଥିଲେ। ଶେଷରେ ହକି ଷ୍ଟିକ୍‌ରେ ମ୍ୟାଜିକ ପ୍ରଦର୍ଶନ କରାଯାଇଥିଲା। ଦୁଇ ଖେଳାଳିଙ୍କ ମୁହଁରେ କଳାପଟି ବାନ୍ଧି ଦିଆ ଯାଇ ଷ୍ଟିକ୍‌ରେ ବଲ୍‌କୁ କିଏ କେତେ ସମୟ ଏୟାରରେ ରଖି ପାରୁଛି ତା'ର ପରୀକ୍ଷା କରାଯାଇଥିଲା। ଏଥିରେ ଏନ୍‌ଟୁଲି ମଧ୍ୟ ବାଜି ମାରିଥିଲେ। ଏହି ଅବସରରେ ଜଣେ କଳାକାର ତିନୋଟି ଲେଖାଏ ଛତା ଓ ଟୋପିରେ ମ୍ୟାଜିକ୍ ଦେଖାଇଥିଲେ।



❝ ଆଗାମୀ ଭାରତ ବିପକ୍ଷ ଟେଷ୍ଟ ସିରିଜ ପାଇଁ କେବଳ କୋହଲି ନୁହନ୍ତି ଦଳର ପ୍ରତ୍ୟେକ ବ୍ୟାଟ୍ସମ୍ୟାନଙ୍କ ପାଇଁ ଆମେ ଯୋଜନା କରିଛୁ ।

–ମିଚେଲ ମାର୍ଶ, ଅଷ୍ଟ୍ରେଲୀୟ ଅଲରାଉଣ୍ଡର



❝ ଭାରତୀୟ ପୁରୁଷ ଟେନିସରେ ବର୍ତ୍ତମାନ ଯେଉଁଭଳି ପ୍ରତିଭାସମ୍ପନ୍ନ ଖେଳାଳି ଅଛନ୍ତି ତାହା ପୂର୍ବରୁ କେବେ ଦେଖା ନ ଥିଲା ।

–ମହେଶ ଭୂପତି
ଭାରତୀୟ ଡେଭିସ୍ କପ୍ ଦଳର ଅଣ ଖେଳାଳି ଅଧିନାୟକ

## ସଂକ୍ଷେପରେ

### ମାଇଲଷ୍ଟୋନ ଠାରୁ ୮ ରନ୍ ଦୂରରେ କୋହଲି

**ମେଲବୋର୍ନ,୪।୧୨:** ଭାରତୀୟ ଅଧିନାୟକ ବିରାଟ କୋହଲିଙ୍କୁ ଅଷ୍ଟ୍ରେଲିଆରେ ଏକ ମାଇଲଷ୍ଟୋନ ସ୍ପର୍ଶ କରିବା ଲାଗି ମାତ୍ର ୮ ରନ୍ ଦରକାର। କୋହଲି ଏପର୍ଯ୍ୟନ୍ତ ୮ ଟେଷ୍ଟ ଖେଳି ୬୨ ହାରରେ ୯୯୨ ରନ୍ କରିଛନ୍ତି। ଏଥିରେ ୫ ଶତକ ଓ ଦୁଇ ଅର୍ଦ୍ଧଶତକ ରହିଛି। ଆଗାମୀ ମ୍ୟାଚ୍‌ରେ ୮ ରନ୍ କଲେ ସେ ପୂର୍ବତନ ଅଧିନାୟକ ରାହୁଲ ଦ୍ରାବିଡ, ଭିଭିଏସ ଲକ୍ଷ୍ମଣ ଓ ସଚିନ ତେନ୍ଦୁଲକରଙ୍କ ଭଳି ବ୍ୟାଟିଂ କିମ୍ବଦନ୍ତୀଙ୍କ ତାଲିକାରେ ସାମିଲ ହେବେ। ଅଷ୍ଟ୍ରେଲିଆରେ ଏକ ହଜାର ପୂରଣ କରିଥିବା ୪ର୍ଥ ଭାରତୀୟ ବ୍ୟାଟ୍ସମ୍ୟାନ ହେବେ। ଅଷ୍ଟ୍ରେଲିଆରେ ସର୍ବାଧିକ ରନ୍ କରିଥିବା ଭାରତୀୟ ବ୍ୟାଟ୍ସମ୍ୟାନ ତାଲିକାରେ ତେନ୍ଦୁଲକର ୧୮୦୯ ରନ୍ ସହ ଶୀର୍ଷରେ ରହିଛନ୍ତି। ତାଙ୍କ ପଛକୁ ଲକ୍ଷ୍ମଣ (୧୨୩୬) ଓ ଦ୍ରାଭିଡ୍ (୧୧୪୩) ରହିଛନ୍ତି। ଏହାବାଦ୍ ଅଷ୍ଟ୍ରେଲିଆ ସିରିଜ୍‌ରେ ସର୍ବାଧିକ ଶତକ ହାସଲ କରିଥିବା ତେନ୍ଦୁଲକରଙ୍କୁ ଅତିକ୍ରମ କରିବା ପାଇଁ ବିରାଟଙ୍କ ନିକଟରେ ସୁବର୍ଣ୍ଣ ସୁଯୋଗ ରହିଛି। ତେନ୍ଦୁଲକର ଅଷ୍ଟ୍ରେଲିଆରେ ମୋଟ ୬ ଶତକ ହାସଲ କରିଥିବାବେଳେ କୋହଲି ଏପର୍ଯ୍ୟନ୍ତ ୫ ଶତକ ମାରିଛନ୍ତି।

### ସର୍ବଭାରତୀୟ ବେସାମରିକ ଫୁଟ୍‌ବଲ ଚୟନ ପ୍ରକ୍ରିୟା

**ଭୁବନେଶ୍ୱର, ୪।୧୨ (ସ୍ପୋର୍ଟ୍ସ ବ୍ୟୁରୋ):** ମଧ୍ୟପ୍ରଦେଶର ଭୋପାଳଠାରେ ସର୍ବଭାରତୀୟ ବେସାମରିକ ଫୁଟ୍‌ବଲ ପ୍ରତିଯୋଗିତା ଚଳିତ ମାସ ୧୭ରୁ ୨୨ ତାରିଖ ପର୍ଯ୍ୟନ୍ତ ହେବ। ଏଥିପାଇଁ ଖେଳାଳି ଚୟନ ପ୍ରକ୍ରିୟା ଆସନ୍ତା ବୁଧବାର ସକାଳ ୭ଟା ୩୦ରେ ସ୍ଥାନୀୟ କିଶୋର କ୍ଲବ ପ୍ରାଙ୍ଗଣରେ ଅନୁଷ୍ଠିତ ହେବ। ଏଥିରେ ଅଂଶଗ୍ରହଣ କରିବାଲାଗି ଇଚ୍ଛୁକ ଖେଳାଳିମାନେ ସେମାନଙ୍କ ପରିଚୟ ପତ୍ର ସଙ୍ଗରେ ଆଣି ନାମ ପଞ୍ଜୀକରଣ ସହ ଚୟନ ପ୍ରକ୍ରିୟାରେ ଅଂଶଗ୍ରହଣ କରିପାରିବେ। ରାଜ୍ୟ ସଚିବାଳୟ କର୍ମଚାରୀ ସଂଘର ସାଧାରଣ ସମ୍ପାଦକ ହର ପ୍ରସାଦ ବିଶ୍ୱାଳ ପ୍ରକାଶ କରିଛନ୍ତି।

### ଦିଲ୍ଲୀ ଡେୟାରଡେଭିଲ୍ସର ନୂଆ ନାମ 'ଦିଲ୍ଲୀ କ୍ୟାପିଟାଲ୍ସ'

**ନୂଆଦିଲ୍ଲୀ, ୪।୧୨:** ଇଣ୍ଡିଆନ୍ ପ୍ରିମିୟର ଲିଗ୍ (ଆଇପିଏଲ୍)ର ଦ୍ୱାଦଶ ସଂସ୍କରଣ ଖେଳାଳି ନିଲାମୀ ପ୍ରକ୍ରିୟା ପୂର୍ବରୁ ଦିଲ୍ଲୀ ଡେୟାରଡେଭିଲ୍ସ ଫ୍ରାଞ୍ଚାଇଜ୍ ଏହାର ନାମ ପରିବର୍ତ୍ତନ କରିଛି। ଦିଲ୍ଲୀ ଡେୟାରଡେଭିଲ୍ସ ଏବେ 'ଦିଲ୍ଲୀ କ୍ୟାପିଟାଲ୍ସ' ନାମରେ ପରିଚିତ ହେବ। ସେହିଭଳି ଦିଲ୍ଲୀ ଦଳ ଏହାର ନୂତନ ଲୋଗୋ ମଧ ଉନ୍ମୋଚନ କରିଛି। ଏଥିରେ ୩ଟି ବାଘ ରହିଥିବା ଜଣାପଡ଼ିଛି। ସୋସିଆଲ ମିଡିଆରେ ଫ୍ରାଞ୍ଚାଇଜ୍ ପକ୍ଷରୁ ଏହା ସ୍ପଷ୍ଟ କରାଯାଇଛି। ଅପରପକ୍ଷରେ ଆଇପିଏଲ୍ ସିଜନ-୧୨ ପାଇଁ ଶ୍ରେୟାସ ଆୟାରଙ୍କୁ ଦିଲ୍ଲୀ କ୍ୟାପିଟାଲ୍ସର ଅଧିନାୟକ ନିଯୁକ୍ତ କରାଯାଇଛି। ବରିଷ୍ଠ ବ୍ୟାଟ୍ସମ୍ୟାନ ଶିଖର ଧାୱନ ଆଗାମୀ ସିଜନରେ ଦିଲ୍ଲୀ ଦଳ ପକ୍ଷରୁ ଖେଳିବେ। ଆଇପିଏଲ୍‌ର ପ୍ରଥମ ସଂସ୍କରଣ ୨୦୦୮ରୁ ଦିଲ୍ଲୀ ଡେୟାରଡେଭିଲ୍ସ ଅଂଶଗ୍ରହଣ କରିଆସୁଥିଲେ ମଧ ଗୋଟିଏଥର ଟାଇଟଲ ଜିତିବାରେ ସଫଳ ହୋଇପାରି ନାହିଁ।

# ପୁରୀରେ ଭାରତୀୟ ହକି ଟିମ୍

**ପୁରୀ ଅଫିସ, ୪।୧୨**

ଭୁବନେଶ୍ୱର କଳିଙ୍ଗ ଷ୍ଟାଡିୟମରେ ଚାଲିଛି ପୁରୁଷ ହକି ବିଶ୍ୱକପ୍। ମଙ୍ଗଳବାର ଭାରତୀୟ ହକି ଟିମ୍ ପୁରୀ ବେଳାଭୂମିରେ ମଜା ଉଠାଇଥିଲେ। ବେଳାଭୂମିରେ ଦୀର୍ଘ ସମୟ ଧରି ସାଥିଖେଳାଳି ମାନଙ୍କ ସହ ଢେର ସମୟ ଧରି ମଜା ନେଇଥିଲେ। ସମୁଦ୍ରରେ ସ୍ନାନ କରିଥିଲେ। ବିଚ୍ ଡ୍ରାଇଭିଙ୍ଗ ଏବଂ ଓଟରେ ବୁଲିଥିଲେ। ବେଳାଭୂମିରେ ସେଲ୍ଫି ଉଠାଇଥିଲେ। ପରେ ଭୁବେଶ୍ୱର ଫେରି ଯାଇଥିଲେ। ଖେଳାଳିଙ୍କ ସୁରକ୍ଷା ଦୃଷ୍ଟିରୁ ହୋଟେଲ ଏବଂ ବେଳାଭୂମିରେ କଡା ସୁରକ୍ଷା ବ୍ୟବସ୍ଥା କରାଯାଇଥିଲା। ସାଥିରେ ଭୁବନେଶ୍ୱର କମିଶନରେଟ୍ ପୋଲିସ, ଆଇଆରବି, ଓଏସଏପି ରହିଥିଲେ। ଭାରତୀୟ ହକିଟିମ୍ ପୁରୀ ଆସିଥିବା ଖବରପାଇ ଶତାଧିକ ହକି ପ୍ରଂଶସକ, କ୍ରୀଡାପ୍ରେମୀ ହୋଟେଲ ସମ୍ମୁଖରେ ଭିଡ ଜମାଇଥିଲେ। ବେଳାଭୂମିରେ ଖେଳାଳି ମାନେ ମଜା ନେବା ବେଳେ ବହୁ ଦର୍ଶକ ସେଠାରେ ଉପସ୍ଥିତ ରହି ସେମାନଙ୍କୁ ଉତ୍ସାହିତ କରିଥିଲେ। ବେଳାଭୂମିରେ ଉପସ୍ଥିତ ଥିବା ଦର୍ଶକ ଏବଂ ପର୍ଯ୍ୟଟକ ଭାରତୀୟ ହକିଟିମ୍‌ର ବିଜୟ କାମନା କରିଥିଲେ।



ଓଟ ସବାରିର ମଜା ନେଉଛନ୍ତି ଭାରତୀୟ ହକି ଖେଳାଳି ।

ମଙ୍ଗଳବାର ପୂର୍ବାହ୍ନ ସାଢେ ୧୧ଟା ସମୟରେ ଏକ ସ୍ୱତନ୍ତ୍ର ବସ ଯୋଗେ ୨୭ଜଣିଆ ହକି ଭାରତୀୟ ହକି ଟିମ୍ ଆସିଥିଲେ। ଏମାନଙ୍କ ସହିତ କୋଚ ଏବଂ ଅନ୍ୟ ଦେଶର ହକି ଖେଳାଳି ମଧ ଆସିଥିଲେ। ଚକ୍ରତୀର୍ଥ ରୋଡ ସ୍ଥିତ ହୋଟେଲ ହଲିଡେ ରିର୍ସଟରେ ପହଞ୍ଚିଥିଲେ। ସେଠାରେ ହୋଟେଲ କର୍ତ୍ତୃପକ୍ଷ ତାଙ୍କୁ ଭବ୍ୟ ଆତିଥ୍ୟତା ପ୍ରଦାନ କରିଥିଲେ। ଖେଳାଳିମାନେ ପ୍ରଥମେ ପଇଡ ପିଇଥିଲେ। ସେଠାରେ ଉପସ୍ଥିତ ଥିବା କେତେଜଣ ପର୍ଯ୍ୟଟକଙ୍କ ସହ ସେଲ୍ଫି ଉଠାଇଥିଲେ। ପରେ ହାଲୁକା ଟିଫିନ ନେଇ ହୋଟେଲ ସମ୍ମୁଖ ବେଳାଭୂମିକୁ ଯାଇଥିଲେ। ସେଠାରେ କିଛି ସମୟ ବେଳାଭୂମିର ସୌନ୍ଦର୍ଯ୍ୟକୁ ଉପଭୋଗ କରିଥିଲେ। ସମୁଦ୍ର ସ୍ନାନର ମଜା ନେଇଥିଲେ। ଖେଳାଳିଙ୍କ ସୁରକ୍ଷା ଦୃଷ୍ଟିରୁ ପ୍ରଶାସନ ପକ୍ଷରୁ ବ୍ୟାପକ ବ୍ୟବସ୍ଥା କରାଯାଇଥିଲା। କୌଣସି ଅଘଟଣ ଆଶଙ୍କାରେ ଲାଇଫଗାର୍ଡ ମୁତୟନ ହୋଇଥିଲେ। ସ୍ନାନ ସାରି ହୋଟେଲକୁ ଫେରିଥିଲେ। ସେଠାରେ ମଧାହ୍ନ ଭୋଜନ ସାରି ଭୁବନେଶ୍ୱର ଫେରିଯାଇଥିଲେ।

### ଓଡ଼ିଶା ହକି ବିଶ୍ୱକପ୍ ମନେ ରହିବ: ମନପ୍ରୀତ୍

ଆଗରୁ ଓଡ଼ିଶା ଆସିଛି। ଶ୍ରୀକ୍ଷେତ୍ରକୁ ଆସି ପୂର୍ବରୁ ମଧ ମହାପ୍ରଭୁଙ୍କ ଦର୍ଶନ କରିଛି। ମହାପ୍ରଭୁଙ୍କ ଦର୍ଶନରେ ଏକ ଅପୂର୍ବ ଆନନ୍ଦ ରହିଛି। ଓଡ଼ିଶାବାସୀଙ୍କ ମଙ୍ଗଳକାମନା କରୁଛି। ଓଡ଼ିଶାରେ ହକି ବିଶ୍ୱ କପ୍‌ର ସୁନ୍ଦର ଆୟୋଜନ କରାଯାଇଛି। ରାଜ୍ୟ ସରକାର ଖେଳାଳି ମାନଙ୍କ ଲାଗି ଭବ୍ୟ ବ୍ୟବସ୍ଥା କରିଛନ୍ତି। ପୂର୍ବରୁ ଅନେକ ଦେଶରେ ବିଶ୍ୱକପ୍ ଆୟୋଜନ ହୋଇଛି। କିନ୍ତୁ ଓଡ଼ିଶାରେ ହକି ବିଶ୍ୱର ଏକ ନିଆରା ଅନୁଭବ ରହିଛି। ଏଠାକାର ଦର୍ଶକଙ୍କ ମଧରେ ଆନନ୍ଦ ଓ ଉତ୍ସାହ ରହିଛି ବୋଲି ମଙ୍ଗଳବାର ପୁରୀ ବୁଲିବାକୁ ଆସିଥିବା ଭାରତୀୟ ହକି ଟିମ୍‌ର କ୍ୟାପଟନ୍ ମନପ୍ରୀତ ସିଂ ଧରିତ୍ରୀକୁ ସାକ୍ଷାତକାରରେ ଏହା କହିଛନ୍ତି। ଶ୍ରୀକ୍ଷେତ୍ରରେ ମହାପ୍ରଭୁଙ୍କ ଦର୍ଶନ ଏବଂ ବେଳାଭୂମିର ସୌନ୍ଦର୍ଯ୍ୟ ଏଠାକୁ ଟାଣି ଆଣିଛି। ହକି ବିଶ୍ୱକପ୍‌ରେ ବିଜୟ ଆଶା ରହିଛି ବୋଲି କହିଥିଲେ।



ପୁରୀ ବେଳାଭୂମିରେ ଭଲିଖେଳରେ ନିମଗ୍ନ ଭାରତୀୟ ହକି ଦଳର ଖେଳାଳିମାନେ।

# କ୍ୱାର୍ଟର ଫାଇନାଲ ଲକ୍ଷ୍ୟରେ ଜର୍ମାନୀ, ନେଦରଲାଣ୍ଡ୍ସ

**ଭୁବନେଶ୍ୱର, ୪।୧୨ (ସ୍ପୋର୍ଟ୍ସ ବ୍ୟୁରୋ)**

ଚଳିତ ହକି ବିଶ୍ୱକପ୍‌ରେ ବୁଧବାର ପୁଲ୍ ଡି'ର ପ୍ରଥମ ମ୍ୟାଚ୍‌ରେ ଜର୍ମାନୀ ଓ ନେଦରଲାଣ୍ଡ୍ସ ପରସ୍ପରକୁ ଭେଟିବେ। ଉଭୟ ଦଳ ପ୍ରଥମ ମ୍ୟାଚ୍‌ରେ ବିଜୟ ହାସଲ କରି ବିଶ୍ୱକପ୍ ଅଭିଯାନ ଆରମ୍ଭ କରିଛନ୍ତି। ତେଣୁ ଆଉ ଗୋଟିଏ ବିଜୟ ହାସଲ କଲେ ଏହି ଦୁଇ ଦଳ କ୍ୱାର୍ଟର ଫାଇନାଲ ଟିକେଟ ହାସଲ କରିବେ। ତେଣୁ ସମାନ ଭାବେ ଉଭୟ ଦଳ ପାଇଁ ଏହି ମ୍ୟାଚ୍ ଗୁରୁତ୍ୱ ବହନ କରୁଛି। ଆଧୁନିକ ହକିରେ ୟୁରୋପର ଏହି ଦୁଇ ହକି ପାୱାର ହାଉସ୍ ଗତ କେତେବର୍ଷ ହେବ ନିଜର ପ୍ରଭାବ ଜାହିର କରିଆସିଛନ୍ତି ଓ ୟୁରୋପୀୟ ହକିକୁ ନୂଆ ରୂପ ଦେଇଛନ୍ତି। ଏବେ କ୍ୱାର୍ଟର ଫାଇନାଲ ଲକ୍ଷ୍ୟରେ ଉଭୟ ଦଳ ମୁକାବିଲାରେ ଅବତୀର୍ଣ୍ଣ ହେବେ।

ଆନ୍ତର୍ଜାତିକ ହକି ଫେଡେରେଶନ (ଏଫ୍‌ଆଇଏଚ୍) ର୍ୟାଙ୍କିଙ୍ଗ୍‌ରେ ନେଦରଲାଣ୍ଡ୍ସ ଚତୁର୍ଥ ସ୍ଥାନରେ ରହିଛି। ନିଜ ର୍ୟାଙ୍କିଙ୍ଗ୍‌ର ଯଥାର୍ଥତା ପ୍ରତିପାଦନ କରି ନେଦରଲାଣ୍ଡ୍ସ ତା'ର ପ୍ରଥମ ମ୍ୟାଚ୍‌ରେ ୭–୦ ଗୋଲରେ ମାଲେସିଆକୁ ପରାସ୍ତ କରିଥିଲା। ଏହି ମ୍ୟାଚ୍‌ରେ ଜେଓରେନ୍ ହେର୍ଜବର୍ଜର ହ୍ୟାଟ୍ରିକ ଗୋଲ ସ୍କୋର କରି ଦଳ ବିଜୟରେ ମୁଖ୍ୟ ଭୂମିକା ଗ୍ରହଣ କରିଥିଲେ। ଏହି ମ୍ୟାଚ୍‌ରେ ନେଦରଲାଣ୍ଡ୍ସ ସମ୍ପୂର୍ଣ୍ଣ ରୂପେ ଆଧିପତ୍ୟ ବିସ୍ତାର କରି ଖେଳିଥିଲା। ପୁଲ୍‌ରେ ନେଦରଲାଣ୍ଡ୍ସ ସବୁଠାରୁ ଶକ୍ତିଶାଳୀ ମନେହେଉଛି। ଜର୍ମାନୀ ବିପକ୍ଷରେ ନେଦରଲାଣ୍ଡ୍ସ ଅବଶ୍ୟ ଫେଭରାଇଟ୍ ମନେହେଉଛି। ଗତ ୨୦୧୬ ରିଓ ଅଲିମ୍ପିକ୍ସରେ ନେଦରଲାଣ୍ଡ୍ସ ଚତୁର୍ଥସ୍ଥାନରେ ରହି ଅଭିଯାନ ଶେଷ କରିଥିଲା। କିନ୍ତୁ ୨୦୧୪ ବିଶ୍ୱକପ୍‌ରେ ନେଦରଲାଣ୍ଡ୍ସ ରନର୍ସଅପ୍‌ରେ ସନ୍ତୁଷ୍ଟ ହୋଇଥିଲା। ନେଦରଲାଣ୍ଡ୍ସର ରୋବର୍ଟ କେମ୍ପେରମ୍ୟାନ, ବିଲି ବାକେର ଓ ମାଇକ୍ରୋ ପ୍ରୁଇଜରଙ୍କ ଭଳି ତାରକା ଖେଳାଳିଙ୍କ ଉପରେ ସମସ୍ତଙ୍କ ନଜର ରହିଛି।

ପୁଲ୍ ଡି'ର ଅନ୍ୟ ଦୁଇ ଦଳ ପାକିସ୍ତାନ ଓ ମାଲେସିଆ ଏହି ଦୁଇ ଦଳ ଅପେକ୍ଷା ଦୁର୍ବଳ ମନେ ହେଉଛନ୍ତି। ପାକିସ୍ତାନ ଓ ମାଲେସିଆ ମଧ ସେମାନଙ୍କ ପ୍ରଥମ ମ୍ୟାଚ୍ ପରାସ୍ତ ହୋଇଛନ୍ତି। ଫଳରେ ଜର୍ମାନୀ, ନେରଦଲାଣ୍ଡ୍ସ ପାଇଁ ସୁଯୋଗ ସୃଷ୍ଟି ହୋଇଛି।

ଅପରପକ୍ଷରେ ଜର୍ମାନୀ ମଧ ଚଳିତ ବିଶ୍ୱକପ୍‌ରେ ଅନ୍ୟତମ ଫେଭରାଇଟ୍ ଦଳ ଭାବେ ଉଭା ହୋଇଛି। ଅବଶ୍ୟ ପ୍ରଥମ ମ୍ୟାଚ୍‌ରେ ପାକିସ୍ତାନକୁ ହରାଇବା ପାଇଁ ଜର୍ମାନୀକୁ ବେଶ୍ ସଂଘର୍ଷ କରିବାକୁ ପଡିଥିଲା। ମାର୍କୋ ମିଲ୍ଟକାଉ ୩୬ତମ ମନିଟରେ ଗୋଲ ଦେଇ ଜର୍ମାନୀକୁ ବିଜୟୀ କରାଇଥିଲେ। ନେଦରଲାଣ୍ଡ୍ସଠାରୁ ଦୁଇଟି ସ୍ଥାନ ତଳେ ରହି ଜର୍ମାନୀ ଏଫ୍‌ଆଇଏଚ୍ ର୍ୟାଙ୍କିଙ୍ଗ୍‌ର ଚତୁର୍ଥ ସ୍ଥାନରେ ରହିଛି। ଅଭିଜ୍ଞ ଓ ଯୁବ ଖେଳାଳିଙ୍କୁ ନେଇ ଜର୍ମାନୀ ଦଳ ବେଶ୍ ସନ୍ତୁଳିତ ମନେହେଉଛି। ଜର୍ମାନୀର ତାରକା ଖେଳାଳି ଫ୍ଲୋରିଆନ୍ ଫୁକ୍ସ, କ୍ରିଷ୍ଟୋଫର ରୁହର ଓ ଟିମ୍ ହେର୍ଜବର୍ଜଙ୍କ ଉପରେ ସମସ୍ତଙ୍କ ନଜର ରହିବ। ଗତ ୨୦୧୬ ରିଓ ଅଲିମ୍ପିକ୍ସରେ ଜର୍ମାନୀ ସେମିଫାଇନାଲରେ ପରାସ୍ତ ହୋଇଥିଲା। ସେହିପରି ୨୦୧୪ ବିଶ୍ୱକପ୍‌ରେ ଜର୍ମାନୀ ଷଷ୍ଠସ୍ଥାନରେ ରହି ଅଭିଯାନ ଶେଷ କରିଥିଲା। ଉଭୟ ଅଲିମ୍ପିକ୍ସ ଓ ବିଶ୍ୱକପ୍‌ରେ ତ୍ରୁଟିକୁ ସୁଧାରି ଜର୍ମାନୀ ଏଥର କିଛି ଅଲଗା କରି ଦେଖାଇବା ଲକ୍ଷ୍ୟରେ ରହିଛି। ମୋଟାମୋଟି ଉପରେ ବୁଧବାରର ଏହି ମ୍ୟାଚ୍‌ରେ ଆଗଧାଡିର ଦୁଇ ୟୁରୋପୀୟ ଦଳ ମଧ୍ୟରେ ଜବରଦସ୍ତ ସଂଘର୍ଷ ଦେଖିବାକୁ ମିଳିବ ବୋଲି ଆଶା କରାଯାଉଛି।

**ଆଜିର ମ୍ୟାଚ୍**

ଜର୍ମାନୀ ବନାମ ନେଦରଲାଣ୍ଡ୍ସ
ପୁଲ୍–ଡି
ସମୟ : ଅପରାହ୍ନ ୫ଟା



ପାକିସ୍ତାନ ବନାମ ମାଲେସିଆ
ପୁଲ୍–ଡି
ସମୟ: ରାତି ୭ଟା
ସ୍ଥାନ: କଳିଙ୍ଗ ଷ୍ଟାଡିୟମ
ପ୍ରସାରଣ: ଷ୍ଟାର୍ ସ୍ପୋର୍ଟ୍ସ

### ପ୍ରଦ୍ୟୁମ୍ନ, ଆକାଂକ୍ଷାଙ୍କୁ ସ୍ୱର୍ଣ୍ଣ

**ଜାତୀୟ ଜୁନିୟର ଉଷୁ**

**ଭୁବନେଶ୍ୱର, ୪।୧୨ (ସ୍ପୋର୍ଟ୍ସ ବ୍ୟୁରୋ):** ତାମିଲନାଡୁର ନମ୍‌ଖଲଠାରେ ଚାଲିଥିବା ସପ୍ତଦଶ ଜାତୀୟ ଜୁନିୟର ଉଷୁ ଚାମ୍ପିୟନଶିପ୍‌ର ୪ର୍ଥ ଦିବସ ଶେଷ ସୁଦ୍ଧା ଓଡ଼ିଶା ୬ଟି ପଦକ ଅର୍ଜନ କରିଛି। ଯେଉଁଥିରେ ୨ଟି ସ୍ୱର୍ଣ୍ଣ, ୩ଟି ରୌପ୍ୟ ଓ ଗୋଟିଏ ବ୍ରୋଞ୍ଜ ପଦକ ରହିଛି। ପ୍ରଦ୍ୟୁମ୍ନ କୁମାର ବେହେରା ନାନ୍‌ଗୁନ୍ ବିଭାଗରେ ସ୍ୱର୍ଣ୍ଣପଦକ ଏବଂ ନାନ୍‌ଦାଓ ଓ ନାନ୍‌କ୍ୱାନ ବିଭାଗରେ ୨ଟି ରୌପ୍ୟ ପଦକ ଜିତିଛନ୍ତି। ଏଥିସହ ବ୍ୟକ୍ତିଗତଭାବେ ପ୍ରଦ୍ୟୁମ୍ନ ୩ଟି ପଦକ ହାସଲ କରିଛନ୍ତି। ସେହିଭଳି ଆକାଂକ୍ଷା ବାରିକ ଜିଆନ୍‌ସୁ ବର୍ଗରେ ସ୍ୱର୍ଣ୍ଣ ଓ ଚାଙ୍ଗ୍‌କ୍ୱାନ ବର୍ଗରେ ରୌପ୍ୟ ପଦକ ପାଇଛନ୍ତି। ଅନ୍ୟତମ ପଦକଟି ବ୍ରୋଞ୍ଜ ଭାବେ ପଲ୍ଲବୀ ସାମଲ ଗୁନ୍‌ସୁ ବର୍ଗରେ ଜିତିଛନ୍ତି। ଗୁରୁବାର ପର୍ଯ୍ୟନ୍ତ ଏହି ପ୍ରତିଯୋଗିତା ଅନୁଷ୍ଠିତ ହେବ। ଏଥିରେ ଓଡ଼ିଶାର ୮ ବାଳିକା ଓ ୯ ବାଳକ ପ୍ରତିଯୋଗୀ ଅଂଶଗ୍ରହଣ କରିଛନ୍ତି। ଖେଳାଳିଙ୍କ ଏହି ସଫଳତା ଲାଗି ଉଷୁ ଆସୋସିଏଶନ ଅଫ୍ ଓଡ଼ିଶାର ସଭାପତି ଇଂ ସୁଧାଂଶୁ ଶେଖର ହରିଚନ୍ଦନ ଅଭିନନ୍ଦନ ଜଣାଇଛନ୍ତି।

# ଅବସର ନେଲେ ଗମ୍ଭୀର

**ନୂଆଦିଲ୍ଲୀ, ୪।୧୨ (ପି.ଟି.)**



ଭାରତର ପୂର୍ବତନ ଓପନିଂ ବ୍ୟାଟ୍ସମ୍ୟାନ ଗୌତମ ଗମ୍ଭୀର କ୍ରିକେଟର ସମସ୍ତ ଫର୍ମାଟରୁ ମଙ୍ଗଳବାର ତାଙ୍କ ଅବସର ଘୋଷଣା କରିଛନ୍ତି। ୩୭ ବର୍ଷୀୟ ଦିଲ୍ଲୀର ଏହି ବ୍ୟାଟ୍ସମ୍ୟାନ ଟୁଇଟର ଜରିଆରେ ତାଙ୍କ ନିଷ୍ପତ୍ତି ଘୋଷଣା କରିଛନ୍ତି। ଖେଳରୁ ଅବସର ନେବା ସମୟ ଉପନୀତ ହୋଇଛି ବୋଲି ସେ କହିଛନ୍ତି। ୨୦୦୪ରୁ ୨୦୧୬ ମଧ୍ୟରେ ଗମ୍ଭୀର ୫୮ ଟେଷ୍ଟ ମ୍ୟାଚ ଖେଳିଛନ୍ତି। ୪୧.୯୫ ଆଭରେଜରେ ସେ ୪୧୫୪ ରନ ସଂଗ୍ରହ କରିଛନ୍ତି। ସେ ୯ ଶତକ ଏବଂ ୨୨ ଅର୍ଦ୍ଧ ଶତକହାସଲ କରିଛନ୍ତି। ସେ ଆହୁରି ମଧ ୨୦୦୩ରୁ ୨୦୧୩ ମଧ୍ୟରେ ୧୪୭ ଅନ୍ତର୍ଜାତୀୟ ଦିନିକିଆ ମ୍ୟାଚ ଖେଳିଛନ୍ତି। ଏହାଛଡ଼ା ସେ ୩୭ ଅନ୍ତର୍ଜାତୀୟ ଟି୨୦ ମ୍ୟାଚ ମଧ ଖେଳିଛନ୍ତି।

# ଲୁକା ମୋଡ୍ରିକ୍‌ଙ୍କୁ ବାଲନ ଡି'ଅର ପୁରସ୍କାର



**ପ୍ୟାରିସ, ୪।୧୨ (ଏଏଫ୍‌ପି):** କ୍ରୋଏସିଆର ଷ୍ଟାର ଫୁଟ୍‌ବଲ ଖେଳାଳି ଲୁକା ମୋଡ୍ରିକ୍ ଏଥର ସମ୍ମାନଜନକ ବାଲନ ଡି'ଅର ପୁରସ୍କାର ଜିତିଛନ୍ତି। ଦଶନ୍ଧି ଧରି କ୍ରିଷ୍ଟିଆନୋ ରୋନାଲ୍‌ଡୋ ଏବଂ ଲିଓନେଲ ମେସି ଏହି ପୁରସ୍କାରରେ ଆଧିପତ୍ୟ ବିସ୍ତାର କରି ଆସୁଥିଲେ। ଉଭୟ ଖେଳାଳି ୫ ଥର ଲେଖାଁଏ ଏହି ପୁରସ୍କାର ଲାଭ କରିସାରିଥିଲେ। ଏଥର ଜଣେ ନୂଆ ଖେଳାଳିଙ୍କୁ ଏହି ପୁରସ୍କାର ଦିଆଯାଇ ପାରେ ବୋଲି ଆଶା କରାଯାଉଥିଲା। ବାସ୍ତବିକ ତାହା ଘଟିଛି। ପ୍ୟାରିସଠାରେ ଆୟୋଜିତ ଏକ ଆଡମ୍ବରପୂର୍ଣ୍ଣ ଉତ୍ସବରେ ୩୩ ବର୍ଷୀୟ ମୋଡ୍ରିକ୍‌ଙ୍କୁ ବିଜେତା ଘୋଷଣା କରାଯାଇଛି। ରୋନାଲ୍‌ଡୋ ଦ୍ୱିତୀୟ ହୋଇଥିବାବେଳେ ଫ୍ରାନ୍ସ ଓ ଆଟ୍‌ଲେଟିକୋ ମାଡ୍ରିଡ ଷ୍ଟ୍ରାଇକର ଆଣ୍ଟୋନି ଗ୍ରିଜମ୍ୟାନ ପୋଡିୟମ ଫିନିଶ କରିଥିଲେ। ପ୍ୟାରିସ ସେଣ୍ଟ୍ ଜର୍ମେନର ସ୍ୱଳ୍ପ ବୟସ୍କ ଫରୱାର୍ଡ କିଲିଆନ ଏମ୍‌ବାପେ ଚତୁର୍ଥ ଏବଂ ମେସି ୫ମ ସ୍ଥାନରେ ରହିଥିଲେ। ଲିଭରପୁଲ୍‌ର ଇଜିପ୍‌ସିଆନ ଫରୱାର୍ଡ ମହମ୍ମଦ ସାଲାହଙ୍କ ପଛରେ ଅନ୍ୟ ଜଣେ ଫ୍ରେଞ୍ଚ୍ ଖେଳାଳି ମୋଡ୍ରିକ୍‌ଙ୍କ ମାଡ୍ରିଡ୍ ଟିମ୍‌ମେଟ୍ ରାଫାଲେ ଭାରାନେ ୭ମରେ ଥିଲେ। ପୁରସ୍କାର ଗ୍ରହଣ କରିବାପରେ ମୋଡ୍ରିକ୍ କହିଛନ୍ତି, ପିଲାଦିନେ ସମସ୍ତେ ସ୍ୱପ୍ନ ଦେଖିଥାନ୍ତି। ଏକ ବଡ଼ କ୍ଲବରେ ଖେଳିବା ଏବଂ ଗୁରୁତ୍ୱପୂର୍ଣ୍ଣ ଟ୍ରଫି ଜିତିବା ଲାଗି ମୁଁ ସ୍ୱପ୍ନ ଦେଖୁଥିଲି। ମୁଁ ଦିନେ ବାଲନ ଡି'ଅର ପୁରସ୍କାର ଜିତିପାରିବି ଏହା ମୋ କଳ୍ପନା ବାହାରେ ଥିଲା। ଏମ୍‌ବାପେ ଶ୍ରେଷ୍ଠ ଯୁବ ଖେଳାଳି ଭାବେ କୋପା ଟ୍ରଫି ଜିତିଥିଲେ। ଆଡମ୍ବରପୂର୍ଣ୍ଣ ଉତ୍ସବରେ ପ୍ରଥମ ଥର ଜଣେ ମହିଳା ଖେଳାଳିଙ୍କୁ ବାଲନ ଡି'ଅର ପୁରସ୍କାରରେ ସମ୍ମାନିତ କରାଯାଇଥିଲା। ସେ ହେଲେ ଲିୟନ'ର ନରୱେ ଷ୍ଟ୍ରାଇକର ଆଡା ହେଗରବର୍ଗ। ୨୦୦୬ରେ ଇଟାଲୀର ଫାବିଓ କାନାଭାରୋ (୩୩ବର୍ଷ)ଙ୍କ ପରେ ମୋଡ୍ରିକ୍ ସବୁଠାରୁ ବୟସ୍କ ଖେଳାଳି ହିସାବରେ ପୁରସ୍କାର ଜିତିଛନ୍ତି। ତାଙ୍କ ପ୍ରଦର୍ଶନ ସହାୟତାରେ ରିୟଲ ମାଡ୍ରିଡ ଚାମ୍ପିୟନ୍ସ ଲିଗ୍ ଟାଇଟଲ ବଜାୟ ରଖିପାରିଛି। ଏହାଛଡ଼ା ତାଙ୍କ ଦେଶ ଫୁଟ୍‌ବଲ ଇତିହାସରେ ପ୍ରଥମ ଥର ବିଶ୍ୱକପ୍ ଫାଇନାଲକୁ ଉନ୍ନୀତ ହୋଇପାରିଥିଲା। ଜୁଲାଇରେ ମସ୍କୋଠାରେ ଅନୁଷ୍ଠିତ ଫାଇନାଲରେ ଫ୍ରାନ୍ସ ନିକଟରୁ ୪–୨ ଗୋଲରେ କ୍ରୋଏସିଆ ପରାସ୍ତ ହୋଇଥିଲା।

ଧରିତ୍ରୀ DHARITRI
Hockey Quiz - 2018
Quiz No.8
QUESTIONS
୧. ଭାରତୀୟ ହକି ଦଳର ପ୍ରାୟୋଜକ କିଏ ?
୨. ୨୦୧୪ ବିଶ୍ୱକପ୍ କେଉଁଠାରେ ଖେଳାଯାଇଥିଲା ?
୩. ୨୦୧୪ ବିଶ୍ୱକପ୍‌ରେ ଭାରତୀୟ ଦଳ କେଉଁ ସ୍ଥାନରେ ଅଭିଯାନ ଶେଷ କରିଥିଲା ?
୪. କେଉଁ ଖେଳାଳିଙ୍କ ଗୋଡ଼ରେ ବଲ୍ ବାଜିଲେ ପେନାଲ୍ଟି କର୍ନର ଦିଆଯାଏ ନାହିଁ ?
୫. ପାକିସ୍ତାନ ଓ ଅଷ୍ଟ୍ରେଲିଆ ବ୍ୟତୀତ କେଉଁ ଦଳ ତିନିଥର ବିଶ୍ୱକପ୍ ଜିତିଛି ?
E-mail your answers to : dharitriquiz@gmail.com
Gift Partner oraimo smart accessories
20 Mega Prizes
30 Special Prizes
50 Consolation Prizes
Send your Name, Address, Contact Number, while sending entries
Selection will be from correct entries through lucky draw
Read Dharitri for announcement of result
Prize distribution date, time and venue will be intimated to the Winners individually
Terms & Conditions Apply
oraimo smart accessories
Keep Exploring
Smart accessories for a smart lifestyle.
in.oraimo.com
Oraimo accessories

# ଧରିତ୍ରୀ
DHARITRI

www.orissakhabar.com/ www.dharitri.com ପୃଷ୍ଠା:୧୪ Press Regd. No.ORIORI/2005/14845 Postal Regd. No. BN/42/18-20. Edition Phone (0663) 2522134, Editorial (0663) 2405816, Fax: (0663)2405616 ସମ୍ବଲପୁର, ବୁଧବାର, ଡିସେମ୍ବର ୫/୨୦୧୮ Sambalpur, Wednesday, December 5/ 2018


## ସଂକ୍ଷେପରେ



### ବରଗଡ଼ ଏସ୍‌ପିଙ୍କ ବଦାନ୍ୟତା ଆହତଙ୍କୁ ନିଜ ଭ୍ୟାନ୍‌ରେ ପଠାଇଲେ, ଲିଫ୍ଟ ମାଗି ଅଫିସ ଆସିଲେ

ବରଗଡ଼ ଅଫିସ୍,୪।୧୨: ବରଗଡ଼ ସହର ଉପକଣ୍ଠ ପଥର୍ଲା ଛକ ନୂଆ ରିଜର୍ଭ (ପୋଲିସ) ସମ୍ମୁଖ ୬ ନମ୍ବର ଜାତୀୟ ରାଜପଥରେ ମଙ୍ଗଳବାର ଅପରାହ୍ନ ପ୍ରାୟ ସାଢ଼େ ୩ଟାରେ ଏକ ଦୁର୍ଘଟଣା ଘଟିଥିଲା। ଏଥିରେ ଗୁରୁତର ୨ଜଣଙ୍କୁ ଏସ୍‌ପି ମୁକେଶ କୁମାର ଭାମୁ ଉଦ୍ଧାର କରି ନିଜ ଭ୍ୟାନରେ ଡାକ୍ତରଖାନା ପଠାଇବା ଏବଂ ନିଜେ ଏସପି ଲିଫ୍ଟ ମାଗି ଅନ୍ୟ ଗାଡ଼ିରେ ଅଫିସ୍ ଆସିବା ଘଟଣା ଏଠାରେ ଚର୍ଚ୍ଚାର ବିଷୟ ହୋଇଛି । ବରଗଡ଼ ଜିଲା ଅତାବିରା ଥାନା ରେଙ୍ଗାଲିକ୍ୟାମ୍ପର ଗଣେଶ ଭାଟି ଏବଂ ହେମନ୍ତ ଭୁଏ ଏକ ବାଇକ୍ ଯୋଗେ ବିଜେପୁର ଥାନା ଜାରିଂ ବଜାରକୁ ମେଣ୍ଢା କିଣିବାକୁ ଯାଇଥିଲେ । ସେଠାରେ କାମ ସାରି ଉଭୟେ ପୁଣି ବାଇକ୍ ଯୋଗେ ଘରକୁ ଫେରୁଥିଲେ । ବାଟରେ ପଥର୍ଲା ଛକର ନୂଆ ରିଜର୍ଭ ଆଗରେ କୌଣସି ଏକ ଗାଡ଼ି ସେମାନଙ୍କୁ ଧକ୍କା ଦେଇଥିଲା । ଫଳରେ ଉଭୟେ ସେଠାରେ ଗୁରୁତର ଅବସ୍ଥାରେ ପଡ଼ିଥିଲେ । ଏହି ସମୟରେ ଏସ୍‌ପି ଭାମୁ ଅଇଁଲାପାଲି ଫାୟାରିଂ ରେଞ୍ଜ୍‌ରୁ ଏକ ଭ୍ୟାନ୍ (ନଂ.ଓଡ଼ି୦୨ଏବି/୩୧୫୮) ଯୋଗେ ଅଫିସ୍‌କୁ ଫେରୁଥିଲେ। ଏହି ସମୟରେ ଦୁର୍ଘଟଣାସ୍ଥଳରେ ଆହତଦ୍ୱୟ ରାସ୍ତା ଉପରେ ପଡ଼ିଥିବାବେଳେ ଘଟଣାସ୍ଥଳଟି ଲୋକାରଣ୍ୟ ହୋଇ ପଡ଼ିଥିବା ସେ ଦେଖିଥିଲେ । ଏସ୍‌ପି ଭାମୁ ସେଠାରେ ନିଜ ଭ୍ୟାନ୍‌ରୁ ଓହ୍ଲାଇଥିଲେ ଏବଂ ରକ୍ତ ଜୁଡୁବୁଡୁ ଅବସ୍ଥାରେ ପଡ଼ିଥିବା ଆହତଙ୍କୁ ଉଦ୍ଧାର କରି ନିଜ ସୁରକ୍ଷାକର୍ମୀଙ୍କ ସହିତ ତାଙ୍କ ଭ୍ୟାନରେ ବରଗଡ଼ ଜିଲା ମୁଖ୍ୟ ଡାକ୍ତରଖାନାକୁ ପଠାଇଥିଲେ । ପରେ ଏସ୍‌ପି ଭାମୁ ଲିଫ୍ଟ ମାଗି ଅନ୍ୟ ଗାଡ଼ିରେ ଅଫିସ୍ ଆସିଥିଲେ ।

# ମୃତଦେହ କାନ୍ଧେଇ ଶ୍ମଶାନକୁ ନେଲେ ବିଡିଓ

ଖପ୍ରାଖୋଲ,୪।୧୨(ଡି.ଏନ୍.ଏ.)
ବର୍ତ୍ତମାନ ସମାଜ ଅନେକ କ୍ଷେତ୍ରରେ ପ୍ରଗତି କରିଥିଲେ ବି ବଞ୍ଚି ରହିଛି ଅନେକ କୁସଂସ୍କାର। ଏହାର ବଶବର୍ତ୍ତୀ ହୋଇ ଲୋକେ ମାନବିକତା ଭୁଲିଯାଉଛନ୍ତି। ବେଳେବେଳେ କୌଣସି ଅସହାୟ, ଅପରିଚିତ କିମ୍ବା ସାମାଜିକ ବାସନ୍ଦ ହୋଇଥିବା ବ୍ୟକ୍ତିଙ୍କ ମୃତଦେହ ଘଣ୍ଟା ଘଣ୍ଟା ପର୍ଯ୍ୟନ୍ତ ପଡ଼ି ରହିଲେ ବି ସଂସ୍କାର ପାଇଁ କେହି ଆଗକୁ ଆସୁନାହାନ୍ତି। ତେବେ ଖପ୍ରାଖୋଲ ବିଡିଓ ତରଣୀ ସୁନା ଜଣେ ଆଇନଜୀବୀ ଓ ଦୁଇ ସାମାଜିକ କର୍ମୀଙ୍କ ସହାୟତାରେ ଦୀର୍ଘ ୨ କିଲୋମିଟର ପର୍ଯ୍ୟନ୍ତ ମୃତଦେହ କାନ୍ଧେଇ ଶ୍ମଶାନକୁ ନେବା ଘଟଣା ଏଠାରେ ଚର୍ଚ୍ଚାର ବିଷୟ ପାଲଟିଛି। ଏହି କାର୍ଯ୍ୟ ପାଇଁ ବିଡିଓ ସୁନା ଢେର ପ୍ରଶଂସା ସାଉଣ୍ଟିଛନ୍ତି। ବଲାଙ୍ଗୀର ଜିଲା ଖପ୍ରାଖୋଲ ବ୍ଲକ ଧଣ୍ଡାମୁଣ୍ଡା ପଞ୍ଚାୟତ ବାଞ୍ଜିପାଲି ଗାଁରେ ମଙ୍ଗଳବାର ଏହି ଘଟଣା ଘଟିଛି।

ବାଞ୍ଜିପାଲି ଗାଁ ମୁଣ୍ଡରେ ଥିବା ଯାତ୍ରୀ ପ୍ରତୀକ୍ଷାଳୟରେ କିଛିଦିନ ହେଲା ମହାରାଷ୍ଟ୍ର ନାଗପୁର ଉମେଟ ଅଞ୍ଚଳର ଜଣେ ଅସହାୟ ବୃଦ୍ଧ ରହିଆସୁଥିଲେ। ସେ ଏହି ଅଞ୍ଚଳରେ ନାଥ ବାବା ନାମରେ ବେଶ୍ ପରିଚିତ ଥିଲେ। ତାଙ୍କୁ ୬୦ ବର୍ଷ ବୟସ ହୋଇଥିଲା। ସେ ଲୋକଙ୍କ ହାତ ଦେଖି ଭବିଷ୍ୟତ କହିବା ସହ ଭିକ୍ଷାବୃତ୍ତି କରି ଚଳୁଥିଲେ। ସପ୍ତାହ ହେଲା ନାଥ ବାବା ଅସୁସ୍ଥ ହୋଇପଡ଼ିଥିଲେ। ଗ୍ରାମବାସୀଙ୍କ କହିବା ଅନୁଯାୟୀ, ସୋମବାର ରାତିରେ ତାଙ୍କର ମୃତ୍ୟୁ ହୋଇଥିଲା। ହେଲେ ମୃତଦେହକୁ ସଂସ୍କାର ପାଇଁ ଶ୍ମଶାନଘାଟ ନେବାକୁ କେହି ରାଜି ହୋଇ ନ ଥିଲେ। ବିଡିଓ ସୁନା ଏ ସମ୍ପର୍କରେ ଗଣମାଧ୍ୟମ ପ୍ରତିନିଧିଙ୍କଠାରୁ ଖବର ପାଇ ମଙ୍ଗଳବାର ସକାଳ ୮ଟାରେ ବାଞ୍ଜିପାଲି ଗାଁରେ ପହଞ୍ଚିଥିଲେ। ନାଥ ବାବାଙ୍କ କେହି ଆତ୍ମୀୟ ଏଠାରେ ନ ଥିବାରୁ ମୃତଦେହ ସଂସ୍କାର ପାଇଁ ବିଡିଓ ଗ୍ରାମବାସୀ ତଥା ସ୍ଥାନୀୟ ଲୋକଙ୍କୁ ଅନୁରୋଧ କରିଥିଲେ। ହେଲେ ମୃତଦେହ କାନ୍ଧେଇବାକୁ ସମସ୍ତେ ଅମଙ୍ଗ ହୋଇଥିଲେ। ଫଳରେ ବିଡିଓ ନିଜେ ମୃତଦେହ ବୋହିବାକୁ ପ୍ରସ୍ତୁତ ହୋଇଥିଲେ। ପାଟଣାଗଡ଼ର ଆଇନଜୀବୀ ରାଣା ପ୍ରଧାନ, ସାମାଜିକ କର୍ମୀ ପ୍ରବୀଣ ପୁରୋହିତ, ଚତୁର୍ଭୁଜ କୁମ୍ଭାର ପ୍ରମୁଖଙ୍କ ସହାୟତାରେ ବିଡିଓ ସୁନା ମୃତଦେହକୁ କାନ୍ଧେଇ ଦୀର୍ଘ ୨ କିମି କଟଙ୍ଗିନାଳା ପଠାରେ ଥିବା ଶ୍ମଶାନକୁ ନେଇଥିଲେ। ମୃତଦେହ ପାଖରେ ଥିବା ଏକ କାଗଜରୁ ନାଥ ବାବାଙ୍କ ଦୂର ସମ୍ପର୍କୀୟଙ୍କୁ ଫୋନ କରିଯିବା ପରେ ସେମାନେ ବରଗଡ଼ ସୋହେଲାରୁ ଆସି ଅପରାହ୍ନରେ ଏଠାରେ ପହଞ୍ଚିଥିଲେ। ପରେ ତାଙ୍କର ଅନ୍ତିମ ସଂସ୍କାର କରାଯାଇଥିଲା। ଏହି ଅବସରରେ ଅନ୍ୟମାନଙ୍କ ମଧ୍ୟରେ ସମିତିସଭ୍ୟ ଶୋଭନମୟ ମିଶ୍ର, ୟୁସୁଫ୍ ମହମ୍ମଦ, ଶେଷ ପଟେଲ, ଅଭୟ ତ୍ରିପାଠୀ, ଭାଗବତିଆ ସାହୁ, ଶିବ ରଣା, ରୁଲୁ ବେହେରା ପ୍ରମୁଖ ଉପସ୍ଥିତ ଥିଲେ। ଜଣେ ବରିଷ୍ଠ ପ୍ରଶାସନିକ ଅଧିକାରୀ ମୃତଦେହ କାନ୍ଧେଇ ଯେଉଁ ମାନବିକତା ଦେଖାଇଛନ୍ତି ତାହାକୁ ଅଞ୍ଚଳର ବୁଦ୍ଧିଜୀବୀମାନେ ଢେର୍ ପ୍ରଶଂସା କରିଛନ୍ତି। ଏ ନେଇ ବିଡିଓ ସୁନା କୁହନ୍ତି, ପୂର୍ବରୁ ବହୁ ରୋଗୀଙ୍କୁ ଡାକ୍ତରଖାନା ନେଇଛି। ଆଜି ଜଣେ ଅସହାୟ ବୃଦ୍ଧଙ୍କ ମୃତଦେହକୁ କାନ୍ଧ ଦେଇଥିବାରୁ ବହୁତ ଆତ୍ମସନ୍ତୋଷ ମିଳିଛି।



ବିଡିଓ ତରଣୀ ସୁନା ଓ ଅନ୍ୟମାନେ ମୃତଦେହକୁ କାନ୍ଧେଇ ଶ୍ମଶାନକୁ ନେଉଛନ୍ତି।

■ଭିମସାର ଆନ୍ଦୋଳନକୁ ପୂରିଲା ୧୬ ଦିନ

# ମନ୍ତ୍ରୀଙ୍କୁ ଡାକ୍ତର, ରାଜ୍ୟପାଳଙ୍କୁ ଭେଟିଲେ ନିର୍ଦ୍ଦେଶକ

ସମ୍ବଲପୁର,୪।୧୨(ବ୍ୟୁରୋ)
ବୁର୍ଲା ଭିମସାରରେ ଜୁନିୟର ଡାକ୍ତରଙ୍କ ଆନ୍ଦୋଳନ ମଙ୍ଗଳବାର ୧୬ଦିନରେ ପହଞ୍ଚିଛି। ମଙ୍ଗଳବାର ଜୁନିୟର ଡାକ୍ତର ସଂଘ କର୍ମକର୍ତ୍ତାମାନେ ସ୍ୱାସ୍ଥ୍ୟମନ୍ତ୍ରୀ ପ୍ରତାପ ଜେନାଙ୍କ ସହ ଆଲୋଚନା କରିଛନ୍ତି। ସେମାନେ ନିର୍ଦ୍ଦେଶକ ଅଶ୍ୱିନୀ ପୂଜାହାରୀଙ୍କ ବିରୋଧରେ ଅଭିଯୋଗ କରିବା ସହ ପ୍ରମାଣ ଦାଖଲ କରିଛନ୍ତି। କିଛି ସମୟ ଆଲୋଚନା ପରେ ସେମାନେ ସମ୍ବଲପୁର ଫେରି ଆସିଛନ୍ତି। ବୁଧବାର ସାଧାରଣ ପରିଷଦ ବୈଠକ ପରେ ପରବର୍ତ୍ତୀ ପଦକ୍ଷେପ ଗ୍ରହଣ କରାଯିବ ବୋଲି ଜୁନିୟର ଡାକ୍ତର ସଂଘ ପକ୍ଷରୁ ସୂଚନା ଦିଆଯାଇଛି। ସେହିପରି ନିର୍ଦ୍ଦେଶକ ପୂଜାହାରୀ ରାଜ୍ୟପାଳ ଗଣେଶି ଲାଲଙ୍କୁ ଭେଟି ଆଲୋଚନା କରିଛନ୍ତି। ଭିମସାରର ବିଭିନ୍ନ ସମସ୍ୟା, ଆନ୍ଦୋଳନ ଓ ଜୁନିୟର ଡାକ୍ତରଙ୍କ ଦାବି ଉପରେ ଆଲୋଚନା ହୋଇଥିବା ପୂଜାହରୀ କହିଛନ୍ତି। ସୂଚନାଯୋଗ୍ୟ, ଭିମସାର ନିର୍ଦ୍ଦେଶକ ପୂଜାହାରୀଙ୍କ କାର୍ଯ୍ୟରେ ଅସନ୍ତୋଷ ପ୍ରକାଶ କରି ତାଙ୍କୁ ବହିଷ୍କାର ଦାବି ସହ ବିଭିନ୍ନ ସମସ୍ୟା ନେଇ ଜୁନିୟର ଡାକ୍ତରମାନେ ନଭେମ୍ବର ୧୭ରୁ ଆନ୍ଦୋଳନ କରୁଛନ୍ତି। ଅନ୍ୟପଟେ ଜୁନିୟର ଡାକ୍ତରଙ୍କ ସମସ୍ୟା ଉପରେ ନିର୍ଦ୍ଦେଶକ ପୂଜାହାରୀ ସରକାରଙ୍କୁ ଚିଠି ଲେଖିଛନ୍ତି। ଅଭିଯୋଗ ଉପରେ ସ୍ୱାସ୍ଥ୍ୟ ବିଭାଗ ଅତିରିକ୍ତ ସଚିବ ବିଭୂତି ଭୂଷଣ ଦାସ, ଶରତ ଚନ୍ଦ୍ର ମିଶ୍ର, ବିଭାଗୀୟ ନିର୍ଦ୍ଦେଶକ ହରପ୍ରସାଦ ପଟ୍ଟନାୟକ, ଉମାକାନ୍ତ ଶତପଥୀଙ୍କୁ ନେଇ ଗଠିତ ୪ଜଣିଆ ଟିମ୍ ଯାଞ୍ଚ କରି ଫେରିଥିଲେ। ନିର୍ଦ୍ଦେଶକ ପୂଜାହାରୀଙ୍କୁ ଭେଟି ଆଲୋଚନା କରିଥିଲେ। ପରେ ଏହି ଟିମ୍ ତୃତୀୟ ଓ ଚତୁର୍ଥ ଶ୍ରେଣୀ କର୍ମଚାରୀ, ନର୍ସିଂ ସଂଘକୁ ଭେଟି ସେମାନଙ୍କ ମତ ସଂଗ୍ରହ କରିଥିଲେ। ଭିମସାର ନିର୍ଦ୍ଦେଶକ ପୂଜାହାରୀ ଜୁନିୟର ଡାକ୍ତରଙ୍କ ବିରୋଧରେ କଡ଼ା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛନ୍ତି। ଶୃଙ୍ଖଳା କମିଟି ବୈଠକରେ ନିଷ୍ପତ୍ତି ହୋଇ ଜୁନିୟର ଡାକ୍ତରଙ୍କ ଉପରେ ନୋ ୱାର୍କ, ନୋ ପେ (କାମ ନାହିଁ ତ ଦରମା ନାହିଁ) ନିୟମ ଲାଗୁ କରାଯାଇଛି। ସେହିପରି କଲେଜ ଅଧକ୍ଷଙ୍କ ଜରିଆରେ ରାଜ୍ୟପାଳଙ୍କୁ ଜୁନିୟର ଡାକ୍ତରମାନେ ପତ୍ର ଲେଖିଛନ୍ତି। ଲୁଣ ଓ ଲେମ୍ବୁ ବ୍ୟବହାର କରି ଚିକତ୍ସା କରିବା ପାଇଁ ସେମାନେ ଆଇନଗତ ମଞ୍ଜୁରୀ ମାଗିଛନ୍ତି।

# ରାସ୍ତାରେ ଖଟି କଲେ ହେବ କାର୍ଯ୍ୟାନୁଷ୍ଠାନ

ସମ୍ବଲପୁର,୪।୧୨(ବ୍ୟୁରୋ)
ସମ୍ବଲପୁର ବୁର୍ଲା ଭିସୁଟର ରୋହିଣୀ ଛାତ୍ରୀନିବାସ ସମ୍ମୁଖରେ ଛାତ୍ରୀଛାତ୍ର ଖଟି କଲେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ଏ ନେଇ ହଷ୍ଟେଲ କର୍ତ୍ତୃପକ୍ଷ ନୋଟିସ ଜାରି କରି ଅବଗତ କରାଇଛନ୍ତି। ଏହି ନିର୍ଦ୍ଦେଶନାମା ସମସ୍ତ ହଷ୍ଟେଲରେ କାର୍ଯ୍ୟକାରୀ ହେବ ବୋଲି ନୋଟିସରେ କୁହାଯାଇଛି। ସୂଚନାଯୋଗ୍ୟ, ବୁର୍ଲା ମୁଖ୍ୟରାସ୍ତା କଡ଼ରେ ପ୍ରତିଦିନ ଛାତ୍ରୀଛାତ୍ରଙ୍କ ଖଟି ଜମିଥାଏ। ଫଳରେ ରାସ୍ତାରେ ଯିବାଆସିବା କରୁଥିବା ଲୋକେ ସମସ୍ୟାରେ ପଡ଼ିଥାନ୍ତି। ଏପରି କି ଯାନବାହାନ ଚଳାଚଳ ବାଧାପ୍ରାପ୍ତ ହୋଇ ଟ୍ରାଫିକ ସମସ୍ୟା ଉପୁଜିଥାଏ। ପିଲାମାନଙ୍କ ଭିଡ଼କୁ ଦେଖି ଏଠାରେ ଅନେକ ଖାଦ୍ୟ ସାମଗ୍ରୀ ରାସ୍ତା କଡ଼ରେ ଠେଲାରେ ବିକ୍ରି ହୋଇଥାଏ। ବିଭିନ୍ନ ସମୟରେ ଏହି ସ୍ଥାନରେ ଅପ୍ରୀତିକର ପରିସ୍ଥିତି ସୃଷ୍ଟି ହୋଇଛି। ଏ ନେଇ କେତେଜଣ ବୁଦ୍ଧିଜୀବୀ ଓ ସାମାଜିକ ଅନୁଷ୍ଠାନ କୁଳପତିଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। କୁଳପତି ପ୍ରଫେସର ଅଟଳ ଚୌଧୁରୀଙ୍କ ନିର୍ଦ୍ଦେଶକ୍ରମେ ସମସ୍ତ ହଷ୍ଟେଲରେ ଏହି ନିୟମ ପାଳନ କରିବାକୁ ୱାର୍ଡେନମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ଏହି ନିଷ୍ପତ୍ତିକୁ କେତେଜଣ ଛାତ୍ରୀଛାତ୍ର ସ୍ୱାଗତ କରିଥିବାବେଳେ କେତେଜଣ ଅସନ୍ତୋଷ ପ୍ରକାଶ କରିଛନ୍ତି।

■ଗୁଡ୍ ନ୍ୟୁଜ୍ ଇଣ୍ଡିଆରେ ଦୁଇଦିନିଆ ଯାଞ୍ଚ ଶେଷ

# ଝାରସୁଗୁଡ଼ା ବି ଆସୁଥିଲେ 'ଡାଡି'

ଝାରସୁଗୁଡ଼ା ଅଫିସ,୪।୧୨
ଢେଙ୍କାନାଳ ଜିଲା ବେଲଟିକିରିସ୍ଥିତ ଗୁଡ୍ ନ୍ୟୁଜ୍ ଇଣ୍ଡିଆର ଶେଲଟେର ହୋମ୍‌ରେ ଛାତ୍ରୀଙ୍କୁ ଯୌନ ଶୋଷଣ ଅଭିଯୋଗରେ ଏହାର ମୁଖ୍ୟ ଡ. ଫାୟଜ୍ ରେହେମାନ ଓରଫ ଡାଡି ଗିରଫ ହୋଇଛନ୍ତି। ଏହି ଘଟଣା ପରେ ସାରା ରାଜ୍ୟରେ ଥିବା ଗୁଡ୍ ନ୍ୟୁଜ୍ ଇଣ୍ଡିଆର ଡ୍ରିମ୍ ସେଣ୍ଟରଗୁଡ଼ିକ ଉପରେ ଚଢ଼ାଉ ଆରମ୍ଭ ହୋଇଛି। ଏହି ଚଢ଼ାଉ ବେଳେ ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ତଥ୍ୟ ଏବଂ ସୂଚନା ସାମ୍ନାକୁ ଆସୁଛି। ସୋମବାର ଏକ ୫ ଜଣିଆ ଟିମ୍ ଝାରସୁଗୁଡ଼ା ପଞ୍ଚପଡ଼ାସ୍ଥିତ ସଂସ୍ଥାର ଶାଖାରେ ଯାଞ୍ଚ କରିଥିଲେ। ମଙ୍ଗଳବାର ଯାଞ୍ଚ ଶେଷ ହୋଇଛି। ଢେଙ୍କାନାଳ ଘଟଣାର ମୁଖ୍ୟ ଅଭିଯୁକ୍ତ ଡାଡି ବିଭିନ୍ନ ସମୟରେ ଝାରସୁଗୁଡ଼ା ପଞ୍ଚପଡ଼ା ଶାଖାକୁ ଆସିଥିବା ତଦନ୍ତ ବେଳେ ସାମ୍ନାକୁ ଆସିଛି। ତଦନ୍ତକାରୀ ଟିମ୍‌ର ପଚରାଉଚୁରା ବେଳେ ଏହାର ଅନ୍ତେବାସୀ ଡାଡି ଆସିଥିବା କଥା କହିଛନ୍ତି। ତେବେ ଡ୍ରିମ୍ ସେଣ୍ଟରରେ ବାର୍ଷିକ କାର୍ଯ୍ୟକ୍ରମ, କୌଣସି ଉତ୍ସବ କିମ୍ବା ସ୍ୱତନ୍ତ୍ର କାର୍ଯ୍ୟକ୍ରମ ଆୟୋଜନ ହେଲେ ମୁଖ୍ୟଅତିଥି ଭାବେ ଯୋଗ ଦେଉଥିଲେ ଡାଡି। ଦିନେ କିମ୍ବା ଦୁଇଦିନ ରହି ଏଠାରୁ ଯାଉଥିଲେ। ତେବେ ଏହି ରହଣି ମଧ୍ୟରେ ଡାଡି କ'ଣ କରୁଥିଲେ, ତାହା ଏବେ ଅନ୍ଧାରରେ। କାରଣ ଏଠାରେ ୧୫୬ ଶିଶୁ, କିଶୋର ରହୁଥିଲେ ମଧ ସିସିଟିଭି ସ୍ଥାପନ କରାଯାଇ ନାହିଁ। ଅନ୍ୟପକ୍ଷରେ ତଦନ୍ତକାରୀ ଟିମ୍ ଯାଞ୍ଚ ରିପୋର୍ଟ ବୁଧବାର ଜିଲାପାଳଙ୍କୁ ପ୍ରଦାନ କରିବ। କିନ୍ତୁ ବିରୋଧୀଙ୍କ ହଙ୍ଗାମା ପରେ ଗୁଡ୍ ନ୍ୟୁଜ୍ ଇଣ୍ଡିଆର ବିଭିନ୍ନ ଶାଖାରେ ରହୁଥିବା ଛାତ୍ରୀଛାତ୍ରଙ୍କୁ ଘରକୁ ପଠାଇ ଦିଆଯାଉଛି। ସେହିକ୍ରମରେ ଝାରସୁଗୁଡ଼ା, ସୁନ୍ଦରଗଡ଼ ଏବଂ ସମ୍ବଲପୁର ଜିଲାରୁ ଆସି ଏଠାରେ ରହୁଥିବା ୧୫୬ ବାଳକ, ବାଳିକାଙ୍କ ମଧ୍ୟରୁ ମଙ୍ଗଳବାର ସୁଦ୍ଧା ୯୦ ଜଣ ଘରକୁ ଫେରିଛନ୍ତି। ଅବଶିଷ୍ଟ ବୁଧବାର ଯିବାପରେ ପରବର୍ତ୍ତୀ ପଦକ୍ଷେପ ଗ୍ରହଣ କରାଯିବ ବୋଲି ଜିଲା ଶିଶୁ ସୁରକ୍ଷା ଅଧିକାରୀ ସୁନନ୍ଦ ମହାରଣା ପ୍ରକାଶ କରିଛନ୍ତି। ଗୁଡ୍ ନ୍ୟୁଜ ଇଣ୍ଡିଆର ବିଭିନ୍ନ ଡ୍ରିମ୍ ସେଣ୍ଟରରେ ସେବା ନାମରେ ଧର୍ମାନ୍ତରୀକରଣକୁ ପ୍ରଶ୍ରୟ ଦିଆଯାଉଥିବା ଅଭିଯୋଗ ହେଉଛି। ତେଣୁ ତଦନ୍ତକାରୀ ଟିମ୍ ଏହି ଦିଗକୁ ଗୁରୁତର ସହ ବିଚାର କରି ତଦନ୍ତ କରିବାକୁ ଦାବି ହୋଇଛି।

# ମୁକୁଳିବେ ଅଭିଜିତ

## ମାମଲା ପ୍ରତ୍ୟାହାର ପାଇଁ ରାଜ୍ୟ ସରକାରଙ୍କ ନିଷ୍ପତ୍ତି

ଭୁବନେଶ୍ୱର, ୪।୧୨(ବ୍ୟୁରୋ)
ଶ୍ରୀମନ୍ଦିର, ସୂର୍ଯ୍ୟମନ୍ଦିର ଏବଂ ଓଡ଼ିଶା ସମ୍ପର୍କରେ ଅରୁଚିକର ମନ୍ତବ୍ୟ ଦେଇଥିବା ସାମ୍ବାଦିକ ଅଭିଜିତ ଆୟର ମିତ୍ରଙ୍କୁ ଆଶ୍ୱସ୍ତି ମିଳିଛି। ଅଭିଜିତଙ୍କ ସ୍ୱାସ୍ଥ୍ୟାବସ୍ଥା ବିଗୁଡୁଥିବାରୁ ତାଙ୍କୁ ମୁକ୍ତ କରିବା ସହ ମାମଲା ପ୍ରତ୍ୟାହାର ପାଇଁ ସେ ମୁଖ୍ୟମନ୍ତ୍ରୀ ଓ ମୁଖ୍ୟ ଶାସନ ସଚିବଙ୍କୁ ଗତ ୨୦ ତାରିଖରେ ଚିଠି ଲେଖିଥିଲେ। ଏହି ଚିଠି ଆଧାରରେ ଅଭିଜିତଙ୍କ ବିରୋଧରେ ଥିବା ମାମଲା ପ୍ରତ୍ୟାହାର କରିବା ସହ ଜେଲରୁ ମୁକ୍ତି ପାଇଁ ରାଜ୍ୟ ସରକାର ନିଷ୍ପତ୍ତି ନେଇଛନ୍ତି। ଏ ନେଇ ମଙ୍ଗଳବାର ଗୃହ ବିଭାଗ ପକ୍ଷରୁ ଏକ ବିଜ୍ଞପ୍ତି ପ୍ରକାଶ ପାଇଛି। ଅଭିଜିତ ଏହି ପ୍ରସଙ୍ଗରେ ପୂର୍ବରୁ ଗତ ନଭେମ୍ବର ୧୬ରେ ବିଧାନସଭା ଗୃହ କମିଟି ନିକଟରେ ହାଜର ହୋଇ କ୍ଷମାପ୍ରାର୍ଥନା କରିଥିଲେ। ସୂଚନା ଅନୁଯାୟୀ, ଅଭିଜିତଙ୍କ ସ୍ୱାସ୍ଥ୍ୟାବସ୍ଥା ବିଗୁଡୁଥିବାରୁ ତାଙ୍କୁ ମୁକ୍ତ କରିବା ପାଇଁ ସେ ଗତ ୨୦ ତାରିଖରେ ମୁଖ୍ୟମନ୍ତ୍ରୀ ଓ ମୁଖ୍ୟ ଶାସନ ସଚିବଙ୍କୁ ଚିଠି ଲେଖି ନିବେଦନ କରିଥିଲେ। କିନ୍ତୁ ଜେଲ ବିଭାଗ ଡିଆଇଜି ଚିଠିକୁ ଲୁଚାଇ ରଖିଥିଲେ। ଅଭିଜିତଙ୍କ ସ୍ୱାସ୍ଥ୍ୟାବସ୍ଥା ଖରାପ ହେବାରୁ ଭୟରେ ସେ ଚିଠିକୁ ଗୃହ ବିଭାଗକୁ ପଠାଇ ଦେଇଥିଲେ।

# ଶ୍ରୀମନ୍ଦିରରେ ଟିକେଟ ଦର୍ଶନ: ୧୫ ଦିନ ମଧ୍ୟରେ ପ୍ରସ୍ତୁତ ହେବ ବ୍ଲୁ ପ୍ରିଣ୍ଟ

**ଦର୍ଶନ ବ୍ୟବସ୍ଥାର ରୂପରେଖ ପାଇଁ ଗଠନ ହେଲା ସବ୍ କମିଟି**

ପୁରୀ ଅଫିସ, ୪।୧୨
ଖୁବ୍‌ଶୀଘ୍ର ଶ୍ରୀମନ୍ଦିରରେ ଆରମ୍ଭ ହେବାକୁ ଯାଉଛି ଟିକେଟ ଦର୍ଶନ ବ୍ୟବସ୍ଥା। ଏହି ବ୍ୟବସ୍ଥା ଆରମ୍ଭ ହେଲେ ଇଚ୍ଛୁକ ଦର୍ଶନାର୍ଥୀ ଟିକେଟ କରି ମହାପ୍ରଭୁଙ୍କୁ ଦର୍ଶନ କରିପାରିବେ। ଏହି ଟିକେଟ ଦୈନିକ କେତେ ସଂଖ୍ୟାରେ ବିକ୍ରି ହେବ, ଦାମ୍ କେତେ ରହିବ, କେଉଁ ସମୟରେ ଏହି ଦର୍ଶନ ମିଳିବ ସେ ନେଇ ମଙ୍ଗଳବାର ଶ୍ରୀମନ୍ଦିର କାର୍ଯ୍ୟାଳୟରେ ଏକ ବୈଠକ ବସିଥିଲା। କିନ୍ତୁ ଏ ନେଇ କୌଣସି ଚୂଡ଼ାନ୍ତ ନିଷ୍ପତ୍ତି ନିଆଯାଇନାହିଁ। ଟିକେଟ ଦର୍ଶନ ବ୍ୟବସ୍ଥାର ରୂପରେଖ କ'ଣ ରହିବ ସେଥିପାଇଁ ଏକ ସବ୍ କମିଟି ଗଠନ କରାଯାଇଛି। ଏହି କମିଟି ୧୫ ଦିନ ମଧ୍ୟରେ ଏହାର ବ୍ଲୁ ପ୍ରିଣ୍ଟ ପ୍ରସ୍ତୁତ କରି ଟିକେଟ ଦର୍ଶନ ପାଇଁ ଗଠିତ କମିଟିକୁ ଦେବ। ଏହାପରେ ଚୂଡ଼ାନ୍ତ ନିଷ୍ପତ୍ତି ନିଆଯିବ ବୋଲି ଜଣାପଡ଼ିଛି।

■ ମହିଳାଙ୍କ ପାଇଁ ୩୩ % ସ୍ଥାନ ସଂରକ୍ଷଣ ପ୍ରସଙ୍ଗ

# ପ୍ରଧାନମନ୍ତ୍ରୀଙ୍କୁ ଚିଠି ଲେଖିଲେ ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର,୪।୧୨(ବ୍ୟୁରୋ)



ମହିଳାଙ୍କୁ ସଶକ୍ତୀକରଣ କରିବାରେ ଓଡ଼ିଶା ଅଗ୍ରଣୀ ରାଜ୍ୟ। ପାର୍ଲାମେଣ୍ଟ ଏବଂ ରାଜ୍ୟ ବିଧାନସଭାଗୁଡ଼ିକରେ ମହିଳାଙ୍କ ପାଇଁ ୩୩ ପ୍ରତିଶତ ସ୍ଥାନ ସଂରକ୍ଷଣ ହେଉ। ଏହାକୁ ଆଇନରେ ପରିଣତ କରିବା ପାଇଁ କେନ୍ଦ୍ର ସରକାର ପଦକ୍ଷେପ ନିଅନ୍ତୁ। ଏଥିପାଇଁ ଓଡ଼ିଶା ସରକାରଙ୍କ ପୂର୍ଣ୍ଣ ସମର୍ଥନ ରହିବ। ଜାତିର ପିତା ମହାତ୍ମାଗାନ୍ଧୀଙ୍କ ୧୫୦ତମ ଜୟନ୍ତୀରେ ଏହା ପ୍ରକୃତ ଶ୍ରଦ୍ଧାଞ୍ଜଳି ହେବ ବୋଲି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ଚିଠି ଲେଖି କହିଛନ୍ତି।

ମୁଖ୍ୟମନ୍ତ୍ରୀ ମଙ୍ଗଳବାର ଲେଖିଥିବା ଉକ୍ତ ଚିଠିରେ ଉଲ୍ଲେଖ କରିଛନ୍ତି, ନବେ ଦଶକରେ ବିଜୁ ପଟ୍ଟନାୟକ ପଞ୍ଚାୟତ ଏବଂ ପୌରନିର୍ବାଚନରେ ମହିଳାଙ୍କ ପାଇଁ ୩୩ ପ୍ରତିଶତ ସ୍ଥାନ ସଂରକ୍ଷଣ କରିଥିଲେ। ଏହା ସହ ପୁରୁଷ ଏବଂ ମହିଳାଙ୍କ ପାଇଁ ସମାନ ମଜୁରି ବ୍ୟବସ୍ଥା ମଧ୍ୟ କରିଥିଲେ। ବିଜୁ ବାବୁଙ୍କ ଦ୍ୱାରା କରାଯାଇଥିବା ୩୩ ପ୍ରତିଶତ ସଂରକ୍ଷଣକୁ ରାଜ୍ୟ ସରକାର ୨୦୧୧ରେ ୫୦ ପ୍ରତିଶତକୁ ବୃଦ୍ଧି କରି ସାରିଛନ୍ତି। ନିକଟରେ ଓଡ଼ିଶା ବିଧାନସଭାରେ ମହିଳାଙ୍କୁ ପାର୍ଲାମେଣ୍ଟ ଏବଂ ବିଧାନସଭାଗୁଡ଼ିକରେ ୩୩ ପ୍ରତିଶତ ସଂରକ୍ଷଣ ପାଇଁ ସଂକଳ୍ପ ପ୍ରସ୍ତାବ ସର୍ବସମ୍ମତ ଭାବେ ଗୃହୀତ କରିଥିବା ନବୀନ ପଟ୍ଟନାୟକ କହିଛନ୍ତି।

ସେହିପରି ମହିଳାଙ୍କୁ ସଶକ୍ତୀକରଣ କରିବା ଅର୍ଥ ରାଷ୍ଟ୍ରକୁ ସଶକ୍ତୀକରଣ କରିବା। ମହିଳା ସଶକ୍ତୀକରଣ ବିନା କୌଣସି ରାଷ୍ଟ୍ର, ଘର, ସମାଜ ଏବଂ ରାଜ୍ୟ ଆଗକୁ ବଢ଼ିପାରିବ ନାହିଁ। ଲିଙ୍ଗଗତ ସମାନତା ଅଧିକାର ଉପରେ ଆମ ସମ୍ବିଧାନ ପର୍ଯ୍ୟବସିତ। ସମଗ୍ର ଜନସଂଖ୍ୟାର ୫୦ ପ୍ରତିଶତ ତଥା ମା' ଭଉଣୀମାନେ ସଶକ୍ତକରଣ ହେବା ଦ୍ୱାରା ରାଷ୍ଟ୍ରର ଦ୍ରୁତ ବିକାଶ ହେବ। ତେଣୁ ସେମାନଙ୍କୁ ନୀତି ପ୍ରଣୟନର ସର୍ବୋଚ୍ଚ ସ୍ଥାନ ଗୁଡ଼ିକରେ ୩୩ ପ୍ରତିଶତ ସଂରକ୍ଷଣ ପ୍ରଦାନ କରାଯିବା ଉପରେ ମୁଖ୍ୟମନ୍ତ୍ରୀ ଗୁରୁତ୍ୱାରୋପ କରିଛନ୍ତି।

■ରାଉରକେଲା ଆଇଜିଏଚ୍‌କୁ ସୁପର ସ୍ପେଶିଆଲିଟି ହେବା ପ୍ରସଙ୍ଗ

# ପିସିସି ପକ୍ଷରୁ ପିଏମ୍‌ଓକୁ ୨୦ ଲକ୍ଷ ଟଙ୍କାର ଚେକ୍ ପ୍ରଦାନ

ଭୁବନେଶ୍ୱର,୪।୧୨(ବ୍ୟୁରୋ)
ପ୍ରଦେଶ କଂଗ୍ରେସ କମିଟି(ପିସିସି) ସଭାପତି ନିରଞ୍ଜନ ପଟ୍ଟନାୟକଙ୍କ ନେତୃତ୍ୱରେ ଏକ ପ୍ରତିନିଧିଦଳ ମଙ୍ଗଳବାର ପ୍ରଧାନମନ୍ତ୍ରୀଙ୍କ କାର୍ଯ୍ୟାଳୟ(ପିଏମ୍‌ଓ) ଗସ୍ତ କରି ରାଉରକେଲାସ୍ଥିତ ଆଇଜିଏଚ୍‌କୁ ଏକ ସୁପର ସ୍ପେଶିଆଲିଟି ହସ୍‌ପିଟାଲରେ ପରିଣତ କରିବାକୁ ଦାବି ଜଣାଇଛନ୍ତି। ଏସଂକ୍ରାନ୍ତରେ ରାଉରକେଲା ଯୁବକ ମୁକ୍ତିକାନ୍ତ ବିଶ୍ୱାଳ ପୂର୍ବରୁ ପାଦରେ ଚାଲିଚାଲି ଦିଲ୍ଲୀ ଗସ୍ତ କରିଥିଲେ। ହେଲେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ସମୟ ମାଗି ମଧ୍ୟ ଭେଟି ପାରି ନ ଥିଲେ। ଆଗ୍ରାଠାରେ ଆହତ ହେବା ପରେ କଂଗ୍ରେସ ଅଧ୍ୟକ୍ଷ ରାହୁଲ ଗାନ୍ଧୀ ମୁକ୍ତିକାନ୍ତଙ୍କୁ ନୈତିକ ସମର୍ଥନ ଜଣାଇଥିଲେ। ପରେ କଂଗ୍ରେସ ପକ୍ଷରୁ ଅନ୍‌ଲାଇନରେ କ୍ରାଉଡ ଫଣ୍ଡିଂ ଜରିଆରେ ପ୍ରାୟ ୨୦,୨୦,୫୦୪ ଟଙ୍କା ସଂଗ୍ରହ କରାଯାଇଥିଲା। ଏହି ରାଶିକୁ ଚେକ୍ ଆକାରରେ କଂଗ୍ରେସ ପ୍ରତିନିଧି ଦଳ ପିଏମ୍‌ଓକୁ ପ୍ରଦାନ କରିଛନ୍ତି। ପିସିସି ଗଣମାଧ୍ୟମ ପ୍ରମୁଖ ସତ୍ୟପ୍ରକାଶ ନାୟକ କହିଛନ୍ତି ଯେ, କଥା ଦେଇ ଭୁଲି ଯିବା ମୋଦିଙ୍କର ନିତିଦିନିଆ ଅଭ୍ୟାସ। ଆଶା କରେ ଏହି ୨୦ ଲକ୍ଷ ଟଙ୍କାର ଚେକ୍ ରାଉରକେଲାବାସୀଙ୍କ ପ୍ରତି ତାଙ୍କର ପ୍ରତିଶ୍ରୁତିକୁ ମନେ ପକାଇଦେବ। ସେହିପରି ଆଗୁଆ ପ୍ରାର୍ଥୀ ଘୋଷଣା ସମ୍ପର୍କରେ ମତ ରଖିଛନ୍ତି ପିସିସି ସଭାପତି ନିରଞ୍ଜନ ପଟ୍ଟନାୟକ। ସେ କହିଛନ୍ତି ଯେ, ୫ଟି ରାଜ୍ୟର ବିଧାନସଭା ନିର୍ବାଚନ ଚାଲୁଅଛି। କିଛିଦିନ ପରେ ଏହି ପ୍ରକ୍ରିୟା ସମାପ୍ତ ହେବା ସହ ଗଣତି ହେବ। ଉକ୍ତ ରାଜ୍ୟର ଫଳାଫଳ ଘୋଷଣା ପରେ ଏଆଇସିସି ଅନୁମୋଦନ କ୍ରମେ ଆଗୁଆ ପ୍ରାର୍ଥୀ ତାଲିକା ଘୋଷଣା କରାଯିବ।






# 'ନାବାଳିକା ନିକାହରେ ହୋଇଛି ଷଡ଼ଯନ୍ତ୍ର'

ସମ୍ବଲପୁର,୪।୧୨(ବ୍ୟୁରୋ)
ସମ୍ବଲପୁର ଆଲା ହଜରତ ୱେଲଫେୟାର କମିଟି ପକ୍ଷରୁ ଡିସେମ୍ବର ୨ତାରିଖ ସାମୂହିକ ନିକାହ (ବିବାହ) କରାଯାଇଥିଲା। ନାବାଳିକାମାନଙ୍କୁ ଜୋରଜବରଦସ୍ତ ନିକାହ କରାଯାଉଥିବା ଅଭିଯୋଗ ପାଇ ପ୍ରଶାସନ ଚଢ଼ାଉ କରିଥିଲା। ୫ ନାବାଳିକା ଓ ଜଣେ ନାବାଳକ ନିକାହ କରୁଥିବା ପ୍ରଶାସନ ଜାଣିବାକୁ ପାଇଥିଲା ଓ ନିକାହ ବନ୍ଦ କରିଥିଲା। ଅତିରିକ୍ତ ଜିଲାପାଳ ଅଜୟ ଜେନା ଓ ଡିସିପିଓ ସୁଚୀସ୍ମିତା ପଟ୍ଟନାୟକ ଘଟଣାର ତଦନ୍ତ କରି ରିପୋର୍ଟ ଦେବା ପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଜିଲାପାଳ ସମର୍ଥ ବର୍ମା କହିଥିଲେ। ହେଲେ ୨ଦିନ ବିତିଯାଇଥିଲେ ମଧ୍ୟ ଆୟୋଜକ କମିଟି, ନକଲି ଆଧାରକାର୍ଡ ତିଆରି କରିଥିବା ବ୍ୟକ୍ତିଙ୍କ ବିରୋଧରେ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇ ନାହିଁ। ଏହାକୁ ନେଇ ଜିଲାରେ ବିଭିନ୍ନ ରାଜନୈତିକ ଦଳ ଓ ଅନୁଷ୍ଠାନ ପକ୍ଷରୁ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି। ଜିଲା ଭାଜପା ଯୁବମୋର୍ଚ୍ଚା କର୍ମକର୍ତ୍ତା ସୋମବାର ଜିଲାପାଳ ବର୍ମାଙ୍କୁ ଭେଟି ଦାବିପତ୍ର ପ୍ରଦାନ କରିଥିବାବେଳେ ମଙ୍ଗଳବାର ଜିଲା ଭାଜପା ପକ୍ଷରୁ ଏସ୍‌ପି ସଞ୍ଜୀବ ଆରୋରାଙ୍କୁ ଏ ନେଇ ଦାବିପତ୍ର ପ୍ରଦାନ କରାଯାଇଛି। ଅଭିଯୋଗକ୍ରମେ,



ସମ୍ବଲପୁର ଏସ୍‌ପି ଅଫିସକୁ ଜିଲା ଭାଜପା କର୍ମକର୍ତ୍ତାମାନେ ଅଭିଯୋଗ କରିବାକୁ ଆସିଛନ୍ତି।

ଜଣେ ବ୍ୟକ୍ତି ନାବାଳିକା ନିକାହ ସମ୍ପର୍କରେ ଡିସିପିଓ ପଟ୍ଟନାୟକଙ୍କୁ ଜଣାଇଥିଲେ। ଆୟୋଜକ କମିଟିର ଶାସକ ଦଳ ସହିତ ସମ୍ପୃକ୍ତି ଥିବାରୁ ଡିସିପିଓ ଅଭିଯୋଗ ସମ୍ପର୍କରେ ରାତିଅଧିଆ କମିଟିକୁ ଜଣାଇ ଦେଇଥିଲେ। ଏଥିରୁ ବର୍ତ୍ତିବା ପାଇଁ ନିକାହ କରୁଥିବା ନାବାଳିକା, ନାବାଳକଙ୍କ ନକଲି ଆଧାରକାର୍ଡ ପ୍ରସ୍ତୁତ କରାଯାଇଥିଲା। ଆଧାରକାର୍ଡଗୁଡ଼ିକ ନକଲି ଥିଲା ବୋଲି ତଦନ୍ତ ସମୟରେ ସ୍ପଷ୍ଟ ହୋଇଛି। ହେଲେ ନକଲି ଆଧାରକାର୍ଡ ତିଆରି କରିଥିବା ବ୍ୟକ୍ତିଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ହୋଇନାହିଁ। ଅନ୍ୟପଟେ ଏଭଳି ନକଲି ଅଧାରକାର୍ଡ ଓ ଭୋଟର ପରିଚୟପତ୍ର ତିଆରି କରି ଅନେକ ବାଂଲାଦେଶୀ ଅନୁପ୍ରବେଶ

■ଆଇନଗତ କାର୍ଯ୍ୟାନୁଷ୍ଠାନ ଦାବିକଲା ଭାଜପା

■ଭୟରେ ଅଭିଯୋଗକୁ ଲିକ୍ କରିଥିଲେ ଡିସିପିଓ

■ଆତଙ୍କବାଦୀ ଲିଙ୍କ, ନକଲି ଆଧାରକାର୍ଡ ତିଆରି

କରୁଛନ୍ତି। ଘଟଣାର ଆତଙ୍କବାଦୀ ସହ ଲିଙ୍କ ମଧ୍ୟ ଥାଇପାରେ ବୋଲି ଭାଜପା ସନ୍ଦେହ ବ୍ୟକ୍ତ କରିଛି। ଡିସିପିଓ ପଟ୍ଟନାୟକ ଏହି ଘଟଣା ସମ୍ପର୍କରେ ପୂର୍ବରୁ ଅବଗତ ଥିବା ମଧ୍ୟ ସନ୍ଦେହ କରାଯାଉଛି। ସେ କମିଟିକୁ ପୂର୍ବରୁ ସୂଚନା ଦେଇ କାର୍ଯ୍ୟରେ ଦାୟିତ୍ୱହୀନତା ପ୍ରତିପାଦନ କରିଛନ୍ତି। ତେଣୁ ତାଙ୍କୁ ବହିଷ୍କାର କରାଯାଉ ବୋଲି ଜିଲା ଭାଜପା ଦାବି କରିଛି। ଏପରି କି ବିଗତ ବର୍ଷଗୁଡ଼ିକର ବିବାହ ରେକର୍ଡ ଯାଞ୍ଚ କଲେ କେତେଜଣ ନାବାଳିକା, ନାବାଳକ ବିବାହ କରିଥିବା ପଦାକୁ ଆସିବ। ସାମୂହିକ ବିବାହ ନାମରେ ରାଜନୈତିକ ଷଡ଼ଯନ୍ତ୍ର କରାଯାଉଛି। ଏଥିପାଇଁ ଅନେକ ଘରୋଇ ଅନୁଷ୍ଠାନ ଓ ବିଭିନ୍ନ ବଦାନ୍ୟ ବ୍ୟକ୍ତିଙ୍କଠାରୁ ଚାନ୍ଦା ଆଦାୟ କରାଯାଉଛି। ଯାହାକି ତଦନ୍ତ ସାପେକ୍ଷ। ବିନା ଅନୁମତିରେ ନିକାହର ନିମନ୍ତ୍ରଣପତ୍ରରେ ଅନେକ ମନ୍ତ୍ରୀ, ନେତା ଓ ପ୍ରଶାସନିକ ଅଧିକାରୀ, ଆପରାଧିକ ମାମଲା ଥିବା ବ୍ୟକ୍ତିଙ୍କ ନାମ ରହିଛି, ଯାହା ଅତ୍ୟନ୍ତ ନିନ୍ଦନୀୟ। ଏପରି କି ଅତିରିକ୍ତ ଜିଲାପାଳ ଜେନା ଓ ଡିସିପିଓ ପଟ୍ଟନାୟକଙ୍କ ଦ୍ୱାରା ତଦନ୍ତର ନିରପେକ୍ଷତାକୁ ନେଇ ମଧ୍ୟ ସନ୍ଦେହ ଉପୁଜିଛି। ତେଣୁ ଏହାର ଉଚ୍ଚସ୍ତରୀୟ ତଦନ୍ତ କରିବାକୁ ଭାଜପା ଦାବି କରିଛି। ଗିରିଜା ସାହୁ, କୃଷ୍ଣ ଗୋପାଳ ମହାକୁଡ଼, ଶିବ ଅଗ୍ରୱାଲ, ନାଉରୀ ନାଏକ, ଗିରୀଶ ପଟେଲ, ଫଣିଭୂଷଣ ମିଶ୍ର, ଶିବଶମ୍ଭୁ ଯାଦବ, ରୂପେଶ କୌର ପ୍ରମୁଖ ଦାବିପତ୍ର ପ୍ରଦାନ ବେଳେ ଉପସ୍ଥିତ ଥିଲେ।


Printed and Published by Tathagata Satpathy on behalf of Navajat Printers & Media Pvt. Ltd.& Printed at Navajat Printers, B/4, Bareipali, Sambalpur, Editor - Tathagata Satpathy ସମ୍ପାଦକ-ତଥାଗତ ସତପଥୀ



ଅଗ୍ନି ଶୁଖିଲା ଘାସକୁ ପୋଡ଼ି ପାଉଁଶ କରିଦେଲା ପରି
ଭଗବାନଙ୍କ ନାମ ସ୍ମରଣ ସକଳ ପାପକୁ ନାଶ କରିଦିଏ।
- ସନ୍ଥ ତୁଳସୀ ଦାସ



## ସଂକ୍ଷେପରେ

### ୧୦ ପ୍ରକଳ୍ପ ଉଦ୍‌ଘାଟନ, ୧୨ପ୍ରକଳ୍ପର ଶିଳାନ୍ୟାସ

**ସିଂଘିଯୁବା, ୪।୧୨(ଡି.ଏନ୍.ଏ.):** ସୁବର୍ଣ୍ଣପୁର ଜିଲା ବିନିକା ବିଜ୍ଞାପିତ ଅଞ୍ଚଳରେ ୧୦ପ୍ରକଳ୍ପର ଉଦ୍‌ଘାଟନ ଓ ୧୨ ପ୍ରକଳ୍ପ ପାଇଁ ଶିଳାନ୍ୟାସ ରାଜ୍ୟ ଜଳସମ୍ପଦ ମନ୍ତ୍ରୀ ନିରଞ୍ଜନ ପୂଜାରୀ, ବଲାଙ୍ଗୀର ଏମପି କଲିକେଶ ନାରାୟଣ ସିଂଦେଓ ଓ ବୀରମହାରାଜପୁର ବିଧାୟକ ପଦ୍ମନାଭ ବେହେରାଙ୍କ ଦ୍ୱାରା ହୋଇଛି। ଏହି କାର୍ଯ୍ୟକ୍ରମରେ ବିନିକା ବ୍ଲକ୍ ଅଧ୍ୟକ୍ଷ ଅଶୋକ ନନ୍ଦ, ବିନିକା ବିଜ୍ଞାପିତ ପରିଷଦ ଅଧ୍ୟକ୍ଷା ମମତା ମିଶ୍ର, ଏନ୍‌ଏସି ଉପାଧ୍ୟକ୍ଷା ତପସ୍ୱିନୀ ମେହେର, କାର୍ଯ୍ୟନିର୍ବାହୀ ଅଧିକାରୀ ଦୁଃଖିରାମ ନାୟକ ଉପସ୍ଥିତ ଥିଲେ। ସମସ୍ତ କାର୍ଯ୍ୟକ୍ରମରେ ବିଜେଡି ନେତା ମନୋରଞ୍ଜନ ମିଶ୍ର, ଭୀମସେନ ସାହୁ, ବିନିକା ବିଜେଡି ନଗର ସଭାପତି ସୋମନାଥ ମିଶ୍ର, କୃଷ୍ଣଚନ୍ଦ୍ର ପଣ୍ଡା, ଆଇନଜୀବୀ ସୁଧାଂଶୁ ଶେଖର ଦାଶ, ସୂର୍ଯ୍ୟନାରାୟଣ ସାହୁ ପ୍ରମୁଖ ଉପସ୍ଥିତ ଥିଲେ। ଏଥିସହ ୩୬ ହିତାଧିକାରୀଙ୍କୁ ବିକଳାଙ୍ଗ, ବିଧବା ଏବଂ ବାର୍ଦ୍ଧକ୍ୟ ଭତ୍ତା ଏବଂ ବିନିକା ସହର ବିଜୁ ବାହିନୀଙ୍କୁ ଖେଳ ସାମଗ୍ରୀ ବଣ୍ଟନ କରାଯାଇଥିଲା।

### ମୃତ ଚାଷୀଙ୍କ ପରିବାରକୁ କ୍ଷତିପୂରଣ ଦାବି: ଭାଜପାର ବିକ୍ଷୋଭ

**ସିଂଘିଯୁବା, ୪।୧୨(ଡି.ଏନ୍.ଏ.):** ବିନିକା ତହସିଲ ସମ୍ମୁଖରେ ମଙ୍ଗଳବାର ଭାଜପା କୃଷକ ମୋର୍ଚ୍ଚା ବିନିକା ପକ୍ଷରୁ ବିକ୍ଷୋଭ କରାଯାଇଥିଲା। ଫସଲହାନୀ ଯୋଗୁଁ ଆତ୍ମହତ୍ୟା କରିଥିବା ବିନିକା ବ୍ଲକ୍ ବଲାରଙ୍ଗା ଗ୍ରାମର ରାମଚନ୍ଦ୍ର ସେଠ୍ ଏବଂ ସିଂଘିଯୁବା ଗ୍ରାମର ଭୁତୁଲୁ କର୍ଣ୍ଣଙ୍କ ପରିବାରକୁ କ୍ଷତିପୂରଣ ଯୋଗାଇ ଦେବାକୁ ଏହି ଅବସରରେ ଦାବି କରାଯାଇଥିଲା। ସେମାନଙ୍କ ଅଭିଯୋଗ କ୍ରମେ ରାଜସ୍ୱ ବିଭାଗ ଏବଂ କୃଷିବିଭାଗ ତରଫରୁ ମୃତ ଚାଷୀଙ୍କ ଧାନ ଫସଲର କ୍ଷୟକ୍ଷତି ଆକଳନ କରାଗଲା। ମାତ୍ର ଦିନ ଗଡି ଚାଲିଥିଲେ ବି ମୃତ ଚାଷୀଙ୍କ ପରିବାରକୁ ସରକାରୀ ଅନୁକମ୍ପାମୂଳକ ଅର୍ଥରାଶି ପ୍ରଦାନରେ ଉଭୟ ବିଭାଗ ବିଳମ୍ବ କରୁଛି। ତେଣୁ ଅବିଳମ୍ବେ ଆତ୍ମହତ୍ୟା କରିଥିବା ଉଭୟ ଚାଷୀଙ୍କ ପରିବାରକୁ ସହାୟତା ରାଶି ଯୋଗାଇ ଦେବାକୁ ତହସିଲଦାରଙ୍କ ଜରିଆରେ ରାଜ୍ୟ ସରକାରଙ୍କ ଉଦ୍ଦେଶ୍ୟରେ ଭାଜପା ପକ୍ଷରୁ ଏକ ଦାବିପତ୍ର ପ୍ରଦାନ କରାଯାଇଥିଲା। ଆଗାମୀ ୭ ଦିନ ମଧ୍ୟରେ ସହାୟତା ରାଶି ଯୋଗାଇ ନ ଦେଲେ ଦଳ ପକ୍ଷରୁ ଗଣ ଆନ୍ଦୋଳନ କରାଯିବ ବୋଲି ଚେତାବନୀ ଦିଆଯାଇଛି। ବିକ୍ଷୋଭ ଓ ପ୍ରତିବାଦ ସଭାରେ ଭାଜପା କେନ୍ଦ୍ରୀୟ କୃଷକ ମୋର୍ଚ୍ଚା ଉପସଭାପତି ମହେଶ୍ୱର ସାହୁ, ରାଜ୍ୟ କୃଷକ ମୋର୍ଚ୍ଚା ସଭାପତି ଶିବାଜୀ ମହାନ୍ତି, ଜିଲା କୃଷକ ମୋର୍ଚ୍ଚା ସଭାପତି କରମଚାନ୍ଦ ମହାନ୍ତି, ପୂର୍ବତନ ଏମପି ସଙ୍ଗୀତା ସିଂଦେଓ, ଜିଲା ଭାଜପା ସଭାପତି ବିଜୟ ମହାକୁର, ଭାଜପା ସାଧାରଣ ସମ୍ପାଦକ ମହେନ୍ଦ୍ର ମହାନନ୍ଦ, ଜିଲା ପରିଷଦ ଅଧ୍ୟକ୍ଷା ଉଷା କୁମାରୀ, ଜିଲା ପରିଷଦ ସଭ୍ୟ ସୁଶାନ୍ତ ପଣ୍ଡା, ରୋହିଣୀ ଡାଙ୍ଗ, ବରିଷ୍ଠ ନେତା ଅଶୋକ ପୂଜାରୀ, କିଶୋର ହୋତା, ଅଶୋକ ପୃଷ୍ଟି, ବିନିକା ଭାଜପା ନଗର ସଭାପତି ପୂର୍ଣ୍ଣଚନ୍ଦ୍ର ବହିଦାର, ଜିଲା ମହିଳା ମୋର୍ଚ୍ଚା ସଭାନେତ୍ରୀ ଗାୟତ୍ରୀ ପାଣିଗ୍ରାହୀ, ଭାଜପା ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଆନନ୍ଦ ବାରିକ, ବଳଦେବ ବେଦବାଗ ପ୍ରମୁଖ ସାମିଲ ଥିଲେ।

ବୀରମହାରାଜପୁର କଲେଜରେ ଓଡ଼ିଆ ଭାଷା ସାହିତ୍ୟ ସଂପାନ

# ଲୋକଗୀତରେ ଲୁଚିରହିଛି ମଣିଷ ଜୀବନର ଗୁଢତତ୍ତ୍ୱ

**ବୀରମହାରାଜପୁର, ୪।୧୨(ଡି.ଏନ୍.ଏ.)**

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ମହାବିଦ୍ୟାଳୟ ଓଡିଆ ଭାଷା ସାହିତ୍ୟ ବିଭାଗ ଆନୁକୂଲ୍ୟରେ ମଙ୍ଗଳବାର 'ଓଡିଆ ଲୋକଗୀତ: ଏକ ବିହଙ୍ଗାବଲୋକନ' ଶୀର୍ଷକ ସଂପାନ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଧମାସ୍ଥିତ ମା' ଖାଡେଶ୍ୱରୀ ମହାବିଦ୍ୟାଳୟର ଓଡିଆ ଅଧ୍ୟାପକ ଡ. ସିଦ୍ଧାର୍ଥ କୁମାର ପଣ୍ଡା ମୁଖ୍ୟ ଆଲୋଚକ ଏବଂ ଆଞ୍ଚଳିକ ଡିଗ୍ରୀ ମହାବିଦ୍ୟାଳୟ କୁସଙ୍ଗର ଓଡିଆ ଅଧ୍ୟାପକ ଡ. ଅଜିତ କୁମାର ଭୋଇ ଅନ୍ୟତମ ଆଲୋଚକଭାବେ ଯୋଗଦେଇ ଏହି ପ୍ରସଙ୍ଗରେ ମତ ପ୍ରକାଶ କରିଥଲେ ଯେ ଲୋକଗୀତରେ ହିଁ ମଣିଷ ଜୀବନର ପ୍ରତ୍ୟକ୍ଷ ପରିପ୍ରକାଶ ହୋଇଥାଏ। କଲେଜ ଅଧ୍ୟକ୍ଷ ମୁରଲୀଧର ହୋତାଙ୍କ ପୌରୋହିତ୍ୟରେ ଉକ୍ତ ସଂପାନ ଆୟୋଜିତ ହୋଇଥିବା ବେଳେ ଅଧ୍ୟାପକ ପ୍ରକାଶ କୁମାର ସେଠ୍ କାର୍ଯ୍ୟକ୍ରମ ସଂଯୋଜନା କରିଥଲେ। ପ୍ରାରମ୍ଭରେ ବରିଷ୍ଠ ଅଧ୍ୟାପକ ସୂର୍ଯ୍ୟ ନାରାୟଣ ପଣ୍ଡା ସ୍ୱାଗତ ଭାଷଣ ଓ ଅଧ୍ୟାପକ ସଞ୍ଜୟ ପଧାନ ସଂପାନର ଉଦ୍ଦେଶ୍ୟ ଜ୍ଞାପନ କରିଥଲେ। ଇଂରାଜୀ ବିଭାଗର ମୁଖ୍ୟ ଅଧ୍ୟାପକ ବିଜୟ କୁମାର ପୁରୋହିତ ମଧ୍ୟ ସଂପାନର ଆଲୋଚନାରେ ଭାଗ ନେଇଥିଲେ। ବିଦ୍ୟାର୍ଥୀମାନଙ୍କ ମଧ୍ୟରୁ ରଶ୍ମିତା ମେହେର, ପ୍ରଭାତୀ ପଧାନ ଓ ରୋଜି କର୍ମୀ ସନ୍ଦର୍ଭ ପାଠ କରିଥଲେ। ଶେଷରେ ଅଧ୍ୟାପିକା ଯାମିନୀ ଦାଶ ଧନ୍ୟବାଦ ଅର୍ପଣ କରିଥିଲେ। ଉକ୍ତ କାର୍ଯ୍ୟକ୍ରମରେ କଲେଜର ସମସ୍ତ ଅଧ୍ୟାପିକା,ଅଧ୍ୟାପକ ଓ କର୍ମଚାରୀଙ୍କ ସହ ବହୁ ଛାତ୍ରୀଛାତ୍ର ଉପସ୍ଥିତ ଥିଲେ।




ସଂପାନରେ ଜଣେ ଛାତ୍ରୀ ସନ୍ଦର୍ଭ ଉପସ୍ଥାପନ କରୁଛନ୍ତି।

## ଡିଗ୍ରୀ ମହାବିଦ୍ୟାଳୟରେ ଚକ୍ଷୁ ପରୀକ୍ଷା ଶିବିର

**ଡୁଙ୍ଗୁରିପାଲି, ୪।୧୨(ଡି.ଏନ.ଏ.)**

ସୁବର୍ଣ୍ଣପୁର ଜିଲା ଡୁଙ୍ଗୁରିପାଲି ଡିଗ୍ରୀ ମହାବିଦ୍ୟାଳୟ ଯୁବ ରେଡ କ୍ରସ ବିଭାଗ ଓ ବୀରମହାରାଜପୁରସ୍ଥିତ ମହାନଦୀ ନେତ୍ର ଚିକିତ୍ସାଳୟର ମିଳିତ ଆନୁକୂଲ୍ୟରେ ମଙ୍ଗଳବାର ଏକ ମାଗଣା କମ୍ପ୍ୟୁଟରୀକୃତ ଚକ୍ଷୁ ପରୀକ୍ଷା ଶିବିର ଅନୁଷ୍ଠିତ ହୋଇଯାଇଛି। ଉକ୍ତ ଶିବିରର ଉଦଘାଟନୀ ସମାରୋହରେ ମୁଖ୍ୟ ଅତିଥି ଭାବରେ ଡ.ଶଶାଙ୍କ ଶିଖର ସାହୁ ଓ ସମ୍ମାନୀତ ଅତିଥି ଭାବରେ ବିଦ୍ୟାଧର ସାହୁ ଯୋଗ ଦେଇଥିଲେ। ଡିଗ୍ରୀ ମହାବିଦ୍ୟାଳୟ ଅଧ୍ୟକ୍ଷ ସାମନ୍ତ ଚନ୍ଦ୍ର ସାହୁ କାର୍ଯ୍ୟକ୍ରମ ପରିଚାଳନା ଓ ଅଧ୍ୟାପକ ବାଳକୃଷ୍ଣ ପଟେଲ ସଂଯୋଜନା କରିଥିଲେ। ଉକ୍ତ କାର୍ଯ୍ୟକ୍ରମରେ ମହାନଦୀ ନେତ୍ର ଚିକିତ୍ସାଳୟର ଟେକନିସିଏନ ଦଳଙ୍କ ତତ୍ତ୍ୱାବଧାନରେ ଆଖପାଖ ଅଞ୍ଚଳର ୧୦ଟି ଗ୍ରାମର ୧୨୬ ଜଣଙ୍କର ମୋତିଆ ବିନ୍ଦୁ ପରୀକ୍ଷା କରାଯାଇଥିଲା। ସେଥି ମଧ୍ୟରୁ ୨୨ଜଣଙ୍କୁ ମୋତିଆ ବିନ୍ଦୁ ଅପରେଶନ ପାଇଁ ନେତ୍ରାଳୟକୁ ପ୍ରେରଣ କରାଯାଇଥିଲା।

### ଆଜି କ'ଣ କେଉଁଠି

ସ୍ତମ୍ଭରେ ଆପଣଙ୍କ ଅଞ୍ଚଳର କୌଣସି କାର୍ଯ୍ୟକ୍ରମ ସ୍ଥାନିତ କରିବାକୁ ଚାହୁଁଥିଲେ ସମ୍ପୂର୍ଣ୍ଣ ବିବରଣୀ ସହ ନିକଟସ୍ଥ ଧରିତ୍ରୀ ପ୍ରତିନିଧି କିମ୍ବା କାର୍ଯ୍ୟାଳୟ ସହ ଯୋଗାଯୋଗ କରନ୍ତୁ।

ଡିସେମ୍ବର ଶେଷସୁଦ୍ଧା ନିର୍ଘଣ୍ଟ

# ବାହ୍ୟ ମଳମୁକ୍ତ ହେବ ବୀରମହାରାଜପୁର ବ୍ଲକ

**ବୀରମହାରାଜପୁର, ୪।୧୨ (ଡି.ଏନ୍.ଏ)**

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ବ୍ଲକକୁ ଚଳିତ ମାସ ଶେଷ ସୁଦ୍ଧା ବାହ୍ୟ ମଳମୁକ୍ତ ବ୍ଲକରେ ପରିଣତ କରିବା ପାଇଁ ଜିଲା ପ୍ରଶାସନ ପକ୍ଷରୁ ପ୍ରଚେଷ୍ଟା ଜାରି ରହିଛି। ମଙ୍ଗଳବାର ଏ ନେଇ ଏକ ସମୀକ୍ଷା ବୈଠକ ସ୍ଥାନୀୟ ପଞ୍ଚାୟତ ସମିତି ସଭା ଗୃହଠାରେ ଅନୁଷ୍ଠିତ ହୋଇଥିଲା। ଜିଲା ଗ୍ରାମ ଉନ୍ନୟନ ସଂସ୍ଥା ପ୍ରକଳ୍ପ ନିର୍ଦ୍ଦେଶକ ସୂର୍ଯ୍ୟନାରାୟଣ ଦାଶ ବୈଠକରେ ଅଧ୍ୟକ୍ଷତାରେ କରିଥିଲେ। ଅନୁଷ୍ଠିତ ବୈଠକରେ ବ୍ଲକ ଅଧିନ ୧୫ଟି ଯାକ ପଞ୍ଚାୟତ ଅଞ୍ଚଳରେ ସମ୍ପୂର୍ଣ୍ଣ ହୋଇଥିବା ଏବଂ ନିର୍ମାଣାଧୀନ ପାଇଖାନାର ଅଗ୍ରଗତି ସାଙ୍ଗକୁ ବିଭିନ୍ନସ୍ତରରେ ସାମ୍ନାକୁ ଆସିଥବା ସମସ୍ୟା ସମ୍ପର୍କରେ ଆଲୋଚନା ହୋଇଥିଲା। ଗ୍ରାମ୍ୟ ଜଳ ଯୋଗାଣ ଓ ପରିମଳ ବିଭାଗ ନିର୍ବାହୀ ଯନ୍ତ୍ରୀ ଇଂ. ବିପିନ ବିହାରୀ ଦାଶ, ବିଡିଓ ଅଭିମନ୍ୟୁ ମାଝୀ, ଏପିଡି (ରୁରାଲ ହାଉସିଂଙ୍ଗ) ଆଲୋକରଶ୍ମୀ ମିଶ୍ର, ବିଭାଗୀୟ ଡିଏଲ୍‌ସି ଦୟାସାଗର ମେହେର, ପାନୀୟ ଜଳ ଓ ପରିମଳ ମନ୍ତ୍ରଣାଳୟର ଜିଲା ପ୍ରେରକ ଦିପ୍ତିପ୍ରକାଶ ବେହେରା, କନିଷ୍ଠ ଯନ୍ତ୍ରୀ ସମୀର ସୋରେନ, ବ୍ଲକ ସଂଯୋଜକ ପ୍ରଦୀପ କୁମାର ଭୋଇ, ଆଞ୍ଚଳିକ ସଂଯୋଜକ ଶରତ କର୍ଣ୍ଣ ଏବଂ ଡିଇଓ ସୁଧୀର କୁମାର ଦାଶଙ୍କ ସହ ସମସ୍ତ ପ୍ରବର୍ତ୍ତକ ଅଂଶଗ୍ରହଣ କରିଥିଲେ।



ପଞ୍ଚାୟତ ସମିତି ସାଭାଗୃହରେ ଅନୁଷ୍ଠିତ ବୈଠକରେ ଉପସ୍ଥିତ ଅଧିକାରୀଙ୍କ ସହ ପ୍ରବର୍ତ୍ତକ।

Work Full Time/ Part Time with Swiggy as a DELIVERY EXECUTIVE (Bike and DL) and earn up to 12000 - 25000 / month (Incentives and Insurance worth 6 lakhs extra).
Walk-in at Swiggy office at Gulmohar Building, Ground Floor, Behera Sahi, Nayapalli (opp. NABARD) Regiona, Bhubaneshwar, Odisha-751012 or give a missed call or call us on 011 30017619

ସବୁ ଏୟାର ପୋର୍ଟ ହେତୁ ଡାଇରେକ୍ଟ ଭର୍ତ୍ତି ପକ୍କା ଜଏନିଂ । ଶାସକୀୟ, ଅର୍ଦ୍ଧଶାସକୀୟ, ଅପାଠୁଆରୁ ଗ୍ରାଜୁଏଟ 45,500/- ରୁ 85,500/- । ଗ୍ରାଉଣ୍ଡ ଷ୍ଟାଫ, ସୁପରଭାଇଜର, ଏୟାରହୋଷ୍ଟେସ୍, ଲୋଡର, ହେଲପର, ଡ୍ରାଇଭର । ରହିବା + ଖାଇବା + ବୀମା
CONSULTANT 07303520928

24 x 7 Satellite News Channel ODISHA NEWS9 ଆପଣଙ୍କ ସ୍ୱର
An upcoming Satellite News Channel of Odisha
Requires
• Reporter (All Block/District) • Anchor, • Input incharge, • Output incharge, • IT & Broadcast head & executives, • Graphics Offline Head & executives, • Graphics Designer, • PCR, • Switcher, • Sting clint, • Sound engineer, • MCR- Executive, • Visual Editor, • Camera-video Journalist, • Promo Dept. Designer, • Research Executives, • Library Associates, • Makeup associates, • Marketing & Sales Manager & Associates, • Operation Coordinator, • Drivers, • Distribution executives, • HR & Admin. executives, • Store incharge, • Current Affairs Head, • Producer, Asst./Tr.producer, • Art Dept. executives, • Animation designer, • Public relations-executive, • Digital contain executives,
Preference will be given to experienced, highly motivated creative candidates having flair for initiating innovative programmes & activities. Very Attractive Incentives to really deserving candidates with proven merit and talent.
Interested candidates are requested to send the duly filled Biodata to: news9odisha@gmail.com within 7 days of publication of this advertisement.
Walk-in-Interview
At 09:00 AM to 05:00 PM on 1st, 2nd, 8th & 9th December 2018 at Hotel Royal Suites, Near Durga Mandap, Satyanagar, Bhubaneswar.

See Career Appointment on every Wednesday & Saturday

URGENT REQUIRED
ନିଜ ଜିଲ୍ଲାରେ ରହିବା, ଖାଇବା ସୁବିଧା ଦିଆଯିବ। ଦରମା: 25,000/-, ଶିକ୍ଷାଗତ ଯୋଗ୍ୟତା: 8th to 10th & above.
Contact: 8339922964

SANTANU ENGLISH MEDIUM SCHOOL
Affiliated to CBSE, New Delhi
Chintamaniswar Temple Road, Bhubaneswar - 751 006
Ph : (0674) 2312784/2972080, Mail : semsbbsr@gmail.com
WANTED : Teachers in Science (CBZ) English, Hindi, Computer, Activity, Peon (Gents) and a Driver. Apply within 7 days to the Principal.

TEAM ADMARK (P) LTD
99/A, Saheed Nagar, 1st Lane Facing N.Opp of Ayakar Bhawan, Bhubaneswar-751007
Phone-0674-6532628/7205006004/9238121210
Mail id- careerteamadmark@gmail.com
URGENTLY REQUIRED
1. Sr. Marketing Executive (outdoor) - Graduate (Male & Female) with min. 5-7 years marketing experience in outdoor advertising trade or in space selling. Preferably MBA, Salary- ₹15, 000/- to ₹20,000/- per month, Fuel and Mob. Expenses Extra, Two wheeler must.
2. Marketing Executive (outdoor) - BBA Graduate (Male & Female) with min. 2-3 years marketing experience in outdoor advertising trade or in space selling., salary- ₹10, 000/- to ₹12,000/- per month, Fuel and Mob. Expenses Extra.
3. Field Supervisor (outdoor): Graduate with Min. 2-3 years experience in Outdoor advertising business/construction in managing field works, salary- ₹7,000/- to ₹9,000/- per month, fuel and mob. Expenses extra, Computer Knowledge & Two wheeler must.
4. Electrician: ITI Pass out with Min 2-3 years experience in Electrical Trade/ outdoor advertising business/ construction in managing field work, salary- ₹7,000/- to ₹9, 000/- per month, Fuel and Mob. Expenses Extra, Two wheeler must.
5. Office Peon: 10th Pass with min. 1 year experience in Office/field work, salary- ₹6, 000/-per month with own bicycle or two wheeler.
Interested candidates may apply to our above address & mail ID with complete Bio-data and photo within 7 days from the date of advertisement.

ନୋଟିସ୍: ନିଯୁକ୍ତି ଓ କ୍ୟାରିୟର ପୃଷ୍ଠାରେ ଅନେକ ନିଯୁକ୍ତି ସମ୍ବନ୍ଧୀୟ ବିଜ୍ଞାପନ ପ୍ରକାଶ ପାଉଛି। ସମସ୍ତ ବିଜ୍ଞାପନ ବା ବିଜ୍ଞାପନଦାତାଙ୍କ ସତ୍ୟାସତ୍ୟ ଅନୁସନ୍ଧାନ କରିବା ଆମ ପକ୍ଷରେ ସମ୍ଭବପର ନୁହେଁ। ତେଣୁ ଯେଉଁ ବିଜ୍ଞାପନକୁ ଦେଖି ଆପଣ ଆବେଦନ କରୁଛନ୍ତି ବା ପରବର୍ତ୍ତୀ ସମୟରେ କୌଣସି ସମ୍ପର୍କ ସ୍ଥାପନ କରୁଛନ୍ତି ତାହା କରିବା ବେଳେ ନିଜର ବିବେକ, ବୁଦ୍ଧି ଖଟାଇ କରନ୍ତୁ। ବିଜ୍ଞାପନକାରୀ କମ୍ପାନୀ ପକ୍ଷରୁ ଅର୍ଥ ଦାବି କରାଗଲେ ତାହା ଦେବା ପୂର୍ବରୁ ନିଜ ସ୍ତରରେ ଅନୁସନ୍ଧାନ କରନ୍ତୁ। କୌଣସି ଅର୍ଥ ନେଣଦେଣ ପାଇଁ 'ଧରିତ୍ରୀ' ଦାୟୀ ରହିବ ନାହିଁ।



“ଅଗ୍ନି ଶୃଙ୍ଖଳା ଘାସକୁ ପୋଡ଼ି ପାଉଁଶ କରିଦେଲା ପରି ଭଗବାନଙ୍କ ନାମ ସ୍ମରଣ ସକଳ ପାପକୁ ନାଶ କରିଦିଏ।
- ସନ୍ଥ ତୁଳସୀ ଦାସ

## ସଂକ୍ଷେପରେ

### ଖୋର୍ଦ୍ଧା-ବଲାଙ୍ଗୀର ରେଳପଥ ୧୪ କି.ମି ରେଳପଥ ପାଇଁ ଜମି ହସ୍ତାନ୍ତର ୧୧ରେ

**ସୋନପୁର,୪।୧୨(ନି.ପ୍ର.):** ଖୋର୍ଦ୍ଧା-ବଲାଙ୍ଗୀର ନୂତନ ରେଳପଥ ନିର୍ମାଣ ପାଇଁ ସୁବର୍ଣ୍ଣପୁର ଜିଲାରେ ଜମି ଅଧିଗ୍ରହଣ କାର୍ଯ୍ୟ ଜାରି ରହିଛି । ରାଜସ୍ୱ ବିଭାଗ ଏ ଦିଗରେ ତତ୍ପରତାର ସହ କାର୍ଯ୍ର କରୁଛି । ପୂର୍ବରୁ ଜିଲା ପ୍ରଶାସନ ୧୦୪ ଏକର ସରକାରୀ ଜମି ପୂର୍ବତଟ ରେଳପଥକୁ ହସ୍ତାନ୍ତର କରିଥିଲା। ବର୍ତ୍ତମାନ ଏହି ପ୍ରକଳ୍ପ ପାଇଁ ଆବଶ୍ୟକ ୧୩ ଗୋଟି ରାଜସ୍ୱ ଗ୍ରାମରେ ରେଳପଥ ପାଇଁ ଜମି ଅଧିଗ୍ରହଣ ବାବଦକୁ କ୍ଷତିପୂରଣ ରାଶି ବଣ୍ଟନ ସରିଛି । ଆଉ ଗୋଟିଏ ମୌଜାରେ କ୍ଷତିପୂରଣ ରାଶି ବଣ୍ଟନ ଚାଲିଛି । ଏବେ ବଲାଙ୍ଗୀର ପଟୁ ଭଇଁଷାପାଲି ପର୍ଯ୍ୟନ୍ତ ରେଳପଥ ନିର୍ମାଣ କାର୍ଯ୍ୟ ସମ୍ପୂର୍ଣ୍ଣ ହୋଇଛି। ସୁବର୍ଣ୍ଣପୁର ଜିଲାର ପ୍ରବେଶ ପଥଠାରୁ ସୁକ୍‌ତେଲ ନଦୀ ପର୍ଯ୍ୟନ୍ତ ରେଳପଥ ନିର୍ମାଣ ଏବଂ ଝାରତରଭାଠାରେ ହେବାକୁ ଥିବା ରେଳଷ୍ଟେଶନକୁ ମିଶାଇ ମୋଟ ୧୪ କିଲୋମିଟର ରେଳ ପଥ ପାଇଁ ଜମି ଅଧିଗ୍ରହଣ କାର୍ଯ୍ୟ ଚୂଡାନ୍ତ ପର୍ଯ୍ୟାୟରେ ପହଞ୍ଚିଛି । ଆବଶ୍ୟକ ସମସ୍ତ ଜମି ଆସନ୍ତା ଡିସେମ୍ବର ୧୧ ତାରିଖରେ ପୂର୍ବତଟ ରେଳପଥକୁ ହସ୍ତାନ୍ତର କରାଯିବ ବୋଲି ଜଣାପଡିଛି । ତେଣୁ ରେଳପଥ ନିର୍ମାଣ ପାଇଁ ଆବଶ୍ୟକ ପଦକ୍ଷେପ ନେବା ପାଇଁ ସୁବର୍ଣ୍ଣପୁର ଜିଲାପାଳ ମଧୁସୂଦନ ମିଶ୍ର ପୂର୍ବତଟ ରେଳପଥର ବରିଷ୍ଠ ଅଧିକାରୀଙ୍କୁ ଚିଠି ମାଧ୍ୟମରେ ଜଣାଇଛନ୍ତି ।

### ୧୨୦ ଛାତ୍ରୀ ନେଲେ ଆତ୍ମ ସୁରକ୍ଷା ତାଲିମ

**ବୀରମହାରାଜପୁର, ୪।୧୨ (ଡି.ଏନ୍.ଏ):** ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର କଲେଜରେ ଅଧ୍ୟୟନରତ ୧୨୦ଜଣ ଛାତ୍ରୀ ଆତ୍ମ ସୁରକ୍ଷା କୌଶଳ ତାଲିମ ଗ୍ରହଣ କରିଛନ୍ତି। ଅଧାପିକା ଜାମିନି ଦାଶ ଓ ସାଗରିକା ବିଶିଙ୍କ ତତ୍ତ୍ୱାବଧାନରେ ପ୍ରଶିକ୍ଷିକା ସୂର୍ଯ୍ୟଯୋତି ପ୍ରଧାନ ଓ ଶିବାନୀ ପଧାନ ଯୁକ୍ତ ୩ ଶ୍ରେଣୀର ୧୨୦ଛାତ୍ରୀଙ୍କୁ ୧୨ଦିନ ବ୍ୟାପୀ ଆତ୍ମ ସୁରକ୍ଷା କୌଶଳ ସମ୍ପର୍କରେ ତାଲିମ ଦେଇଥିଲେ। ସୋମବାର କଲେଜ ପରିସରରେ ଅନୁଷ୍ଠିତ ଉକ୍ତ ଶିବିରର ଉଦ୍‌ଯାପନୀ ଉତ୍ସବରେ କଲେଜ ଅଧକ୍ଷ ମୁରଲୀଧର ହୋତା ପୌରୋହିତ୍ୟ କରିଥିଲେ। ଲରମ୍ଭା କଲେଜର ପ୍ରାଧାପକ ଡ. ପ୍ରମୋଦ ଭୋଇ ମୁଖ୍ୟ ଅତିଥିଭାବେ ଯୋଗଦେଇ ଉଦ୍‌ବୋଧନ ପ୍ରସଙ୍ଗରେ କହିଥିଲେ ଯେ, ଉକ୍ତ ତାଲିମ ନାରୀମାନଙ୍କୁ ସୁରକ୍ଷା ପ୍ରଦାନରେ ସହାୟକ ହେବା ସହିତ ଦୃଢ଼ ଆତ୍ମବିଶ୍ୱାସରେ ବୃଦ୍ଧି ଘଟାଉଛି। ଏଥରେ ଅଧାପିକା ବନ୍ଦିତା ବିଶ୍ୱାଳ ମଧ ବକ୍ତବ୍ୟ ରଖିଥିଲେ। ଅଧାପିକା ଜାମିନି ଦାଶ ସଭା କାର୍ଯ୍ୟ ସଞ୍ଚାଳନ କରିଥିଲେ।

### ଗାୟତ୍ରୀ ମହାଯଜ୍ଞ ସମ୍ପନ୍ନ

**ବଙ୍ଗୋମୁଣ୍ଡା, ୪।୧୨(ଡି.ଏନ୍.ଏ.)** ବଲାଙ୍ଗୀର ଜିଲା ବଙ୍ଗୋମୁଣ୍ଡା ବ୍ଲକ ଅନ୍ତର୍ଗତ ଭାଲୁମୁଣ୍ଡା ଗ୍ରାମରେ ନବମ କୁଣ୍ଡୀୟ ଗାୟତ୍ରୀ ମହାଯଜ୍ଞ ସମ୍ପନ୍ନ ହୋଇଯାଇଛି । ପ୍ରାରମ୍ଭରେ ଯଜ୍ଞ ନିମିତ୍ତ ଗ୍ରାମର ବଡବନ୍ଧରୁ ପୂର୍ଣ୍ଣକଳସ ଜଳ ଆଣି ଯଜ୍ଞ ମଣ୍ଡପରେ ସ୍ଥାପନ କରାଯାଇଥିଲା । ଦେବ ଦମ୍ପତି ୫୦ଜୋଡି ଯଜ୍ଞ ପଣ୍ଡପରେ ବସିଥିଲେ । ପ୍ରବଚନ କାର୍ଯ୍ୟକ୍ରମ ମିନିକେତନ ପାତ୍ରଙ୍କ ଦ୍ୱାରା ହୋଇଥିଲା । ଏହି ଯଜ୍ଞ ପରିଚାଳନାରେ ବିହାରୀ ସଗରିଆ, ଗୁରୁବାରି ପୁଞ୍ଜି, ବୈଷ୍ଣବ ହଂସ, ଜ୍ଞାନେଶ୍ୱରୀ, ସର ମେହେର, ଗରୁଡ ସଗରିଆ, ସୁଶାନ୍ତ ଠେଲା, ତୀର୍ଥ ମେହେର, ଜୟକୃଷ୍ଣ ମେହେର ଏବଂ ଗ୍ରାମବାସି ସହଯୋଗ କରିଥିଲେ ।

### ହକି ଖେଳ ଦେଖିବା ପାଇଁ ୯୦ ଛାତ୍ର ଗଲେ

ଜୁନାଗଡ,୪।୧୨(ସ୍ୱ.ପ୍ର.) ଜୁନାଗଡସ୍ଥିତ ପ୍ରିୟ ଦର୍ଶିନୀ ଇନ୍ଦିରା ମହାବିଦ୍ୟାଳୟର ୯୦ ଜଣ ଛାତ୍ରଙ୍କ ସମେତ ପାଞ୍ଚ ଜଣ ଅଧ୍ୟାପକ ଓ କର୍ମଚାରୀ ଭୁବନେଶ୍ୱରରେ ଚାଲିଥିବା ବିଶ୍ୱ ପୁରୁଷ ହକି ଖେଳ ଦେଖିବାକୁ ବାହାରିଛନ୍ତି। ମଙ୍ଗଳବାର ସନ୍ଧ୍ୟାରେ ସରକାରଙ୍କ ନିର୍ଦ୍ଦେଶ ଓ ଜିଲା ପ୍ରଶାସନର ସହାୟତାରେ କଲେଜର ଛାତ୍ର ୨ଟି ବସରେ ବାହାରିଛନ୍ତି। ହକି ଖେଳକୁ ଲୋକାଭିମୁଖୀ କରିବା ସହିତ ଆଜିର ଯୁବ ସମାଜକୁ ହକି ଖେଳ ପ୍ରତି ଉତ୍ସାହିତ ଏହାର ମୁଖ୍ୟ ଲକ୍ଷ ବୋଲି ଜଣାପଡିଛି। ମଙ୍ଗଳବାର ରାତି ୯ଟାରେ ୨ଟି ବସକୁ କଲେଜ ଅଧକ୍ଷ ବିଭୁତି ଭୂଷଣ ମେହେର ସବୁଜ ପତାକା ଦେଖାଇଥିଲେ। ଏହି ସମୟରେ ଭୁବନେଶ୍ୱର ଯାଉଥିବା ଛାତ୍ରମାନେ ବେଶ ଉତ୍ସାହିତ ଥିଲେ।

---

ଜିଲା କ୍ରୀଡ଼ା ସଂସଦର ବାର୍ଷିକ କ୍ରୀଡ଼ା ପ୍ରତିଯୋଗିତା ଉଦ୍‌ଯାପିତ

# ଅଂଶଗ୍ରହଣ କରିଥିଲେ ୮୯୦ କ୍ରୀଡ଼ାବିତ

**ବଲାଙ୍ଗୀର ଅଫିସ, ୪।୧୨**

ବଲାଙ୍ଗୀର ଗାନ୍ଧୀ ଷ୍ଟାଡିୟମଠାରେ ଜିଲା କ୍ରୀଡା ସଂସଦ ଆନୁକୂଲ୍ୟରେ ଅନୁଷ୍ଠିତ ଦୁଇଦିନିଆ ବାର୍ଷିକ କ୍ରୀଡା ପ୍ରତିଯୋଗିତା ମଙ୍ଗଳବାର ଉଦ୍‌ଯାପିତ ହୋଇଛି । କ୍ରୀଡା ସଂସଦ ଉପସଭାପତି କୃଷ୍ଣଚନ୍ଦ୍ର ମିଶ୍ରଙ୍କ ଅଧ୍ୟକ୍ଷତାରେ ଏବଂ ସାଧାରଣ ସମ୍ପାଦକ ହରି ନାରାୟଣ ପୂଜାରୀ ତଥା କ୍ରୀଡା ସମ୍ପାଦକ ବିଭୁତି ଭୂଷଣ ପଣ୍ଡାଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଅନୁଷ୍ଠିତ ଉଦ୍‌ଯାପନୀ ସମାରୋହରେ ଲୋଇସିଂହାର ପୂର୍ବତନ ବିଧାୟକ ରମାକାନ୍ତ ସେଠ୍ ମୁଖ୍ୟଅତିଥିଭାବେ ଯୋଗଦେଇଥିଲେ । ମୁଖ୍ୟଅତିଥି ସେଠ୍ କ୍ରୀଡାର ବିକାଶ ଉପରେ ଗୁରୁତ୍ୱାରୋପ କରିଥିଲେ । କ୍ରୀଡା ସଂସଦର ପୂର୍ବତନ ସାଧାରଣ ସମ୍ପାଦକ ତଥା ଓସିଏ ସଭ୍ୟ ଶତ୍ରୁଘ୍ନ ସିଂ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ । ଉପସଭାପତି ଡ. ପ୍ରହ୍ଲାଦ ଶତପଥୀ, ଯୁଗ୍ମ ସମ୍ପାଦକ ପଦ୍ମଚରଣ ଆଚାର୍ଯ୍ୟ ଓ ଆନ୍ତର୍ଜାତୀୟ ଆଥ୍‌ଲେଟିକ ମିଟ୍‌ର ଉଦ୍‌ଘୋଷକ ଅମୀୟ କୁମାର ଚାନ୍ଦ ମଞ୍ଚାସୀନ ଥିଲେ । ଯୁଗ୍ମ ସମ୍ପାଦକ ଆଚାର୍ଯ୍ୟ ସ୍ୱାଗତ ଭାଷଣ ଓ ଅତିଥି ପରିଚୟ ସାଙ୍ଗକୁ କ୍ରୀଡାବିତ ମାନଙ୍କୁ ଉଦ୍‌ବୋଧନ ଦେଇଥିଲେ । ପୃଥ୍ୱୀରାଜ ହାଇସ୍କୁଲର ବ୍ୟାଣ୍ଡ ଗ୍ରୁପ୍ ମାର୍ଚ୍ଚପାଷ୍ଟରେ ସହଯୋଗ କରିଥିଲେ । କ୍ରୀଡା ଶିକ୍ଷୟିତ୍ରୀ ମାଧୁରୀ ପଣ୍ଡା ସଂଯୋଜକ ଭାବେ ଦାୟିତ୍ୱ ନିର୍ବାହ କରିଥିଲେ । ଏହି ଅବସରରେ କୃତୀ ପ୍ରତିଯୋଗୀଙ୍କୁ ମୁଖ୍ୟଅତିଥି ସମ୍ମାନିତ କରିଥିଲେ । ଶେଷରେ ଯୁଗ୍ମ ସମ୍ପାଦକ ଆଚାର୍ଯ୍ୟ ଧନ୍ୟବାଦ ଅର୍ପଣ କରିଥିଲେ ।

ଉଦ୍‌ଯାପନୀ ଦିନ ପ୍ରତିଯୋଗିତାରେ ପୁରୁଷ ୧୦୦ ମିଟର, ୨୦୦ ମିଟର ଦୌଡରେ ବିବସ୍ କର୍ମୀ, ୪୦୦ମିଟରରେ ଭୁବନ୍ତ ମନହୀରା, ୮୦୦ ମିଟରରେ ଉମେଶ ଚନ୍ଦ୍ର ସେଠ୍, ୫ ହଜାର ମିଟର ଓ ୧୦ ହଜାର ମିଟରରେ ଗୋବର୍ଦ୍ଧନ ସାହୁ, ହାଇଜମ୍ପରେ ଅଭିଷେକ ସ୍ୱାଇଁ, ଲଙ୍ଗଜମ୍ପରେ ଯୋଗେଶ୍ୱର ବଗର୍ତ୍ତି, ଡିସ୍‌କସରେ ସତ୍ୟନାରାୟଣ ସାହୁ, ହେମର ଥ୍ରୋରେ ଇମ୍‌ରାନ ଖାନ, ଜେଭଲିନରେ ଇଲିଆସ ଖାନ୍ ପ୍ରଥମ ହୋଇଛନ୍ତି। ବାଳକ ୧୮ ବର୍ଷ ବର୍ଗ ୧୦୦ମିଟରେ ଦିପ୍ତେଶ ପଣ୍ଡା, ୨୦୦ମିରେ ରାହୁଲ ପଣ୍ଡା, ୪୦୦ ଓ ୮୦୦ ମିଟରରେ ବାସୁଦେବ ପଟ୍ଟନାୟକ, ୩୦୦୦ ମିଟରରେ ଶ୍ରୀକାନ୍ତ ସାହୁ ପ୍ରଥମ ସ୍ଥାନ ଅଧିକାର କରିଛନ୍ତି। ହାଇଜମ୍ପରେ ଆଲୋକ ସାହୁ, ଲମ୍ବଜମ୍ପରେ ରୁଦ୍ର ନାରାୟଣ ମିଶ୍ର, ସଟ୍‌ପୁଟରେ ଆକାଶ କୁମ୍ଭାର, ହେମର୍‌ରେ ପ୍ରତ୍ୟକ୍ଷ ଅଗ୍ରୱାଲ, ଜ୍ୟାଭଲିନରେ ସଂଗ୍ରାମ ସାହୁଙ୍କୁ ପ୍ରଥମ ସ୍ଥାନ ମିଳିଛି। ସେହିପରି ବାଳକ ୨୦ବର୍ଷ ବର୍ଗ ୨୦୦ ମିଟରରେ ହେମନ୍ତ ସେଠ, ୮୦୦ ମିଟରରେ ଯୁଗଳ ସାହୁ, ୫ ହଜାର ମିଟରରେ ଶିବ ନାଏକ ପ୍ରଥମ ହୋଇଛନ୍ତି। ଟ୍ରିପଲ ଜମ୍ପରେ ବିନୟ ମାଝି, ଡିସ୍‌କସ୍‌ରେ ଅମନ ପାଣ୍ଡେ, ହେମର ଥ୍ରୋ- ବରୁଣ ପରି, ବାଳକ ୧୬ : ୧୦୦ ମିରେ ଯୋଶେପ କୁଅଁର, ୪୦୦ ଓ ୨୦୦୦ ମିଟରରେ ମନୋଜ ଗୋୱାଲା, ହାଇଜମ୍ପରେ ଅଖିଳେଶ ପଧାନ, ଡିସକସରେ ସନ୍ତୋଷ ପୁଜାରୀ, ହେମରରେ ଅରିଜିତ ହନୁମାନ, ଜ୍ୟାଭେଲିନରେ ଗୁପ୍ତା ଖିଲୋ, ବାଳକ ୧୪ : ୧୦୦ ଓ ୬୦୦ ମିଟରରେ ମାନୁଏଲ ପୂର୍ତ୍ତି, ହାଇଜମ୍ପରେ ଶଙ୍କର ମିଶ୍ର, ଟ୍ରାଇଥଲନରେ ଅନୁରାଗ ଦୀପ୍ତିରଞ୍ଜନ ସାଗର, ମହିଳା ୨୦୦ମିଟରରେ ସନ୍ତୋଷିନୀ ମଲ୍ଲିକ, ୪୦୦ ମିଟରରେ ଲିଲି ପରୁଆ, ଲମ୍ବଜମ୍ପରେ ମୋନାଲିସା ବିସି, ସଟପୁଟ୍‌ରେ ରଞ୍ଜିତା ସାଏ ଓ ଅନ୍ୟ ବର୍ଗର ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା ।

ସୋମବାର ବାର୍ଷିକ କ୍ରୀଡା ପ୍ରତିଯୋଗିତା ଉଦଘାଟନ ହୋଇଥିଲା । ଏଥିରେ ବିଭିନ୍ନ ବର୍ଗ ଓ ଇଭେଣ୍ଟସ୍‌ରେ ମୋଟ ୮୯୦ଜଣ କ୍ରୀଡାବିତ ଭାଗନେଇଥିଲେ । ଉଦ୍‌ଘଟନୀ ସମାରୋହରେ ରାଜେନ୍ଦ୍ର ମହାବିଦ୍ୟାଳୟ ଅଧକ୍ଷ ବିନୟ କୁମାର ଜେନା ମୁଖ୍ୟଅତିଥିଭାବେ ଯୋଗଦେଇ କ୍ରୀଡା ଧ୍ୱଜ ଉତ୍ତୋଳନ କରିଥିଲେ। ସମ୍ମାନିତ ଅତିଥିଭାବେ ଆନ୍ତର୍ଜାତିକ କ୍ରୀଡାବିତ ଆନନ୍ଦିନୀ ଦର୍ଜି ଯୋଗଦାନ କରିଥିଲେ ।




ବାର୍ଷିକ କ୍ରୀଡା ପ୍ରତିଯୋଗିତା ଉଦ୍‌ଯାପନୀ ଉତ୍ସବରେ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଉଛି ।

---

### ଡିସେମ୍ବର ଶେଷସୁଦ୍ଧା ନିର୍ଘଣ୍ଟ ବାହ୍ୟ ମଳମୁକ୍ତ ହେବ ବୀରମହାରାଜପୁର ବ୍ଲକ

**ବୀରମହାରାଜପୁର, ୪।୧୨ (ଡି.ଏନ୍.ଏ)**

ବୀରମହାରାଜପୁର ବ୍ଲକକୁ ଚଳିତ ମାସ ଶେଷ ସୁଦ୍ଧା ବାହ୍ୟ ମଳମୁକ୍ତ ବ୍ଲକରେ ପରିଣତ କରିବା ପାଇଁ ଜିଲା ପ୍ରଶାସନ ପକ୍ଷରୁ ପ୍ରଚେଷ୍ଟା ଜାରି ରହିଛି। ମଙ୍ଗଳବାର ଏ ନେଇ ଏକ ସମୀକ୍ଷା ବୈଠକ ସ୍ଥାନୀୟ ପଞ୍ଚାୟତ ସମିତି ସଭା ଗୃହଠାରେ ଅନୁଷ୍ଠିତ ହୋଇଥିଲା। ଜିଲା ଗ୍ରାମ ଉନ୍ନୟନ ସଂସ୍ଥା ପ୍ରକଳ୍ପ ନିର୍ଦ୍ଦେଶକ ସୂର୍ଯ୍ୟନାରାୟଣ ଦାଶ ବୈଠକରେ ଅଧକ୍ଷତାରେ କରିଥିଲେ। ଅନୁଷ୍ଠିତ ବୈଠକରେ ବ୍ଲକ ଅଧିନ ୧୫ଟି ଯାକ ପଞ୍ଚାୟତ ଅଞ୍ଚଳରେ ସମ୍ପୂର୍ଣ୍ଣ ହୋଇଥିବା ଏବଂ ନିର୍ମାଣାଧୀନ ପାଇଖାନାର ଅଗ୍ରଗତି ସାଙ୍ଗକୁ ବିଭିନ୍ନସ୍ତରରେ ସାମ୍ନାକୁ ଆସିଥବା ସମସ୍ୟା ସମ୍ପର୍କରେ ଆଲୋଚନା ହୋଇଥିଲା। ଗ୍ରାମ୍ୟ ଜଳ ଯୋଗାଣ ଓ ପରିମଳ ବିଭାଗ ନିର୍ବାହୀ ଯନ୍ତ୍ରୀ ଇଂ. ବିପିନ ବିହାରୀ ଦାଶ, ବିଡିଓ ଅଭିମନ୍ୟୁ ମାଝୀ, ଏପିଡି (ରୁରାଲ ହାଉସିଂଙ୍ଗ) ଆଲୋକରଶ୍ମୀ ମିଶ୍ର, ବିଭାଗୀୟ ଡିଏଲ୍‌ସି ଦୟାସାଗର ମେହେର, ପାନୀୟ ଜଳ ଓ ପରିମଳ ମନ୍ତ୍ରଣାଳୟର ଜିଲା ପ୍ରେରକ ଦିପ୍ତୀପ୍ରକାଶ ବେହେରା, କନିଷ୍ଠ ଯନ୍ତ୍ରୀ ସମୀର ସୋରେନ, ବ୍ଲକ ସଂଯୋଜକ ପ୍ରଦୀପ କୁମାର ଭୋଇ, ଆଞ୍ଚଳିକ ସଂଯୋଜକ ଶରତ କର୍ଣ୍ଣ ଏବଂ ଡିଇଓ ସୁଧୀର କୁମାର ଦାଶଙ୍କ ସହ ସମସ୍ତ ପ୍ରବର୍ତ୍ତକ ଅଂଶଗ୍ରହଣ କରିଥିଲେ।

---

## ବୋଲେରୋ ଧକ୍କାରେ ଛାତ୍ରୀ ମୃତ, ଛାତ୍ର ଗୁରୁତର

**ବଙ୍ଗୋମୁଣ୍ଡା, ୪।୧୨(ଡି.ଏନ୍.ଏ.)**

ବଲାଙ୍ଗୀର ଜିଲା ବଙ୍ଗୋମୁଣ୍ଡା ବ୍ଲକ ଗନ୍ଧର୍ଲା ପଞ୍ଚାୟତ ଅନ୍ତର୍ଗତ ବଡପଡା ଗ୍ରାମ ନିକଟରେ ମଙ୍ଗଳବାର ସକାଳେ ବୋଲେରୋ ଧକ୍କାରେ ସାଇକେଲରେ ସ୍କୁଲ ଯାଉଥିବା ଜଣେ ଛାତ୍ରୀଙ୍କର ମୃତ୍ୟୁ ଘଟିଛି। ମୃତ ଛାତ୍ରୀ ଜଣକ ହେଲେ ସିନ୍ଧେକେଲା ଥାନା ଅନ୍ତର୍ଗତ ବଡପଡା ଗାଁର ଲୋକନାଥ ରଣାଙ୍କ ଝିଅ ଭବନ୍ତୀ (୧୧)। ସେ ଗନ୍ଧର୍ଲା ସରକାରୀ ୟୁଜି ଏମ୍‌ଇ ସ୍କୁଲରେ ଷଷ୍ଠ ଶ୍ରେଣୀରେ ପଢୁଥିଲେ। ଦୁର୍ଘଟଣାରେ ଭବନୀଙ୍କ ସହ ଯାଉଥିବା ପ୍ରଥମ ଶ୍ରେଣୀରେ ପଢୁଥିବା ତାଙ୍କ ସାନଭାଇ ଭୁବନ(୬) ଗୁରୁତର ହୋଇଛନ୍ତି। ଗୁରୁତର ଅବସ୍ଥାରେ ସେ ଏବେ ସିନ୍ଧେକେଲା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଚିକିତ୍ସିତ ହେଉଛନ୍ତି। ଦୁର୍ଘଟଣା ପରେ ଘଟଣାସ୍ଥଳରେ ଉତ୍ତେଜନା ପ୍ରକାଶ ପାଇଥିଲା। ଗୁରୁତର ଛାତ୍ରଙ୍କ ଚିକିତ୍ସା ଓ ମୃତାଙ୍କ ପରିବାରକୁ ଅନୁକମ୍ପାମୂଳକ ସହାୟତା ରାଶି ଯୋଗାଇ ଦେବା ଦାବି କରି ଉତ୍ତ୍ୟକ୍ତ ଲୋକେ ଦୁର୍ଘଟଣାସ୍ଥଳରେ ଖଡିଆଳ-ଭବାନୀପାଟଣା ମୁଖ୍ୟରାସ୍ତାକୁ ଅବରୋଧ କରିଥିଲେ । ଖବର ପାଇ ସିନ୍ଧେକେଲା ଥାନା ଅଧିକାରୀ ରଞ୍ଜନ ବରିହା, ଟିଟିଲାଗଡ ଏସ୍‌ଡିପିଓ ସରୋଜ ମହାପାତ୍ର ପଲିସ ବଳ ସହ ପହଞ୍ଚି ଆନ୍ଦୋଳନକାରୀଙ୍କ ସହ ଆଲୋଚନା କରିଥିଲେ । ରେଡକ୍ରସରୁ ୧୦ ହଜାର ଓ ହରିଶ୍ଚନ୍ଦ୍ର ଯୋଜନାରୁ ୨ ହଜାର ଟଙ୍କାର ସହାୟତା ରାଶି ମୃତକଙ୍କ ପରିବାରକୁ ଦିଆଯାଇଛି। ଅବରୋଧସ୍ଥଳରେ ରାଷ୍ଟ୍ରପତି ବେହେରା, ଦୀପକ ନନ୍ଦ, ଅମରେନ୍ଦ୍ର ନନ୍ଦ, ପ୍ରଭାତକିରଣ ନନ୍ଦ, ଦୁଲମଣି ରଣା, କ୍ଷିରସିନ୍ଧୁ ରଣା, ଗୁରଦାସ ରଣା, ଲୋକନାଥ ରଣା, ବିଭୀଷଣ ରଣା ପ୍ରମୁଖ ଉପସ୍ଥିତ ଥିଲେ । ଦୁର୍ଘଟଣା ଘଟାଇଥିବା ବୋଲେରୋକୁ ପୋଲିସ ଜବତ କରିଛି। ପୋଲିସ ସୂତ୍ରରୁ ପ୍ରକାଶ ଯେ, ସବୁଦିନ ପରି ଭବନ୍ତୀ ଓ ଭୁବନ ପୂର୍ବାହ୍ନ ପ୍ରାୟ ୯ଟା ବେଳେ ସାଇକେଲରେ ସ୍କୁଲ ଯାଉଥିବା ସମୟରେ ବିପରୀତ ଦିଗରୁ ଆସୁଥିବା ଓଡି ୦୩ ୬୫୩୫ ନମ୍ବର ବୋଲେରୋ ସେମାନଙ୍କୁ ଧକ୍କା ଦେଇଥିଲା। ଏଥିରେ ଉଭୟେ ଛିଟିକି ପଡିଥିଲେ। ଗୁରୁତର ଅବସ୍ଥାରେ ଉଭୟଙ୍କୁ ସିନ୍ଧେକେଲା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଅଣାଯାଇଥିଲା। ହେଲେ ସେଠାରେ ଡାକ୍ତର ଭବନ୍ତୀଙ୍କୁ ମୃତ ଘୋଷଣା କରିଥିଲେ। ମୃତଦେହକୁ ପୋଲିସ ବ୍ୟବଚ୍ଛେଦ ପାଇଁ ଟିଟିଲାଗଡ ପଠାଇଛି। ଏନେଇ ସିନ୍ଧେକେଲା ଥାନାରେ ଏକ ମାମଲା (ନଂ. ୧୪୬/୧୮) ରୁଜୁ ହୋଇଛି।

### ବୀରମହାରାଜପୁର କଲେଜରେ ଓଡ଼ିଆ ଭାଷା ସାହିତ୍ୟ ସଂପାନ

**ବୀରମହାରାଜପୁର, ୪।୧୨ (ଡି.ଏନ୍.ଏ.)**

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ମହାବିଦ୍ୟାଳୟ ଓଡିଆ ଭାଷା ସାହିତ୍ୟ ବିଭାଗ ଆନୁକୂଲ୍ୟରେ ମଙ୍ଗଳବାର ‘ଓଡିଆ ଲୋକଗୀତ: ଏକ ବିହଙ୍ଗାବଲୋକନ’ ଶୀର୍ଷକ ସଂପାନ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଧମାସ୍ଥିତ ମା’ ଝାଡେଶ୍ୱରୀ ମହାବିଦ୍ୟାଳୟର ଓଡିଆ ଅଧ୍ୟାପକ ଡ. ସିଦ୍ଧାର୍ଥ କୁମାର ପଣ୍ଡା ମୁଖ୍ୟ ଆଲୋଚକ ଏବଂ ଆଞ୍ଚଳିକ ଡିଗ୍ରୀ ମହାବିଦ୍ୟାଳୟ କୁସଙ୍ଗର ଓଡିଆ ଅଧ୍ୟାପକ ଡ. ଅନିତ କୁମାର ଭୋଇ ଅନ୍ୟତମ ଆଲୋଚକଭାବେ ଯୋଗଦେଇ ଏହି ପ୍ରସଙ୍ଗରେ ମତ ପ୍ରକାଶ କରିଥଲେ ଯେ ଲୋକଗୀତରେ ହିଁ ମଣିଷ ଜୀବନର ପ୍ରତ୍ୟକ୍ଷ ପରିପ୍ରକାଶ ହୋଇଥାଏ। କଲେଜ ଅଧକ୍ଷ ମୁରଲୀଧର ହୋତାଙ୍କ ପୌରୋହିତ୍ୟରେ ଉକ୍ତ ସଂପାନ ଆୟୋଜିତ ହୋଇଥିବା ବେଳେ ଅଧ୍ୟାପକ ପ୍ରକାଶ କୁମାର ସେଠ୍ କାର୍ଯ୍ୟକ୍ରମ ସଂଯୋଜନା କରିଥଲେ। ପ୍ରାରମ୍ଭରେ ବରିଷ୍ଠ ଅଧ୍ୟାପକ ସୂର୍ଯ୍ୟ ନାରାୟଣ ପଣ୍ଡା ସ୍ୱାଗତ ଭାଷଣ ଓ ଅଧ୍ୟାପକ ସଞ୍ଜୟ ପଧାନ ସଂପାନର ଉଦେଶ୍ୟ ଜ୍ଞାପନ କରିଥଲେ।

## ପୌର କାର୍ଯ୍ୟାଳୟ ସମ୍ମୁଖରେ ଚାଲିଥିବା ଧାରଣା ପ୍ରତ୍ୟାହୃତ

**ବଲାଙ୍ଗୀର ଅଫିସ, ୪।୧୨**

ଆଦିବାସୀ ଅଧିକାର ମହାସଂଘ, ଭିଲେଜର୍ସ ଇଣ୍ଡିଆ ପାର୍ଟି, ଆଦିବାସୀ ଦଳିତ ପଛୁଆବର୍ଗ ଓ ସଂଖ୍ୟାଲଘୁ ଏକତା ପରିଷଦ, ପଶ୍ଚିମ ଓଡିଶା ଲକ୍ଷେ ଘର ଗଣ୍ଡା ସମାଜ ବିକାଶ ମହାସଂଘ ଏବଂ କନ୍ଧ ସମାଜ ମହାସଂଘ ମିଳିତ ଆନୁକୂଲ୍ୟରେ ସ୍ଥାନୀୟ ପୌର ସଂସ୍ଥା କାର୍ଯ୍ୟାଳୟ ସମ୍ମୁଖରେ ଦିଆଯାଇଥିବା ଧାରଣା ପ୍ରତ୍ୟାହୃତ ହୋଇଛି । ଆନ୍ଦୋଳନକାରୀଙ୍କ ସହ ପୌର ନିର୍ବାହୀ ଅଧିକାରୀ ଆଲୋଚନା ପରେ ଏହା ହୋଇଛି । ମ୍ୟୁନିସିପାଲିଟି ନିର୍ବାହୀ ଅଧିକାରୀ ବିପିନ ଦୀପ ସହରର ୭୧୦୦ ଭୂମିହୀନମାନଙ୍କୁ ପଟ୍ଟା ପ୍ରଦାନ ପାଇଁ ବଲାଙ୍ଗୀର ତହସିଲଦାରଙ୍କୁ ସୁପାରିଶ କରିଥିବା ଜଣାଇଥିଲେ । ପାନୀୟ ଜଳର ସୁବିଧା, ରାସ୍ତାକଡରେ ବୃକ୍ଷରୋପଣ, ଗାଈଗୋରୁଙ୍କ ସୁବିଧା, ଜନଗହଳି ସ୍ଥାନରେ ଶୌଚାଳୟ ନିର୍ମାଣ ଓ ବାଦ୍ ପଡିଥିବା ଖାଉଟିଙ୍କୁ ଖାଉଟି କାର୍ଡ ବଣ୍ଟନ କରିବା ଉପରେ ପ୍ରତିଶ୍ରୁତି ଦେଇଥିଲେ। ରାଜେନ୍ଦ୍ର କଲେଜ ଏବଂ ସିଆଇଡି ମୁଖ୍ୟ କାର୍ଯ୍ୟାଳୟ ଆବର୍ଜନା ଡିପୋ ସଫେଇ କରିବାକୁ ରାଜି ହୋଇଛନ୍ତି । ପୌର ପ୍ରଶାସନ ପକ୍ଷରୁ ଏଭଳି ପ୍ରତିଶ୍ରୁତି ପରେ ଧାରଣା ପ୍ରତ୍ୟାହୃତ ହୋଇଥିବା ଜଣାପଡିଛି । ଆଲୋଚନାରେ ଭିଆଇପି ଅଧକ୍ଷ ବିପିନ କୁଶୁଲିଆ, ଦ୍ୱିଜ ଦଳପତି, ହରି ନନ୍ଦ, ରାତୁ କାଲସାଏ, ପୂର୍ଣ୍ଣଚନ୍ଦ୍ର ବିଶ୍ୱାଳ, କାଳିନ୍ଦ୍ରୀ ମାଝି, ସୁକାନ୍ତ କୁମାର ନନ୍ଦ ଏବଂ ଅନ୍ୟମାନେ ଉପସ୍ଥିତ ଥିଲେ ।



ଧାରଣାସ୍ଥଳକୁ ଆସି ପୌର ନିର୍ବାହୀ ଅଧିକାରୀ ସୁପାରିଶ ପତ୍ର ଦେବା ପରେ ଧାରଣା ପ୍ରତ୍ୟାହୃତ ହୋଇଥିଲା ।

## ଅନ୍ତର୍ଜାତୀୟ ଭିନ୍ନକ୍ଷମ ଦିବସ ପାଳିତ

**ସଇଁତଲା , ୪।୧୨ (ଡି.ଏନ.ଏ.)**

ସଇଁତଲା ବ୍ଲକ କାର୍ଯ୍ୟାଳୟ ନିକଟରେ ଥିବା ରେଡ଼କ୍ରସ ଭିନ୍ନକ୍ଷମ ବିଦ୍ୟାଳୟ ପରିସରରେ ସଇଁତଲା ତାଲୁକ ଆଇନ ସେବା ପ୍ରାଧିକରଣ ତଥା ଜୁଡ଼ିସିଆଲ ମାଜିଷ୍ଟ୍ରେଟ ଫାର୍ଷ୍ଟକ୍ଲାସ କୋର୍ଟ ତରଫରୁ ଅନ୍ତର୍ଜାତୀୟ ଭିନ୍ନକ୍ଷମ ଦିବସ ପାଳିତ ହୋଇଯାଇଛି । କାର୍ଯ୍ୟକ୍ରମରେ ସଇଁତଲା ଜେଏମଏଫସି କୋର୍ଟର ବିଚାରପତି ବିଶ୍ୱକଲ୍ୟାଣୀ ମିଶ୍ର ମୁଖ୍ୟ ଅତିଥି ଭାବେ ଯୋଗଦେଇ ଭିନ୍ନକ୍ଷମମାନଙ୍କର ସମ୍ମାନର ସହ ବଞ୍ଚିବା ଅଧିକାର ଉପରେ ଆଲୋକପାତ କରିଥିଲେ । ସମ୍ମାନୀତ ଅତିଥି ଭାବେ ଓକିଲ ସଂଘ ସଭାପତି ଦେବରାଜ ପଣ୍ଡା, ଆଇନଜୀବୀ ଦ୍ରୋପଦୀ ପାତ୍ର, ଶିବପ୍ରସାଦ ବାରିକ, ଦେବାଶିଷ ସେଠ, ବିଶ୍ୱକସେନ ପଧାନ ଯୋଗଦେଇଥିଲେ ।

## ଖଣି ବିଭାଗର କୋଟିପତି କିରାଣି

**କଟକ ଅଫିସ/ ଯାଜପୁର ଅଫିସ, ୪।୧୨**

ଯାଜପୁର ଖଣି ଉପନିର୍ଦ୍ଦେଶକଙ୍କ କାର୍ଯ୍ୟାଳୟର କନିଷ୍ଠ କିରାଣି ଚିନ୍ମୟ କୁମାର ବେହୁରାଙ୍କ ସମ୍ପତ୍ତିର ମୂଲ୍ୟ ୧କୋଟି୨ଲକ୍ଷ ୮୦ହଜାର ୧୪୫ ହଜାର ଟଙ୍କା । ଚିନ୍ମୟ ଏବେ ଡେପୁଟେଶନରେ ଟିସ୍କୋ କାଳିଆପାଣିଠାରେ କାର୍ଯ୍ୟରତ । ତାଙ୍କ ବିରୋଧରେ ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ଅଭିଯୋଗ ଆସିବା ପରେ ମଙ୍ଗଳବାର ଭିଜିଲାନ୍ସ ପକ୍ଷରୁ ଘର, ଅଫିସ ସମେତ ମୋଟ ୬ଟି ସ୍ଥାନରେ ଏକକାଳୀନ ଚଢ଼ାଉ କରାଯାଇଥିଲା । ଯାଞ୍ଚ ସ୍ଥାନଗୁଡ଼ିକ ମଧ୍ୟରେ ଯାଜପୁର ଧବଳଗିରି ନିକଟରେ ଥିବା ମାଇନିଂ କଲୋନୀସ୍ଥିତ ଆବାସିକ ସରକାରୀ କ୍ୱାର୍ଟର, ଟିସ୍କୋ କଲୋନୀ ପରିସରରେ ଥିବା ସରକାରୀ କ୍ୱାର୍ଟର, ଯାଜପୁର ଜିଲା ସୁକିନ୍ଦାଗଡ଼ ପାଇକସାହି ଗ୍ରାମରେ ଥିବା ଘର, ଯାଜପୁର ରୋଡ୍‌ର କୁସୁନପୁରସ୍ଥିତ ସାଇ ରେସିଡେନ୍ସି ଆପାର୍ଟମେଣ୍ଟରେ ଥିବା ଫ୍ଲାଟ୍, ଭଦ୍ରକ ଜିଲା ଚାନ୍ଦବାଲି ନିକଟ ଛରାଡ଼ିଆ ଗ୍ରାମରେ ଥିବା ସମ୍ପର୍କୀୟଙ୍କ ଘର ଓ ଟିସ୍କୋ ଅଫିସ ଆଦି ରହିଛି। ତେବେ ଯାଞ୍ଚରୁ ଠାବ ସମ୍ପତ୍ତିଗୁଡ଼ିକ ମଧ୍ୟରେ ଫ୍ଲାଟ୍‌ର ମୂଲ୍ୟକୁ ୨୪ ଲକ୍ଷ ୯୨ହଜାର ଟଙ୍କା, ସୁକିନ୍ଦାଗଡ଼ ନିକଟରେ ଥିବା ଦୁଇ ମହଲା କୋଠାକୁ ୩୬ ଲକ୍ଷ ୮୫ହଜାର ଟଙ୍କା ଓ ସୁକିନ୍ଦା ନିକଟରେ ଥିବା ଦୁଇଟି ପ୍ଲଟ୍ ମୂଲ୍ୟକୁ ୫୭ ହଜାର ଟଙ୍କାରେ ଆକଳନ କରିଛି ଭିଜିଲାନ୍ସ। ସେହିପରି ବେହୁରାଙ୍କର ୫ ଲକ୍ଷ ୫୬ହଜାର ୭୨୯ ଟଙ୍କାର ଗୋଟିଏ କାର୍ ଥିବାବେଳେ ୧ ଲକ୍ଷ ୨୯ହଜାର ୬୫୪ ଟଙ୍କାର ଦୁଇଟି ମୋଟରସାଇକେଲ ଓ ୫୪ହଜାର ୬୩୫ ଟଙ୍କା ମୂଲ୍ୟର ଗୋଟିଏ ସ୍କୁଟି ଥିବା ଭିଜିଲାନ୍ସ ସୂଚନା ଦେଇଛି। ଏଥିସହ ବିଭିନ୍ନ ବ୍ୟାଙ୍କ ଓ ବୀମା କମ୍ପାନୀରେ ତାଙ୍କର ୧୩ ଲକ୍ଷ ୧୧ହଜାର ୮୪୭ ଟଙ୍କା ଜମା ଥିବାବେଳେ ଘରୁ ୧୩ ଲକ୍ଷ ୮୨ହଜାର ୨୮୦ ଟଙ୍କା ମୂଲ୍ୟର ସୁନାଗହଣା, ୫ଲକ୍ଷ ୪୦ହଜାର ଟଙ୍କା ମୂଲ୍ୟର ଆସବାବପତ୍ର ଓ ଘରୁ ନଗଦ ୭୧ ହଜାର ଟଙ୍କା ଭିଜିଲାନ୍ସ ଠାବ କରିଛି।


**IDBI BANK** (A Govt. of India Owned Bank)

ଆଇଡ଼ିବିଆଇ ବ୍ୟାଙ୍କ ଲିଃ., ଗ୍ରାଣ୍ଡ ରୋଡ଼, ବଡ଼ଶଙ୍ଖ, ପୁରୀ-୭୫୨୦୦୨, ଓଡ଼ିଶା (CIN: L65190MH2004GOI148838)

**ଋଣ ରିକଲ୍ ନୋଟିସ୍**

| କ୍ର. ନ. | ଋଣଗ୍ରହୀତା/ଗ୍ୟାରେଣ୍ଟିଦାତାମାନଙ୍କ ନାମ ଏବଂ ଠିକଣା | ଋଣ ପରିମାଣ/ ଋଣ ମଞ୍ଜୁରୀ ତାରିଖ | ଋଣଗ୍ରହୀତା/ଗ୍ୟାରେଣ୍ଟିଦାତା/ବନ୍ଧକଦାତାଙ୍କ ଦ୍ୱାରା ପରିଶୋଧ କରିବାକୁ ଥିବା ସୁଧ ସହିତ ବକେୟା ପରିମାଣ |
|---|---|---|---|
| ୧. | ଋଣଗ୍ରହୀତା: **ମେସର୍ସ ସୁପ୍ରିୟା ଫୁଡ୍ ପ୍ରଡକ୍ଟସ୍, ସ୍ୱତ୍ୱାଧିକାରୀ: କେ. ରଶ୍ମୀତା ପାତ୍ର,** ସା: ଦେବୀଘାଟ, ବାରବାଟୀ ଲେନ୍, ପୁରୀ-୭୫୨୦୦୧ / **ଗ୍ୟାରେଣ୍ଟିଦାତାମାନେ : ୧) କେ. ସୁରେଶ କୁମାର,** ସା: ଦେବୀଘାଟ, ବାରବାଟୀ ଲେନ୍, ପୁରୀ-୭୫୨୦୦୧, **୨) ବାଳକୃଷ୍ଣ ନାୟକ,** କୁଣ୍ଢେଇବେଣ୍ଟ ସାହି, ବାନାୟର ମନ୍ଦିର ନିକଟ, ପୁରୀ-୭୫୨୦୦୧ | ଟ.୨୦.୦୦ଲକ୍ଷ / ୩୧.୧୨.୨୦୧୫ | ୦୧.୧୦.୨୦୧୮ ସୁଦ୍ଧା ଟ.୨୦,୯୦,୭୪୨/- |

ଏତଦ୍‌ଦ୍ୱାରା ଉପରୋକ୍ତ ଋଣଗ୍ରହୀତା ଏବଂ ଗ୍ୟାରେଣ୍ଟିଦାତା/ବନ୍ଧକଦାତାଙ୍କୁ ନୋଟିସ୍ ମାଧ୍ୟମରେ ଜଣାଇଦିଆଯାଉଛି ଯେ, ଉପରୋକ୍ତ ଋଣଗ୍ରହୀତାଙ୍କୁ **ଆଇଡିବିଆଇ ବ୍ୟାଙ୍କ ଲିଃ., (ଆଇଡିବିଆଇ ବ୍ୟାଙ୍କ)** ଦ୍ୱାରା ଆର୍ଥିକ ସହାୟତା/ଋଣ ପ୍ରଦାନ କରାଯାଇଥିଲା । ଯେହେତୁ କଥିତ ଋଣଗ୍ରହୀତା ଋଣ ପରିଶୋଧ କରିବାରେ ଅସଫଳ ହୋଇଛନ୍ତି, ତେଣୁ ତାଙ୍କର ଆକାଉଣ୍ଟ ଅଣକାର୍ଯ୍ୟକାରୀ ସମ୍ପତ୍ତି (**NPA**) ଶ୍ରେଣୀଭୁକ୍ତ ହୋଇଛି। ଆଇଡିବିଆଇ ବ୍ୟାଙ୍କ “ରେଜେଷ୍ଟ୍ରି ଡାକ ସହିତ ଏ.ଡି.”/କୋରିୟର ମାଧ୍ୟମରେ ଋଣ ପରିଶୋଧ ନିମନ୍ତେ ପୁନଃ ନୋଟିସ୍ ପ୍ରେରଣ କରାଯାଇଥିଲା । ଯାହାକି ଡାକ ବିଭାଗ/କୋରିୟର ଦ୍ୱାରା ପ୍ରଦାନ କରାଯାଇ ନପାରି ଫେରସ୍ତ ଆସିଛି। ତେଣୁ ଏହି ନୋଟିସ୍ ପ୍ରକାଶନ ମାଧ୍ୟମରେ କଥିତ ଋଣଗ୍ରହୀତା, ଗ୍ୟାରେଣ୍ଟିଦାତା/ବନ୍ଧକଦାତାମାନଙ୍କୁ ଜଣାଇ ଦିଆଯାଉଛି ଯେ, ବ୍ୟାଙ୍କର ଉପରୋକ୍ତ ବକେୟା ରାଶି ସହିତ ତତ୍‌ପରବର୍ତ୍ତୀ ସୁଧ ଏବଂ ଆନୁସଙ୍ଗିକ ଖର୍ଚ୍ଚ ଏହି ପ୍ରକାଶନର **୧୫ ଦିନ** ମଧ୍ୟରେ ପୈଠ କରନ୍ତୁ । ନଚେତ୍ ଆଇଡିବିଆଇ ବ୍ୟାଙ୍କ ଏହାପରେ, ଋଣଗ୍ରହୀତା /ଗ୍ୟାରେଣ୍ଟିଦାତାମାନଙ୍କୁ କୌଣସି ପ୍ରକାରର ଯୋଗାଯୋଗ ନ କରି ନ୍ୟାୟାଳୟ ମାଧ୍ୟମରେ ସେମାନଙ୍କ ବିପକ୍ଷରେ ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବ । ଏ ବାବଦ ଖର୍ଚ୍ଚ ଓ ଫଳାଫଳ ନିମନ୍ତେ ସେମାନେ ହିଁ ଦାୟୀ ରହିବେ।

ସ୍ଥାନ: ପୁରୀ, ତାରିଖ: ୦୪.୧୨.୨୦୧୮ — ସ୍ୱା/- ଶାଖା ମୁଖ୍ୟ, ଆଇଡ଼ିବିଆଇ ବ୍ୟାଙ୍କ ଲିମିଟେଡ



**ପୂର୍ବ ତଟ ରେଳପଥ**

**ତାଳଚେର ରୁ ଜରପଡ଼ା ଏବଂ ରେଢ଼ାଖୋଲ ରୁ ଯୁଯୁମୁରା ନୂତନ ଡ଼ବଲ ଲାଇନ୍‌ରେ ଓଭର ହେଡ୍ ଟ୍ରାକ୍ସନ ତାରରେ ବିଦ୍ୟୁତ୍ ପ୍ରବାହ ସମ୍ବନ୍ଧୀୟ ସାର୍ବଜନିକ ଅଧିସୂଚନା**

ପ୍ରୋଫର୍ମା 10.01

ପୂର୍ବ ତଟ ରେଳପଥ ଅନ୍ତର୍ଗତ ନିମ୍ନ ବର୍ଣ୍ଣିତ ସେକ୍ସନ୍‌ର ସମ୍ପୂର୍ଣ୍ଣ ହୋଇଥିବା ସେକ୍ସନରେ ଅବସ୍ଥିତ ରେଳ ଲାଇନ ଏବଂ ପରିସରକୁ ବ୍ୟବହାର କରୁଥିବା ସମସ୍ତ ବ୍ୟକ୍ତିବିଶେଷଙ୍କୁ ଏତଦ୍ୱାରା ଅବଗତ କରାଇ ଦିଆଯାଉଅଛି ଯେ, ନିର୍ଦ୍ଦିଷ୍ଟ ସେକ୍ସନ ନିମନ୍ତେ ନିର୍ଦ୍ଧାରିତ ତାରିଖରେ କିମ୍ବା ଏହାପରେ 25,000 ଭୋଲ୍ଟ, 50 HZ, A.C ଓଭରହେଡ୍ ଟ୍ରାକ୍ସନ ତାରରେ ବିଦ୍ୟୁତ୍ ପ୍ରବାହ କରାଯିବ। ସେହି ତାରିଖ ଦିନ ଓ ତାହା ପରଠାରୁ ଓଭରହେଡ୍ ଟ୍ରାକ୍ସନ ଲାଇନରେ ସବୁ ସମୟପାଇଁ ବିଦ୍ୟୁତ୍ ପ୍ରବାହ ରହିବ ଏବଂ କୌଣସି ଅନଧିକୃତ ବ୍ୟକ୍ତି ଏହି କଥିତ ଓଭରହେଡ୍ ଲାଇନ ନିକଟରେ ପ୍ରବେଶ କରିପାରିବେ ନାହିଁ କିମ୍ବା କାର୍ଯ୍ୟ କରିପାରିବେ ନାହିଁ।

| କ୍ର.ନଂ. | ସେକ୍ସନ | ମଣ୍ଡଳ | ବିଦ୍ୟୁତ୍ ପ୍ରବାହ ତାରିଖ |
|---|---|---|---|
| 1 | ତାଳଚେର ରୁ ଜରପଡ଼ା ମଧ୍ୟରେ ନୂତନ ଡ଼ବଲ୍ ଲାଇନ୍ | ସମ୍ବଲପୁର ଏବଂ ଖୋର୍ଦ୍ଧା ରୋଡ଼ | 31.12.2018 |
| 2 | ରେଢ଼ାଖୋଲ ରୁ ଯୁଯୁମୁରା ମଧ୍ୟରେ ନୂତନ ଡ଼ବଲ୍ ଲାଇନ୍ | ସମ୍ବଲପୁର | 31.01.2019 |

ଦ୍ରଷ୍ଟବ୍ୟ : ତାଳଚେର ଠାରୁ ଜରପଡ଼ା ଓ ରେଢ଼ାଖୋଲ ଠାରୁ ଯୁଯୁମୁରା ପର୍ଯ୍ୟନ୍ତ ସିଙ୍ଗିଲ୍ ଲାଇନ୍ ଏବଂ ଷ୍ଟେସନ ୟାର୍ଡ଼ର OHE ଲାଇନ୍ ଗୁଡ଼ିକରେ ଆଗରୁ 25,000 ଭୋଲ୍ଟ AC ଦ୍ୱାରା ବିଦ୍ୟୁତ୍ ପ୍ରବାହିତ ହୋଇ ସାରିଛି ।

**AC 25 KV ଟ୍ରାକ୍ସନ୍ ପ୍ରଚଳନ ନିମନ୍ତେ “ସଡ଼କ ବ୍ୟବହାରକାରୀଙ୍କୁ ସତର୍କ ସୂଚନା”**

ପ୍ରୋଫର୍ମା 10.02

ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ସୂଚାଇ ଦିଆଯାଉଅଛି ଯେ, ପୂର୍ବ ତଟ ରେଳପଥର ସମ୍ବଲପୁର ମଣ୍ଡଳ ଏବଂ ଖୋର୍ଦ୍ଧାରୋଡ଼ ମଣ୍ଡଳ ଅନ୍ତର୍ଗତ ତାଳଚେର-ସମ୍ବଲପୁର ଦୋହରୀକରଣ ସେକ୍ସନର ବିଦ୍ୟୁତୀକରଣ ସମ୍ବନ୍ଧୀୟ ପୂର୍ବ ତଟ ରେଳପଥ ଅନ୍ତର୍ଗତ ତାଳଚେର ରୁ ଜରପଡ଼ା ଏବଂ ରେଢ଼ାଖୋଲ ରୁ ଯୁଯୁମୁରା ନୂତନ ଡ଼ବଲ୍ ଲାଇନ୍ ସେକ୍ସନ ଗୁଡ଼ିକରେ 25,000 ଭୋଲ୍ଟ A.C ଇଲେକ୍ଟ୍ରିକ୍ ଟ୍ରାକ୍ସନର ପ୍ରବର୍ତ୍ତନ ସମ୍ପର୍କରେ ସମସ୍ତ ଲେଭେଲ କ୍ରସିଂ ଗୁଡ଼ିକଠାରେ କୌଣସି ବୋଝେଇ ଗାଡ଼ି ଏହି ଜୀବନ୍ତ ଟ୍ରାକ୍ସନ ତାର ସଂସ୍ପର୍ଶରେ ନ ଆସିବା କିମ୍ବା ଏହାର ନିକଟବର୍ତ୍ତୀ ବିପଦାଞ୍ଚଳକୁ ପ୍ରବେଶ ନିଷିଦ୍ଧ ନିମନ୍ତେ ସମସ୍ତ ରେଳ ଫାଟକମାନଙ୍କରେ ସଡ଼କ ପତନ ଠାରୁ 4.67 ମି. ଉଚ୍ଚତାରେ ହାଇଟ୍ ଗେଜ୍ ମାନ ସ୍ଥାପନ କରାଯାଇଅଛି।

ତେଣୁ ସର୍ବସାଧାରଣଙ୍କୁ ଏତଦ୍ୱାରା ସୂଚାଇ ଦିଆଯାଉଅଛିଯେ ସଡ଼କ ଗାଡ଼ିରେ ବୋଝେଇ କରିବା ସମୟରେ ଉପର ବର୍ଣ୍ଣିତ ଉଚ୍ଚତାକୁ ଧ୍ୟାନରେ ରଖି ବୋଝେଇ କରିବେ ଏବଂ ଏହା ଯେପରି କୌଣସି ପରିସ୍ଥିତିରେ ହାଇଟ୍ ଗେଜ୍ ସୀମା ଉଲ୍ଲଙ୍ଘନ ନକରେ, ସେଥିପ୍ରତି ଦୃଷ୍ଟି ଦେବେ।

ଅତ୍ୟଧିକ ଉଚ୍ଚତା ବିଶିଷ୍ଟ ବୋଝେଇ ଦ୍ୱାରା ସୃଷ୍ଟି ହେବାକୁ ଥିବା ବିପଦ ନିମ୍ନମତେ ଅଟେ :
(1) ହାଇଟ୍ ଗେଜ୍ ପ୍ରତି ବିପଦ ଫଳସ୍ୱରୂପ ସଡକ ଏବଂ ରେଳ ଲାଇନ୍ ର ଅବରୋଧ ।
(2) ପରିବହନ କରାଯାଉଥିବା ସାମଗ୍ରୀ ବା ଉପକରଣ କିମ୍ବା ଏହାକୁ ନେଉଥିବା ଗାଡ଼ି ପ୍ରତି ବିପଦ।
(3) ବିଦ୍ୟୁତପ୍ରବାହୀ ତାର ସନ୍ନିକଟ ବିପଜ୍ଜନକ ଅଞ୍ଚଳ କିମ୍ବା ଏହାର ସଂସ୍ପର୍ଶରେ ଆସିବା ଦ୍ୱାରା ଅଗ୍ନି ବିପଦ ଏବଂ ଜୀବନ ପ୍ରତି ବିପଦ।

PR-89/CB/18-19 — ଉପ ମୁଖ୍ୟ ବିଦ୍ୟୁତ୍ ଯନ୍ତ୍ରୀ /ନିର୍ମାଣ/ଅନୁଗୋଳ



**GOVT. OF INDIA**
**MINISTRY OF FINANCE**
**DEPARTMENT OF FINANCIAL SERVICES**
**DEBTS RECOVERY TRIBUNAL**
**COURT OF THE RECOVERY OFFICER**
**Plot No.: C/71, Sector-7, CDA, Cuttack - 753014**
सत्यमेव जयते
FORM NO. ITCP-1
**NOTICE OF DEMAND TO THE CERTIFICATE DEBTORS**
(See Rule 2 of the Second Schedule as referred to in Section 29 of the Recovery of Debts due to Banks & Financial Institutions Act, 1993)
**R.P. No. 216/2017/CTC**
**(Arising out of OA No. 281 of 2009)**

**Next Date: 28.12.2018**

**AXIS Bank Ltd.,** Cuttack Branch, At: Badambadi, P.O.: Telenga Bazar, Town/Dist.: Cuttack, PIN-753009 **...Certificate Holder Bank**

**Vs.**

**Shri Subhranshu Kumar Jena & others ...Certificate Debtors**

**To,**
1. **Shri Subhranshu Kumar Jena,** S/o: Shri Sudhanshu Sekhar Jena, At: Plot No.: 132, Bapujee Nagar, P.O.: Bapujee Nagar, Bhubaneswar, Dist.: Khurda.
2. **Shri Alekh Charan Prusty,** S/o: Late Govinda Prusty, At: Hatasinghpur, G.P.: Kalana, Dist.: Jajpur.
3. **Smt. Kumarika Samal,** W/o: Shri Subhranshu Kumar Jena, At: Plot No.: 132, Bapujee Nagar, P.O.: Bapujee Nagar, Bhubaneswar, Dist.: Khurda.
7. **Shri Prafulla Kumar Basti,** S/o: Shri Pitabas Basti, Vill- Gola Sahi, G.P. Badasa, Dist.: Nayagarh.
8. **Shri Pramod Pandi,** Shri Kishore Chandra Pandi, Vill: Ward No.: 19 of C.M.C., P.S.: Purighat, Town/Dist.: Cuttack.
9. **Shri Krushna Chandra Roul,** S/o: Ganeswar Roul, At: Goutam Nagar, Bhubaneswar, Dist.: Khurda.
11. **M/s. National Bulk Handling Corporation Ltd.,** At: Bajrakabati Road, P.O.: Buxi Bazar, Town/Dist.: Cuttack (Represented by its Cluster Head)

Take notice that Certificate arising out of **OA No. 281 of 2009** issued by the Hon'ble Presiding Officer, Debts Recovery Tribunal, Cuttack under Section 19 (22) of the Recovery of Debts due to Banks and Financial Institutions Act, 1993 and forwarded to the undersigned for recovery of **Rs. 55,39,700.41 (Rupees Fifty Five Lac Thirty Nine Thousand Seven Hundred and Paise Forty One Only)** together with interest till realisation of the dues, cost, charges as per the certificate, the details of which are given below:

| | | | |
|---|---|---|---|
| 1. Decretal Dues | | : Rs. | 55,39,700.41 |
| 2. Cost allowed | (+) | : Rs. | 1,22,000.00 |
| 3. Interest @12% p.a with quarterly rests from 03.09.2009 to 16.11.2017 | | :Rs. | 90,88,581.37 |
| Total | | :Rs. | 1,47,50,281.78 |

(**Rupees One Crore Forty Seven Lac Fifty Thousand Two Hundred Eighty One and Paise Seventy Eight Only**) with Interest @12% p.a. with quarterly rests on the amount due from 17.11.2017 till realization of the entire Dues.

2. You are hereby directed to pay the above stated sum **within 15 (Fifteen) days** of the publication of this notice, failing which the recovery shall be made in accordance with the provisions contained in Chapter V of the Recovery of Debts due to Banks & Financial Institutions Act, 1993.
3. In addition to the aforesaid amount you will also be liable for all future interest, costs, charges and expenses incurred in respect of the service of this notice and of warrants and other processes etc. and of all the other proceedings taken for realising of arrears.
4. You are hereby directed to appear in person or through legal representative before the undersigned on **28.12.2018** and report the details of payment made by you.

Given under my hand & seal at Cuttack on this **15th day of November, 2018.**

**Sd/- (R. P. Patnaik)**
**Recovery Officer**

ଧରିତ୍ରୀ
DHARITRI
ସମ୍ବଲପୁର, ବୁଧବାର, ୫ ଡିସେମ୍ବର, ୨୦୧୮



❝ ଯେଉଁ ଲୋକର ମସ୍ତିଷ୍କରେ ଜ୍ଞାନ ଭରପୂର, ସେ ହିଁ ସଂକ୍ଷେପରେ କଥାଏ କହିଦେଇପାରେ।
- ବ୍ୟାସକବି ଫକୀରମୋହନ



## ସଂକ୍ଷେପରେ

### ରେଳଧାରଣା କଡରୁ ଯୁବତୀଙ୍କ ମୃତଦେହ ଉଦ୍ଧାର

ଟିଟିଲାଗଡ଼, ୪।୧୨ (ଡି.ଏନ.ଏ): ବଲାଙ୍ଗୀର ଜିଲା ଟିଟିଲାଗଡ ଥାନା ଅନ୍ତର୍ଗତ ଲୁଥୁରବନ୍ଧ ତେଲନଦୀ ବ୍ରିଜ ପାଖ ରେଳ ଧାରଣାରୁ ମଙ୍ଗଳବାର ଜଣେ ଯୁବତୀଙ୍କ ମୃତଦେହ ଜିଆରପି ଉଦ୍ଧାର କରିଛି। ଅଦ୍ୟାବଧି ଯୁବତୀଙ୍କ ପରିଚୟ ମିଳି ପାରିନାହିଁ। ଅପରାହ୍ନ ପ୍ରାୟ ୧୨.୩୦ ରେ ବିଶାଖାପାଟଣାରୁ ଟିଟିଲାଗଡ ଅଭିମୁଖେ ଯାଉଥିବା ଟ୍ରେନ ଧକ୍କାରେ ଉକ୍ତ ଯୁବତୀଙ୍କ ମୃତ୍ୟୁ ହୋଇଥିବା ଜଣାପଡିଛି। ମୃତଦେହ ନିକଟରେ ଏକ ସାଇକେଲ ମଧ୍ୟ ରହିଛି। ଯୁବତୀଙ୍କ ପରିଚୟ ପାଇଁ ଅନୁସନ୍ଧାନ ଜାରି ରହିଥିବା ଜିଆରପି ଅଧିକାରୀ ମୋହନ ନାୟକ ସୂଚନା ଦେଇଛନ୍ତି।

# ଏକଦିବସୀୟ ଫୁଟବଲ ଟୁର୍ନାମେଣ୍ଟ: ରାଡବାହାଲ ଚାମ୍ପିୟନ

ପାଟଣାଗଡ, ୪।୧୨(ଡି.ଏନ.ଏ.)

ବଲାଙ୍ଗୀର ଜିଲା ପାଟଣାଗଡ ତମିଆଁ ସୁପରଷ୍ଟାର ଫୁଟବଲ କ୍ଲବ ଆନୁକୂଲ୍ୟରେ ଏକଦିବସୀୟ ଫୁଟବଲ ଟୁର୍ନାମେଣ୍ଟ ତମିଆଁ ଖେଳପଡିଆରେ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ଉଦଘାଟନୀ ମ୍ୟାଚରେ ରାଡବାହାଲ ଦଳ ବଲାଙ୍ଗୀର ସିସିଏଫଏକୁ ୧-୦ଗୋଲରେ ପରାସ୍ତ କରି ଚାମ୍ପିୟନ ହୋଇଛି। ଶ୍ରମିକ ନେତା ଲଳିତ ନାଏକ ମୁଖ୍ୟ ଅତିଥିଭାବେ ଯୋଗଦେଇ ଚାମ୍ପିୟନ ଓ ରନର୍ସ ଅପ ଦଳକୁ ପୁରସ୍କୃତ କରିଥିଲେ। ସମ୍ମାନୀତ ଅତିଥିଭାବେ ସେଣ୍ଟ୍ରାଲ ବ୍ୟାଙ୍କ ତମିଆଁ ଶାଖା ମ୍ୟାନେଜର ସୁଶାନ୍ତ କୁମାର, ଫିଲ୍ଡ ଅଫିସର ତପନ କୁମାର ଗଡନାଏକ, ମେହେତାବ ଗୁଡ୍ଡୁ କୈଳାସ ଅଗ୍ରୱାଲ ଯୋଗଦେଇଥିଲେ। ପିତାମ୍ବର ମେହେର, ସରୋଜ ଭୋଇ, ବଷ୍ଟି ବରିହା, ହେମନ୍ତ ବରିହା, ବିଷ୍ଣୁ ଅଗ୍ରୱାଲ ପ୍ରମୁଖ ମ୍ୟାଚଗୁଡିକୁ ପରିଚାଳନା କରିଥିବା ବେଳେ ଜେମିନି ଚିରଗୁନ ଧାରା ବିବରଣୀ ପ୍ରଦାନ କରିଥିଲେ।



ଫାଇନାଲ ମ୍ୟାଚରେ ଅତିଥିଙ୍କ ଗହଣରେ ଉଭୟ ଦଳର ଖେଳାଳିମାନେ।

### ବ୍ରାହ୍ମଣପଡା ୟୁପି ସ୍କୁଲ ୨୦୦୧ ବ୍ୟାଚ୍ ବନ୍ଧୁମିଳନ

ବଲାଙ୍ଗୀର ଅଫିସ, ୪।୧୨

ବଲାଙ୍ଗୀର ବ୍ରାହ୍ମଣପଡା ୟୁପି ସ୍କୁଲର ୨୦୦୧ ବ୍ୟାଚ୍ ଛାତ୍ରଙ୍କ ବନ୍ଧୁମିଳନ ବଲାଙ୍ଗୀର ହର୍ଡାଡାଲ ଏମଆଇପି ଠାରେ ଅନୁଷ୍ଠିତ ହୋଇଛି । ସଭାପତି ଶଶାଙ୍କ ଶେଖର କବାଟଙ୍କ ନେତୃତ୍ୱରେ ଅନୁଷ୍ଠିତ ବନ୍ଧୁମିଳନ ଉତ୍ସବରେ ରମେଶ ସୁନା, ଆଶିଷ ସ୍ୱାଇଁ, କାଳିଆ ସ୍ୱାଇଁ, ପିଣ୍ଟୁ ନାଏକ, ମନୋରଞ୍ଜନ ଜେନା, ରଞ୍ଜନ ସାହୁ, କିରନ ବଗର୍ତ୍ତି, ସଚିନ ବେହେରା ପ୍ରମୁଖ ଉପସ୍ଥିତ ଥିଲେ। ବ୍ରାହ୍ମଣପଡା ସ୍କୁଲ ସମ୍ମୁଖରେ ଲୋକେ ଅଳିଆ ଆବର୍ଜନା ପକାଉଥିବାରୁ ଉଦ୍‌ବେଗ ପ୍ରକାଶ କରିଥିଲେ । ସ୍କୁଲକୁ ଲାଗି ଲକ୍ଷ୍ମୀଯୋର କାମ ଚାଲିଥିବା ସମୟରେ ଶୌଚାଳୟ ଭାଙ୍ଗିଯାଇଥିବାରୁ ତୁରନ୍ତ ପାଚେରି ତିଆରି କରିବା ପାଇଁ ଏହି ବ୍ୟାଚ୍ ଛାତ୍ରମାନେ ଜିଲାପାଳଙ୍କ ସହ ଆଲୋଚନା କରିବେ ବୋଲି ନିଷ୍ପତ୍ତି ନେଇଥିଲେ।

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଅଦିନ ଶାଗ କିଆରି**
**ଅଦିନ କକେଇ ଡାକି ଆଇଚିଲୋ**
**ମୁଁ ତୋର କୋଉ ଝିଆରୀ ?**

ସ୍ୱାର୍ଥାନ୍ୱେଷୀ ବ୍ୟକ୍ତି ପରିଚିତ ବା ସମ୍ପର୍କୀୟ ବ୍ୟକ୍ତିଙ୍କ ସହ ମଧ୍ୟ ବିନା ସ୍ୱାର୍ଥରେ ଦିନେ କାଳେ ସମ୍ପର୍କ ରଖି ନ ଥାନ୍ତି କି ପଚାରି ନ ଥାନ୍ତି। କିନ୍ତୁ ହଠାତ୍ କୌଣସି ସ୍ୱାର୍ଥସିଦ୍ଧିର ଆବଶ୍ୟକ ପଡ଼ିଲେ ନିଜକୁ ମାମୁ, ମାଈଁ, ମଉସା, ମାଉସୀ ବା ଦାଦାଖୁଡ଼ୀର ପରିଚୟ ଦେଇ ନିକଟତର ହେବାକୁ ଚେଷ୍ଟା କରନ୍ତି। ତାଙ୍କର ଏପରି ଆଚରଣରୁ କିଛି ଗୁପ୍ତ ଉଦ୍ଦେଶ୍ୟ ଥିବା ସ୍ପଷ୍ଟ ବୁଝା ପଡ଼ିଯାଇଥାଏ। ଏପରିସ୍ଥଳେ ସେମାନଙ୍କ ଲୋକଦେଖାଣିଆ ମିଛ ସମ୍ପର୍କ ପ୍ରତି ମନରେ ପ୍ରଶ୍ନ ଉଠିବା ସ୍ୱାଭାବିକ ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

**ଅଢ଼େଇ ଦିନିଆ ଏ ସଂସାର**
**ପୁଅ କାହାର ବା ଝିଅ କାହାର ?**

ମିଛ ମାୟା ଭରା ଏ ସାରା ଦୁନିଆରେ କେହି ନୁହନ୍ତି ଆପଣାର। ପୁଅ ଝିଅ ଭଳି ସମସ୍ତ ସମ୍ପର୍କ ଏଠି ମିଛ ବା ତୁଚ୍ଛ। ସମସ୍ତେ ମାୟାରେ ବଶ। ଏହି ଅନିତ୍ୟ ସଂସାରରେ କେହି କାହାର ନୁହନ୍ତି ବୋଲି ଏଠାରେ ପ୍ରକାଶ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ରୂଢ଼ି ପ୍ରୟୋଗ
-ଏ.କେ. ମିଶ୍ର ପବ୍ଲିଶର୍ସ ପ୍ରା.ଲି.

**ଆଜି କ'ଣ କେଉଁଠି ସ୍ତମ୍ଭ**ରେ କୌଣସି କାର୍ଯ୍ୟକ୍ରମ ସ୍ଥାନିତ କରିବାକୁ ଚାହୁଁଥିଲେ ସମ୍ପୂର୍ଣ୍ଣ ବିବରଣୀ ସହ ନିକଟସ୍ଥ ପ୍ରତିନିଧି କିମ୍ବା ଧରିତ୍ରୀ ମୁଖ୍ୟ କାର୍ଯ୍ୟାଳୟ ସହ ଯୋଗାଯୋଗ କରନ୍ତୁ।

# ନଲ୍‌ଚୁଆଁରୁ ବାହାରୁଛେ ଗୁଲିଆ ପାଏନ୍

ବଙ୍ଗୋମୁଣ୍ଡା, ୪।୧୨(ଡି.ଏନ୍.ଏ)

ବଲାଙ୍ଗୀର ଜିଲା ବଙ୍ଗୋମୁଣ୍ଡା ବ୍ଲକ୍ ଚୁଲିଫୁଙ୍କା ପଁଚେତ୍‌ର ବରକାନୀ ଗାଁର ନୂଆପଡାରେ ଥିବାର ଗୁଟେବଲି ନଲ୍‌ଚୁଆଁରୁ ଦୂଷିତ ପାଏନ୍ ବାହାରୁଛେ। ଯେନ୍‌ଥିରଲାଗି ପଡ଼ାବାସୀ ବଡ଼ଭାରି ଅସ୍‌ବିଧାର ସାମନା କରୁଥିବାର ଅଭିଯୋଗ୍ କରିଛନ୍।

ଖବର ଅନ୍‌ସାରେ ଚୁଲିଫୁଙ୍କା ପଁଚେତ୍‌ର ବରକାନୀ ଗାଁର ନୂଆପଡା ହେଉଛେ ଗୁଟେ ୱାର୍ଡ। ଇଠାନେ ପଡ଼ାବାସୀକର ବେଭାର ଲାଗି ଗୁଟେ ନ ନଲ୍‌ଚୁଆଁ ରହିଛେ। ପଡ଼ାବାସୀ ପାଏନ୍‌ଲାଗି ଇ ନଲ୍‌ଚୁଆଁ ଉପ୍ରେ ପୂରାପୂରି ନିରଭର କରୁଛନ୍। ହେଲେ ନଲ୍‌ଚୁଆଁରୁ ଗୁଲିଆ ପାଏନ୍ ବାହାରୁଛେ, ଯେନ୍‌ଥିରଲାଗି ଖାଏବା ପିଇବା, ରାଁଧାବଢ଼ା କରବାରେ ବଡ଼ା ଅସ୍‌ବିଧା ହେଉଛେ। ନଲ୍‌ଚୁଆଁର ପାଏନ୍‌କେ ଗୁଟେ ବୁତଲଥି ଭରଲେ ହଳଦିଆ ଦିଶବାର ସଂଗେ ପାଏନ୍‌ରେ ମଏଲା ଭାସୁଥିବାର ଦେଖବାକେ ମିଳୁଛେ। କହେବାକେ ଗଲେ ଇ ପାଏନ୍ ବେଭାର କରବାର ଅବସ୍‌ତାରେ ନାଁଇନ। ଇ ସମସିଆ ବାବ୍‌ଦେ ଅଭିଯୋଗ କରବାକେ ମଙ୍ଗଳବାର ଗଜିନ୍ଦ୍ର ଦେବଗୁରୁ, ଦେବେନ୍ଦ୍ର ମାଝୀ, ରସିକ ଦେବଗୁରୁ, ଟିକେଲାଲ ଦେବଗୁରୁ, ନିଳାମ୍ବର ଦେବଗୁରୁ ଆର ପୂର୍ବର ବ୍ଲକ୍ ଅଧକ୍ଷ ଗୁରୁଚରଣ ବେହେରା ବ୍ଲକ୍ କାର୍ଯ୍ୟାଳୟକେ ଆସିଥିଲେ। ହେଲେ କେହେନ୍‌ସି କାରନରୁ ବିଭାଗୀୟ ଅଧିକାରୀଙ୍କୁ ସେମାନେ ଭେଟି ନାଇଁପାରି। ଇ ବାବ୍‌ଦେ ଆଗ୍‌ରୁ ଅନେକ ଥର ଅଧିକାରୀଙ୍କୁ ଜନେଇଥିଲେ ବି କିଛି ଲାଭ ନାଇଁହେଇ ବଲି ଅଭିଯୋଗକାରୀମାନେ କହିଛନ୍। ବିଭାଗୀୟ କତୃରପକ୍ଷ ଇ ଦିଗେ ଦୁରୁଷ୍ଟି ଦେଇ ଯେତେ ଜଲ୍‌ଦି ହେବା ସମସିଆର ସମାଧାନ କରବାକେ ପଡ଼ାବାସୀ ଦାବି କରିଛନ୍। ଯଦି ସମସିଆର ସମାଧାନ ନାଇଁହେଲା ଆଏବାର ଦିନ୍‌କେ ଅଂଦୋଳନ କରାଯିବା ବଲି ଅଭିଯୋଗକାରୀମାନେ ଚେତାବନୀ ଦେଇଛନ୍।



ଅଭିଯୋଗକାରୀମାନେ ନଲ୍‌ଚୁଆଁର ପାଏନ୍‌କେ ଦେଖଉଛନ୍ ।


**OFFICE OF THE EXECUTIVE ENGINEER**
**BALANGIR (R&B) DIVISION, BALANGIR**
Email : eepwd.bgr@rediffmail.com, eepwd.bgr@gmail.com, Ph.No. 06652-232374

**CANCELLATION OF WORK**

**Bid Identification No. BGR R&B / 14/ 2018-19**
**Letter No. 4408/ Dtd. 13.11.2018**
**Tender ID Nos. 2018_EICCL_50941_2**
**No. 4683/ Date. 30.11.2018**

No. 969-B

The works in Sl. No. 02 "Construction of approach road to Reserve Police Colony at Balangir District head quarters." In Bid Identification No. BGR R&B /14/ 2018-19 is hereby cancelled on technical ground.

Sd./- Executive Engineer,
Balangir (R&B) Division, Balangir
34028/11/0044/1819

+PILES CLINIC+
Near Budheswari Temple, ମତ୍ସ୍ୟ ବିକ୍ରୟ କେନ୍ଦ୍ର ନିକଟ, CTC Road, BBSR
☎ 0674 - 2310255, 9861146916
ଅର୍ଶ (PILES)
ମଳକଣ୍ଟକ (FISSURE)
ଭଗନ୍ଦର (FISTULA)
WITHOUT SURGICAL OPERATION
DR. R. PRASAD
GAMS (PATNA)
DR. PREM KUMAR
BAMS, LLB (UTKAL)
10AM TO 8PM
VSS Nagar, Q.N.- B/L-107, Vanivihar, BBSR
☎ 0674 - 2581337, 9437301790

**OFFICE OF THE SUPERINTENDENT,**
**SAHEED LAXMAN NAYAK MEDICAL COLLEGE AND HOSPITAL, KORAPUT**

Letter No. 1663 Dt. 01.12.2018

**NOTICE**

620-E

Sub- Provisional list of Paramedical Staff.

Candidate who have applied for the post of Laboratory Technician & Radiographer vide this office Advt. No. 1330, Dt.30.10.2018 are hereby requested to visit the Koraput Dist. Website www.koraput.nic.in to invite objections on the provisional list. They are requested to submit their objections on provisional list if any in the given prescribed format before 08.12.2018 by 5.00PM. No objections will be entertained beyond the stipulated time period. Final Merit list will be published in the website for appointment later.

*Sd./- Superintendent*
*SLNMCH, Koraput*
10121/11/0028/1819

**ZILLA SWASTHYA SAMITI, KHORDHA**
**DISTRICT PROGRAMME MANAGEMENT UNIT**
**NATIONAL HEALTH MISSION**
Advt. No. 14039/NHM/2018 Date: 03.12.2018

**NOTICE INVITING BID**
**FOR EQUIPMENT, AIDS & DRUGS FOR DEIC (RBSK) O/O CDM&PHO, KHORDHA**

**No. 623-E:-** Bids are invited from eligible firms / company / agency / suppliers /distributors to supply the Equipments, Aids & Drugs to DEIC, RBSK Khordha. The bid document with all information relating to the bidding process including the cost of bid document, EMD, Eligibility criteria and terms & conditions are available in the district website: www.khordha.nic.in. The last date of submission of bid is on or before 26.12.2018 by 4PM to the O/o-CDM&PHO, Khordha through Speed Post / Regd. Post / Courier only. The undersigned reserves the right to cancel any or all the bids without assigning any reason thereof.

*Sd./- Chief District Medical &*
*Public Health Officer, Khordha*
10029/11/0034/1819

**ZILLA SWASTHYA SAMITI, SUNDARGARH**
**DISTRICT PROGRAMME MANAGEMENT UNIT, NHM**
**O/o CDM & PHO, SUNDARGARH, DIST.- SUNDARGARH**
Advertisement No. 5412 Date: 01.12.2018

**NOTICE**

**No. 616-E:-** Applications are invited from the contractual employees of NHM working in the same post under OSH & FW Society in other districts, desiring to be posted in SUNDARGARH District against the category of posts mentioned below:-

| Sl. No. | Name of the Post | No. of Vacancy |
|---|---|---|
| 1. | Block Programme Manager | 01 |
| 2. | Block Accounts Manager/Accountant | 04 |

Interested in-house candidates of NHM only are requested to apply in the prescribed format with NOC and experience certificate issued by concerned CDM & PHO. Selection shall be made on the highest length of incumbency in the same post under OSH&FW Society. The application format & other details can be obtained from the district website www.sundergarh.nic.in and the application should reach to the Office of the Chief District Medical & Public Health Officer, Sundargarh, PIN-770001 by dt.13th December 2018 upto (5.00PM) through REGISTERED / SPEED POST only. Envelopes containing applications must be superscribed in bold letter for the post applied for. Applications received after due date will be rejected and the undersigned is not responsible for any postal delay. Vacancies shown above are provisional and subject to change during the time of posting. Incomplete application in any form is liable for rejection. The undersigned reserves the right to accept / reject any application and modify / cancel the advertisement without assigning any reason thereof. Status of the selection process will be web hoisted in the District website and no personal query will be entertained.

*Sd./-*
*Chief District Medical & Public Health Officer -cum-District Mission Director, Sundargarh*
10100/11/0068/1819

**ଜିଲ୍ଲା ପ୍ରକଳ୍ପ କାର୍ଯ୍ୟାଳୟ**
**ଶିକ୍ଷା ଅଧିକାର, ସର୍ବ ଶିକ୍ଷା ଅଭିଯାନ**
**ଶିକ୍ଷା ସଦନ, କୋରାପୁଟ- ୭୬୪୦୨୦**
ଫୋନ: (୦୬୮୫୨)-୨୫୨୪୨୧(କାର୍ଯ୍ୟାଳୟ), ୨୫୨୮୫୭(ଏମଆଇଏସ),
ଇମେଲ: dpckoraputssa.opepa@nic.in, grievancessakpt@gmail.com

**ବିଜ୍ଞାପନ**

ବିଜ୍ଞାପନ ସଂଖ୍ୟା: ୪୩୬୭/ ୨୦୧୮ V. Estt. 109/18 ତା: ୦୧।୧୨।୨୦୧୮

**No.63-n:-** ଏହି କାର୍ଯ୍ୟାଳୟ ବିଜ୍ଞାପନ ସଂଖ୍ୟା ୪୩୪୯ ତା: ୩୦।୧୧।୨୦୧୮ ରିଖ ପ୍ରତି ଦୃଷ୍ଟି ଆକର୍ଷଣ ପୂର୍ବକ, ସର୍ବସାଧାରଣ ଓ ବର୍ତ୍ତମାନ ଚିଠାଯୋଗ୍ୟ ତାଲିକାରେ ନାମ ରହିଥିବା ସମସ୍ତ ପ୍ରାର୍ଥୀ ଓ ପ୍ରାର୍ଥିନୀ +2 CT (Science & Arts) ଓ +3 B.Ed (Science & Arts)ଙ୍କ ଅବଗତ ନିମନ୍ତେ ଜଣାଇ ଦିଆଯାଉଅଛି ଯେ, ନିଯୁକ୍ତି ସ୍ଥାନ ଚୟନ ପ୍ରକ୍ରିୟା (Counseling) ଆସନ୍ତା ତା: ୦୭।୧୨।୨୦୧୮ ରିଖ ପୂର୍ବାହ୍ନ ୧୦.୦୦ ଘଟିକା ସମୟରୁ ଜିଲ୍ଲା ପ୍ରକଳ୍ପ କାର୍ଯ୍ୟାଳୟ, ସର୍ବ ଶିକ୍ଷା ଅଭିଯାନ, କୋରାପୁଟ ଠାରେ ଅନୁଷ୍ଠିତ ହେବ। ପ୍ରସ୍ତାବିତ ନିଯୁକ୍ତି ସ୍ଥାନ ଚୟନ ପ୍ରକ୍ରିୟା (Counseling) ଦିନ ଓ ସମୟରେ ସମସ୍ତ ପ୍ରାର୍ଥୀ ଓ ପ୍ରାର୍ଥିନୀ ଉପସ୍ଥିତ ରହି ସ୍ଥାନ ଚୟନ ସହ ନିମ୍ନଲିଖିତ ପ୍ରମାଣପତ୍ର (Photocopies of Certificates) ଗୁଡ଼ିକର ନକଲ ଓ ଦୁଇଟି Passport size Photo ପ୍ରାଧିକୃତ ଅଧିକାରୀଙ୍କ ନିକଟରେ ଦାଖଲ କରିବେ ଓ ମୂଳ ଯୋଗ୍ୟତା ପ୍ରମାଣପତ୍ର (Original Certificates) ସହ ଯାଞ୍ଚ କରାଇନେବେ। ଏଥିରେ କୌଣସି ବ୍ୟତିକ୍ରମ ଯେପରି ନ ହୁଏ ସେଥିପ୍ରତି ସଜାଗ ରହିବେ।

**ସ୍ୱା./- ଜିଲ୍ଲା ପ୍ରକଳ୍ପ ସଂଯୋଜକ**
**ଶିକ୍ଷା ଅଧିକାର-ସର୍ବ ଶିକ୍ଷା ଅଭିଯାନ, କୋରାପୁଟ**

**DOCUMENTS REQUIRED TO BE SUBMITTED IN CRONOLOGICAL ORDER FOR VERIFICATION WITH ORIGINAL CERTIFICATES (For +2 CT Science & Arts Candidates) on 07.12.2018**

1. Application form (downloaded at the time of application), 2. HSC Certificate, 3. HSC Mark Sheet, 4. +2 Certificate, 5. +2 Mark Sheet (All semester), 6. Training Qualification Certificate, 7. Trainign qualification Mark Sheet, 8. +3 Certificate, 9. +3 Mark Sheets (if passed), 10. OTET pass certificate, 11. Recent Caste Certificate issued by competent authority, 12. Recent Residence Certificate issued by competent authority. 13. Valid Employment Exchange Registration Certificate, 14. 02 Nos. of recent color Passport size photograph, 15. Proof of identification (Aadhaar/ DL/Voter ID/PAN), 16. Equivalency certificate in case of certificates from Boards / Universities other than Odisha Board / Universities, 17. RCI registration certificate in case of special education Training.
**27035/11/0023/1819**

# CLASSIFIED DISPLAY

ALL EDITION-B/W (Every Day) | For Booking Contact: 0674-2580385, 7894447131, 7894447148, 9437038266, 7894447166

Get Instant Cash against Gold, Sell Your Gold at 100% Market Value
GOLD CASH LTD
(an ISO 9001:2015 Certified Company)
ନିଜ ବନ୍ଧକ ସୁନାକୁ ମୁକୁଳେଇବା ପାଇଁ ଆମକୁ ଯୋଗାଯୋଗ କରନ୍ତୁ ଏବଂ GOLD CASH ଆପଣଙ୍କ ବନ୍ଧକ ସୁନାକୁ ଉଚିତ ମୂଲ୍ୟରେ ନେବା ବିକ୍ରି କରନ୍ତୁ ଆପଣଙ୍କ ସୁନା ଗହଣା ଆମ ପାଖରେ ଏବଂ ପାଆନ୍ତୁ ୧୦୦% ମାର୍କେଟ୍ ମୂଲ୍ୟରେ।
WWW.GOLDCASH.CO
9090902555, 9090903555
Toll Free: 1800-120-3430
Branches: Bhubaneswar, Cuttack, Bhadrak, Rourkela & Berhampur

BALADEV FINANCE
ଓଡ଼ିଶାର ସମସ୍ତ ଜିଲ୍ଲା ପାଇଁ Personal, Business, Home, Certificate, Property, କୃଷି ଓ ଶିକ୍ଷା ପାଇଁ ସମସ୍ତ ପ୍ରକାର loan Baladev Finance ଦ୍ୱାରା ଯୋଗାଇ ଦିଆଯାଉଛି।
ସୁଧ ୨%
M: 7750923286
7750921101

ମୁଦ୍ରିକା ଫାଇନାନ୍ସ ଲୋନ
ଏଜେଣ୍ଟ ଏବଂ ଡିଲରଶିପ୍ ସୁଧ 2% ଛାଡ଼, 40% ସହଜ କିସ୍ତିରେ କମ୍ପାନୀଠୁ ସମସ୍ତ ପ୍ରକାରର ଲୋନ ପ୍ରାପ୍ତ କରନ୍ତୁ।
7055500110
7351444489
ବାଲେଶ୍ୱର- 7088008550
କଟକ- 7618439473
ଯାଜପୁର- 7055111132
ସୁନ୍ଦରଗଡ଼- 8057447508

FINANCE
Mahalaxmi Credit Services
Bank ଯଦି ଋଣ ଦଉନି ତାହେଲେ ଆମ କମ୍ପାନୀ ଠାରୁ ମାର୍କସିଟ, ଆଧାରକାର୍ଡ, କୃଷି ଓ ସମ୍ପତି, ବ୍ୟକ୍ତିଗତ, BPL ଋଣ ପାଆନ୍ତୁ 25 ଲକ୍ଷ୍ୟ ପର୍ଯ୍ୟନ୍ତ। ବାର୍ଷିକ 4% ସୁଧ 35% ଛାଡ । ଘରେ ବସି ପାଆନ୍ତୁ
website- mahalaxmicreditservices.com
Lane No - 5, MG Road, Bangalore
9105689469
8395030162

ମୁଦ୍ରା ପ୍ରୋତ୍ସାହନ ଯୋଜନା ଅଧୀନରେ !!! ଋଣ ଉପରେ ଋଣ !!! ମାର୍କଶିଟ୍, ପର୍ସନାଲ, କୃଷି, ଲଘୁ ଉଦ୍ୟୋଗ ଋଣ !!! ମହିଳା ଗ୍ରୁପ, ବିକଳାଙ୍ଗଙ୍କ ପାଇଁ ବିଶେଷ ରିହାତି !!! ପ୍ରକ୍ରିୟାକରଣ ୨ କାଗଜ ଉପରେ !!! ୨% ସୁଧ, ୪୦% ସବ୍‌ସିଡି !!! ଗ୍ରୁପ୍ ଫାଇଲ୍ ଉପରେ ୨% କମିଶନ।
8376930370
7840058835
H.No.-258, VPO Duhai, Ghaziabad, (U.P.) 201203

BUSINESS
ଖାଲିଥିବା ଜମି ଓ ଛାତ ଉପରେ ଗ୍ୟାଲେକ୍ସୀ ଗ୍ରୁପର ଡିଜିଟାଲ ଉପକରଣ ବସାଇ ଅଗ୍ରୀମ 70,000,00/- ପାଆନ୍ତୁ ଓ ମାସକୁ ଭଡା 45,000/- ଟଙ୍କା ପାଆନ୍ତୁ । ଜଣକୁ ଚାକିରି ମିଳିବ । ଆଜି ହିଁ ସଂମ୍ପର୍କ କରନ୍ତୁ
Plot No - 114/617, Devaraja Mohalla, Bangalore, Karnataka 570001
Call / SMS Now
8697980580

କୁବେର ଫାଇନାନ୍ସ
ମୁଖ୍ୟମନ୍ତ୍ରୀ ଯୋଜନା ଦ୍ୱାରା ସବୁ ଋଣ ଘରେ ବସି 24 ଘଣ୍ଟାରେ ପାଆନ୍ତୁ। ମାର୍କଶିଟ୍, ପ୍ରପର୍ଟି, ପର୍ସନାଲ, ଆଧାରକାର୍ଡ, ବିପିଏଲ୍, ମହିଳା ଗ୍ରୁପ୍ ଋଣ 0% ସୁଧ, 35% ସବ୍‌ସିଡି।
Helpline
18002126755
08802683947
Dist: Khargaon, Madhyapradesh

T.C.F. FINANCE
(Govt. Registered)
ଋଣ ମାତ୍ର 6 ଘଣ୍ଟାରେ । ନୋ ଫାଇଲ ଚାର୍ଜ, ବିନା ଗ୍ୟାରେଣ୍ଟର ମାର୍କଶିଟ୍ ଋଣ (ସାର୍ଟିଫିକେଟ୍), ପ୍ରପର୍ଟି, ପର୍ସନାଲ, ଗୃହଋଣ, 0% ସୁଧ, 50% ରିହାତି। (ଠକମାନଙ୍କ ପ୍ରତି ସାବଧାନ)
08859668407
୩୯, ପଟେଲ ନଗର, ଆଶିକ ସାହାରନପୁର ରୋଡ୍, ଡେରାଡୁନ୍ - ୨୪୫୦୦୧

LOAN
ଆପଣ ବେରୋଜଗାରିଆ କି? ଏବେ ଓଡ଼ିଶାରେ ପ୍ରଥମ ଥର ପାଇଁ ମୁଦ୍ରା ଯୋଜନାରେ ଗ୍ରାହକମାନଙ୍କୁ କମ୍ ସୁଧରେ ୫୦ ହଜାରରୁ ୫ ଲକ୍ଷ ପର୍ଯ୍ୟନ୍ତ ଋଣ ଯୋଗାଇ ଦିଆଯାଉଛି। ଡକ୍ୟୁମେଣ୍ଟ Email:- fileodisha@gmail.com ରେ ପଠାଇ ପାରିବେ।
7991052261
7991052595
405 D, Gandhi Marg, Mumbai-02

LOAN
ଓଡ଼ିଶାର ସମସ୍ତ ଜିଲ୍ଲା ପାଇଁ ବ୍ୟକ୍ତିଗତ, କୃଷି, ଶିକ୍ଷା, ମାର୍କସିଟ୍, ବ୍ୟବସାୟ ଓ ମହିଳା ଗ୍ରୁପ୍‌କୁ SAMRUDHI FINANCEରୁ ଋଣ ଯୋଗାଇ ଦିଆଯାଉଛି।
B-19, Tower No-9, New Moti Bagh, New Delhi-110021
8658167603
7064382081

ଟଙ୍କା ନେଉନ୍ତୁ, ଧୋକା ଦେଉନ୍ତୁ
MUDRA FINANCE
ଆଗେ କାମ - ପରେ ଦାମ
ପର୍ସନାଲ, ପ୍ରପର୍ଟି ମାର୍କଶିଟ୍, ବ୍ୟବସାୟ ଯାନବାହନ, ଆଧାରକାର୍ଡ ରାଶନ କାର୍ଡ ସମସ୍ତ ଋଣ
2% ସୁଧ - 40% ରିହାତି
ଘରେ ବସି ଉପଲବ୍ଧ
7078300380
Ram Nagar, Narnel, Haryana

ସରକାରୀ ଜନଧନ ଯୋଜନା ଅଧୀନରେ
DHANLAXMI FINANCE PVT. LTD.
(Regd. No.- 004554MH)
ଦ୍ୱାରା ସରକାରୀ ବ୍ୟାଙ୍କରୁ ମାର୍କଶିଟ୍, ପ୍ରପର୍ଟି, ଆଧାରକାର୍ଡ, ରାଶନକାର୍ଡ, ପର୍ସନାଲ , ଗ୍ରୁପ୍ ଋଣ ଏବଂ ସମସ୍ତ ଋଣ କେବଳ 24 ଘଣ୍ଟାରେ ପାଆନ୍ତୁ । 2% ସୁଧ 50% ରିହାତି
Helpline Number
9499218982
Goudunipokhari, Pharsibandha, Bhadrak, Odisha - 756132

କେମିତି ମଦ ଛାଡ଼ିବେ
ଆସକ୍ତ ବ୍ୟକ୍ତିଙ୍କୁ ନ ଆଣି ଏବଂ ନ ଜଣାଇ।
ସମୟ ପୂର୍ବାହ୍ନ ୧୦ ଘଟିକାରୁ ଅପରାହ୍ନ ୨ ଘଟିକା
ବାଲେଶ୍ୱର: ପ୍ରତିମାସ ୧ ଓ ୧୫, ହୋଟେଲ୍ କଳିଙ୍ଗ, ଷ୍ଟେଶନ ଗୋଲେଇ। ଭଦ୍ରକ: ୨ ଓ ୧୬, ହୋଟେଲ ବ୍ଲୁଭାଇନ୍, ରାଜଘାଟ ଛକ। ଯାଜପୁର: ୩ ଓ ୧୭, ହୋଟେଲ ଭୀମସେନ ପ୍ୟାଲେସ୍, ଗୋପବନ୍ଧୁ ଛକ, ଯାଜପୁର ରୋଡ୍। କଟକ: ୪ ଓ ୧୮, ହୋଟେଲ ମା ମଙ୍ଗଳା, ବାଦାମବାଡ଼ି, ବସ୍‌ଷ୍ଟାଣ୍ଡ ନିକଟ। ଭୁବନେଶ୍ୱର: ୫ ଓ ୧୯ ହୋଟେଲ୍ ଟ୍ରାଇଡେଣ୍ଟ (ଲଜ୍) ବଡ଼ଜେନା କମର୍ସିଆଲ୍ କମ୍ପ୍ଲେକ୍ସ, ୧୯୮, ଅଶୋକ ନଗର, ୟୁନିଟ୍-୨। ପୁରୀ: ୬ ଓ ୨୦, ହୋଟେଲ ପାରାଡାଇଜ୍, ଗ୍ରାଣ୍ଡ ରୋଡ୍, ବଡ଼ଦାଣ୍ଡ ନିକଟ। ବାରିପଦା: ୭ ଓ ୨୧, ହୋଟେଲ ଗଣେଶ, ଗଣେଶ ମାର୍କେଟ। ସମ୍ବଲପୁର: ପ୍ରତିମାସ ୮ ଓ ୨୨, ହୋଟେଲ ସୁଜାତା, ଭି.ଏସ୍.ଏସ୍. ମାର୍ଗ, ବସ୍ ଷ୍ଟାଣ୍ଡ ନିକଟ। ରାଉରକେଲା: ପ୍ରତିମାସ ୯ ଓ ୨୩, ହୋଟେଲ ଶ୍ୟାମ, ବିସ୍ରା ରୋଡ୍, ରେଳ ଷ୍ଟେଶନ ନିକଟ। ପାରାଦୀପ: ପ୍ରତିମାସ ୮ ଓ ୨୨, ହୋଟେଲ ଆରିଷ୍ଟୋକ୍ରାଟ୍। କେନ୍ଦ୍ରାପଡ଼ା: ପ୍ରତିମାସ ୯ ଓ ୨୩, ହୋଟେଲ ଗୋଲ୍‌ଡେନ୍ ପ୍ୟାଲେସ, ବସ୍ ଷ୍ଟାଣ୍ଡ ନିକଟ। କେନ୍ଦୁଝର: ପ୍ରତିମାସ ୧୦ ଓ ୨୪, ହୋଟେଲ ବରାଳ, ବସ୍ ଷ୍ଟାଣ୍ଡ ନିକଟ। ଝାରସୁଗୁଡ଼ା: ୧୦ ଓ ୨୪, ହୋଟେଲ ଉପହାର, ଓମ୍.ବି. ରୋଡ୍। ଅନୁଗୋଳ: ୧୧ ଓ ୨୫, ହୋଟେଲ ଶାନ୍ତି, ବସ୍ ଷ୍ଟାଣ୍ଡ ନିକଟ। ବ୍ରହ୍ମପୁର: ୧୨ ଓ ୨୬, ହୋଟେଲ ଲେକ୍‌ଭ୍ୟୁ, ରାମ ଲିଙ୍ଗ ଟ୍ରଙ୍କ ରୋଡ୍। ଭବାନୀପାଟଣା: ୧୩ ଓ ୨୭, ରବି ଲଜ୍, ଗାନ୍ଧୀ ଚୌକ। ବରଗଡ଼: ୧୪ ଓ ୨୮, ହୋଟେଲ ଓରିଏଣ୍ଟାଲ, କେନାଲ ଆଭେନ୍ୟୁ ନିକଟ। ଫୁଲବାଣୀ: ପ୍ରତିମାସ ୧୨ ତାରିଖ, ହୋଟେଲ ରାଜ କମଲ। ନୟାଗଡ଼: ପ୍ରତିମାସ ୧୧ ତାରିଖ, ହୋଟେଲ ତ୍ରିନାଥ, ଦିଘା ରୋଡ୍। ପୂଜା ହେଲ୍‌ଥ ସେଣ୍ଟର
ଶ୍ୱାସରୋଗ, ଗଣ୍ଠି ଯନ୍ତ୍ରଣା, ଅର୍ଶ, ଓଜନ ବୃଦ୍ଧି ପାଇଁ ପ୍ରଭାବୀ ଔଷଧ।

ଅଲ୍ ଇଣ୍ଡିଆ ଖୋଲା ଚ୍ୟାଲେଞ୍ଜ
2 ଘଣ୍ଟାରେ 100% ଗ୍ୟାରେଣ୍ଟିଡ୍ ସମାଧାନ
ତାନ୍ତ୍ରିକ ମାଷ୍ଟର କିଙ୍ଗ୍ ଖାନ୍‌ଙ୍କ ଖୋଲା ଚ୍ୟାଲେଞ୍ଜ
ବ୍ୟବସାୟ, ପ୍ରେମରେ ସମସ୍ୟା ଓ ଶତ୍ରୁ ମୁକ୍ତି, ଗୃହକ୍ଲେଶ ଓ ସ୍ୱାମୀ-ସ୍ତ୍ରୀଙ୍କ ଝଗଡ଼ା, ପ୍ରେମବିବାହ, ପ୍ରପର୍ଟି, କୋର୍ଟ କେସ୍, ଗୁପ୍ତରୋଗରେ ଔଷଧ କାମ ନ କରିବା, ପୁରୁଣା ପୀଡ଼ାରେ ଔଷଧ କାମ ନ କରିବା, ଯାଦୁ-ଟୋନା, ବଶୀକରଣ, ଗୁଣିଗାରେଡ଼ି, ବିବାହରେ ବାଧା, ମନପସନ୍ଦ ପ୍ରେମ।
A to Z ସମସ୍ୟାର ସମାଧାନ ଘରେ ବସି।
ସ୍ପେଶାଲିଷ୍ଟ ବଶୀକରଣ, ମୁଠକରଣୀ ଏବଂ କଳା ଯାଦୁ
ଆମେ କରିଥିବା କାମକୁ ଯଦି କୌଣସି ଜ୍ୟୋତିଷ, ପଣ୍ଡିତ କିମ୍ୱା ମୌଲବୀ କାଟିଦିଅନ୍ତି ତେବେ ତାଙ୍କୁ ଦାବି ମୁତାବକ ପୁରସ୍କାର।
ବାବା ଆମିଲ ସୁଫି
9540938429
9903852257
ରାମ ମନ୍ଦିର, ସତ୍ୟନଗର, ଭୁବନେଶ୍ୱର

M. GROUP FINANCE CO.
DIWALI OFFER
(Govt. Approved)
• Personal Loan
• Business Loan
• Salary Slip Loan
• Marksheet Loan
2% Interest, ମହିଳାଙ୍କ ପାଇଁ 50% subsidy
Balasore, Ganjam, Dhenkanal, Delhi
9650189261
9718741868
Block Chack, Balasore-756027

Shri Ram Finance
ସେବା ସମିତି ଋଣ ଅଫର୍
ପିଏମ୍ ଋଣ ଯୋଜନା ଅଧୀନରେ 5 ଘଣ୍ଟାରେ ସବୁ ପ୍ରକାର ଋଣ ପାଆନ୍ତୁ । ମାର୍କଶିଟ୍, ପ୍ରପର୍ଟି, ପର୍ସନାଲ, ବିପିଏଲ୍ କାର୍ଡ । ବେରୋଜଗାର, ମହିଳା ଗ୍ରୁପ୍ ଋଣ ପାଆନ୍ତୁ 2% ସୁଧ 40% ସରକାରୀ ସବ୍‌ସିଡି।
Helpline Numbers
9996568749
7497026992
Kutasingha, Tentuligaon, Bolangir, Orissa 767068

ନୂଆବର୍ଷର ଶୁଭ ଅବସରରେ
GANAPATI FINANCE
ଦ୍ୱାରା ଆଧାରକାର୍ଡ, ମାର୍କଶିଟ୍, ଗୃହ, ପର୍ସନାଲ, ବ୍ୟବସାୟ
ସମସ୍ତ ଋଣ ମାତ୍ର 4 ଘଣ୍ଟାରେ
1% ସୁଧ - 50% ରିହାତି
ମହିଳା / ସରକାରୀ କର୍ମଚାରୀଙ୍କ ପାଇଁ ରିହାତି
ଦ୍ରଷ୍ଟବ୍ୟ: ଆମର ଅନ୍ୟ କୌଣସି ଶାଖା ନାହିଁ
ଯୋଗାଯୋଗ: ସୁନିତା
8860416623, 8860412564
168, Sector 30, Jagatpura, Jaipur (Rajasthan)

ଭାରତର ନଂ.1 କମ୍ପାନୀ
HI-TECH TOWER
(GOVT. REGD.)
ଡିଜିଟାଲ ଉପକରଣ ଜମି, ଛାତ, ପ୍ଲଟ୍ କ୍ଷେତରେ ଲଗାନ୍ତୁ
ପାଆନ୍ତୁ 60 ଲକ୍ଷ ଅଗ୍ରିମ + ଭଡ଼ା 40 ହଜାର + 20,000/-ର ପ୍ରୋତ୍ସାହନ + ବାଇକ୍ + ଜୀବନ ବୀମା
(ଠକମାନଙ୍କ ପ୍ରତି ସାବଧାନ)
08818956614
09753490869
#908, Dhiman Line, Yamuna Nagar, Haryana.

TARIFF
MORE SPACE • SAME PRICE

| For Single Day | | For 7 Days | | For 15 Days | | For 30Days | |
|---|---|---|---|---|---|---|---|
| 6×4 | 12×4 | 6×4 | 12×4 | 6×4 | 12×4 | 6×4 | 12×4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

* GST 5% Extra


**ପାଠକଙ୍କ ପାଇଁ ସୂଚନା:**
ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।



ନ୍ୟାୟ ଯଦି ବିଳମ୍ବରେ ମିଳିଲା, ତାହା ନ ମିଳିବା ସଙ୍ଗେ ସମାନ।

- ୱିଲିୟମ ଗ୍ଲାଡ଼ଷ୍ଟୋନ



## ସଂକ୍ଷେପରେ



### ବେଆଇନ ଧାନ ଗୋଦାମ ଉପରେ ଚଢ଼ାଉ

**ଟିଟିଲାଗଡ଼, ୪।୧୨(ଡି.ଏନ.ଏ.):** ରାଜ୍ୟ ସରକାର ନଭେମ୍ବର ୧୪ ବଲାଙ୍ଗୀର ଜିଲାର ଧାନ ମଣ୍ଡି ଜରିଆରେ ଚାଷୀଙ୍କ ଧାନକ୍ରୟ ପାଇଁ ଘୋଷଣା କରିଛନ୍ତି। ହେଲେ ଅଦ୍ୟାବଧି ଟିଟିଲାଗଡ ଉପଖଣ୍ଡରେ ମଣ୍ଡିର ଦେଖାନାହିଁ। ଏ ନେଇ କେତେକ ଅସାଧୁ ମିଲର୍ସଙ୍କ ଦ୍ୱାରା ନିଯୁକ୍ତ ମଧ୍ୟସ୍ଥ ଚାଷୀଙ୍କଠାରୁ କମ୍‌ଦରରେ ଧାନ କ୍ରୟ କରୁଥିବା ଅଭିଯୋଗ ହୋଇଛି। ଏପରି କ୍ଷେତ୍ରରେ ଟିଟିଲାଗଡ ବ୍ଲକ ଅନ୍ତର୍ଗତ ବାନ୍ଧୁପଲାଠାରେ ଏକ ଗୋଦାମରେ ଟିଟିଲାଗଡ ଉପଜିଲାପାଳ ସୁଧାକର ନାୟକ ଚଢ଼ାଉ କରିଥିଲେ। ଚଢ଼ାଉରେ ଉପଜିଲାପାଳଙ୍କ ସମେତ ଉପଖଣ୍ଡ ଯୋଗାଣ ଅଧିକାରୀ ରାଜକିଶୋର ପାଣିଗ୍ରାହୀ, ଟିଟିଲାଗଡ ଥାନା ଆଇଆଇସି ପ୍ରଭାତ ରଞ୍ଜନ ମହାନ୍ତି, ଏସଆଇ ସରୋଜ ରଞ୍ଜନ ରଥ, ଟିଟିଲାଗଡ ଏବଂ ସଇଁତଲା ଯୋଗାଣ ନିରୀକ୍ଷକ ସାମିଲ ଥିଲେ। ରିପୋର୍ଟ ଲେଖାଯିବା ସୁଦ୍ଧା ଉକ୍ତ ଗୋଦାମରେ ରହିଥିବା ଧାନ ବସ୍ତା ମଧ୍ୟରୁ ପ୍ରାୟ ୩୯୦୦ ବସ୍ତା ଧାନର ଓଜନ ସରିଥିବା ବେଳେ ବୁଧବାର ମଧ୍ୟ ଗଣନା ଜାରି ରହିବ ବୋଲି ଉପଖଣ୍ଡ ଯୋଗାଣ ଅଧିକାରୀ କହିଛନ୍ତି।

### ବିଶୁଦ୍ଧ ପାଣି ଯୋଗାଇବା ଦାବିରେ ଧାରଣା

**କଣ୍ଟାବାଞ୍ଜି, ୪।୧୨(ଡି.ଏନ.ଏ.):** କଣ୍ଟାବାଞ୍ଜି ପୌରାଞ୍ଚଳର ୧୬ଗୋଟି ୱାର୍ଡର ୩୦ହଜାରରୁ ଊର୍ଦ୍ଧ୍ୱ ବାସୀନ୍ଦାଙ୍କୁ ନଳକୂପ ପାଇପ ପାଣି ଜନସ୍ୱାସ୍ଥ୍ୟ ବିଭାଗରୁ ଯୋଗାଇ ଦିଆଯାଉଛି। ଏହା ଆବଶ୍ୟକତା ମେଣ୍ଟାଉ ନ ଥିବା ବେଳେ ବିଶୁଦ୍ଧ ହେଉନାହିଁ। ଫଳରେ ସହରବାସୀଙ୍କ ପାଇଁ ସ୍ୱଚ୍ଛ ପାନୀୟ ଜଳ ଉପଲବ୍ଧ ହୋଇ ପାରୁନାହିଁ। ନିରନ୍ତର ଓ ବିଶୁଦ୍ଧ ପାଇପ ପାଣି ଯୋଗାଇବା ପାଇଁ କଣ୍ଟାବାଞ୍ଜି ବିକାଶ ମଞ୍ଚ ତରଫରୁ ଦାବି କରାଯାଇଛି। ମଞ୍ଚ ସଭାପତି ଅଜୟ ଦାସଙ୍କ ନେତୃତ୍ୱରେ ମଙ୍ଗଳବାର ସ୍ଥାନୀୟ ଇନ୍ଦିରା ଛକ ନିକଟରେ ବିଶୁଦ୍ଧ ପାଣି ବେଲପଡା, ସାନମୁଲା କିମ୍ବା ଗୁଡିଘାଟ ନଦୀରୁ ପାଇପ ଯୋଗେ ଯୋଗାଇଦେବା ପାଇଁ ୩ ଘଣ୍ଟିଆ ଧାରଣା ଦାବି ଦିଆଯାଇଥିଲା। ଖବର ପାଇ ଏମପି କଲିକେଶ ନାରାୟଣ ସିଂଦେଓ ଧାରଣାସ୍ଥଳକୁ ଆସିବା ପରେ ମଞ୍ଚ ତରଫରୁ ତାଙ୍କୁ ଦାବିପତ୍ର ଦିଆଯାଇଛି। ଆସନ୍ତା ଦିନରେ ସହରକୁ ବିଶୁଦ୍ଧ ପାଇପ ପାଣି ଯୋଗାଇ ଦିଆଯିବାର ପ୍ରତିଶୃତି ଦେବା ପରେ ଧାରଣା ପ୍ରତ୍ୟାହୃତ ହୋଇଥିଲା। ଏହି ଧାରଣାରେ ବରିଷ୍ଠ ଆଇନଜୀବୀ ବିଜୟ କୁମାର ମିଶ୍ର, ଓକିଲ ସଂଘ ସଭାପତି ବ୍ରଜଶ୍ୟାମ ଗୁରୁ, ଭୁବନାନନ୍ଦ ମହାନ୍ତି, ନନ୍ଦ କିଶୋର ଅଗ୍ରୱାଲ, ବିଜୟ ଅଗ୍ରୱାଲ, ଫିରୋଜ ଖାନ, ଅମରଚନ୍ଦ ଶର୍ମାଙ୍କ ସହ ଶତାଧିକ ନାଗରିକ ସାମିଲ ଥିଲେ।

ବଲାଙ୍ଗୀରରେ ହାଇକୋର୍ଟ ସ୍ଥାୟୀ ବେଞ୍ଚ ପ୍ରତିଷ୍ଠା ଦାବି

# ସିଭିଲ କୋର୍ଟ, କଲେକ୍ଟରୀ ବନ୍ଦ ଆନ୍ଦୋଳନ ଆରମ୍ଭ

**ବଲାଙ୍ଗୀର ଅଫିସ, ୪।୧୨**

- ଆନ୍ଦୋଳନକୁ ବ୍ୟାପକ କରିବାକୁ ନିଷ୍ପତ୍ତି
- କାର୍ଯ୍ୟାଳୟ ସମ୍ମୁଖରୁ ଫେରିଲେ ଜଜ୍, ଅଫିସର

ବଲାଙ୍ଗୀରଠାରେ ହାଇକୋର୍ଟ ସ୍ଥାୟୀ ବେଞ୍ଚ ପ୍ରତିଷ୍ଠା ଦାବିରେ ମିଳିତ କ୍ରିୟାନୁଷ୍ଠାନ କମିଟି ଏବଂ ଜିଲା ଓକିଲ ସଂଘ ପକ୍ଷରୁ ସୋମବାର ୨୪ ଘଣ୍ଟିଆ ବଲାଙ୍ଗୀର ଜିଲା ମହାବନ୍ଦ ସମ୍ପୂର୍ଣ୍ଣ ସଫଳ ହୋଇଥିଲା। ମଙ୍ଗଳବାରଠାରୁ ୭ ଦିନ ଧରି ସିଭିଲ କୋର୍ଟ, ଜିଲାପାଳ କାର୍ଯ୍ୟାଳୟ, ତହସିଲ ଅଫିସ ଓ ସବ୍‌ରେଜିଷ୍ଟ୍ରାର ଅଫିସକୁ ବନ୍ଦ କରାଯାଇ ଧାରଣା ଦିଆଯାଇଛି। ମିଳିତ କ୍ରିୟାନୁଷ୍ଠାନ କମିଟି ସଭାପତି ଲଳିତ କୁମାର ନାୟକ ଏବଂ ଜିଲା ଓକିଲ ସଂଘ ସଭାପତି ଅଶୋକ କୁମାର ମହାନ୍ତିଙ୍କ ନେତୃତ୍ୱରେ ବହୁ ଓକିଲ, ବିଭିନ୍ନ ସଂଗଠନର ପ୍ରତିନିଧି, ବୁଦ୍ଧିଜୀବୀ ଓ ଅନ୍ୟମାନେ ସ୍ଥାନୀୟ ଜିଲାପାଳ କାର୍ଯ୍ୟାଳୟ ସମ୍ମୁଖରେ ଧାରଣାରେ ବସିଥିଲେ । ଆଗାମୀ ୬ ଦିନ ଧରି ଏହି ଆନ୍ଦୋଳନ ଜାରି ରହିବ ବୋଲି କୁହାଯାଇଥିଲା । ହାଇକୋର୍ଟ ସ୍ଥାୟୀ ବେଞ୍ଚ ପ୍ରତିଷ୍ଠା ଦାବିରେ ଅନୁଷ୍ଠିତ ଏହି ପ୍ରତିବାଦ ସଭା ଓ ଧାରଣା କାର୍ଯ୍ୟକ୍ରମରେ ବକ୍ତାମାନେ ବଲାଙ୍ଗୀର ହିଁ ପଶ୍ଚିମ ଓଡିଶାର କେନ୍ଦ୍ରସ୍ଥଳ ଓ ଏଠାରେ ହିଁ ହାଇକୋର୍ଟ ସ୍ଥାୟୀ ବେଞ୍ଚ ପ୍ରତିଷ୍ଠା କରାଯାଉ ବୋଲି ଦାବି କରିଥିଲେ। ପୂର୍ବାହ୍ନ ସାଢ଼େ ୯ଟା ସମୟରୁ ସିଭିଲ କୋର୍ଟ ଓ ଜିଲାପାଳ କାର୍ଯ୍ୟାଳୟ ସମ୍ମୁଖରେ ପିକେଟିଂ କରାଯାଇଥିଲା । ସିଭିଲ କୋର୍ଟକୁ ଆସିଥିବା ଜଜ୍‌ମାନଙ୍କୁ ଆନ୍ଦୋଳନକାରୀମାନେ ବୁଝାସୁଝା କରି ସେଠାରୁ ଫେରି ଯିବାକୁ ନିବେଦନ କରିଥିଲେ । ଫଳରେ ଜଜ୍‌ମାନେ ସେଠାରୁ ଫେରିଯାଇଥିଲେ । ଏଠାରେ ଆଡଭୋକେଟ୍ ଶୁଭ୍ରାଂଶୁ ଶେଖର ମିଶ୍ର, ଜଗନ୍ନାଥ ଆଚାର୍ଯ୍ୟ, ଆନନ୍ଦ ପାଣିଗ୍ରାହୀ, ପ୍ରମୋଦ କୁମାର ତ୍ରିପାଠୀ, ରତନ କୁମାର ମହାରଣା, ନିତ୍ୟାନନ୍ଦ ବରେଇ, ଲିଙ୍ଗରାଜ ପାଢ଼ୀ, ରାଜେନ୍ଦ୍ର ମିଶ୍ର, ଅମରେଶ ତ୍ରିପାଠୀ, ଶଶୀ ଭୂଷଣ ପୁରୋହିତ, ଅସିତ ଷଡଙ୍ଗୀ, ଶୁଭ୍ରାଂଶୁ ଶେଖର ଦେଓ, ସୁଦର୍ଶନ ମିଶ୍ର, ଭବାନୀ ଶଙ୍କର ଶତପଥୀ ଓ ଅନ୍ୟମାନେ ଉପସ୍ଥିତ ରହି ପିକେଟିଂ କରିଥିଲେ । ସେହିପରି ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଅନୁଷ୍ଠିତ ପ୍ରତିବାଦ ସଭାରେ ଗୋପାଳଜୀ ପାଣିଗ୍ରାହୀ, ସତ୍ୟ ନାଏକ, ମନୋରଞ୍ଜନ ସାହୁ, ରଞ୍ଜନ ତ୍ରିପାଠୀ, ଅନନ୍ତ ଦାଶ, ବିଧୁଭୂଷଣ ତ୍ରିପାଠୀ, ଅଶୋକ ରାଉତ୍, ଗୋପାଳ ହୋତା, ଟିକଲ ପୁଟେଲ, ସରୋଜ ଗୁପ୍ତା, ଦେବେନ୍ଦ୍ର ପାଣିଗ୍ରାହୀ, ସନ୍ତୋଷ ପାଢ଼ୀ, ସୁରେଶ ପାଠୀ, ମାନଭଞ୍ଜନ ବେରିହା, ଦେବାଶିଷ ବିଶ୍ୱାଳ ପ୍ରମୁଖ ଧାରଣାରେ ବସି ବକ୍ତବ୍ୟ ରଖିଥିଲେ । ଯଶବନ୍ତ ସିଂ କମିଶନ ରିପୋର୍ଟରେ ବଲାଙ୍ଗୀର ହିଁ ପ୍ରକୃଷ୍ଟ ସ୍ଥାନ ବୋଲି ଚିହ୍ନଟ ହେବା ସତ୍ତ୍ୱେ ରାଜ୍ୟ ସରକାର ହାଇକୋର୍ଟ ବେଞ୍ଚ ପ୍ରତିଷ୍ଠା ଦିଗରେ ସ୍ପଷ୍ଟ ସୁପାରିଶ ନ କରି ପଶ୍ଚିମ ଓଡିଶାର ଜନସାଧାରଣଙ୍କ ଭିତରେ ବିଭେଦ୍ ସୃଷ୍ଟି କରୁଥିବା ଆଲୋଚନା ହୋଇଥିଲା । ହାଇକୋର୍ଟ ବେଞ୍ଚ ପ୍ରତିଷ୍ଠା ଦିଗରେ ରାଜ୍ୟ ସରକାର ଓ କେନ୍ଦ୍ର ସରକାର ତୁରନ୍ତ ନିଷ୍ପତ୍ତି ନେବାକୁ ସେମାନେ ଦାବି କରିଥିଲେ । ଏହା ନହେଲେ ଆନ୍ଦୋଳନ ଆହୁରି ଉଗ୍ରରୂପ ନେବ ବୋଲି ଚେତାବନୀ ଦେଇଥିଲେ ।



ବଲାଙ୍ଗୀରରେ ହାଇକୋର୍ଟ ସ୍ଥାୟୀ ବେଞ୍ଚ ଦାବିରେ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦିଆଯାଇଛି।

## ଅବସରପ୍ରାପ୍ତ ଶିକ୍ଷକଙ୍କଠାରୁ ୬୦ ହଜାର ଲୁଟ୍

**ଲୋଇସିଂହା,୪।୧୧(ଡି.ଏନ.ଏ)**

ବଲାଙ୍ଗୀର ଜିଲା ଲୋଇସିଂହାସ୍ଥିତ ବସଷ୍ଟାଣ୍ଡଠାରେ ଜନଗହଳିପୂର୍ଣ୍ଣ ରାସ୍ତାରେ ମଙ୍ଗଳବାର ଅପରାହ୍ନ ୨ଟାରେ ଜଣେ ଅବସରପ୍ରାପ୍ତ ଶିକ୍ଷକଙ୍କଠାରୁ ୬୦ହଜାର ଟଙ୍କା ଲୁଟ୍ ଅଭିଯୋଗ ହୋଇଛି । ଲୁଟ୍‌ର ଶିକାର ହୋଇଥିବା ଅବସରପ୍ରାପ୍ତ ଶିକ୍ଷକ ଜଣକ ହେଲେ ରାମଚନ୍ଦ୍ର ପଟେଲ । ବ୍ୟାଙ୍କରୁ ଟଙ୍କ ଉଠାଇ ଘରକୁ ଫେରୁଥିବାବେଳେ ଦୁଇ ଜଣ ଦୁର୍ବୃତ୍ତ ଟଙ୍କା ବ୍ୟାଗ ଓ ଗୁରୁତ୍ୱପୂର୍ଣ୍ଣ କାଗଜ ସବୁ ଝାମ୍ପି ନେଇ ବଲାଙ୍ଗୀର ପଟକୁ ଚମ୍ପଟ ମାରିଥିଲେ । ପ୍ରାପ୍ତମତେ, ଲୋଇସିଂହା କଲେଜ ଛକ ନିବାସୀ ଅବସରପ୍ରାପ୍ତ ଶିକ୍ଷକ ରାମଚନ୍ଦ୍ର ପଟେଲ ସ୍ଥାନୀୟ ଏସବିଆଇ ଶାଖାକୁ ଟଙ୍କା ଉଠାଇବାକୁ ଆସିଥିଲେ । ତାଙ୍କ ବ୍ୟକ୍ତିଗତ ଚେକରେ ୬୦ହଜାର ଟଙ୍କା ଉଠାଇ ବ୍ୟାଗରେ ଭରି ସ୍କୁଟିରେ ଘରକୁ ଫେରୁଥିଲେ । ଦୁଇଜଣ ଦୁର୍ବୃତ୍ତ କଳା ରଙ୍ଗର ଆପାଚି ଗାଡିରେ ପିଛା କରି ବସଷ୍ଟାଣ୍ଡସ୍ଥିତ ଜୟଦୁର୍ଗା ଗାର୍ମେଣ୍ଟ ସମ୍ମୁଖରେ ଭିଡର ସୁଯୋଗ ନେଇ ବ୍ୟାଗରେ ଥିବା ଟଙ୍କା ଓ କାଗଜ ସବୁ ଧରି ଚମ୍ପଟ ମାରିଥିଲେ। ପରେ ପଟେଲ ଲୋଇସିଂହା ଥାନାକୁ ଆସି ଲିଖିତ ଅଭିଯୋଗ କରିଛନ୍ତି।

## ଟାଙ୍ଗିଆ ଚୋଟରେ ଦାଦନ ମଧ୍ୟସ୍ଥ ଗୁରୁତର

**ଲୋଇସିଂହା,୪।୧୨(ଡି.ଏନ.ଏ.)**

ବଲାଙ୍ଗୀର ଜିଲା ଲୋଇସିଂହା ଥାନା ଫାସଡ ନିକଟସ୍ଥ କୁଟରାପାଲି ଗ୍ରାମରେ ଦାଦନ ଚାଲାଣ ଘଟଣାକୁ ନେଇ ମଙ୍ଗଳବାର ପୂର୍ବାହ୍ନରେ ଜଣେ ଦାଦନ ମଧ୍ୟସ୍ଥ ମରଣାନ୍ତକ ଆକ୍ରମଣର ଶିକାର ହୋଇଛନ୍ତି। ଆହତ ମଧ୍ୟସ୍ଥ ହେଲେ ଗ୍ରାମର ସାନୁଜ ବାରିକ। ତାଙ୍କୁ ଗୁରୁତର ଅବସ୍ଥାରେ ସ୍ଥାନୀୟ ପୋଲିସ ଉଦ୍ଧାର କରି ଲୋଇସିଂହା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଛି । ସାନୁଜଙ୍କ ବୟାନକୁ ଆଧାର କରି ଏକ ଏତଲା ଦାୟାର ହୋଇଛି। ଘଟଣାରୁ ପ୍ରକାଶ ଯେ, ଲୋଇସିଂହା ଥାନା ଫାସଡ ନିକଟସ୍ଥ କୁଟରାପାଲି ଗ୍ରାମର ଦୁଃଶାସନ ବାରିକଙ୍କ ପୁଅ ସାନୁଜ ଏବଂ ବୋହୂ ବିଦ୍ୟା ସୁବର୍ଣ୍ଣପୁର ଜିଲା ବିନିକା ଥାନା ଖପସାପାଲି ଗ୍ରାମର ଜଗ ନାମକ ଜଣେ ଦାଦନ ସର୍ଦ୍ଦାରଙ୍କ ଜରିଆରେ ହାଇଦ୍ରାବାଦକୁ ଇଟା ଗଢିବାକୁ ଯାଇଥିଲେ। ସେଠାରେ ପ୍ରାୟ ଗୋଟିଏ ମାସ ସ୍ୱାମୀସ୍ତ୍ରୀ କାମ କରିବା ପରେ ସାନୁଜ ଗତ ବୁଧବାର ଗାଁକୁ ଆସିଥିଲେ। ଏଠାକୁ ଆସିବା ପରେ ସାଙ୍ଗରେ ଆଉ କିଛି ଶ୍ରମିକ ସେଠାକୁ ନେବା ପାଇଁ ବ୍ୟବସ୍ଥା କରିଥିଲେ। ସାନୁଜ ଗ୍ରାମର କେତେକ ଶ୍ରମିକଙ୍କୁ ଏଥିପାଇଁ ଟଙ୍କା ଅଗ୍ରୀମ ଦେଇଥିଲେ । ସୋମବାର କେତେକ ଶ୍ରମିକଙ୍କୁ ସେ ଭୋଜିଭାତ ଦେଇ ଅପ୍ୟାୟିତ କରିଥିଲେ। ତେବେ ମଙ୍ଗଳବାର ପୂର୍ବାହ୍ନ ସାଢେ ୧୧ଟାରେ ଗାଁରେ କୌଣସି କାରଣରୁ ସେହି ଶ୍ରମିକଙ୍କ ସହ ତାଙ୍କର ବଚସା ହୋଇଥିଲା । ଏଥିରେ ଉତ୍‌କ୍ଷିପ୍ତ ହୋଇ କେତେକ ଶ୍ରମିକ ସାନୁଜଙ୍କୁ ଆକ୍ରମଣ କରିଥିଲେ । ଟାଙ୍ଗିଆ ଚୋଟରେ ତାଙ୍କ ମୁଣ୍ଡରେ ଗଭୀର ଆଘାତ ଲାଗିଛି। ତେବେ ଆକ୍ରମଣକାରୀଙ୍କ ଠାରୁ ସେ କୌଣସିମତେ ଖସି ଜୀବନ ବଞ୍ଚାଇଥିଲେ । ଗୁରୁତର ଅବସ୍ଥାରେ ଲୋଇସିଂହା ଥାନାକୁ ଆସି ଘଟଣା ସଂକ୍ରାନ୍ତରେ ଜଣାଇଥିଲେ। ସାନୁଜଙ୍କ ସ୍ତ୍ରୀ ଏବେ ବି ହାଇଦ୍ରାବାଦର ଇଟାଭାଟିରେ କାମ କରୁଛନ୍ତି।



ଡାକ୍ତରଖାନାରେ ଗୁରୁତର ସାନୁଜ।

## କଏନକେ ନେଇ ଚିନ୍ତାରେ ଖୁଚରା ବେଉସାୟୀ

**ଲୋଇସିଂହା, ୪।୧୨(ଡି.ଏନ.ଏ)**

ଏହେଦେ ବଜାରରେ ଖୁଚରା ଟଁକା ଯାହାକୁ ଯେତେ। ହେଲେ ଖୁଚରା ଟଁକା ରିଟେଲର, ହୋଲସେଲର, ବଡ଼ବଡ଼ ବେଉସାୟୀ ଆର ବ୍ୟାଙ୍କ ବାଲେ ନେବାକେ ନାରାଜ। ଏହେଦେ ଇ ଖୁଚ୍‌ରା ଟଁକା ସବୁ ଖୁଚ୍‌ରା ବେଉସାୟୀକର ପାସେ ମହଜୁଦ ହେଇ ରହିଯାଉଛେ। ଖୁଚ୍‌ରା ଟଁକା କେହି ନାଇଁ ନେବାର ଲାଗି ଖୁଚ୍‌ରା ବେଉସାୟୀମାନେ ବଡ଼ଭାରି ସମସିଆର ସାମ୍‌ନା କରୁଛନ୍। ଦିନ୍‌ଥିଲା ବେଉସାୟୀମାନେ ଶହକ ୧୦ ଟଁକା ଅଧିକା ଦେଇ ଖୁଚ୍‌ରା ବଦ୍‌ଲଉଥିଲେ। ବିମୁଦ୍ରୀକରଣ ଉତାରୁ ୫ଶହ, ୧ ହଜାର ଟଁକିଆ ନୋଟ ଅଚଲ ହେଲାରୁ ବଜାରରେ ଯାହାକୁ ଯେତେ ଖୁଚ୍‌ରା ଦେଖିବାକେ ମିଳୁଛେ। ଖୁଚ୍‌ରା ଟଁକାକେ ନେଇ ଅଜବ ପରିସ୍ଥିତି ସୁରୁଷ୍ଟି ହେଲାରୁ ରିଜର୍ଭ ବ୍ୟାଙ୍କ କଡ଼ା ନିର୍‌ଦେଶନାମା ଜାରି କରିଥିଲେ। ସବୁ ବେଉସାୟୀ ଆର ବ୍ୟାଙ୍କ ଖୁଚ୍‌ରା ନେବେ ବଲି ତାକର ନିର୍‌ଦେଶନାମାରେ ଥିଲା। ହେଲେ କଥାଟା ନିର୍‌ଦେଶନାମାଥି ସୀମିତ ହେଇ ରହିଗଲା। ବ୍ୟାଙ୍କ, ବଡ଼ବେଉସାୟୀ, ହୋଲସେଲର, ରିଟେଲରମାନେ ଖୁଚ୍‌ରା ଟଁକା ନାଇଁ ନେବାର। ଗାଁଗଁଲିରେ ଥିବାର ଖୁଚ୍‌ରା ବେଉସାୟୀ ଯେନ୍‌ତା ତେଜରାତି, ପାନଦୁକାନୀ ଆର କେତେ ଛୋଟ୍‌ମୋଟ ବେଉସାୟୀକରନେ ସାଧାରନ୍ ଜନତା ଇ ଖୁଚ୍‌ରା ଟଁକାକେ ବେଭାର କରିପାରୁଛନ୍। ହେଲେ ଖୁଚ୍‌ରା ବେଉସାୟୀମାନେ ସାମାନ ଘିନବାକେ ଗଲାବେଲେ ହୋଲସେଲର, ରିଟେଲର ବେଉସାୟୀମାନେ ଇ ଖୁଚ୍‌ରା ତାକରନୁ ନାଇଁ ରଖିବାର। ଇ ସମସିଆ ଉପ୍‌ରେ ପର୍‌ଶାସନ ଦୁରୁଷ୍ଟି ଦେବାକେ ବୁଧିଜୀବୀ ମହଲରୁ ଦାବି ହେଉଛେ।

୩୫ତମ ଦିବସରେ ଟିଟିଲାଗଡ ଜିଲା ଦାବି

## ସମର୍ଥନ ଜଣାଇ ଧାରଣାରେ ବସିଲା ତୈଳିକ ସମାଜ





ଗଣଧାରଣାରେ ସାମିଲ ତୈଳିକ ସମାଜ କର୍ମକର୍ତ୍ତା।

**ଟିଟିଲାଗଡ଼, ୪।୧୨(ଡି.ଏନ.ଏ.)**

ବଲାଙ୍ଗୀର ଜିଲା ଟିଟିଲାଗଡ ଜିଲା ଦାବିରେ ଜିଲା କ୍ରିୟାନୁଷ୍ଠାନ କମିଟିର ପକ୍ଷରୁ ଉପଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଜାରି ରହିଥିବା ଗଣଧାରଣା ମଙ୍ଗଳବାର ୩୪ତମ ଦିବସରେ ପହଞ୍ଚିଛି। ଆନ୍ଦୋଳନ ନେଇ ଗତ ମାସ ୧ ତାରିଖଠାରୁ ଟିଟିଲାଗଡ ଉପଜିଲାପାଳଙ୍କ କାର୍ଯ୍ୟାଳୟ ସମେତ ସମସ୍ତ ସରକାରୀ କାର୍ଯ୍ୟାଳୟ ବନ୍ଦ ରହିଛି। ଏଭଳି ଅଚଳାବସ୍ଥା ଦୂର କରିବାକୁ ଜିଲାପାଳ, ଟିଟିଲାଗଡ ଉପଜିଲାପାଳ ଏବଂ ଜନ ପ୍ରତିନିଧି କୌଣସି ଉଦ୍ୟମ କରୁ ନ ଥିବା ଆଲୋଚନାର ବିଷୟ ପାଲଟିଛି। ଏହିକ୍ରମରେ ଗଣଧାରଣାରେ ସାମିଲ ହୋଇଛି ଟିଟିଲାଗଡ ତୈଳିକ ସମାଜ। ସମାଜ ପକ୍ଷରୁ ଶମ୍ଭୁପ୍ରସାଦ ସାହୁ, ଅଶୋକ ସାହୁ, ନିଳମଣୀ ସାହୁ, ଦେବାନନ୍ଦ ସାହୁ, ଟିକେରାମ ସାହୁ, ଅଭୟ ସାହୁ, ଦୁର୍ଗା ପ୍ରସାଦ ସାହୁ, ଚିନ୍ତାମଣି ସାହୁ, ସୁରେଶ ଚନ୍ଦ୍ର ସାହୁ, କ୍ଷିରସିନ୍ଧୁ ସାହୁ, ଭିକାରି ଚରଣ ସାହୁ ପ୍ରମୁଖ ଆନ୍ଦୋଳନରେ ସାମିଲ ହୋଇ ଟିଟିଲାଗଡ ଜିଲା ଦାବି ନେଇ ସଂଗ୍ରାମ ଜୋରଦାର କରାଯିବ ବୋଲି ଚେତାବନୀ ଦେଇଛନ୍ତି।

## ୧୮ଦିନରେ କଣ୍ଟାବାଞ୍ଜି ଜିଲା ଦାବି ଆନ୍ଦୋଳନ

**କଣ୍ଟାବାଞ୍ଜି, ୧।୧୨(ଡି.ଏନ.ଏ.)**

କଣ୍ଟାବାଞ୍ଜିକୁ ସ୍ୱତନ୍ତ୍ର ଜିଲା ଦାବିକୁ ଜନ ସମର୍ଥନ ବଢିବାରେ ଲାଗିଛି । ତହସିଲ ଅଫିସ ସମ୍ମୁଖରେ ଚାଲିଥିବା ଧାରଣା ମଙ୍ଗଳବାର ୧୮ଦିନରେ ପହଞ୍ଚିଛି। ମଙ୍ଗଳବାର ଧାରଣାରେ ସ୍ଥାନୀୟ ସୁବର୍ଣ୍ଣଗ୍ରାହୀ ଶୁଣ୍ଢି ସମାଜ ସାମିଲ ହୋଇ ଦାବିକୁ ସମର୍ଥନ କରାଯାଇଛି । ସ୍ଥାନୀୟ ଶୁଣ୍ଢି ସମାଜ ଭବନରୁ ଶତାଧିକ ସାମାଜିକ କର୍ମି ଶୋଭାଯାତ୍ରାରେ ବାହାରି ନଗର ପରିକ୍ରମା କରି ଧାରଣାସ୍ଥଳରେ ପହଞ୍ଚିଥିଲେ । ସମାଜ ସଭାପତି ତଥା ପୂର୍ବତନ ନଗରପାଳ ଡମ୍ବରୁଧର ବେହେରା, ସମ୍ପାଦକ ସୁରଥ ବେହେରା, ୟୁଥ ପ୍ରେସିଡେଣ୍ଟ ରାଜେନ୍ଦ୍ର ବେହେରା, କେନ୍ଦ୍ର ସଭାପତି ବିଦେଶି ବେହେରା, ଉପଦେଷ୍ଟା କୁଞ୍ଜବନ ବେହେରା ସମ୍ପାଦକ ଓମପ୍ରକାଶ ବେହେରା, କୃଷ୍ଣ ବେହେରା ପ୍ରମୁଖ ରାଲିରେ ସାମିଲ ଥିଲେ । ପରେ ଧାରଣାସ୍ଥଳରେ ଏକ ସାଧାରଣ ସଭା ହୋଇଥିଲା। ସରକାର ଯୋଗ୍ୟତାଭିତ୍ତିରେ କଣ୍ଟାବାଞ୍ଜିକୁ ଜିଲାର ଘୋଷଣା କରିବା ଉଚିତ ବୋଲି ସଭାରେ ବକ୍ତାମାନେ କହିଥିଲେ। ସେହିପରି ସହରର ୪୦ରୁ ଊର୍ଦ୍ଧ୍ୱ ଦୁଇଚକିଆ ମୋଟର ସାଇକଲ ମେକାନିକ ସଂଘର ଶତାଧିକ ସଭ୍ୟ ଜିଲା ଦାବି ନେଇ ଇନ୍ଦିରା ଛକରୁ ରାଲି ଯୋଗେ ଧାରଣାସ୍ଥଳରେ ପହଞ୍ଚିଥିଲେ । ଆସୋସିଏଶନର ସଭାପତି ଦୟା ସାଗର ବେହେରା, ସମ୍ପାଦକ ନରେନ୍ଦ୍ର ବେହେରା, ଶେଖର ବେହେରା, ଯୁଧିଷ୍ଠିର ତାଣ୍ଡି, ଜି.ହରି, ରଣଜିତ ବୈଠାରୁ, ସୁନୀଲ ସାଗର ଏଥିରେ ସାମିଲ ଥିଲେ । ଉଭୟ ସଂଗଠନ କର୍ମକର୍ତ୍ତାମାନଙ୍କୁ ଜିଲା ସଂଘର୍ଷ ସମିତି ସଭାପତି ଶେଷଦେବ ପୁଟେଲ, ବିଦେଶୀ ବେହେରା, ବ୍ରଜଶ୍ୟାମ ଗୁରୁ, ଦୁଃଖିଶ୍ୟାମ ଗୁରୁ ପ୍ରମୁଖ ଧାରଣାସ୍ଥଳରେ ସ୍ୱାଗତ କରିଥିଲେ।

## ସେମଫୋର୍ଡ ଫ୍ୟୁଚରିଷ୍ଟିକ୍ ସ୍କୁଲର ବାର୍ଷିକ ଉତ୍ସବ

**ବଲାଙ୍ଗୀର ଅଫିସ, ୪।୧୨**

ବଲାଙ୍ଗୀର ସେମଫୋର୍ଡ ଫ୍ୟୁଚରିଷ୍ଟିକ୍ ସ୍କୁଲର ବାର୍ଷିକ ଉତ୍ସବ ସ୍ଥାନୀୟ ଟାଉନ୍ ହଲଠାରେ ଅନୁଷ୍ଠିତ ହୋଇଥିଲା । ସ୍କୁଲ ସଭାପତି ଡା ପରମେଶ୍ୱର ରଥଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉତ୍ସବରେ ମୁଖ୍ୟଅତିଥି ଭାବେ କେଭି ଡିଗ୍ରୀ କଲେଜ ଅଧ୍ୟକ୍ଷ ସତ୍ୟବ୍ରତ ମିଶ୍ର ଯୋଗଦେଇ ଛାତ୍ରୀଛାତ୍ରଙ୍କୁ ଉଦ୍‌ବୋଧନ ଦେଇଥିଲେ। ସ୍କୁଲ ନିର୍ଦ୍ଦେଶକ ସଞ୍ଜୀବ ରଥ, ଆଶିଷ ରଥ, ନୀଳମ ରଥ, ଅଧ୍ୟକ୍ଷ ଅଭିଷେକ ପ୍ରକାଶ ଝା ପ୍ରମୁଖ ମଞ୍ଚାସୀନ ଥିଲେ। ଏହି ଅବସରରେ ସ୍କୁଲର କୁନି ଛାତ୍ରୀଛାତ୍ରମାନେ ରଙ୍ଗାରଙ୍ଗ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ । ସଭା ପରେ ଅତିଥି ଓ ସ୍କୁଲ ସଭାପତି ତଥା ନିର୍ଦ୍ଦେଶକ କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରିଥିଲେ । ୨୦୧୨ ମସିହାରେ ଆରମ୍ଭ ହୋଇଥିବା ଏହି ସ୍କୁଲ ଅଭିନବ ଶିକ୍ଷା ପ୍ରଣାଳୀ ଓ ମୂଲ୍ୟଭିତ୍ତିକ ଶିକ୍ଷାଦାନ ଉପରେ ଗୁରୁତ୍ୱ ଦେଇଆସୁଛି।





ସେମଫୋର୍ଡ ସ୍କୁଲର ବାର୍ଷିକ ଉତ୍ସବରେ ଛାତ୍ରୀଛାତ୍ର ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରୁଛନ୍ତି।

ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରକୁ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ମାନ୍ୟତା ଦାବି

# ୧୨ଘଣ୍ଟା ଲାଠୋର ବନ୍ଦ

**ଲାଠୋର, ୪।୧୨(ଡି.ଏନ.ଏ.)**

ବଲାଙ୍ଗୀର ଜିଲା ଲାଠୋର ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରରେ ଲାଗି ରହିଥିବା ବିଭିନ୍ନ ସମସ୍ୟା ତଥା ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରକୁ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ମାନ୍ୟତା ଦେବା ଦାବିରେ ମଙ୍ଗଳବାର ୧୨ଘଣ୍ଟିଆ ଲାଠୋର ବନ୍ଦ ଶାନ୍ତିପୂର୍ଣ୍ଣଭାବେ ଶେଷ ହୋଇଛି। ଲାଠୋର ଗ୍ରାମବାସୀଙ୍କ ସହ ଅଞ୍ଚଳବାସୀ ସକାଳ ୬ଟାରୁ ପିକେଟିଂ କରି ଦୋକାନ ବଜାର, ସରକାରୀ ବେସରକାରୀ କାର୍ଯ୍ୟାଳୟ, ବ୍ୟାଙ୍କ ବନ୍ଦ କରିଥିଲେ। ଗଛ, ପଥର ପକାଇ ସେମାନେ ବଲାଙ୍ଗୀର-ନୂଆପଡା, ଲାଠୋର-କଣ୍ଟାବାଞ୍ଜି ମୁଖ୍ୟରାସ୍ତାରେ ଅବରୋଧ କରିଥିଲେ। ଫଳରେ ଯାନବାହାନ ଚଳାଚଳରେ ବାଧ ସୃଷ୍ଟି ହୋଇଥିଲା। ଆନ୍ଦୋଳନକାରୀ ଅଭିଯୋଗ କରିଥିଲେ ଯେ, ଲାଠୋର ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ଉପରେ ବେଲପଡା, ତୁରେକେଲା, ଖପ୍ରାଖୋଲ ବ୍ଲକ ଏବଂ ନୂଆପଡା ଜିଲା କୋମନା ବ୍ଲକର ପ୍ରାୟ ୫୦ଖଣ୍ଡ ଗ୍ରାମର ଅଧିବାସୀ ନିର୍ଭର କରିଥାନ୍ତି। ହେଲେ ଏଠାରେ ରୋଗୀଙ୍କ ପାଇଁ କୌଣସି ବିଶେଷ ସୁବିଧା ଉପଲବ୍ଧ ନାହିଁ। ଏ ନେଇ ଗତ ୧୦ବର୍ଷ ଧରି ଅଞ୍ଚଳବାସୀ ଦାବି କରି ଆସୁଛନ୍ତି। ଏପରିକି ସେମାନେ ବିଭାଗୀୟ ମନ୍ତ୍ରୀ, ନିର୍ଦ୍ଦେଶକଙ୍କୁ ସାକ୍ଷାତ ମଧ କରିଛନ୍ତି। ହେଲେ ସମସ୍ୟା ସମାଧାନର ପ୍ରତିଶୃତି ପ୍ରତିଶୃତିରେ ହିଁ ରହିଯାଇଛି। ଫଳରେ ରୋଗୀମାନେ ଅଧିକ ଖର୍ଚ୍ଚାନ୍ତ ହୋଇ କଣ୍ଟାବାଞ୍ଜି, ପାଟଣାଗଡ ଓ ଅନ୍ୟତ୍ର ଯାଇ ଚିକିତ୍ସିତ ହେଉଛନ୍ତି। ଏହି ସବୁ ସମସ୍ୟାକୁ ନେଇ ନଭେମ୍ବର ୨୫ରୁ ୨୮ତାରିଖ ପର୍ଯ୍ୟନ୍ତ ସ୍ୱାସ୍ଥ୍ୟକେନ୍ଦ୍ର ସମ୍ମୁଖରେ ଲୋକେ ଧାରଣାରେ ବସିଥିଲେ। ପାଟଣାଗଡ ଏସଡିଏମଓ ଡା. ଦିଲୀପ କୁମାର ବିଶ୍ୱାଳ ଧାରଣାସ୍ଥଳକୁ ଆସି ଦାବିପତ୍ର ଗ୍ରହଣ କରିବା ସହ ସମାଧାନ ନେଇ ମୌଖିକ ପ୍ରତିଶୃତି ଦେଇଥିଲେ। ହେଲେ ପ୍ରତିଶୃତି ପୂରଣ ନ ହେବାରୁ ବାଧ ହୋଇ ମଙ୍ଗଳବାର ସେମାନେ ୧୨ଘଣ୍ଟିଆ ଲାଠୋର ବନ୍ଦ ଡାକରା ଦେଇଥିଲେ। ବନ୍ଦ ଅବସରରେ ଆନ୍ଦୋଳନକାରୀ ଏକ ବାଇକ ରାଲିରେ ସହର ପରିକ୍ରମା କରିଥିଲେ। ଦାବି ପୂରଣ ନହେଲେ ଆଗାମୀ ଦିନରେ ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀଙ୍କ କାର୍ଯ୍ୟାଳୟ ଘେରାଉ କରାଯିବ ବୋଲି ଲାଠୋର ସରପଞ୍ଚ ପ୍ରବୀଣ ଅଗ୍ରୱାଲ ଚେତବାନୀ ଦେଇଛନ୍ତି। ସତ୍ୟନାରାୟଣ ମେହେର, ସୁଶୀଲ ଅଗ୍ରୱାଲ, ଆଶିଷ ଅଗ୍ରୱାଲ, ବିଷ୍ଣୁ ମିଶ୍ର, ଭେଦନ ସାହୁ, ରହେଶ୍ୱର ରାଏ, ଭୋଳାନାଥ ସୁନାନୀ, ନୁତନ ନାଗ, ଲୋଚନ କୁମ୍ଭାର, ନରୋତ୍ତମ ନାଏକ, ଶିବା ମେହେର, ବାଲେଶ୍ୱର ମେହେର, ଗୋବିନ୍ଦ ମେହେର, ନୀଳମଣି ମେହେର, ମହାଦେବ କୈବର୍ତ୍ତ, କାଶିନାଥ ମେହେର, ସୁରେନ୍ଦ୍ର ଚାନ୍ଦ, ଦିଲୀପ ନାଏକଙ୍କ ସହ ଗ୍ରାମବାସୀ ଆନ୍ଦୋଳନରେ ସାମିଲ ଥିଲେ। ସନ୍ଧ୍ୟା ୬ଟାରେ ବନ୍ଦ ଶାନ୍ତିପୂର୍ଣ୍ଣଭାବେ ଶେଷ ହୋଇଛି। ଆଇନଶୃଙ୍ଖଳ ପାଇଁ ଲାଠୋର ପୋଲିସ ପକ୍ଷରୁ ବ୍ୟାପକ ସୁରକ୍ଷା ବ୍ୟବସ୍ଥା କରାଯାଇଥିଲା।





ସ୍ୱାସ୍ଥ୍ୟ ସମସ୍ୟା ନେଇ ଆନ୍ଦୋଳନକାରୀ ବଲାଙ୍ଗୀର-ଲାଠୋର ମୁଖ୍ୟ ରାସ୍ତା ଅବରୋଧ କରିଛନ୍ତି।



ନିଜର ସାମର୍ଥ୍ୟକୁ ଜଣେ ଯେତେବେଳେ ସନ୍ଦେହ କରେ, ସେ ଆଉ ପ୍ରଗତି ପଥରେ ଆଗେଇପାରେ ନାହିଁ।
- କନ୍‌ଫୁସିୟସ୍

## ସଂକ୍ଷେପରେ



### ପିଆଇ କଲେଜର ୩୪ତମ ବାର୍ଷିକ କ୍ରୀଡ଼ା ଉଦ୍‌ଯାପିତ

ଜୁନାଗଡ,୪।୧୨(ସ୍ୱ.ପ୍ର.) ଜୁନାଗଡ ପ୍ରିୟ ଦର୍ଶିନୀ ଇନ୍ଦିରା ମହାବିଦ୍ୟାଳୟରେ ସୋମବାରଠାରୁ ଚାଲିଥିବା ୩୪ତମ ବର୍ଷିକ କ୍ରୀଡା ଉତ୍ସବ ମଙ୍ଗଳବାର ଉଦ୍‌ଯାପିତ ହୋଇଯାଇଛି। ଉଦଯାପନୀ ଦିବସରେ ମୁଖ୍ୟଅତିଥି ଭାବେ ଜୁନାଗଡ ତହସିଲଦାର ଉପେନ୍ଦ୍ର ଲୁହା, ସମ୍ମାନିତ ଅତିଥି ଭାବେ ଅଗ୍ନିଶମ ଅଧିକାରୀ ଶିଶିରକାନ୍ତ ସିଂ, ପୂର୍ବତନ କଲେଜ ଅଧକ୍ଷ ବିଭୁତି ଭୂଷଣ ପଣ୍ଡା ଉପସ୍ଥିତ ଥିଲେ। କଲେଜ ଅଧକ୍ଷ ବିଭୁତି ଭୁଷଣ ମେହେରଙ୍କ ସଭାପତିତ୍ୱରେ ଅଧାପକ ବିଶ୍ୱରଞ୍ଜନ ବେହେରା ମଞ୍ଚ ପରିଚାଳନା କରିଥିଲେ। ଅଧପକ ପ୍ରିୟବ୍ରତ ବାଣୁଆ ଧନ୍ୟବାଦ ପ୍ରଦାନ କରିଥିଲେ। ଖେଳ ଅଧାପକ ସମିର ସାହୁ ଖେଳ ପରିଚାଳାନା କରିଥିବା ବେଳେ ଖେଳ ଶିକ୍ଷକ ସୀତାକାନ୍ତ ସିଂହ, ଖେଳ ଅଧାପକ ଦୁର୍ଗା ପ୍ରସାଦ ସିଂ ଓ ଜୟ କିଶନ ବେହେରା ସହଯୋଗ କରିଥିଲେ। ଚଳିତବର୍ଷ ଯୁକ୍ତ ଦୁଇର ଛାତ୍ର ଉପେନ୍ଦ୍ର ଜାନୀ ଓ ଯୁକ୍ତ ତିନିର ଛାତ୍ରୀ ଜଲି ପରାଭୋଏ ଚାମ୍ପିୟନ ହୋଇଛନ୍ତି।

## ବନ୍ୟାରେ ଘର ଭାଙ୍ଗିଲା
# ପଲିଥିନ ତଳେ ବିତୁଛି ଜୀବନ

ଜୁନାଗଡ,୪।୧୨(ଡି.ଏନ.ଏ.)



ଭଙ୍ଗାଘର ସମ୍ମୁଖରେ ଦମ୍ପତି

**ଜୁନାଗଡ ବ୍ଲକ**
- ୫ ମାସ ହେଲା ମିଳିନି କ୍ଷତିପୂରଣ
- କେବଳ କାଗଜ କଲମ, ପ୍ରତିଶ୍ରୁତିରେ ସୀମିତ

ବନ୍ୟାରେ କ୍ଷତିଗ୍ରସ୍ତ ଲୋକଙ୍କୁ ସରକାର ସ୍ୱତନ୍ତ୍ର ପ୍ୟାକେଜ ଘୋଷଣା କରି ସହାୟତା ରାଶି ସହ ଘର ଦେବା ବ୍ୟବସ୍ଥା କରିଛନ୍ତି। କିନ୍ତୁ ବାସ୍ତବରେ ଏହି ସବୁ ଗରିବ, ଗୃହହୀନ, କ୍ଷତିଗ୍ରସ୍ତ ପରିବାର ନିକଟରେ ପହଞ୍ଚିପାରୁନାହିଁ। କେବଳ କାଗଜକଲମ ଓ ପ୍ରତିଶ୍ରୁତିରେ ରହିଯାଉଥିବା ଦେଖିବାକୁ ମିଳିଛି। କଳାହାଣ୍ଡି ଜିଲା ଜୁନାଗଡ ବ୍ଲକ ଦେଦର ପଞ୍ଚାୟତ ସୋରିଶମାଳ ଗ୍ରାମରେ ଏପରି ଏକ ଉଦାହରଣ ଦେଖିବାକୁ ମିଳିଛି । ଗତ ଜୁଲାଇରେ ଏହି ଗ୍ରାମ ନିକଟରେ ଥିବା ଭତ୍ରାଜୋରରେ ବଢି ଆସିବାରୁ ଗ୍ରାମରେ ବଢିପାଣି ପଶି ବ୍ୟାପକ କ୍ଷୟକ୍ଷତି ହୋଇଥିଲା। ସେତେବେଳେ ପାଣି ଘେରରେ ଥିବା ଗ୍ରାମବାସୀଙ୍କୁ ପ୍ରଶାସନ ପକ୍ଷରୁ ଉଦ୍ଧାର କରାଯାଇ ୩ ଦିନ ଧରି ରନ୍ଧନଖାଦ୍ୟ ଖାଇବାକୁ ଦିଆଯାଇଥିଲା। ବଢି ସ୍ୱାଭାବିକ ହେବା ପରେ କ୍ଷୟକ୍ଷତି ଆକଳନ କରିବା ପାଇଁ ରାଜସ୍ୱ କର୍ମଚାରୀ, କୃଷି କର୍ମଚାରୀ ଘଟଣା ସ୍ଥଳକୁ ପହଞ୍ଚି ବୁଲି ଦେଖିଥିଲେ। ଶୀଘ୍ର କ୍ଷତିଗ୍ରସ୍ତ ପରିବାରଙ୍କୁ ସରକାରୀ ସହାୟାତା ଯୋଗାଇ ଦିଆଯିବ ବୋଲି ସେମାନେ ପ୍ରତିଶ୍ରୁତି ଦେଇଥିଲେ। ଘଟଣାର ୫ ମାସ ପରେ ମଧ କ୍ଷତିଗ୍ରସ୍ତ ପରିବାରକୁ କ୍ଷତିପୂରଣ ମିଳିପାରିନାହିଁ। ଏହାକୁ ନେଇ ସେମାନଙ୍କ ମଧରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି। ଗ୍ରାମର ଭମର ମାଝିଙ୍କ ଘର ବନ୍ୟାରେ ଭାଙ୍ଗିଯିବାରୁ ଏବେ ପଲିଥିନ କୁଡିଆ କରି ଅତିକଷ୍ଟରେ ନିଜ ସ୍ତ୍ରୀ ମାଳିନୀଙ୍କୁ ଧରି ଜୀବନ ବିତାଉଛନ୍ତି। ବନ୍ୟାରେ ତାଙ୍କ ଘର ଭାଙ୍ଗିଯିବା ସହ ଚାଉଳ, ଆସବାବ ପତ୍ର ମଧ ଭାସିଯାଇଥିଲା। ତାଙ୍କ ୪ ପୁଅ ଅଛନ୍ତି। ସେଥିମଧରୁ ବଡ ୨ ବିବାହିତ ପୁଅ ଗ୍ରାମ ଆରମ୍ଭରେ ନିଜ ପରିବାରକୁ ଧରି ଘର କରି ରହୁଥିବା ବେଳେ ୨ ଅବିବାହିତା ପୁଅ ମା'ବାପାଙ୍କ ସହିତ ପୁରୁଣା ଘରେ ରହୁଥିଲେ। ବନ୍ୟାରେ ଘର ଭାଙ୍ଗିବାରୁ ଏବେ ସେମାନେ ସମ୍ପର୍କୀୟ ଘରେ ଆଶ୍ରୟ ନେଉଛନ୍ତି । ଭମର ମାଝି ଘର ପାଇଁ ରାଜସ୍ୱ କର୍ମଚାରୀ ଓ ଜୁନାଗଡ ବିଧାୟକ କ୍ୟାପଟେନ୍ ଦିବ୍ୟ ଶଙ୍କର ମିଶ୍ରଙ୍କୁ ଜଣାଇଥିଲେ ମଧ ପ୍ରତିଶ୍ରୁତି ଛଡା ଅନ୍ୟ କିଛି ସୁଫଳ ମିଳି ନ ଥିବା ଅତି କ୍ଷୋଭର ସହ କହନ୍ତି। ସେହିପରି ଗ୍ରାମର ଭରତ ଶବରଙ୍କ ଘର ମଧ ବନ୍ୟାରେ ଭୁଶୁଡିଯିବାରୁ ଏବେ ତାଙ୍କ ପରିବାର ଅନ୍ୟଠାରେ ଆଶ୍ରୟ ନେଇଛନ୍ତି। ସରକାରୀ ସହୟତା ନ ମିଳିବାରୁ ଗତ କିଛିଦିନ ହେଲା ଭରତ ଦାଦନ ଖଟିବାକୁ ଅନ୍ୟତ୍ର ରାଜ୍ୟକୁ ଚାଲିଯାଇଛନ୍ତି ବୋଲି ତାଙ୍କ ସ୍ତ୍ରୀ ରୁକୁଣୀ ଦୁଃଖର ସହ କହିଛନ୍ତି। କେବଳ ଏହି ୨ଟି ଘଟଣା ନୁହେଁ ଏପରି ଗ୍ରାମର ଆହୁରି କିଛି ଲୋକଙ୍କ ଘର ବନ୍ୟାରେ ଭାଙ୍ଗିଯାଇଥିଲେ ମଧ ବର୍ତ୍ତମାନ ସୁଦ୍ଧା ପ୍ରଶାସନ ପକ୍ଷରୁ ସରକାରୀ ସହାୟତା ଯୋଗାଇ ଦିଆଯାଇନାହିଁ। ଯାହାକୁ ନେଇ ଗ୍ରାମରେ ଏବେ ଅସନ୍ତୋଷ ଦେଖିବାକୁ ମିଳିଛି। ଅନ୍ୟପଟେ ଆସନ୍ତା ସାଧାରଣ ନିର୍ବାଚନ ପାଇଁ ନେତାମାନେ ଭୋଟ ମାଗିବାକୁ ଗ୍ରାମକୁ ଆସିଲେ ସେମାନେ ଆକ୍ରୋଶର ଶିକାର ହେବେ ବୋଲି ଗ୍ରାମବାସୀଙ୍କଠୁ ଜଣାପଡିଛି। ଏ ନେଇ ଜୁନାଗଡ ତହସିଲଦାର ଉପେନ୍ଦ୍ର ଲୁହାଙ୍କୁ ପଚାରିବାରୁ କ୍ଷତିଗ୍ରସ୍ତ ହୋଇଥିବା ପରିବାରଙ୍କୁ ଚିହ୍ନଟ କରି ତାଙ୍କ ଘର ମରାମତି କରିବା ପାଇଁ ଆମେ ବ୍ୟାଙ୍କରେ ଟଙ୍କା ଡିପୋଜିଟ କରିଦେଇଛୁ। ଖୁବଶୀଘ୍ର ସେମାନଙ୍କୁ ମିଳିବ ବୋଲି କହିଥିଲେ। ସେହିପରି ସମ୍ପୂର୍ଣ୍ଣ ଘର ଭାଙ୍ଗି ଯାଇଥିବା ପରିବାରଙ୍କୁ ନୂତନ ଘର ଯୋଗାଇବା ପାଇଁ ବିଡିଓଙ୍କୁ ଜଣାଇବି ବୋଲି କହିଥିଲେ।

# ହରଗୌରୀ କଲେଜରେ ଆତ୍ମସୁରକ୍ଷା ତାଲିମ

ମ.ରାମପୁର,୪।୧୨(ଡି.ଏନ.ଏ.)

କଳାହାଣ୍ଡି ଜିଲା ମ.ରାମପୁର ବ୍ଲକ ସଦର ମହକୁମାଠାରୁ ୧୧ କି.ମି. ଦୂର କୁସୁର୍ଲା ଗ୍ରାମସ୍ଥିତ ହରଗୌରୀ ମହାବିଦ୍ୟାଳୟଠାରେ ଗତ ୧୨ ଦିନ ଧରି ଚାଲିଥିବା ବାଳିକା ଆତ୍ମସୁରକ୍ଷା ତାଲିମ ଶିବିର ସୋମବାର ଉଦଯାପିତ ହୋଇଯାଇଛି । ଉଦଯାପନୀ ଉତ୍ସବରେ ମ.ରାମପୁର ଥାନା ମହିଳା ଏସଆଇ ତଥା ଇନଚର୍ଜ ଆଇଆଇସି ସରିତା ମହାପାତ୍ର ମୁଖ୍ୟଅତିଥି ରୂପେ ଯୋଗଦେଇ ଶିବିରାର୍ଥୀମାନଙ୍କୁ ପ୍ରମାଣପତ୍ର ବଣ୍ଟନ କରିଥିଲେ । ହରଗୌରି କଲେଜ ଅଧକ୍ଷ ସୁବୋଧ କୁମାର ଶତପଥିଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ଅଧାପକ ଗଗନବିହାରୀ ମହାପାତ୍ର, ପ୍ରଶନ୍ନ କୁମାର ବେହେରା, ଜ୍ୟୋତିମାଳା ରାଉତ ମଞ୍ଚାସୀନ ଥିଲେ । ୧୨ ଦିନ ଧରି ଶିବିରକୁ କ୍ରୀଡା ଶିକ୍ଷକ ରାଜକିଶୋର ରଣାଙ୍କ ଦ୍ୱାରା ପରିଚାଳିତ ହେଇଥିବା ବେଳେ ଗ୍ରନ୍ଥାଗାର ଧ୍ରୁବଚରଣ ସାହୁ ସହଯୋଗ କରିଥିଲେ । କୁମାରୀ ବିଦ୍ୟାଭାରତୀ ମାଝି, ଚନ୍ଦ୍ରକାନ୍ତି କୁମାର ୮୮ ଜଣ ଛାତ୍ରୀଙ୍କୁ ଆତ୍ମସୁରକ୍ଷା କୌଶଳ, ସୁରକ୍ଷା ଆଦି ଉପରେ ତାଲିମ ପ୍ରଦାନ କରିଥିଲେ ।



ତାଲିମପ୍ରାପ୍ତ ଛାତ୍ରୀଙ୍କୁ ପ୍ରମାଣପତ୍ର ପ୍ରଦାନ କରାଯାଉଛି ।

# ଗାନ୍ଧୀ-ଜାଏଦ୍ ଡିଜିଟାଲ୍ ମ୍ୟୁଜିୟମ୍ ଉଦ୍‌ଘାଟିତ

ଆବୁଧାବି

ସ୍ୱାଧୀନତା ସଂଗ୍ରାମର ମହାନାୟକ ମହାତ୍ମା ଗାନ୍ଧୀ ଏବଂ ଆଧୁନିକ ୟୁଏଇ (ୟୁନାଇଟେଡ୍ ଆରବ ଏମିରେଟ୍ସ)ର ପ୍ରତିଷ୍ଠାତା ଶେଖ୍ ଜାଏଦ୍‌ଙ୍କ ଜୀବନୀ, ଗଠନମୂଳକ କାର୍ଯ୍ୟ ଏବଂ ଆଦର୍ଶ ପ୍ରତିଫଳିତ ଡିଜିଟାଲ୍ ଢାଞ୍ଚାର ମ୍ୟୁଜିୟମ୍ ଲୋକାର୍ପିତ ହୋଇଛି। ମଙ୍ଗଳବାର ଆବୁଧାବିଠାରେ ବହିର୍ବ୍ୟାପାର ମନ୍ତ୍ରୀ ସୁଷମା ସ୍ୱରାଜ ଏବଂ ତାଙ୍କ ପ୍ରତିପକ୍ଷ ଅବଦୁଲ୍ଲା ବିନ୍ ଜାଏଦ୍ ଅଲ୍ ନାହ୍ୟାନ ମିଳିତ ଭାବେ ମ୍ୟୁଜିୟମ୍‌ର ଶୁଭ ଉଦ୍‌ଘାଟନ କରିଛନ୍ତି। ଦୁଇ ଦେଶ ମଧରେ ଶାନ୍ତି, ମୈତ୍ରୀ, ସହିଷ୍ଣୁତା, ସ୍ଥିରତା ବଜାୟ ରଖିବାରେ ଏହି ମ୍ୟୁଜିୟମ୍ ଏକ ମୂର୍ତ୍ତିମନ୍ତ ପ୍ରତୀକ ହୋଇ ରହିବ ବୋଲି ଉଦ୍‌ଘାଟନ ଉତ୍ସବରେ ମତପ୍ରକାଶ ପାଇଛି। ମହାତ୍ମା ଗାନ୍ଧୀଙ୍କ ୧୫୦ତମ ଏବଂ ଶେଖ୍ ଜାଏଦ୍‌ଙ୍କ ୧୦୦ତମ ଜୟନ୍ତୀକୁ ଦୃଷ୍ଟିରେ ରଖି ଉଦ୍‌ଘାଟନ ସମାରୋହ ହୋଇଥିଲା। ଏହି ଐତିହାସିକସମ୍ପନ୍ନ ମ୍ୟୁଜିୟମ୍‌ରେ ଗାନ୍ଧୀ ଏବଂ ଜାଏଦ୍‌ଙ୍କ ବିଭିନ୍ନ ଘଟଣାବଳୀ ଓ କାର୍ଯ୍ୟର ବିରଳ ଫଟୋଚିତ୍ର, ଭିଡିଓ, ବ୍ୟବହୃତ ସାମଗ୍ରୀ ସ୍ଥାନ ପାଇଛି। ଉଭୟଙ୍କ ନୀତି ଆଦର୍ଶରେ ଥିବା ସମାନତା ଓ ଏହାର ପ୍ରଭାବରେ ଆସିଥିବା ପରିବର୍ତ୍ତନର ମୁଖଶାଳା ଏହି ମ୍ୟୁଜିୟମ୍ ହେବ ବୋଲି କୁହାଯାଇଛି। ୨୦୧୮ ଜୁଲାଇରେ ନାହ୍ୟାନ ନୂଆଦିଲ୍ଲୀ ଗସ୍ତରେ ଆସିଥିବାବେଳେ ପ୍ରସ୍ତାବିତ ଏହି ଡିଜିଟାଲ୍ ମ୍ୟୁଜିୟମ୍ ଆନୁଷ୍ଠାନିକ ଭାବେ ଘୋଷଣା ହୋଇଥିଲା।

# ଲକ୍ଷ୍ୟସ୍ଥଳରେ ପହଞ୍ଚିଲା ମହାକାଶଯାନ

ୱାଶିଂଟନ

ନ୍ୟାସନାଲ୍ ଏରୋନେଟିକ୍ସ ସ୍ପେଶ୍ ଆଡ୍‌ମିନିଷ୍ଟ୍ରେଶନ (ନାଶା) ଦ୍ୱାରା ପଠା ଯାଇଥିବା ପ୍ରଥମ ମହାକାଶଯାନ ଲକ୍ଷ୍ୟସ୍ଥଳ କ୍ଷୁଦ୍ର ଗ୍ରହ 'ବେନ୍ନୁ'ରେ ପହଞ୍ଚିଛି। ସ୍ପେକ୍ଟ୍ରାଲ୍ ଇଣ୍ଟରପ୍ରିଟେଶନ, ରିସୋର୍ସ ଆଇଡେଣ୍ଟିଫିକେଶନ, ସିକ୍ୟୁରିଟି-ରିଗୋଲିଥ୍ ଏକ୍ସପ୍ଲୋରର୍ (ଓଏସ୍‌ଆଇଆର୍‌ଆଇଏସ୍-ଆର୍‌ଇଏକ୍ସ) ନାମଧାରୀ ଏହି ମହାକାଶ ଯାନ ଦୀର୍ଘ ୨ ବର୍ଷ ଧରି ୨ ବିଲିୟନ କି.ମି. ଯାତ୍ରା କରିବା ପରେ ସୋମବାର ବେନ୍ନୁ ଗ୍ରହରେ ପହଞ୍ଚିଥିବା ନାଶା ପକ୍ଷରୁ କୁହାଯାଇଛି। ସେଠାରେ ମହାକାଶ ଯାନ ବର୍ଷେ ପର୍ଯ୍ୟନ୍ତ ରହି ଗ୍ରହର ସ୍ଥିତି ଓ ଅବସ୍ଥିତି ମୂଲ୍ୟାଙ୍କନ କରିବା ସହ ନମୂନା ସଂଗ୍ରହ କରିବ। ୨୦୨୩ ସେପ୍ଟେମ୍ବରରେ ଏହା ପୃଥିବୀକୁ ଫେରିବ ବୋଲି ନାଶାର ପ୍ଲାନେଟୋରୀ ସାଇନ୍ସ ଡିଭିଜନର ନିର୍ବାହୀ ନିର୍ଦ୍ଦେଶକ ଲୋରୀ ଗ୍ଲେଜ୍ କହିଛନ୍ତି। କ୍ଷୁଦ୍ର ଗ୍ରହ ବେନ୍ନୁରେ ମନୁଷ୍ୟ ଜୀବନ ଧାରଣ ପାଇଁ ଆବଶ୍ୟକ ପ୍ରାକୃତିକ ସମ୍ପଦ ଯଥା ଜଳ, ଜୈବ ପଦାର୍ଥ, ଧାତୁର ସନ୍ଧାନ ମିଳିଛି। ଏଣୁ ସେଠାରୁ ନମୂନା ସଂଗ୍ରହ କରି ସଫଳତାର ସହ ମହାକାଶ ଯାନକୁ ଫେରାଇ ଆଣିବା ପାଇଁ ୟୁଏସ, କାନାଡା ସହଯୋଗୀ ଦେଶର ବୈଜ୍ଞାନିକମାନଙ୍କ ସହ ବିଚାରବିମର୍ଶ ଜାରି ରହିଛି। ଏହି ମହାକାଶଯାନ ଯାତ୍ରା ମିଶନ ଦ୍ୱାରା ଗ୍ରହର ଗଠନ ପ୍ରଣାଳୀ, ଏବଂ ମନୁଷ୍ୟ ଜୀବନ ଧାରଣର ଅୟଆରମ୍ଭ ବିଷୟରେ ପର୍ଯ୍ୟାପ୍ତ ସୂଚନା ମିଳିପାରିବ ବୋଲି ନାଶାର ବୈଜ୍ଞାନିକମାନେ ଜଣାଇଛନ୍ତି। ଡିସେମ୍ବର ୩୧ରେ ଯାନ ବେନ୍ନୁର କକ୍ଷକୁ ପ୍ରବେଶ କରିବ।





ମଙ୍ଗଳବାର ଅପରାହ୍ନ ୫ଟାରେ ମହାକାଶରୁ ନିଆଯାଇଥିବା ପାଣିପାଗ ଚିତ୍ର।

## କେମିତି ରହିବ ଆଜିର ପାଗ

**ରାଜ୍ୟ**–ଆସନ୍ତା ୨୪ ଘଣ୍ଟା ମଧ୍ୟରେ ଓଡ଼ିଶାର ପାଗ ମୁଖ୍ୟତଃ ଶୁଖିଲା ରହିବା ସମ୍ଭାବନା ଅଛି।

**ସ୍ଥାନୀୟ ଅଞ୍ଚଳ**–ଭୁବନେଶ୍ୱର ଓ ଏହାର ପାର୍ଶ୍ୱବର୍ତ୍ତୀ ଅଞ୍ଚଳରେ ଆକାଶ ଆଂଶିକ ମେଘାଚ୍ଛନ୍ନ ରହିବ। ବୁଧବାର ଏଠାରେ ସର୍ବୋଚ୍ଚ ତାପମାତ୍ରା ୩୦ ଡିଗ୍ରୀ ଏବଂ ସର୍ବନିମ୍ନ ୧୫ ଡିଗ୍ରୀ ସେଲ୍‌ସିୟସ୍ ରହିବ ବୋଲି ଅନୁମାନ କରାଯାଇଛି। ମଙ୍ଗଳବାର ରାଜ୍ୟରେ ରେକର୍ଡ କରାଯାଇଥିବା ସର୍ବୋଚ୍ଚ ଓ ସର୍ବନିମ୍ନ ତାପାମାତ୍ରା ପାର୍ଶ୍ୱରେ ଦିଆଗଲା।

| ସ୍ଥାନ | ସର୍ବୋଚ୍ଚ ତାପମାତ୍ରା | ସର୍ବ ନିମ୍ନ ତାପମାତ୍ରା |
|---|---|---|
| ବାଲେଶ୍ୱର | ୨୯.୦ | ୧୪.୨ |
| ଚାନ୍ଦବାଲି | ୨୭.୬ | ୧୬.୦ |
| କଟକ | ୨୮.୫ | ୧୪.୪ |
| ପାରାଦ୍ୱୀପ | ୨୯.୦ | ୧୭.୨ |
| ଭୁବନେଶ୍ୱର | ୨୯.୭ | ୧୫.୧ |
| ଗୋପାଳପୁର | ୨୯.୨ | ୧୮.୦ |
| ପୁରୀ | ୨୯.୦ | ୧୭.୮ |
| ଅନୁଗୋଳ | ୨୬.୯ | ୧୧.୬ |
| ବାରିପଦା | ୨୬.୫ | ୧୪.୫ |
| ଝାରସୁଗୁଡ଼ା | ୨୯.୦ | ୧୩.୮ |
| କେନ୍ଦୁଝର | ୨୫.୮ | ୧୨.୬ |
| ସମ୍ବଲପୁର | ୨୯.୧ | ୧୪.୦ |
| ସୁନ୍ଦରଗଡ଼ | ୨୮.୦ | ୧୨.୦ |
| ହୀରାକୁଦ | ୨୮.୯ | ୧୪.୯ |
| ତାଳଚେର | ୩୧.୬ | ୧୩.୮ |
| ଭବାନୀପାଟଣା | --- | ୧୪.୦ |
| ବଲାଙ୍ଗୀର | ୨୯.୫ | ୧୪.୦ |
| କୋରାପୁଟ | ୨୭.୬ | ୧୩.୪ |
| ଫୁଲବାଣୀ | --- | ୮.୦ |
| ଟିଟିଲାଗଡ଼ | --- | --- |
| ମାଲକାନଗିରି | ୩୨.୫ | --- |
| ସୋନପୁର | ୨୯.୦ | ୧୬.୪ |
| ଦାରିଙ୍ଗିବାଡ଼ି | --- | ୮.୦ |
| ଢେଙ୍କାନାଳ | --- | --- |

ଡିଗ୍ରୀ ସେଲ୍‌ସିୟସ୍


ଧରିତ୍ରୀ DHARITRI CAREER APPOINTMENT
every Wednesday & Saturday

**BACHPAN** a play school
Requires : TEACHERS
MINIMUM 2 YEARS OF EXPERIENCE WITH FLUENCY IN ENGLISH
KAPIL PRASAD, BDA COLONY, HIG 1/17, NEAR LINGARAJ RAILWAY STATION, BBSR-2
Mob.: 9437143495

**OMM SAI INFRATECH**
ବ୍ଲକ୍ ସ୍ତରୀୟ ନିଯୁକ୍ତି
ନିଜ ନିଜ ପଞ୍ଚାୟତସ୍ତରରେ କାମ କରିବାପାଇଁ ODISHA ର ପ୍ରତ୍ୟେକ ଜିଲ୍ଲାରୁ ଆବଶ୍ୟକ
Qual. 7th, 10th, +2, +3 ଓ ITI candidate
Salary : Rs. 8,000 To Rs.15,000
CONTACT : 9776141333

ଭୁବନେଶ୍ୱରରେ ରହୁଥିବା ଛୋଟ ପରିବାର ପାଇଁ ରୋଷେଇ ଏବଂ ଘର କାମ କରିବା ପାଇଁ ଅଭିଜ୍ଞତା ଥିବା ସ୍ତ୍ରୀଲୋକ/ଝିଅ ଆବଶ୍ୟକ। ରହିବା, ଖାଇବା ସୁବିଧା ଅଛି।
ସମ୍ପର୍କ କରନ୍ତୁ: 8114721727

**WALK-IN-INTERVIEW**
Bhubaneswar a leading travel agency need Sales & Marketing Boys. All candidate qualification: MBA + Salary negotiable.
Contact: 0674-2595523, 2595513, 9937438896

Urgent Requirement for FIELD EXECUTIVE. 10th Pass. Salary: 7000 to 10000.
Ph. No.: 7290035795

WANTED YOUNG MALE BODY MASSAGE (BOY)
For Body Massage Parlour
Ph : 9861550765

**MNC କମ୍ପାନୀରେ ଚାକିରୀ**
VACANCY- 10 (Male) & 7 (Female)
No Registration Fee / No Experience
ଯୋଗ୍ୟତା-10th/+2/+3. Age Below 30 yrs
Monthly : Rs.10000/- ଓ ରହିବା ସୁବିଧା
ଆସନ୍ତା ୫ଦିନ ମଧ୍ୟରେ ଯୋଗାଯୋଗ କରନ୍ତୁ
BHUBANESWAR : 9437186335

**ବ୍ଲକସ୍ତରୀୟ ନିଯୁକ୍ତି**
ନିଜ ବ୍ଲକ ଓ ପଞ୍ଚାୟତ ସ୍ତରରେ କାମ କରିବା ପାଇଁ ପ୍ରତ୍ୟେକ ଜିଲ୍ଲାରୁ Candidate ଆବଶ୍ୟକ।
ଦରମା: 7,000/- to 42,000/-.
ଯୋଗାଯୋଗ: 9777639313

**ଆବଶ୍ୟକ**
ଭୁବନେଶ୍ୱର, କଟକ, ବ୍ରହ୍ମପୁର ଏବଂ ରାଉରକେଲା ପାଇଁ Office Staff ଆବଶ୍ୟକ। ଯୋଗ୍ୟତା: 10th/above. Monthly Salary upto Rs.27000/-.
(Part Time / Full Time)
Contact: 9938676412

CONTACT:- 9938414918
ଭୁବନେଶ୍ୱର ପାଇଁ Accountant, Computer Operator, Field Officer, Office Assistant, Receptionist & Supervisor ଆବଶ୍ୟକ। ଯୋଗ୍ୟତା: 10th/above. ବୟସ: (17-30) yrs, Monthly Salary upto Rs. 24000/-.

A reputed C & FA of Home Appliances at BBSR requires
**SALES OFFICER**
Persons having (3 to 5 years Experience) in Same Trade. Salary Negotiable.
IMMEDIATELY CONTACT
9937136851

**AIRPORT RECRUITMENT**
Male, Female Ground Staff, Floor Manager, Ticket Checker, Security Staff, Cook.
Salary: 27k to 45 k + PF + ESI + Accommodation
Departmenthrpoojasharma@gmail.com
7289943942, 9582577706

WANTED Following Staffs for Steel Industries at Cuttack.
- FIELD SUPERVISORS
- MALI
CONTACT
9437496020
7381075901

**OFFICIALLY JOB**
ଯୋଗ୍ୟତା: ଦଶମ ପାସ୍/ଫେଲ୍, ବୟସ: (18-35) yrs. ମାସିକ ଦରମା upto Rs.25000/-.
Contact Immediately: Mob: 8763257042

**SWIGGY REQUIRES**
Work Full Time/ Part Time with Swiggy as a
DELIVERY EXECUTIVE
(Bike and DL) and earn up to 12000 - 25000 / month
(Incentives and Insurance worth 6 lakhs extra).
Walk-in at Swiggy office at
Gulmohar Building, Ground Floor, Behera Sahi, Nayapalli (opp. NABARD) Regiona, Bhubaneshwar, Odisha-751012
or give a missed call or call us on
011 30017619

ସବୁ ଏୟାର ପୋର୍ଟ ହେତୁ ଡାଇରେକ୍ଟ ଭର୍ତ୍ତି ପକ୍କା ଜଏନିଂ। ଶାସକୀୟ, ଅର୍ଦ୍ଧଶାସକୀୟ, ଅପାଠୁଆରୁ ଗ୍ରାଜୁଏଟ 45,500/- ରୁ 85,500/-। ଗ୍ରାଉଣ୍ଡ ଷ୍ଟାଫ, ସୁପରଭାଇଜର, ଏୟାରହୋଷ୍ଟେସ୍, ଲୋଡର, ହେଲପର, ଡ୍ରାଇଭର। ରହିବା + ଖାଇବା + ବୀମା
CONSULTANT
07303520928

24 x 7 Satellite News Channel ODISHA NEWS9 ଆପଣଙ୍କ ସ୍ୱର
An upcoming Satellite News Channel of Odisha
**Requires**
● Reporter (All Block/District) ● Anchor, ● Input incharge, ● Output incharge, ● IT & Broadcast head & executives, ● Graphics Offline Head & executives, ● Graphics Designer, ● PCR, ● Switcher, ● Sting clint, ● Sound engineer, ● MCR- Executive, ● Visual Editor, ● Camera-video Journalist, ● Promo Dept. Designer, ● Research Executives, ● Library Associates, ● Makeup associates, ● Marketing & Sales Manager & Associates, ● Operation Coordinator, ● Drivers, ● Distribution executives, ● HR & Admin. executives, ● Store incharge, ● Current Affairs Head, ● Producer, Asst./Tr.producer, ● Art Dept. executives, ● Animation designer, ● Public relations-executive, ● Digital contain executives,
Preference will be given to experienced, highly motivated creative candidates having flair for initiating innovative programmes & activities. Very Attractive Incentives to really deserving candidates with proven merit and talent.
Interested candidates are requested to send the duly filled Biodata to: **news9odisha@gmail.com** within 7 days of publication of this advertisement.
Walk-in-Interview
At 09:00 AM to 05:00 PM on 1st, 2nd, 8th & 9th December 2018 at Hotel Royal Suites, Near Durga Mandap, Satyanagar, Bhubaneswar.

See Career Appointment on every Wednesday & Saturday

**URGENT REQUIRED**
ନିଜ ଜିଲ୍ଲାରେ ରହିବା, ଖାଇବା ସୁବିଧା ଦିଆଯିବ। ଦରମା: 25,000/-, ଶିକ୍ଷାଗତ ଯୋଗ୍ୟତା: 8th to 10th & above.
Contact: 8339922964

**SANTANU ENGLISH MEDIUM SCHOOL**
Affiliated to CBSE, New Delhi
Chintamaniswar Temple Road, Bhubaneswar - 751 006
Ph : (0674) 2312784/2972080, Mail : semsbbsr@gmail.com
WANTED : Teachers in Science (CBZ) English, Hindi, Computer, Activity, Peon (Gents) and a Driver. Apply within 7 days to the Principal.

**TEAM ADMARK (P) LTD**
TEAM
99/A, Saheed Nagar, 1st Lane Facing N.Opp of Ayakar Bhawan, Bhubaneswar-751007
Phone-0674-6532628/7205006004/9238121210
Mail id- careerteamadmark@gmail.com
**URGENTLY REQUIRED**
1. **Sr. Marketing Executive (outdoor)** - Graduate (Male & Female) with min. 5-7 years marketing experience in outdoor advertising trade or in space selling. Preferably MBA, **Salary- ₹15, 000/- to ₹20,000/- per month**, Fuel and Mob. Expenses Extra, Two wheeler must.
2. **Marketing Executive (outdoor)** - BBA Graduate (Male & Female) with min. 2-3 years marketing experience in outdoor advertising trade or in space selling., **salary- ₹10, 000/- to ₹12,000/- per month**, Fuel and Mob. Expenses Extra.
3. **Field Supervisor (outdoor):** Graduate with Min. 2-3 years experience in Outdoor advertising business/construction in managing field works, **salary- ₹7,000/- to ₹9,000/- per month**, fuel and mob. Expenses extra, Computer Knowledge & Two wheeler must.
4. **Electrician:** ITI Pass out with Min 2-3 years experience in Electrical Trade/ outdoor advertising business/ construction in managing field work, **salary- ₹7,000/- to ₹9, 000/- per month**, Fuel and Mob. Expenses Extra, Two wheeler must.
5. **Office Peon:** 10th Pass with min. 1 year experience in Office/field work, **salary- ₹6, 000/-per month** with own bicycle or two wheeler.
Interested candidates may apply to our above address & mail ID with complete Bio-data and photo within 7 days from the date of advertisement.

ନୋଟିସ୍: ନିଯୁକ୍ତି ଓ କ୍ୟାରିୟର ପୃଷ୍ଠାରେ ଅନେକ ନିଯୁକ୍ତି ସମ୍ବନ୍ଧୀୟ ବିଜ୍ଞାପନ ପ୍ରକାଶ ପାଉଛି। ସମସ୍ତ ବିଜ୍ଞାପନ ବା ବିଜ୍ଞାପନଦାତାଙ୍କ ସତ୍ୟାସତ୍ୟ ଅନୁସନ୍ଧାନ କରିବା ଆମ ପକ୍ଷରେ ସମ୍ଭବପର ନୁହେଁ। ତେଣୁ ଯେଉଁ ବିଜ୍ଞାପନକୁ ଦେଖି ଆପଣ ଆବେଦନ କରୁଛନ୍ତି ବା ପରବର୍ତ୍ତୀ ସମୟରେ କୌଣସି ସମ୍ପର୍କ ସ୍ଥାପନ କରୁଛନ୍ତି ତାହା କରିବା ବେଳେ ନିଜର ବିବେକ, ବୁଦ୍ଧି ଖଟାଇ କରନ୍ତୁ। ବିଜ୍ଞାପନକାରୀ କମ୍ପାନୀ ପକ୍ଷରୁ ଅର୍ଥ ଦାବି କରାଗଲେ ତାହା ଦେବା ପୂର୍ବରୁ ନିଜ ସ୍ତରରେ ଅନୁସନ୍ଧାନ କରନ୍ତୁ। କୌଣସି ଅର୍ଥ ନେଣଦେଣ ପାଇଁ 'ଧରିତ୍ରୀ' ଦାୟୀ ରହିବ ନାହିଁ।

ଧରିତ୍ରୀ
DHARITRI
ସମ୍ବଲପୁର, ବୁଧବାର, ୫ ଡିସେମ୍ବର, ୨୦୧୮



ମାୟାରୁ ମମତାର ସୃଷ୍ଟି। ମାୟା ବନ୍ଧନକୁ ଛିନ୍ନ କରିଥିବା ସାଧୁମାନଙ୍କ ମନ ଭିତରେ ଈଶ୍ୱରଙ୍କ ବ୍ୟତୀତ ଅନ୍ୟ କିଛି ପ୍ରତି ମାୟା ବା ମମତା ନ ଥାଏ।
- ଚାଣକ୍ୟ



## ସଂକ୍ଷେପରେ

### ଶ୍ରମିକ ନିଖୋଜ ନେଇ ଥାନାରେ ଅଭିଯୋଗ

ସିନାପାଲି,୪।୧୨(ଡି.ଏନ.ଏ.) ନୂଆପାଡ଼ା ଜିଲା ସିନାପାଲି ବ୍ଲକ ଅନ୍ତର୍ଗତ ହାତୀବନ୍ଧା ନିବାସୀ ନେତ୍ରା ମେହେର (୫୦) ନାମକ ଜଣେ ଶ୍ରମିକ ନିଖୋଜ ଥିବା ଜଣାପଡ଼ିଛି। ଏ ନେଇ ତାଙ୍କ ପୁତୁରା ପ୍ରଦୀପ ମେହେର ସିନାପାଲି ଥାନାରେ ଅଭିଯୋଗ କରିଛନ୍ତି । ଗତ ୨୦୧୫ରେ କିଛି ସମ୍ପର୍କୀୟମାନଙ୍କ ସହ ବାହାରକୁ ରୋଜଗାର ପାଇଁ ଯାଇଥିଲେ । ହେଲେ ଆଜକୁ ଦୀର୍ଘ ବର୍ଷ ବିତିଯାଇଥିଲେ ହେଁ ସେ ଗାଁକୁ ଫେରିନାହାନ୍ତି। ଏପରି କି ଫୋନ୍‌ରେ ମଧ୍ୟ ଯୋଗାଯୋଗ ହୋଇପାରୁନାହିଁ । ଫଳରେ ସେ କେଉଁଠି ଅଛନ୍ତି କି ନାହିଁ, ତାହା ସନ୍ଦେହ ପ୍ରକାଶ ପାଇଛି। ବର୍ତ୍ତମାନ ତାଙ୍କ ପୁତୁରା ପ୍ରଦୀପ ମେହେର ଓ ପରିବାର ତାଙ୍କ ଫେରିବା ବାଟକୁ ଚାହିଁ ବସିଛନ୍ତି । ପ୍ରଶାସନ ଏ ଦିଗରେ ପଦକ୍ଷେପ ନେବାକୁ ସାଧାରଣରେ ଦାବି ହେଉଛି ।

### ଡିସେମ୍ବର ୬ ସମାବେଶକୁ ସମର୍ଥନ କରିବାକୁ ଆହ୍ୱାନ

ଖଡିଆଲ,୪।୧୨(ଡି.ଏନ.ଏ.) ପଶ୍ଚିମ ଓଡିଶାର ଶୋଷିତ, ଦଳିତ ଓ ଅନ୍ୟାୟ ଅତ୍ୟାଚାରରେ ଶିକାର ହୋଇଛନ୍ତି । ସେମାନଙ୍କୁ ନ୍ୟାୟ ପ୍ରଦାନ ସମେତ କୋରାପୁଟର କୁନ୍ଦୁଲି ଗଣଧର୍ଷଣ ଓ ବଲାଙ୍ଗୀର ଜିଲା ଖପ୍ରାଖୋଲର ସ୍ନେହାଙ୍ଗିନୀ ଛୁରିଆଙ୍କ ବାଳାତ୍କାର ଓ ହତ୍ୟା, ଗୁମୁଡୁଗୁଡା ନିରିହ ଜନତାଙ୍କ ହତ୍ୟା, କଳିଙ୍ଗନଗର ଗୁଳିକାଣ୍ଡ, ନିୟମଗିରିରେ ଆଦିବାସୀମାନଙ୍କ ଜଙ୍ଗଲ ଜମି ଛଡାଇ ନିଆଯିବା ଷଡଯନ୍ତ୍ର ପ୍ରସଙ୍ଗ ନେଇ ବିଧାୟକ କୃଷ୍ଣ ଚନ୍ଦ୍ର ସଗରିଆ ଏବଂ ଅକ୍ଷୟ କୁମାର ମଲ୍ଲିକଙ୍କ ନେତୃତ୍ୱରେ ଆସନ୍ତା ୬ ତାରିଖରେ ଭୁବନେଶ୍ୱରରେ ହେବ ଏକ ପ୍ରତିବାଦ ବିଶାଳ ସମାବେଶ। ଉକ୍ତ ସମାବେଶକୁ ସମର୍ଥନ କରି ନୂଆପଡା ଜିଲା ଦଳିତ ଅଧିକାର ମଞ୍ଚ ସାମିଲ ହେବା ପାଇଁ ନିଷ୍ପତ୍ତି ନେଇଛନ୍ତି । ଉକ୍ତ ଆନ୍ଦୋଳନରେ ସାମିଲ ହେବା ପାଇଁ ଦଳିତ ଅଧିକାର ମଞ୍ଚ ସଭାପତି କମଳ ଚରଣ ତାଣ୍ଡିଙ୍କ ନେତୃତ୍ୱରେ ଗାଁ ଗାଁ ବୁଲି ଯୁବ ବର୍ଗଠାରୁ ଆରମ୍ଭ କରି ସମସ୍ତଙ୍କୁ ପୃଥକ ଭାବେ ଆନ୍ଦୋଳନରେ ସାମିଲ ହେବା ପାଇଁ ଆଲୋଚନା କରିବା ସହ ସାମିଲ ହେବା ପାଇଁ ଆହ୍ୱାନ କରୁଥିବା ଜଣାପଡିଛି ।

### ହକି ଖେଳ ଦେଖିବା ପାଇଁ ୯୦ ଛାତ୍ର ଗଲେ

ଜୁନାଗଡ,୪।୧୨(ସ୍ୱ.ପ୍ର.) ଜୁନାଗଡସ୍ଥିତ ପ୍ରିୟ ଦର୍ଶିନୀ ଇନ୍ଦିରା ମହାବିଦ୍ୟାଳୟର ୯୦ ଜଣ ଛାତ୍ରଙ୍କ ସମେତ ପାଞ୍ଚ ଜଣ ଅଧ୍ୟାପକ ଓ କର୍ମଚାରୀ ଭୁବନେଶ୍ୱରରେ ଚାଲିଥିବା ବିଶ୍ୱ ପୁରୁଷ ହକି ଖେଳ ଦେଖିବାକୁ ବାହାରିଛନ୍ତି। ମଙ୍ଗଳବାର ସନ୍ଧ୍ୟାରେ ସରକାରଙ୍କ ନିର୍ଦ୍ଦେଶ ଓ ଜିଲା ପ୍ରଶାସନର ସହାୟତାରେ କଲେଜର ଛାତ୍ର ୨ଟି ବସରେ ବାହାରିଛନ୍ତି। ହକି ଖେଳକୁ ଲୋକାଭିମୁଖୀ କରିବା ସହିତ ଆଜିର ଯୁବ ସମାଜକୁ ହକି ଖେଳ ପ୍ରତି ଉତ୍ସାହିତ ଏହାର ମୁଖ୍ୟ ଲକ୍ଷ ବୋଲି ଜଣାପଡିଛି। ମଙ୍ଗଳବାର ରାତି ୯ଟାରେ ୨ଟି ବସକୁ କଲେଜ ଅଧକ୍ଷ ବିଭୁତି ଭୁଷଣ ମେହେର ସବୁଜ ପତାକା ଦେଖାଇଥିଲେ। ଏହି ସମୟରେ ଭୁବନେଶ୍ୱର ଯାଇଥିବା ଛାତ୍ରମାନେ ବେଶ ଉତ୍ସାହିତ ଥିଲେ।

### ମାନିଗୁଡ଼ା ଗାଁରେ ମକା ଚାଷ ଏକ ଉଦାହରଣ

# ୭ ଚାଷୀ ୫ ଲକ୍ଷ ଟଙ୍କାର ମକା ବିକ୍ରୟ କଲେ

- ଜିଲା ଓରମାସ ଶାଖାର ହସ୍ତକ୍ଷେପ
- ଗାଁରେ ୫୦ଲକ୍ଷ ଟଙ୍କାର ମକା ଉତ୍ପାଦନ ହେବ

ନୂଆପଡା ଅଫିସ,୪।୧୨

ଦିନକୁ ଦିନ ମରୁଡି ଏଠିକାର ଚିର ସମସ୍ୟା ହେବାକୁ ବସିଥିବାବେଳେ ଏଠିକାର କ୍ଷୁଦ୍ର ଏବଂ ବଡ ଚାଷୀମାନେ ବିକଳ୍ପ ଚାଷ ଆପଣାଇବାରେ ଲାଗିଛନ୍ତି । ଢିପ ଜମିଗୁଡିକରେ ଅର୍ଥକାରୀ ଫସଲ ଭାବେ ମକା ଚାଷକୁ ଆଦରି ଆକର୍ଷଣୀୟ ଲାଭ ଉଠାଇପାରୁଛନ୍ତି । ନୂଆପଡ଼ା ଜିଲା ମାନିଗୁଡା ଗାଁର ମକା ଚାଷ ଏହି କ୍ଷେତ୍ରରେ ଏକ ଉଦାହରଣ ହୋଇଛି । ଗାଁରେ ମୋଟ ୧୮୦ହେକ୍ଟର ଜମିରେ ମକା ଚାଷ ହୋଇଥିବାବେଳେ ଏଥିରୁ ଅନ୍ୟୁନ ୫୦ଲକ୍ଷ ଟଙ୍କାର ମକା ଉତ୍ପାଦନ ହେବା ଅଟକଳ କରାଯାଇଛି । ଏଠିକାର ଅଭାବି ବିକ୍ରି ଉପରେ ଜିଲା ଗ୍ରାମ୍ୟ ଉନ୍ନୟନ ଏବଂ ବିପଣନ ସଂସ୍ଥା (ଓରମାସ) ତରଫରୁ ହସ୍ତକ୍ଷେପ କରାଯିବା ପରେ ଚାଷୀମାନେ ବେଶ ଲାଭବାନ ହୋଇପାରୁଥିବା ଦେଖାଯାଇଛି । ପ୍ରଥମ ଦଫାରେ ଗାଁର ୭ଜଣ ଗରିବ ଚାଷୀ ଗୋଟିଏ ଦିନରେ ୫ ଲକ୍ଷ ଟଙ୍କାର ମକା ବିକ୍ରି କରି ଇତିହାସ ସୃଷ୍ଟି କରିଛନ୍ତି ।

ଜିଲାର ଚିରସ୍ରୋତା ସୁନ୍ଦର ଡ୍ୟାମ ନିକଟରେ ଥାଇ ମଧ୍ୟ ଢିପ ଜାଗାରେ ଥିବା ହେତୁ ମାନିଗୁଡା ଗ୍ରାମପଞ୍ଚାୟତ ବହୁ ଗାଁ ମରୁଡିର ଶିକାର ହୋଇଥାନ୍ତି। ହେଲେ ଚାଷୀମାନେ ହାର ମାନିନାହାନ୍ତି। ସେମାନେ ମକା ଚାଷକୁ ଅର୍ଥକାରୀ ଫସଲ ଭାବରେ ଆପଣାଇଛନ୍ତି। ଗାଁରେ ଶତାଧିକ ଚାଷୀ ଚାଷ କରିଛନ୍ତି। ଗତ ଦିନମାନଙ୍କରେ କମ ଦରରେ ବିକ୍ରି କରି ଅଭାବି ବିକ୍ରିର ଶିକାର ହେଉଥିଲେ । ଏହା ଉପରେ ବର୍ତ୍ତମାନ ଓରମାସ ଦୃଷ୍ଟି ଦେଇ ହସ୍ତକ୍ଷେପ କରିଛି । ୧୦୧ଜଣ ଚାଷୀଙ୍କୁ ନେଇ ମା' ବସ୍ତ୍ରାଣୀ ପ୍ରଡ୍ୟୁସର ଗ୍ରୁପ ଗଠନ କରିଛି । ସେମାନେ କିପରି ଏହାକୁ ଚଢା ଦରରେ ବିକ୍ରି କରି ଲାଭବାନ ହେବେ ସେଥିପ୍ରତି ଯୋଜନା କରୁଛି । ସାଧାରଣତଃ ବଜାରରେ ମଧ୍ୟସ୍ଥିମାନେ କୁଇଣ୍ଟାଲ ପ୍ରତି ୧୧/୧୨ଶହ ଟଙ୍କାରେ ଚାଷୀଙ୍କୁ ବିକ୍ରି କରିବାକୁ ବାଧ୍ୟ କରୁଥିଲେ । ହେଲେ ଓରମାସର ହସ୍ତକ୍ଷେପ ପରେ ବ୍ରହ୍ମପୁରରୁ ଏକ କମ୍ପାନୀ ଆସି କୁଇଣ୍ଟାଲ ପ୍ରତି ୧୪ଶହ ଟଙ୍କା ଦେବା ପାଇଁ ରାଜି ହୋଇ କିଣିବା ଆରମ୍ଭ କରିଦେଇଛି। ସୋମବାର ରାତି ତମାମ ଏଠାରେ କମ୍ପାନୀବାଲା ଆସି ୭ଜଣ ଚାଷୀ କୃଷ୍ଣ ଚନ୍ଦ୍ର ବେମାଲ, ରୂପେଶ ପ୍ରଧାନ, ଗୋପାଳ ମାଝି, ହରି ମାଝି, ସୁକଲାଲ ମାଝି, ଲଳିତ ଛତ୍ରିଆ, ହୃଦୟ ମାଝିଙ୍କଠାରୁ ୩୭ ଟନ ୮୦୦ କିଗ୍ରା ବିକ୍ରି କରିଛନ୍ତି । ଏହି ବାବଦକୁ ୫ ଲକ୍ଷ୨୯ ହଜାର ୨୦୦ ଟଙ୍କା ପାଇଛନ୍ତି । ତେବେ ଗାଁରେ ମୋଟ ୧୮୦ ହେକ୍ଟର ଜମିରେ ଚାଷ କରାଯାଇଛି । ହେକ୍ଟର ପିଛା ୨୦ କୁଇଣ୍ଟାଲ ହିସାବରେ ମୋଟ ୩୬ ଶହ କୁଇଣ୍ଟାଲ ଉତ୍ପାଦନ ହେବାର ଆକଳନ କରାଯାଉଥିବା ଓରମାସର ସହକାରୀ ନିର୍ଦ୍ଦେଶକ ରବୀନ୍ଦ୍ର ପ୍ରଧାନ କହିଛନ୍ତି । ତେବେ ଜିଲା ଯାକର ଚାଷୀମାନେ ମଧ୍ୟସ୍ଥିମାନଙ୍କ ଶିକାର ନ ହୋଇ ଠିକ ଦରରେ ବିକ୍ରି କରି ଲାଭବାନ ହେବାକୁ ପ୍ରଧାନ ଆହ୍ୱାନ କରିଛନ୍ତି । ଜିଲା ପ୍ରଶାସନ ସବୁବେଳେ ଚାଷୀଙ୍କ ପଛରେ ରହିଥିବା କହିଛନ୍ତି ।



ମକା ଭର୍ତ୍ତି ଟ୍ରକ ସହ ଚାଷୀମାନଙ୍କ ସହ ଓରମାସ ସହକାରୀ ନିର୍ଦ୍ଦେଶକ ଛିଡା ହୋଇଛନ୍ତି ।

### ମେଣ୍ଟାଟାଲ ବିଦ୍ୟାଳୟ ଗୃହ ଶିଳାନ୍ୟାସ

## ବୋର୍ଡ ତ୍ରୁଟିକୁ କେହି ଦେଖିଲେ ନାହିଁ

ନୂଆପଡା ଅଫିସ,୪।୧୨

ନୂଆପଡ଼ା ଜିଲା କୋମନା ବ୍ଲକ ଅନ୍ତର୍ଗତ ମେଣ୍ଟାଟାଲ ଉନ୍ନୀତ ଉଚ୍ଚ ବିଦ୍ୟାଳୟ ନୂତନ କୋଠା ନିର୍ମାଣ ପାଇଁ ମଙ୍ଗଳବାର ଶିଳାନ୍ୟାସ ହୋଇଛି । ଏହା ଏକ ଉଚ୍ଚ ବିଦ୍ୟାଳୟ ହେଲେ ଏଠିକାର ଉଦ୍‌ଘାଟନୀ କାର୍ଯ୍ୟକ୍ରମକୁ ଯେପରି ଭାବେ କରାଯିବା କଥା । ଏଥିରେ ବ୍ୟତିକ୍ରମ କରାଯାଇଥିବା ପରିଲକ୍ଷିତ ହୋଇଛି । ଏହାର ଶିଳା ଲେଖର ତ୍ରୁଟି ସାଙ୍ଗକୁ ଉଦ୍‌ଘାଟନୀ କାର୍ଯ୍ୟକ୍ରମ ସ୍ଥଳରେ ବ୍ୟାପକ ଅବ୍ୟବସ୍ଥା ବିଭାଗର ପାରିବା ପଣିଆ ପ୍ରତି ଅଙ୍ଗୁଳି ନିର୍ଦ୍ଦେଶ କରିଛି ।

ମଙ୍ଗଳବାର ପୂର୍ବାହ୍ନ ୧୧ଟାରେ ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ସ୍ଥାନୀୟ ବିଧାୟକ ତଥା ରାଜ୍ୟ ଭାଜପା ସଭାପତି ବସନ୍ତ କୁମାର ପଣ୍ଡା ମୁଖ୍ୟଅତିଥି ଭାବେ ଯୋଗଦେଇ ଉଦ୍‌ଘାଟନ କରିଥିଲେ । ହେଲେ ଏଥିରେ ଗ୍ରାମ୍ୟ ଉନ୍ନୟନ ବିଭାଗ ବଦଳରେ ବିଭାଜନ ଶବ୍ଦ ଲେଖାଯାଇଛି । ଏହାକୁ କେହି ଦେଖିପାରି ନ ଥିଲେ । କାର୍ଯ୍ୟକ୍ରମ ଶେଷରେ ଗ୍ରାମବାସୀ ଦେଖି ସମାଲୋଚନା କରୁଛନ୍ତି। ଏଭଳି ତ୍ରୁଟିକୁ ବିଭାଗ, ସ୍କୁଲ କର୍ତ୍ତୃପକ୍ଷ କିମ୍ବା ଖୋଦ ରାଜ୍ୟ ସଭାପତି ମଧ୍ୟ ଦେଖିପାରି ନ ଥିଲେ । ଅନ୍ୟପକ୍ଷେ ଉଦ୍‌ଘାଟନୀ ସ୍ଥଳକୁ ଯିବାକୁ ସାଧାରଣ କଚା ରାସ୍ତା ଟିଏ ମଧ୍ୟ କରି ନ ଥିବାରୁ ବିଧାୟକ ବିଭାଗୀୟ ଯନ୍ତ୍ରୀ, ଅଧିକାରୀମାନଙ୍କୁ ବର୍ଷିଥିବା ଦେଖାଯାଇଥିଲା । ତେବେ ୭୫ ଲକ୍ଷ ଟଙ୍କା ବ୍ୟୟରେ ନିର୍ମାଣ ହେବାକୁ ଥିବା କୋଠା କାମ କେତେଦୂର ଠିକ ହେବ ତାହା ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି କରିଛି ।



ଉଦ୍‌ଘାଟିତ ହୋଇଥିବା ତ୍ରୁଟିପୂର୍ଣ୍ଣ ମେଣ୍ଟାଟାଲ ଉନ୍ନୀତ ଉଚ୍ଚ ବିଦ୍ୟାଳୟର ବୋର୍ଡ ।

## ମହାଲକ୍ଷ୍ମୀ ପୂଜା ପାଇଁ ମାଟି ଅଣା ପର୍ବ

ସିନାପାଲି,୪।୧୨(ଡି.ଏନ.ଏ.)

ନୂଆପଡା ଜିଲା ସିନାପାଲି ଗ୍ରାମ ହାଇସ୍କୁଲପଡାରେ ଆସନ୍ତା ୧୮ ତାରିଖରୁ ଆରମ୍ଭ ହେବାକୁ ଥିବା ମହାଲକ୍ଷ୍ମୀ ପୂଜା ପାଳନ ପାଇଁ ଦେବୀଙ୍କ ମୃଣ୍ମୟୀ ମୂର୍ତ୍ତି ନିର୍ମାଣ ଲାଗି ମଙ୍ଗଳବାର ମାଟିଅଣା ପର୍ବ ଅନୁଷ୍ଠିତ ହୋଇଯାଇଛି। ସନ୍ଧ୍ୟାରେ ଅଞ୍ଚଳରେ ଶତାଧିକ ଶ୍ରଦ୍ଧାଳୁ ମାଟିଅଣା ପର୍ବରେ ସାମିଲ ହୋଇ ସିନାପାଲି ଗ୍ରାମର ଅଲେଖ ରଣାଙ୍କଠାରୁ ପବିତ୍ର ମାଟି ଗ୍ରହଣ କରିଥିଲେ। ଶ୍ରୀ ଜଗନ୍ନାଥ ମନ୍ଦିରରେ ପୂଜାର୍ଚ୍ଚନା ପରେ ଗ୍ରାମ ପରିକ୍ରମା କରି ହାଇସ୍କୁଲପଡାରେ ପହଞ୍ଚିଥିଲେ। ମାଟିଅଣା ପର୍ବରେ ମହାଲକ୍ଷ୍ମୀ ପୂଜାର କର୍ତ୍ତା ଦାୟିତ୍ୱ ନିର୍ବାହ କରିବାକୁ ଥିବା ଶତୃଘ୍ନ ମେହେର ସପତ୍ନୀକ ମୁଖ୍ୟ ଭୂମିକା ନିର୍ବାହ କରିଥିବା ବେଳେ ଗିରିଧାରୀ ମେହେର, ସୁବାସ ସାହୁ, ଦୈତାରୀ ମେହେର, ଚୈତନ ମେହେର, ନରୋତ୍ତମ ମେହେର, ସାନୁର୍ଯ୍ୟ ମେହେର, ସଞ୍ଜୟ ମେହେର, ପିଙ୍କୁ ମେହେର, ବୀର ମେହେର, ଡମ୍ବରୁଧର ମେହେର ଓ ବୈଷ୍ଣବ ମେହେରଙ୍କ ସହ ପ୍ରଜ୍ଞା ମହିଳା ମଣ୍ଡଳ ସଦସ୍ୟା ଗଙ୍ଗେଇ ମେହେର, ଯମୁନା ମେହେର, ବିଳାସିନୀ ମେହେର, ପିଙ୍କି ମେହେର ପ୍ରମୁଖ ସାମିଲ ହୋଇଥିଲେ। ଚଳିତ ବର୍ଷ ତିନିଦିନ ବ୍ୟାପୀ ଆଡମ୍ବର ସହକାରେ ମହାଲକ୍ଷ୍ମୀ ପୂଜା ପାଳନ କରିବା ପାଇଁ କମିଟି ପକ୍ଷରୁ ଜୋର୍‌ସୋର୍ ଉଦ୍ୟମ କରାଯାଉଛି । ଆସନ୍ତା ୧୭ ତାରିଖରେ କଳସ ଶୋଭାଯାତ୍ରା ଅନୁଷ୍ଠିତ ହେବା ପୂଜା କମିଟି ସୂତ୍ରରୁ ପ୍ରକାଶ ।



ମହାଲକ୍ଷ୍ମୀ ପୂଜା ପାଇଁ ଦେବୀଙ୍କ ମୃଣ୍ମୟୀ ମୂର୍ତ୍ତି ନିର୍ମାଣ ଲାଗି ମାଟିଅଣା ପର୍ବ ।

## ଡୁର୍କାଡୋଙ୍ଗରୀ ଶୈବପୀଠରେ ପୂଜାର୍ଚ୍ଚନା

### ମନ୍ଦିର ନିର୍ମାଣ ନିମନ୍ତେ ପରିଚାଳନା ସମିତି ଗଠିତ

ସିନାପାଲି,୪।୧୨(ଡି.ଏନ.ଏ.)

ନୂଆପଡା ଜିଲା ସିନାପାଲି ବ୍ଲକ୍ ବରଗାଁ ଡୁର୍କାଡୋଙ୍ଗରୀସ୍ଥିତ ଶୈବପୀଠରେ ସୋମବାର ମହାଡମ୍ବରେ ପୂଜାର୍ଚ୍ଚନା ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ ଅଞ୍ଚଳର ଶହ ଶହ ଶ୍ରଦ୍ଧାଳୁ ଭଜନ କୀର୍ତ୍ତନ ସହ ସାମିଲ ହୋଇ ଭଗବାନଙ୍କ ପୂଜାର୍ଚ୍ଚନା କରି ଅନ୍ନପ୍ରସାଦ ଗ୍ରହଣ କରିଥିଲେ। ସନ୍ଧ୍ୟାରେ ଏକ ସଭାର ଆୟୋଜନ କରାଯାଇ ଡୁର୍କାଡଙ୍ଗରୀରେ ପୂର୍ବରୁ ଭଗବାନ ଶିବଙ୍କ ମନ୍ଦିର ନିର୍ମାଣ ନିମନ୍ତେ ଭିତ୍ତିପ୍ରସ୍ତର ସ୍ଥାପିତ ହୋଇଥିବା ସ୍ଥାନରେ ଭବ୍ୟ ମନ୍ଦିର ନିର୍ମାଣ ତଥା ପରିଚାଳନା ପାଇଁ ସମିତି ଗଠନ କରାଯାଇଥିଲା । ଏହି ପରିଚାଳନା ସମିତି ସଭାପତି ଭାବରେ ଖଗେଶ୍ୱର ସା, ଉପସଭାପତି ଭାବରେ ବିପିନ ସୁନାରୀ, ସମ୍ପାଦକ ଭାବରେ ପ୍ରଦୀପ କୁମାର ସୁନାରୀ, ସହ ସମ୍ପାଦକ ଭାବରେ ହରିନାଥ ନାଗେଶ ଓ କୋଷାଧ୍ୟକ୍ଷ ଭାବେ ଯୋଗେଶ୍ୱର ନାଏକ ମନୋନୀତ ହୋଇଥିଲେ । ଏହି ଅବସରରେ ପରିବେଶ ସୁରକ୍ଷା, ଗ୍ରାମର ସୁରକ୍ଷା ତଥା ମନ୍ଦିର ପରିଚାଳନା ଓ ମନ୍ଦିର ନିର୍ମାଣକୁ ଆଖି ଆଗରେ ରଖି ଶିବଶକ୍ତି ଯୁବକ ସଂଘ ଗଠନ କରାଯାଇଥିଲା ।

## ଭିନ୍ନକ୍ଷମମାନେ ସର୍ବୋପରି ସକ୍ଷମ ଅଟନ୍ତି



ଭିନ୍ନକ୍ଷମ ଦିବସରେ ମଞ୍ଚାସୀନ ଅତିଥିବୃନ୍ଦ।

- ଭିନ୍ନକ୍ଷମ ବିଦ୍ୟାଳୟରେ ଭିନ୍ନକ୍ଷମ ଦିବସ
- ଭିନ୍ନକ୍ଷମଙ୍କୁ ଆଇନର ବାଟ ଦେଖାଇଲେ

ନୂଆପଡା ଅଫିସ,୪।୧୨

ଆମ ସମସ୍ତଙ୍କ ମଧ୍ୟରେ କିଛି ନା କିଛି ଗୁଣ କମ ରହିଛି । ହେଲେ ଭିନ୍ନକ୍ଷମମାନେ କୌଣସି ଗୁଣରେ କମ ନୁହନ୍ତି । ସେମାନଙ୍କ ମଧରେ ସୃଷ୍ଟିକର୍ତ୍ତା ନିଖୁଣ ଭାବରେ ସବୁ ଭରି ଦେଇଛନ୍ତି । ସେମାନେ ଯଦିବା ଭିନ୍ନକ୍ଷମ ତଥାପି ସକ୍ଷମ । ସେମାନେ ସର୍ବୋପରି ସକ୍ଷମ ଅଟନ୍ତି ବୋଲି ସ୍ଥାନୀୟ ବଞ୍ଜାରୀ ଭିନ୍ନକ୍ଷମ ବିଦ୍ୟାଳୟରେ ଜିଲା ଆଇନ ସେବା ପ୍ରାଧିକରଣ ଆନୁକୂଲ୍ୟରେ ଆୟୋଜିତ କାର୍ଯ୍ୟକ୍ରମରେ ଅତିଥିମାନେ କହିଛନ୍ତି। ଆୟୋଜିତ କାର୍ଯ୍ୟକ୍ରମରେ ଜିଲା ଆଇନ ସେବା ପ୍ରାଧିକରଣର ଅଧ୍ୟକ୍ଷ ତଥା ଦୌରାଜଜ୍ ଅସୀମ କୁମାର ଦଳବେହେରା ସଭାପତିତ୍ୱ କରିଥିବାବେଳେ ଅତିରିକ୍ତ ଜିଲା ଦୌରାଜଜ୍ ପ୍ରଭାତ କୁମାର ରାଜଗୁରୁ, ରେଜିଷ୍ଟ୍ରାର ସିଭିଲ କୋର୍ଟ ଜଜ୍ ରଘୁନନ୍ଦନ ଦାସ, ଦ୍ୱିତୀୟ ଶ୍ରେଣୀ ବିଚାର ବିଭାଗୀୟ ମାଜିଷ୍ଟ୍ରେଟ ମାନସୀ ପ୍ରଧାନ, ବଞ୍ଜାରୀ ଭିନ୍ନକ୍ଷମ ବିଦ୍ୟାଳୟ ସମ୍ପାଦକ ଅଶୋକ କୁମାର ପାଣିଗ୍ରାହୀ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ଏହି ଅବସରରେ କାର୍ଯ୍ୟକ୍ରମର ଅଧ୍ୟକ୍ଷତା କରିଥିବା ଜିଲା ଆଇନ ସେବା ପ୍ରାଧିକରଣର ଅଧ୍ୟକ୍ଷ ଦଳବେହେରା ଏହି କାର୍ଯ୍ୟକ୍ରମର ଲକ୍ଷ୍ୟ ଏବଂ ଉଦ୍ଦେଶ୍ୟ ସମ୍ପର୍କରେ ପ୍ରାଞ୍ଜଳ ଭାବେ ଉପସ୍ଥାପନ କରିଥିଲେ। ଭାରତୀୟ ସମ୍ବିଧାନ ମଧ୍ୟ ଦିବ୍ୟାଙ୍ଗମାନଙ୍କୁ ବିଭିନ୍ନ ଆଇନଗତ ଅଧିକାର ପ୍ରଦାନ କରିଛନ୍ତି। ସେଗୁଡିକର ବିଭିନ୍ନ ଦିଗ ସମ୍ପର୍କରେ ଅଧ୍ୟକ୍ଷ ମାର୍ଗଦର୍ଶନ ଦେଇଥିଲେ। ଏଥିପ୍ରତି ଆଜିର ଦିନରେ ଦିବ୍ୟାଙ୍ଗମାନେ ସଚେତନ ହେବା ଦରକାର। ସେହିଭଳି ଏହି ଦିବସରେ ଭିନ୍ନକ୍ଷମମାନଙ୍କୁ ଆମେ ଆଇନଗତ ଅଧିକାର ଦେଇପାରିଲେ ହିଁ କାର୍ଯ୍ୟକ୍ରମ ପାଳନର ପ୍ରକୃତ ଉଦ୍ଦେଶ୍ୟ ସାଧିତ ହେବ ବୋଲି ବକ୍ତାମାନେ କହିଥିଲେ । ଏହି ଅବସରରେ ବିଦ୍ୟାଳୟର ଦିବ୍ୟାଙ୍ଗମାନେ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମରେ ଭାଗ ନେଇ ଅତିଥିମାନଙ୍କ ମନଜିଣି ଥିଲେ। ଦିବ୍ୟାଙ୍ଗ ଶିଶୁମାନେ ସୁମଧୁର ସଙ୍ଗୀତ ଗାଇ କାର୍ଯ୍ୟକ୍ରମକୁ ଶେଷ କରିଥିଲ । କାର୍ଯ୍ୟକ୍ରମରେ ଅନୁଷ୍ଠାନ ସମସ୍ତ କର୍ମକର୍ତ୍ତାଙ୍କ ସମେତ ଆଖପାଖ ଅଞ୍ଚଳର ଅନେକ ଗ୍ରାମବାସୀ ଯୋଗଦେଇଥିଲେ। କାର୍ଯ୍ୟକ୍ରମରେ ଜିଲା ଆଇନ ସେବା ପ୍ରାଧିକରଣର ସମ୍ପାଦକ ଅଜିତ କୁମାର ଓତା ସ୍ୱାଗତ ଭାଷଣ ଦେବା ସହ ଧନ୍ୟବାଦ ଦେଇଥିଲେ ।

### ୨୦୧୯ ନିର୍ବାଚନ ପାଇଁ ଖଡିଆଳରେ କଂଗ୍ରେସର ନିର୍ବାଚନୀ ବିଗୁଲ

## ତୃଣମୂଳସ୍ତରରୁ ଦଳକୁ ମଜଭୁତ ପାଇଁ ଆହ୍ୱାନ

ଖଡିଆଳ,୪।୧୨(ଡି.ଏନ.ଏ.)

୨୦୧୯ରେ ହେବାକୁ ଥିବା ବିଧାନସଭା ଓ ସାଧାରଣ ନିର୍ବାଚନକୁ ଦୃଷ୍ଟିରେ ରଖି ମଙ୍ଗଳବାର ନୂଆପଡ଼ା ଜିଲା ଖଡିଆଳ ବିଧାନସଭା କଂଗ୍ରେସ କମିଟି ପକ୍ଷରୁ ଖଡିଆଳ ବ୍ଲକ ବାଦୀ ଗାଁସ୍ଥିତ ଆମ୍ବ ବଗିଚାରେ ଦଳ କର୍ମକର୍ତ୍ତା ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ପିସିସି ରାଜ୍ୟ ସମ୍ପାଦକ ତଥା ସ୍ଥାନୀୟ ଯୁବନେତା ଅଧିରାଜ ପାଣିଗ୍ରାହୀଙ୍କ ଅଧକ୍ଷତାରେ ଅନୁଷ୍ଠିତ ବୈଠକରେ ଅଖିଳ ଭାରତୀୟ କଂଗ୍ରେସ କମିଟି କାର୍ଯ୍ୟକାରୀ ସଭାପତି ଭକ୍ତଚରଣ ଦାଶ, ନୂଆପଡା ଜିଲା ଦାୟିତ୍ୱରେ ଥିବା ଦଳୀୟ ପର୍ଯ୍ୟବେକ୍ଷକ ରାଜ୍ୟ ସାଧାରଣ ସମ୍ପାଦକ ସରୋଜ ପାତ୍ର, ଜିଲା ସଭାପତି ଘାସିରାମ ମାଝି, ଜିଲା ପରିଷଦ ସଭ୍ୟ ଉଜ୍ଜଳ ଗୁପ୍ତା ଓ ବାସନ୍ତି ମାଝିଙ୍କ ସମେତ ଦଳୀୟ କର୍ମକର୍ତ୍ତା କେନ୍ଦ୍ରର ସରକାର ବିଫଳତା ଉପରେ ବର୍ଷିଥିଲେ । ବର୍ତ୍ତମାନ ସ୍ଥିତିରେ ରାଜ୍ୟର ବେକାରୀ ସମସ୍ୟା, ଶିକ୍ଷା, ସ୍ୱାସ୍ଥ୍ୟ, ଦରଦାମ ବୃଦ୍ଧି, କୃଷକଙ୍କ ସମସ୍ୟାର ସମାଧାନ ପାଇଁ କଂଗ୍ରେସ ହିଁ ଏକମାତ୍ର ବିକଳ୍ପ । ଏହାକୁ ଦୃଷ୍ଟିରେ ରଖି ତୃଣମୂଳସ୍ତରରୁ ଦଳକୁ ମଜଭୁତ କରିବା ପାଇଁ ଆହ୍ୱାନ କରିଥିଲେ । ଏଥିସହ ପୂର୍ବତନ ଏମ୍‌ପି ତଥା ଅଖିଳ ଭାରତୀୟ କଂଗ୍ରେସ କମିଟି କାର୍ଯ୍ୟକାରୀ ସଭାପତି ଭକ୍ତଚରଣ ଦାଶଙ୍କ ନେତୃତ୍ୱରେ ଏକ ଟିମ୍ ଗାଁ ଗାଁ ବୁଲି ଲୋକଙ୍କ ସମସ୍ୟା ସମ୍ପର୍କରେ ଆଲୋଚନା କରିବେ ବୋଲି ନିଷ୍ପତ୍ତି ନିଆଯାଇଥିଲା । ବୈଠକରେ ଖଡିଆଳ ବ୍ଲକ ସଭାପତି ଶ୍ୟାମସୁନ୍ଦର କୁଲଦୀପ, ବୋଡେନ ବ୍ଲକ ସଭାପତି ଜନ୍ମେଜୟ ସିଂଦେଓ, ସିନାପାଲି ବ୍ଲକ ସଭାପତି ଖଗେଶ୍ୱର ସା, ଫାରୁକ ମହମ୍ମଦ, ଯୁବ କଂଗ୍ରେସ ରାଜ୍ୟ ଉପସଭାପତି କମଳ ତାଣ୍ଡି, ବିଧାନସଭା ସଭାପତି ହିରାଧର ମେହେର, ସୌଦାଗର ସାହୁଙ୍କ ସମେତ ୮ଟି ଜୋନ ସଭାପତି, ହରିଜନ ଓ ଆଦିବାସୀ ମୋର୍ଚ୍ଚା କର୍ମକର୍ତ୍ତା ସମେତ ହଜାରରୁ ଊର୍ଦ୍ଧ୍ୱ ଦଳୀୟ କର୍ମକର୍ତ୍ତା ଉପସ୍ଥିତ ଥିଲେ ।



କଂଗ୍ରେସ ସମ୍ମିଳନୀରେ ଭକ୍ତ ଚରଣ ଦାସ ଉଦ୍‌ବୋଧନ ଦେଉଛନ୍ତି ।


IDBI BANK
(A Govt. of India Owned Bank)

ଆଇଡ଼ିବିଆଇ ବ୍ୟାଙ୍କ ଲିଃ., ଗ୍ରାଣ୍ଡ ରୋଡ୍, ବଡ଼ଶଙ୍ଖ, ପୁରୀ-୭୫୨୦୦୨, ଓଡ଼ିଶା
(CIN: L65190MH2004GOI148838)

ଋଣ ରିକଲ୍ ନୋଟିସ୍

| କ୍ର.ନ. | ଋଣଗ୍ରହୀତା/ଗ୍ୟାରେଣ୍ଟିଦାତାମାନଙ୍କ ନାମ ଏବଂ ଠିକଣା | ଋଣ ପରିମାଣ/ ଋଣ ମଞ୍ଜୁରୀ ତାରିଖ | ଋଣଗ୍ରହୀତା/ଗ୍ୟାରେଣ୍ଟିଦାତା/ବନ୍ଧକଦାତାଙ୍କ ଦ୍ୱାରା ପରିଶୋଧ କରିବାକୁ ଥିବା ସୁଧ ସହିତ ବକେୟା ପରିମାଣ |
|---|---|---|---|
| ୧. | ଋଣଗ୍ରହୀତା: ମେସର୍ସ ସୁପ୍ରିୟା ଫୁଡ୍ ପ୍ରଡକ୍ଟସ୍, ସ୍ୱତ୍ତ୍ୱାଧିକାରୀ: କେ. ରଶ୍ମୀତା ପାତ୍ର, ସା: ଦେବୀଘାଟ, ବାରବାଟୀ ଲେନ୍, ପୁରୀ-୭୫୨୦୦୧ / ଗ୍ୟାରେଣ୍ଟିଦାତାମାନେ : ୧) କେ. ସୁରେଶ କୁମାର, ସା: ଦେବୀଘାଟ, ବାରବାଟୀ ଲେନ୍, ପୁରୀ-୭୫୨୦୦୧, ୨) ବାଳକୃଷ୍ଣ ନାୟକ, କୁଣ୍ଡେଇବେଣ୍ଟ ସାହି, ବାନାମ୍ବର ମନ୍ଦିର ନିକଟ, ପୁରୀ-୭୫୨୦୦୧ | ଟ.୨୦.୦୦ଲକ୍ଷ / ୩୧.୧୨.୨୦୧୫ | ୦୧.୧୦.୨୦୧୮ ସୁଦ୍ଧା ଟ.୨୦,୯୦,୭୪୨/- |

ଏତଦ୍ୱାରା ଉପରୋକ୍ତ ଋଣଗ୍ରହୀତା ଏବଂ ଗ୍ୟାରେଣ୍ଟିଦାତା/ବନ୍ଧକଦାତାଙ୍କୁ ନୋଟିସ୍ ମାଧ୍ୟମରେ ଜଣାଇଦିଆଯାଉଛି ଯେ, ଉପରୋକ୍ତ ଋଣଗ୍ରହୀତାଙ୍କୁ ଆଇଡିବିଆଇ ବ୍ୟାଙ୍କ ଲିଃ., (ଆଇଡିବିଆଇ ବ୍ୟାଙ୍କ) ଦ୍ୱାରା ଆର୍ଥିକ ସହାୟତା/ଋଣ ପ୍ରଦାନ କରାଯାଇଥିଲା । ଯେହେତୁ କଥିତ ଋଣଗ୍ରହୀତା ଋଣ ପରିଶୋଧ କରିବାରେ ଅସଫଳ ହୋଇଛନ୍ତି, ତେଣୁ ତାଙ୍କର ଆକାଉଣ୍ଟ ଅଣକାର୍ଯ୍ୟକାରୀ ସମ୍ପତ୍ତି (NPA) ଶ୍ରେଣୀଭୁକ୍ତ ହୋଇଛି । ଆଇଡିବିଆଇ ବ୍ୟାଙ୍କ "ରେଜେଷ୍ଟ୍ରି ଡାକ ସହିତ ଏ.ଡି."/କୋରିୟର ମାଧ୍ୟମରେ ଋଣ ପରିଶୋଧ ନିମନ୍ତେ ପୁନଃ ନୋଟିସ୍ ପ୍ରେରଣ କରାଯାଇଥିଲା । ଯାହାକି ଡାକ ବିଭାଗ/କୋରିୟର ଦ୍ୱାରା ପ୍ରଦାନ କରାଯାଇ ନପାରି ଫେରସ୍ତ ଆସିଛି । ତେଣୁ ଏହି ନୋଟିସ୍ ପ୍ରକାଶନ ମାଧ୍ୟମରେ କଥିତ ଋଣଗ୍ରହୀତା, ଗ୍ୟାରେଣ୍ଟିଦାତା/ବନ୍ଧକଦାତାମାନଙ୍କୁ ଜଣାଇ ଦିଆଯାଉଛି ଯେ, ବ୍ୟାଙ୍କର ଉପରୋକ୍ତ ବକେୟା ରାଶି ସହିତ ତତ୍‌ପରବର୍ତ୍ତୀ ସୁଧ ଏବଂ ଆନୁସଙ୍ଗିକ ଖର୍ଚ୍ଚ ଏହି ପ୍ରକାଶନର ୧୫ ଦିନ ମଧ୍ୟରେ ପୈଠ କରନ୍ତୁ । ନଚେତ୍ ଆଇଡିବିଆଇ ବ୍ୟାଙ୍କ ଏହାପରେ, ଋଣଗ୍ରହୀତା /ଗ୍ୟାରେଣ୍ଟିଦାତାମାନଙ୍କୁ କୌଣସି ପ୍ରକାରର ଯୋଗାଯୋଗ ନ କରି ନ୍ୟାୟାଳୟ ମାଧ୍ୟମରେ ସେମାନଙ୍କ ବିପକ୍ଷରେ ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବ । ଏ ବାବଦ ଖର୍ଚ୍ଚ ଓ ଫଳାଫଳ ନିମନ୍ତେ ସେମାନେ ହିଁ ଦାୟୀ ରହିବେ।

ସ୍ଥାନ: ପୁରୀ, ତାରିଖ: ୦୪.୧୨.୨୦୧୮ — ସ୍ୱା/- ଶାଖା ମୁଖ୍ୟ, ଆଇଡ଼ିବିଆଇ ବ୍ୟାଙ୍କ ଲିମିଟେଡ



ପୂର୍ବ ତଟ ରେଳପଥ

ତାଳଚେର ରୁ ଜରପଡ଼ା ଏବଂ ରେଢ଼ାଖୋଲ ରୁ ଯୁଯୁମୁରା ନୂତନ ଡ଼ବଲ ଲାଇନ୍‌ରେ ଓଭର ହେଡ୍ ଟ୍ରାକ୍ସନ ତାରରେ ବିଦ୍ୟୁତ୍ ପ୍ରବାହ ସମ୍ବନ୍ଧୀୟ ସାର୍ବଜନିକ ଅଧିସୂଚନା

ପ୍ରୋଫର୍ମା 10.01

ପୂର୍ବ ତଟ ରେଳପଥ ଅନ୍ତର୍ଗତ ନିମ୍ନ ବର୍ଣ୍ଣିତ ସେକ୍ସନ୍‌ର ସମ୍ପୂର୍ଣ୍ଣ ହୋଇଥିବା ସେକ୍ସନରେ ଅବସ୍ଥିତ ରେଳ ଲାଇନ ଏବଂ ପରିସରକୁ ବ୍ୟବହାର କରୁଥିବା ସମସ୍ତ ବ୍ୟକ୍ତିବିଶେଷଙ୍କୁ ଏତଦ୍ୱାରା ଅବଗତ କରାଇ ଦିଆଯାଉଅଛି ଯେ, ନିର୍ଦ୍ଦିଷ୍ଟ ସେକ୍ସନ ନିମନ୍ତେ ନିର୍ଦ୍ଧାରିତ ତାରିଖରେ କିମ୍ବା ଏହାପରେ 25,000 ଭୋଲ୍ଟ, 50 HZ, A.C ଓଭରହେଡ୍ ଟ୍ରାକ୍ସନ ତାରରେ ବିଦ୍ୟୁତ୍ ପ୍ରବାହ କରାଯିବ। ସେହି ତାରିଖ ଦିନ ଓ ତାହା ପରଠାରୁ ଓଭରହେଡ୍ ଟ୍ରାକ୍ସନ ଲାଇନରେ ସବୁ ସମୟପାଇଁ ବିଦ୍ୟୁତ୍ ପ୍ରବାହ ରହିବ ଏବଂ କୌଣସି ଅନଧିକୃତ ବ୍ୟକ୍ତି ଏହି କଥିତ ଓଭରହେଡ୍ ଲାଇନ ନିକଟରେ ପ୍ରବେଶ କରିପାରିବେ ନାହିଁ କିମ୍ବା କାର୍ଯ୍ୟ କରିପାରିବେ ନାହିଁ।

| କ୍ର.ନଂ. | ସେକ୍ସନ | ମଣ୍ଡଳ | ବିଦ୍ୟୁତ୍ ପ୍ରବାହ ତାରିଖ |
|---|---|---|---|
| 1 | ତାଳଚେର ରୁ ଜରପଡ଼ା ମଧ୍ୟରେ ନୂତନ ଡ଼ବଲ୍ ଲାଇନ୍ | ସମ୍ବଲପୁର ଏବଂ ଖୋର୍ଦ୍ଧା ରୋଡ଼୍ | 31.12.2018 |
| 2 | ରେଢ଼ାଖୋଲ ରୁ ଯୁଯୁମୁରା ମଧ୍ୟରେ ନୂତନ ଡ଼ବଲ୍ ଲାଇନ୍ | ସମ୍ବଲପୁର | 31.01.2019 |

ଦ୍ରଷ୍ଟବ୍ୟ : ତାଳଚେର ଠାରୁ ଜରପଡ଼ା ଓ ରେଢ଼ାଖୋଲ ଠାରୁ ଯୁଯୁମୁରା ପର୍ଯ୍ୟନ୍ତ ସିଙ୍ଗିଲ୍ ଲାଇନ୍ ଏବଂ ଷ୍ଟେସନ ୟାର୍ଡ଼ର OHE ଲାଇନ୍ ଗୁଡ଼ିକରେ ଆଗରୁ 25,000 ଭୋଲ୍ଟ AC ଦ୍ୱାରା ବିଦ୍ୟୁତ୍ ପ୍ରବାହିତ ହୋଇ ସାରିଛି ।

AC 25 KV ଟ୍ରାକ୍ସନ୍ ପ୍ରଚଳନ ନିମନ୍ତେ "ସଡ଼କ ବ୍ୟବହାରକାରୀଙ୍କୁ ସତର୍କ ସୂଚନା"

ପ୍ରୋଫର୍ମା 10.02

ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ସୂଚାଇ ଦିଆଯାଉଅଛି ଯେ, ପୂର୍ବ ତଟ ରେଳପଥର ସମ୍ବଲପୁର ମଣ୍ଡଳ ଏବଂ ଖୋର୍ଦ୍ଧାରୋଡ଼୍ ମଣ୍ଡଳ ଅନ୍ତର୍ଗତ ତାଳଚେର-ସମ୍ବଲପୁର ଦୋହରୀକରଣ ସେକ୍ସନର ବିଦ୍ୟୁତୀକରଣ ସମ୍ବନ୍ଧୀୟ ପୂର୍ବ ତଟ ରେଳପଥ ଅନ୍ତର୍ଗତ ତାଳଚେର ରୁ ଜରପଡ଼ା ଏବଂ ରେଢ଼ାଖୋଲ ରୁ ଯୁଯୁମୁରା ନୂତନ ଡ଼ବଲ ଲାଇନ୍ ସେକ୍ସନ ଗୁଡ଼ିକରେ 25,000 ଭୋଲ୍ଟ A.C ଇଲେକ୍ଟ୍ରିକ୍ ଟ୍ରାକ୍ସନର ପ୍ରବର୍ତ୍ତନ ସମ୍ପର୍କରେ ସମସ୍ତ ଲେଭେଲ କ୍ରସିଂ ଗୁଡ଼ିକଠାରେ କୌଣସି ବୋଝେଇ ଗାଡ଼ି ଏହି ଜୀବନ୍ତ ଟ୍ରାକ୍ସନ ତାର ସଂସ୍ପର୍ଶରେ ନ ଆସିବା କିମ୍ବା ଏହାର ନିକଟବର୍ତ୍ତୀ ବିପଦାଞ୍ଚଳକୁ ପ୍ରବେଶ ନିଷିଦ୍ଧ ନିମନ୍ତେ ସମସ୍ତ ରେଳ ଫାଟକମାନଙ୍କରେ ସଡ଼କ ପତନ ଠାରୁ 4.67 ମି. ଉଚ୍ଚତାରେ ହାଇଟ୍ ଗେଜ୍ ମାନ ସ୍ଥାପନ କରାଯାଇଅଛି।

ତେଣୁ ସର୍ବସାଧାରଣଙ୍କୁ ଏତଦ୍ୱାରା ସୂଚାଇ ଦିଆଯାଉଅଛିଯେ ସଡ଼କ ଗାଡ଼ିରେ ବୋଝେଇ କରିବା ସମୟରେ ଉପର ବର୍ଣ୍ଣିତ ଉଚ୍ଚତାକୁ ଧ୍ୟାନରେ ରଖି ବୋଝେଇ କରିବେ ଏବଂ ଏହା ଯେପରି କୌଣସି ପରିସ୍ଥିତିରେ ହାଇଟ୍ ଗେଜ୍ ସୀମା ଉଲ୍ଲଙ୍ଘନ ନକରେ, ସେଥିପ୍ରତି ଦୃଷ୍ଟି ଦେବେ।

ଅତ୍ୟଧିକ ଉଚ୍ଚତା ବିଶିଷ୍ଟ ବୋଝେଇ ଦ୍ୱାରା ସୃଷ୍ଟି ହେବାକୁ ଥିବା ବିପଦ ନିମ୍ନମତେ ଅଟେ :
(1) ହାଇଟ୍ ଗେଜ୍ ପ୍ରତି ବିପଦ ଫଳସ୍ୱରୂପ ସଡକ ଏବଂ ରେଳ ଲାଇନ୍ ର ଅବରୋଧ ।
(2) ପରିବହନ କରାଯାଉଥିବା ସାମଗ୍ରୀ ବା ଉପକରଣ କିମ୍ବା ଏହାକୁ ନେଉଥିବା ଗାଡ଼ି ପ୍ରତି ବିପଦ।
(3) ବିଦ୍ୟୁତପ୍ରବାହୀ ତାର ସନ୍ନିକଟ ବିପଜ୍ଜନକ ଅଞ୍ଚଳ କିମ୍ବା ଏହାର ସଂସ୍ପର୍ଶରେ ଆସିବା ଦ୍ୱାରା ଅଗ୍ନି ବିପଦ ଏବଂ ଜୀବନ ପ୍ରତି ବିପଦ।

PR-89/CB/18-19 — ଉପ ମୁଖ୍ୟ ବିଦ୍ୟୁତ୍ ଯନ୍ତ୍ରୀ /ନିର୍ମାଣ/ଅନୁଗୋଳ



GOVT. OF INDIA
MINISTRY OF FINANCE
DEPARTMENT OF FINANCIAL SERVICES
DEBTS RECOVERY TRIBUNAL
COURT OF THE RECOVERY OFFICER
Plot No.: C/71, Sector-7, CDA, Cuttack - 753014
FORM NO. ITCP-1

NOTICE OF DEMAND TO THE CERTIFICATE DEBTORS
(See Rule 2 of the Second Schedule as referred to in Section 29 of the Recovery of Debts due to Banks & Financial Institutions Act, 1993)
R.P. No. 216/2017/CTC
(Arising out of OA No. 281 of 2009)

Next Date: 28.12.2018

AXIS Bank Ltd., Cuttack Branch, At: Badambadi, P.O.: Telenga Bazar, Town/Dist.: Cuttack, PIN-753009 ...Certificate Holder Bank
Vs.
Shri Subhranshu Kumar Jena & others ...Certificate Debtors

To,
1. Shri Subhranshu Kumar Jena, S/o: Shri Sudhanshu Sekhar Jena, At: Plot No.: 132, Bapujee Nagar, P.O.: Bapujee Nagar, Bhubaneswar, Dist.: Khurda.
2. Shri Alekh Charan Prusty, S/o: Late Govinda Prusty, At: Hatasinghpur, G.P.: Kalana, Dist.: Jajpur.
3. Smt. Kumarika Samal, W/o: Shri Subhranshu Kumar Jena, At: Plot No.: 132, Bapujee Nagar, P.O.: Bapujee Nagar, Bhubaneswar, Dist.: Khurda.
7. Shri Prafulla Kumar Basti, S/o: Shri Pitabas Basti, Vill- Gola Sahi, G.P. Badasa, Dist.: Nayagarh.
8. Shri Pramod Pandi, Shri Kishore Chandra Pandi, Vill: Ward No.: 19 of C.M.C., P.S.: Purighat, Town/Dist.: Cuttack.
9. Shri Krushna Chandra Roul, S/o: Ganeswar Roul, At: Goutam Nagar, Bhubaneswar, Dist.: Khurda.
11. M/s. National Bulk Handling Corporation Ltd., At: Bajrakabati Road, P.O.: Buxi Bazar, Town/Dist.: Cuttack (Represented by its Cluster Head)

Take notice that Certificate arising out of OA No. 281 of 2009 issued by the Hon'ble Presiding Officer, Debts Recovery Tribunal, Cuttack under Section 19 (22) of the Recovery of Debts due to Banks and Financial Institutions Act, 1993 and forwarded to the undersigned for recovery of Rs. 55,39,700.41 (Rupees Fifty Five Lac Thirty Nine Thousand Seven Hundred and Paise Forty One Only) together with interest till realisation of the dues, cost, charges as per the certificate, the details of which are given below:

| | | | |
|---|---|---|---|
| 1. Decretal Dues | | :Rs. | 55,39,700.41 |
| 2. Cost allowed | (+) | :Rs. | 1,22,000.00 |
| 3. Interest @12% p.a with quarterly rests from 03.09.2009 to 16.11.2017 | | :Rs. | 90,88,581.37 |
| Total | | :Rs. | 1,47,50,281.78 |

(Rupees One Crore Forty Seven Lac Fifty Thousand Two Hundred Eighty One and Paise Seventy Eight Only) with Interest @12% p.a. with quarterly rests on the amount due from 17.11.2017 till realization of the entire Dues.
2. You are hereby directed to pay the above stated sum within 15 (Fifteen) days of the publication of this notice, failing which the recovery shall be made in accordance with the provisions contained in Chapter V of the Recovery of Debts due to Banks & Financial Institutions Act, 1993.
3. In addition to the aforesaid amount you will also be liable for all future interest, costs, charges and expenses incurred in respect of the service of this notice and of warrants and other processes etc. and of all the other proceedings taken for realising of arrears.
4. You are hereby directed to appear in person or through legal representative before the undersigned on 28.12.2018 and report the details of payment made by you.

Given under my hand & seal at Cuttack on this 15th day of November, 2018.
Sd/- (R. P. Patnaik)
Recovery Officer



ନିଜର ସାମର୍ଥ୍ୟକୁ ଜଣେ ଯେତେବେଳେ ସନ୍ଦେହ କରେ, ସେ ଆଉ ପ୍ରଗତି ପଥରେ ଆଗେଇପାରେ ନାହିଁ।
- କନ୍‌ଫୁସିୟସ୍



## ସଂକ୍ଷେପରେ



### ପିଆଇ କଲେଜର ୩୪ତମ ବାର୍ଷିକ କ୍ରୀଡ଼ା ଉଦ୍‌ଯାପିତ

ଜୁନାଗଡ,୪।୧୨(ସ୍ୱ.ପ୍ର.)

ଜୁନାଗଡ ପ୍ରିୟ ଦର୍ଶିନୀ ଇନ୍ଦିରା ମହାବିଦ୍ୟାଳୟରେ ସୋମବାରଠାରୁ ଚାଲିଥିବା ୩୪ତମ ବର୍ଷିକ କ୍ରୀଡା ଉତ୍ସବ ମଙ୍ଗଳବାର ଉଦ୍‌ଯାପିତ ହୋଇଯାଇଛି। ଉଦଯାପନୀ ଦିବସରେ ମୁଖ୍ୟଅତିଥି ଭାବେ ଜୁନାଗଡ ତହସିଲଦାର ଉପେନ୍ଦ୍ର ଲୁହା, ସମ୍ମାନିତ ଅତିଥି ଭାବେ ଅଗ୍ନିଶମ ଅଧିକାରୀ ଶିଶିରକାନ୍ତ ସିଂ, ପୂର୍ବତନ କଲେଜ ଅଧକ୍ଷ ବିଭୁତି ଭୂଷଣ ପଣ୍ଡା ଉପସ୍ଥିତ ଥିଲେ। କଲେଜ ଅଧକ୍ଷ ବିଭୁତି ଭୁଷଣ ମେହେରଙ୍କ ସଭାପତିତ୍ୱରେ ଅଧାପକ ବିଶ୍ୱରଞ୍ଜନ ବେହେରା ମଞ୍ଚ ପରିଚାଳନା କରିଥିଲେ। ଅଧପକ ପ୍ରିୟବ୍ରତ ବାଣୁଆ ଧନ୍ୟବାଦ ପ୍ରଦାନ କରିଥିଲେ। ଖେଳ ଅଧାପକ ସମିର ସାହୁ ଖେଳ ପରିଚାଳାନା କରିଥିବା ବେଳେ ଖେଳ ଶିକ୍ଷକ ସୀତାକାନ୍ତ ସିଂହ, ଖେଳ ଅଧାପକ ଦୁର୍ଗା ପ୍ରସାଦ ସିଂ ଓ ଜୟ କିଶନ ବେହେରା ସହଯୋଗ କରିଥିଲେ। ଚଳିତବର୍ଷ ଯୁକ୍ତ ଦୁଇର ଛାତ୍ର ଉପେନ୍ଦ୍ର ଜାନୀ ଓ ଯୁକ୍ତ ତିନିର ଛାତ୍ରୀ ଜଲି ପରାଭୋଏ ଚାମ୍ପିୟନ ହୋଇଛନ୍ତି।

### କଳାହାଣ୍ଡି ଥିଏଟର୍‌ର 'ନବଉନ୍ମେଷ' କାର୍ଯ୍ୟକ୍ରମ

ଭବାନୀପାଟଣା,୪।୧୨(ଡି.ଏନ.ଏ.)

କଳାହାଣ୍ଡିର ଅଗ୍ରଣୀ ନାଟ୍ୟାନୁଷ୍ଠାନ କଳାହାଣ୍ଡି ଥିଏଟର୍ ଭବାନୀପାଟଣା ଓ ଦେବଗିରି ସାଂସ୍କୃତିକ ଅନୁଷ୍ଠାନ ବୁଢ଼ୀପଦର ପକ୍ଷରୁ ସ୍ଥାନୀୟ ଆନନ୍ଦ ଯୋଗ କେନ୍ଦ୍ର ପରିସରରେ ଏକ ଅଭିନବ କାର୍ଯ୍ୟକ୍ରମ 'ନବଉନ୍ମେଷ' ଅନୁଷ୍ଠିତ ହୋଇଯାଇଛି। ନୂଆ ନୂଆ ଅଭିନୟରେ ପାଦ ଥାପୁଥିବା କଳାକାରମାନଙ୍କୁ ଉତ୍ସାହିତ ତଥା ସୁଯୋଗ ସୃଷ୍ଟି ଲକ୍ଷ୍ୟରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଅତିଥି ଭାବେ ଆଇନଜୀବୀ ତଥା ଆନନ୍ଦ ଯୋଗ କେନ୍ଦ୍ରର ସଭାପତି ହେମନ୍ତ କୁମାର ଚୌହାନ, ସମ୍ପାଦକ ତଥା ସାମାଜିକ କର୍ମୀ ରଞ୍ଜିତ କୁମାର ଭଟ୍ଟାଚାର୍ଯ୍ୟ, ଦେବଗିରି ସାଂସ୍କୃତିକ ଅନୁଷ୍ଠାନ ଯୁଗ୍ମସମ୍ପାଦକ ସୁଧୀର କୁମାର ଧଙ୍ଗଡ଼ାମାଝି ଓ ମଞ୍ଚ ଅଭିନେତ୍ରୀ ସାବିତ୍ରୀ ମହାରଣା ପ୍ରମୁଖ ମଞ୍ଚାସୀନ ଥିଲେ। ମଞ୍ଚ ପରିଚାଳନା କରିଥିଲେ ଯୁବ ଲେଖକ ଡିଲେଶ୍ୱର ରଣା। ଧନ୍ୟବାଦ ଦେଇଥିଲେ ନାଟ୍ୟକାର ଦକ୍ଷ ସାହୁ। କାଜଲ ମହାରଣା, ଭୋଲାପ୍ରସାଦ ନାଗ, ପଙ୍କଜ ତାଣ୍ଡେ, ସୁବୁ ପଟ୍ଟନାୟକ, ଆଶାରାଣୀ ପଣ୍ଡା, ଅନୂଦିତା ପଣ୍ଡା, ସଂଯୁକ୍ତା ନାଗ, ପଲ୍ଲବୀ ନାଗ, ବିମଳ ସାହୁ, ଯଶୋବନ୍ତ ରଣା, ଚର୍ତୁଭୂଜ ସାହୁ, ଚନ୍ଦନ ସାହୁ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

## ବନ୍ୟାରେ ଘର ଭାଙ୍ଗିଲା

# ପଲିଥିନ ତଳେ ବିତୁଛି ଜୀବନ

**ଜୁନାଗଡ ବ୍ଲକ**
- ୫ ମାସ ହେଲା ମିଳିନି କ୍ଷତିପୂରଣ
- କେବଳ କାଗଜ କଲମ, ପ୍ରତିଶ୍ରୁତିରେ ସୀମିତ

ଜୁନାଗଡ,୪।୧୨(ଡି.ଏନ.ଏ.)

ବନ୍ୟାରେ କ୍ଷତିଗ୍ରସ୍ତ ଲୋକଙ୍କୁ ସରକାର ସ୍ୱତନ୍ତ୍ର ପ୍ୟାକେଜ ଘୋଷଣା କରି ସହାୟତା ରାଶି ସହ ଘର ଦେବା ବ୍ୟବସ୍ଥା କରିଛନ୍ତି। କିନ୍ତୁ ବାସ୍ତବରେ ଏହି ସବୁ ଗରିବ, ଗୃହହୀନ, କ୍ଷତିଗ୍ରସ୍ତ ପରିବାର ନିକଟରେ ପହଞ୍ଚିପାରୁନାହିଁ। କେବଳ କାଗଜକଲମ ଓ ପ୍ରତିଶ୍ରୁତିରେ ରହିଯାଉଥିବା ଦେଖିବାକୁ ମିଳିଛି। କଳାହାଣ୍ଡି ଜିଲା ଜୁନାଗଡ ବ୍ଲକ ଦେଦର ପଞ୍ଚାୟତ ସୋରିଶମାଳ ଗ୍ରାମରେ ଏପରି ଏକ ଉଦାହରଣ ଦେଖିବାକୁ ମିଳିଛି । ଗତ ଜୁଲାଇରେ ଏହି ଗ୍ରାମ ନିକଟରେ ଥିବା ଭତ୍ରାଜୋରରେ ବଢି ଆସିବାରୁ ଗ୍ରାମରେ ବଢିପାଣି ପଶି ବ୍ୟାପକ କ୍ଷୟକ୍ଷତି ହୋଇଥିଲା। ସେତେବେଳେ ପାଣି ଘେରରେ ଥିବା ଗ୍ରାମବାସୀଙ୍କୁ ପ୍ରଶାସନ ପକ୍ଷରୁ ଉଦ୍ଧାର କରାଯାଇ ୩ ଦିନ ଧରି ରନ୍ଧନଖାଦ୍ୟ ଖାଇବାକୁ ଦିଆଯାଇଥିଲା। ବଢି ସ୍ୱାଭାବିକ ହେବା ପରେ କ୍ଷୟକ୍ଷତି ଆକଳନ କରିବା ପାଇଁ ରାଜସ୍ୱ କର୍ମଚାରୀ, କୃଷି କର୍ମଚାରୀ ଘଟଣା ସ୍ଥଳକୁ ପହଞ୍ଚି ବୁଲି ଦେଖିଥିଲେ। ଶୀଘ୍ର କ୍ଷତିଗ୍ରସ୍ତ ପରିବାରଙ୍କୁ ସରକାରୀ ସହାୟତା ଯୋଗାଇ ଦିଆଯିବ ବୋଲି ସେମାନେ ପ୍ରତିଶ୍ରୁତି ଦେଇଥିଲେ।



ଭଙ୍ଗାଘର ସମ୍ମୁଖରେ ଦମ୍ପତି

ଘଟଣାର ୫ ମାସ ପରେ ମଧ କ୍ଷତିଗ୍ରସ୍ତ ପରିବାରକୁ କ୍ଷତିପୂରଣ ମିଳିପାରିନାହିଁ। ଏହାକୁ ନେଇ ସେମାନଙ୍କ ମଧରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି। ଗ୍ରାମର ଭମର ମାଝିଙ୍କ ଘର ବନ୍ୟାରେ ଭାଙ୍ଗିଯିବାରୁ ଏବେ ପଲିଥିନ କୁଡିଆ କରି ଅତିକଷ୍ଟରେ ନିଜ ସ୍ତ୍ରୀ ମାଳିନୀଙ୍କୁ ଧରି ଜୀବନ ବିତାଉଛନ୍ତି। ବନ୍ୟାରେ ତାଙ୍କ ଘର ଭାଙ୍ଗିଯିବା ସହ ଚାଉଳ, ଆସବାବ ପତ୍ର ମଧ ଭାସିଯାଇଥିଲା। ତାଙ୍କ ୪ ପୁଅ ଅଛନ୍ତି। ସେଥିମଧରୁ ବଡ ୨ ବିବାହିତ ପୁଅ ଗ୍ରାମ ଆରମ୍ଭରେ ନିଜ ପରିବାରକୁ ଧରି ଘର କରି ରହୁଥିବା ବେଳେ ୨ ଅବିବାହିତା ପୁଅ ମା'ବାପାଙ୍କ ସହିତ ପୁରୁଣା ଘରେ ରହୁଥିଲେ। ବନ୍ୟାରେ ଘର ଭାଙ୍ଗିବାରୁ ଏବେ ସେମାନେ ସମ୍ପର୍କୀୟ ଘରେ ଆଶ୍ରୟ ନେଉଛନ୍ତି । ଭମର ମାଝି ଘର ପାଇଁ ରାଜସ୍ୱ କର୍ମଚାରୀ ଓ ଜୁନାଗଡ ବିଧାୟକ କ୍ୟାପଟେନ୍ ଦିବ୍ୟ ଶଙ୍କର ମିଶ୍ରଙ୍କୁ ଜଣାଇଥିଲେ ମଧ ପ୍ରତିଶ୍ରୁତି ଛଡା ଅନ୍ୟ କିଛି ସୁଫଳ ମିଳି ନ ଥିବା ଅତି କ୍ଷୋଭର ସହ କହନ୍ତି। ସେହିପରି ଗ୍ରାମର ଭରତ ଶବରଙ୍କ ଘର ମଧ ବନ୍ୟାରେ ଭୁଶୁଡିଯିବାରୁ ଏବେ ତାଙ୍କ ପରିବାର ଅନ୍ୟଠାରେ ଆଶ୍ରୟ ନେଇଛନ୍ତି। ସରକାରୀ ସହୟତା ନ ମିଳିବାରୁ ଗତ କିଛିଦିନ ହେଲା ଭରତ ଦାଦନ ଖଟିବାକୁ ଅନ୍ୟତ୍ର ରାଜ୍ୟକୁ ଚାଲିଯାଇଛନ୍ତି ବୋଲି ତାଙ୍କ ସ୍ତ୍ରୀ ରୁକୁଣୀ ଦୁଃଖର ସହ କହିଛନ୍ତି। କେବଳ ଏହି ୨ଟି ଘଟଣା ନୁହେଁ ଏପରି ଗ୍ରାମର ଆହୁରି କିଛି ଲୋକଙ୍କ ଘର ବନ୍ୟାରେ ଭାଙ୍ଗିଯାଇଥିଲେ ମଧ ବର୍ତ୍ତମାନ ସୁଦ୍ଧା ପ୍ରଶାସନ ପକ୍ଷରୁ ସରକାରୀ ସହାୟତା ଯୋଗାଇ ଦିଆଯାଇନାହିଁ। ଯାହାକୁ ନେଇ ଗ୍ରାମରେ ଏବେ ଅସନ୍ତୋଷ ଦେଖିବାକୁ ମିଳିଛି। ଅନ୍ୟପଟେ ଆସନ୍ତା ସାଧାରଣ ନିର୍ବାଚନ ପାଇଁ ନେତାମାନେ ଭୋଟ ମାଗିବାକୁ ଗ୍ରାମକୁ ଆସିଲେ ସେମାନେ ଆକ୍ରୋଶର ଶିକାର ହେବେ ବୋଲି ଗ୍ରାମବାସୀଙ୍କଠୁ ଜଣାପଡିଛି। ଏ ନେଇ ଜୁନାଗଡ ତହସିଲଦାର ଉପେନ୍ଦ୍ର ଲୁହାଙ୍କୁ ପଚାରିବାରୁ କ୍ଷତିଗ୍ରସ୍ତ ହୋଇଥିବା ପରିବାରଙ୍କୁ ଚିହ୍ନଟ କରି ତାଙ୍କ ଘର ମରାମତି କରିବା ପାଇଁ ଆମେ ବ୍ୟାଙ୍କରେ ଟଙ୍କା ଡିପୋଜିଟ କରିଦେଇଛୁ। ଖୁବଶୀଘ୍ର ସେମାନଙ୍କୁ ମିଳିବ ବୋଲି କହିଥିଲେ। ସେହିପରି ସମ୍ପୂର୍ଣ୍ଣ ଘର ଭାଙ୍ଗି ଯାଇଥିବା ପରିବାରଙ୍କୁ ନୂତନ ଘର ଯୋଗାଇବା ପାଇଁ ବିଡିଓଙ୍କୁ ଜଣାଇବି ବୋଲି କହିଥିଲେ।

## ହରଗୌରୀ କଲେଜରେ ଆତ୍ମସୁରକ୍ଷା ତାଲିମ

ମ.ରାମପୁର,୪।୧୨(ଡି.ଏନ.ଏ.)

କଳାହାଣ୍ଡି ଜିଲା ମ.ରାମପୁର ବ୍ଲକ ସଦର ମହକୁମାଠାରୁ ୧୧ କି.ମି. ଦୂର କୁସୁର୍ଲା ଗ୍ରାମସ୍ଥିତ ହରଗୌରୀ ମହାବିଦ୍ୟାଳୟଠାରେ ଗତ ୧୨ ଦିନ ଧରି ଚାଲିଥିବା ବାଳିକା ଆତ୍ମସୁରକ୍ଷା ତାଲିମ ଶିବିର ସୋମବାର ଉଦଯାପିତ ହୋଇଯାଇଛି । ଉଦଯାପନୀ ଉତ୍ସବରେ ମ.ରାମପୁର ଥାନା ମହିଳା ଏସଆଇ ତଥା ଇନଚର୍ଜ ଆଇଆଇସି ସରିତା ମହାପାତ୍ର ମୁଖ୍ୟଅତିଥି ରୂପେ ଯୋଗଦେଇ ଶିବିରାର୍ଥୀମାନଙ୍କୁ ପ୍ରମାଣପତ୍ର ବଣ୍ଟନ କରିଥିଲେ । ହରଗୌରି କଲେଜ ଅଧକ୍ଷ ସୁବୋଧ କୁମାର ଶତପଥିଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ଅଧାପକ ଗଗନବିହାରୀ ମହାପାତ୍ର, ପ୍ରଶନ୍ନ କୁମାର ବେହେରା, ଜ୍ୟୋତିମାଳା ରାଉତ ମଞ୍ଚାସୀନ ଥିଲେ । ୧୨ ଦିନ ଧରି ଶିବିରକୁ କ୍ରୀଡା ଶିକ୍ଷକ ରାଜକିଶୋର ରଣାଙ୍କ ଦ୍ୱାରା ପରିଚାଳିତ ହେଇଥିବା ବେଳେ ଗ୍ରନ୍ଥାଗାର ଧ୍ରୁବଚରଣ ସାହୁ ସହଯୋଗ କରିଥିଲେ । କୁମାରୀ ବିଦ୍ୟାଭାରତୀ ମାଝି, ଚନ୍ଦ୍ରକାନ୍ତି କୁମାର ୮୮ ଜଣ ଛାତ୍ରୀଙ୍କୁ ଆମସୁରକ୍ଷା କୌଶଳ, ସୁରକ୍ଷା ଆଦି ଉପରେ ତାଲିମ ପ୍ରଦାନ କରିଥିଲେ ।



ତାଲିମପ୍ରାପ୍ତ ଛାତ୍ରୀଙ୍କୁ ପ୍ରମାଣପତ୍ର ପ୍ରଦାନ କରାଯାଉଛି ।

## ଆତ୍ମସୁରକ୍ଷା ତାଲିମ ଶିବିର ଉଦ୍‌ଘାଟିତ

ପଲମ,୪।୧୨(ଡି.ଏନ.ଏ.)

କଳାହାଣ୍ଡି ଜିଲା ନର୍ଲା ବ୍ଲକ ଅଧୀନ ମୁସ୍କୁଟି ପଞ୍ଚାୟତସ୍ଥିତ ମୁସ୍କୁଟି ମହାବିଦ୍ୟାଳୟରେ ଆତ୍ମସୁରକ୍ଷା ତାଲିମ ଶିବିର ମଙ୍ଗଳବାର ଉଦ୍‌ଘାଟିତ ହେଉଛି। ଏହି କାର୍ଯ୍ୟକ୍ରମ ୪ ଆସନ୍ତା ୧୮ତାରିଖ ପର୍ଯ୍ୟନ୍ତ ଛାତ୍ରୀମାନଙ୍କୁ ଆତ୍ମସୁରକ୍ଷା ତାଲିମ ଦିଆଯିବ । ତାଲିମ ଶିବିରରେ କଲେଜର ୬୦ଜଣ ଛାତ୍ରୀ ଯୋଗଦାନ ଦେଇଥିଲେ । କାର୍ଯ୍ୟକ୍ରମରେ କଲେଜ ଅଧକ୍ଷ ତପନ କୁମାର ଦାସ ସଭାପତିତ୍ୱ କରିଥିଲେ । ଛାତ୍ରୀ ସୁରକ୍ଷା ଦାୟିତ୍ୱରେ ଥିବା ମମତା ମରୀ ପଧାନ, ଅଧାପକ ନିର୍ମଳ କୁମାର ପଟେଲ, ଓଡିଆ ଅଧାପକ କାଳିଚରଣ ମହାପାତ୍ର, ଖେଳ ଶିକ୍ଷକ ନାରାୟଣ ନାଏକ, ତାଲିମ ଦେବା ପାଇଁ ଆସିଥିବା ଶିକ୍ଷକ ରୀନା ପୁଟେଲ ଓ ଦିବ୍ୟଭାରତୀ ମାଝି ଉପସ୍ଥିତ ଥିଲେ । ଏହି ଆତ୍ମସୁରକ୍ଷା ତାଲିମରେ ଅଧାପକ ଦାସ ଆତ୍ମସୁରକ୍ଷା ଭାବଦରେ ପୁଙ୍ଖାନୁପୁଙ୍ଖ ଭାବେ ବୁଝାଇଥିଲେ । ଅଧାପିକା ମମତା ମରୀ ପଧାନ ଛାତ୍ରୀମାନଙ୍କୁ ନିଜର ସୁରକ୍ଷା ବାବଦରେ ଅନେକ ମତବ୍ୟକ୍ତ କରିଥିଲେ ଏବଂ ଛାତ୍ରୀମାନଙ୍କୁ ନିଷ୍ଠାର ସହ ତାଲିମ ନେବା ପାଇଁ ପରାମର୍ଶ ଦେଇଥିଲେ । ଅଧାପକ ନିର୍ମଳ କୁମାର ପୁଟେଲ ଧନ୍ୟବାଦ ଦେଇଥିଲେ।




ଆତ୍ମସୁରକ୍ଷା ତାଲିମ୍ କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥି।

## ଫ୍ରେଣ୍ଡସ୍ ପ୍ରିମିୟର ଲିଗ୍ କ୍ରିକେଟ ଉଦ୍‌ଘାଟିତ

ଭବାନୀପାଟଣା,୪।୧୨(ଡି.ଏନ.ଏ.)

ସ୍ୱାମୀ ବିବେକାନନ୍ଦ କ୍ଲବ ପକ୍ଷରୁ ସ୍ଥାନୀୟ କଲେଜ ପଡିଆଠାରେ ଷଷ୍ଠ ଫ୍ରେଣ୍ଡସ୍ ପ୍ରିମିୟର ଲିଗ୍ ଉଦ୍‌ଘାଟିତ ହୋଇଯାଇଛି । ଉଦ୍‌ଘାଟନୀରେ ଦୁଇଟି ମ୍ୟାଚ୍ ହୋଇଥିଲା । ସେର୍ସା ଜୁନାଗଡ ଓ ରାଇଜିଂ ଷ୍ଟାର ଗୋଲାମୁଣ୍ଡା ମଧରେ ଅନୁଷ୍ଠିତ ପ୍ରଥମ ମ୍ୟାଚ୍‌ରେ ଗୋଲାମୁଣ୍ଡା ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୧୫ ଓଭରରେ ୯ ଉଇକେଟ ହରାଇ ୧୧୮ ରନ ସଂଗ୍ରହ କରିଥିଲା । ଜବାବରେ ଜୁନାଗଡ ୯.୫ ଓଭରରେ ୪ ଉଇକେଟ ବିନିମୟରେ ୧୧୯ ରନ କରି ବିଜୟୀ ହୋଇଥିଲା । ଫ୍ରେଣ୍ଡସ୍ କ୍ଲବ ଓ ସୁପରକିଙ୍ଗ ଶରଧାପୁର ମଧରେ ଅନୁଷ୍ଠିତ ଦ୍ୱିତୀୟ ମ୍ୟାଚ୍‌ରେ ଫ୍ରେଣ୍ଡସ୍ କ୍ଲବ ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୧୫ ଓଭରରେ ୮ ଉଇକେଟ ହରାଇ ୧୪୪ ରନ ସଂଗ୍ରହ କରିଥିଲା । ଜବାବରେ ସୁପରକିଙ୍ଗ ୬ ଉଇକେଟ ବିନିମୟରେ ୧୪୫ ରନ୍ ସଂଗ୍ରହ କରି ବିଜୟୀ ହୋଇଥିଲା। ମଙ୍ଗଳବାର ଦ୍ୱିତୀୟ ଦିବସରେ ରାଜ କୁମାର ଏକାଦଶ ଓ ନାଇଟ ରାଇଡର୍ସ ଭବାନୀପାଟଣା ମଧରେ ପ୍ରଥମ ମ୍ୟାଚ୍ ଅନୁଷ୍ଠିତ ହୋଇଥିଲା । ରାଜକୁମାର ଏକାଦଶ ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ଓଭରରେ ୫ ଉଇକେଟ ବିନିମୟରେ ୧୫୯ ରନ ସଂଗ୍ରହ କରିଥିଲା । ଜବାବରେ ନାଇଟ୍ ରାଇଡର୍ସ ଦଳ ୧୫ ଓଭରରେ ୭ ଉଇକେଟରେ ମାତ୍ର ୧୧୫ କରିପାରିଥିଲା। ଫଳରେ ରାଜକୁମାର ଏକାଦଶ ୪୪ ରନ୍‌ରେ ବିଜୟୀ ହୋଇଥିଲା । ଅଶୋକ ଏକାଦଶ ଓ କଳାହାଣ୍ଡି ଟାଇଗର ମଧରେ ଦ୍ୱିତୀୟ ମ୍ୟାଚ୍‌ରେ କଳାହାଣ୍ଡି ଟାଇଗର ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୧୫ ଓଭରରେ ୮ ଉଇକେଟରେ ୧୦୬ ରନ୍ ସଂଗ୍ରହ କରିଥିଲା । ଜବାବରେ ଅଶୋକ ଏକାଦଶ ୧୧.୫ ଓଭରରେ ୬ ଉଇକେଟ ବିନିମୟରେ ୧୦୯ ରନ କରି ବିଜୟୀ ହୋଇଥିଲା । ସ୍ୱାମୀ ବିବେକାନନ୍ଦ ଫ୍ରେଣ୍ଡ୍ କ୍ଲବ ସଭାପତି ସଞ୍ଜିତ ପରିଡା, ଉପସଭାପତି ସୁମିତ ପଟ୍ଟନାୟକ, ସାଧାରଣ ସମ୍ପାଦକ ହେମନ୍ତ ନାଏକ, ଯୁଗ୍ମ ସମ୍ପାଦକ ଅଶୋକ ନାଏକ, କ୍ରୀଡା ସମ୍ପାଦକ ତେଜେଶ୍ୱର ସମେତ ସମସ୍ତ କର୍ମକର୍ତ୍ତା ମ୍ୟାଚ୍ ପରିଚାଳନାରେ ସହଯୋଗ କରିଥିଲେ । ସଦର ବିଧାୟକ ଅନାମ ନାଏକ, ବିଜେଡି ନଗର ସଭାପତି ଧବଳେଶ୍ୱର ମହାପାତ୍ର ଉଦ୍‌ଘାଟନୀ ଉତ୍ସବରେ ଅତିଥି ଭାବେ ଯୋଗଦେଇଥିଲେ ।




୬ଷ୍ଠ ଫ୍ରେଣ୍ଡସ୍ ପ୍ରିମିୟର ଲିଗ୍ କ୍ରିକେଟ୍ ଉଦ୍‌ଘାଟନୀ ଉତ୍ସବରେ ମଞ୍ଚାସୀନ ଅତିଥି।

ଧରିତ୍ରୀ DHARITRI CAREER APPOINTMENT
every Wednesday & Saturday

BACHPAN a play school
Requires : TEACHERS
MINIMUM 2 YEARS OF EXPERIENCE WITH FLUENCY IN ENGLISH
KAPIL PRASAD, BDA COLONY, HIG 1/17, NEAR LINGARAJ RAILWAY STATION, BBSR-2
Mob.: 9437143495

OMM SAI INFRATECH
ବ୍ଲକ୍ ସ୍ତରୀୟ ନିଯୁକ୍ତି
ନିଜ ନିଜ ପଞ୍ଚାୟତସ୍ତରରେ କାମ କରିବାପାଇଁ ODISHA ର ପ୍ରତ୍ୟେକ ଜିଲ୍ଲାରୁ ଆବଶ୍ୟକ
Qual. 7th, 10th, +2, +3 ଓ ITI candidate
Salary : Rs. 8,000 To Rs.15,000
CONTACT : 9776141333

ଭୁବନେଶ୍ୱରରେ ରହୁଥିବା ଛୋଟ ପରିବାର ପାଇଁ ରୋଷେଇ ଏବଂ ଘର କାମ କରିବା ପାଇଁ ଅଭିଜ୍ଞତା ଥିବା ସ୍ତ୍ରୀଲୋକ/ଝିଅ ଆବଶ୍ୟକ। ରହିବା, ଖାଇବା ସୁବିଧା ଅଛି।
ସମ୍ପର୍କ କରନ୍ତୁ:
8114721727

WALK-IN-INTERVIEW
Bhubaneswar a leading travel agency need Sales & Marketing Boys. All candidate qualification: MBA + Salary negotiable.
Contact: 0674-2595523, 2595513, 9937438896

Urgent Requirement for FIELD EXECUTIVE. 10th Pass. Salary: 7000 to 10000.
Ph. No.: 7290035795

WANTED
YOUNG MALE BODY MASSAGE (BOY)
For Body Massage Parlour
Ph : 9861550765

MNC କମ୍ପାନୀରେ ଚାକିରୀ
VACANCY- 10 (Male) & 7 (Female)
No Registration Fee / No Experience
ଯୋଗ୍ୟତା-10th/+2/+3. Age Below 30 yrs
Monthly : Rs.10000/- ଓ ରହିବା ସୁବିଧା
ଆସନ୍ତା ୫ଦିନ ମଧ୍ୟରେ ଯୋଗାଯୋଗ କରନ୍ତୁ
BHUBANESWAR : 9437186335

ବ୍ଲକସ୍ତରୀୟ ନିଯୁକ୍ତି
ନିଜ ବ୍ଲକ ଓ ପଞ୍ଚାୟତ ସ୍ତରରେ କାମ କରିବା ପାଇଁ ପ୍ରତ୍ୟେକ ଜିଲ୍ଲାରୁ Candidate ଆବଶ୍ୟକ।
ଦରମା: 7,000/- to 42,000/-.
ଯୋଗାଯୋଗ: 9777639313

ଆବଶ୍ୟକ
ଭୁବନେଶ୍ୱର, କଟକ, ବ୍ରହ୍ମପୁର ଏବଂ ରାଉରକେଲା ପାଇଁ Office Staff ଆବଶ୍ୟକ। ଯୋଗ୍ୟତା: 10th/above. Monthly Salary upto Rs.27000/-.
(Part Time / Full Time)
Contact: 9938676412

CONTACT:- 9938414918
ଭୁବନେଶ୍ୱର ପାଇଁ Accountant, Computer Operator, Field Officer, Office Assistant, Receptionist & Supervisor ଆବଶ୍ୟକ। ଯୋଗ୍ୟତା: 10th/above. ବୟସ: (17-30) yrs, Monthly Salary upto Rs. 24000/-.

A reputed C & FA of Home Appliances at BBSR requires
SALES OFFICER
Persons having (3 to 5 years Experience) in Same Trade.
Salary Negotiable.
IMMEDIATELY CONTACT
9937136851

AIRPORT RECRUITMENT
Male, Female Ground Staff, Floor Manager, Ticket Checker, Security Staff, Cook.
Salary: 27k to 45 k + PF + ESI + Accommodation
Departmenthrpoojasharma@gmail.com
7289943942, 9582577706

WANTED Following Staffs for Steel Industries at Cuttack.
- FIELD SUPERVISORS
- MALI
CONTACT
9437496020
7381075901

OFFICIALLY JOB
ଯୋଗ୍ୟତା: ଦଶମ ପାସ୍/ଫେଲ୍, ବୟସ: (18-35) yrs. ମାସିକ ଦରମା upto Rs.25000/-.
Contact Immediately:
Mob: 8763257042

SWIGGY REQUIRES
Work Full Time/ Part Time with Swiggy as a DELIVERY EXECUTIVE (Bike and DL) and earn up to 12000 - 25000 / month (Incentives and Insurance worth 6 lakhs extra).
Walk-in at Swiggy office at
Gulmohar Building, Ground Floor, Behera Sahi, Nayapalli (opp. NABARD) Regiona, Bhubaneshwar, Odisha-751012
or give a missed call or call us on
011 30017619

ସବୁ ଏୟାର ପୋର୍ଟ ହେତୁ ଡାଇରେକ୍ଟ ଭର୍ତ୍ତି ପକ୍କା ଜଏନିଂ। ଶାସକୀୟ, ଅର୍ଦ୍ଧଶାସକୀୟ, ଅପାଠୁଆରୁ ଗ୍ରାଜୁଏଟ 45,500/- ରୁ 85,500/-। ଗ୍ରାଉଣ୍ଡ ଷ୍ଟାଫ, ସୁପରଭାଇଜର, ଏୟାରହୋଷ୍ଟେସ୍, ଲୋଡର, ହେଲପର, ଡ୍ରାଇଭର। ରହିବା + ଖାଇବା + ବୀମା
CONSULTANT
07303520928

24 x 7 Satellite News Channel ODISHA NEWS9 ଆପଣଙ୍କ ସ୍ୱର
An upcoming Satellite News Channel of Odisha
Requires
- Reporter (All Block/District) • Anchor, • Input incharge, • Output incharge, • IT & Broadcast head & executives, • Graphics Offline Head & executives, • Graphics Designer, • PCR, • Switcher, • Sting clint, • Sound engineer, • MCR- Executive, • Visual Editor, • Camera-video Journalist, • Promo Dept. Designer, • Research Executives, • Library Associates, • Makeup associates, • Marketing & Sales Manager & Associates, • Operation Coordinator, • Drivers, • Distribution executives, • HR & Admin. executives, • Store incharge, • Current Affairs Head, • Producer, Asst./Tr.producer, • Art Dept. executives, • Animation designer, • Public relations-executive, • Digital contain executives,
Preference will be given to experienced, highly motivated creative candidates having flair for initiating innovative programmes & activities. Very Attractive Incentives to really deserving candidates with proven merit and talent.
Interested candidates are requested to send the duly filled Biodata to: news9odisha@gmail.com within 7 days of publication of this advertisement.
Walk-in-Interview
At 09:00 AM to 05:00 PM on 1st, 2nd, 8th & 9th December 2018 at Hotel Royal Suites, Near Durga Mandap, Satyanagar, Bhubaneswar.

URGENT REQUIRED
ନିଜ ଜିଲ୍ଲାରେ ରହିବା, ଖାଇବା ସୁବିଧା ଦିଆଯିବ। ଦରମା: 25,000/-, ଶିକ୍ଷାଗତ ଯୋଗ୍ୟତା: 8th to 10th & above.
Contact:
8339922964

See Career Appointment on every Wednesday & Saturday

SANTANU ENGLISH MEDIUM SCHOOL
Affiliated to CBSE, New Delhi
Chintamaniswar Temple Road, Bhubaneswar - 751 006
Ph : (0674) 2312784/2972080, Mail : semsbbsr@gmail.com
WANTED : Teachers in Science (CBZ) English, Hindi, Computer, Activity, Peon (Gents) and a Driver. Apply within 7 days to the Principal.

TEAM ADMARK (P) LTD
99/A, Saheed Nagar, 1st Lane Facing N.Opp of Ayakar Bhawan, Bhubaneswar-751007
Phone-0674-6532628/7205006004/9238121210
Mail id- careerteamadmark@gmail.com
URGENTLY REQUIRED
1. Sr. Marketing Executive (outdoor) - Graduate (Male & Female) with min. 5-7 years marketing experience in outdoor advertising trade or in space selling. Preferably MBA, Salary- ₹15, 000/- to ₹20,000/- per month, Fuel and Mob. Expenses Extra, Two wheeler must.
2. Marketing Executive (outdoor) - BBA Graduate (Male & Female) with min. 2-3 years marketing experience in outdoor advertising trade or in space selling., salary- ₹10, 000/- to ₹12,000/- per month, Fuel and Mob. Expenses Extra.
3. Field Supervisor (outdoor): Graduate with Min. 2-3 years experience in Outdoor advertising business/construction in managing field works, salary- ₹7,000/- to ₹9,000/- per month, fuel and mob. Expenses extra, Computer Knowledge & Two wheeler must.
4. Electrician: ITI Pass out with Min 2-3 years experience in Electrical Trade/ outdoor advertising business/ construction in managing field work, salary- ₹7,000/- to ₹9, 000/- per month, Fuel and Mob. Expenses Extra, Two wheeler must.
5. Office Peon: 10th Pass with min. 1 year experience in Office/field work, salary- ₹6, 000/-per month with own bicycle or two wheeler.
Interested candidates may apply to our above address & mail ID with complete Bio-data and photo within 7 days from the date of advertisement.

ନୋଟିସ୍: ନିଯୁକ୍ତି ଓ କ୍ୟାରିୟର ପୃଷ୍ଠାରେ ଅନେକ ନିଯୁକ୍ତି ସମ୍ବନ୍ଧୀୟ ବିଜ୍ଞାପନ ପ୍ରକାଶ ପାଉଛି। ସମସ୍ତ ବିଜ୍ଞାପନ ବା ବିଜ୍ଞାପନଦାତାଙ୍କ ସତ୍ୟାସତ୍ୟ ଅନୁସନ୍ଧାନ କରିବା ଆମ ପକ୍ଷରେ ସମ୍ଭବପର ନୁହେଁ। ତେଣୁ ଯେଉଁ ବିଜ୍ଞାପନକୁ ଦେଖି ଆପଣ ଆବେଦନ କରୁଛନ୍ତି ବା ପରବର୍ତ୍ତୀ ସମୟରେ କୌଣସି ସମ୍ପର୍କ ସ୍ଥାପନ କରୁଛନ୍ତି ତାହା କରିବା ବେଳେ ନିଜର ବିବେକ, ବୁଦ୍ଧି ଖଟାଇ କରନ୍ତୁ। ବିଜ୍ଞାପନକାରୀ କମ୍ପାନୀ ପକ୍ଷରୁ ଅର୍ଥ ଦାବି କରାଗଲେ ତାହା ଦେବା ପୂର୍ବରୁ ନିଜ ସ୍ତରରେ ଅନୁସନ୍ଧାନ କରନ୍ତୁ। କୌଣସି ଅର୍ଥ ନେଣଦେଣ ପାଇଁ 'ଧରିତ୍ରୀ' ଦାୟୀ ରହିବ ନାହିଁ।



"ପରାଜିତ ହୋଇ ବଞ୍ଚିବା ଅପେକ୍ଷା ଯୁଦ୍ଧ କ୍ଷେତ୍ରରେ ମୃତ୍ୟୁ ହିଁ ଶ୍ରେୟସ୍କର।
- ସ୍ୱାମୀ ବିବେକାନନ୍ଦ

## ସଂକ୍ଷେପରେ

### ଇସ୍ତଫା ଦେଉଛନ୍ତି ଦିଲୀପଙ୍କ ସମର୍ଥକ

**ରାଉରକେଲା ଅଫିସ,୪।୧୨-** ରାଉରକେଲା ବିଧାୟକ ଦିଲୀପ ରାୟ ଦଳ ଓ ବିଧାୟକ ପଦ ତ୍ୟାଗ କରିବା ପରେ ତାଙ୍କ ଅନୁଗତମାନେ ଦଳ ଛାଡୁଥିବା ନଜରକୁ ଆସିଛି। ଏନେଇ ମଙ୍ଗଳବାର ଅନେକ ସମର୍ଥକ ଦଳରୁ ଇସ୍ତଫା ପ୍ରଦାନ କରିଛନ୍ତି। ସେମାନଙ୍କ ମଧ୍ୟରେ ବିଷ୍ଣୁ ବାରିକ, ଶରତ ଜେନା, ମେହେନ୍ଦ୍ର ବାଗ, ଜିତେନ୍ଦ୍ର ହରିପାଲ. ବିଷ୍ଣୁ ନାୟକ, ରାଜେନ୍ଦ୍ର ବାଗ, କୃଷ୍ଣ ପାତ୍ର, ଅଜୟ ବେହେରା, ସୁରଥ ନାୟକ, କେଶବ ନାୟକ, ରାମଲୁ ପାତ୍ର, ଦିଲୀପ ବେହେରା, ମନୋଜ ତିର୍କୀ, ରାଜେଶ ତିର୍କୀ ପ୍ରମୁଖ ରହିଥିବା ରାଉରକେଲା ଘରୋଇ ଗ୍ୟାସ ଡେଲିଭରି ବୟ ଓ ମେକାନିକ ଆସୋସିଏଶନ ପକ୍ଷରୁ ଜାରି ଏକ ବିବୃତିରେ କୁହାଯାଇଛି।

### ସେକ୍ଟର-୧୩ ପଡ଼ିଆକୁ ସୁରେନ୍ଦ୍ର ସାଏଙ୍କ ନାମରେ ନାମିତ ଦାବି

**ରାଉରକେଲା ଅଫିସ,୪।୧୨-**ସେକ୍ଟର-୧୩ ପ୍ରଦର୍ଶନୀ ପଡ଼ିଆକୁ ବୀର ସୁରେନ୍ଦ୍ର ସାଏଙ୍କ ନାମରେ ନାମିତ କରିବାକୁ ସ୍ମୃତି କମିଟି ରାଉରକେଲା ପକ୍ଷରୁ ମଙ୍ଗଳବାର ଦାବି କରାଯାଇଛି। ଏନେଇ ଅତିରିକ୍ତ ଜିଲାପାଳ ମନୀଷା ବାନାର୍ଜୀଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ପ୍ରଦାନ କରାଯାଇଛି। ଏଥିରେ କୁହାଯାଇଛି ଯେ ଓଡ଼ିଶାର ଏହି ମହାନ ସ୍ୱାଧୀନତା ସଂଗ୍ରାମୀଙ୍କୁ ଷ୍ଟିଲ ସିଟିରେ ଆବଶ୍ୟକୀୟ ସମ୍ମାନ ମିଳିପାରି ନାହିଁ। ଫଳରେ ସଂଗଠନ ଓ ବୁଦ୍ଧିଜୀବୀଙ୍କ ପକ୍ଷରୁ ଅସନ୍ତୋଷ ପ୍ରକାଶ ପାଇଛି। ପଶ୍ଚିମ ଓଡ଼ିଶାରେ ତାଙ୍କ ନାମରେ ମେଡିକାଲ କଲେଜ, ଷ୍ଟାଡିୟମ, ଇଞ୍ଜିନିୟରିଂ କଲେଜ ସମେତ ବିମାନ ବନ୍ଦର ଆଦି ନାମକରଣ କରାଯାଇଥିଲେ ହେଁ ସ୍ମାର୍ଟ ସିଟି ରାଉରକେଲାରେ ଏଥିପ୍ରତି ଧ୍ୟାନ ଦିଆଯାଉ ନାହିଁ। ଯାହା ଅତ୍ୟନ୍ତ କ୍ଷୋଭର ବିଷୟ ବୋଲି ଅନୁଷ୍ଠାନ କର୍ମକର୍ତ୍ତା କହିଛନ୍ତି। ଏଣୁ ସେକ୍ଟର-୧୩ ପଡିଆକୁ ସୁରେନ୍ଦ ସାଏଙ୍କ ନାମରେ ଉତ୍ସର୍ଗ କରିବା ସହ ଏକ ପ୍ରତିମୂର୍ତ୍ତି ନିର୍ମାଣ କରିବାକୁ ଦାବି ପତ୍ରରେ ଉଲ୍ଲେଖ କରାଯାଇଛି।

# ଗୁଡ୍ ନ୍ୟୁଜ୍ ଇଣ୍ଡିଆ ଲାଠିକଟା ଶାଖାରେ ଚଢ଼ାଉ

**ରାଉରକେଲା ଅଫିସ,୪।୧୨**

ଢେଙ୍କାନାଳଠାରେ ଥିବା ଗୁଡ୍ ନ୍ୟୁଜ୍ ଇଣ୍ଡିଆ ଆଶ୍ରୟସ୍ଥଳ କେଳେଙ୍କାରୀ ପଦାକୁ ଆସିବା ପରେ ପ୍ରଶାସନର ଚେତା ପଶିଛି। ଜିଲାପାଳଙ୍କ ନିର୍ଦ୍ଦେଶକ୍ରମେ ମଙ୍ଗଳବାର ସୁନ୍ଦରଗଡ଼ ଜିଲା ଲାଠିକଟା ବ୍ଲକ ଏରଗେଡ଼ା ନିକଟ କୁଲାମୁଣ୍ଡା ଶାଖାରେ ଜିଲା ଶିଶୁ ସୁରକ୍ଷା ଅଧିକାରୀ, ଶିଶୁମଙ୍ଗଳ ଅଧିକାରୀଙ୍କ ନେତୃତ୍ୱରେ ଏକ ଟିମ୍ ଚଢ଼ାଉ କରିଥିଲା। ୧୩୫ ଅନ୍ତେବାସୀ ସଂସ୍ଥାର ଏହି ଶାଖାରେ ରହି ନିକଟସ୍ଥ ବିଭିନ୍ନ ବିଦ୍ୟାଳୟରେ ପାଠ ପଢୁଥିବା ଚଢ଼ାଉ ବେଳେ ଅଧିକାରୀମାନେ ଜାଣିବାକୁ ପାଇଛନ୍ତି। ତେବେ ପ୍ରାରମ୍ଭିକ ତଦନ୍ତ ବେଳେ କୌଣସି ଅନିୟମିତତା ନଜରକୁ ଆସି ନ ଥିବା ମଙ୍ଗଳ ଅଧିକାରୀ ବସନ୍ତ ମଲ୍ଲିକ କହିଛନ୍ତି। ରାଉରକେଲା



ଲାଠିକଟା ବ୍ଲକ ଏରଗେଡ଼ା ନିକଟ କୁଲାମୁଣ୍ଡା ଶାଖାରେ ଅଧିକାରୀମାନେ ଯାଞ୍ଚ କରି ଫେରୁଛନ୍ତି।

ସମେତ ସୁନ୍ଦରଗଡ଼ ଜିଲାର ବିଭିନ୍ନ ସ୍ଥାନରେ ଛତୁ ଫୁଟିଲା ଭଳି ଆଶ୍ରୟସ୍ଥଳ, ଶିଶୁ ଯତ୍ନକାରୀ ଅନୁଷ୍ଠାନ କାର୍ଯ୍ୟକ୍ଷମ ଥିବାବେଳେ କେବଳ ଗୁଡ୍ ନ୍ୟୁଜ ଇଣ୍ଡିଆ ସଂସ୍ଥାରେ ଚଢ଼ାଉ କଲେ କୌଣସି ଲାଭ ମିଳିବନି ବୋଲି ସାମାଜିକ କର୍ମୀ ଶାନ୍ତନୁ କୁସୁମ ଅଭିଯୋଗ କରିଛନ୍ତି। ସେ କହିଛନ୍ତି, ଏରଗେଡ଼ାଠାରେ ଯେଉଁ ଢଙ୍ଗରେ ଯାଞ୍ଚ କରାଗଲା ତାହା ପୂର୍ବ ପ୍ରାୟୋଜିତ। ଅତର୍କିତ ଯାଞ୍ଚ ପରିବର୍ତ୍ତେ ଅନୁଷ୍ଠାନ କର୍ମକର୍ତ୍ତାଙ୍କୁ ଆଗୁଆ ଖବର

- ଅଧିକାରୀ କହିଲେ ସବୁ ଠିକ୍ ଚାଲିଛି
- ଲୋକଦେଖାଣିଆ ଅଭିଯୋଗ କଲେ ସାମାଜିକ କର୍ମୀ

ଦିଆଯାଇଥିଲା ବୋଲି ସେ ଅଭିଯୋଗ କରିଛନ୍ତି। ଅନୁଷ୍ଠାନର କର୍ମକର୍ତ୍ତା ଯାଞ୍ଚ ଅଧିକାରୀମାନଙ୍କୁ ସ୍ୱାଗତ କରି ପାଛୋଟି ନେବା ଘଟଣା ଏହା ସ୍ପଷ୍ଟ କରୁଛି। ମାତ୍ର ଘଣ୍ଟାଏ ଯାଞ୍ଚ କରି ଅଧିକାରୀମାନେ ସଂସ୍ଥା ଠିକ୍ ଭାବେ ଚାଲୁଥିବା କହିବା ସନ୍ଦେହ ସୃଷ୍ଟି କରୁଛି ବୋଲି ସେ କହିଛନ୍ତି। ପ୍ରଶାସନର ନାକ ତଳେ ବାସନ୍ତୀ କଲୋନୀ ଏବଂ ଛେଣ୍ଡ ଭଳି ସମ୍ଭ୍ରାନ୍ତ ଅଞ୍ଚଳରେ ବେଆଇନ ଭାବେ ଆଶ୍ରୟସ୍ଥଳ ଚାଲିଥିବାବେଳେ ଏଠାରେ କାହିଁକି ଯାଞ୍ଚ କରାଯାଉ ନାହିଁ ବୋଲି କୁସୁମ ପ୍ରଶ୍ନ କରିଛନ୍ତି। କେବଳ ଏତିକି ନୁହେଁ, ନିର୍ଦ୍ଦିଷ୍ଟ କିଛି ଅନୁଷ୍ଠାନ ନାଁରେ କୋର୍ଟରେ ମାମଲା ବିଚାରାଧୀନ ଥିବାବେଳେ ଜବରଦଖଲ ଜମିରେ ଅନୁଷ୍ଠାନ ଚଳାଇବା କେତେଦୂର ଯୁକ୍ତିଯୁକ୍ତ ବୋଲି ସେ ଅଭିଯୋଗ କରିଛନ୍ତି। ଏ ନେଇ ସେ ନିରପେକ୍ଷ ଅଧିକାରୀ ବା ସଂସ୍ଥା ପକ୍ଷରୁ ତଦନ୍ତ କରିବାକୁ ଦାବି କରିଛନ୍ତି। ୫ ବର୍ଷ ପୂର୍ବେ ସୁନ୍ଦରଗଡ଼ ଜିଲାରେ ୫୪ଟି ଆଶ୍ରୟସ୍ଥଳ ବା ଶିଶୁ ଯତ୍ନକାରୀ ଅନୁଷ୍ଠାନ ରହିଥିବା ପୂର୍ବତନ ଶିଶୁମଙ୍ଗଳ ସମିତି ଅଧକ୍ଷାଙ୍କଠାରୁ ସୂଚନା ମିଳିଛି। ସେତେବେଳେ ମାତ୍ର ୩ଟି ପଞ୍ଜୀକୃତ ଅନୁଷ୍ଠାନ ଥିଲା। ଏ ନେଇ ତତ୍କାଳୀନ ମଙ୍ଗଳ ଅଧିକାରୀ ବିଭିନ୍ନ ସମୟରେ ଚଢ଼ାଉ କରିଥିଲେ। ପରେ ୨୧ଟି ଅନୁଷ୍ଠାନକୁ ଜିଲା ପ୍ରଶାସନ ପକ୍ଷରୁ ପଞ୍ଜୀକୃତ କରାଯାଇଥିଲା। ହେଲେ ଆଜି ବି ବହୁ ଅନୁଷ୍ଠାନ ବେଆଇନ ଭାବେ ପରିଚାଳିତ ହେଉଛି। ଅନ୍ୟପକ୍ଷେ ପଞ୍ଜୀକୃତ ଅନୁଷ୍ଠାନଗୁଡ଼ିକ ଜୁଭେନାଇଲ ଜଷ୍ଟିସ ଆକ୍ଟ ଉଲ୍ଲଂଘନ କରି ନିଜ ଇଚ୍ଛାରେ ସଂସ୍ଥା ପରିଚାଳନା କରୁଥିବା ବେଳେ ସେମାନଙ୍କ ପ୍ରତି ମଧ୍ୟ କୌଣସି କାର୍ଯ୍ୟାନୁଷ୍ଠାନ ନିଆଯାଉ ନାହିଁ। ଏ ନେଇ ଜିଲା ଶିଶୁ ସୁରକ୍ଷା ଅଧିକାରୀ ଶ୍ରୀବନ୍ତ ଜେନାଙ୍କୁ ପଚାରାଯିବାରୁ ସେ କହିଲେ, ଯେଉଁ ଅନୁଷ୍ଠାନଗୁଡ଼ିକ ଶିଶୁଙ୍କୁ ନେଇ ପରିଚାଳିତ ହେଉଛି, ତାହା ଉପରେ ଆମେ ନଜର ରଖିଛୁ। ହଷ୍ଟେଲ ଖୋଲି କେତେକ ଅନୁଷ୍ଠାନ ପିଲାଙ୍କୁ ଶିକ୍ଷାଦାନ କରୁଛନ୍ତି। ଏ ନେଇ ନିର୍ଦ୍ଦିଷ୍ଟ ଅଭିଯୋଗ ଆସିଲେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ଲାଠିକଟା ଗୁଡ୍ ନ୍ୟୁଜ ଇଣ୍ଡିଆ ସଂସ୍ଥାରେ ସେଭଳି କିଛି ବେଆଇନ କାର୍ଯ୍ୟ ନଜରକୁ ଆସି ନ ଥିବା ଜେନା କହିଛନ୍ତି।

### ବିଦ୍ୟୁତ୍ ଆଘାତରେ ଶ୍ରମିକ ମୃତ, କ୍ଷତିପୂରଣ ପ୍ରଦାନ ଦାବି

**ରାଉରକେଲା ଅଫିସ,୪।୧୨**

ଦେଓଗାଁ ନିକଟ ନୂଆ ହଟଷ୍ଟ୍ରିପ ମିଲ୍‌ରେ ମଙ୍ଗଳବାର ବିଦ୍ୟୁତ୍ ଆଘାତରେ କାର୍ଯ୍ୟରତ ଜଣେ ଠିକା ଶ୍ରମିକଙ୍କ ମୃତ୍ୟୁ ଘଟିଥିବା ଜଣାପଡିଛି। ହେଲେ ସେ ସେକ୍ଟର- ୬ ଅଞ୍ଚଳରେ ରହୁଥିବା ଦୀନବନ୍ଧୁ ମହାନନ୍ଦ(୫୧)। ମୃତଦେହକୁ ଆଇଜିଏଚ୍ ମର୍ଗ ହାଉସରେ ରଖାଯାଇଛି। ସୁନ୍ଦରଗଡ଼ ଜିଲା ଶିଳ୍ପାଞ୍ଚଳ ଶ୍ରମିକ ସଭା ପକ୍ଷରୁ ସାଧାରଣ ସମ୍ପାଦକ ଦିଗମ୍ବର ମହାନ୍ତି, ସଭାପତି ଶିବଚରଣ ବୋଇତି, କାର୍ଯ୍ୟକାରୀ ସଭାପତି ହରେକୃଷ୍ଣ ପାଢୀଙ୍କ ସମେତ ହିନ୍ଦ ମଜଦୁର ସଭା ନେତା ଶଶଧର ନାୟକ ପ୍ରମୁଖ ଅବହେଳା ଯୋଗୁ ଦୀନବନ୍ଧୁଙ୍କ ମୃତ୍ୟୁ ଘଟିଥିବା ନେଇ ତୀବ୍ର ପ୍ରତିକ୍ରିୟା ପ୍ରକାଶ କରିଛନ୍ତି। ଏପରି କି ମୃତକଙ୍କ ପରିବାର ଲୋକଙ୍କୁ ନିୟମ ଅନୁଯାୟୀ କ୍ଷତିପୂରଣ ସହ ପରିବାରର ଜଣଙ୍କୁ ନିଯୁକ୍ତି ଦେବାକୁ ଦାବି କରିଛନ୍ତି। ଦାବି ପୂରଣ ନ ହେଲେ ଆନ୍ଦୋଳନ କରାଯିବ ବୋଲି ଚେତାବନୀ ଦିଆଯାଇଛି।

# ବେଆଇନ ଶସ୍ ତିଆରି କରି ଚାଲାଣ

## ଅଟୋ ଜବତ: ଜଣେ ଅଟକ,ଲୋକଙ୍କ ଜୀବନ ସହିତ ଖେଳ

**ରାଜଗାଙ୍ଗପୁର, ୪।୧୨ (ଡି.ଏନ.ଏ)**

ସୁନ୍ଦରଗଡ ଜିଲା ରାଜଗାଙ୍ଗପୁର ସହରରେ ବେଆଇନ ଭାବେ ଶସ୍ ତିଆରି କରି ବିକ୍ରି କରିବା ପାଇଁ ଏକ ନମ୍ବର ବିହନ ଅଟୋରେ ନେଇ ଯାଉଥିବା ବେଳେ ମଙ୍ଗଳବାର ପୋଲିସ ଦ୍ୱାରା ଧରାପଡ଼ିଛି। ଶସ୍ ବୋଝେଇ ଅଟୋକୁ ଜବତ କରାଯିବା ସାଙ୍ଗକୁ ଜଣଙ୍କୁ ଅଟକ ରଖାଯାଇଥିବା ଜଣାପଡିଛି। ଦୀର୍ଘ ଦିନ ହେବ ରାଜଗାଙ୍ଗପୁର ସହରର କୁମ୍ଭାରପଡା ଅଞ୍ଚଳରେ ପ୍ରଶାସନର ବିନା ଅନୁମତିରେ ଟମାଟୋ ଓ ଚିଲି ଶସ୍ ତିଆରି କାରଖାନା ଚାଲୁଥିଲା । ବହୁ ସମୟରେ ଅଭିଯୋଗ ସତ୍ତ୍ୱେ ପ୍ରଶାସନ ଓ ଫୁଡ କର୍ପୋରେସନ୍ ଅଧିକାରୀ କୌଣସି ପଦକ୍ଷେପ ନେଉ ନ ଥିଲେ। ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ବିଷୟ ହେଲା ଯେ, ଏହି ଶସ୍ ତିଆରି ବେଳେ ଟମାଟୋ ଶସ୍ ଓ ଚିଲି ଶସ୍ କହି ଟମାଟୋ ଓ ଚିଲି ସ୍ଥାନରେ କଖାରୁ (ମାଖନ)କୁ ଗ୍ରେଣ୍ଡିଂ ଗରି ସେଥିରେ କେମିକାଲ ଓ ଟମାଟୋ, ଚିଲି ଫ୍ଲେଭର ପକାଯାଇ ତିଆରି କରାଯାଉଛି। ଏହା ସ୍ୱାସ୍ଥ୍ୟପକ୍ଷେ ଅତ୍ୟନ୍ତ କ୍ଷତିକାରକ। ଏହି ଶସ୍ ଖାଇ ବହୁ ଲୋକ ଫିଲେରିୟା ରୋଗରେ ଆକ୍ରାନ୍ତ ହେଉଥିବା ଅଭିଯୋଗ ହେଉଛି। ଏହି ଶସ୍ ଗୁଡିକୁ ସ୍କୁଲ, କଲେଜ, ଡାକ୍ତରଖାନା, ବସଷ୍ଟାଣ୍ଡ ପାଖରେ ଥିବା ଜମିନ ଓ ମନଚ୍ୟୁରନ୍ ତିଆରି ଦୋକାନମାନଙ୍କରେ ଯୋଗାଇ ଦିଆଯାଉଛି। ଏହି ଶସ୍‌କୁ କୌଣସି ପରୀକ୍ଷା କରାଯାଉ ନ ଥିବାରୁ କେତେବେଳେ ଯେ ଏହା ବିଷ ହୋଇ ଛୋଟ ଛୋଟ ପିଲାଙ୍କ ଜୀବନ ନ ନେବ କହି ହେଉନାହିଁ। ଏଣୁ ଏଭଳି ବେଆଇନ ତିଆରିକୁ ବିରୋଧ କରି କିଛି ଲୋକ ମଙ୍ଗଳବାର ଏକ ଅଟୋରେ ଶସ୍ ଚାଲାଣ ହେଉଥିବା ରାଜଗାଙ୍ଗପୁର ପୋଲିସକୁ ଖବର ଦେଇଥିଲେ। ପୋଲିସ ଶସ୍ ବୋଝେଇ ଅଟୋକୁ ଜବତ କରିବା ସାଙ୍ଗକୁ ଜଣେ ବ୍ୟକ୍ତିଙ୍କୁ ଅଟକ ରଖି ତଦନ୍ତ ଚଳାଇଛି। ଲୋକଙ୍କ ଜୀବନ ସହିତ ଖେଳୁଥିବା ଏଭଳି ଅସାଧୁ ବ୍ୟବସାୟୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ପାଇଁ ସାଧାରଣରେ ଦାବି କରାଯାଇଛି।



ଜନସମ୍ପର୍କ ପଦଯାତ୍ରାରେ ସାମିଲ ହୋଇଥିବା ଭାଜପାର କର୍ମକର୍ତ୍ତା।

# ଲାଠିକଟାରେ ଭାଜପାର ପଦଯାତ୍ରା

**ରାଉରକେଲା ଅଫିସ,୪। ୧୨**

ରାଜଗାଙ୍ଗପୁର ନିର୍ବାଚନ ମଣ୍ଡଳୀ ଅଧୀନ ଲାଠିକଟା ବ୍ଲକ ଅନ୍ତର୍ଗତ ୧୨ଟି ପଞ୍ଚାୟତରେ ଭାଜପା ପକ୍ଷରୁ ଜନସମ୍ପର୍କ ପଦଯାତ୍ରା ବିରଡା ପଞ୍ଚାୟତରୁ ଆରମ୍ଭ କରାଯାଇଛି। ଏହି ପଦଯାତ୍ରା ବିଭିନ୍ନ ଗ୍ରାମକୁ ଯାଇ କେନ୍ଦ୍ର ସରକାରଙ୍କ ଲୋକାଭିମୁଖୀ ଯୋଜନା ଏବଂ ଏହାର ସଫଳ ରୂପାୟନ ନେଇ ଲୋକଙ୍କ ସହ ଆଲୋଚନା କରାଯାଉଛି। ଏପରି କି ବଲଣ୍ଡା, ବଡଦଲକି ପଞ୍ଚାୟତରେ ଭାଜପା କର୍ମୀମାନେ ପଦଯାତ୍ରାରେ ବାହାରିଛନ୍ତି। ଦଳୀୟ କର୍ମୀମାନେ ଗାଁକୁ ଗାଁ ବୁଲି ବିଭିନ୍ନ ସ୍ଲୋଗାନ ମାଧ୍ୟମରେ ଦଳର ବାର୍ତ୍ତା ପ୍ରଚାର କରୁଛନ୍ତି। ଲାଠିକଟା ବ୍ଲକ ପ୍ରଭାରୀ ମହେନ୍ଦ୍ର ମାଝି ପଦଯାତ୍ରାର ପରିଚାଳନା କରିଛନ୍ତି। ଏଥିରେ ଆଇନଜୀବୀ ସୁନୀତା ଟପୋଙ୍କ ସମେତ ଲାଠିକଟା ବ୍ଲକ ସଂଗଠନ ଶାଖା ୨ ସଭାପତି ଆସିଫ ଇକବାଲ, ଚାମା ମିଞ୍ଜ ଉପସ୍ଥିତ ଥିଲେ। ବ୍ଲକ ସଂଗଠନ ସାଧାରଣ ସମ୍ପାଦକ ଦାମୁ ତର୍କୀ, ଜିଲା ଉପସଭାପତି ସଞ୍ଜୀତ ସାହୁ, ରାମକୁମାର ମୌର୍ଯ୍ୟ, ସଞ୍ଜୁ ପୋଦ୍ଦାର, ଦଶରଥ କିଷାନ, ବାବଲୁ ଚୌଧୁରୀ, ସନାତନ ଜୟପୁରିଆ, ବିନୟ ସିଂ, ସନ୍ତୋଷ ମିଞ୍ଜ, ଦେଓନାଥ ଓରାମ, ସାନିକା ବଡାଇକ, ମାଧବ ସିଂ, ମୁନ୍ନି ବାର୍ଲା ପ୍ରମୁଖ ପଦଯାତ୍ରାରେ ପ୍ରମୁଖ ଦାୟୀତ୍ୱ ନିର୍ବାହ କରୁଛନ୍ତି।

# ଡିସେମ୍ବର ୨୧ରେ ଓକିଲ ସଂଘ ନିର୍ବାଚନ

**ରାଉରକେଲା ଅଫିସ,୪। ୧୨**

ଆସନ୍ତା ଡିସେମ୍ବର ୨୧ତାରିଖରେ ରାଉରକେଲା ଓକିଲ ସଂଘ ନିର୍ବାଚନ ନେଇ ସଂଘ ପକ୍ଷରୁ ମଙ୍ଗଳବାର ଏକ ବିବୃତିରେ କୁହାଯାଇଛି। ନିର୍ବାଚନ ପରିଚାଳନା ନେଇ ବରିଷ୍ଠ ଆଇନଜିବୀ ଏମ୍‌ଡି ରଫିକଙ୍କୁ ଦାୟିତ୍ୱ ପ୍ରଦାନ କରାଯାଇଛି। ଏନେଇ ଆଇନଜୀବୀ ରଫିକ ପ୍ରାରମ୍ଭିକ ପ୍ରକ୍ରିୟା ଆରମ୍ଭ କରିଥିବା ସଂଘ ପକ୍ଷରୁ ସୂଚନା ଦିଆଯାଇଛି। ବିବୃତିରେ ଦର୍ଶାଯାଇଛି ଯେ, ନାମାଙ୍କନ ପତ୍ର ବିକ୍ରି ଏବଂ ନାମାଙ୍କନ ପତ୍ର ଦାଖଲ ୭ ଓ ୧୧ତାରିଖ ମଧ୍ୟରେ ହେବ। ସେହିଭଳି ପ୍ରାର୍ଥୀପତ୍ର ଯାଞ୍ଚ ଓ ନାମ ଘୋଷଣା ୧୨ତାରିଖରେ ସମ୍ପନ୍ନ କରାଯିବ। ପ୍ରାର୍ଥୀ ପତ୍ର ପ୍ରତ୍ୟାହାର ୧୪ ତାରିଖ ଅପରାହ୍ନ ୨ଟା ସୁଦ୍ଧା ଶେଷ ହେବ। ଚୂଡାନ୍ତ ପ୍ରାର୍ଥୀ ତାଲିକା ସେହି ଦିନ ଅର୍ଥାତ ୧୪ ତାରିଖ ଅପରାହ୍ନ ସାଢେ ୪ଟା ସୁଦ୍ଧା କରାଯିବ। ୨୧ତାରିଖ ପୂର୍ବାହ୍ନ ୧୦ଟାରୁ ଅପରାହ୍ନ ୩ଟା ପର୍ଯ୍ୟନ୍ତ ଭୋଟ ଗ୍ରହଣ କରାଯିବ। ଭୋଟ ଗଣତି ୨୨ ତାରିଖ ପୂର୍ବାହ୍ନ୧୧ଟା ପରେ ଆରମ୍ଭ କରାଯିବ ବୋଲି ସଂଘ ପକ୍ଷରୁ ସୂଚନା ଦିଆଯାଇଛି।



ଅତିଥିମାନେ ଖେଳାଳିଙ୍କ ସହ କରମର୍ଦ୍ଦନ କରି ପରିଚିତ ହେଉଛନ୍ତି।

# ମହାନଗରସ୍ତରୀୟ ହକି ପ୍ରତିଯୋଗିତା ଉଦ୍‌ଘାଟିତ

**ରାଉରକେଲା ଅଫିସ,୪।୧୨**

ପୁରୁଷ ହକି ବିଶ୍ୱକପ ନେଇ ଉତ୍ସାହ ଲାଗି ରହିଥିବା ବେଳେ ବିଭିନ୍ନ ସ୍ଥାନରେ ଏହାର ପ୍ରଚାର ପ୍ରସାର ନେଇ ଉତ୍ସବ ପାଳନ କରାଯାଉଛି। ଏହି ଅବସରରେ ରାଉରକେଲା ମହାନଗର ନିଗମ(ଆର୍‌ଏମ୍‌ସି) ପକ୍ଷରୁ ଏକ ହକି ପ୍ରତିଯୋଗିତା ମଙ୍ଗଳବାର ଉଦ୍‌ଘାଟିତ ହୋଇଯାଇଛି। ମହାନଗରସ୍ତରୀୟ ଏହି ପ୍ରତିଯୋଗିତା ବିଜୁ ଯୁବବାହିନୀ ପକ୍ଷରୁ ଆୟୋଜନ କରାଯାଇଛି। ପାନପୋଷ କ୍ରୀଡ଼ା ଛାତ୍ରାବାସ ଗ୍ରାଉଣ୍ଡରେ ଆରମ୍ଭ ହୋଇଥିବା ପ୍ରତିଯୋଗିତାରେ ୮ଟି ଦଳ ଭାଗ ନେଇଛନ୍ତି। ନକ୍ ଆଉଟ ଫର୍ମାଟରେ ଏହି ଖେଳ ଖେଳାଯିବ। ପ୍ରଥମ ଦିନ ସବୁ ଦଳ ମ୍ୟାଚ ଖେଳିବାକୁ ସୁଯୋଗ ପାଇଥିବା ବେଳେ ଏଥିରୁ ୪ଟି ବିଜୟୀ ଦଳ ବୁଧବାର ସେମି ଫାଇନାଲ ଖେଳ ପ୍ରଦର୍ଶନ କରିବେ। ଅପରାହ୍ନରେ ଫାଇନାଲ ମ୍ୟାଚ ଅନୁଷ୍ଠିତ ହେବ। ସମ୍ପୃକ୍ତ ବିଜୟୀ ଦଳକୁ ନେଇ ଜିଲାସ୍ତରୀୟ ପ୍ରତିଯୋଗିତା ଆୟୋଜନ କରାଯିବ। ମଙ୍ଗଳବାର ପାନପୋଷ କ୍ରୀଡ଼ା ଛାତ୍ରାବାସ ଗ୍ରାଉଣ୍ଡରେ ଅନୁଷ୍ଠିତ ଉଦ୍‌ଘାଟନୀ ମ୍ୟାଚ ସେକ୍ଟର-୧୯ ଓ ରାଇଜିଂ ଷ୍ଟାର(କ) ମଧ୍ୟରେ ଖେଳା ଯାଇଥିଲା। ଏଥିରେ ରାଇଜିଂ ଷ୍ଟାର ୪-୦ରେ ବିଜୟୀ ହୋଇଥିଲା। ସେହିପରି ବ୍ୟାସନଗର ଟିମ୍ ସେକ୍ଟର-୨ ଟିମ୍‌କୁ ୫-୨ ଗୋଲରେ, ରୁପଟୋଲା ଟିମ୍ ଗାଙ୍ଗପୁର ସ୍ପୋର୍ଟର୍ସ ଆସୋସିଏଶନକୁ ୬-୦ ଏବଂ ରାଇଜିଂ ଷ୍ଟାର(ଖ) ଜଗଦା ଟିମ୍‌କୁ ୧୨-୨ ଗୋଲରେ ପରାସ୍ତ କରି ସେମି ଫାଇନାଲରେ ପ୍ରବେଶ କରିଛି। ପ୍ରତିଯୋଗିତାରେ ବରିଷ୍ଠ ହକି ପ୍ରଶିକ୍ଷକ ସିଲଭେଷ୍ଟର ଟପୋ, ପାନପୋଷ ସ୍ପୋର୍ଟ୍ସ ହଷ୍ଟେଲ ଅଧିକାରୀ ମିଲଟନ ବିଲୁଙ୍ଗ ଅତିଥି ଭାବେ ଯୋଗ ଦେଇ ଖେଳାଳିମାନଙ୍କୁ ଉତ୍ସାହିତ କରିଥିଲେ। ମ୍ୟାଚ ପରିଚାଳନା ନେଇ ଚତୁର୍ଥ ବାଟାଲିୟନର ହକି ପ୍ରଶିକ୍ଷକ ସତ୍ୟବନ କେର୍କେଟା, ଅନୀଲ କୁଲୁ, ବିନୋଦ ଏକ୍କା, ୱାଲଟର କୁଲୁ, ସୁଶୀଲ କୁଜୁର, ସଞ୍ଜୀତ ବାର୍ଲା, ସଞ୍ଜୟ ଏକ୍କା ପ୍ରମୁଖ ସହଯୋଗ କରିଥିଲେ। ବିଜୁ ଯୁବବାହିନୀ ସମ୍ପାଦକ ବିକ୍ରମ ନାୟକ କାର୍ଯ୍ୟକ୍ରମ ପରିଚାଳନା କରିଥିବା ବେଳେ ଏଥିରେ ଅଭିଷେକ ମିଶ୍ର, ପାର୍ଥସାରଥି ସାହୁ ଟିମ୍ ପରିଚାଳନା କରିଥିଲେ। ବିଜୁ ଯୁବବାହିନୀ ୱାର୍ଡ ସଂଯୋଜକ ତ୍ରିପ୍ତି ସୋନମ ଟପୋ, ପ୍ରତିମା ସୋରେଙ୍ଗ ଓ ସ୍ୱରାଜଗୌରବ ପରିଡା ପ୍ରମୁଖ ଏଥିରେ ସହଯୋଗ କରିଥିଲେ।

### ୨ ବାଇକ୍ ଚୋର ଗିରଫ

**ରାଉରକେଲା ଅଫିସ,୪।୧୨**

ବାଇକ୍ ଚୋରି ଅଭିଯୋଗରେ ଉଦିତନଗର ଥାନା ପୋଲିସ ୨ଜଣ ବାଇକ ଚୋରଙ୍କୁ ଗିରଫ ମଙ୍ଗଳବାର କୋର୍ଟ ଚାଲାଣ କରିଛି। ସେମାନେ ହେଲେ କୁରକୁଟି ଦାସ, ଦେବ ଗୋଚ୍ଛାୟତ। ଏନେଇ ପୋଲିସ ଏକ ମାମଲା ରୁଜୁ କରିଛି।


**IDBI BANK**
(A Govt. of India Owned Bank)
ଆଇଡ଼ିବିଆଇ ବ୍ୟାଙ୍କ ଲିଃ., ଗ୍ରାଣ୍ଡ ରୋଡ୍, ବଡ଼ଶଙ୍ଖ, ପୁରୀ-୭୫୨୦୦୨, ଓଡ଼ିଶା
(CIN: L65190MH2004GOI148838)
**ଋଣ ରିକଲ୍ ନୋଟିସ୍**

| କ୍ର.ନ. | ଋଣଗ୍ରହୀତା/ଗ୍ୟାରେଣ୍ଟିଦାତାମାନଙ୍କ ନାମ ଏବଂ ଠିକଣା | ଋଣ ପରିମାଣ/ ଋଣ ମଞ୍ଜୁରୀ ତାରିଖ | ଋଣଗ୍ରହୀତା/ଗ୍ୟାରେଣ୍ଟିଦାତା/ବନ୍ଧକଦାତାଙ୍କ ଦ୍ୱାରା ପରିଶୋଧ କରିବାକୁ ଥିବା ସୁଧ ସହିତ ବକେୟା ପରିମାଣ |
|---|---|---|---|
| ୧. | ଋଣଗ୍ରହୀତା: ମେସର୍ସ ସୁପ୍ରିୟା ଫୁଡ୍ ପ୍ରଡକ୍ଟସ୍, ସ୍ୱତ୍ତ୍ୱାଧିକାରୀ: କେ. ରଶ୍ମୀତା ପାତ୍ର, ସା: ଦେବୀଘାଟ, ବାରବାଟୀ ଲେନ୍, ପୁରୀ-୭୫୨୦୦୧ / ଗ୍ୟାରେଣ୍ଟିଦାତାମାନେ : ୧) କେ. ସୁରେଶ କୁମାର, ସା: ଦେବୀଘାଟ, ବାରବାଟୀ ଲେନ୍, ପୁରୀ-୭୫୨୦୦୧, ୨) ବାଳକୃଷ୍ଣ ନାୟକ, କୁଣ୍ଡେଇବେଣ୍ଟ ସାହି, ବାନାମ୍ବର ମନ୍ଦିର ନିକଟ, ପୁରୀ-୭୫୨୦୦୧ | ଟ.୨୦.୦୦ଲକ୍ଷ / ୩୧.୧୨.୨୦୧୫ | ୦୧.୧୦.୨୦୧୮ ସୁଦ୍ଧା ଟ.୨୦,୯୦,୭୪୨/- |

ଏତଦ୍‌ଦ୍ୱାରା ଉପରୋକ୍ତ ଋଣଗ୍ରହୀତା ଏବଂ ଗ୍ୟାରେଣ୍ଟିଦାତା/ବନ୍ଧକଦାତାଙ୍କୁ ନୋଟିସ୍ ମାଧ୍ୟମରେ ଜଣାଇଦିଆଯାଉଛି ଯେ, ଉପରୋକ୍ତ ଋଣଗ୍ରହୀତାଙ୍କୁ **ଆଇଡିବିଆଇ ବ୍ୟାଙ୍କ ଲିଃ., (ଆଇଡିବିଆଇ ବ୍ୟାଙ୍କ)** ଦ୍ୱାରା ଆର୍ଥିକ ସହାୟତା/ଋଣ ପ୍ରଦାନ କରାଯାଇଥିଲା । ଯେହେତୁ କଥିତ ଋଣଗ୍ରହୀତା ଋଣ ପରିଶୋଧ କରିବାରେ ଅସଫଳ ହୋଇଛନ୍ତି, ତେଣୁ ତାଙ୍କର ଆକାଉଣ୍ଟ ଅଣକାର୍ଯ୍ୟକାରୀ ସମ୍ପତ୍ତି (NPA) ଶ୍ରେଣୀଭୁକ୍ତ ହୋଇଛି। ଆଇଡିବିଆଇ ବ୍ୟାଙ୍କ "ରେଜେଷ୍ଟ୍ରି ଡାକ ସହିତ ଏ.ଡି."/କୋରିୟର ମାଧ୍ୟମରେ ଋଣ ପରିଶୋଧ ନିମନ୍ତେ ପୁନଃ ନୋଟିସ୍ ପ୍ରେରଣ କରାଯାଇଥିଲା। ଯାହାକି ଡାକ ବିଭାଗ/କୋରିୟର ଦ୍ୱାରା ପ୍ରଦାନ କରାଯାଇ ନପାରି ଫେରସ୍ତ ଆସିଛି। ତେଣୁ ଏହି ନୋଟିସ୍ ପ୍ରକାଶନ ମାଧ୍ୟମରେ କଥିତ ଋଣଗ୍ରହୀତା, ଗ୍ୟାରେଣ୍ଟିଦାତା/ବନ୍ଧକଦାତାମାନଙ୍କୁ ଜଣାଇ ଦିଆଯାଉଛି ଯେ, ବ୍ୟାଙ୍କର ଉପରୋକ୍ତ ବକେୟା ରାଶି ସହିତ ତତ୍‌ପରବର୍ତ୍ତୀ ସୁଧ ଏବଂ ଆନୁସଙ୍ଗିକ ଖର୍ଚ୍ଚ ଏହି ପ୍ରକାଶନର **୧୫ ଦିନ** ମଧ୍ୟରେ ପୈଠ କରନ୍ତୁ । ନଚେତ୍ ଆଇଡିବିଆଇ ବ୍ୟାଙ୍କ ଏହାପରେ, ଋଣଗ୍ରହୀତା /ଗ୍ୟାରେଣ୍ଟିଦାତାମାନଙ୍କୁ କୌଣସି ପ୍ରକାରର ଯୋଗାଯୋଗ ନ କରି ନ୍ୟାୟାଳୟ ମାଧ୍ୟମରେ ସେମାନଙ୍କ ବିପକ୍ଷରେ ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବ । ଏ ବାବଦ ଖର୍ଚ୍ଚ ଓ ଫଳାଫଳ ନିମନ୍ତେ ସେମାନେ ହିଁ ଦାୟୀ ରହିବେ।

ସ୍ଥାନ: ପୁରୀ, ତାରିଖ: ୦୪.୧୨.୨୦୧୮ — ସ୍ୱା/- ଶାଖା ମୁଖ୍ୟ, ଆଇଡ଼ିବିଆଇ ବ୍ୟାଙ୍କ ଲିମିଟେଡ



**ପୂର୍ବ ତଟ ରେଳପଥ**

**ତାଳଚେର ରୁ ଜରପଡ଼ା ଏବଂ ରେଢ଼ାଖୋଲ ରୁ ଯୁଯୁମୁରା ନୂତନ ଡ଼ବଲ ଲାଇନ୍‌ରେ ଓଭର ହେଡ୍ ଟ୍ରାକ୍ସନ ତାରରେ ବିଦ୍ୟୁତ୍ ପ୍ରବାହ ସମ୍ବନ୍ଧୀୟ ସାର୍ବଜନିକ ଅଧିସୂଚନା** ପ୍ରୋଫର୍ମା 10.01

ପୂର୍ବ ତଟ ରେଳପଥ ଅନ୍ତର୍ଗତ ନିମ୍ନ ବର୍ଣ୍ଣିତ ସେକ୍ସନ୍‌ର ସମ୍ପୂର୍ଣ୍ଣ ହୋଇଥିବା ସେକ୍ସନରେ ଅବସ୍ଥିତ ରେଳ ଲାଇନ ଏବଂ ପରିସରକୁ ବ୍ୟବହାର କରୁଥିବା ସମସ୍ତ ବ୍ୟକ୍ତିବିଶେଷଙ୍କୁ ଏତଦ୍ଦ୍ୱାରା ଅବଗତ କରାଇ ଦିଆଯାଉଅଛି ଯେ, ନିର୍ଦ୍ଦିଷ୍ଟ ସେକ୍ସନ ନିମନ୍ତେ ନିର୍ଦ୍ଧାରିତ ତାରିଖରେ କିମ୍ବା ଏହାପରେ 25,000 ଭୋଲ୍ଟ, 50 HZ, A.C ଓଭରହେଡ୍ ଟ୍ରାକ୍ସନ ତାରରେ ବିଦ୍ୟୁତ୍ ପ୍ରବାହ କରାଯିବ। ସେହି ତାରିଖ ଦିନ ଓ ତାହା ପରଠାରୁ ଓଭରହେଡ୍ ଟ୍ରାକ୍ସନ ଲାଇନରେ ସବୁ ସମୟପାଇଁ ବିଦ୍ୟୁତ୍ ପ୍ରବାହ ରହିବ ଏବଂ କୌଣସି ଅନଧିକୃତ ବ୍ୟକ୍ତି ଏହି କଥିତ ଓଭରହେଡ୍ ଲାଇନ ନିକଟରେ ପ୍ରବେଶ କରିପାରିବେ ନାହିଁ କିମ୍ବା କାର୍ଯ୍ୟ କରିପାରିବେ ନାହିଁ।

| କ୍ର.ନଂ. | ସେକ୍ସନ | ମଣ୍ଡଳ | ବିଦ୍ୟୁତ୍ ପ୍ରବାହ ତାରିଖ |
|---|---|---|---|
| 1 | ତାଳଚେର ରୁ ଜରପଡ଼ା ମଧ୍ୟରେ ନୂତନ ଡ଼ବଲ୍ ଲାଇନ୍ | ସମ୍ବଲପୁର ଏବଂ ଖୋର୍ଦ୍ଧା ରୋଡ୍ | 31.12.2018 |
| 2 | ରେଢ଼ାଖୋଲ ରୁ ଯୁଯୁମୁରା ମଧ୍ୟରେ ନୂତନ ଡ଼ବଲ୍ ଲାଇନ୍ | ସମ୍ବଲପୁର | 31.01.2019 |

ଦ୍ରଷ୍ଟବ୍ୟ : ତାଳଚେର ଠାରୁ ଜରପଡ଼ା ଓ ରେଢ଼ାଖୋଲ ଠାରୁ ଯୁଯୁମୁରା ପର୍ଯ୍ୟନ୍ତ ସିଙ୍ଗିଲ୍ ଲାଇନ୍ ଏବଂ ଷ୍ଟେସନ ୟାର୍ଡ଼ର OHE ଲାଇନ୍ ଗୁଡ଼ିକରେ ଆଗରୁ 25,000 ଭୋଲ୍ଟ AC ଦ୍ୱାରା ବିଦ୍ୟୁତ୍ ପ୍ରବାହିତ ହୋଇ ସାରିଛି ।

**AC 25 KV ଟ୍ରାକ୍ସନ୍ ପ୍ରଚଳନ ନିମନ୍ତେ "ସଡ଼କ ବ୍ୟବହାରକାରୀଙ୍କୁ ସତର୍କ ସୂଚନା"** ପ୍ରୋଫର୍ମା 10.02

ଏତଦ୍ଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ସୂଚାଇ ଦିଆଯାଉଅଛି ଯେ, ପୂର୍ବ ତଟ ରେଳପଥର ସମ୍ବଲପୁର ମଣ୍ଡଳ ଏବଂ ଖୋର୍ଦ୍ଧାରୋଡ୍ ମଣ୍ଡଳ ଅନ୍ତର୍ଗତ ତାଳଚେର-ସମ୍ବଲପୁର ଦୋହରୀକରଣ ସେକ୍ସନର ବିଦ୍ୟୁତୀକରଣ ସମ୍ବନ୍ଧୀୟ ପୂର୍ବ ତଟ ରେଳପଥ ଅନ୍ତର୍ଗତ ତାଳଚେର ରୁ ଜରପଡ଼ା ଏବଂ ରେଢ଼ାଖୋଲ ରୁ ଯୁଯୁମୁରା ନୂତନ ଡ଼ବଲ୍ ଲାଇନ୍ ସେକ୍ସନ ଗୁଡ଼ିକରେ 25,000 ଭୋଲ୍ଟ A.C ଇଲେକ୍ଟ୍ରିକ୍ ଟ୍ରାକ୍ସନର ପ୍ରବର୍ତ୍ତନ ସମ୍ପର୍କରେ ସମସ୍ତ ଲେଭେଲ କ୍ରସିଂ ଗୁଡ଼ିକଠାରେ କୌଣସି ବୋଝେଇ ଗାଡ଼ି ଏହି ଜୀବନ୍ତ ଟ୍ରାକ୍ସନ ତାର ସଂସ୍ପର୍ଶରେ ନ ଆସିବା କିମ୍ବା ଏହାର ନିକଟବର୍ତ୍ତୀ ବିପଦାଞ୍ଚଳକୁ ପ୍ରବେଶ ନିଷିଦ୍ଧ ନିମନ୍ତେ ସମସ୍ତ ରେଳ ଫାଟକମାନଙ୍କରେ ସଡ଼କ ପତନ ଠାରୁ 4.67 ମି. ଉଚ୍ଚତାରେ ହାଇଟ୍ ଗେଜ୍ ମାନ ସ୍ଥାପନ କରାଯାଇଅଛି।

ତେଣୁ ସର୍ବସାଧାରଣଙ୍କୁ ଏତଦ୍ଦ୍ୱାରା ସୂଚାଇ ଦିଆଯାଉଅଛିଯେ ସଡ଼କ ଗାଡ଼ିରେ ବୋଝେଇ କରିବା ସମୟରେ ଉପର ବର୍ଣ୍ଣିତ ଉଚ୍ଚତାକୁ ଧ୍ୟାନରେ ରଖି ବୋଝେଇ କରିବେ ଏବଂ ଏହା ଯେପରି କୌଣସି ପରିସ୍ଥିତିରେ ହାଇଟ୍ ଗେଜ୍ ସୀମା ଉଲ୍ଲଙ୍ଘନ ନକରେ, ସେଥିପ୍ରତି ଦୃଷ୍ଟି ଦେବେ।

ଅତ୍ୟଧିକ ଉଚ୍ଚତା ବିଶିଷ୍ଟ ବୋଝେଇ ଦ୍ୱାରା ସୃଷ୍ଟି ହେବାକୁ ଥିବା ବିପଦ ନିମ୍ନମତେ ଅଟେ :
(1) ହାଇଟ୍ ଗେଜ୍ ପ୍ରତି ବିପଦ ଫଳସ୍ୱରୂପ ସଡକ ଏବଂ ରେଳ ଲାଇନ୍ ର ଅବରୋଧ ।
(2) ପରିବହନ କରାଯାଉଥିବା ସାମଗ୍ରୀ ବା ଉପକରଣ କିମ୍ବା ଏହାକୁ ନେଉଥିବା ଗାଡ଼ି ପ୍ରତି ବିପଦ।
(3) ବିଦ୍ୟୁତ୍‌ପ୍ରବାହୀ ତାର ସନ୍ନିକଟ ବିପଜ୍ଜନକ ଅଞ୍ଚଳ କିମ୍ବା ଏହାର ସଂସ୍ପର୍ଶରେ ଆସିବା ଦ୍ୱାରା ଅଗ୍ନି ବିପଦ ଏବଂ ଜୀବନ ପ୍ରତି ବିପଦ।

PR-89/CB/18-19 — ଉପ ମୁଖ୍ୟ ବିଦ୍ୟୁତ୍ ଯନ୍ତ୍ରୀ /ନିର୍ମାଣ/ଅନୁଗୋଳ



**GOVT. OF INDIA**
**MINISTRY OF FINANCE**
**DEPARTMENT OF FINANCIAL SERVICES**
**DEBTS RECOVERY TRIBUNAL**
**COURT OF THE RECOVERY OFFICER**
**Plot No.: C/71, Sector-7, CDA, Cuttack - 753014**
FORM NO. ITCP-1
**NOTICE OF DEMAND TO THE CERTIFICATE DEBTORS**
(See Rule 2 of the Second Schedule as referred to in Section 29 of the Recovery of Debts due to Banks & Financial Institutions Act, 1993)
**R.P. No. 216/2017/CTC**
**(Arising out of OA No. 281 of 2009)**
**Next Date: 28.12.2018**

**AXIS Bank Ltd.,** Cuttack Branch, At: Badambadi, P.O.: Telenga Bazar, Town/Dist.: Cuttack, PIN-753009 ...**Certificate Holder Bank**
Vs.
**Shri Subhranshu Kumar Jena & others** ...**Certificate Debtors**
To,
1. **Shri Subhranshu Kumar Jena,** S/o: Shri Sudhanshu Sekhar Jena, At: Plot No.: 132, Bapujee Nagar, P.O.: Bapujee Nagar, Bhubaneswar, Dist.: Khurda.
2. **Shri Alekh Charan Prusty,** S/o: Late Govinda Prusty, At: Hatasinghpur, G.P.: Kalana, Dist.: Jajpur.
3. **Smt. Kumarika Samal,** W/o: Shri Subhranshu Kumar Jena, At: Plot No.: 132, Bapujee Nagar, P.O.: Bapujee Nagar, Bhubaneswar, Dist.: Khurda.
7. **Shri Prafulla Kumar Basti,** S/o: Shri Pitabas Basti, Vill- Gola Sahi, G.P. Badasa, Dist.: Nayagarh.
8. **Shri Pramod Pandi,** Shri Kishore Chandra Pandi, Vill: Ward No.: 19 of C.M.C., P.S.: Purighat, Town/Dist.: Cuttack.
9. **Shri Krushna Chandra Roul,** S/o: Ganeswar Roul, At: Goutam Nagar, Bhubaneswar, Dist.: Khurda.
11. **M/s. National Bulk Handling Corporation Ltd.,** At: Bajrakabati Road, P.O.: Buxi Bazar, Town/Dist.: Cuttack (Represented by its Cluster Head)

Take notice that Certificate arising out of **OA No. 281 of 2009** issued by the Hon'ble Presiding Officer, Debts Recovery Tribunal, Cuttack under Section 19 (22) of the Recovery of Debts due to Banks and Financial Institutions Act, 1993 and forwarded to the undersigned for recovery of **Rs. 55,39,700.41 (Rupees Fifty Five Lac Thirty Nine Thousand Seven Hundred and Paise Forty One Only)** together with interest till realisation of the dues, cost, charges as per the certificate, the details of which are given below:

| | | | |
|---|---|---|---|
| 1. Decretal Dues | | :Rs. | 55,39,700.41 |
| 2. Cost allowed | (+) | :Rs. | 1,22,000.00 |
| 3. Interest @12% p.a with quarterly rests from 03.09.2009 to 16.11.2017 | | :Rs. | 90,88,581.37 |
| Total | | :Rs. | 1,47,50,281.78 |

**(Rupees One Crore Forty Seven Lac Fifty Thousand Two Hundred Eighty One and Paise Seventy Eight Only)** with Interest @12% p.a. with quarterly rests on the amount due from 17.11.2017 till realization of the entire Dues.
2. You are hereby directed to pay the above stated sum **within 15 (Fifteen) days** of the publication of this notice, failing which the recovery shall be made in accordance with the provisions contained in Chapter V of the Recovery of Debts due to Banks & Financial Institutions Act, 1993.
3. In addition to the aforesaid amount you will also be liable for all future interest, costs, charges and expenses incurred in respect of the service of this notice and of warrants and other processes etc. and of all the other proceedings taken for realising of arrears.
4. You are hereby directed to appear in person or through legal representative before the undersigned on **28.12.2018** and report the details of payment made by you.

Given under my hand & seal at Cuttack on this **15th day of November, 2018.**
**Sd/- (R. P. Patnaik)**
**Recovery Officer**

ଧରିତ୍ରୀ
DHARITRI
ସମ୍ବଲପୁର, ବୁଧବାର, ଡିସେମ୍ବର ୫/୨୦୧୮



ନୀତିହୀନ ରାଜନୀତି, ଚରିତ୍ରହୀନ ଶିକ୍ଷା, ମାନବିକତାହୀନ ବାଣିଜ୍ୟ ବ୍ୟବସାୟ କେବଳ ଅନୁପଯୋଗୀ ନୁହେଁ, ଏହା ନିଶ୍ଚିତ ପକ୍ଷେ ବିପଜ୍ଜନକ।
- ସତ୍ୟସାଇ ବାବା



## ସଂକ୍ଷେପରେ



### ଢାବାରେବାର୍ଥଡେପାର୍ଟି: ଫେରିଲାବେଳେ ଦୁର୍ଘଟଣା, ଜଣେ ମୃତ

**ବଡ଼ଗାଁ, ୪।୧୨ (ଡି.ଏନ.ଏ)**- ସୁନ୍ଦରଗଡ ଜିଲା ବଡ଼ଗାଁ ଥାନା ଅନ୍ତର୍ଗତ ଗରିଆମାଲ ଗାଁ ନିକଟ ୧୦ନଂ. ରାଜ୍ୟ ରାଜପଥ ପାର୍ଶ୍ୱରେ ଅବସ୍ଥିତ ଢ଼ାବାଗୁଡିକରେ ଜନ୍ମ, ବିବାହ ଆଦି ପାର୍ଟି ବା ଭୋଜି କରି କାର, ବାଇକରେ ଫେରିବାବେଳେ ଦୁର୍ଘଟଣାଗ୍ରସ୍ତ ହେବା, ମୃତ୍ୟୁ ହେବା ଭଳି ଧନଜୀବନ ହାନୀର କେତେକ ଦୃଷ୍ଟାନ୍ତ ରହିଛି। ସୋମବାର ରାତିରେ ଖରିଆମାଲ ସ୍ଥିତ ଢ଼ାବା ହୋଟେଲରେ ଜଣେ ସାଙ୍ଗଙ୍କ ଜନ୍ମଦିନ ଉତ୍ସବ (ବାର୍ଥ ଡେ ପାର୍ଟି)ରେ ଯୋଗଦେଇ ଫେରୁଥିଲା ବେଳେ ବୁଲେଟ ଗଛରେ ପିଟି ହେବାରୁ ଜଣେ ଯୁବକଙ୍କ ମୃତ୍ୟୁ ହୋଇଛି। ସମ୍ବଲପୁର ଜିଲା ବାମରା ଥାନା ଗୋବିନ୍ଦପୁର ଗ୍ରାମର ସୁବ୍ରତ ଦାସ (୩୦) ତାଙ୍କର ଜଣେ ସାଙ୍ଗ ଗରିଆମାଲ ସ୍ଥିତ ଢ଼ାବାରେ ଆୟୋଜନ କରିଥିବା ବାର୍ଥ ଡେ ପାର୍ଟିରେ ଯୋଗଦେବାକୁ ସନ୍ଧ୍ୟାରେ ଆସିଥିଲେ। ରାତି ସାଢ଼େ ୮ଟାରେ ବୁଲେଟରେ ଫେରିବା ବେଳେ ବଜରଙ୍ଗବାଲି ମନ୍ଦିର ନିକଟ ରାସ୍ତା ପାର୍ଶ୍ୱ ଗଛରେ ପିଟି ହୋଇଥିଲେ । ଘଟଣାସ୍ଥଳରେ ହିଁ ତାଙ୍କର ମୃତ୍ୟୁ ହୋଇଥିଲା।

### ଜିଆର୍‌ଏସ୍‌ଙ୍କ କାର୍ଯ୍ୟବନ୍ଦ ଆନ୍ଦୋଳନ

**ଲେଫ୍ରିପଡା,୪।୧୨(ଡି.ଏନ.ଏ)**-ରାଜ୍ୟରେ ଗ୍ରାମ ରୋଜଗାର ସେବକ (ଜିଆରଏସ୍) ସଂଘ ପକ୍ଷରୁ ଚାକିରିକୁ ସ୍ଥାୟୀ କରାଯିବା ଦାବିରେ ଆନ୍ଦୋଳନ ଜାରି ରହିଛି। ସୁନ୍ଦରଗଡ ଜିଲା ଲେଫ୍ରିପଡା ବ୍ଲକ୍‌ରେ ଜିଆରଏସ୍ ସଂଘର ବ୍ଲକ୍ ସଭାପତି ଇନ୍ଦ୍ରଜିତ୍ ମହାନନ୍ଦିଆ, ଜିଲା ସଭାପତି ମନୋଜ କୁମାର ମହାନନ୍ଦିଆ ଏବଂ ସମ୍ପାଦକ ବିବେକାନନ୍ଦ ପଟେଲଙ୍କ ନେତୃତ୍ୱରେ ମଧ୍ୟ କାର୍ଯ୍ୟବନ୍ଦ୍ ଆନ୍ଦୋଳନ ଜାରି ରହିଛି। ଏଥିରେ ଲେଫ୍ରିପଡା ଜିଆରଏସ୍ ଅମିତ୍ କୁମାର ଦାଶ୍, କୃଷ୍ଣଚନ୍ଦ୍ର ପଟେଲ, ଅଞ୍ଜନ ପଟେଲ, ଲଲିନ୍ଦ୍ର କୁଲୁ, ସୁରେନ୍ଦ୍ର ମାଝି, ମନୋଜ ପଟେଲ ପ୍ରମୁଖ ସାମିଲ ହୋଇଛନ୍ତି। ଅନ୍ୟପକ୍ଷରେ ସରକାରଙ୍କ ମହାତ୍ମାଗାନ୍ଧୀ ଜାତୀୟ୍ କର୍ମ ନିଯୁକ୍ତି ଯୋଜନାରେ ଗ୍ରାମାଞ୍ଚଳରେ ବିଭିନ୍ନ ଉନ୍ନୟନ କାର୍ଯ୍ୟ ଗ୍ରାମରୋଜଗାର ସେବକଙ୍କ ଭୂମିକା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ରହୁଥିବାରୁ ବର୍ତ୍ତମାନ ଆନ୍ଦୋଳନ ସକାଶେ ଦିଗହରା ହୋଇପଡିଛି।

### ସୁନ୍ଦରଗଡ ପୌର ପ୍ରଶାସକ ଦାୟିତ୍ୱରେ ରହିଲେ ଜିଲାପାଳ

**ସୁନ୍ଦରଗଡ, ୪।୧୨ (ଡି.ଏନ.ଏ)** -ରାଜ୍ୟର ୨୦ଟି ପୌର ପରିଷଦର ଗତ ୩ ତାରିଖରେ କାର୍ଯ୍ୟକାଳ ଶେଷ ହୋଇଛି। ପୌର ପରିଷଦକୁ ନିର୍ବାଚିତ ସଭ୍ୟମାନଙ୍କର ଅବଧି ଶେଷ ହେବା ପରେ ରାଜ୍ୟ ଗୃହ ଓ ସହରାଞ୍ଚଳ ଉନ୍ନୟନ ବିଭାଗ ପକ୍ଷରୁ ଚିଠି ନଂ. ୩୦୮ ୧୦ ତା ୩/୧୨/୨୦୧୮ ପ୍ରକାଶିତ ବିଜ୍ଞପ୍ତି ଅନୁଯାୟୀ ସୁନ୍ଦରଗଡ ପୌରପାଳିକା ପ୍ରଶାସକ ଭାବେ ଜିଲାପାଳଙ୍କୁ ଦାୟିତ୍ୱ ଗ୍ରହଣ କରିଛନ୍ତି। ସେହିପରି ଜିଲାର ବୀରମିତ୍ରପୁର ପୌର ପରିଷଦ ପ୍ରଶାସକ ଭାବେ ରାଉରକେଲା ଏଡିଏମ୍ ଏବଂ ରାଜଗାଙ୍ଗପୁର ପୌରପରିଷଦ ପ୍ରଶାସକ ଭାବେ ସୁନ୍ଦରଗଡ ସଦର ଉପଜିଲାପାଳ ଦାୟିତ୍ୱ ଗ୍ରହଣ କରିଛନ୍ତି।

# ଅଭିଯୋଗର ବର୍ଷେ ପରେ ଜଣେ ଅଟକ

- ଜନସେବା କେନ୍ଦ୍ରରୁ ଗ୍ରାହକଙ୍କ ୧୦ଲକ୍ଷରୁ ଉର୍ଦ୍ଧ୍ୱ ଟଙ୍କା ହେରଫେର
- ପୋଲିସ କିମ୍ବା ବ୍ୟାଙ୍କ ପକ୍ଷରୁ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ ନାହିଁ
- ଟଙ୍କା ଫେରସ୍ତ ପାଇବା ନେଇ ଚିନ୍ତାରେ ଛାତ୍ରୀଛାତ୍ର, ହିତାଧିକାରୀ

**ରାଜଗାଙ୍ଗପୁର/କୁତ୍ରା, ୪।୧୨ (ଡି.ଏନ.ଏ)**

ସୁନ୍ଦରଗଡ ଜିଲା କୁତ୍ରା ଥାନା ଅଧିନ ତୁନୁମୁରା ଗ୍ରାମରେ ଷ୍ଟେଟବ୍ୟାଙ୍କ ରାଜଗାଙ୍ଗପୁର ସ୍ୱୀକୃତ ଏକ ଜନସେବା କେନ୍ଦ୍ରରୁ ବ୍ୟାଙ୍କ ଖାତାଧାରୀଙ୍କ ଖାତାରୁ ୧୦ ଲକ୍ଷରୁ ଉର୍ଦ୍ଧ୍ୱ ଟଙ୍କା ଜନସେବା କେନ୍ଦ୍ରର କର୍ମଚାରୀ ଜୟକୁମାର ଲାକ୍ରା ଚଞ୍ଚକତା କରି ଉଠାଇ ନେଇଥିବା ଅଭିଯୋଗ ହୋଇଛି। ଅଭିଯୋଗର ଏକ ବର୍ଷ ପରେ ଜଣେ ବ୍ୟାଙ୍କ ଗ୍ରାହକଙ୍କ ଅଭିଯୋଗକୁ ଭିତ୍ତିକରି ଜଣେ ବ୍ୟକ୍ତିଙ୍କୁ ରାଜଗାଙ୍ଗପୁର ଥାନାରେ ଅଟକ ରଖାଯାଇଛି। କାର୍ଯ୍ୟାନୁଷ୍ଠାନ ବଦଳରେ ରାଜଗାଙ୍ଗପୁର ଷ୍ଟେଟ ବ୍ୟାଙ୍କ ଓ ବ୍ୟାଙ୍କର ଉଚ୍ଚ ଅଧିକାରୀ ନିରବଦ୍ରଷ୍ଟା ସାଜିଥିବା ଅଭିଯୋଗ ହୋଇଛି। ଟଙ୍କା ଫେରାଇବା ନେଇ ଛାତ୍ରୀଛାତ୍ର ଓ ଗରିବ ଇନ୍ଦିରାଆବାସ ହିତାଧିକାରୀ ଚିନ୍ତାଗ୍ରସ୍ତ ଥିବା ଜଣାପଡିଛି। ଘଟଣାରୁ ପ୍ରକାଶ ଯେ, କୁତ୍ରା ଥାନା ଅଧିନ ତନୁମୁରା ଗ୍ରାମ ପଞ୍ଚାୟତର ସଦର ମହକୁମା ତୁନୁମୁରାଠାରେ ରାଜଗାଙ୍ଗପୁର ଷ୍ଟେଟ ବ୍ୟାଙ୍କ ସ୍ୱିକୃତି ଏକ ଜନସେବା କେନ୍ଦ୍ର ରହିଛି। ଏହି କେନ୍ଦ୍ରକୁ ରାଜଗାଙ୍ଗପୁର ଥାନା ଅଧିନ ରଏକକଛାର ଗ୍ରାମର ଜୟକୁମାର ଲାକଡା ପରିଚାଳିତ କରୁଥିଲେ। ଏହି କେନ୍ଦ୍ରରେ ପାଖାପାଖି ୧ହଜାର ୫ଶହ ଗ୍ରାହକ ପାସ ବହି ଖୋଲି ଟଙ୍କା ନେଣଦେଣ କାର୍ଯ୍ୟ କରୁଥିଲେ। ହେଲେ ୨୦୧୭ ମସିହା ଜୁଲାଇ ୬ ତାରିଖ ରଏକକଛାର ଗ୍ରାମର ନକୁଳ ଲାକ୍ରାଙ୍କ ପାସ ବହିରେ ଇନ୍ଦିରାଆବାସ ଗୃହ ତିଆରି ପାଇଁ ଜମା ହୋଇଥିବା ବାଇଶ ହଜାର ଟଙ୍କା ତାଙ୍କ ଅଜାଣତରେ ପାସ ବହିରୁ କେହି ଉଠାଇ ନେଇଛନ୍ତି। ଏହା ଜାଣିପାରି ନକୁଳ ଜନସେବା କେନ୍ଦ୍ର କର୍ମଚାରୀ ଜୟକୁମାରଙ୍କୁ ଅଭିଯୋଗ କରିବା ପରେ ଜାଣିବାକୁ ପାଇଥିଲେ ଯେ, ସମ୍ବଲପୁର ଜିଲା ପିଣ୍ଡାପଥର ଜନସେବା କେନ୍ଦ୍ରଠାରୁ ତାଙ୍କ ଟଙ୍କା ସନ୍ତୋଷ ଏକ୍କା ନାମକ ଜଣେ ବ୍ୟକ୍ତିଙ୍କ ଆକାଉଣ୍ଟକୁ ଟ୍ରାନ୍ସଫର୍ କରାଯାଇଛି। ନକୁଳ ଏବାବଦରେ ରାଜଗାଙ୍ଗପୁର ଥାନା ଓ ରାଜଗାଙ୍ଗପୁର ଷ୍ଟେଟ ବ୍ୟାଙ୍କରେ ଅଭିଯୋଗ କରିଥିଲେ ମଧ ତାଙ୍କ ଅଭିଯୋଗ ଉପରେ କୌଣସି କାର୍ଯ୍ୟାନୁଷ୍ଠାନ ହୋଇ ନ ଥିବା ନକୁଳ ଅଭିଯୋଗ କରିଛନ୍ତି। ଏହାଛଡା ତୁନମୁରା ଜନସେବା କେନ୍ଦ୍ରରୁ ଶତାଧିକ ଜମାକାରୀଙ୍କ ପାସ ବହିରୁ ୧୦ ଲକ୍ଷରୁ ଉର୍ଦ୍ଧ୍ୱ ଟଙ୍କା ବିଭିନ୍ନ ଜନସେବା କେନ୍ଦ୍ରରୁ ବିଭିନ୍ନ ଲୋକଙ୍କ ନାମରେ ଟ୍ରାନ୍ସଫର୍ କରାଯାଇଥିବା ବେଳେ ବହୁ ଗ୍ରାହକଙ୍କ ଟଙ୍କାନିଜେ ଜୟକୁମାର ଉଠାଇ ନେଇଥିବା ଅଭିଯୋଗ ହୋଇଛି। ଏବାବଦରେ ରାଜଗାଙ୍ଗପୁର ଷ୍ଟେଟ ବ୍ୟାଙ୍କରେ ଅଭିଯୋଗ ହେବାପରେ ଜନସେବା କେନ୍ଦ୍ର ଜୟକୁମାରଙ୍କ ଲାଇସେନ୍ସକୁ ରଦ୍ଦ କରାଯିବା ବ୍ୟତିତ କୌଣସି ପଦକ୍ଷେପ ନିଆଯାଇ ନାହିଁ । ସବୁଠୁ ଆଶ୍ଚର୍ଯ୍ୟ ବିଷୟ ହେଲା ଯେ, ଜନସେବା କେନ୍ଦ୍ର ବନ୍ଦ ରହିଥିଲେ ମଧ ଏବେ ପର୍ଯ୍ୟନ୍ତ ବିଭିନ୍ନ ହିତାଧିକାରୀଙ୍କ ଜମା ଅଛି। ଟ୍ରାନ୍ସଫର୍ ଓ ଉଠାଣ ହେଉଅଛି। ଏନେଇ ରଏକକଛାର ଗ୍ରାମର ରବୀନ୍ଦ୍ର ଲାକ୍ରା ତାଙ୍କ ପାସ ବହି ଆକାଉଣ୍ଟରୁ ବିଭିନ୍ନ ସମୟରେ ନବେ ହଜାର ଟଙ୍କା ଅନ୍ୟ ଆକାଉଣ୍ଟକୁ ଟ୍ରାନ୍ସଫର୍ ହୋଇଥିବା ନେଇ ରାଜଗାଙ୍ଗପୁର ପୋଲିସରେ ଅଭିଯୋଗ କରିଛନ୍ତି। ପୋଲିସ ଏକ କେସ (ନଂ. ୩୧୨/୧୮) ରୁଜୁ କରି ଉକ୍ତ ଜନସେବା କେନ୍ଦ୍ରର କର୍ମଚାରୀ ରାଜକୁମାର ଲାକ୍ରାଙ୍କୁ ଥାନାରେ ଅଟକ ରଖି ତଦନ୍ତ କରୁଥିବା ଜଣାପଡିଛି। ଏନେଇ ରାଜଗାଙ୍ଗପୁର ଷ୍ଟେଟ ବ୍ୟାଙ୍କ ମ୍ୟାନେଜର ଶାଶାନ ଶେଖର ନାଏକଙ୍କୁ ପଚାରିବାରୁ ଏହି ଜନସେବା କେନ୍ଦ୍ର ଖୋଲିବା ପାଇଁ ଜିରୋ ମାଇକ୍ରୋଫାଇନାନ୍ସ ନାମକ ସ୍ୱେଚ୍ଛାସେବୀ ଅନୁଷ୍ଠାନକୁ ଅନୁମତି ଦିଆଯାଇଥିଲା । ତାଙ୍କ ଅଧିନରେ ଏହି ଜନସେବା କେନ୍ଦ୍ର ଚାଲୁଥିଲା । ଏଣୁ ଆମେ ଏବାବଦରେ ଉଚ୍ଚ ଅଧିକାରୀଙ୍କୁ ଜଣାଇ ଦେଇଛୁ । ଏହାଛଡାକି ପଦକ୍ଷେପ ନେଇଛନ୍ତି ଆମକୁ ଜଣାନାହିଁ ବୋଲି କହିଥିଲେ। ଏଠି ୧ ବର୍ଷ ହେବ ଷ୍ଟେଟ ବ୍ୟାଙ୍କର ଜନସେବା କେନ୍ଦ୍ରରୁ ଗରିବ ଲୋକଙ୍କ ତଥା ଛାତ୍ରୀଛାତ୍ରଙ୍କ ଭତ୍ତା ଟଙ୍କା ଚଞ୍ଚକତା କରି ଉଠାଇ ନେଇ ଯାଉଥିବାବେଳେ ପ୍ରଶାସନ କିମ୍ବା ଷ୍ଟେଟବ୍ୟାଙ୍କ ପକ୍ଷରୁ କୌଣସି ପଦକ୍ଷେପ ନେଉ ନ ଥିବା ଏକ ଚିନ୍ତାଜନକ ବିଷୟ ଅଟେ। ମଙ୍ଗଳବାର ମଧ କିଛି ବ୍ୟାଙ୍କ ଜମାକାରୀ ଥାନାରେ ଲିଖିତ ଅଭିଯୋଗ କରିବା ସାଙ୍ଗକୁ ସେମାନେ ବାଧ ହୋଇ ବ୍ୟାଙ୍କ ସମ୍ମୁଖରେ ଆନ୍ଦୋଳନ କରିବେ ବୋଲି ପ୍ରକାଶ କରିଛନ୍ତି । ଏଣୁ ଉଚ୍ଚ କର୍ତ୍ତୃପକ୍ଷ ଦୃଷ୍ଟିଦେବା ପାଇଁ ସାଧାରଣରେ ଦାବି ହେଉଛି ।

### ସୁନ୍ଦରଗଡ଼ ପୌର ପରିଷଦ କର୍ମଚାରୀ ସଂଘର ବୈଠକ

**ସୁନ୍ଦରଗଡ, ୪।୧୨ (ଡି.ଏନ୍.ଏ)**

ସୁନ୍ଦରଗଡ ପୌରପରିଷଦ କର୍ମଚାରୀ ସଂଘର ଏକ ବୈଠକ ସଂଘର ସଭାପତି ଆଶୋକ କୁମାର ଦାଶଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ପୌରପାଳିକାରେ ଚାଲିଥିବା ଘରୋଇକରଣ ପ୍ରକ୍ରିୟା ବନ୍ଦ କରାଯିବା, ସମସ୍ତ ପ୍ରକାର ବିକାଶମୂଳକ କାର୍ଯ୍ୟରେ ସ୍ୱଚ୍ଛତା ଅବଲମ୍ବନ, ବହୁବର୍ଷ ଧରି ଅସ୍ଥାୟୀ ଭାବେ କାର୍ଯ୍ୟ କରୁଥିବା କର୍ମଚାରୀଙ୍କର ଚାକିରିର ସ୍ଥାୟୀତ୍ୱ ଓ ନିୟମିତକରଣ, ମୃତ କର୍ମଚାରୀଙ୍କ ପରିବାର ବର୍ଗଙ୍କୁ ସମସ୍ତ ପ୍ରକାର ଦେୟ ପ୍ରଦାନ ସହିତ ଉତ୍ତରାଧିକାରୀଙ୍କୁ ଚାକିରୀ, ୧୫ବର୍ଷରୁ ଉର୍ଦ୍ଧ୍ୱ କାମକରିଆସୁଥିବା କର୍ମଚାରୀଙ୍କୁ ପ୍ରୋତ୍ସାହନ ଭତ୍ତା ପ୍ରଦାନ ସକାଶେ ପଦକ୍ଷେପ ନେବାକୁ ଦାବି ହୋଇଥିଲା । ସଭାରେ ସରକାରଙ୍କ ଚିଠି ନମ୍ବର ୧୯୯୧ ତା ୩୦/୧ /୨୦୧୮ କୁ ଉପସ୍ଥାପନ କରାଯାଇଥିଲା। ଏ ବାବଦରେ ପରିଷଦର ଏନଏମ୍ଆର / ଡିଏଲଆର କର୍ମଚାରୀମାନଙ୍କୁ ଦେବା ପାଇଁ ନିର୍ବାହୀ ଅଧିକାରୀଙ୍କୁ ଅନୁରୋଧ ଜରାଯାଇଥିଲା। ସଂଘ ସମ୍ପାଦକ ଜୟନ୍ତ କୁମାର ବିବରଣୀ ପାଠକରି ଧନ୍ୟବାଦ ଦେଇଥିଲେ।



ନିକୃଷ୍ଟମାନର ଚାଉଳ ବଦଳରେ ଭଲ ଦେବାକୁ ଦାବି କରୁଛନ୍ତି ଖାଉଟି।

# ନିମ୍ନମାନର ଚାଉଳ ଯୋଗାଣକୁ ବିରୋଧ

**ବଡ଼ଗାଁ, ୪।୧୨ (ଡି.ଏନ.ଏ)**

ସୁନ୍ଦରଗଡ଼ ଜିଲା ବଡ଼ଗାଁ ବ୍ଲକ ଅନ୍ତର୍ଗତ ଜରଙ୍ଗଲୋଇ ପଞ୍ଚାୟତକୁ ଖାଉଟିମାନଙ୍କ ପାଇଁ ଯୋଗାଣ ହୋଇଥିବା ନିମ୍ନମାନର ଚାଉଳ ନେବାକୁ ଖାଉଟିମାନେ ମନା କରିଦେଇଛନ୍ତି। ଏଭଳି ଚାଉଳ ଯୋଗାଣକୁ ବିରୋଧ କରି ସରପଞ୍ଚଙ୍କଠାରେ ଅଭିଯୋଗ କରିଛନ୍ତି। ମଙ୍ଗଳବାର ପଞ୍ଚାୟତ ଅଫିସକୁ ଯାଇଥିଲା ବେଳେ ଚାଉଳ ନେବାକୁ ଆସିଥିବା ବେହେରାମାଲ ଗ୍ରାମର ଖାଉଟି ଜନ ଡାଙ୍ଗୱାର, ଡିଲେଶ୍ୱର ଡନସନା, ଯଶୋଦା ଡନସନା, ତୁଳସୀ ରଉତିଆ, କୁଇଲି ଡନସନା, ଜରଙ୍ଗଲୋଇ ଗ୍ରାମର ମନିକର କୁଆଙ୍କ ସହିତ ୪୦ ଜଣ ଚାଉଳ ଖରାପ ଅଛି କହି ନେଇ ନ ଥିଲେ। ଏ ସମ୍ପର୍କରେ ଖାଉଟି ଦ୍ରବ୍ୟ ବଣ୍ଟନ ଦାୟିତ୍ୱରେ ଥିବା ଲବ ପ୍ରଧାନଙ୍କୁ ପଚାରିବାରେ ଚାଉଳ ନିକୃଷ୍ଟମାନର ଥିବାରୁ ଲୋକେ ନେଉନାହାନ୍ତି କହିଥିଲାବେଳେ ସରପଞ୍ଚ ଟଙ୍କଧର ନାଏକ, ଅନ୍ୟ ଚାଉଳ ଦେବା ପାଇଁ ଯୋଗାଣ ନିରୀକ୍ଷକଙ୍କୁ ଜଣାଇଥିବା କହିଛନ୍ତି। ଏହା ଉପରେ ଯୋଗାଣ ନିରୀକ୍ଷକ ଜଗଜିତ ସାହୁଙ୍କୁ ପଚାରିବାରେ ଦେଖିନାହିଁ, ଦେଖିଲାପରେ ପଦକ୍ଷେପ ନେବେ କହିଛନ୍ତି ।

### ତସହିଲଦାରଙ୍କ ଘରୁ ଚୋରି

**ରାଉରକେଲା ଅଫିସ,୪।୧୨**

ଉଦିତନଗରରେ ଥିବା ରାଉରକେଲା ତହସିଲଦାର ବିଶ୍ୱରଞ୍ଜନ ରଥଙ୍କ ସରକାରୀ ଭାସଭବନରୁ ସୋମବାର ରାତିରେ ଚୋରି ହୋଇଛି। ଦୁର୍ବୃତ୍ତମାନେ ଏକ ଟିଭି ସହ ବିଭିନ୍ନ ସାମଗ୍ରୀ ଚୋରି କରି ନେଇଥିବା ଉଦିତନଗର ଥାନାରେ ଅଭିଯୋଗ ହୋଇଛି। ତହସିଲଦାର ପଣ୍ଡାଙ୍କ ପରିବାର ଲୋକେ ଘରେ ଅନୁପସ୍ଥିତ ଥିବା ବେଳେ ଏଭଳି ଘଟଣା ଘଟିଥିବା ଜଣାପଡିଛି। ଅଭିଯୋଗକୁ ଭିତ୍ତି କରି ଉଦିତନଗର ଥାନା ପୋଲିସ ଏକ ମାମଲା ରୁଜୁ କରି ଘଟଣାର ଅଧିକ ତଦନ୍ତ ଚଳାଇଛି।

{ ଆଜି କ'ଣ କେଉଁଠି ସ୍ତମ୍ଭରେ କୌଣସି କାର୍ଯ୍ୟକ୍ରମ ସ୍ଥାନିତ କରିବାକୁ ଚାହୁଁଥିଲେ ସମ୍ପୂର୍ଣ୍ଣ ବିବରଣୀ ସହ ନିକଟସ୍ଥ ଧରିତ୍ରୀ ପ୍ରତିନିଧି କିମ୍ବା କାର୍ଯ୍ୟାଳୟ ସହ ଯୋଗାଯୋଗ କରନ୍ତୁ। }

# କେନ୍ଦ୍ରମନ୍ତ୍ରୀଙ୍କ ଦ୍ୱାରା ବିଭିନ୍ନ ପ୍ରକଳ୍ପ ଉଦ୍‌ଘାଟିତ

**ଲହୁଣୀପଡା, ୪।୧୨ (ଡି.ଏନ.ଏ)**

କେନ୍ଦ୍ର ଆଦିବାସୀ ବ୍ୟାପାରମନ୍ତ୍ରୀ ଜୁଏଲ ଓରାମ ମଙ୍ଗଳବାର ଲହୁଣୀପଡା ଗସ୍ତକରି ବିଭିନ୍ନ କାର୍ଯ୍ୟକ୍ରମରେ ଯୋଗଦେଇ ନୂତନ ପ୍ରକଳ୍ପର ଉଦ୍‌ଘାଟନ କରିଛନ୍ତି। ମଙ୍ଗଳବାର ମଧ୍ୟାହ୍ନ ପ୍ରାୟ ୧ଟା ବେଳେ ହେଲିକେପ୍ଟର ଯୋଗେ ଆସି କଲେଇପୋଷ ପଞ୍ଚାୟତ ପରାଗପୋଷଠାରେ ଥିବା ଆଦର୍ଶ ବିଦ୍ୟାଳୟ ପଡିଆରେ ଓହ୍ଲାଇଥିଲେ । ସେଠାରେ ତାଙ୍କୁ ଫୁଲତୋଡା ଦେଇ ସ୍ୱାଗତ କରିଥିଲେ। ସେଠାରୁ ଓରାମ ଆଦର୍ଶ ବିଦ୍ୟାଳୟକୁ ପରିଦର୍ଶନ କରି ବିଭିନ୍ନ ସମସ୍ୟା ଉପରେ ପଚାରି ବୁଝିଥିଲେ। ପରେ ନିଜ ଗ୍ରାମ କେନ୍ଦୁଡିହିଠାରେ ନବନିର୍ମିତ କଲ୍ୟାଣ ମଣ୍ଡପକୁ ଆନୁଷ୍ଠାନିକ ଭାବେ ଉଦଘାଟନ କରିଥିଲେ। କଲେଇପୋଷ ପ୍ରାଥମିକ ବିଦ୍ୟାଳୟରେ ନିର୍ମିତ ପାଚେରିକୁ ଉଦଘାଟନ କରିଥିବା ବେଳେ କୁଡେଇକଳା ପଞ୍ଚାୟତ ବିଲେଇପଡାଠାରେ ନବନିର୍ମିତ ୫ଲକ୍ଷ ଟଙ୍କା ବିନିମୟରେ ଏକ ଗୋଷ୍ଠୀ କେନ୍ଦ୍ରକୁ ଉଦ୍‌ଘାଟନ କରିଥିଲେ। ଏହି ଉଦଘାଟନୀ ଓ ପରିଦର୍ଶନ ସମୟରେ ଲହୁଣୀପଡା ବିଡିଓ ଥାନାଇଚରଣ ଟୁଡୁ, ସହକାରୀ ଯନ୍ତ୍ରୀ ଦୁର୍ଯ୍ୟୋଧନ କିଷାନ, ବିଇଓ ଆହ୍ଲାଦିନି ନାଏକ, କନିଷ୍ଠ ଯନ୍ତ୍ରୀ ଜେନାମଣି ପାଣ୍ଡେଙ୍କ ସମେତ ଦଳୀୟ କର୍ମକର୍ତ୍ତା ଜଗନ୍ନାଥ ମାହାନ୍ତ, ଅନୀଲ ବାର୍ଲା, ଲୁଥାର ଓରାମ, ଲକ୍ଷ୍ମଣ ନାଏକ, ଉପେନ୍ଦ୍ର ବେହେରା, ସେବତୀ ନାଏକ, ଉତ୍ତମ କିଷାନ ପ୍ରମୁଖ ଉପସ୍ଥିତ ଥିବା ଦେଖିବାକୁ ମିଳିଥିଲା ।



କେନ୍ଦ୍ର ଆଦିବାସୀ ବ୍ୟାପାରମନ୍ତ୍ରୀ ଜୁଏଲ ଓରାମ ନୂତନ ପ୍ରକଳ୍ପ ଉଦ୍‌ଘାଟନ କରୁଛନ୍ତି।

# ବିଦ୍ୟୁତ୍ ତାର ସଂଯୋଗ କରି ଫାଶ ପକାଇଥିବା ଅଭିଯୋଗ, ଜଣେ ଗିରଫ

**ହେମଗିର, ୪।୧୨ (ଡି.ଏନ.ଏ)**

ହେମଗିର ବ୍ଲକର ଡୁଲିଙ୍ଗା ଗ୍ରାମରେ ଗତ ୧ ତାରିଖ ରାତିରେ ବିଦ୍ୟୁତ ତାର ସଂଯୋଗ କରି ବାର୍‌ହା ଫାଶ ପକାଇଥିବା ଅଭିଯୋଗରେ ବନବିଭାଗ ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି । ଗତ ୧ ତାରିଖ ରାତ୍ରିରେ ଡୁଲିଙ୍ଗା ଗ୍ରାମର ବୁଡୁରମୁଣ୍ଡାଠାରେ ୧୧ କେଭି ବିଦ୍ୟୁତ ତାର ସଂଯୋଗ କରି ସେହି ଗ୍ରାମର ତ୍ରିଲୋଚନ ଗିଧଲି (୪୦) ବାରହା ଫାଶ ବିଛାଇଥିଲେ । ସେହିଦିନ ରାତ୍ରି ପ୍ରାୟ ୭ଟାରେ ଡୁଲିଙ୍ଗା ଗ୍ରାମର ପଦ୍ମଲୋଚନ ରାଉତ (୨୫) ଓ ପିଣ୍ଟୁ ଭୋଏ (୧୮) ଚଢ଼େଇ ଶିକାର ପାଇଁ ସେ ପଟକୁ ଯାଇଥିଲେ। ସେମାନେ ରାତିରେ ଜାଣି ନ ପାରି ବିଦ୍ୟୁତ ତାରରେ ତାଙ୍କ ଗୋଡ ଛନ୍ଦି ହେବାରୁ ସେଠାରେ ପଦ୍ମଲୋଚନ ରାଉତ ଗଭୀର ଭାବେ ଆହତ ହୋଇଥିଲେ । ତାଙ୍କ ପଛରେ ପିଣ୍ଟୁ ଭୋଏ ମଧ ତାର ସଂଯୋଗରେ ଆସି ସେ ମଧ ଆହତ ହୋଇଥିଲେ । ଏହି ଖବର ପାଇ ହେମଗିର ରେଞ୍ଜର ଏଚ ଚୌଧୁରୀ ଓ ଗୋପାଳପୁର ରେଞ୍ଜର ବିଜୟ କୁମାର ମହାପାତ୍ର ତଥା ହେମଗିର ପୋଲିସ ଘଟଣାସ୍ଥଳରେ ପହଞ୍ଚି ଅନୁସନ୍ଧାନ ଆରମ୍ଭ କରିଥିଲେ। ଘଟଣା ସ୍ଥଳରୁ ଦୁଇଟି ଟର୍ଚ୍ଚ, ଏକ ମୋବାଇଲ ଓ ଏକ ଗୁଲେଲ ଜବତ କରାଯାଇଥିଲା। ବନ ବିଭାଗ ପକ୍ଷରୁ ଅନୁସନ୍ଧାନ ଦ୍ୱାରା ତ୍ରିଲୋଚନ ଗିଧଲିର ଘର ଉପରେ ଚଢ଼ାଉ କରି ବାରହା ଫାଶରେ ବ୍ୟବହୃତ ହେଉଥିବା ବହୁ ପରିମାଣର ବିଅର ବୋତଲ ଜବତ କରିଥିଲେ । ଏହାକୁ ଦେଖି ରେଞ୍ଜର ବିଜୟ କୁମାର ମହାପାତ୍ର, ଫରେଷ୍ଟର ସନ୍ଧ୍ୟା ନାଏକ, ଫରେଷ୍ଟ ଗାର୍ଡ ମାନସରଞ୍ଜନ ନାଏକ ତଥା ଗ୍ରାମର ୱାର୍ଡ ମେମ୍ବର ଅହଲ୍ୟା ଭୋଏଙ୍କ ଉପସ୍ଥିତିରେ ତ୍ରିଲୋଚନ ଗିଧଲିଙ୍କୁ ଗିରଫ କରିଥିଲେ। ଏନେଇ ଜଙ୍ଗଲ ଆଇନ ଅନୁଯାଇ କେସ ନଂ. ଓଆର୍ ୧୬୫ (ଜି) ଅଫ୍ ୧୧, ୨୦୧୮-୧୯ ରୁଜୁ କରାଯାଇ କୋର୍ଟ ଚାଲାଣ କରାଯାଇଛି । ଏଥିରେ ସମ୍ପୃକ୍ତ ଥିବା ଅନ୍ୟ ଅଭିଯୁକ୍ତଙ୍କୁ ଧରିବା ପାଇଁ ବନ ବିଭାଗ ଅନୁସନ୍ଧାନ ଜାରି ରଖି ରାତି ପାଟ୍ରୋଲିଂ କରାଯାଉଛି।

### ହାତୀପଲ ଉପଦ୍ରବ: ଫସଲହାନି

**ବାଲିଶଙ୍କରା, ୪।୧୨ (ଡି.ଏନ.ଏ)**-ସୁନ୍ଦରଗଡ଼ ଜିଲା ଉଜ୍ଜଳପୁର ରେଞ୍ଜ ଅନ୍ତର୍ଗତ କିଞ୍ଜିରକେଲା ସେକ୍ସନ୍‌ର ତିଲଡେଗା, କିନିକିବନ୍ଦ, ଗାଇଡେଗା, ବନ୍ଦବାହାଲ ଗ୍ରାମରେ ୮ଦିନ ଧରି ବଣୁଆଁ ହାତୀପଲ ଉପଦ୍ରବ ଚଳାଇଛନ୍ତି। ସିମାନ୍ତ ଛତିଶଗଡ ରାଜ୍ୟପଟରୁ ପ୍ରବେଶ କରି ତିଲଡେଗା ଗ୍ରାମର ପଞ୍ଚମ ବେହେରା, ଭୁବନ ସାହୁ, ଗୁରୁ ଭୋଇ, ଶୁରେଶ୍ୱର ଭୋଇ, ଦୁବରାଜ ଖଡିଆ, ବିପିଲାଶ ସାହୁ, ବିମଳ ଭିତ୍ରିଆ, କୈଳାଶ ସାହୁ, କେଦାର ସାହୁ, ବୈଦେହି ସାହୁ, ଦେବେନ୍ଦ୍ର ସାହୁ, ରତନ ସାହୁ, ସର୍ବେଶ୍ୱର ପ୍ରମୁଖ ଅନେକ ଚାଷୀଙ୍କ ଧାନ ବିଲରେ ପଶି ମାଡିଦଳି ସମ୍ପୂର୍ଣ୍ଣ ନଷ୍ଟ କରି ଦେଲେଣି । ଜଙ୍ଗଲ ବିଭାଗ ତରଫରୁ ଚାଷୀଙ୍କୁ ଏକର ପ୍ରତି ୨ହଜାରରୁ ୩ହଜାର କ୍ଷତିପୂରଣ ଦେଇଦେଲେ କଥାଶେଷ। କିଞ୍ଜିରକେଲା ସେକ୍ସନରେ ୩ରୁ ୪ଟି ଫରେଷ୍ଟ ଗାର୍ଡ ଅଛନ୍ତି । ସେମାନେ ରାତ୍ରି ସାରା ଅନିଦ୍ରା ହୋଇ ହାତୀପଲଙ୍କୁ ଘଉଡାଇ ବାରେ ବିଫଳ ହେଉଛି । ବନ ବିଭାଗ ତରଫରୁ ହାତୀ ଘଉଡାଇବା ପାଇଁ ବିଭିନ୍ନ ପ୍ରକାର ଲାଇଟ ଓ ଟାଫ ବଢ଼ାଇଲେ ଯାଇ ହାତୀ ଅଞ୍ଚଳରୁ ତଡି ପାରିବେ ବୋଲି ଚାଷୀମାନେ କହିଛନ୍ତି ।

# କାଦଡିହା ଫୁଟବଲ ଟୁର୍ଣ୍ଣାମେଣ୍ଟ: ରକଷ୍ଟାର ଚାମ୍ପିୟନ

**ଟେନସା, ୪।୧୨ (ଡି.ଏନ.ଏ)**

ସୁନ୍ଦରଗଡ ଜିଲା କୋଇଡା ବ୍ଲକ କାଦଡିହାଠାରେ ଚାଲିଥିବା ଫୁଟବଲ ଟୁର୍ଣ୍ଣାମେଣ୍ଟ ଗତ ରବିବାର ଉଦ୍‌ଯାପିତ ହୋଇଯାଇଛି। କାଦଡିହା ସ୍ପୋର୍ଟିଂ କ୍ଲବ ଆନୁକୂଲ୍ୟରେ ଚାଲିଥିବା ଏହି ଟୁର୍ଣ୍ଣାମେଣ୍ଟରେ ପାରିପାର୍ଶ୍ୱିକ ଅଞ୍ଚଳର ୩୨ଟି ଦଳ ଅଂଶଗ୍ରହଣ କରିଥିଲେ । ଶେଷ ଫାଇନାଲ ମ୍ୟାଚ ରକଷ୍ଟାର ଓ କୋଇଡାର ଭେଟରାନ୍ ମଧ୍ୟରେ ଅନୁଷ୍ଠିତ ହୋଇଥିଲା । ଏହି ମ୍ୟାଚରେ ୨-୦ ଗୋଲରେ ରକଷ୍ଟାର ବିଜୟ ହୋଇଥିଲା । ଲୋକଙ୍କ ମନୋରଞ୍ଜନ ପାଇଁ ଏକ ମହିଳା ଫୁଟବଲ ଟୁର୍ଣ୍ଣାମେଣ୍ଟ ଅନୁଷ୍ଠିତ ହୋଇଥିଲା । ତ୍ରିବେଣୀ ଓ କାଦଡିହା ମହିଳା ଫୁଟବଲ ମ୍ୟାଚରେ ତ୍ରିବେଣୀ ବିଜୟ ହୋଇଥିଲା। ପୁରସ୍କାର ବିତରଣ ଉତ୍ସବରେ ମୁଖ୍ୟଅତିଥି ଭାବେ ସନ୍ଧ୍ୟାରାଣୀ ନାଏକ, ସମ୍ମାନିତ ଅତିଥି ଭାବେ ଏସଏଲ ମାଇନିଂର ନିହାର ଦାସ ପଟ୍ଟନାୟକ, ଦଧିମତି ଟ୍ରାନ୍ସପୋର୍ଟର୍ ପରିଚାଳକ ଦିଲୀପ କୁମାର ଶର୍ମା, ଯୁବ ବିଜେଡି ନେତା ଦୁର୍ଯ୍ୟୋଧନ ନାଏକ, ବିନୋଦ ପତିକାର ପ୍ରମୁଖ ଯୋଗଦେଇଥିଲେ। ବେଷ୍ଟ ଗୋଲ କିପର, ବେଷ୍ଟ ଟିମ୍, ବେଷ୍ଟ ଖେଳାଳିଙ୍କୁ ପୁରସ୍କାର କରାଯାଇଥିଲା । ବିଜେତା ଦଳକୁ ଟ୍ରଫି ସମେତ ୧୦ ହଜାର ଟଙ୍କା, ଉପବିଜେତା ଦଳକୁ ଟ୍ରଫି ସମେତ ୮ହଜାର ଟଙ୍କା ପୁରସ୍କାର ପ୍ରଦାନ କରାଯାଇଥିଲା । ସମସ୍ତ ଖେଳକୁ ଦିଲୀପ କୁମାର ପାତ୍ର ଅଧକ୍ଷତା କରିଥିବା ବେଳେ କାଦଡିହା ସ୍ପୋଟିଂର କର୍ମକର୍ତ୍ତାମାନେ ପରିଚାଳନା କରିଥିଲେ ।



କାଦଡିହା ଫୁଟବଲ ଟୁର୍ଣ୍ଣାମେଣ୍ଟର ଉଦଯାପନୀରେ ଖେଳାଳିଙ୍କ ସହ ଅତିଥି।

# ଜିଲାପାଳଙ୍କ ଯୁଗ୍ମ ଅଭିଯୋଗ ଶୁଣାଣି ଶିବିର

- ୩୫ରୁ ଉର୍ଦ୍ଧ୍ୱ କଲେ ଅଭିଯୋଗ
- ରାସ୍ତା ଖରାପରୁ ୮ଟି ପଞ୍ଚାୟତ ଯୋଗଦେଇ ପାରିଲେ ନାହିଁ

**ଟେନ୍‌ସା,୪।୧୨(ଡି.ଏନ.ଏ**

କୋଇଡା ବ୍ଲକ ପରିସରରେ ସୋମବାର ଜିଲାପାଳଙ୍କ ଯୁଗ୍ମ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ଏଥିରେ ସୁନ୍ଦରଗଡ଼ ଜିଲାପାଳ ସୁରେନ୍ଦ୍ର କୁମାର ମୀନା ଉପସ୍ଥିତ ରହି ଅଭିଯୋଗର ଶୁଣାଣି କରିଥିଲେ। ଶିବିରରେ କୋଇଡା ଅଞ୍ଚଳର ୩୫ରୁ ଉର୍ଦ୍ଧ୍ୱ ଅଭିଯୋଗ ପତ୍ର ଦାଖଲ ହୋଇଥିଲେ। ଗ୍ରାମବାସୀମାନେ ଅଭିଯୋଗ କରିଥିଲେ ଯେ, କୋଇଡା ଭାୟା ଟେନସା ଦେଇ ଯାଇଥିବା କଲେଇପୋଷ ରାସ୍ତା ଏବଂ କୋଇଡା ଭାୟା କାଲଟା-କ.ବଲାଙ୍ଗ ଦେଇ ଲହୁଣୀପଡାକୁ ସଂଯୋଗ କରୁଥିବା ରାସ୍ତା ଶୋଚନୀୟ ହୋଇପଡଛି। ଏହାର ତୁରନ୍ତ ମରାମତି କରିବାକୁ ଦାବି କରିଥିଲେ। ଏପରି କି ପାଟମୁଣ୍ଡାଠାରେ ଥିବା ପାନୀୟଜଳ ପ୍ରକଳ୍ପ ଅଚଳ ହୋଇପଡିଥିବା ଅଭିଯୋଗ ହୋଇଥିଲା। ସମାଜସେବୀ ଲକ୍ଷ୍ମୀନାରାୟଣ ଜସୱାଲ ଅଭିଯୋଗ କରି କହିଲେ ଯେ, ରାସ୍ତାରେ ଅଧିକ ପରିବହନ କରୁଥିବା ଜାନବାହାନଗୁଡିକ ଚଳାଚଳ କରୁଛି। ଫଳରେ ରାସ୍ତାଗୁଡିକ ଖରାପ ହୋଇଯାଉଛି। ଏଥିପ୍ରତି ଜିଲା ପ୍ରଶାସନ ଦୃଷ୍ଟି ଦେବାକୁ ନିବେଦନ କରିଥିଲେ। ଅନ୍ୟପକ୍ଷେ କୋଇଡା-ଟେନସା ରାସ୍ତର ତୁରନ୍ତ ନିର୍ମାଣ କରିବାକୁ ଜିଲାପାଳ ମୀନା ପୂର୍ତ୍ତବିଭାଗ ଏସ୍‌ଡିଓଙ୍କୁ ନିର୍ଦ୍ଦେଶ ଦେଇଥିଲେ। କୋଇଡାର ପୂର୍ବତନ ସମିତି ସଭ୍ୟ ଜନ ଡୁଙ୍ଗଡୁଙ୍ଗ କୋଇଡାଠାରେ ନୂତନ ଖେଳ ପଡ଼ିଆ ନିର୍ମାଣ ଏବଂ ପାର୍କିଂ ବ୍ୟବସ୍ଥା କରିବାକୁ ଲିଖିତ ଭାବେ ଅଭିଯୋଗ କରିଥିଲେ । ସେହିପରି କୋଇଡା ସରପଞ୍ଚ ସନ୍ଧ୍ୟାରାଣୀ ନାଏକ, ଟେନସା ସରପଞ୍ଚ ଅନୀତା ପୂର୍ତ୍ତି, କୋଇଡା ବ୍ଲକ ଅଧକ୍ଷ ରୀନାରାଣୀ କୁମୁଣ୍ଡିଆଲଙ୍କ ସମେତ ବଣେଇଁ ଉପଜିଲାପାଳ, କୋଇଡା ଗୋଷ୍ଠୀ ଉନ୍ନୟନ ଅଧିକାରୀ, ରାଉରକେଲା ଅତିରିକ୍ତ ଏସ୍‌ପି, କୋଇଡା ତହସିଲଦାର, ମୁଖ୍ୟ ଜିଲା ସ୍ୱାସ୍ଥ୍ୟ ଅଧିକାରୀଙ୍କ ସମେତ ସମସ୍ତ ବିଭାଗର ଅଧିକାରୀମାନେ ଯୋଗ ଦେଇଥିଲେ। ଅନ୍ୟପକ୍ଷେ ୮ଟି ପଞ୍ଚାୟତର ଲୋକେ ରାସ୍ତା ଖରାପ ଯୋଗୁ ଶିବିରରେ ଯୋଗଦେଇ ପାରି ନ ଥିବା ଅଭିଯୋଗ ହୋଇଛି।



ସତ୍ୟ, ନିଷ୍ଠା, ଦୟା, କ୍ଷମା ସଂସାରରେ ସାର ଜିନିଷ ଅଟେ। ଏହା ଆଚରଣ କରୁ ନ ଥିବା ବ୍ୟକ୍ତିର ଜନ୍ମ ବିଫଳ। ଏଥିରେ ସନ୍ଦେହ ନାହିଁ।
-ଶ୍ରୀ ଅଭିରାମ ପରମହଂସ



## ସଂକ୍ଷେପରେ



### କ୍ୱାର୍ଟର୍ସରେ ନିଆଁ ଲଗାଇ ସ୍କୁଟି ପୋଡିଲେ ଦୁର୍ବୃତ୍ତ

ଲଖନପୁର,୪।୧୨(ଡି.ଏନ୍.ଏ)- ଝାରସୁଗୁଡ଼ା ଜିଲା ବେଲପାହାଡ଼ ରେଞ୍ଜ ବାଘମୁଣ୍ଡା ଫରେଷ୍ଟ ଅଧୀନରେ କାର୍ଯ୍ୟରତ ମହିଳା ଫରେଷ୍ଟଗାର୍ଡ ସାରଥୀ କାଲୋ ଟାଙ୍ଗରପାଲି ଗ୍ରାମର ବନ ବିଭାଗ କ୍ୱାର୍ଟର୍ସରେ ରହି ଯମୁନା ଫରେଷ୍ଟ ଗାର୍ଡ ଭାବେ କାମ କରୁଛନ୍ତି। ତାଙ୍କ ଅନୁପସ୍ଥିତିର ସୁଯୋଗନେଇ ଦୁର୍ବୃତ୍ତମାନେ ଗତ ସୋମବାର ରାତିରେ କ୍ୱାର୍ଟସରେ ନିଆଁ ଲାଗାଇ ଦେଇଛନ୍ତି। ଫଳରେ ଘରେ ଥିବା ଆସବାପତ୍ର ସହ ଏକ ସ୍କୁଟି(ନଂ.ଓଡି୨୩ସି ୬୧୭୩) ପୋଡି ପାଉଁଶ ହୋଇଯାଇଛି। ଏନେଇ ଫରେଷ୍ଟଗାର୍ଡ କାଲୋ ମଙ୍ଗଳବାର ଲଖନପୁର ଥାନାରେ ଅଭିଯୋଗ କରିଛନ୍ତି। ପୋଲିସ ଗ୍ରାମରେ ପହଞ୍ଚି ତଦନ୍ତ କରି ଫେରିଛି । ଏନେଇ ଲଖନପୁର ଥାନାରେ ଏକ ମାମଲା ରୁଜୁ ହୋଇଛି। ଫରେଷ୍ଟଗାର୍ଡ କାଲୋଙ୍କ ଦେହ ଅସୁସ୍ଥ ଥିବାରୁ ଚିକିତ୍ସା ପାଇଁ ବୁର୍ଲା ଯାଇଥିଲେ। ଏହାର ସୁଯୋଗନେଇ ଦୁର୍ବୃତ୍ତମାନେ ଘର ନିଆଁ ଲଗାଇ ଦେଇଥିଲେ।

### ମହିଳାଙ୍କ ପକ୍ଷରୁ ବଳାତ୍କାର ଅଭିଯୋଗ: ବେଲପାହାଡ଼ ଥାନାରେ ମାମଲା ରୁଜୁ

ବେଲପାହାଡ଼,୪।୧୨(ଡି.ଏନ୍.ଏ.)- ଝାରସୁଗୁଡ଼ା ଜିଲା ବେଲପାହାଡ଼ ଥାନାରେ ସୋମବାର ଜଣେ ବିବାହିତା ମହିଳା ଜଣେ ବିବାହିତା ବ୍ୟକ୍ତିଙ୍କ ବିରୋଧରେ ବଳାତ୍କାର ଅଭିଯୋଗ କରିବା ସହ ଜୀବନରେ ମାରିଦେବାର ଧମକ ଦେଇଥିବା ଅଭିଯୋଗ କରିଛନ୍ତି। ଅଭିଯୋଗକୁ ଭତ୍ତି କରି ପୋଲିସ ଦଫା ୩୭୬, ୨୯୪, ୩୨୩, ୫୦୬ ଓ ୩୪ ଆଇପିସିରେ ଏକ ମାମଲା (ନଂ.୨୦୭/୨୦୧୮) ରୁଜୁ କରିଛି। ଅନ୍ୟ ପକ୍ଷେ ସମ୍ପୃକ୍ତ ବ୍ୟକ୍ତିଙ୍କ ସ୍ତ୍ରୀ ମଧ ପାଲଟା ଏକ ଅଭିଯୋଗ କରିଛନ୍ତି। ପୋଲିସ ଅଭିଯୋଗକୁ ଭତ୍ତି କରି ଦଫା ୨୯୪, ୩୨୩, ୩୫୪(ବି), ୩୭୯, ୫୦୬, ୫୦୯ ଓ ୩୪ରେ ଅନ୍ୟ ଏକ ମାମଲା ରୁଜୁ କରିଛି। ହେଲେ ପୋଲିସ କାହାରିକୁ ଗିରଫ କରି ନାହିଁ। ଏନେଇ ବେଲପାହାଡ଼ ଥାନା ଏସ୍ଆଇ ତଥା ମାମଲାର ତଦନ୍ତ ଅଧିକାରୀ ବି.କେ.ବେକ୍ଙ୍କୁ ପଚରାଯିବାରୁ ମଙ୍ଗଳବାର ପୀଡ଼ିତାଙ୍କୁ ଡାକ୍ତରୀ ମାଇନା ପାଇଁ ଝାରସୁଗୁଡ଼ା ମୁଖ୍ୟ ଚିକିତ୍ସାଳୟକୁ ପଠାଯାଇଛି। ଏନେଇ ପୋଲିସ ଘଟଣାର ତଦନ୍ତ ଚଳାଇଛି।

■ ଝାରସୁଗୁଡ଼ାର ବିକାଶ ପାଇଁ ଚକ୍ରଧରପୁରରେ ଆଲୋଚନା

# ୧୦୦ କୋଟିର ରେଳ ଭିତ୍ତିଭୂମି ପ୍ରକଳ୍ପ ପ୍ରସ୍ତାବ

ଝାରସୁଗୁଡ଼ା ଅଫିସ,୪।୧୨

ଝାରସୁଗୁଡା ସହର ରେଳ ଲାଇନ୍ ଜାଲରେ ଛନ୍ଦି ହୋଇପଡ଼ିଛି। ବର୍ଦ୍ଧିତ ଜନସଂଖ୍ୟା କାରଣରୁ ସହରର ସମ୍ପ୍ରସାରଣ ଆବଶ୍ୟକ ଥିଲେ ସୁଦ୍ଧା ସହରର ଚତୁଃପାର୍ଶ୍ୱରେ ଥିବା ରେଳଧାରଣା ଏଥିରେ ବାଧକ ସାଜିଛି। ତେଣୁ ସହରର ବିକାଶ ପାଇଁ ରେଲୱେ ଓଭରବ୍ରିଜ୍ ନିର୍ମାଣ ସହ ବିକଳ୍ପ ବ୍ୟବସ୍ଥା ଜରୁରୀ ହୋଇଥିବାବେଳେ ଏହାର ସମାଧାନ ପାଇଁ ମଙ୍ଗଳବାର ଦକ୍ଷିଣ-ପୂର୍ବ ରେଲୱେର ଚକ୍ରଧରପୁର ଡିଭିଜନଠାରେ ଏକ ବୈଠକ ବସି ଆଲୋଚନା ହୋଇଥିଲା। ପ୍ରମୁଖ ପ୍ରସଙ୍ଗ ମଧ୍ୟରେ ଚୌକିପଡ଼ା ଏବଂ ବାଲିଯୋରୀ ରେଲୱେ ଓଭରବ୍ରିଜ ନିର୍ମାଣ ପାଇଁ ପ୍ରକ୍ରିୟା ତ୍ୱରାନ୍ୱିତ କରିବାକୁ ରେଳ ଅଧିକାରୀଙ୍କୁ ଅନୁରୋଧ କରାଯାଇଛି। ତେବେ ଚୌକିପଡ଼ା ଓଭରବ୍ରିଜ୍ ପାଇଁ ରାଜ୍ୟ ସରକାର ଖର୍ଚ୍ଚ ବହନ କରିବାକୁ ଥିବାରୁ ଏହାର ପ୍ଲାନ୍ ଏବଂ ପ୍ରକଳ୍ପ ରିପୋର୍ଟ ପ୍ରସ୍ତୁତ କରିବାକୁ ଚକ୍ରଧରପୁର ଡିଆଏମ୍ ପୂର୍ତ୍ତ ବିଭାଗ ଏବଂ ରେଳ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ସେହିପରି ବାଲିଯୋରୀ ଓଭରବ୍ରିଜ୍ ପାଇଁ ସ୍ଥିତି ଅନୁଧ୍ୟାନ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ଏହାସହ ମୁଖ୍ୟ ଷ୍ଟେଶନର ପ୍ଲାଟଫର୍ମ ନିର୍ମାଣ, ରେଲୱେ ଜମିରେ ବସଷ୍ଟାଣ୍ଡଠାରୁ ଝାରସୁଗୁଡ଼ା ରୋଡ୍ ଷ୍ଟେଶନ ଯାଏ ରାସ୍ତା ନିର୍ମାଣ ସମେତ ୧୦୦ କୋଟିରୁ ଅଧିକ ଟଙ୍କାର ପ୍ରକଳ୍ପ ପାଇଁ ପ୍ରସ୍ତାବ ଦିଆଯାଇଛି। ଚକ୍ରଧରପୁର ଡିଭିଜନ ଅଫିସରେ ହୋଇଥିବା ଏହି ବୈଠକରେ ଡିଆରଏମ୍ ଏବଂ ରେଳ ବିଭାଗର ଅଧିକାରୀଙ୍କ ସମେତ ଝାରସୁଗୁଡ଼ା ବିଧାୟକ ନବକିଶୋର ଦାସ, ଜିଲାପାଳ ବିଭୂତି ଭୂଷଣ ପଟ୍ଟନାୟକ, ପୌର ନିର୍ବାହୀ ଅଧିକାରୀ ରାମଚନ୍ଦ୍ର ପ୍ରଧାନ, ପିଣ୍ଟୁ ପାଢ଼ୀ, ହୀରାଲାଲ ଲୋକଚନ୍ଦାନୀ, ରମେଶ ଗାନ୍ଧୀ, ବାଲଗୋବିନ୍ଦ ଓ ଅନ୍ୟମାନେ ଉପସ୍ଥିତ ଥିଲେ।




ଡିଆରଏମ୍ ଅଫିସରେ ଅନୁଷ୍ଠିତ ଉଚ୍ଚସ୍ତରୀୟ ବୈଠକରେ ଯୋଗଦେଇଥିବା ଅଧିକାରୀ ଓ ଅନ୍ୟମାନେ।

# ଓପିଜିସି ପକ୍ଷରୁ ସୁରକ୍ଷା ସମ୍ପର୍କରେ ସଚେତନତା

ଲଖନପୁର,୪।୧୨(ଡି.ଏନ୍.ଏ)

ଓଡ଼ିଶା ବିଦ୍ୟୁତ୍ ଉତ୍ପାଦନ ନିଗମ(ଓପିଜିସି)ର ଏମ୍ଜିଆର୍ ବିଭାଗ ପକ୍ଷରୁ ମଙ୍ଗଳବାର ରେଳଫାଟକ ସୁରକ୍ଷା ସମ୍ପର୍କରେ ତେଲେନପାଲି, ରେଲୱପଡ଼ା ଏବଂ କୁଶ୍ରାଲୋଇ ଆଦି ଗ୍ରାମବାସୀଙ୍କୁ ସଚେତନତା କରାଯାଇଛି। କମ୍ପାନୀର କଞ୍ଚାମାଲ କୋଇଲା ପରିବହନ ପାଇଁ ନିଜସ୍ୱ ରେଳଲାଇନ୍ ରହିଛି। ଏଥିରେ ରେଳ ଯୋଗେ ଏମ୍ସିଏଲ୍ରୁ ଇବ୍ଥର୍ମାଲ ପ୍ରକଳ୍ପକୁ କୋଇଲା ପରିବହନ ହେଉଛି। ରେଳଲାଇନ୍ର ଉଭୟ ପାର୍ଶ୍ୱରେ ଜନବସତି ରହିଛି। ସ୍ଥାନୀୟ ବାସିନ୍ଦାଙ୍କ ଯାତାୟତ ପାଇଁ ରେଳଲାଇନ୍ର ବିଭିନ୍ନ ସ୍ଥାନରେ ରେଳ ଫାଟକ ରହିଛି। ଟ୍ରେନ୍ ଯାତାୟତ ସମୟରେ ଏହିସବୁ ରେଳଫାଟକରେ ଲୋକେ ସତର୍କତା ଅବଲମ୍ବନ କରି ଅତିକ୍ରମ କରିବା, ଗୃହପାଳିତ ପ୍ରାଣୀ ଓ ଶିଶୁମାନଙ୍କୁ ରେଳଲାଇନ୍ ଉପରକୁ ନ ଛାଡିବା, ରେଳଲାଇନ୍ ଉପରେ ମଳତ୍ୟାଗ ନ କରିବା ଆଦି ଉପରେ ବିଭାଗୀୟ ଅଧିକାରୀମାନେ ସ୍ଥାନୀୟ ବାସିନ୍ଦାଙ୍କୁ ସଚେତନତା କରାଇଥିଲେ। ତେଲେନପାଲି ଗ୍ରାମ ନିକଟରେ କମ୍ପାନୀର ଏକ ଜଗୁଆଳି ବିହୀନ ରେଳଫାଟକ ରହିଛି। ଏହି ରେଳଫାଟକ ଅସୁରକ୍ଷିତ ଅବସ୍ଥାରେ ରହିଛି । ଲୋକେ ଯାତାୟତ କରିବା ସମୟରେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏହାର ମରାମତି କରିବା ସାଙ୍ଗକୁ ଜଗୁଆଳି ନିୟୋଜିତ କରିବା ପାଇଁ ସ୍ଥାନୀୟ ବାସିନ୍ଦାଙ୍କ ପକ୍ଷରୁ ଦାବି କରାଯାଇଛି। ଏହି ସମ୍ପର୍କରେ ବିଭାଗୀୟ ଅଧିକାରୀ ପ୍ରକଳ୍ପ କର୍ତ୍ତୃପକ୍ଷଙ୍କ ଦୃଷ୍ଟି ଆକର୍ଷଣ କରିବା ପାଇଁ କୁହାଯାଇଛି। ସଚେତନତା କାର୍ଯ୍ୟକ୍ରମରେ ସ୍ଥାନୀୟ ସରପଞ୍ଚ ବିଶାଖା ମାଝି, ଏମ୍ଜିଆର୍ ଏଜିଏମ୍ ଏସ୍କେ ରାଉତ, ସିନିୟର ମ୍ୟାନେଜର ଆନନ୍ଦ ସାହୁ, ଦୀପକ ସାହୁ, ଅନୁପ ସେୱାରକର, ରିତେଶ ରଞ୍ଜନ, ରଞ୍ଜୟ କୁମାର, ତ୍ରିଲୋଚନ ଜେନା, ଡିଏସ୍ ନନ୍ଦ, ଡୋଲାମଣି ପ୍ରଧାନ, ଦେବେନ୍ଦ୍ର ପାଣିଗ୍ରାହୀଙ୍କ ସହ ପ୍ରମୁଖ ଅଧିକାରୀ ଓ ସ୍ଥାନୀୟ ବାସିନ୍ଦା ଉପସ୍ଥିତ ଥିଲେ।




ତେଲେନପାଲି ଗ୍ରାମ ମୁଣ୍ଡରେ ଥିବା ରେଳଫାଟକରେ ସଚେତନତା କରାଯାଇଛି।

# ବେଦାନ୍ତ ପକ୍ଷରୁ ରାସାୟନିକ ବିପର୍ଯ୍ୟୟ ପ୍ରଶମନ ଦିବସ

ଝାରସୁଗୁଡ଼ା ଅଫିସ,୪।୧୨

ଝାରସୁଗୁଡ଼ା ବେଦାନ୍ତ ପକ୍ଷରୁ ମଙ୍ଗଳବାର ରାସାୟନିକ ବିପର୍ଯ୍ୟୟ ପ୍ରଶମନ ଦିବସ ପାଳିତ ହୋଇଛି। ଏହି ଅବସରରେ କ୍ୟାପ୍ଟିଭ୍ ପାୱାର ପ୍ଲାଣ୍ଟସ୍ଥିତ ଆଲକାଲି ଟ୍ୟାଙ୍କରେ ଏକ ମକ୍ଡ୍ରିଲ ଆୟୋଜନ କରାଯାଇଥିଲା। ବାଷ୍ପିତ ଓ କାରଖାନା ନିର୍ଦ୍ଦେଶାଳୟର ଉପନିର୍ଦ୍ଦେଶକ ସ୍ୱରୂପ ଜେନା, ସହ ନିର୍ଦ୍ଦେଶକ ଅନୀଲ ନନ୍ଦା, ଜରୁରୀକାଳୀନ ଅଧିକାରୀ ସୁନାସିର କିଷାନ ଓ ଡିପିଓ ସଙ୍ଗୀତା ଦାସ ଏଥିରେ ଯୋଗଦେଇଥିଲେ। ଭୂଷଣ ପାୱାର ଆଣ୍ଡ ଷ୍ଟିଲ, ଆଇଓସିଏଲ୍, ଓପିଜିସି ଓ ଟିଆର୍ଏଲ୍ର ଅଧିକାରୀମାନେ ଅତିଥି ଭାବେ ଯୋଗଦେଇ ମକ୍ଡ୍ରିଲ ନିରୀକ୍ଷଣ କରିଥିଲେ। ବେଦାନ୍ତର ସ୍ମେଲଟର ମୁଖ୍ୟ ଜି.ଜି. ପଲ, ସୁରକ୍ଷା ବିଭାଗ ମୁଖ୍ୟ ଚୋ ୟୁନ ଚାନ୍, ଅଜୟ ପାଣ୍ଡେ, ଗଗନଦୀପ ଓଝା ପ୍ରମୁଖ ଉପସ୍ଥିତ ଥିଲେ। ୧୯୮୪ରେ ଘଟିଥିବା ଭୋପାଳ ଗ୍ୟାସ୍ ଟ୍ରାଜେଡିର ୩୪ତମ ବର୍ଷ ପୂର୍ତ୍ତି ଅବସରରେ ଏହି କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା।

# ମହାବିଦ୍ୟାଳୟରେ ଆତ୍ମସୁରକ୍ଷା ତାଲିମ ଶିବିର

ଲଇକେରା,୪।୧୨(ଡି.ଏନ.ଏ.)

ଝାରସୁଗୁଡ଼ା ଜିଲା ଲଇକେରା ବ୍ଲକ ସାହ୍ଲେଟିକ୍ରାରେ ଥିବା କବି ବୁଦ୍ଧରାୟ ଗୌନ୍ତିଆ କନିଷ୍ଠ ମହାବିଦ୍ୟାଳୟରେ ଆତ୍ମସୁରକ୍ଷା ତାଲିମ ଶିବିର ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଏକ ସଭାର ଆୟୋଜନ ହୋଇଥିଲା। ଅଧକ୍ଷ ବିହାରୀ ପଟେଲଙ୍କ ସଭାପତିତ୍ୱରେ ଲଇକେରା ଯୁକ୍ତ ୨ ମହାବିଦ୍ୟାଳୟ ଅଧକ୍ଷ ଦିଲୀପ କୁମାର ପଟେଲ ମୁଖ୍ୟଅତିଥି ଭାବେ ଯୋଗଦେଇ ଆତ୍ମସୁରକ୍ଷାର ବିଭିନ୍ନ ଦିଗ ଉପରେ ଆଲୋଚନା କରିଥିଲେ। ଅଧାପକ ଜଗଦୀଶ ବଣିଆଁ ଅତିଥି ପରିଚୟ ସହ ସ୍ୱାଗତ ଭାଷଣ ଦେଇଥିଲେ। ଅଧାପକ ଦିଲୀପ କୁମାର ମେହେର ଧନ୍ୟବାଦ ଅର୍ପଣ କରିଥିଲେ । ୪୭ଜଣ ଛାତ୍ରୀଙ୍କୁ ନେଇ ଆରମ୍ଭ ହୋଇଥିବା ଏହି ଶିବିର ଆସନ୍ତା ୧୫ ତାରିଖ ଉଦ୍ଯାପିତ ହେବ। ମାଷ୍ଟର ଟ୍ରେନର ଭାବେ ରୋଜାଲିନ ନାଏକ ପ୍ରଶିକ୍ଷଣ ପ୍ରଦାନ କରୁଛନ୍ତି।

# ବିଦ୍ୟୁତ୍ ଆଘାତରେ ଶ୍ରମିକ ଗୁରୁତର

ବ୍ରଜରାଜନଗର,୪।୧୨(ଡି.ଏନ.ଏ.)

ବ୍ରଜରାଜନଗର ସହରାଞ୍ଚଳର ଅଭୟପୁରଠାରେ ମଙ୍ଗଳବାର ବିଦ୍ୟୁତ୍ ଆଘାତରେ ଜଣେ ଶ୍ରମିକ ଗୁରୁତର ଆହତ ହୋଇ ବୁର୍ଲା ମେଡିକାଲରେ ଭର୍ତ୍ତି ହୋଇଛନ୍ତି। ସେ ହେଲେ ଧର୍ମୁ ବୁଡା(୨୫)। ଧର୍ମୁ ବ୍ରଜରାଜନଗର ଅଞ୍ଚଳରେ ଥିବା ଅଶୋକା ବିଲ୍ଡ ସିଟି ନାମକ ଏକ ଠିକା ସଂସ୍ଥାର ବିଦ୍ୟୁତ୍ ଖୁଣ୍ଟରେ ଚଢି ଲାଇଟ ଲଗାଉଥିବା ବେଳେ ବିଦ୍ୟୁତ୍ ତାର ସଂସ୍ପର୍ଶରେ ଆସିଯାଇଥିଲେ। ଫଳରେ ତାଙ୍କ ୨ହାତ ପୋଡି ଯାଇଥିବା ବେଳେ ତଳେ ପଡି ଅଣ୍ଟାରେ ଗଭୀର ଆଘାତ ଲାଗିଛି।

# ବିଦ୍ୟାଳୟ ସମୂହ ଟେନିକଏଟ୍ ପ୍ରତିଯୋଗିତା ଉଦ୍ଯାପିତ

ବେଲପାହାଡ଼,୪।୧୨(ଡି.ଏନ୍.ଏ.)

ଝାରସୁଗୁଡ଼ା ଜିଲା ବେଲପାହାଡ଼ ସହରାଞ୍ଚଳସ୍ଥିତ ଇଂଲିଶ ମିଡ଼ିୟମ ବିଦ୍ୟାଳୟରେ ଚାଲିଥିବା ରାଜ୍ୟସ୍ତରୀୟ ବିଦ୍ୟାଳୟ ସମୂହ ଟେନିକଏଟ୍ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଏଥିରେ ବିଭିନ୍ନ ଜିଲାରୁ ଆସିଥିବା ୧୪ରୁ ୧୭ ବର୍ଷ ବୟସର ବାଳିକା ଏବଂ ବାଳକ ଅଂଶଗ୍ରହଣ କରିଥିଲେ। ୧୭ ବର୍ଷ ବାଳକ ବିଭାଗରେ ଭଦ୍ରକ ଜିଲାର ପ୍ରତିଯୋଗୀ ଦଳ ଚାମ୍ପିୟନ ଏବଂ କଟକ ଜିଲା ରନର୍ସ ଅପ ହୋଇଛି। ୧୭ ବର୍ଷ ବାଳିକା ବର୍ଗରେ କଟକ ଜିଲା ପ୍ରତିଯୋଗୀ ଦଳ ଚାମ୍ପିୟନ ଏବଂ ସୁନ୍ଦରଗଡ଼ ଜିଲା ପ୍ରତିଯୋଗୀ ଦଳ ରନର୍ସ ଅପ୍ ହୋଇଛି। ୧୪ ବର୍ଷ ବାଳକ ବିଭାଗରେ ଝାରସୁଗୁଡ଼ା ଜିଲା ପ୍ରତିଯୋଗୀ ଦଳ ଚାମ୍ପିୟନ ହୋଇଥିବା ବେଳେ, କଟକ ଜିଲା ରନର୍ସ ଅପ୍ ହୋଇଛି। ସେହିପରି ୧୪ ବର୍ଷ ବାଳିକା ବିଭାଗରେ ଝାରସୁଗୁଡ଼ା ଜିଲା ପ୍ରତିଯୋଗୀ ଦଳ ଚାମ୍ପିୟନ ହୋଇଥିବା ବେଳେ ଯାଜପୁର ଜିଲା ପ୍ରତିଯୋଗି ଦଳ ରନ ର୍ସଅପ ହୋଇଛି। ସେହିପରି ପ୍ରତିଯୋଗିତାରେ ଶ୍ରେଷ୍ଠ ପ୍ରତିଭା ପ୍ରଦର୍ଶନ କରିଥିବାରୁ କଟକ ଜିଲାକୁ ଗ୍ରୁପ ବିଜେତା ଏବଂ ଝାରସୁଗୁଡ଼ା ଜିଲାକୁ ଗ୍ରୁପ ଉପବିଜେତା ଘୋଷଣା କରାଯାଇ ପୁରସ୍କାର ପ୍ରଦାନ କରାଯାଇଛି। ପ୍ରତିଯୋଗିତାରେ ୪ଟି ପ୍ରତିଯୋଗୀ ବର୍ଗରୁ ୨୦ଜଣ ଶ୍ରେଷ୍ଠ ଛାତ୍ରୀଛାତ୍ରଙ୍କୁ ଚୟନ କରାଯାଇଛି। ଏହି ଛାତ୍ରୀଛାତ୍ରମାନେ ଆଗାମୀ ଦିନରେ ଛତିଶଗଡ଼ ରାଜ୍ୟରେ ହେବାକୁ ଥିବା ଜାତୀୟସ୍ତରୀୟ ଟେନିକଏଟ ପ୍ରତିଯୋଗିତାରେ ଅଂଶଗ୍ରହଣ କରିବାର ସୁଯୋଗ ପାଇବେ। ଆୟୋଜିତ ପ୍ରତିଯୋଗିତାରେ ଜାତୀୟସ୍ତରୀୟ ରେଫରି ସୁରେନ୍ଦ୍ର ନାୟକ, ହମିଦ ମହାପାତ୍ର ମ୍ୟାଚ୍ ପରିଚାଳନା କରିଥିଲେ। ବଂଶୀଧର ପଶାୟତ, ଦେବେନ୍ଦ୍ର ବେହେରା, ଅବନୀ କୁମାର ତ୍ରିପାଠୀ, ସୁଶାନ୍ତ ପଟେଲ, ଲୋଚନ କାଣ୍ଡରା ମ୍ୟାଚ ପରିଚାଳାନାରେ ସହଯୋଗ କରିଥିଲେ। ବଲାଙ୍ଗୀର ଜିଲା ଶାରୀରିକ ଶିକ୍ଷା ନୀରିକ୍ଷକ ଜ୍ୟୋତି ପ୍ରକାଶ ପରିଡ଼ା ଏବଂ ସୁନ୍ଦରଗଡ଼ ଶାରୀରିକ ଶିକ୍ଷା ନୀରିକ୍ଷକ ବିଦ୍ୟାଧର ପ୍ରଧାନଙ୍କ ତତ୍ୱବଧାନରେ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଝାରସୁଗୁଡ଼ା ଜିଲା ଶିକ୍ଷା ଅଧିକାରୀ ମିତ୍ରଭାନୁ କଚ୍ଛପଙ୍କ ସଭାପତିତ୍ୱରେ ଉଦ୍ଯାପନୀ ଉତ୍ସବ ଅନୁଷ୍ଠିତ ହୋଇଥିଲା। ଏଥିରେ ବେଲପାହାଡ଼ ପୌରପରିଷଦ ନିର୍ବାହୀ ଅଧିକାରୀ ଲୋକନାଥ ତିୱାରୀ ମୁଖ୍ୟଅତିଥି ଭାବରେ ଯୋଗ ଦେଇଥିଲେ। ଇଂଲିଶ ମିଡ଼ିୟମ ବିଦ୍ୟାଳୟ ଅଧକ୍ଷା ରମା କାର୍ତ୍ତିକ ସ୍ୱାଗତ ଭାଷଣ ଏବଂ ଝାରସୁଗୁଡ଼ା ଜିଲା ଶାରୀରିକ ଶିକ୍ଷା ନୀରିକ୍ଷକ ଡ଼ମ୍ବରୁଧର ପୂଜାରୀ ଧନ୍ୟବାଦ ଅର୍ପଣ କରିଥିଲେ।



ରାଜ୍ୟସ୍ତରୀୟ ବିଦ୍ୟାଳୟ ସମୂହ ଟେନିକଏଟ୍ ପ୍ରତିଯୋଗିତାର ଉଦ୍ଯାପନୀ ସମାରୋହରେ ଅତିଥିଙ୍କ ସହ ପ୍ରତିଯୋଗୀ ଛାତ୍ରଛାତ୍ରୀ।


ଧରିତ୍ରୀ DHARITRI CAREER APPOINTMENT
every Wednesday & Saturday

**BACHPAN** a play school
Requires : TEACHERS
MINIMUM 2 YEARS OF EXPERIENCE WITH FLUENCY IN ENGLISH
KAPIL PRASAD, BDA COLONY, HIG 1/17, NEAR LINGARAJ RAILWAY STATION, BBSR-2
Mob.: 9437143495

**OMM SAI INFRATECH**
ବ୍ଲକ୍ ସ୍ତରୀୟ ନିଯୁକ୍ତି
ନିଜ ନିଜ ପଞ୍ଚାୟତସ୍ତରରେ କାମ କରିବାପାଇଁ ODISHA ର ପ୍ରତ୍ୟେକ ଜିଲ୍ଲାରୁ ଆବଶ୍ୟକ
Qual. 7th, 10th, +2, +3 ଓ ITI candidate
Salary : Rs. 8,000 To Rs.15,000
CONTACT : 9776141333

ଭୁବନେଶ୍ୱରରେ ରହୁଥିବା ଛୋଟ ପରିବାର ପାଇଁ ରୋଷେଇ ଏବଂ ଘର କାମ କରିବା ପାଇଁ ଅଭିଜ୍ଞତା ଥିବା ସ୍ତ୍ରୀଲୋକ/ଝିଅ ଆବଶ୍ୟକ। ରହିବା, ଖାଇବା ସୁବିଧା ଅଛି।
ସମ୍ପର୍କ କରନ୍ତୁ:
8114721727

**WALK-IN-INTERVIEW**
Bhubaneswar a leading travel agency need Sales & Marketing Boys. All candidate qualification: MBA + Salary negotiable.
Contact: 0674-2595523, 2595513, 9937438896

Urgent Requirement for **FIELD EXECUTIVE.** 10th Pass. **Salary:** 7000 to 10000.
Ph. No.: 7290035795

**WANTED**
YOUNG MALE BODY MASSAGE (BOY)
For Body Massage Parlour
Ph : 9861550765

**MNC କମ୍ପାନୀରେ ଚାକିରୀ**
VACANCY- 10 (Male) & 7 (Female)
No Registration Fee / No Experience
ଯୋଗ୍ୟତା-10th/+2/+3. Age Below 30 yrs
Monthly : Rs.10000/- ଓ ରହିବା ସୁବିଧା
ଆସନ୍ତା ୫ଦିନ ମଧ୍ୟରେ ଯୋଗାଯୋଗ କରନ୍ତୁ
BHUBANESWAR : 9437186335

**ବ୍ଲକସ୍ତରୀୟ ନିଯୁକ୍ତି**
ନିଜ ବ୍ଲକ ଓ ପଞ୍ଚାୟତ ସ୍ତରରେ କାମ କରିବା ପାଇଁ ପ୍ରତ୍ୟେକ ଜିଲ୍ଲାରୁ Candidate ଆବଶ୍ୟକ।
ଦରମା: 7,000/- to 42,000/-.
ଯୋଗାଯୋଗ: 9777639313

**ଆବଶ୍ୟକ**
ଭୁବନେଶ୍ୱର, କଟକ, ବ୍ରହ୍ମପୁର ଏବଂ ରାଉରକେଲା ପାଇଁ Office Staff ଆବଶ୍ୟକ। ଯୋଗ୍ୟତା: 10th/above. Monthly Salary upto Rs.27000/-.
(Part Time / Full Time)
Contact: 9938676412

CONTACT:- 9938414918
ଭୁବନେଶ୍ୱର ପାଇଁ Accountant, Computer Operator, Field Officer, Office Assistant, Receptionist & Supervisor ଆବଶ୍ୟକ। ଯୋଗ୍ୟତା: 10th/above. ବୟସ: (17-30) yrs, Monthly Salary upto Rs. 24000/-.

A reputed C & FA of Home Appliances at BBSR requires
**SALES OFFICER**
Persons having (3 to 5 years Experience) in Same Trade.
Salary Negotiable.
IMMEDIATELY CONTACT
9937136851

**AIRPORT RECRUITMENT**
Male, Female Ground Staff, Floor Manager, Ticket Checker, Security Staff, Cook.
**Salary: 27k to 45 k + PF + ESI + Accommodation**
Departmenthrpoojasharma@gmail.com
7289943942, 9582577706

**WANTED** Following Staffs for Steel Industries at Cuttack.
- FIELD SUPERVISORS
- MALI

CONTACT
9437496020
7381075901

**OFFICIALLY JOB**
ଯୋଗ୍ୟତା: ଦଶମ ପାସ୍/ଫେଲ୍, ବୟସ: (18-35) yrs. ମାସିକ ଦରମା upto Rs.25000/-.
Contact Immediately:
Mob: 8763257042

**SWIGGY REQUIRES**
Work Full Time/ Part Time with Swiggy as a **DELIVERY EXECUTIVE** (Bike and DL) and **earn up to 12000 - 25000 / month** (Incentives and Insurance worth 6 lakhs extra).
Walk-in at Swiggy office at **Gulmohar Building,** Ground Floor, Behera Sahi, Nayapalli (opp. NABARD) Regiona, Bhubaneshwar, Odisha-751012
or give a missed call or call us on
011 30017619

ସବୁ ଏୟାର ପୋର୍ଟ ହେତୁ ଡାଇରେକ୍ଟ ଭର୍ତ୍ତି ପକ୍କା ଜଏନିଂ । ଶାସକୀୟ, ଅର୍ଦ୍ଧଶାସକୀୟ, ଅପାଠୁଆରୁ ଗ୍ରାଜୁଏଟ 45,500/- ରୁ 85,500/- । ଗ୍ରାଉଣ୍ଡ ଷ୍ଟାଫ, ସୁପରଭାଇଜର, ଏୟାରହୋଷ୍ଟେସ୍, ଲୋଡର, ହେଲପର, ଡ୍ରାଇଭର । ରହିବା + ଖାଇବା + ବୀମା
CONSULTANT
07303520928

24 x 7 Satellite News Channel ODISHA NEWS9 ଆପଣଙ୍କ ସ୍ୱର
An upcoming Satellite News Channel of Odisha
**Requires**
● Reporter (All Block/District) ● Anchor, ● Input incharge, ● Output incharge, ● IT & Broadcast head & executives, ● Graphics Offline Head & executives, ● Graphics Designer, ● PCR, ● Switcher, ● Sting clint, ● Sound engineer, ● MCR- Executive, ● Visual Editor, ● Camera-video Journalist, ● Promo Dept. Designer, ● Research Executives, ● Library Associates, ● Makeup associates, ● Marketing & Sales Manager & Associates, ● Operation Coordinator, ● Drivers, ● Distribution executives, ● HR & Admin. executives, ● Store incharge, ● Current Affairs Head, ● Producer, Asst./Tr.producer, ● Art Dept. executives, ● Animation designer, ● Public relations-executive, ● Digital contain executives,
Preference will be given to experienced, highly motivated creative candidates having flair for initiating innovative programmes & activities. Very Attractive Incentives to really deserving candidates with proven merit and talent.
Interested candidates are requested to send the duly filled Biodata to: **news9odisha@gmail.com** within 7 days of publication of this advertisement.
**Walk-in-Interview**
At 09:00 AM to 05:00 PM on 1st, 2nd, 8th & 9nd December 2018 at Hotel Royal Suites, Near Durga Mandap, Satyanagar, Bhubaneswar.

See Career Appointment on every Wednesday & Saturday

**URGENT REQUIRED**
ନିଜ ଜିଲ୍ଲାରେ ରହିବା, ଖାଇବା ସୁବିଧା ଦିଆଯିବ। ଦରମା: 25,000/-, ଶିକ୍ଷାଗତ ଯୋଗ୍ୟତା: 8th to 10th & above.
Contact:
8339922964

**SANTANU ENGLISH MEDIUM SCHOOL**
Affiliated to CBSE, New Delhi
Chintamaniswar Temple Road, Bhubaneswar - 751 006
Ph : (0674) 2312784/2972080, Mail : semsbbsr@gmail.com
**WANTED :** Teachers in Science (CBZ) English, Hindi, Computer, Activity, Peon (Gents) and a Driver. Apply within 7 days to the Principal.

TEAM **TEAM ADMARK (P) LTD**
99/A, Saheed Nagar, 1st Lane Facing N.Opp of Ayakar Bhawan, Bhubaneswar-751007
Phone-0674-6532628/7205006004/9238121210
Mail id- careerteamadmark@gmail.com
**URGENTLY REQUIRED**
1. **Sr. Marketing Executive (outdoor)** - Graduate (Male & Female) with min. 5-7 years marketing experience in outdoor advertising trade or in space selling. Preferably MBA, **Salary- ₹15, 000/- to ₹20,000/- per month**, Fuel and Mob. Expenses Extra, Two wheeler must.
2. **Marketing Executive (outdoor)** - BBA Graduate (Male & Female) with min. 2-3 years marketing experience in outdoor advertising trade or in space selling., **salary- ₹10, 000/- to ₹12,000/- per month**, Fuel and Mob. Expenses Extra.
3. **Field Supervisor (outdoor):** Graduate with Min. 2-3 years experience in Outdoor advertising business/construction in managing field works, **salary- ₹7,000/- to ₹9,000/- per month**, fuel and mob. Expenses extra, Computer Knowledge & Two wheeler must.
4. **Electrician:** ITI Pass out with Min 2-3 years experience in Electrical Trade/ outdoor advertising business/ construction in managing field work, **salary- ₹7,000/- to ₹9, 000/- per month**, Fuel and Mob. Expenses Extra, Two wheeler must.
5. **Office Peon:** 10th Pass with min. 1 year experience in Office/field work, **salary- ₹6, 000/-per month** with own bicycle or two wheeler.

Interested candidates may apply to our above address & mail ID with complete Bio-data and photo within 7 days from the date of advertisement.

ନୋଟିସ୍: ନିଯୁକ୍ତି ଓ କ୍ୟାରିୟର ପୃଷ୍ଠାରେ ଅନେକ ନିଯୁକ୍ତି ସମ୍ବନ୍ଧୀୟ ବିଜ୍ଞାପନ ପ୍ରକାଶ ପାଉଛି। ସମସ୍ତ ବିଜ୍ଞାପନ ବା ବିଜ୍ଞାପନଦାତାଙ୍କ ସତ୍ୟାସତ୍ୟ ଅନୁସନ୍ଧାନ କରିବା ଆମ ପକ୍ଷରେ ସମ୍ଭବପର ନୁହେଁ। ତେଣୁ ଯେଉଁ ବିଜ୍ଞାପନକୁ ଦେଖି ଆପଣ ଆବେଦନ କରୁଛନ୍ତି ବା ପରବର୍ତ୍ତୀ ସମୟରେ କୌଣସି ସମ୍ପର୍କ ସ୍ଥାପନ କରୁଛନ୍ତି ତାହା କରିବା ବେଳେ ନିଜର ବିବେକ, ବୁଦ୍ଧି ଖଟାଇ କରନ୍ତୁ। ବିଜ୍ଞାପନକାରୀ କମ୍ପାନୀ ପକ୍ଷରୁ ଅର୍ଥ ଦାବି କରାଗଲେ ତାହା ଦେବା ପୂର୍ବରୁ ନିଜ ସ୍ତରରେ ଅନୁସନ୍ଧାନ କରନ୍ତୁ। କୌଣସି ଅର୍ଥ ନେଣଦେଣ ପାଇଁ 'ଧରିତ୍ରୀ' ଦାୟୀ ରହିବ ନାହିଁ।